
ସେପ୍ଟେମ୍ବର ୨୦୨୦



**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ନକଟରେ ଆମେ ୭୪ ତମ ସ୍ୱାଧୀନତା ଦିବସ ପାଳନ କରିଛେ ଆଉ ସ୍ୱାଧିନ ଦେଶର ସନ୍ତାନ ଭାବେ ଗର୍ବ ମଧ୍ୟ କରିଛେ । କନ୍ତୁ ଦେଖିବାକୁ ଗଲେ ଆମେ କଣ ସତରେ ସ୍ୱାଧିନ ହୋଇପାରିଛେ । ଇଂରେଜମାନେ ଦେଶ ଛାଡି ଯାଇଛନ୍ତି, କନ୍ତୁ ସେମାନଙ୍କର ଛାପ ଆଉ ପ୍ରଭାବ ଏବେ ମଧ୍ୟ ଆମ ସମାଜରେ ଦେଖାଯାଉଛି । ପ୍ରଥମ ପ୍ରଭାବ ହେଉଛି ଆମର "ଭାଷା" । ଭାରତରେ ୨୮ ଟି ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳ ରହିଛି । ଆଉ ପ୍ରତ୍ୟେକ ରାଜ୍ୟରେ ସର୍ବନିମ୍ନ ୨ଟି ଭାଷା ବ୍ୟବହାର କରାଯାଉଛି । ଭାରତର official ଭାଷା ହେଉଛି ୨୨ଟି । କନ୍ତୁ ପ୍ରାୟତଃ ସବୁ ରାଜ୍ୟରେ ବା କେନ୍ଦ୍ରଶାସିତ ଅଞ୍ଚଳରେ ସମସ୍ତ କ୍ଷେତ୍ରରେ ଇଂରେଜୀ ଭାଷାର ପ୍ରଚଳନ ଅଧିକ ମାତ୍ରାରେ ହେଉଛି । ଏଠାରେ ଆମେ ଅନେକ ଦେଶ ଯେଉଁମାନେ ସେମାନଙ୍କ ନଜ ଭାଷାକୁ ପ୍ରାଧାନ୍ୟ ଦେଉଛନ୍ତି, ସେମାନଙ୍କ ବିଷୟରେ କିଛି ଜାଣିବା । ଜାପାନ, ଚୀନ, ଜର୍ମାନ, ଫ୍ରାନ୍ସ, ସ୍ପେନ୍, ଋଷିଆ ଭଳି ଆମେ ନଜ ଭାଷାର ପ୍ରଚାର କରିପାରୁନେ ଆଉ ଇଂରାଜୀ ଭାଷା ଉପରେ ନର୍ଭର କରୁଛେ । ଆମକୁ ପ୍ରକୃତରେ ସ୍ୱାଧୀନ ହେବାକୁ ହେଲେ ପ୍ରଥମେ ନଜ ଭାଷା ଉପରେ ପ୍ରାଧାନ୍ୟ ଦେବାକୁ ହେବ । ଆମ ଦେଶରେ ଯେଉଁମାନେ ଇଂରେଜୀ ଭାଷା ଛାଡି ଅନ୍ୟଭାଷାରେ କଥା କୁହନ୍ତି, ତାଙ୍କୁ ପ୍ରାୟତଃ ପ୍ରାଧାନ୍ୟ ଦିଆଯାଏ ନାହିଁ । ଆମେ ସମସ୍ତେ ଚାହୁଁ ଆମ ପିଲା ଇଂରେଜ ମିଡିୟମ ସ୍କୁଲରେ ପଢୁ । କନ୍ତୁ ରିସର୍ଚ୍ଚ ରୁ ଜଣାପଡେ ଯଦି ଜଣେ ଛାତ୍ରକୁ ତାର ନଜ ଭାଷାରେ ପ୍ରାଧାନ୍ୟ ଦେଇ ପଢାଯାଏ ତେବେ ସେ ଇଂରାଜୀ ମିଡିୟମରେ ପଢୁଥିବା ଛାତ୍ରଙ୍କ ଅପେକ୍ଷା ଅଧିକ ବିଚକ୍ଷଣ ହୋଇପାରିବ ଆଉ ସଫଳ ମଧ୍ୟ । ଏହି ରିସ   ବିଶ୍ୱର ଅନେକ ଦେଶରେ କରାଯାଇଥିଲା ।

ସଂସ୍କୃତଭାଷା ହେଉଛି ପୃଥିବୀର ସବୁଠାରୁ ପୁରୁଣା ଭାଷା । ଆଉ ଏହି ଭାଷାରୁ ଅନେକ ଭାଷାର ଉତ୍ପତି ହୋଇଛି । କିନ୍ତୁ ଆମେ ଏହି ଭାଷାକୁ ଅଧିକ ପ୍ରାଧାନ୍ୟ ଦେଇନଥାଉ । ଏବେ ମଧ୍ୟ ଭାରତ ବାହାରେ ଅନେକ ଦେଶରେ ଏହି ଭାଷା ଉପରେ ଗବେଷଣା ଚାଲିଛି ଏବଂ ଶିକ୍ଷା ଦିଆଯାଉଛି । କିନ୍ତୁ ଭାରତରେ, ଯେଉଁଠାରେ ଏହାର ଉତ୍ପତି ହୋଇଥିଲା, ଏବେ ଏହାର ପ୍ରଚାର ଏବଂ ପ୍ରସାର ଉପରେ ଏତେଟା ଜୋର ଦିଆଯାଉନାହିଁ । ଆମେ ଏବେ ବିଦେଶୀ ଭାଷାକୁ ନିଜ ଭାଷା ରୂପରେ ବ୍ୟବହାର କରିବାରେ ଗର୍ବ ଅନୁଭବ କରୁଛେ ।

ଆମର ଦ୍ୱିତୀୟ ପରାଧିନତା ହେଉଛି ଆମ ଶିକ୍ଷା ପ୍ରଣାଳୀ । ଆମକୁ ଯେଉଁ ଇତିହାସ ପଢାଯାଉଛି ତାହା ହେଉଛି ଇଂରେଜମାନଙ୍କର ବର୍ଣିତ ଇତିହାସ । ଆଗରୁ ଇଂରେଜମାନେ ଭାରତୀୟମାନଙ୍କୁ ପଛରେ ରଖିବା ପାଇଁ "ଇତିହାସ" କୁ ଅସ୍ତ୍ର ରୂପେ ବ୍ୟବହାର କରୁଥିଲେ । ୧୮୬୮ ମସିହାରେ Max Muller ଙ୍କ ଭାଷାରେ **"India has been conquered once, but India must be conquered again and the second conquest should be a conquest by Education"|** ଆମ ଇତିହାସ ବହିରେ ଆମେ କେବଳ ପଢିଛୁ ଆମ ଦେଶ ଉପରେ ଆକ୍ରମଣ କରିଥିବା ଆକ୍ରମଣକାରୀ ମାନଙ୍କ ବିଷୟରେ କିମ୍ବା ମୋଗେଲ ଆଉ ଇଂରେଜ ଶାସନ ସମୟର ଇତିହାସକୁ । କିନ୍ତୁ ଆମଭିତରୁ ଅନେକଙ୍କୁ ଜଣା ନଥିବ ଆମର ସ୍ୱର୍ଣ୍ଣିମ ଇତିହାସ ବିଷୟରେ । ଭାରତରେ ଅନେକ ଯୋଦ୍ଧା, ରାଜା, ମହାରାଜା ଅଛନ୍ତି ଯେଉଁମାନଙ୍କ ବିଷୟରେ ଆମ ଇତିହାସ ସଂପୂର୍ଣ୍ଣ ନୀରବ । ଆମେ ଆକବରଙ୍କ ବିଷୟରେ ପଢୁଛେ । କିନ୍ତୁ, ରାଜା ମାନସିଂହ ଙ୍କ ବିଷୟରେ ଜାଣିନେ ଯିଏକି ଆକବରଙ୍କ ସେନାପତି ଥିଲେ ଆଉ ଆକବରଙ୍କ ସାମ୍ରାଜ୍ୟ ବିସ୍ତାରରେ ସବୁଠାରୁ ଅଧିକ ସାହାଯ୍ୟ କରିଥିଲେ । ଆମର ଇତିହାସ ନିଉଟନ୍ ଙ୍କ ବିଷୟରେ ଆମକୁ ଜଣାଉଛି, କିନ୍ତୁ ବ୍ରହ୍ମଗୁପ୍ତ ଙ୍କ ବିଷୟରେ ଆମେ କିଛି ଜାଣିନୁ । ଆମେ ଚୋଳ ବଂଶ ଏବଂ ପାଣ୍ଡ୍ୟା ବଂଶ, ସାତବାହାନ ଏବଂ ଅନେକ ପରାକ୍ରମି ରାଜା ମହାରାଜାଙ୍କ ବିଷୟରେ ଜାଣିନେ । ଆମେ ଜାଣିନୁ **"Ahom Dynasty"** ବିଷୟରେ ଯେଉଁମାନେ ଆସାମକୁ ୬୦୦ ବର୍ଷ ଶାସନ କରିଥିଲେ ଏବଂ ଇଂରେଜମାନଙ୍କୁ ପରାଜିତ ମଧ୍ୟ କରିଥିଲେ ।

ଆମ ଇତିହାସ ବହିରେ **"vedic math"** ବିଷୟରେ କିଛି ପଢାଯାଉନାହିଁ । ଏପରି ଅନେକ ବିଷୟ ଯଥା, କିପରି ଭାରତୀୟ ମାନେ ସବୁଠାରୁ ଅଧିକ ବ୍ୟବସାୟ କରୁଥିଲେ (Most

**favoured trading nation)**, ପ୍ଲାଷ୍ଟିକ ସର୍ଜରୀ ଏବଂ ଶଲ୍ୟ ଚକତ୍ସା ଯାହାକ ପୁରାତନ ଭାରତରେ ଆରମ୍ଭ ହୋଇଥିଲା, ଏହା ବିଷୟରେ ବହୁତ କମ ବିଦ୍ୟାର୍ଥୀ ଜାଣିଥିବେ । ଏବେ ମଧ୍ୟ ଆମେ ନ୍ୟାୟାଳୟରେ **"My Lord, Lordship"**, ଏବଂ ଦୈନନ୍ଦିନ ଜୀବନରେ **"High Tea, Breakfast, graduation ceremony"** ଇତ୍ୟାଦି କହୁବାକୁ ପସନ୍ଦ କରୁଛୁ ।

ଏଥିରୁ ଜଣାପଡୁଛି ଯେ ଆମେ ନଜ ସଭ୍ୟତାକୁ ଭୁଲିଯାଇଛେ, ନଜ ଇତିହାସକୁ ଏବଂ ସଭ୍ୟତାକୁ ଭୁଲିଯାଇ ଆମେ ପରାଧିନତାର ଶିକାର ହୋଇଛୁ ଆମର ଦୈନନ୍ଦିନ ଜୀବନରେ ମଧ୍ୟ । ଏଥିରୁ ଆମକୁ ବାହାରିବାକୁ ପଡିବ ଆଉ ପୁଣି ଆମର ଭାରତୀୟ ସଭ୍ୟତାକୁ ପୃଥିବୀର ସବୁଠାରୁ ଉଚ୍ଚକୋଟୀର ସଭ୍ୟତା ହିସାବରେ ଦେଖାଇବାକୁ ପଡିବ ପୁରା ବିଶ୍ୱ ଦରବାରକୁ । ଏଥିରେ ଆମ ସମସ୍ତଙ୍କ ଅବଦାନ ରହିବା ଅତ୍ୟନ୍ତ ଜରୁରୀ । ଆସନ୍ତୁ ଏଥିପାଇଁ ଆମେ ସଂକଳ୍ପ ନେବା ଆଉ ଏହା କରିଦେଖାଇବା ।

ଜୟ ଭାରତ, ଜୟ ଉତ୍କଳ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଜାତୀୟ ପତାକା ଓ ଓଡ଼ିଆ କବିତାରେ ଦେଶାତ୍ମବୋଧର ସ୍ୱର | ଶ୍ରୀ କୁଞ୍ଜ ବିହାରୀ ସାହୁ | ୧୨ |
| କବି | ଗୁରୁକଲ୍ୟାଣ ମହାପାତ୍ର | ୨୨ |
| ଅଳ | ମୀନାକ୍ଷୀ ପାଢ଼ୀ | ୨୪ |
| ମନ ସେପାଖରେ! | ବିକାଶ କୁମାର ମଲ୍ଲୀକ | ୨୫ |
| ସିଏ | ଡକ୍ଟର ବିଜ୍ଞାନୀ ଦାସ | ୨୬ |
| ମାନସିକ ବ୍ୟାଧି | ଭାସ୍କର ଚନ୍ଦ୍ର ଖଣ୍ଡା | ୩୫ |
| ମୂଲ୍ୟବାନ ନା ମୂଲ୍ୟହୀନ | ଡ. ପ୍ରସନ୍ନ କୁମାର ବଳ | ୩୬ |
| ଲକଡାଉନ ଓ ଜୀବନ | ଆଶୁତୋଷ ମେହେର | ୩୭ |
| ବିଗତ ରାତିର ଅତିଥି | ଶାନ୍ତିଲତା ମିଶ୍ର | ୩୮ |
| ମୋର ଭୁଲ ଭାବନା | ଅର୍ଜୁନ ମେହେର (ଆଶ୍ରିତ) | ୪୧ |
| ବର୍ଷା ଯେବେ ଆସେ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୪୩ |
| ତୁମ ନଦୀ ତୀରେ | ଶକୁନ୍ତଳା ଗୁପ୍ତା | ୪୪ |
| ରୁସ୍ତମ୍ କାଫେ | ସୁଲୋଚନା ପଟ୍ଟନାୟକ | ୪୬ |
| କରୋନା ସୁନ୍ଦରୀ | ଶଶଧର ମହାପାତ୍ର | ୫୧ |
| ଆଶାଢର ପ୍ରଥମ ବର୍ଷା | ବିନୟ ମହାପାତ୍ର | ୫୪ |
| ନଡିଆ  ଘର | ସାବିତ୍ରୀ ମହାପାତ୍ର | ୫୫ |
| ମହାମାରୀ | ରାଜକଶୋର ସାଇଁ | ୫୯ |
| ସ୍ମୃତି | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୬୦ |
| ଅନୁଶୋଚନା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୬୨ |
| ଅଫେର୍ ବାଟର ଯାତ୍ରୀ | ଅଧ୍ୟାପକ ଶରତ କୁମାର ଦାସ | ୬୩ |
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୬୪ |
| ଜୀବନ | ସନାତନ ମହାକୁଡ | ୬୮ |
| ଗୁଷ ମୁଁ କରୁଛି ଗାଆଁରେ | ଶିଶିର କୁମାର ପଣ୍ଡା | ୬୯ |

| | | |
|---|---|---|
| ଚନ୍ଦ୍ରଲେଖା | ପ୍ରତିମା ମେହେର | ୭୦ |
| ପ୍ରକୃତି ର  ଚନ୍ଦ୍ରକର | ପ୍ରିୟଦର୍ଶିନୀ ମହାପାତ୍ର | ୭୧ |
| ଦେଇ ଥିଲେ ପାଇ | ସୁଷମା ପରିଡା | ୭୨ |
| ତୁମେ ହିଁ ତୁମେ | ସସ୍ମିତା ପଟ୍ଟନାୟକ | ୭୫ |
| ଶବ୍ଦ ଅନୁରାଗ | ସଂଘମିତ୍ରା ସାମନ୍ତରାୟ | ୭୬ |
| ବଦଳବ ଆମ ସମୟ | ରୋଜାଲୀନ ପଣ୍ଡା | ୭୭ |
| ଶେଷ ସ୍ୱର୍ଗ | ଲିପିକା ମହାପାତ୍ର | ୭୮ |
| ଆକର୍ଷଣ | ତୁଷାରକାନ୍ତ ପ୍ରସାଦ | ୮୨ |
| ବନ୍ଧୁତ୍ୱ ସଂପର୍କରେ ବନ୍ଧା ଏ ଜୀବନ | ସ୍ୱର୍ଣ୍ଣଲତା ସେନାପତି | ୮୩ |
| ସ୍ମୃତିର ଗୋଧୂଳ | ସୋନାଲି ଦାସ | ୮୫ |
| ବିଚ୍ଛିନ୍ନତାର ସେତୁ | ଅମ୍ବିକା ସ୍ୱାଇଁ | ୮୬ |
| ହେଲ୍ ପ୍ରଣୟ | ରାଜଶେଖର ସି 'ଚମା' | ୮୯ |
| ସ୍ୱଭାବ କବି ଗଙ୍ଗାଧର ମେହେର | ନନ୍ଦିନୀ ରାଉତ | ୯୦ |
| ମାଆ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୯୧ |
| ହିସାବ ନକାଶ | ଡ. ମନୋରଞ୍ଜନ ବିଷୋୟୀ | ୯୨ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୯୩ |
| ପ୍ରିୟ ନୁହେଁ ଅତିପ୍ରିୟ | ଝିଲିମିଲି ସାହୁ | ୧୦୩ |
| 'ବର୍ଷା' ନୁହେଁ ବର୍ଷା ଆସିଛି ! | ଦିଲିପ୍ କୁମାର ତ୍ରିପାଠୀ | ୧୦୪ |
| ଶେଷ ସ୍ୱର୍ଶ | ପ୍ରଣତି ମହାପାତ୍ର | ୧୦୬ |
| ଜୀବନ ଶସ୍ତା, ଜୀବିକା ମହଙ୍ଗା | ଡ. ସଦା ବିହାରୀ ସାହୁ | ୧୦୭ |
| ଜନ୍ମଦିନର ଉପହାର | ଆରତୀ ସାହୁ (ଆଶା) | ୧୦୯ |
| ଚରନ୍ତନ ସତ୍ୟ | ଲୀଳାମୟ ଶତପଥି | ୧୧୪ |
| ଓଡିଶା | ନରେନ୍ଦ୍ର ପ୍ରସାଦ ବେହେରା | ୧୧୬ |
| ବିଜୟଙ୍କ ସ୍ମୃତି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୧୮ |
| ପୁନଶ୍ଚ ଇନ୍ଦ୍ରଧନୁ | ଦୀପକ ଷଡଙ୍ଗୀ | ୧୧୯ |
| ବାଟ | କଶୋର ମହାନ୍ତି | ୧୨୧ |
| ମନ ପକ୍ଷୀ | ଅନାମ ଚରଣ ସାହୁ | ୧୨୨ |

| | | |
|---|---|---|
| ବାୟା ବସା | ଭାରତୀ ସାହୁ | ୧୨୩ |
| ଚନ୍ତା ଓ ଚେତନା | ବିଜୟ କୁମାର ଜେନା | ୧୨୪ |
| ଆଶା | ସଂଯୁକ୍ତା ମହାପାତ୍ର | ୧୨୯ |
| ମଝିଖୁଣ୍ଟ | ସତ୍ୟବ୍ରତ ସାହୁ | ୧୩୦ |
| ଆସର | ଶ୍ରୀକ୍ଷେତ୍ର ସୁନ୍ଦର | ୧୩୧ |
| ବୁଦ୍ଧିଜୀବୀ ପରୀକ୍ଷା | ମଧୁସ୍ମିତା ସେନାପତି | ୧୩୨ |
| ଶେଷ ପୃଷ୍ଠା | ଡ. ଜ୍ଞାନେଶ୍ୱର ମିଶ୍ର | ୧୩୬ |
| ଯଦି ଦମ୍ ଅଛି | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୩୭ |
| ସ୍ୱାର୍ଥ ଏ ଦୁନିଆଁ | ପୂର୍ଣ୍ଣଚନ୍ଦ୍ର ରଣା | ୧୩୮ |
| ଭବସାଗର ରୁ ଭବସାଗର | ଡକ୍ଟର ମଧୁସ୍ମିତା ମିଶ୍ର | ୧୩୯ |
| ପାପ ପୁଣ୍ୟ | ତ୍ରିପତି ପ୍ରଧାନ | ୧୪୭ |
| ଅଳ କରେ ପ୍ରଭୁଙ୍କୁ | ଶରତ ଚନ୍ଦ୍ର ଜାଲି | ୧୪୮ |
| ମୋ ପିଲାଦିନ | ସତ୍ୟବ୍ରତ ନାୟକ | ୧୪୯ |
| ଗହ୍ମା ପୂର୍ଣିମା ଓ ରକ୍ଷା ବନ୍ଧନ | ବାସନ୍ତୀ ଲତା ଜେନା | ୧୫୧ |
| ଶ୍ରଦ୍ଧାଞ୍ଜଳି | ଅଜୟ କୁମାର ମହାନ୍ତି | ୧୫୪ |
| ନିୟତି | ଅଜିତ ପାଢ଼ି | ୧୫୫ |
| ମୁଁ ବି କୃଷକ...(ସନେଟ୍) | ଅରୁଣ କୁମାର ମହାନ୍ତି | ୧୫୬ |
| ଖୁବ ମନେପଡେ ଆଲମୋଡା (ଭ୍ରମଣ କାହାଣୀ) | ପ୍ରିୟବ୍ରତ ପାତ୍ର | ୧୫୭ |
| ଘଣ୍ଟା | ସରୋଜ କୁମାର ସାହୁ | ୧୬୪ |
| ଆଗମ ଓ ନିର୍ଗମ | ଦିନବଂଧୁ ବେଜ | ୧୬୫ |
| ଭାଇ | ସୌମ୍ୟ ରଞ୍ଜନ ପାଲ | ୧୬୬ |
| ବସୁନ୍ଧରା | କାଳିକଙ୍କର ଦାସ | ୧୬୭ |
| ମୁଁ କୃଷକ | କୁମୁଦିନୀ ବେହେରା | ୧୭୭ |
| ଈଶ୍ୱର ପ୍ରତିମ : ଗୁରୁ | ରୋଜାଲିନ୍ ମିଶ୍ର | ୧୭୯ |
| ଦୁହିତା | ନବ କୁମାର ଦାସ | ୧୮୦ |
| ଭିଟାମାଟିର ମୋହ | ସୀତାରାମ ଦାଶ | ୧୮୧ |

| | | |
|---|---|---|
| ଲୁହର ଶ୍ରାବଣ | ଅଶ୍ୱିନୀ କୁମାର | ୧୮୭ |
| ମମତାମୟୀ ମାଆ | ବେଣୁଧର ସୁରୁଜାଲ | ୧୮୯ |
| ଅକ୍ଷୟ ତୃତୀୟା | ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୯୧ |
| ନିଷ୍ଠୁର ମଣିଷ | ରାଜୁ କୁମାର ପାତ୍ର | ୧୯୫ |
| ଭାଇଭଉଣୀର ସମ୍ପର୍କ | ନେପାଳ କୁମାର ବେହେରା | ୧୯୭ |
| ନବ ବଧୂ ର ଭାବନା | ଚିତରଞ୍ଜନ ବେହେରା | ୧୯୮ |
| ମୌସୁମୀ -: ଏକ ନିଆରା ଅବେଗିକ ଶବ୍ଦ | ଶ୍ରବଣ କୁମାର କର | ୧୯୯ |
| ସଂସାରେ ସାର | ପଦ୍ମନ ରଣା | ୨୦୧ |
| ତୁମେ | ପ୍ରକାଶ କୁମାର ଗୁନ୍ଦ | ୨୦୨ |
| ମହାଦେବ | ରାଜେଶ କର୍ଣ୍ଣ | ୨୦୩ |
| ଖୁସିର ଜୀବନ ବଞ୍ଚିବି କିପରି? | ବିଶ୍ୱଜିତ ଆର୍ଯ୍ୟ | ୨୦୪ |
| ମଣିଷ ଜୀବନ ପାଣି ଫୋଟକା | ମହେଶ୍ୱର ସାହୁ | ୨୦୬ |
| ଭାବନାରେ ପ୍ରିୟତମ | ମଧୁଛନ୍ଦା ବେହେରା | ୨୦୭ |
| ଲାଜକୁଳୀ ଲତା | ଅମରନାଥ ବାରିକ | ୨୦୮ |
| ସୈନିକ | ଅଶୋକ କୁମାର ଦାସ | ୨୦୯ |
| ପ୍ରେମ ନଦୀ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୧୦ |
| ଆଜିର ସମାଜ | ରାମ ଚନ୍ଦ୍ର ପ୍ରଧାନ | ୨୧୨ |
| ଆସ ଆମେ ଦେଶ ପାଇଁ ଜୀବନ ଦେବା | ସୌଭାଗ୍ୟ ଗିରି | ୨୧୩ |
| ଏ ଅଙ୍ଗ ଥାଇ କି ଲାଭ | ବୈଦ୍ୟନାଥ ପଣ୍ଡା | ୨୧୫ |
| ରକ୍ଷା ବନ୍ଧନ | ନରେଶ କୁମାର ତ୍ରିପାଠୀ | ୨୧୬ |
| ଭାରତୀୟ ସଂସ୍କୃତି ମହାମନ୍ତ୍ର:ପରୋପକାରିତା | ଶେଷଦେବ ପଣ୍ଡା | ୨୧୭ |
| ଫଟା ଫ୍ରେଣ୍ଡସିପ ଡେ | ନବକିଶୋର ଦୀପ | ୨୨୦ |
| ମୋ ଆଇ | ସଙ୍ଗୀତା ମହାନ୍ତି | ୨୨୧ |
| ଶରତ ଆଗମନେ | ନବୀନ କୁମାର ପଧାନ | ୨୨୨ |
| ନବଧା ଭକ୍ତିର ନିଆରା ନିଦର୍ଶନ | କୀର୍ତ୍ତି ଦେବୀ | ୨୨୩ |

| | | |
|---|---|---|
| କରୋନାକୁ କର ପ୍ରତିହତ | ଅଲେଖ ମେହେର | ୨୨୬ |
| ଧନରେ.... | ନିରଞ୍ଜନ ସାହୁ | ୨୨୭ |
| ସୌନ୍ଦର୍ଯ୍ୟର ସୁନ୍ଦର ଛବି | ପଙ୍କଜିନି ଭୋଇ | ୨୨୮ |
| ଆମ ସ୍ୱାଧୀନତା କେତେ ସୁରକ୍ଷିତ ? | କେଶରୀ ପ୍ରସାଦ ମହାନ୍ତି | ୨୨୯ |
| ଆହ୍ୱାନ | ଉଦୟ କୁମାର ପଣ୍ଡା | ୨୩୧ |
| ମା | ଅଶୋକ କୁମାର ପ୍ରଧାନ | ୨୩୨ |
| ଇଏ କ'ଣ ମନୁଷ୍ୟ ? | ଲକ୍ଷ୍ମଣ ମହାନ୍ତି | ୨୩୩ |
| ସୁସ୍ଥ ପରିବେଶ - ସୁସ୍ଥ ମଣିଷ | ପୁଷ୍ପଲତା ବେହେରା | ୨୩୪ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତ ପଣ୍ଡା | ୨୩୫ |
| ମା'ର ଶେଷ ଚଠି | ପ୍ରଶାନ୍ତ କୁମାର ନାଥ | ୨୪୩ |
| ଉଡେ ଫର ଫର ତ୍ରୀରଙ୍ଗା ପତାକା | ଆଶିଷ ଜ୍ୟୋତିଷ | ୨୪୪ |
| ମରି ମରି ଯିଏ | ଅଜୟ କୁମାର ବେହେରା | ୨୪୬ |
| ଶିକ୍ଷା ଓ ଶୈଶବ ମୂଳ | ପି. ପୂରବୀ ମହାନ୍ତି | ୨୪୭ |
| ସବୁକଛି ହାରିଗଲା ପରେ | ଆଶୁତୋଷ ଠାକୁର | ୨୪୯ |
| ସହିଦ ସଲାମ | ହେମନ୍ତ ଦାଶ | ୨୫୦ |
| କାର୍ଗିଲ ବିଜୟ ଦିବସ | ନିଲେଶ କୁମାର ଭୋଇ | ୨୫୧ |
| ସ୍ୱପ୍ନ | ମନୋଜ କୁମାର ବେହେରା | ୨୫୨ |
| ସୈନିକ ମୁଁ ସୀମାନ୍ତ ଯୋଦ୍ଧା | ଦେବାଶିଷ ପଧାନ | ୨୫୪ |
| ଫେରିବ ଦିନେ ନା ଦିନେ | ସୂର୍ଯ୍ୟପ୍ରକାଶ ନାୟକ | ୨୫୫ |
| ତମେ ବାପା ବୋଲି | ଶୁକଦେବ ସାହୁ | ୨୫୬ |
| ମୋ ଗାଁ | କୁମାର ସଞ୍ଜୟ | ୨୫୭ |
| ରମ୍ୟରଚନା-ସଇତାନର ସ୍ୱୀକାରୋକ୍ତି | ଡକ୍ଟର ନାରାୟଣ ମହାନ୍ତି | ୨୫୯ |
| ଅସରାଏ ଖୁସି..... | ସୂର୍ଯ୍ୟକାନ୍ତ ମଲିକ | ୨୬୬ |
| ଅବୁଝା ମନ | ସୁବ୍ରତ କୁମାର ଗିରି | ୨୬୮ |
| ତୁମେ ଗଲାପରେ | ଶିବରାମ ଦଳେଇ | ୨୬୯ |
| ପ୍ରକୃତ ଆନନ୍ଦ | ସାଇପ୍ରସାଦ ସାହୁ | ୨୭୦ |
| ମୋ ସହରୀ ଗାଁ | ଅଭୟ କୁଣ୍ଡ | ୨୭୨ |

| | | |
|---|---|---|
| ସୁନାର କୁଲେଇ | ତାର୍‌ପ୍ରସାଦ ଜେନା | ୨୭୩ |
| ଏ ନୁହେଁ ପ୍ରେମ କବିତା | ଯୁବରାଜ କୁଦେଇ | ୨୭୪ |
| ଆତ୍ମନିର୍ଭର | ରମେଶ ଚନ୍ଦ୍ର ବେହେରା | ୨୭୫ |
| ହେତୁବାଦର ଆବଶ୍ୟକତା | ବାଲ୍ମୀକ ନାୟକ | ୨୭୬ |
| ଦୁଃଖ କାହାପାଇଁ | କାହ୍ନୁ ଚରଣ ସାହୁ | ୨୭୯ |
| ଗରଜିଲା ମେଘ | କୁମରଲାଲ ରଣା | ୨୮୦ |
| ଗୁନଗୁନେଇ ଯା | ମନୋରଞ୍ଜନ ସୁରୁଜାଲ | ୨୮୧ |
| ଏଇ ତ ଜୀବନ | ଭୂପତି ବୋଡେକ | ୨୮୨ |
| ମୁଁ ବାପା ହେବିନ | ପ୍ରଣତି ପାଣିଗ୍ରାହୀ | ୨୮୩ |
| ଆମ କର୍ତ୍ତବ୍ୟ | ଆଶିଷ ବେହେରା | ୨୮୭ |
| ଲୁହ | ଖଗେଶ୍ୱର ବାଗ | ୨୮୮ |
| ଏକ ଛାୟା | ଅନଙ୍ଗ ମଞ୍ଜରୀ | ୨୮୯ |
| ସବୁ କହି ହାରିଗଲା ପରେ | ଆଶିଷ କୁମାର ବଣିଆଁ | ୨୯୦ |
| ପ୍ରଶ୍ନ | ପ୍ରଜ୍ଞା ପରମିତା ସାହୁ | ୨୯୧ |
| ବରଗଛ ଓ ଘାସ | ନୂତନ କୁମାର ବେହେରା | ୨୯୩ |
| ସହୀଦ୍ ବୀର ଯବାନ୍ | ପ୍ରସନ୍ନ କୁମାର ମହାନନ୍ଦ | ୨୯୪ |
| ଅଭିଳାଷ | ପ୍ରିୟରଞ୍ଜନ ଭାରତୀ | ୨୯୫ |
| ସେ ନିଜେ ସାରଥୀ | ଗୁପ୍ତେଶ୍ୱର ଗୃନ୍ଦ୍ | ୨୯୭ |
| ଏଇଠି ଭଲପାଇବା ମିଳେନାହିଁ | ଦୁଷ୍ମନ୍ତ ବେହେରା | ୨୯୯ |
| ତୁମ୍ଭେ ର'ଖ ମହାବାହୁ | କୃଷ୍ଣ ଚନ୍ଦ୍ର ଡାକୁଆ | ୩୦୩ |
| ଅଜଣା ଚଠି | ଡୁଲେଶ୍ୱର ସାହୁ | ୩୦୪ |
| କରୋନା ଭାଏରସ୍ | ହିମାଂଶୁ ଶେଖର କୁମ୍ଭାର | ୩୦୫ |
| ପଶ୍ଚରେ ମୋ ମନ କଏ ମୁଁ | କମଳ ଲୋଚନ ମଲ୍ଲିକ | ୩୦୬ |
| ଧଳା ଜହରର ସ୍ୱାର୍ଥ | ତପନ କୁମାର ଦାଶ | ୩୦୭ |
| ତୁମେ ଆସ | ସିଦ୍ଧେଶ୍ୱର ତ୍ରିପାଠୀ | ୩୧୦ |
| ଭିନ୍ନ ଏକ ଗୋବିନ୍ଦଚନ୍ଦ୍ର | ରମାକାନ୍ତ ସେଠ୍ | ୩୧୧ |
| ହାତ | କ୍ଷୀରୋଦ୍ର ସାହୁ | ୩୧୨ |

| | | |
|---|---|---|
| ଝିଅର ବେଦନା | ସୂର୍ଯ୍ୟକାନ୍ତି ରାଉତ | ୩୧୩ |
| ଶ୍ରୀମଦ୍ ଭଗବତ୍ ଗୀତାର ତ୍ରୟୋଦଶ ଅଧ୍ୟାୟର ସାରକଥା (ଧାରାବାହିକ) | ନରେନ୍ଦ୍ର ପ୍ରସାଦ ବେହେରା | ୩୧୪ |
| ତୁମ ମୟ | ଶରତ କୁମାର ନାଏକ | ୩୧୬ |
| ପ୍ରେମର ଭୂଗୋଳ | ପ୍ରଶାନ୍ତ କୁମାର ପଧାନ | ୩୧୭ |
| ଅଧୁରା ପ୍ରେମ... | ଶିଶିର କୁମାର ସାମଲ | ୩୧୮ |
| କେତେ ଭଲପାଏ | ଲିଟନ କୁମାର ବେହେରା | ୩୧୯ |
| ବଡା ନୁଆ ନୁଆ ଲାଗୁଛେ | ଫିରୋଜ କୁମାର ପଟେଲ | ୩୨୦ |
| ଆସ ସଭେ ଆମେ ଏକ୍ ହେମା | ବିଶ୍ୱନାଥ ଭୁଏ | ୩୨୧ |
| ଗଛ ଲଗାମା | ସୁଶାନ୍ତ ରଣା | ୩୨୨ |


# ଶିଶୁ ବିଭାଗ


| | | |
|---|---|---|
| ଭାଲୁର ପଣସ ଖିଆ | ଡ଼ଃ ରଞ୍ଜିତ କୁମାର ସାହୁ | ୩୨୪ |
| ହନୁମାଙ୍କଡର ଭୋଜିଖିଆ | ନୀଳମାଧବ ସାହୁ | ୩୨୯ |
| ବଗିଚାରେ ଭ୍ରମର | ରାଜଶେଖର ସି 'ଚମା' | ୩୩୩ |
| ଗୁରୁଙ୍କୁ ବନ୍ଦିବା ଭକତି ଚଉେ | ସତ୍ୟବ୍ରତ ସାହୁ | ୩୩୪ |
| ଆମ ଘର | ଅମରନାଥ ବାରିକ | ୩୩୫ |
| ଜେଜେ ବାପା | ତପନ କୁମାର ସ୍ୱାଇଁ | ୩୩୬ |
| ଅଗଷ୍ଟ ପନ୍ଦର | ଚନ୍ଦ୍ର ଶେଖର ଗୋ | ୩୩୭ |
| ମୋ ମା | ନିଶା ଦାଶ | ୩୩୯ |
| ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୪୦ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୩୪୧ |

# ଜାତୀୟ ପତାକା ଓ ଓଡ଼ିଆ କବିତାରେ ଦେଶାତ୍ମବୋଧର ସ୍ୱର



ଶ୍ରୀ କୁଞ୍ଜ ବିହାରୀ ସାହୁ

ମୁଁ ଯେତେବେଳେ ତ୍ରିରଙ୍ଗା ପତାକା କବିତା ଲେଖି ବସିଲି ଖୁବ୍ ମନେପଡ଼ିଗଲା ସ୍ୱାଧୀନତା କଥା । ପରାଧୀନ ଭାରତରେ ଦୁଃଖମୟ ବ୍ୟଥା । ସ୍ୱାଧୀନତାର ପ୍ରତୀକ ଏହି ତ୍ରିରଙ୍ଗା ପତାକା ଦେଶ-ଜାତିର ସମ୍ମାନ । ଜାତୀୟ ପତାକା, ଜାତୀୟ ଚକ୍ର ଓ ଜାତୀୟ ସଙ୍ଗୀତ ଭାରତର ସାର୍ବଭୌମତ୍ୱର ପ୍ରତୀକ ।

ତ୍ରିରଙ୍ଗା ପତାକା ଜାତିର ଗରବ, ଦେଶର ସୌରଭ
ଗରବରେ ଛାତି ବୁଢ଼େ,
ଅଗଷ୍ଟ ପନ୍ଦରେ ନୀଳ ଆକାଶରେ, ଖୋଲା ପବନରେ
ଫରଫର ହୋଇ ଉଡ଼େ ।
କେତେ ଯେ ସଂଗ୍ରାମୀ କାରାଗାର ଗଲେ, ବଳିଦାନ ଦେଲେ
ଖାଇଲେ ଇଂରେଜ ମାଡ଼
ମାଟି ମାଆ ପାଇଁ ଖରା କ ବରଷା, ଶୀତର ପରଷ
ସହିଲେ କାକର ଜାଡ଼ ।

କୁଚକ୍ରୀ ଇଂରେଜୀ ଶାସନରୁ ମୁକୁଳିବା ପାଇଁ ଭାରତ ବର୍ଷର କୋଣେ ଅନୁକୋଣେ ବସବାସ କରୁଥିବା ଜନତା ପ୍ରାଣମୂର୍ଚ୍ଛା ଉଦ୍ୟମ କଲେ । ସ୍ୱାଧୀନତାର ବୈଜୟନ୍ତୀ ଉଡ଼ାଇବାକୁ ତତ୍ପର ହୋଇଉଠିଲେ । ପରାଧୀନ ଭାରତରେ ଇଂରେଜମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରିବାକୁ ଯାଇ ଇଂଲଣ୍ଡର ଜାତୀୟ ପତାକାକୁ ଭାରତ ଆଣିଥିଲେ । କ୍ରମେ ଭାରତର ବିଭିନ୍ନ ରାଜ୍ୟକୁ ଅକ୍ତିଆର କରି ଇଂରେଜମାନେ ରାଜ୍ୟ ବିସ୍ତାରରେ ଲାଗିପଡ଼ିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ସୂତ୍ରପାତ ହେଲା ଏବଂ ଭାରତୀୟ ସିପାହୀମାନେ ସୂର୍ଯ୍ୟଚନ୍ଦ୍ର

ଥିବା ପତାକାକୁ ବ୍ୟବହାର କରିଥିଲେ । ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କୋଲକତା ପ୍ୟାରିସ୍ ବ୍ୟାଗାନ ସ୍କୋୟାରରେ ଭାରତର ପ୍ରଥମ ଜାତୀୟ ପତାକାର ରୂପରେଖ ତିଆରି ହୋଇଥିଲା । ଏଥିରେ ଦୁଇ ଧର୍ମର ପ୍ରତୀକ ଭାବେ ସୂର୍ଯ୍ୟ ଓ ଚନ୍ଦ୍ର, ୮ ଟି ପଦ୍ମ ଫୁଲ ଓ ବନ୍ଦେ ମାତରଂ ଉପସ୍ଥାପିତ କରାଯାଇଥିଲା । ୧୯୦୭ ମସିହାରେ ପତାକାର ତଳେ ସବୁଜ ରଙ୍ଗ ଓ ଉପରେ ଗେରୁଆ ରଙ୍ଗ ରଖାଗଲା । ୧୯୧୭ ମସିହାରେ ପତାକାରେ ଲାଲ ଓ ସବୁଜ ରଙ୍ଗର ଗାର, ପତାକାର ଉପର ବାମରେ ରାଜ୍ୟମାନଙ୍କର ପ୍ରତୀକ, ଉପରେ ଡାହାଣରେ ଅର୍ଦ୍ଧ ଚନ୍ଦ୍ର, ତାରା, ସପ୍ତଋଷିର ସାତୋଟି ତାରାକୁ ଉପସ୍ଥାପିତ କରିଥିଲେ ସଂଗ୍ରାମୀ ବାଳ ଗଙ୍ଗାଧର ତିଳକ ।

୧୯୨୧ରେ ମହାତ୍ମା ଗାନ୍ଧୀଙ୍କ ସମୟରେ ପତାକାର ରଙ୍ଗକୁ ତିନ ସମ୍ପ୍ରଦାୟ ଅନୁସାରେ ବିଭକ୍ତ କରାଯାଇଥିଲା । ଉପରେ ଅଂଶରେ ଅନ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟ ପାଇଁ ଧଳା ରଙ୍ଗ, ମୁସଲିମମାନଙ୍କ ପାଇଁ ସବୁଜ ରଙ୍ଗ, ହିନ୍ଦୁମାନଙ୍କ ପାଇଁ ଲାଲ ରଙ୍ଗ, ଓ ପତାକାର ମଝିରେ ଅରଟ ଚକ୍ର ଦିଆଗଲା । ପରେପରେ ୧୯୩୧ ମସିହାରେ ପତାକାର ପରିବର୍ତନ କରାଗଲା। ଉପରେ ଅଂଶରେ କମଳା ରଙ୍ଗ, ମଝିରେ ଧଳା, ତଳେ ସବୁଜ ରଙ୍ଗ, ମଝିରେ ଅରଟର ଚକ ଓ ଅଖକୁ ଉପସ୍ଥାପନା କରାଯାଇଥିଲା । କାଳକ୍ରମେ ତ୍ରିରଙ୍ଗା ପତାକାର ବିବର୍ତନ ଘଟି ଶେଷରେ ତିନୋଟି ରଙ୍ଗ, ଅଶୋକ ଚକ୍ରରେ ରୂପାୟିତ ହୋଇ ସମଗ୍ର ସ୍ୱାଧୀନ ଭାରତବାସୀଙ୍କ ହୃଦୟରେ ସ୍ଥାନ ପାଇଲା । ପତାକାର ଉପର ଅଂଶ ଗାଢ଼ କମଳା (ନାରଙ୍ଗୀ) ରଙ୍ଗ ତ୍ୟାଗ, ସାହାସ, ବଳଦାନକୁ ବୁଝାଏ । କେନ୍ଦ୍ରରେ ଥିବା ଧଳା ଚକ୍ରଟି ପବିତ୍ରତା ଓ ସତ୍ୟକୁ ବୁଝାଏ । ତଳ ଅଂଶରେ ଥିବା ଗାଢ଼ ସବୁଜ ରଙ୍ଗ ମାଟି ଓ ଗଛଲତା ଜୀବନ ସହିତ ନିବିଡ଼ ସମ୍ପର୍କକୁ ବୁଝାଏ । ମଝିରେ ଥିବା ଅଶୋକ ଚକ୍ର ସତ୍ୟ, ଧର୍ମର ପ୍ରତୀକ । ଏଥିରେ ଥିବା ଚକ୍ର ଗତିକୁ ବୁଝାଏ । ଏହାର ୨୪ଟି ଅଖ (ଆକାଶିଆ ନୀଳ ରଙ୍ଗ) ଓ ଏହା ସାରନାଥରେ ଅବସ୍ଥିତ ଅଶୋକ ସ୍ତମ୍ଭର ସଂମ୍ପୂର୍ଣ୍ଣ ପରିପ୍ରକାଶ । **(ସୌଜନ୍ୟ-ଉତ୍କଳ ପ୍ରସଙ୍ଗ ଅଗଷ୍ଟ ୨୦୧୭)**

୧୯୪୭ ଜୁଲାଇ ୨୨ ତାରିଖରେ ଏହି ପତାକାର ରୂପରେଖ ଦେଇଥିଲେ ଆନ୍ଧ୍ରପ୍ରଦେଶ ନିବାସୀ ତଥା ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ପିଙ୍ଗାଲି ଭେଙ୍କୟା । ତାଙ୍କର ଜନ୍ମ ୨ ଅଗଷ୍ଟ ୧୮୭୬ ଓ ମୃତ୍ୟୁ ୪ ଜୁଲାଇ ୧୯୬୩ ରେ ହୋଇଥିଲା । ଏହି ମହନୀୟ ବ୍ୟକ୍ତିଙ୍କ ପାଖରେ ଆମର ଶତ ପ୍ରଣାମ ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ରଚତ ଦେଶାତ୍ମବୋଧକ ସଙ୍ଗୀତ ଜନ-ଗଣ-ମନ-ଅଧିନାୟକ ଜୟ ହେ ଭାରତ-ଭାଗ୍ୟ-ବିଧାତା.. କବିତାଟି ଜାତୀୟ ସଙ୍ଗୀତ ରୂପେ ପରିଚତି ଲାଭ କଲା । ଅଗଷ୍ଟ ୧୫ (ସ୍ୱାଧୀନତା ଦିବସ) ଓ ଜାନୁଆରୀ ୨୬ (ସାଧାରଣତନ୍ତ୍ର ଦିବସ) ରେ ଜାତୀୟ ପତାକା ଉତୋଳନ ସମୟରେ ଏହି ଜାତୀୟ ସଙ୍ଗୀତ ସମୂହଭାବରେ ଗାନ କରାଯାଏ । ଏକାଗ୍ରତା ମୁଦ୍ରାରେ ସମସ୍ତେ ଭାରତମାତାକୁ ସ୍ମରଣ କରିଥାନ୍ତି । ଏହି ମଧୁର ସଙ୍ଗୀତ ଅନ୍ତର୍ଜାତୀୟ ତଥା ଭାରତୀୟ ଖେଳକୁଦ ପ୍ରତିଯୋଗିତାରେ ଆବୃତି କରାଯାଇଥାଏ । ଆମେ ଭାରତୀୟ, ଭାରତ ଆମର ମାଆ- ଏଭଳ ଭାବନା ମନରେ ସାଇତି ରହେ ଭାରତବାସୀଙ୍କର ।

ଜାତୀୟ ପତାକା ତଥା ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅବିଚଳତ ଉଦ୍ୟମକୁ ସମ୍ମାନ ଜଣାଇ ଜାତୀୟ କବି ବୀର କଶୋର ଦାସ ନଜର କବିତା 'ପତାକା ତଳକୁ ଆସରେ' ରେ ଲେଖିଥିଲେ-

ଗାନ୍ଧୀ ନାମେ ଯେବେ ବିଶ୍ୱାସ ଅଛି ପତାକା ତଳକୁ ଆସରେ,
ମୁକତି ଗଙ୍ଗାର ଢେଉ ଛୁଟି ଆସେ ବେଗାବେଗି ଦିଅ ଝାସରେ ।
ଜଳନ୍ତି ଅରି ପ୍ରଳୟ ଅନଳ
ଥରିଉଠେ ଆଜି ଅଷ୍ଟ କୁଳାଚଳ
ଦେବତା ଦେଶରେ ଦାନବ ରାଜତ୍ୱ ବୋଲି ଅଛି ନାଗଫାଶରେ ।
**(ସୌଜନ୍ୟ- ଉତ୍କଳ ପ୍ରସଙ୍ଗ-ଅଗଷ୍ଟ ୨୦୧୭)**

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଭୂମିକା ଅଦ୍ୱିତୀୟ । ପାଇକ ବିଦ୍ରୋହ ଓ ପରେପରେ ସିପାହୀ ବିଦ୍ରୋହର ସୂତ୍ରପାତ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ଘନୀଭୂତ କରିବାକୁ ଲାଗିଲା । ମହାତ୍ମା ଗାନ୍ଧୀଙ୍କ ଅହିଂସା ଯୁଦ୍ଧରେ ସମଗ୍ର ଓଡ଼ିଶାବାସୀ ସାମିଲ ହୋଇ ସ୍ୱାଧୀନତାର ମନ୍ତ୍ର ଉଚ୍ଚାରଣ କଲେ । ଗାନ୍ଧିଜୀଙ୍କ ଆଗମନ ଓଡ଼ିଆମାନଙ୍କୁ ଦେଶପ୍ରେମରେ ଉଦବୁଦ୍ଧ କରାଇବାରେ ସହାୟକ ହୋଇଥିଲା । ସେ କହିଥିଲେ- 'ଆମ୍ଭମାନଙ୍କ ହାତରେ ତରବାରୀ ବା ଶାରୀରିକ ବଳ ନାହିଁ । ମୋ ମତରେ ତରବାରୀ ଥିଲେ ସୁଦ୍ଧା ଶତ୍ରୁ ଓ ପାପୀ ଆଗରେ ତାହାକୁ ଉତୋଳନ କରିବା ନାହିଁ । ଅସହଯୋଗ ଆମର ଧର୍ମ । ସ୍ୱରାଜ ଆମର ମୁକ୍ତି ।' (ସୌଜନ୍ୟ-ଉତ୍କଳ ପ୍ରସଙ୍ଗ-୨୦୧୭ ପୃଷ୍ଠା-୪୩)।

ଉତ୍କଳର ସୁଯୋଗ୍ୟ ସନ୍ତାନ ଜୟୀ ରାଜଗୁରୁ, ବୀର ସୁରେନ୍ଦ୍ର ସାଏ, ବାଜି ରାଉତ, ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦିବାକର ପରିଡା, ରଘୁନାଥ ମହାନ୍ତି, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ନୀଳକଂଠ ଦାସ, ଆଚାର୍ଯ୍ୟ ହରିହର, ହରେକୃଷ୍ଣ ମହାତାବ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ପାରଳାର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଚନ୍ଦନ ହଜୁରୀ, ବିଜୁ ପଟ୍ଟନାୟକ ଓ ଆହୁରି ଅନେକ ସ୍ୱାର୍ଥରହିତ କାର୍ଯ୍ୟ କରି ଦେଶମାତୃକାର ମୁକ୍ତିପଥରେ ଅଗ୍ରସର ଥିଲେ । ସେହିଭଳି ମା ରମାଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀ, ପାର୍ବତୀ ଗିରି, ଜାହ୍ନବୀ ଦେବୀ, କୁଜଙ୍ଗର ପୂର୍ବତନ ରାଣୀ ଭାଗବତୀ ପାଟ ମହାଦେଈ, କୁନ୍ତଳାକୁମାରୀ ସାବତ, ଅନ୍ନପୂର୍ଣ୍ଣା ଦେବୀ ଆଦି ମହିଳା ଗଣ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ ହୋଇ ମା-ମାଟି ପାଇଁ ଅନେକ ଯାତନା ସହିଥିଲେ। ଇଂରେଜ ଶାସନକାଳରେ ପୋଲିସମାନଙ୍କ ସହ ଯୁଝି କାରାଗାର ବରଣ କରିଥିଲେ । ସେମାନଙ୍କର ଅଦମ୍ୟ ସାହସ, ଅଟଳ ପ୍ରତିଜ୍ଞା ସ୍ୱରାଜ୍ୟ ସାଧନାରେ ବତୀଘର ସଦୃଶ ମନେ ହୁଏ ।

ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଯୁଦ୍ଧ ଡାକରାରେ ଜନ୍ମ ମାଟି ଓଡ଼ିଶା ପାଇଁ ସ୍ୱପ୍ନ ଦେଖୁଥିବା ଅନେକ ଓଡ଼ିଆ କବି ଅଗ୍ନିବର୍ଷୀ ଦେଶାତ୍ମବୋଧକ କବିତା ରଚନା କରିଥିଲେ । ମୁକ୍ତି ସଂଗ୍ରାମକୁ ଜାତୀୟବାଦୀ କବିମାନେ ବ୍ୟାପକ ଭାବେ ପ୍ରଭାବିତ କରିଥିଲେ । ସେଗୁଡ଼ିକ ମନ ପ୍ରାଣରେ ଜାଗରଣ ସୃଷ୍ଟି କରିବା ସହ ସମୟାନୁକ୍ରମେ କାଳଜୟୀ ହୋଇପାରିଥିଲା ।

ଅହିଂସା, ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନର ସହାୟତାରେ ଗାନ୍ଧିଜୀ ଭାରତକୁ ସ୍ୱାଧୀନ ଦେଇଥିଲେ । 'ବାପୁ' କବିତାରେ ପ୍ରଖ୍ୟାତ କବି ମାୟାଧର ମାନସିଂହ ନିଜ ଶାଣିତ ଲେଖନୀରେ ଲେଖିଥିଲେ-

ଆଧ୍ୟାତ୍ମିକ ବଳେ ଲାଗିଛି ଲଢ଼େଇ
ଭାଙ୍ଗିବାକୁ ପଶୁବଳର ବଡ଼େଇ ।

ରାଷ୍ଟ୍ରର ସ୍ୱାଧୀନତା ପାଇଁ ଶାସନର ପଦପଦବୀ, କ୍ଷମତା, ଅର୍ଥ ସବୁକିଛି ତୁଚ୍ଛ । ହଜାରିବାଗ ବନ୍ଦୀଗୃହରେ କଏଦୀଭାବେ ଜୀବନ ବିତାଉଥିଲାବେଳେ ଉତ୍କଳମଣି ଗୋପବନ୍ଧୁ ଦାସ 'ବନ୍ଦୀର ଆତ୍ମକଥା' କବିତା ରଚନା କରିଥିଲେ । ମନ ଭିତରେ ବୈପ୍ଳବିକ ଚିନ୍ତାଧାରା

ଉଦ୍ରେକକରି ସମସ୍ତ ଉତ୍କଳବାସୀ ସାହସର ସହ ନିଜର ପାରିଲାପଣିଆକୁ ଜାହିର କରିବାପାଇଁ ଆହ୍ୱାନ ଦେଇଥିଲେ । ନିମ୍ନୋକ୍ତ ପଦରୁ ଏହା ସ୍ପଷ୍ଟ ଅନୁମେୟ ।

ମୋ ଭାଇଭଉଣୀ ହେ ଉତ୍କଳବାସୀ
ସ୍ୱରାଜ୍ୟ-ସାଧନେ ନ ହୁଅ ଉଦାସୀ ।
ଯେ ଦୀକ୍ଷାରେ ଥରେ କରିଛ ବିଶ୍ୱାସ
ନ ଛାଡ଼ ତାହା ଥିବାଯାଏବି ନିଃଶ୍ୱାସ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ତଥା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଭାବେ ନିଜକୁ ପରିଚୟ ଦେଇଥିବା ଏକ୍ଳ ଗୌରବ ମଧୁସୂଦନ ଦାସଙ୍କ ଦେଶ ପ୍ରୀତି ସତରେ ଅପାସୋର୍ । ଦେଶ ଓ ଜାତିର ଉନ୍ନତି ନିମନ୍ତେ ତାଙ୍କ ପ୍ରାଣ ସଦା ସର୍ବଦା ବିଳପି ଉଠୁଥିଲା। ଅଜସ୍ର କବିତା ଲେଖିଥିଲେ ଯେଉଁଥିଲେ ଜାତୀୟତାବୋଧ ବାରି ହୋଇପଡୁଥିଲା। କବିତାଗୁଡ଼ିକ ଚିରବନ୍ଦନୀୟ ଓ ଲୋକାଭିମୁଖୀ । ଦେଶବାସୀଙ୍କ ପାଇଁ ଲେଖିଥିଲେ -

'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ, ପୂରୁବ ସାହସ ପଡିବକ କେବେ ମନେ ।'

ତୋଷାମଦ ଓ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମାଟି-ମାଆର ସେବାରେ ଲାଗିଲେ ଦେଶ ଉନ୍ନତି ପଥରେ ଆଗେଇ ପାରିବ, ଏହା ଥିଲା ତାଙ୍କର ଦେଶବାସୀଙ୍କ ପ୍ରତି ଆବେଦନ । ତାଙ୍କର ପ୍ରତ୍ୟେକ କବିତା ରସୋତୀର୍ଣ୍ଣ ଓ ଦେଶଭକ୍ତିରେ ପରିପୂର୍ଣ୍ଣ ।

ଓଡିଆ ପ୍ରାଣରେ ବୈପ୍ଳବିକ ଧାର୍ ସଂଗ୍ରର କରି ସ୍ୱାଧୀନତା ପଥରେ ଗ୍ଲିବାକୁ ବାଟ ଦେଖାଇଥିଲେ ଜାତୀୟ କବି ବୀରକିଶୋର ଦାସ । ମୁକ୍ତି ଆନ୍ଦୋଳନରେ ସଭିଏ ଝାସ ଦେବାକୁ ଆହ୍ୱାନ ଦେଇଥିଲେ । ମନର ତାତିଲାପଣକୁ ପ୍ରକାଶ କରି 'ରଣ ଦୁନ୍ଦୁଭି' କବିତାରେ ସେ ଲେଖିଥିଲେ-

'ଦିନରାତି ମୋର ସେହି ଚିନ୍ତା, ବନ୍ଧୁ ସେହି ଚିନ୍ତା
ଏ ସରକାର ଶବ ଦାହ କେବେ ହେବ, ଦେଖିବି ମୁଁ ତାର ଶେଷ ଚିତା ।'

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ୱାଧୀନତା ଆନ୍ଦୋଳନର ଏକ ଚର୍ଚ୍ଚିତ ନାଁ । ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ 'ବନ୍ଦେ ଉତ୍କଳ ଜନନୀ 'କବିତା ରଚନା କରି ଉତ୍କଳ ଜନନୀ ପ୍ରତି ନିଜର ଭକ୍ତିଭାବ ପ୍ରଦର୍ଶନ କରିଥିଲେ ।

ବନ୍ଦେ ଉତ୍କଳ ଜନନୀ
ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ, ଚାରୁ ଭାଷମୟୀ ଜନନୀ, ଜନନୀ..

ଊନବିଂଶ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ଚିର ସ୍ମରଣୀୟ କବି ଗଙ୍ଗାଧର ମେହେର । ଆଖିରେ ଆଖିଏ ସ୍ୱପ୍ନ -ଦେଶ ମାଟିର ସମ୍ମାନ ଓ ନିଜ ମାତୃଭାଷାର ଜୟଗାନ। ରାଶି ରାଶି କାବ୍ୟକବିତାରେ ଓଡ଼ିଆ ଭାଷାକୁ ଚିର ମହୀୟାନ କରି ତୋଳିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ । ଉତ୍କଳ ଜନନୀର ଅସହାୟତାକୁ ଅନୁଭବ କରିପାରିଥିଲେ ଅକ୍ଳେଶରେ । ଉଦ୍‌ବୋଧନଧର୍ମୀ କବିତା ଲେଖି ଉତ୍କଳବାସୀଙ୍କ ମନରେ ଜାଗରଣ ଆଣିଥିଲେ । ସେ ଲେଖିଥିଲେ -

'ଉଠ ଭାଇ ଉଠ ନବୀନ ଆଲୋକେ
ଶୋଇଥିଲେ ଚାହିଁ ହସୁଥିବେ ଲୋକେ
ଶୁଭକର୍ମ ପଥେ ହୁଅ ଅଗ୍ରସର
ଚକ୍ଷୁ ମିଳିବାକୁ ନାହିଁ ଅବସର ।'

ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ଦାସ, ପଣ୍ଡିତ ଗୋଦାବାରୀଶ ମହାପାତ୍ର, ପଣ୍ଡିତ ନୀଳକଂଠ ଦାସ ବ୍ରିଟିଶ ଶାସନକୁ ପରାହତ କରିବାର ସ୍ୱପ୍ନ ଦେଖିଲେ । ଆଖି ସାମ୍ନାରେ ଉତ୍କଳ ଜନନୀର ବିକୃତ ରୂପ ଓ ଅସହଣୀୟ ଦୁଃଖ ଦେଖି ସେମାନଙ୍କର ସରଳ ତରଳ ମନପ୍ରାଣ ଉଦ୍‌ବେଳିତ ହୋଇଉଠୁଥିଲା । ଦିନ ରାତି ଏକାକାର କରି ବିପ୍ଳବାତ୍ମକ କବିତା ରଚନା କରିଥିଲେ । ଉତ୍କଳଜନନୀ ପ୍ରତି ନିଜର ଅନୁରକ୍ତି ପ୍ରକାଶ କରିବାସହ ଉତ୍କଳବାସୀଏ ଏକଜୁଟ ହେବାପାଇଁ ପ୍ରେରଣା ଦେଇଥିଲେ ।

ଓଡ଼ିଆ ଗଳ୍ପର ଆଦ୍ୟ ପ୍ରତିଷ୍ଠାତା ଫକୀରମୋହନ । ମକର ସଂକ୍ରାନ୍ତିରେ ଜନ୍ମ ହୋଇଥିବାରୁ କେହି କେହି ତାଙ୍କୁ ସଂକ୍ରାନ୍ତିପୁରୁଷ ବୋଲି କହିଥାନ୍ତି । ଭାଷାର ସୁରକ୍ଷା ପାଇଁ ଆଗେଇ ଆସିଥିଲେ । ସେଇଥିପାଇଁ ଲେଖିଥିଲେ -

ପଢ଼ ରାଜ ଭାଷା ଅଛି ତହିଁ ଲାଭ
ମାତ୍ର ନ ହରାଅ ଜାତୀୟ ସ୍ୱଭାବ ।
ନ କରିଲେ ମାତୃଭାଷାରେ ଉନ୍ନତି
ଘୁଂଚିବ କି କେବେ ଦେଶର ଦୁର୍ଗତି ।

୧୯୩୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ବିଶେଷ କରି ଲବଣ ସତ୍ୟାଗ୍ରହରେ ଭାଗ ନେଇ ଜାତୀୟ କବି ବାଂଛାନିଧି ମହାନ୍ତି ସ୍ୱାଧୀନତା ସଂଗ୍ରାମର ଲବଣ ସତ୍ୟାଗ୍ରହରେ ଯୋଗଦାନ କରି କାରାବରଣ କରିଥିଲେ । ନିଜେ ଗୀତ ଲେଖି ସ୍ୱର ଦେଇ ଗାୟନରେ ସେ ଥିଲେ ସିଦ୍ଧହସ୍ତ । ସାମ୍ରାଜ୍ୟବାଦ ଫିରିଙ୍ଗି ଶାସନ ବିରୋଧରେ ସ୍ୱର ଉଠେଇ ଦେଶାତ୍ମବୋଧକ ଗୀତଟିଏ ଗାଇଥିଲେ -

'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନରେ
ଗାଏ ସାଗର, ଭୂଧର ଅମ୍ବର ଚୁମ୍ବିତ
ଭାଲ ହିମାଚଳ ଗିରିବର କମ୍ପିତ- ସ୍ୱାଧୀନ ସ୍ୱାଧୀନରେ ।'

ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ' କବିତାଟିରେ ଓଡ଼ିଶାର ହୃତ ଗୌରବକୁ ଉଜ୍ଜୀବୀତ କରିବାପାଇଁ ଚେଷ୍ଟିତ ହୋଇଥିଲେ ।

'ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ ।
ପୃଥ୍ୱୀ ବିଦାରି ବାରବାଟୀ ମଢା ଉଠ ଉଠ ଚଂଚଳ
ଖୋର୍ଦ୍ଧାର ଶତ ସର୍ଦ୍ଦାର କର ଶିର ଉନ୍ନତ ଭର
ଉଠ କଙ୍କାଳ ଛିଡୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ।'

ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ରୁଚି ରଖିଥିଲେ । ୧୯୦୮ ମସିହାରେ ଉତ୍କଳ ସମ୍ମିଳନୀ ପାଇଁ ମଧୁସୂଦନ ଦାସଙ୍କ ଅନୁରୋଧ କ୍ରମେ ସର୍ବୋଷାଂ ନୋ ଜନନୀ ଭାରତ.. ଧରଣୀ କଳ୍ପଲତେୟଂ କବିତାଟି ଲେଖିଥିଲେ । କ୍ରମଶଃ ଏହି ସୁମଧୁର ଲଳିତ ଦେଶାତ୍ମବୋଧକ କବିତାଟି ସମ୍ମିଳନୀ ମଣ୍ଡପରେ ଗାନ କରାଯାଇଥିଲା ଏବଂ ଜନାଦୃତି ଲାଭ କରିଥିଲା । ବେଶ୍ ଖୁସି ଖବର ଯେ

ଏଭଳି ଉଚ୍ଚକୋଟୀର ସଙ୍ଗୀତଟି ଗ୍ରଧାନାଥଙ୍କୁ ସର୍ବଭାରତୀୟ ଦେଶାତ୍ମବୋଧକ କବି ଭାବରେ ପରିଚିତି ଆଣିଦେଲା ।

ନାରୀକବି କୁନ୍ତଳା କୁମାରୀ ସାବତ ସ୍ୱାଧୀନତା ଆନ୍ଦାଳନରେ ଇଂରେଜୀମାନଙ୍କ ବିଦ୍ରୂପ ଶୁଣିଛନ୍ତି । ଓଡ଼ିଆ ଦେଶପ୍ରେମୀର ଦୁଃଖ କାହାଣୀ ଶୁଣି କାତର ହୋଇଛନ୍ତି । ସରଳ, ତରଳ ମା' ମନ କାନ୍ଦିଉଠିଛି । ତାଙ୍କର କବିତାରେ ସେ ଲେଖିଥିଲେ -

'ପଖାଳ ଗଣ୍ଡାକୁ ଟିପେ ନାହିଁ ଲୁଣ, ବାହୁନବା କସ ଶାସନର ଗୁଣ
ଅପୂର୍ବ ରଚନା ଶାସନ ପ୍ରଣାଳୀ, ତେନ୍ତିଶକୋଟି ଯା' କବଳେ କାଙ୍ଗାଳୀ ।'

ପାଇକ ପୁଅ ସ୍ୱାଭିମାନୀ । ହାରିବାର ସ୍ୱପ୍ନ ଦେଖିନ । ବ୍ରିଟିଶର ଲୋମହର୍ଷଣକାରୀ ଦୃଶ୍ୟରେ ସେ ମୁହ୍ୟମାନ ନୁହେଁ । ଅବିଚଳିତ ଢଙ୍ଗରେ ତଲବାର, ଖଣ୍ଡା ଚଳାଇ ବ୍ରିଟିଶ ଶାସନକୁ ଅଣାୟତ କରିପାରିଛି । ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିପ୍ଳବୀ କବି ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଲେଖିଛନ୍ତି -

'ପାଇକ ପୁଅର ଢାଲ ତଲବାର କଳଙ୍କ ଲାଗିବ ନାହିଁ
ଏବେ ବି ଜାଗିଛି ଖୋରଧା ପାଇକ ମୁକ୍ତି ସଂଗ୍ରାମ ପାଇଁ । '
(ସୌଜନ୍ୟ-ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବ ର ସ୍ମରଣିକା ଶୌର୍ଯ୍ୟ)

ରଣପୁର ମାଟିର ସୁଯୋଗ୍ୟ ସନ୍ତାନ ଶହୀଦ ଦିବାକର ପରିଡ଼ା ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ଗଡଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ । ଓଡ଼ିଆ ସଂସ୍କୃତି ଜନସାଧାରଣଙ୍କ ପ୍ରତି ଶ୍ରଦ୍ଧା ଏପରିକି ମାତୃଭୂମି ପ୍ରତି ମୋହ, ମାୟାକୁ ସାଉଁଟି ଥିଲେ । ବ୍ରିଟିଶ ବାହିନୀକୁ ପରାହତ କରି ଦେଶ ସ୍ୱାଧୀନ କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ନିଜ ଜୀବନକୁ ପାଣି ଛଡେଇ ଦେଶମାତୃକାର ସେବାରେ ବ୍ରତୀ ହୋଇଥିଲେ । ସେ ଲେଖିଥିବା ଏକ କବିତାର କିୟଦଂଶ ହେଲା -

'ସ୍ୱାଧୀନ ରଖିବେ ଜନମଭୂଇଁକି
ଚିର ଦିନ ପାଇଁ ଫିରଙ୍ଗୀକୁ ଟେକ
ପୂର୍ଣ୍ଣ ହେବ ସତେ ଦିବାକର ଆଶା
ସୁଜଳା, ସୁଫଳା, ସମୃଦ୍ଧ ଓଡ଼ିଶା ।'

ଶିଶୁ ମନରେ ଉତ୍କଳ ପ୍ରୀତିରେ ମହକ ବୋଳଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ କବିତା ସଂକଳନ 'ଝୁମୁକା ' ର 'ଓଡ଼ିଶା ମୋର ଦେଶ ' ରେ ଲେଖିଛନ୍ତି -

'ଏଇ ଦେଶର ପାଣି ପବନେ ଶରୀର ହେଲା ଗଢା
ଏଇ ଦେଶର ଚାଟଶାଳୀରେ ଶିଖିଲୁ ପାଠ ପଢ଼ା ।
ଏଇ ଦେଶର ସେବାରେ ଆମ ଜୀବନ ହେଉ ଶେଷ,
ଓଡ଼ିଆ ଆମେ, ଓଡ଼ିଆ ଆମେ, ଓଡ଼ିଶା ଆମ ଦେଶ ।'

ଶିଶୁ କବିତାର ବରେଣ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ କୋମଳମତି ଶିଶୁମାନଙ୍କ ମନରେ ଦେଶପ୍ରତି ବୀରତ୍ୱ ଭାବ ଜାଗ୍ରତ କରାଇବା ସଙ୍ଗେସଙ୍ଗେ ସମରକଳାରେ ପାରଦର୍ଶିତା ଦେଖାଇବାର ସୁଯୋଗ ତିଆରି କରିଛନ୍ତି । ନିଜ କବିତା ସଂକଳନ 'ଦେଶ ଓ ଦଶ '-ରେ ସ୍ଥାନିତ କବିତା 'ମୋ ଭାଇଟି ଓଡ଼ିଆ '-ରେ ଲେଖିଛନ୍ତି -

ମୋ ଭାଇଟି ଓଡ଼ିଆ ଥିଲାରେ ଦିନେ ଓଡ଼ିଆ
ମଣୁଥିଲା ସେ ରଣଭୂଇଁକୁ ପିଲାଙ୍କ ଖେଳ ପଡ଼ିଆ ।

ଦେଶର ଗର୍ବ ଓ ଗୌରବ ତ୍ରିରଙ୍ଗା ପତାକା ଆକାଶରେ ଉଡ଼ାଇଲା ବେଳେ ମନେ ପଡ଼ିଯାଏ ପାଠ୍ୟ ପୁସ୍ତକର କବିତାଟିଏ -

ବଜାରେ ବଜା ବାଇଦ ବଜା
ଚଉଦିଗ ଆଜି ସଜାରେ ସଜା ।
କେତେ ଆଶା କେତେ ଆନନ୍ଦ ଆଣି
ଅଗଷ୍ଟ ପନ୍ଦର ଆସିଛି ପୁଣି ।
ଏହି ଦିନ ଆମେ ସ୍ୱାଧୀନ ହେଲୁ
ଆମ ହାତେ ଆମ ଶାସନ ନେଲୁ ।
ଆମେ ଚଳାଉଛୁ ଦେଶ ଆମରି
ଆମରି ନାଆର ଆମେ ନାଉରି ।
ଆମ ଏ ପତାକା ଜାତିର ଟେକ
ଉଡ଼ଇ ଏହାକୁ ଦେଶର ଟେକ
ଏଇ ପତାକାକୁ କର ପ୍ରଣାମ
ଉଡ଼ାଅ ଏହାକୁ ଦେଶ ତମାମ ।

ଓଡ଼ିଶାର ଅଗଣିତ ଜନତାଙ୍କର ସ୍ୱର ଓ ଶକ୍ତିରେ ସ୍ୱାଧୀନତାର ମୁକ୍ତି ସଂଗ୍ରାମ ହେଇଛି ଶକ୍ତିଶାଳୀ । ସାଂସାରିକ ମୋହ ମାୟାକୁ ଏଡ଼ାଇ ପ୍ରିୟ ମାତୃକାର ସମ୍ମାନକୁ ଉଚ୍ଚରେ ରଖିବାକୁ ସତତ ପ୍ରୟାସ ଜାରିରଖିଥିଲେ ଶାଣିତ କାବ୍ୟକବିତାରେ ବ୍ରିଟିଶ ବାହିନୀକୁ ପରାସ୍ତ କରି ସ୍ୱାଧୀନତାର ସ୍ୱାଦ ଗ୍ରହିଥିଲେ ।

ଅଗଷ୍ଟ ପନ୍ଦର ଆସିଲେ ଖୁସି ଲାଗୁଥିଲା ସ୍କୁଲ ପିଲାଙ୍କ ପ୍ରଭାତ ଫେରୀ, ମାର୍ଚ୍ଚ ପାଷ୍ଟ, ପ୍ୟାରେଡ଼ । ବିଭିନ୍ନ ସ୍ଥାନରେ ଦେଶାତ୍ମବୋଧକ ସଂଗୀତର ତାଳେ ତାଳେ ପ୍ୟାରେଡ଼ ସତେ ଯେମିତି ସେ ସ୍ଥାନକୁ ଦେଶଭକ୍ତିରେ ଭରିଦିଏ । ସଭିଙ୍କ ମନରେ ଖୁସି..ଖୁସି..ଖୁସି..

ହଁ ଅଗଷ୍ଟପନ୍ଦର ଆସିଛି । ହେଲେ ମୌନ ହୋଇଯାଇଛି ସେ । ମନରେ ସରସତା ନାହିଁ । ବୋଧହୁଏ, କଏ ଜଣେ କହିଦେଲା- ହେ ପ୍ରିୟ ଅଗଷ୍ଟ ପନ୍ଦର, କରୋନାର ଭୁତାଣୁରେ ତୁମେ ବି ସଂକ୍ରମିତ ହୋଇଯିବ । ତୁମକୁ ସ୍ୱାଗତ କରିବାପାଇଁ ଏ ଦେଶବାସୀ ଯେତେ ଆତୁର ହେଲେ ବି ସାମାଜିକ ଦୂରତାର କଟକଣାରେ କବଳିତ । ମୁହଁର ତୁଣ୍ଡୀଟିଏ ମାରି ଜାତୀୟ ସଂଗୀତ ବୋଲିବାକୁ ପଛେଇଯାଉଛନ୍ତି । ଗ୍ରାମାଞ୍ଚଳେ ଖୁସିବାସିର ମାହୋଲ ଫିକା ପଡ଼ିଯାଉଛି । ଜାତୀୟ ପତାକାକୁ ଛୁଇଁବାକୁ ସଂକୋଚ ମନେ କରୁଛି ଏ ମାନବ ଜାତି । କାଳେ କେତେବେଳେ କରୋନ ଭୁତାଣୁ ପଶିଯିବ ଦେହ ଭିତରକୁ । ଏକାଠି ହେବାରେ ଭୟ କରୁଛି । କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ କରୋନା ଭୁତାଣୁ ଗୋପନ ସଂକ୍ରମଣ କରିବ ବୋଲି । ଗ୍ରାମାଞ୍ଚଳେ ଏବେ କେବଳ କରୋନା..କରୋନା.. ଆକ୍ରାନ୍ତ ମଣିଷର ସଂଖ୍ୟା ଗଣିହେଉନ ସହଜରେ । ମୃତ୍ୟୁର ଜାଲରେ ଛନ୍ଦି ହୋଇଥିବା ଆତ୍ମୀୟ ସ୍ୱଜନଙ୍କ ସଂଖ୍ୟା ବି କମ୍ ନୁହେଁ । ଏଠି ଶବ ଛୁଇଁବା ମନା । ଏଠି ମଶାଣି ଯିବା ବି ମନା । ଖାଲି ସଂଗରୋଧ। ରାସ୍ତାଘାଟ ଅବରୋଧ ।

ଥରୁଟିଏ ଭାବିଲେ- ସତରେ ତିରଙ୍ଗା ପତାକାର ସ୍ୱପ୍ନ ଦେଖୁଥିବା ମହାମନୀଷୀମାନେ ଆଜି କଉଳ ଅଛନ୍ତି । ଭଲଭାବରେ ଦେଖିପାରୁଛନ୍ତି ଏ ଦେଶର ବର୍ତ୍ତମାନ ପରିସ୍ଥିତି ଆଉ ଭବିଷ୍ୟତ । ସେମାନଙ୍କ ଆଖି ଲୁହ ଛନ୍ଦି ହୋଇରହିଯାଉଛି ଆଖି କୋଣରେ ।

ତଥାପି ଉଡ଼େଇବାକୁ ପଡୁଛି ଭାରତର ସମ୍ମାନ ଜାତୀୟ ପତାକା । ଗାଇବାକୁ ଦେଶ ବନ୍ଦନା ତୁଣ୍ଡି ଭିତରେ । ।

ଏଲ୍.ଆଇ.ଜି-୧୫
ନୟାପଲ୍ଲୀ ବ୍ରୀଟ୍ କଲୋନୀ,ଭୁବନେଶ୍ୱର

# କବି



ଗୁରୁକଲ୍ୟାଣ ମହାପାତ୍ର

ସେ ତ ପ୍ରକୃତରେ କବି !
ଯିଏ ଅନାୟାସରେ ଲେଖି ପକାଏ
କବିତା ! ଗାଇଯାଏ ମନଇଚ୍ଛା
ଗୀତ ସବୁକୁ?

ନା, ନା, ସେ ହିଁ ପ୍ରକୃତ କବି
ଯିଏ ହୋଇଯାଏ କ୍ରାନ୍ତଦର୍ଶୀ,
ଅଗଣିତ ପାଠକଙ୍କ ହୃଦୟକୁ
ଯିଏ ଛୁଇଁପାରେ ସହଜରେ
ଆଉ ଗୀତରେ ତା ମୁଗ୍ଧ
କରିଦିଏ ଅଗଣିତ ଶ୍ରୋତାଙ୍କୁ ।
ଜଣକର ଖେତାବ ତ
ବଡକଥା ନୁହେଁ କବିର
ଭାଗ୍ୟରେ ।
କବି ସବୁବେଳେ କବି
ତା କାବ୍ୟିକ ଆବେଗରେ
ଥାଏ ଖାଲି ସୁମନର ସୁରଭି ।
ତା ଅଭିଶାପରେ ଅଜାଣତେ
ଜଳ ପୋଡି ଯାଏ ଅହିତକାରୀର
କଇତବ କଥାସବୁ ।
ପ୍ରଶଂସାରେ କବି କେବେ ହୁଏନାହିଁ

ଆତ୍ମହରା, ଦୁଃଖରେ ବି ଭାଙ୍ଗିପଡି
ବିଚଳିତ ହୁଏନି ସେ କେବେ ।
ତା ସୁଖରେ ସେ ଆନନ୍ଦ ପାଏ ସତ,
ମାତ୍ର ଅତ୍ୟଧିକ ଆନନ୍ଦରେ
ସେ ହୁଏନାହିଁ ବାଟବଣା,
ସ୍ଥିତପ୍ରଜ୍ଞ ସେ ଯେପରି ।
ତାର କବି ସତ୍ତାଟି ସାର୍ଥକ ତେଣୁ
ଯେବେତୁ ବାହ୍ୟିକ ହିରଣ୍ୟର
ଲୋଭକୁ ପରିହାର କରି ସେ
ଅନ୍ତର୍ନିହିତ ସତ୍ୟର ଉଦଘାଟନ
କରିଥାଏ ନିଜେ, ଯଦୁର୍ବେଦରେ
ଥିବା କଥା ପରି ।
କାବ୍ୟଲୋକରେ କବିର ସୃଷ୍ଟି
ତେଣୁ ଆହୁରି ଉଜ୍ଜ୍ୱଳି ଉଠେ ।

କବିର ଇତି ହେଲେ ହେଉ ପଛେ,
ସେ ଇତିହାସ ପାଲଟିଯାଏ
ଆଉ ବଞ୍ଚିରହେ ତା ସୃଷ୍ଟି ସମ୍ଭାରରେ
ଚିରକାଳ । କି ବିଚିତ୍ର ଭାଗ୍ୟ ସତ
କବିର ଯେ ! ନାହିଁ ପଟାନ୍ତର ।

ଭୁବନେଶ୍ୱର

# ଅଳି



ମୀନାକ୍ଷୀ ପାଢ଼ୀ

ଲେଉଟାଣୀ ସୁରୂଜ
ବୁଣିଦିଏ ମୁରୁଜ,
ଗୋଧୂଳି ଲଗନ ହୁଏ ସାହାନାଇର ଝଙ୍କାର,
ଅସ୍ତଗାମୀ ରକ୍ତାଭ ରେ
ସଦ୍ୟସ୍ନାତା ପ୍ରେୟସୀ ମୁଁ,
ଅଳି ମୋର ଅଂଶୁମାନ, ଆହେ ଦିବାକର,
କପାଳେ ମୋ ଭରିଦିଅ
“ଟୋପାଏ ସୁନ୍ଦୁର”.....

ଜହ୍ନଧୂଆ ରାତିରେ
ଚନ୍ଦ୍ରମାର ସାଥିରେ,
ବଧୂ ସାଜି ମୁଁ ଯେ ଆଜି ପ୍ରଣୟର ଦୁଆରେ,
ଆଖିର କଜଳଗାର ମେଘର ମହ୍ଲାର,
ଗଗନର କୋଳେ ସଜାଇଛି ମୁଁ ବାସର,
ପ୍ରଣୟ କଟାକ୍ଷ ତୋଳ ଅଳି ମୋର ପ୍ରିୟତମ,
ଗଭାରେ ମୋ ସାଜିଦିଅ ଆଞ୍ଜୁଳାଏ
“ତାରକା କୁସୁମ”....

ପ୍ରଶାନ୍ତ ଏ ବେଳାଭୂମି
ଆଉ ଉନ୍ମାଦ ଲହରୀ
ଛୁଇଁ ଯାଏ କୂଳ ପୁଣି ଖେଳେ ଲୁଚକାଳୀ,

ଲଭିବାକୁ ତାର ବିଶାଳତା,
ମାପିବାକୁ ତାର ଗଭୀରତା,
ସିନ୍ଧୁ ଠାରେ ମୋର ଏଇ ଅଳି,
ଅନନ୍ତ ସେ ସୁବିଶାଳ ବକ୍ଷ,
ପାଇବାକୁ ଖଣ୍ଡେ
“ନୀଳ ଶାଢ଼ୀ”....

ଥାନେ, ମହାରାଷ୍ଟ୍ର

# ମନ ସେପାଖରେ!



ବିକାଶ କୁମାର ମଲ୍ଲୀକ

ସେଇଠିକି ନେଇଯାଅ ମୋତେ,
ଯେଉଁଠି ତୁମ ମୁହଁର ହସ ଛଡା,
ତୁମ ଆଗମନର ପ୍ରତୀକ୍ଷା ଛଡା,
କେବଳ ତୁମେ ଆଉ ତୁମ ଛଡା,
ମୋର କିଛି ଅସ୍ତିତ୍ୱ ନଥିବ?

ସେଇଠିକି ନେଇଯାଅ ମୋତେ,
ଯେଉଁଠି ବାହାର ର ଭ୍ରାନ୍ତି,
କର୍ମ କ ବିଶ୍ରାନ୍ତି, ସବୁରି ଉର୍ଦ୍ଧରେ ତୁମେ ଥିବ,
କେବଳ ତୁମ ସହ ଦିନ କଟୁ ଥିବ,
କେବଳ ତୁମେ ଆଉ ତୁମ ଛଡା,
ଆଉ କିଛି ପ୍ରତୀକ୍ଷା ନଥିବ?

ସେଇଠିକି ନେଇଯାଅ ମୋତେ,
ଯେଉଁଠି ଶୀତ କ ବସନ୍ତ,
ବର୍ଷା କ ରୋଦ୍ରତା,
ସକାଳର ସୁନେଲି ଆଭା,
ସବୁଥିରେ ତୁମ ଛବି ଥିବ,
ଖାଲି ତୁମେ ଆଉ ତୁମ ହସ ଥିବ,
ତୁମ ଛଡା ଆଉ କିଛି ଭାବନା ନଥିବ?

ସେଇଠିକି ନେଇଯାଅ ମୋତେ,
ଯେଉଁଠି ସାଗର ସଙ୍ଗମ,
ପ୍ରେମ କ ପ୍ରଶାନ୍ତି,
ପ୍ରସସ୍ତତା ର ବଳୟ ଭିତରେ,
ଆବେଗର ନରୋଢାଳ ଲୁହ ଉଷ୍ମତାରେ,
ଭୋର ବେଳାର ପାଖି କାକଳରେ,
ଖାଲି ତୁମେ ଆଉ ତୁମ ସ୍ୱର ଥିବ,
ତୁମ ଛଡା ଆଉ କିଛି ଦୃଶ୍ୟ ହିଁ ନଥିବ?

ସେଇଠିକି ନେଇଯାଅ ମୋତେ,
ନଦୀ ଧାରେ ଧାରେ,
ସବୁଜିମା ଭରି ଯାଇଥିବ,
ଦୂର ଦୂର ଖୁବ ଦୂର,
ରାସ୍ତା ସବୁ ହାତ ଠାରି  ଡାକୁଥିବ,
ବାଦଲ ର ଖଣ୍ଡ ଖଣ୍ଡ ଲୁଚକାଳି ଖେଳେ,
ତୁମ ମୁହଁ ଦିଶି ଯାଉଥିବ,
ପ୍ରଶାନ୍ତି ର ବଳୟରେ,
ସମୟର ପ୍ରତିଟି ଛନ୍ଦରେ,
ତୁମ ସହ ମନ ଏକଲୟ ହେଇଯାଉଥିବ!

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ,
ଭାରତ ସରକାର, ନୂଆ ଦିଲ୍ଲୀ

# ସିଏ



ଡକ୍ଟର ବିଜ୍ଞାନୀ ଦାସ

"ସିଏ ତମର କଣ ତାହେଲେ ?" - ଭାଉଜ ପଚାରିଲେ ।

"ଆରେ, ଏମିତି ଗୋଟିଏ ଅଜଣା, ଅଶୁଣା ଝିଅଟିକୁ ତୁ ଗାଁକୁ ନେଇଯିବାକୁ ଏମତି ଜିଦ୍ କଣ ପାଇଁ କରୁଛୁ ? ଗାଁ ଲୋକ କଣ ଏକଥା ସହଜରେ ନେବେ ? ତାପରେ ତୋ ସ୍ତ୍ରୀ ଲାଲି ଏକଥା ଶୁଣିଲେ କଣ ଭାବିବ କହିଲୁ ? ସିଏ ଜଣେ ଏକାକିନୀ ଯୁବତୀ ।"

ଗୋପାଳ ସେମିତି ଜିଦ୍ ଧରି ବସିଥିଲା । ସେ ଯେଉଁ ଝିଅଟି, ଯାହା ସହିତ ତାର ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଫ୍ଲାଇଟରେ ଦେଖାହେଲା, ସେ ଝିଅ ଯିଏ ତା' ପାଖ ସିଟରେ ବସିଥିଲା ଓ କଥାଛଳରେ ସିଏ ଓଡିଶାର ଗ୍ରାମ୍ୟ ଜୀବନ ଅନୁଭବ କରିବାକୁ ଚାହୁଁଛି ବୋଲି କହିଥିଲା, ସେ ଝିଅଟିକୁ ସିଏ ପ୍ରତିଶ୍ରୁତି ଦେଇଦେଇଥିଲା । "ମୋ ଘର ଗାଁରେ । ଆପଣ ଯଦି ଚାହିଁବେ, ତେବେ ମୋ ସହିତ ଆମ ଗାଁକୁ ଯାଇ ଗ୍ରାମ୍ୟ ଜୀବନ ଅନୁଭବ କରିପାରିବେ। ଗାଁରେ ଆମର ଘର ଅଛି ଓ ମୋ ବାପା, ବୋଉ ସେଠି ହିଁ ରହୁଛନ୍ତି ।"

ସେ ଝିଅଟି, ଲଳତା ବି ବହୁତ ଖୁସି ହୋଇଗଲା । କହିଲା, "ଏମିତି ହୋଇପାରିବ ବୋଲି ମୁଁ କେବେବି ବିଶ୍ୱାସ କରିନଥିଲି । ଏତେ ଅଳ୍ପ ଜଣାଶୁଣାରେ ବି ଆପଣ ବନ୍ଧୁତାର ହାତ ବଢେଇଲେ ଓ ମତେ ସାହାଯ୍ୟ କରିବାକୁ ଚାହିଁଲେ, ସେଇଟା ଆପଣଙ୍କର ମହତ ମନର ପରିଚୟ । ନହେଲେ ମୁଁ କେଉଁ ଟ୍ରାଭଲ୍ ଏଜେନ୍ସୀର ସାହାଯ୍ୟ ନେଇ ଗାଁ ଦେଖିବାକୁ ଯାଇଥାନ୍ତି । ହେଲେ ସେଇଟା ସେତେ ପ୍ରାମାଣିକ ହୋଇନଥାନ୍ତା ।"

ବଡ ଭାଇ ଗୋବିନ୍ଦ ଏୟାରପୋର୍ଟ ଯାଇଥିଲେ ରିସିଭ୍ କରିବାପାଇଁ । ଗୋପାଳ କହିଲା, "ଭାଇ, ଲଳତା ମଧ୍ୟ ମୋ ସହିତ ଯିବେ ।"

ଗୋବିନ୍ଦ ଚମକି ପଡିଲେ । ହଠାତ୍ କଛି କହିଲେନ । ଲଳତା ଗୋପାଳଙ୍କ ସହିତ ଗୋବିନ୍ଦଙ୍କ ଘରକୁ ଆସିଲା । ଭାଉଜ ବି ସେମିତି ଚମକି ପଡିଥିଲେ । ଗୋପାଳ କହିଲା,

"ସିଏ ଜଣେ ଗବେଷିକା । ଓଡିଶାର ଗ୍ରାମ୍ୟ ଜୀବନ ବିଷୟରେ ପ୍ରବନ୍ଧ ଲେଖୁଛନ୍ତି । ସେଥିପାଇଁ ଗ୍ରାମ୍ୟ ଜୀବନର ପ୍ରତ୍ୟକ୍ଷ ଅନୁଭୂତି ପାଇବାକୁ ଚାହାନ୍ତି ।"

ଭୁଜଙ୍ଗ କହିଲେ, "ହଉ, ଠିକ୍ ଅଛି । ତମେମାନେ ଧୋଇଧାଇ ହୋଇ ଟିକେ ସତେଜ ହୋଇଯାଅ । ମୁଁ ଖାଇବା ବାଢୁଛି । ତାପରେ କଥା ହେବା ।"

ଖିଆପିଆ ସରିବା ପରେ ଲଳତା ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ କୋଠରିକୁ ଚାଲିଗଲା । ତାର ଜେଟ୍‌ଲାଗ୍ ଯାଇନଥିଲା । ତେଣୁ ସିଏ ନଘୋଡ ନଦରେ ଶୋଇପଡିଲା ।

ଗୋପାଳକୁ ଭୁଜଙ୍ଗ ତାଙ୍କ ଟେରସ୍ ଗାର୍ଡେନ୍ ଦେଖାଉଥିଲେ । ଭାଇ ବି ପଛେପଛେ ଆସିଲେ। ସେଇଠି ସେମାନେ ଏମିତି ଆଲୋଚନା କରୁଥିଲେ ।

ଭୁଜଙ୍ଗ ପ୍ରଥମେ ପଚାରିଲେ, "ସିଏ କଣ ତମ ସହିତ କାମ କରନ୍ତି ।"

- ନା

- ତମ ପଡୋଶୀ ?

- ନା ।

- ଚହ୍ନାଜଣା, ବନ୍ଧୁ ?

- ନା ।

ଭୁଜଙ୍ଗ ବ୍ୟସ୍ତ ହୋଇଗଲେ । ତାଙ୍କ ମନରେ ହଜାର ଚନ୍ତା । "ତମେ ତାଙ୍କୁ ଜାଣିନ । ହଠାତ୍ ଫ୍ଲାଇଟରେ ଦେଖା ହୋଇଗଲା । ତାଙ୍କୁ ଏତେଟା ବିଶ୍ୱାସ କରିବା କଣ ଠିକ୍ ହେଲା? ତାପରେ ତାଙ୍କୁ ଗାଁକୁ ନେଇଯିବାଟା, ଏ ତ ଜମା ଠିକ୍ କଥା ନୁହେଁ ।"

ଗୋପାଳ କନ୍ତୁ କହିଦେଲା, "ଦେଖ ଭୁଜଙ୍ଗ, ଏଠି ରହିଲେ ଯଦି ତମକୁ ଅସୁବିଧା ଲାଗୁଛି, ତେବେ ମୁଁ ଲଳତାଙ୍କୁ କହିବି ସିଏ କେଉଁ ହୋଟେଲ୍ ଚାଲିଯିବେ । ହେଲେ ଆଜିକାଲି ଓଡିଶାରେ ଯେମିତି ଚାଲିଛି, ସିଏ ସହଜରେ ତ ବିଦେଶୀ ବୋଲି ଜଣା ପଡିଯାଉଛନ୍ତି ଓ ତାପରେ ସିଏ ଅତି ସରଳ । କେହି ଯେମିତି ତାଙ୍କ ସରଳତାର ସୁଯୋଗ ନ ନଅନ୍ତୁ । ସେଇଥିପାଇଁ ତାଙ୍କ ବିଷୟରେ ଜାଣିବା ପରେ, ମୁଁ ତାଙ୍କୁ ବନ୍ଧୁତାର ହାତ ବଢେଇଲି । ମତେ ଯଦି କାହାକୁ ସାହାଯ୍ୟ କରିବାର ସୁଯୋଗ ମିଳଛି, ତେବେ ସାହାଯ୍ୟ କରିବିନ କାହିଁକ ?"

ଭାଉଜ ବୁଲେଇ ବଙ୍କେଇ ପଚ୍ଚାରିଲେ, "ସତ କୁହ, ତମର ଲାଲି ସଙ୍ଗେ ଝଗଡା ହୋଇନ ତ? ଆଉ ଇଏ ତମର କୌଣସି ନୂଆ ଗାର୍ଲଫ୍ରେଣ୍ଡ ନୁହଁନ୍ତି ତ?"

ଭାଇଙ୍କ ମନରେ ବି ସେ ପ୍ରଶ୍ନ ଥିଲା । ସତକଥା ହେଲା, ଭାଇ ଡରୁଥିଲେ । ଗାଁକୁ ଗୋପାଳ ଏକା ଯିବ । ତା' ସହିତ ତା ସ୍ତ୍ରୀ ନାହିଁ । ବାର ଲୋକ ବାର କଥା କହିବେ । ସେଠି ସିଏ ଏ ଯୁବତୀଟି ସହିତ ଏକା ରହିବ । ବାପା, ବୋଉ ଏ କଥାକୁ କେମିତି ନେବେ କେଜାଣି ?

ଗୋବିନ୍ଦ କହିଲେ, ""ତୋ କଥା ମୁଁ କିଛି ବି ବୁଝିପାରୁନ । ତୁ ଜମା ସପ୍ତାହଟିଏ ପାଇଁ ଗାଁକୁ ଆସିଛୁ । ଟିକେ ବୁଲାବୁଲି କରିବୁ ।

ଗାଁରେ ବାପା, ବୋଉଙ୍କ ପାଖରେ ରହିବୁ । ତା ଭିତରେ ଏ ଝାମେଲା କାହିଁକି ? ତୁ କଣ ଗାଁ ସଂସ୍କୃତି ଜାଣିନୁ? ଏମିତି

ଗୋଟିଏ ଅଜବ କଥା, ମୋ ମନ ଗ୍ରହଣ କରିପାରୁନ ।"

ସତକଥା କହିବାକୁ ଗଲେ, ସେମିତି ଚିନ୍ତା ବି ଗୋପାଳର ମନରେ ଆସିଥିଲା । ହେଲେ ସେସବୁକୁ ସିଏ ବର୍ଜନ କଲା । ସିଏ ଭାବିଲା, ଜଣେ ମଣିଷ ହିସାବରେ ଆଉ ଜଣେ ମଣିଷକୁ ସଙ୍କୋଚ ମନରେ ସାହାଯ୍ୟ କରିବା ପାଇଁ ଏମିତ ସବୁ ଛୋଟଛୋଟ ପ୍ରତିବନ୍ଧକକୁ ଏ ଏକବିଂଶ ଶତାବ୍ଦୀରେ ଯଦି ଗୋପାଳ ଭଳ ଉଚ୍ଚଶିକ୍ଷିତ ମଣିଷ ଡରିଯିବ, ତେବେ ଅବସ୍ଥା ସୁଧୁରିବ କେମିତି ? ଆମେରିକାରେ ଏତେଦିନ ରହିବା ପରେ ବ୍ୟବସାୟିକ ସଂପର୍କ ବିଷୟରେ ଅନେକ ଅନୁଭବ ଆସିଯାଇଛି ଗୋପାଳର । ପୁଅ, ଝିଅ ପାର୍ଥକ୍ୟକୁ ନେଇ ସହକର୍ମୀ ମାନଙ୍କୁ ବିଗ୍ଭର କରିବା ଭୁଲିଯାଇଛି । ଝିଅ ମାନଙ୍କର ବି ଅନେକ ବୁଦ୍ଧିମତ୍ତା ତା' ନଜରକୁ ଆସିଛି ଓ ସେମାନଙ୍କୁ ସିଏ ସେମାନଙ୍କ ବୁଦ୍ଧିମତ୍ତା ପାଇଁ ସମ୍ମାନ କରିବାକୁ କେବେ ବି ପଛଘୁଞ୍ଚା ଦେଇନ । ଆଉ, ଏ ଯେଉଁ ଝିଅ ଲଳତା, କେତେ ଉଚ୍ଚମନାର ଝିଅ ସତେ ? କେବଳ ଗବେଷଣା କରିବାର ଖିଆଲକୁ ଧରି ସିଏ ଆମେରିକା ଦେଶରୁ ସାହସ କରି ଏ ଦେଶକୁ ଆସିଛି, ପୁଣି ଗୋପାଳର ଜନ୍ମଭୂମି ଓଡିଶା ରାଜ୍ୟକୁ ବାଛିଚ, ଆଉ ସେ ସବୁ ଜାଣି ବି ଗୋପାଳ କଣ ଏତିକି ଟିକେ ସାହାଯ୍ୟ କରିବାକୁ ପଛଘୁଞ୍ଚା ଦେବା ଉଚତ ହୋଇଥାଆନ୍ତା? ଆମେରିକା ଦେଶ ଗୋପାଳକୁ କେତେ କଣ ଦେଇଛି ? ଶିକ୍ଷା, ସମ୍ମାନ, ଅର୍ଥ, ପ୍ରାଚୁର୍ଯ୍ୟ, ଆଉ ଅଖଣ୍ଡ ସ୍ୱାଧୀନତା । ଆମେରିକା ଦେଶର ଜଣେ ନାଗରିକକୁ ତା' ଦେଶରେ କିଛିଟା ସାହାଯ୍ୟ ଯୋଗେଇ ସିଏ କଣ ଆମେରିକା ଦେଶର ଋଣ ଟିକେ ସୁଝି ପାରିବନି ?

ନାନା ଯୁକ୍ତିତର୍କ ପରେ ଭୁଉଜ କହିଲେ, "ଠିକ୍ ଅଛି, ମୁଁ ବି ଗୋପାଳଙ୍କ ସହିତ ଆଉ ସେ ଝିଅ ସହିତ ଗାଁକୁ ଚାଲିଯିବି । ଗୋଟିଏ ସପ୍ତାହ ତ ।"

ସେଇଆ ହେଲା । ଗୋବିନ୍ଦଙ୍କର ଅଫିସରେ ଅନେକ ଜରୁରୀ କାମ ଚାଲିଥିଲା । ତେଣୁ ସିଏ ଯାଇପାରିଲେନ । ସେମାନେ ଗୋଟିଏ ଗାଡି ଭଡା କରି ସେଦିନ ଅପରାହ୍ନରେ ଗ୍ରାମ ଅଭିମୁଖେ ଯାତ୍ରା ଆରମ୍ଭକଲେ ।

କଥାରେ କଥାରେ ବାଟସାରା ଭୁଉଜ ଲଳତାକୁ ମଣ୍ଡେଇ ରଖି ତା' ଠାରୁ ତା' ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଚାହୁଁଥିଲେ। ଏବେ ଗୋପାଳ ବି ଲଳତା ବିଷୟରେ ଅନେକ କଥା ଜାଣିଲା । ଲଳତାର ମା' ଓଡିଆ ଝିଅ । ଅନାଥାଶ୍ରମରେ ବଢିଥିଲେ । ଛୋଟ ବେଳୁ, ସିଏ ଯେତେବେଳେ ଛଅ-ସାତ ବର୍ଷର ହୋଇଥିଲେ, ତାଙ୍କୁ ଜଣେ ଆମେରିକାନ୍ ଦଂପତ୍ତି ପୋଷ୍ୟ କନ୍ୟା ରୂପେ ଗ୍ରହଣ କରିଥିଲେ ଓ ଆମେରିକା ନେଇଯାଇଥିଲେ । ସିଏ ବଡ ହୋଇ ଜଣେ ଶ୍ୱେତକାୟ ଆମେରିକାନ୍ ଯୁବକଙ୍କୁ ବିବାହ କରିଥିଲେ । ଲଳତା ସେମାନଙ୍କ ଝିଅ । ସିଏ ହିଁ ଝିଅକୁ ଓଡିଆ ଓ ଓଡିଶା ସହିତ ଜଡିତ ରହିବାକୁ ପ୍ରେରଣା ଦେଉଥିଲେ । ଝିଅ ବଡ ହୋଇ ସୋସିଆଲ୍ ସାଇନ୍ସ୍ ପଢିଲା । ସିଏ ଅନ୍ୟ ଦେଶକୁ ଯାଇ ସେମାନଙ୍କର ସାମାଜିକ ଜୀବନ ବିଷୟରେ ଗବେଷଣା କରି ଅନେକ ସନ୍ଦର୍ଭ ଲେଖିଛି । ତାର ଓଡିଶା ଆସି ଓଡିଶାର ସାମାଜିକ ଜୀବନ ବିଷୟରେ ଜାଣିବାକୁ ଅନେକ ଆଗ୍ରହ ଥିଲା । ଏବେ ସିଏ ଗୋଟିଏ ଗ୍ରାଣ୍ଟ ପାଇଛି ଓ ସେ କାମ କରିବାକୁ ଓଡିଶା ଆସିଛି । ଭୁଉଜଙ୍କର ଆଉ ଗୋଟିଏ

ଅଦ୍ଭୁତ ପ୍ରଶ୍ନ ବି ଥିଲା, "ଆଚ୍ଛା, ତମ ନାଁ ଲଳତା କାହିଁକି ରଖାଗଲା ? ଏ ଦେଶରେ ତ ଏବେ ସେସବୁ ନାଁକୁ ଲୋକେ ପୁରୁଣା ଫେଶନ୍ର ନାଁ ବୋଲି ଭାବୁଛନ୍ତି ।" ଲଳତା ହସିଥିଲା, "ସେଇଟା ବହୁତ ମଜାର କଥା । ପ୍ରକୃତରେ ମୋ ମା' ଙ୍କର ଅସଲ ନାଁ ଥିଲା ଲଳତା । ହେଲେ ତାଙ୍କୁ ଯିଏ ପୋଷ୍ୟଭାବେ ଆମେରିକା ନେଇଗଲେ, ସେମାନେ ତାଙ୍କ ନାଁ ବଦଳାଇ "ଲରା" ରଖିଦେଲେ। ସେଇଟା ତାଙ୍କୁ ବାଧୁଥିଲା । ସେଣୁ ସିଏ ମୋ ନାଁ ଲଳତା ରଖିଲେ । ଅନ୍ତତଃ ମୋ ଭିତରେ ନିଜ ଅତୀତକୁ ଖୋଜିବାକୁ ଚାହୁଁଥିଲେ କି କଣ?"

ଭୁଉଜ ପଚାରିଲେ, "ତମେ ଏକା ଆସିଲ, ସଂପୂର୍ଣ୍ଣ ଗୋଟିଏ ନୂଆ ଦେଶକୁ । ତମକୁ ଭୟ ଲାଗିଲାନି ? ମାନେ, ତମେ ଖବର ତ ପାଉଥିବ ନା, ଦିଲ୍ଲୀରେ କିଛି ବର୍ଷ ପୂର୍ବେ କଣ ସବୁ ଘଟିଥିଲା ।"

ଲଳତା ଟିକେ ଚନ୍ତା କଲା ଭଳ ମନେହେଲା । ତାପରେ ଉତ୍ତର ଦେଲା, "ହଁ ମା' ମତେ ସେକଥା କହିଥିଲେ । ସେଥିପାଇଁ ସିଏ ମତେ ଦିଲ୍ଲୀରେ ନ ରହି ସିଧା ଓଡିଶାକୁ ଗ୍ଭଲି ଆସିବାକୁ ପଗ୍ରମର୍ଶ ଦେଇଥିଲେ । ତାଙ୍କର ଜଣେ ଓଡିଆ ସହକର୍ମୀଙ୍କ ପିତାମାତା କଟକରେ ରହନ୍ତି । ଦରକାର ହେଲେ ସେମାନଙ୍କୁ ଯୋଗାଯୋଗ କରିବାକୁ ଜଣେଇଥିଲେ । ଗୋପାଳ ଯଦି ମତେ ଅଫର୍ କରିନଥାନ୍ତେ, ତେବେ ମୁଁ ସେମାନଙ୍କୁ ଯୋଗାଯୋଗ କରିଥାନ୍ତି।"

"ଆଚ୍ଛା, ତମେ ବିବାହ କରିଛ ନା ନାହିଁ ?" - ଭ୍ରଉଜ ପଗ୍ଭରିଲେ ।

ଆଉ ଦେଖ, ଲଳତା କଣ ଉତ୍ତର ଦେଲା, "ନା, ବିବାହ କରିନ । ମନେମନେ ଭ୍ରବିଛି, ଯଦି ଜଣେ ଭଲ ଓଡିଆ ଯୁବକଙ୍କୁ କେବେ ଭେଟିବି, ତାଙ୍କୁ ହିଁ ବିବାହ କରିବି । ମା'ଙ୍କୁ ଗୋଟିଏ ସର୍‌ପ୍ରାଇଜ୍ ଦେବି ।"

ଭ୍ରଉଜଙ୍କ ମୁହଁକୁ ସେତେବେଳେ ଦେଖିବାର ଥିଲା । ଗୋପାଳ ତାଙ୍କ ମୁହଁ ଦେଖି ମନ ବୁଝିପାରୁଥିଲା । ସିଏ ହୁଏତ ଭ୍ରବୁଥିଲେ, ଲଳତା ଗୋପାଳ ଉପରେ ଦୃଷ୍ଟି ପକେଇଛି କ କଣ ? ସିଏ ଗୋପାଳକୁ କହିଲେ, "ଆଚ୍ଛା, ତମେ ଭୁବନେଶ୍ୱରରେ ପହଞ୍ଚିଗଲଣି ବୋଲି ଲ୍ଭିଲିକୁ ଜଣେଇଥିଲ ତ ?"

ଲଳତା ପଗ୍ଭରିଲା, "ଲ୍ଭିଲି କଏ ? ସିଏ କଣ ଗାଁରେ ଥିବେ ?"

ଭ୍ରଉଜ - "ନାଁ ସିଏ ଗାଁରେ ନୁହେଁ, ଆମେରିକାରେ ରୁହେ । ଗୋପାଳଙ୍କ ଧର୍ମପତ୍ନୀ । ସାଇଣ୍ଟିଷ୍ଟ ଅଛି ।"

ଲଳତା - "ଆଚ୍ଛା, ମୁଁ ଜାଣିନଥିଲି ।"

ଏହି ସମୟରେ ଡ୍ରାଇଭର୍ ଗାଡି ଗୋଟିଏ କଡକୁ ରଖି କହିଲା, "ବାବୁ, ଆପଣ କହୁଥିଲେ ପଗ୍ଭ ପଇଡ ପାଣି ପିଇବେ ବୋଲି । ଏଠି ଭଲ ପଇଡ ମିଳେ ।"

ଲଳତା କୁରୁଳ ଉଠିଲା । "ମୁଁ ବି ପଇଡପାଣି ପିଇବି" କହି ସିଏ ଗାଡି ଭିତରୁ ବାହାରକୁ ଆସିଲା । ହଠାତ୍ ସେଠି ଲୋକ ଜମା ହୋଇଗଲେ । "ଫରେନ୍ ଲେଡି, କେତେ ଗୋରୀ ଦେଖା ହେଉଛି, ଦେଖିବ ଆସ" କହି, ସମସ୍ତେ ଲଳତାକୁ ଦେଖିବାକୁ ଲ୍ଭଗିଲେ ।

ଲଳତା ପଇଡ ପାଣି ପିଉଥାଏ । ଦେଖଣାହାରିଏ ଠାକୁର ଦେଖିବା ଭଳ ଲଳତାକୁ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଦେଖୁଥାନ୍ତି । ତାର କନ୍ତୁ କଛି ପ୍ରତିକ୍ରିୟା ନଥାଏ । ସିଏ ଆମୋଦ ଅନୁଭବ

କରୁଥାଏ । ପାଣି ପିଇସାରି ସିଏ କଅଁଳ ନଡିଆ ଖାଇବାକୁ ଇଚ୍ଛା ପ୍ରକାଶ କଲା । ତା' ପାଇଁ ନଡିଆ ଆସିଲା ଓ ସିଏ ଅତି ଖୁସିରେ କଅଁଳ ନଡିଆ ଗୋଟାକ ଯାକ ଖାଇଗଲା । "ବହୁତ ସ୍ୱାଦିଷ୍ଟ" କହି ଗାଡି ଭିତରେ ବସିଗଲା । ଗାଡି ଗୁରିପଟେ ଜମିଥିବା ଲୋକ ତାକୁ ସର୍କସ୍‌ର ଜୀବ ଭଳି ଦେଖୁଥାନ୍ତି ।

ସନ୍ଧ୍ୟା ପୂର୍ବରୁ ସେମାନେ ଗାଁରେ ପହଞ୍ଚିଗଲେ । ବାପା, ବୋଉ ଆଗରୁ ଖବର ପାଇ ଲୋକ ଲଗେଇ ସବୁ ରନ୍ଧାରନ୍ଧି କାମ କରାଇଥିଲେ । ଘରଜ ଯାଇ ଘର ବଖରା ସବୁ ପରଖି ଆସିଲେ, ସବୁ ରୁମ୍ ସଫା କରା ଯାଇଥିଲା । ସେଇଥିରୁ ଗୋଟିଏ ରୁମରେ ଲଳତାକୁ ତା ଲଗେଜ୍ ରଖିବାକୁ କହି ସିଏ ନିଜ ରୁମ୍‌କୁ ଗଲେ । ବଜାରରେ ଯେମିତି ହୋଇଥିଲା, ଗାଁରେ ବି ସେମିତି ହେଲା । ଲଳତାକୁ ଦେଖିବାକୁ ଲୋକ ଛୁଟିଲେ ।

"ମହାପାତ୍ରଙ୍କ ଘରକୁ ଗୋଟିଏ ଫରେନ୍ ଲେଡି ଆସିଛି", ପାଖ ତିନ ଗୁରି ଖଣ୍ଡ ଗାଁକୁ ଖବର ଛୁଟିଗଲା । ହଠାତ୍ ଗୋଟିଏ ବଗୁଲିଆ ଟୋକା ପଗ୍ରୁରିଦେଲା, "କଣ ଗୋପାଳ ଭାଇ ଆଉ ଗୋଟିଏ ବାହା ହୋଇପଡିଲେ ?"

ବାସ୍ ସେଇ କଥାଟା ମୁହୂର୍ତ୍ତକ ଭିତରେ ଗୁରି ଖଣ୍ଡ ଗାଁ ଅତିକ୍ରମ କରି ଲାଲି ବାପାଙ୍କର ଗ୍ରାମରେ ପହଞ୍ଚିଗଲା । ସେଠି ରହୁଥିବା ଲାଲିର ଜେଜେ ଲାଲିର ବାପାଙ୍କୁ ଦିଲ୍ଲୀ ଫୋନ୍ କଲେ । ଲାଲିର ବାପା କହିଲେ, "ଏମିତି କେମିତି ହୋଇପାରିବ ? ଗୋପାଳ ତ ଆମମାନଙ୍କ ପାଖରେ ହିଁ ରହୁଥିଲା । ଆଜି ସକାଳେ ଦିଲ୍ଲୀରୁ ଭୁବନେଶ୍ୱର ଗଲା । ହଠାତ୍ କୋଉଠୁ ଆଉ ଗୋଟିଏ ବାହା ହୋଇପଡିବ ? ତାପରେ ସିଏ ଏଠି ଥିବା ବେଳେ, ସବୁଦିନ ଲାଲି ଫୋନ୍ କରୁଥିଲା ।"

ଖବର କେମିତି ଲାଲି ପାଖରେ ଆମେରିକାରେ ପହଞ୍ଚି ଯାଇଥିଲା । ଲାଲି ବିବ୍ରତ ହୋଇପଡିଲା । ଇଏ କ ଅଜବ କଥା ? ଗୋଟିଏ ଦିନ ଭିତରେ ଏତେ ସବୁ ପରିବର୍ତ୍ତନ ? ଗୋପାଳ ଆଉ ଗୋଟିଏ ସ୍ତ୍ରୀ ଲୋକକୁ ନେଇ ଗାଁକୁ ଯାଇଛନ୍ତି ? ସିଏ ପୁଣି ଜଣେ ଅତି ସୁନ୍ଦରୀ ଫରେନ୍ ଲେଡି । ଗୋପାଳଙ୍କର କଣ ଆଉ କେହି ଗାର୍ଲଫ୍ରେଣ୍ଡ ଥିଲେ ? ଲାଲି ହିଁ ତ ତାଙ୍କ ଗାର୍ଲଫ୍ରେଣ୍ଡ ଥିଲା । ତେବେ କଥା କଣ ? ବେଳେବେଳେ ଗୋପାଳ ଅଜବ ବ୍ୟବହାର କରନ୍ତି । ସେଇଟା ତାଙ୍କର ବିଶେଷତ୍ୱ । ସେଇଥିପାଇଁ ତ ଲାଲି ତାଙ୍କ ପ୍ରେମରେ ପଡିଯାଇଥିଲା । ଏବେ ସିଏ ପୁଣି କଣ କରିଛନ୍ତି ?

ଲ୍ଲି ଆମେରିକାରୁ ଫୋନ୍ ଲଗେଇଲା । ସେତେବେଳେ ଗୋପାଳ ଓ ତାଙ୍କ ଭାଉଜ ଖାଇ ବସିଥିଲେ । ଲଳତା ଖାଇବା, ବାଢିବା, ଏମିତି ସବୁର କଛି ଫଟୋ ଉଠାଉଥିଲା । ଲ୍ଲିର ଫୋନ୍ ସେଇ ସମୟରେ ଆସିଲା । ଭାଉଜ କହିଲେ, "ଲଳତା, ଟିକେ ଫୋନ୍ ଧରି ବୁଝିନେଲ, କଏ ଡାକଛନ୍ତି ?" ସିଏ ଭାବିଥିଲେ ହୁଏତ ଗୋବିନ୍ଦ ଭୁବନେଶ୍ୱରରୁ ଡାକଥିବେ। ଲଳତା ଫୋନ୍ ଧରି ପଗ୍ଚରିଲା, "ଆପଣ କଏ କହୁଛନ୍ତି ?"

ଲ୍ଲି ପଗ୍ଚରିଲା, "ତମେ କଏ ? ମୋ ସ୍ୱାମୀଙ୍କର ଫୋନ୍ ତମ ହାତରେ କେମିତି ?"

ଲଳତା କହିଲା, "ମୁଁ ଗୋପାଳଙ୍କ ସହିତ ତାଙ୍କ ଗାଁ ଦେଖିବାକୁ ଆସିଛି । ସିଏ ଖାଉଛନ୍ତି । ମୁଁ ତାଙ୍କୁ ଦେଉଛି ।"

ଗୋପାଳ ଯେତେବେଳେ ଫୋନ୍ ଧରିଲା, ସେପଟୁ ଲ୍ଲିର ରାଗ, କାନ୍ଦ, ଚକ୍ରାର ସବୁ ଶୁଣା ଯାଉଥିଲା । ଭାଉଜ ଖାଇବା ଥାଳ ଘୋଡେଇ ଦେଇ ଉଠିଗଲେ ଓ ଗୋପାଳଙ୍କଠାରୁ ଫୋନ୍ ଛଡେଇ ନେଇ ଆର କୋଠରିକୁ ଗ୍ଚଲିଗଲେ । ସେଠି ସିଏ ଲ୍ଲି ସହିତ କଥା ହୋଇଗଲେ। "ସେମିତି କଛି ନାହିଁ । ଗୋପାଳ ସେ ସ୍ତ୍ରୀ ଲୋକଟିକୁ ସାହାଯ୍ୟ କରିବା ଭଳ ମହତ ଉଦ୍ଦେଶ୍ୟ ପାଇଁ ଫସି ଯାଇଛନ୍ତି । ମୁଁ ଏଠି ଅଛି । ତୁ କଛି ଚନ୍ତା କରନ ।"

ଏମିତି ସପ୍ତାହଟିଏ କେମିତି ବିତିଗଲା, ଜଣା ପଡିଲାନ । ପ୍ରତିଦିନ ସକାଳୁ ଉଠି ଗ୍ଚହା ପିଇ ଲଳତା ଗାଁ ବୁଲିବାକୁ ଗ୍ଚଲି ଯାଉଥିଲା । ଭାଉଜ ତ ଗାଁର ବୋହୂ । ସିଏ କଣ ଆଉ ଲଳତାଙ୍କୁ ନେଇ ଗାଁ ବୁଲନ୍ତେ ? ଆଉ ରହିଲା ଗୋପାଳ । କଥା ସବୁ ଏମିତି ଚୁପ୍‌ଚାପ୍ ଫୁସ୍‌ଫାସ୍ ଗ୍ଚଲୁଥିଲା ଯେ, ସେଇ ଭୟରେ ସିଏ ଲଳତା ଠାରୁ ଦୂରେଇ ଦୂରେଇ ରହୁଥିଲା । କଏ କହୁଥିଲା, "ଗୋପାଳ ଲ୍ଲିକୁ ଛାଡି ଆଉ ବାହା ହୋଇପଡିଛି, ଏଠି ଡ୍ରାମା କରୁଛି ।" ଆଉ କଏ କହୁଥିଲା, "ଗୋପାଳ କଳା କୃଷ୍ଣ ସାଜୁଛି । ସେଠି ରୁକ୍ମିଣୀ ରଖିଛି ତ ଏଠି ରାଧା ସହିତ ନାଚୁଛି ।"

ଗାଁର ପଡିଶା ଘରର ଝିଅମାନେ କନ୍ତୁ ଲଳତାକୁ ଅତ୍ୟନ୍ତ ଭଲ ପାଉଥିଲେ । ସେମାନେ ଅତ୍ୟନ୍ତ ଆଗ୍ରହର ସହିତ ଲଳତାକୁ ନେଇ ଗାଁ ବୁଲେଇ ଦେଖାଉଥିଲେ । ଲଳତା ଦେଖିବାକୁ ଖୁବ୍ ସୁନ୍ଦର ଥିଲା । ଅତି ଧଳା ରଙ୍ଗର ଶରୀର ସାଙ୍ଗକୁ କଳା ରଙ୍ଗର ଆଖି, କେଶ ଓ ଓଡିଆ ଢାଞ୍ଚା ତାକୁ ପୁରାଣ ବର୍ଣ୍ଣିତ ଦେବୀ ମାନଙ୍କର ରୂପର ଔଜଲ୍ୟତା ଦେଉଥିଲେ । ତାପରେ ତାର ସରଳ ପ୍ରଶ୍ନ ପଗ୍ଚରିବା ଢଙ୍ଗ ସାଙ୍ଗକୁ ସମସ୍ତଙ୍କ ସହିତ ମିଶିଯିବାର ଢଙ୍ଗ ସେ ଝିଅମାନଙ୍କୁ ତା ନକଟକୁ ଆକର୍ଷିତ କରୁଥିଲେ । ପୁଅମାନେ ବି

ଆକର୍ଷିତ ହେଉଥିଲେ, ତେବେ ମହାପାତ୍ର ଘରର ଅତିଥି ହିସାବରେ ସମ୍ମାନ ଦେଉଥିଲେ । "ଇଏ କଳମ ଶାଗ, ଇଏ ମଦରଙ୍ଗା ଶାଗ" ଠାରୁ ଆରମ୍ଭ କରି, "ଇଏ ହେଲା ଚତୋଉ ପିଠା, ଆଉ ଇଏ ହେଲା ଆରିସା" ଅନେକ କଛି ଜଣେଇଦେବାରେ ସାହାଯ୍ୟ କରିଥିଲେ ସେ ଝିଅମାନେ । ଯଦିଓ ବେଳେବେଳେ ପ୍ରଶ୍ନ ଆସୁଥିଲା, "ସିଏ କଏ ? ତାର ଏ ମହାପାତ୍ର ଘର ସହିତ କ ସଂପର୍କ ?" ଭୁଉଜ ଝିଅମାନଙ୍କୁ ବୁଝେଇ ଦେଇଥିଲେ, "କଏ ଯଦି ସେମିତି କଛି ପଗ୍ଋରେ, ତେବେ ତମେ କହିବ, ସିଏ ଭୁଉଜଙ୍କ ଭଉଣୀର ପେନ୍ ଫ୍ରେଣ୍ଡ ।" କଛି ତ କହିବାକୁ ପଡିବ ? ନହେଲେ କଣ ଦୁନଆ ବୁଝିବ ? ପ୍ରତି ମଣିଷକୁ ଗୋଟିଏ ସଂପର୍କର ଚହ୍ନରେ ଚହ୍ନିତ ନକଲେ ସେ ଲୋକ ସହିତ କାରବାର କଣ ? "ସିଏ ଆଉ ଜଣେ ମଣିଷ । ମୁଁ ତାଙ୍କୁ ଜଣେ ଭଲ ମଣିଷର ମଣିଷତ୍ୱର ବିଗ୍ଋରରେ ସାହାଯ୍ୟ କରିବାକୁ ଆଗଭର ହୋଇଛି", ଏମିତି କଥାକୁ କଏ ବୁଝିବ, କୁହତ ?

ଏ ଭିତରେ ଲଳତା କେତେ କଣ ପିଠାପଣା ସବୁ ଖାଇସାରିଥିଲା । କେତେ ରକମର ଗାଆଁର ଓଡିଆ ଖାଦ୍ୟ, ଯଥା ପତରପୋଡା, ବଡିଚୁର୍ଣ୍ଣ, ଭଠା ସଜନାଶାଗ ଭଜା ଇତ୍ୟାଦି ଗ୍ଋଖି ସାରିଥିଲା । ପ୍ରତିଦିନ ର୍‌ତିରେ ସିଏ ତା କଂପ୍ୟୁଟରରେ ତାର ଅନୁଭୂତି ଲେଖି ରଖୁଥିଲା ଓ ଫଟୋ ଟ୍ରାନ୍ସଫର୍ କରୁଥିଲା । ଏ ଭିତରେ ସମସ୍ତେ ଲଳତାକୁ ଆପଣେଇ ନେଇଥିଲେ । ଲଳତା ବି ସମସ୍ତଙ୍କୁ ଆପଣେଇ ନେଇଥିଲା । ଭୁଉଜଙ୍କର ଓ ଲଳତାର ବନ୍ଧୁତା ବି ବଢିଯାଇଥିଲା । ବୋଉ, ବାପାଙ୍କ ସହିତ ପ୍ରତି ସନ୍ଧ୍ୟା ସମୟରେ ସିଏ ଘଣ୍ଟାଏ ଲେଖାଏଁ ଗପ କରୁଥିଲା । ଅଜବଅଜବ ପ୍ରଶ୍ନ ସବୁ ପଗ୍ଋରୁଥିଲା । "ଆପଣ ଆଣ୍ଟିଙ୍କୁ ଦେଖିନଥିଲେ ଆଉ ଆଣ୍ଟିବି ଆପଣଙ୍କୁ ଦେଖିନଥିଲେ, ତଥାପି ଆପଣ ଜୀବନସାର୍‌ ସାଥୀ ହେବାକୁ ହଁ କହିଦେଲେ ? କେମିତି ? ଏଇଟା ସତରେ ବଡ ଅଜବ କଥା ।"

ସପ୍ତାହ ଶେଷରେ ଗାଁରୁ ଫେରିବାର ଦିନ । ସେଦିନ ସାହିପଡିଶାର ସମସ୍ତଙ୍କ ଆଖିରେ ଲୁହ। ଝିଅମାନେ ଆସି ପଗ୍ଋରିଗଲେ, "ଲଳତା ଅପା, ତମେ ଆମ ଗାଁକୁ ପୁଣି କେବେ ଆସିବ କୁହ ।" ଆଉ ସାହିର ଖୁଡୀ ଜଣେ ଆଣି ଲଳତା ହାତରେ ଡବାଟିଏ ଧରେଇଦେଇ କହିଲେ, "ମଠା ପିଠା ଦିଟା ରଖିଛି । ବାଟରେ ଖାଇଦେବୁ ।"

ବାପା, ବୋଉ ଆଶୀର୍ବାଦ କରି ଲଳତାକୁ କହିଲେ, "ମା, ତତେ ଭଗବାନ କୋଟି ପରମାୟୁ ଦେଇଥାଆନ୍ତୁ । ଏ ଅଙ୍କଲ୍, ଆଣ୍ଟିଙ୍କୁ ଭୁଲି ନଯାଉ ଯେମିତି । ତୋ ଫେରିବା ବାଟକୁ ଆମେ ଗ୍ଋହିଁ ରହିଥିବୁ ।"

ସେମାନେ ଭୁବନେଶ୍ୱରରେ ପହଞ୍ଚିଲା ପରେ, ଗୋବିନ୍ଦ ପଚାରିଲେ, "ଗାଁରେ ସବୁ ଠିକ୍ ରହିଲା ତ?"

ଭାଉଜ ତାଙ୍କୁ ସବୁ ବୁଝେଇଦେଲେ । ତା' ପରଦିନ ସକାଳ ଫ୍ଲାଇଟ୍‌ରେ ଗୋପାଳର ଦିଲ୍ଲୀକୁ ଫେରିବାର ଥିଲା । ଦିଲ୍ଲୀରୁ ସିଏ ଆମେରିକା ଫେରିବ । ହେଲେ ତା' ମନରେ ଚିନ୍ତା ଥିଲା, ଏବେ ଲଳତା କେଉଁଆଡେ ଯିବେ ? ଲଳତା କଟକର ଯେଉଁ ଫୋନ୍ ନମ୍ବର ଓ ଠିକଣା ଆଣିଥିଲେ, ସେମାନଙ୍କୁ ଯୋଗାଯୋଗ କରୁଥିଲେ । ସେମାନେ ତା' ପରଦିନ ସକାଳେ ଲଳତାକୁ କଟକ ନେଇଯିବାର ସବୁ ଯୋଜନା ରହିଥିଲା । ସେଇକଥା ଯେତେବେଳେ ରାତ୍ରିଭୋଜନ ସମୟରେ ଆଲୋଚନା ହେଲା, ଗୋବିନ୍ଦ ଲଳତାକୁ ପଚାରିଲେ, "ତମର କଣ ଏଠି କିଛି ଅସୁବିଧା ହେଉଛି ?"

ଲଳତା କହିଲା, "ନାଇଁ ତ ? ଭାଉଜ ତ ମୋ ସାଙ୍ଗ ହୋଇଯାଇଛନ୍ତି । ଏଠି ତ ମୁଁ ବହୁତ ଆରାମରେ ଅଛି ।"

ଗୋବିନ୍ଦ - "ତେବେ ତମର ଓଡିଶାରେ ଯେତେଦିନ କାମ ଅଛି, ତମେ ଏଠି ରହିପାରିବ । କଟକ ଯିବା ଦରକାର ନାହିଁ ।"

ଭାଉଜ ମତାମତ ଦେଲେ, "ହଁ, ଲଳତା ଏଠୁ ଚାଲିଗଲେ ମତେ ଜମା ଭଲ ଲାଗିବନି । ତମେ ହଁ କହିଦିଅନା ଲଳତା । ତମେ ତମ କାମ ଶେଷ ପର୍ଯ୍ୟନ୍ତ ଆମ ପାଖରେ ରହିବ।"

ଲଳତା ବହୁତ ଖୁସି ଥିଲା । ସିଏ ଯାଇ ଭାଉଜଙ୍କୁ କୁଣ୍ଢେଇ ପକେଇଲା । "ହଁ ଭାଉଜ, ମୁଁ ଆପଣଙ୍କ ପାଖରେ ହିଁ ରହିବି ।"

ଗୋପାଳ କହି ଆସୁଥିଲା, "ହେଲେ ସିଏ......" ।

ଗୋବିନ୍ଦ କହିଲେ, "ଥାଉ, ଆଉ କିଛି କହନି । ସିଏ ଆଉ ଜଣେ ଭଲ ମନର ମଣିଷ । ବାସ୍, ସେତିକି ଯଥେଷ୍ଟ ।" ଗୋପାଳର ଆଖି ବିସ୍ଫାରିତ ହୋଇଗଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ମାନସିକ ବ୍ୟାଧି



ଭାସ୍କର ଚନ୍ଦ୍ର ଖଣ୍ଡା

ହୁଏ ନାହିଁ ଦେଖି ତାକୁ
ଦେଖାଇବି ହୁଏ ନାହିଁ
କରି ହୁଏ କେବଳ ଅନୁଭବ
ସେ ତ ଏକ ଅଜାଗା ଘାଆ
ଘୋର ଅନ୍ଧକାର ଭିତରେ
ଚକ୍ ଚକ୍ ଆଲୁଅ ପରି
ଝଲସି ଉଠୁଥାଏ ସିଏ
ବାନ୍ଧି ଗଲେ ଥରେ ସେଇ ବସା
ଭାଂଗେ ନାହିଁ ସହଜରେ
ଆଲୋକରୁ ରହେ ସେ ଦୂରେଇ
ପାଇଥାଏ ଭଲ ଅନ୍ଧାରକୁ ।୧।

ଉଦବେଳିତ ମନ ଖୋଜିଥାଏ ଶାନ୍ତି
ଅନ୍ଧକାର ଭିତରେ କ୍ଷୀଣ ଆଲୋକର ଉତ୍ସ
ରହି ଯାଏ ତୃଷାର୍ତ୍ତ ସେ କ୍ଳାନ୍ତ ପଥିକ
ଦେଖେ ସେଇ ମରୀଚିକା
ଧାଇଁଥାଏ କେବଳ ଆଗକୁ ଆଗକୁ ।୨।

ଥାଇପାରେ ଧନ ମାନ ମର୍ଯ୍ୟାଦା
ହେଲେ ତା ପାଖରେ ସବୁ ତୁଚ୍ଛ
କି ହେବ ସେ ଧନ କି ହେବ ସେ ସମ୍ପତ୍ତି
ହୋଇଥାଏ ଯେବେ ସଂକ୍ରମିତ
ମାନସିକ ବ୍ୟାଧିର ଉତ୍ପତ୍ତି ।୩।

କାହିଁକି ହେବୁ ତା ଶୀକାର
ଖୋଜି ପାଉ ତା'ର ଉପଗ୍ଚର
ଆପଣାଉ ମାନସିକ ଦୃଢତାର ମହୌଷଧି
ଫିଙ୍ଗି ଦେଉ ସାଗର ଗର୍ଭକୁ
ଅଶାନ୍ତର ଢେଉ ସେଇ ମାନସିକ ବ୍ୟାଧି ।୪।

ଅକାଳରେ ନିଏ ସେ ଜୀବନ
ସେ ମହାନଦ୍ରାର ଅନୁସନ୍ଧାନରେ
କରି ଆତ୍ମ ସମର୍ପଣ
ହରାଏ ସମାଜ ସେଠି
କେତେ ସୁଶାନ୍ତ ସିଂ ରାଜପୂତ ।୫।

ହାୟରେ ବିଧାତା !
ଶୁଣନ୍ତୁନ ଥରେ ତା'ର କରୁଣ ବିଳାପ
ନିଶବ୍ଦର ସେ ମହା ଶବଦ
କରିଥାନ୍ତୁ ବଞ୍ଚିତ ସେ ଚରମ ନିଷ୍ପତ୍ତିରୁ
ପାଇଥାନ୍ତା ଖୋଜି ଟିକେ ଆଲୋକର ଉତ୍ସ
କାହିଁକି ଲେଖିଲୁ ତା କପାଳରେ
ଯନ୍ତ୍ରଣାର ସେ ମହାସମର
ସେଇ ମାନସିକ ବ୍ୟାଧି ।୬।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ମୂଲ୍ୟବାନ ନା ମୂଲ୍ୟହୀନ



ଡ. ପ୍ରସନ୍ନ କୁମାର ବଳ

ଶୁଣିଥିଲି କାଳେ ମାନବ ଜୀବନ ଅଟଇ ତ ମୂଲ୍ୟବାନ,
ମାନବ ଜୀବନ ସର୍ବଶ୍ରେଷ୍ଠ, ଭଗବାନଙ୍କର ଅବଦାନ ।୧।
ସବୁ ଜୀବ, ଜୀବେ ମଧ୍ୟରେ ତ ପୁଣି ମାନବ ହିଁ ରାଜ କରେ,
ସମସ୍ତଙ୍କୁ ନିଜ ଅକ୍ତିଆରେ ଆଣି କାମ ନିର୍ବିଘ୍ନରେ କରେ ।୨।
ଆଜି ବିଜ୍ଞାନର ଅଗ୍ରସର କରି କେତେ ଉଦ୍ଭାବନ କରେ,
ଗଭୀର ଜଳରେ ଗାତମାନ କରି ତେଲ ଉତ୍ତୋଳନ କରେ ।୩।
ଚନ୍ଦ୍ର, ମଙ୍ଗଳରେ ପହଞ୍ଚିବାର ତ କଳା ତାକୁ ଅଟେ ଜଣା,
ସମଗ୍ର ବିଶ୍ୱକୁ ନଷ୍ଟ କରିବାର କଳା ବି ନୁହେଁ ଅଜଣା ।୪।
ମଣିଷ ଆୟୁଷ ବଢାଇ ପାରିଛି ବିଜ୍ଞାନର ପ୍ରଭାବରେ,
ନୂଆ ନୂଆ ପଥ୍ୟ, ଔଷଧ ଆଣିକ କେତେ କାମ ଅବା କରେ ।୫।
ସାରା ଦୁନିଆଁରେ ନୂଆ ନୂଆ କଥା ଉଦ୍ଭାବନ କରିପାରେ,
ପାହାଡ ମଧ୍ୟରେ ସମୁଦ୍ର ତଳରେ ରାସ୍ତା ମଧ୍ୟ କରିପାରେ ।୬।
କିଏ ଶୁଣିଥିଲା ମାଟିତଳେ ପୁଣି ରେଳଗାଡି ଗଡିପାରେ,
ମଣିଷ ବିହୀନ ରକେଟଟି ପୁଣି ଚନ୍ଦ୍ରପୃଷ୍ଠ ଯାଇପାରେ ।୭।
ହେଲେ କଣ ହେଲା କରୋନା ଭୟରେ ସବୁ ଜ୍ଞାନ ଭୁଲିଗଲା,
କାପୁରୁଷ ପରି ଘରିକାନ୍ଥ ମଧ୍ୟେ ନିଜକୁ ଆଦରୀ ନେଲା ।୮।
ମନରେ ମୋହର ପ୍ରଶ୍ନ ଉଙ୍କିମାରେ ଜୀବନର ମୂଲ୍ୟ କଣ,
ଆଜି ଯିଏ ଅଛି, କାଲିକି ନଥିବ ମୂଲ୍ୟହୀନ ଇଏ ଜାଣ ।୯।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ଲକଡାଉନ ଓ ଜୀବନ



ଆଶୁତୋଷ ମେହେର

ଲକଡାଉନ ରେ ନିରବତା ଛାଏ ଜୀବନ ଜଂଜାଳ ଭର୍
ମନ ଭିତରର ଗଭୀରତା ସତେ ଲ୍‌ଗଇ ଅଧୁର୍ ପର୍ ।
ଚଳ ଚଞ୍ଚଳ ସେ ମନର ସାଗର ଅଧୀର ଉଚ୍ଛନ୍ନ କେତେ
କେଉଁ ଦିଗେ ଯିବ ଏ ଜୀବ ଜୀବନ ଅଜଣା ଲ୍‌ଗଇ ସତେ ॥

ଉଦାସେ ମନଟା' ଭର୍କ୍ରାନ୍ତ ଲ୍‌ଗେ ଗୁନ୍ଥା ଗୁନ୍ଥି ହୁଏ ଛନ୍ଦି
ଖୋଲ୍ ଆକାଶର ପକ୍ଷୀ ଟା' ସତରେ ଘରେ ହେଲ୍ ଆଜି ବନ୍ଦୀ ।
ସାଙ୍ଗ ସାଥୀ ଭ୍ବ ଅତି ଆପଣାର ଶୁଭେନା ପଦିଏ କଥା
ତରସେ ପର୍ଣ ଆଖ୍ ଦୁଇ ଭର୍, ଅକୁହା ଗହିର ବ୍ୟଥା ॥

ଜୀବନ କ ଯିବ ହାରି ଏଇ ଯୁଦ୍ଧ ମନେ ଭରେ ଭ୍ରମ ଶଙ୍କା
ଚନ୍ତା ଖାଏ ଗଣ୍ଡି ମନ ଗ୍ଇଜର ରଙ୍ଗ ପଡି ଆସେ ଫିକା।
ହେଲେ ଏ ମାନବ ଲଢିବା ଶିଖ୍ଛି ଶତ୍ରୁ ହେଉ ଯେତେ ବଡ
ବିଜୟ୍ ଆସିବ ଜୀବନ ହସିବ ଧସାଇ ଦୁର୍ଦ୍ଦିନ ଗଡ ॥

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ବିଗତ ରାତିର ଅତିଥି



ଶାନ୍ତିଲତା ମିଶ୍ର

"ଆରେ ତୁମେ ! ଏ ଅବେଳରେ !"

"ହଁ ଚାଲି ଆସିଲି ଟିକେ, ତୁମେ ମନେ ପଡିଗଲ, ତେଣୁ ତୁମ ସହିତ ଦେଖା କରିବାକୁ । ଏ

ଲକ୍ ଡାଉନ୍, ସଟ୍ ଡାଉନ୍ ରେ ଦେଖା କୋଉଠି ହୋଇ ପାରୁଛି ଆଉ ଆଗପରି । ବହୁତ ଦିନରୁ ତୁମ ସହିତ ଦେଖା ହୋଇ ପାରିନ, ବୁଲା ବୁଲି, ଚାଟ ଖିଆ, ସପିଙ୍ଗ କିଛି ହୋଇ ପାରିନ । ଜହ୍ନ ରାତିରେ ନଈ କୂଳରେ ଯାଇ ବୁଲା ବୁଲି ବି ହୋଇ ପାରୁନ ।"

"ହଁ ତା ତ ସତ । ତୁମେ ବର୍ତ୍ତମାନ ବହୁତ କାର୍ଯ୍ୟବ୍ୟସ୍ତ, ଫୋନ୍ କଲ୍ ଚାଟିଙ୍ଗ୍ କିଛି ବି ହୋଇ ପାରୁନ । ହଉ ଭିତରକୁ ଆସ ସନ୍ଧ୍ୟା ସାତଟା ହେଇ ଗଲାଣି । କରଫ୍ୟୁ ରାତି ନଅଟାରୁ ସକାଳ ପାଞ୍ଚ ଯାଏ । ତେଣୁ ତୁମକୁ ନଅଟା ପୂର୍ବରୁ ଫେରି ଯିବାକୁ ହେବ ।" - "ହଁ ଜାଣେ । ତୁମ ହାତରୁ ଚା କପେ ପିଇ ଦେଇ ଫେରି ଯିବି" । "ଏତେବେଳେ ଆଉ ଚା କଣ ପିଇବ ! ରୁହ ମୁଁ ତୁମ ପାଇଁ କିଛି ଖାଇବା ତିଆରି କରି ନେଇ ଆସୁଛି ।" "ଆରେ ନା ନା ତାର କିଛି ଆବଶ୍ୟକତା ନାହିଁ । ମୁଁ ଘରୁ ଖାଇକରି ଆସିଛି । ତମକୁ ଖାଲି ଟିକେ ଦେଖା କରିବାକୁ ଆସିଥିଲି ।" ଚା ସହିତ କିଛି କ୍ରାକର ଓ କିଛି ମିକଶ୍ଚର ଧରି ଟ୍ରେରେ, କିଛି ସମୟ ପରେ ଆସିଗଲା ବିନତା ।

"ହଉ ଚା ତ ପିଇଦେଲି ତୁମକୁ ବି ଦେଖିଦେଲି ଏଥରକ ଚାଲିଯିବି । ପୁଣି କେବେ ଦେଖା ହେବ କହି ପାରିବିନ ।"

ବିବେକ ଚାଲିଗଲା ପରେ ବିନୁ ହାତ ଘଣ୍ଟାକୁ ଚାହିଁଲା ଆରେ ଏଗାରଟା ବାଜିଗଲାଣି । କଥା କଥାରେ ସେ ସମୟ ପ୍ରତି ଧ୍ୟାନ ଦେଇ ପାରିନ । କନ୍ତୁ କାନ୍ଥ ଘଣ୍ଟାରେ ସାତଟା ବାଜିଛି ।

ଘଣ୍ଟାଟା ବନ୍ଦ ଅଛି ନା କଣ ! ବ୍ୟାଟେରି ବୋଧେ ସରି ଯାଇଛି ! କିନ୍ତୁ ବିବେକ ଏତେ ରାତିରେ ଗଲା କେମିତି ! ବାହାରେ ପୋଲିସ୍ ସବୁ ଜଗିଛନ୍ତି । ହୁଏତ ଡାକ୍ତର ମାନଙ୍କୁ ସବୁ ଛାଡ ଏଇ ପରିସ୍ଥିତିରେ । ସେ ତାହାର ଫାଇଦା ବୋଧେ ଉଠେଇଛି । ମନରେ ଟିକେ ଖଟକା, ଯାହା ବି ହେଉ ବିବେକ ସଙ୍ଗେ ବହୁତ ଦିନ ପରେ ଦେଖା କରି ସେ ବହୁତ ଖୁସି ଆଜି । ବିବେକର କୋଭିଡ୍ ଡିୟୁଟି ପଡିଲା ଦିନରୁ ନା ଫୋନ୍ ନା ମେସେଜ୍ । ସେ ଡିୟୁଟିରେ ଥାଏ ନଚେତ୍ ଘରେ ଶୋଇଥାଏ । ଏ ଭୟଙ୍କର ପରିସ୍ଥିତି ଟଳିଗଲା ପରେ ସେମାନେ ପୁଣି ଆଗ ପରି ମିଳାମିଶା କରିବେ ବୋଲି ବିବେକ ପ୍ରତିଶୃତି ଦେଇଥିଲା ।

ଦି ସପ୍ତାହ ହେବ ବିନତାର ମୋବାଇଲ୍ ଫୋନ୍ ଟା ବି ଖରାପ ହୋଇ ଯାଇଥିଲା ଆଜି ଠିକ୍ କରି ଆଣିଛି । ଫୋନ୍ ଠିକ୍ କାମ କରୁଛିକି ନାହିଁ ଜାଣିବା ପାଇଁ ବିବେକକୁ ଫୋନ୍ କରିଥିଲା ଦିପ୍ରହରେ କିନ୍ତୁ ସେ ଉଠେଇ ନଥିଲା । ତା ପରେ କିଛି ସାଙ୍ଗକୁ ଫୋନ୍ କରିଥିଲା ଗପୁ ଗପୁ ଅନେକ ବେଳ ହୋଇ ଯାଇଥିଲା । ତା ପରେ ପରେ ତ ବିବେକ ଆସି ଯାଇଥିଲା। କାଲି ତାକୁ ଫୋନ୍ କରିବ । କେମିତି ସେ ଏ କରଫ୍ୟୁରେ ଘରକୁ ଫେରିଲା । ଏବେ ତାଙ୍କ ଘର ଲୋକ ଶୋଇ ସାରିବେଣି । ଆଉ ଏଇଲେ ଡିଷ୍ଟର୍ବ ନକରିବା ଭଲ ।

ତା ପର ଦିନ ତିନି ଚାରି ଥର ଫୋନ୍ କରି ନିରାଶ ହୋଇଥିଲା । ବିବେକ ଫୋନ୍ ଉଠେଇ ନଥିଲା । ଫୋନ୍ ରିଙ୍ଗ ତ ହଉଛି । କଣ କାରଣ । ହୁଏତ ହସ୍ପିଟାଲ ଡିୟୁଟିରେ ଥିବ । କିନ୍ତୁ ଆଜି ନଥିଲା ବୋଲି କହୁଥିଲା । ହୁଏତ ପରିବାର ଲୋକଙ୍କ କାମରେ ଲାଗି ଯାଇଥିବ। ଏଇଲେ ତ ପରିବାରରେ ସମସ୍ତେ ଘରେ ହିଁ ରହୁଛନ୍ତି । ଶେଷରେ ସନ୍ଧ୍ୟା ବେଳେ ପୁଣି ଥରେ କଲ୍ କଲା, ମଧୁଆ ତାଙ୍କ ଘରେ କାମ କରୁଥିବା ପିଲାଟି ଫୋନ୍ ଉଠେଇଲା । ଏଇ ମଧୁଆ ହାତରେ ଅନେକ ଥର ଚକୋଲେଟ୍ ବା ଫୁଲଗୁଛ ବିବେକ ତା ପାଇଁ ପଠାଏ । ତେଣୁ ମଧୁଆ ବିନତାକୁ ଭଲ ଭାବରେ ଜାଣେ । ବିନତା ବିବେକ ବାବୁଙ୍କୁ ଫୋନ୍ ଦେ କହିବା କ୍ଷଣି ମଧୁଆ ଭେ ଭେ କରି କାନ୍ଦି ଉଠିଲା । -"କିରେ କଣ ହେଲା ? କହୁନୁ କାହିଁକି" ? "ମା ବାବୁ କଣ ଆଉ ଅଛନ୍ତି ସେ ପରା କାଲି ସକାଳେ ଚାଲିଗଲେ ।"

"ଚାଲିଗଲେ ? କୁଆଡେ ଗଲେ !"

"ସାନ ବାବୁ କହିକି ଯାଇଛନ୍ତି ତମକୁ କିଛି ନକହିବା ପାଇଁ । ତେଣୁ ତମକୁ କେହି ଜଣେଇ ନାହାଁନ୍ତି । ବାବୁ ଚାରିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ନିଜେ ହସ୍ପିଟାଲରେ ରହି

ଚକସ୍ରିତ ହେଉଥିଲେ । କାଲି ସକାଳେ ଗ୍ଲିଗଲେ । ଘରେ ସମସ୍ତେ ମୃତ ପ୍ରାୟ । ସେ ହସ୍ପିଟାଲରେ କଛି କୋଭିଡ୍ ଲୋକଙ୍କୁ ଚକସ୍ରା କରିବାକୁ ଯାଇଥିଲେ, ସେଇଠୁ ତ ତାଙ୍କୁ କରୋନା ହୋଇଗଲା । ହସ୍ପିଟାଲରେ ରହିଥିଲେ କାଲି ଗ୍ଲିଗଲେ । କେହି ଶେଷ ଦେଖା ବି କରି ପାରିଲେନ ।"

ସେ ଆଉ ବିଶେଷ କଛି ଶୁଣି ପାରିଲାନ । ହାତରୁ ତାର ଫୋନ୍ ଟା ଖସି ପଡିଥିଲା । ନା ଏହା କେବେ ସତ ନୁହେଁ ! ଏଇଟା ରଙ୍ଗ୍ ନମ୍ବର ହୋଇଥାଇ ପାରିଥାଏ । ସେ କାଲି ରାତିରେ ନଜ ସ୍ୱଚକ୍ଷୁରେ ବିବେକକୁ ଦେଖିଛି । ତାକୁ ଗ୍ଲ ପିଆଇଛି ।

ସେ ଦୌଡି ଗଲା ବସିବା ଘରକୁ ଟ୍ରେ, ଗ୍ଲ କପ୍ କାଲିଠୁ ସେମିତି ଥୁଆ ହୋଇଛି । ସେ ଉଠେଇକ ରୋଷେଇ ଘରକୁ ନେଇ ନଥିଲା । ଯାଇ ଦେଖିଲା ଗ୍ଲ ସବୁ କପ୍ ଭିତରେ ସେମିତି ଅଛି । ଅନ୍ୟାନ୍ୟ ସ୍ନାକ୍ ସେ ଛୁଇଁ ତ ନଥିଲା । ତେବେ ...ତେବେ କଣ ସେ ବିବେକର ଆତ୍ମା ଥିଲା । ବିଶ୍ୱାସ କରି ପାରୁନ । କରୋନା ଯୋଗୁ ସେମାନଙ୍କ ବିବାହ ଏ ବର୍ଷ ବାତିଲ୍ କରାଗଲା । ଆସନ୍ତା ବର୍ଷକୁ ଯୋଜନା ଥିଲା । ବିବେକ ଜଣେ ଡାକ୍ତର ସେ ଏସବୁରେ କେବେ ବିଶ୍ୱାସ ରଖେନା, ବିନତା ବି । ଆତ୍ମା....ଭୂତ କନ୍ତୁ ଏହା କପରି ସମ୍ଭବ? ସେ କେବଳ ଥରୁଥିଲା ଅବିଶ୍ୱାସରେ କ ଭୟରେ ସେ ଜାଣେନା ।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# ମୋର ଭୁଲ ଭାବନା



ଅର୍ଜୁନ ମେହେର (ଆଶ୍ରିତ)

ମଧ୍ୟ ରାତିର କଥା
ଆକସ୍ମିକ ହେଇ ଥିବା ଦୁର୍ଘଟଣା ।
ନା ଗହଳ ଚହଳ ଥିଲା ନା ଲୋକଙ୍କ ର ଏତେ
ଯାତାୟାତ ।
କାଁ ଭାଁ କିଏ କେତେ ବେଳେ ଯା ଆସ କରିବାର
ଜଣା ପଡୁଥାଏ ।
ହେଲେ କାହାର ଯାଏ ଆସେ କ'ଣ ଯେ
ମଝି ରାସ୍ତାରେ ଶୁନଶାନ ରାତିରେ
ଅଟକ କାହାର କ'ଣ ହେଇଛି ବୁଝିବ ?
ସେହି କେଇ ଜଣ ସହୃଦୟ ବ୍ୟକ୍ତିଙ୍କ ଭିତରୁ
କେହି ଜଣେ
ଉଠେଇ ନେଇ ପହଞ୍ଚେଇ ଦେଇଛି ଉଚତ୍
ଠିକଣାରେ, ମୋର ଗନ୍ତବ୍ୟ ସ୍ଥଳରେ ।
ପାହିଛି ସକାଳ !
ସକାଳ ହେଲା ବେଳକୁ ସାରା ସହରରେ ଚର୍ଚ୍ଚା ।
ମୋର ଭାବନା ହେଲା ଭୁଲ ପ୍ରମାଣିତ ?
ନାଁ କେହି ଜାଣିବାର କଥାତ ନୁହଁ
ତା ହେଲେ ଜାଣିଲେ କେମିତି ?
ନା ସେ ସହୃଦୟ ବ୍ୟକ୍ତି ଜଣକ ସାରା ସହରରେ
ପ୍ରଚାର କରିଦେଲେ କ ?
ସମ୍ଭବତ ନୁହଁ, ଏତେ ବଡ଼ ସହର, ଏକା ଜଣେ

ବ୍ୟକ୍ତି
ପଚ୍ଚିଶ ଷାଠିଏ ହଜାର ଲୋକ ବାସିନ୍ଦା, ତା
ହେଲେ ପ୍ରଚ୍ଚୁର ହେଲା କେମିତି ?
ଠିକ୍ ମୋର ମନେ ପଡ଼ିଲା ଜଣେ ଜ୍ଞାନ
ଲୋକଙ୍କର କଥା ।
ଆଖି ଶୋଇଥିଲେ ମଧ୍ୟ ଦେଖି ପାରେ
କାନ  ଶୁଣିପାରେ
ନାକ ଶୁଂଘି ସବୁ ଜାଣି ପାରେ .............?

ଗୌ।ଡ଼ପାଲି, ବୁର୍ଲା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବର୍ଷା ଯେବେ ଆସେ



ପ୍ରାଧାପିକା ଜ୍ୟୋସ୍ନା ରାୟ

୧

ବରଷା ଆସିଲେ ମନେପଡୁ ତୁ
ଭଲ ପାଇଯାଏ ବର୍ଷାକୁ
ବର୍ଷା ସୁଅରେ ସ୍ମୃତି ଭାସୁଥାଏ
ନରେଖେ କାଗଜ ଡଙ୍ଗାକୁ
କାଗଜଡଙ୍ଗା ସେ ବାନ୍ଧି ରଖୁଥିଲା
ଚପଳଛନ୍ଦା ମୋ ମନକୁ
ମନ ଥିଲା ମୋର କେଡ଼େ ସୁକୁମାରୀ
ଲଭି  ସେ ସରଗ ସୁଖକୁ
ସରଗର ସୁଖ  ହଜିଲା ସେଦିନ
ଛାଡ଼ିଗଲୁ ଯେବେ ମିତକୁ।
ମିତକୁ ହରାଇ ହେଲି ଆନମନା
ଖୋଜିଲି ନରେ଼ାଲା ଜହ୍ନକୁ
ଜହ୍ନ ପରି ବଢ଼ି ଷୋଳକଳା ବେଢ଼ି
ଚଳଲି ସଂସାର ପଥକୁ
ସଂସାର ପଥର ଗଜମୁକୁତା ମୁଁ
ସାଉଁଟି ଧରିଲି ହାତକୁ
ହାତୁ ଖସିଗଲା ସବୁ ସୁଖଶିରୀ
ଭେଟିଲି ଛଳନା ମୁଖାକୁ
ମୁଖା ଚହ୍ଲାଇଲା ମିଛ ମାୟାଭରା
ବିଷମ ସଂସାର ହାଟକୁ
ହାଟ ହାଟୋଇ ମୁଁ ନଶିଦିନ ଭାବେ
କାହିଁ ହଜାଇଲି ମିତକୁ
ମନେ ପଡୁନାହିଁ କେଉଁ ଆବେଶରେ
ଟେକଦେଲି କାହା ହାତକୁ।।

୨

ହାଏ ମୁଁ କ କଲି କାହିଁ ହଜାଇଲି
ଧୂଳଖେଳ ପ୍ରାଣମିତକୁ
ସମୟ ବେଳାରେ ଖୋଜୁଛି ଝୁରୁଛି
ସେଇ ସୁରଭିତ ଦିନକୁ
ତା ଦରେ଼ଟି ହସ ତା ପେଲବବେଶ
ଭୁଲି ମୁଁ ପାରୁନ କାହାକୁ
ଅବାରିତ ଲୁହ  ଝରୁଛି  ନୟନୁ
ଝୁରେ ତା ଆପଣାପଣକୁ
ଆ ପିଲାବେଳ ଆ ପିଲାବେଳ
ଫେରେଇ ଦେ ମୋ ମିତକୁ
ଓଦାଓଦା ମାଟି ଓଦାଓଦା ମନ
କୋଳେଇ ନେ ତୋ ଦିହକୁ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ତୁମ ନଦୀ ତୀରେ...

ଶକୁନ୍ତଳା ଗୁପ୍ତା

ଋତୁ ପରେ ଋତୁ ସବୁ ଗ୍ରହଣ କଲି ..
ପରିବର୍ତ୍ତନ ଏବଂ ଆହ୍ୱାନ,
କ୍ଷତି ଏବଂ ଭାଗ୍ୟ
ତୁମ ନିର୍ମିତ ..
ଅନେକ ସୂର୍ଯ୍ୟ, ଚନ୍ଦ୍ର ର ଅନୁଭବ
ପବନ ଏବଂ ବର୍ଷା ର
ଆନ୍ତରିକ ବିଫଳତା,
ପ୍ରେମର ମୂଳରୁ ବଞ୍ଚିତ
ନତ ମସ୍ତକ, ଏକ ବୃଥା ନକଲି ଜୀବନ ପ୍ରତି ।

ମୁଁ କେବେ ଜାଣେ କି?
କେତେ ଦୂର ଯିବାକୁ ବାକି ?
ମୁଁ କାହିଁକି ଏଠାକୁ ଆସିଛି?
କେବଳ ସମୟର ପ୍ରବାହର
ଚଳପ୍ରଚଳ ନଦୀରେ...
କୌଣସି ଦେୟ ନାହିଁ,
ମାଧ୍ୟାକର୍ଷଣ ମୋ 'ନିଜତ୍ୱ' ର ବଳୟରେ ॥

ନିର୍ବିଚ୍ଛିନ୍ନ ଆଗେଇ ଚାଲିଛି
ଅଜ୍ଞାତ ଯାତ୍ରାପଥ ରେ ମୁଁ ଗଡୁଛି
ମୋର କୌଣସି ଯନ୍ତ୍ରଣା ନାହିଁ
ଢାଳିବାକୁ ଲୁହ ନାହିଁ
ମୁଁ ଏକ ବାଲିଗରଡ଼ା,
ତୁମ ନଦୀ ତୀରେ.. ! ??

# ରୁସ୍ତମ୍ କାଫେ



ସୁଲୋଚନା ପଟ୍ଟନାୟକ

ସୁମିତା ଆଜି ଭରି ଖୁସି । ବୋଉ ପାଖରୁ ଚଠିଟିଏ ପାଇବାକୁ ଅପେକ୍ଷାକରି ସିଏ ବ୍ୟସ୍ତ ହୋଇପଡିଥିଲା । ଆଜି ଭଉଜଙ୍କ ପାଖରୁ email ରେ ବୋଉଠାରୁ ଦୁଇଧାଡ଼ି ଲେଖା ଚଠିଟିଏ ପାଇଲା । ପୁଅ ଆଉ ମୁଁ କେମିତି ଅଛୁ ବୋଲି ପଗ୍ଚରିଛି ବୋଉ । ଆଶାକରୁଛି ମୁଁ ନଷ୍ଟୟ ଭଲ ଥିବି । ସେଇ କଥା ଦୁଇପଦ ସୁମିତାକୁ ବଞ୍ଚିବାର ଖୋରାକ ଦିଏ । ସେଇଥିରେ ପାଞ୍ଚ ଛଅ ମାସ ଗ୍ଚଲିଯାଏ । ମନ ଭୁଲିଯାଏ । ସ୍ୱାମୀ ପୁଅର ସଂସାରରେ ସିଏ ହଜିଯାଏ । ଜୀବନର ଯନ୍ତ୍ରଣା ଊଣା ପଡ଼ିଯାଏ । ବେଳେବେଳେ ଭାବେ କାହିଁକି ଏ ଯନ୍ତ୍ରଣା । ବାହା ହେଲା ଦିନୁ ସ୍ୱାମୀତ ସେମିତି । କେଉଁଥିରେ ତାଙ୍କର ପରିବର୍ତ୍ତନ ହୋଇନ । ନଜ କଥାରେ, ନଜ କାମରେ ସିଏ ସବୁବେଳେ ବ୍ୟସ୍ତ । କେଉଁଥିରେ ତାଙ୍କର ଫରକ ପଡ଼େନ । କେଉଁଠିକି ତାଙ୍କର ଯିବାକୁ ଇଚ୍ଛା ହୁଏନ । କାମରୁ ଆସିବାପରେ ଘରେବସି ଟିଭି ଦେଖିଲେ ତାଙ୍କର ଖୁସି । ଓଡ଼ିଆ ହେଉ, ହିନ୍ଦୀ ବା ଇଂରାଜୀ ହେଉ ଖବର ଶୁଣିଲେ ତାଙ୍କର ସମୟ କଟିଯାଏ । ସ୍ୱଳ୍ପରେ ସିଏ ଖୁସି, ବହୁତ କଛି ତାଙ୍କର ଦରକାର ପଡ଼େନ । ଅନେକ ଆଶାନଥାଏ । ନଜ ଉପରେ ବିଶ୍ୱାସକୁ ନେଇ ଜୀବନ କଟାଇବାରେ ତାଙ୍କର ଦ୍ୱିଧା ନଥାଏ । ବୋଉପରି କମରେ ସିଏ ସନ୍ତୁଷ୍ଟ ହୁଅନ୍ତି । ଆକାଶକୁ ଛୁଇଁବାକୁ ତାଙ୍କର ଇଚ୍ଛା ନଥାଏ । ହାତ ପାହାନ୍ତିରେ ଯାହା ମିଳେ ତାକୁହିଁ ନେଇ ମନଖୁସି କରନ୍ତି । ଜାଣେନା କାହିଁକି ସୁମିତାର ଏତେ ଉଚ୍ଚକୁ ଯିବାକୁ ଇଚ୍ଛାହୁଏ । ବେଳେବେଳେ ମନ ଖରାପ ହୁଏ । ଭଗବାନ ଯେତିକି ଯାହା ଦେଇଛନ୍ତି ସେଥିରେ ମନ ଭରିନେବାକୁ ଇଚ୍ଛା ହୁଏନା ।

ସେଦିନର କଥା ଆଜି ମନେ ପଡୁଛି । ଷୋଡ଼ଶୀ ସୁମିତା ନୂଆନୂଆ କଲେଜ ଯାଉଥାଏ। କଲେଜ କୁଇନ ହେବାର ସ୍ୱପ୍ନ ବି ତାର ନଥାଏ । କନ୍ତୁ ହଠାତ ଦିନେ ଶୁକ୍ରବାର ବଟାନୀ

କ୍ଲାସ ଶେଷକରି ଘରକୁ ଫେରିଲା ବେଳେ ମନୋଜ ସହ ବାଟରେ ଦେଖା ହୋଇଗଲା | ପଛରୁ କାହାର ଦୌଡ଼ିବାର ପାଦଶବ୍ଦ ଶୁଣିଥିଲା | କିନ୍ତୁ ପଛକୁ ଚାହିଁ ଦେଖି ନଥିଲା | ପଛକୁ ଅନାଇବାର ସାହସବି ନଥିଲା ତା'ର | କିନ୍ତୁ ମନୋଜ ଅଳ୍ପ ସମୟ ଭିତରେ ତା ପାଦରେ ପାଦ ମିଶାଇ ଚାଲିବାକୁ ଲାଗିଲା | ଧଇଁସଇଁ ସ୍ୱରରେ "ସୁମିତା" "ସୁମିତା" ଡାକ ପାଖକୁ ଆସି କହିଲା, "ସୁମିତା ତୁମପାଇଁ କିଛି ପ୍ରଶ୍ନାବଳୀ ନେଇ ଆସିଛି, ହୁଏତ ପରୀକ୍ଷାରେ ପଡିପାରେ | ଦରକାର ଭାବି ପଢିନେଲେ ହୁଏତ କାମରେ ଲାଗିଯାଇ ପାରେ|" ସୁମିତା ନାହିଁ କରିପାରିଲା ନାହିଁ | ପ୍ରଶ୍ନଗୁଡିକ ଦୁଇଫର୍ଦ କାଗଜରେ ସୀମିତ ଥିଲା | ଭାଗ୍ୟରେ ଥିଲେ ହୁଏତ ସେଇ ପ୍ରଶ୍ନଗୁଡିକ ପରୀକ୍ଷାର ପ୍ରଶ୍ନମାନଙ୍କରେ ଦେଖା ଦେଇପାରେ | ସୁମିତା ମନେମନେ ଖୁସିହୋଇ, ମନୋଜକୁ ଧନ୍ୟବାଦ ଜଣାଇ, ପ୍ରଶ୍ନାବଳୀ ଧରି ହଷ୍ଟେଲକୁ ଫେରିଲା | ଦେଖିଲା ମନୋଜ ତା'ର ନଉ ହଷ୍ଟେଲର ରାସ୍ତାନେଇ ଫେରିଗଲା। ରୁମକୁ ଯାଇ ଦେଖିଲା, ରୁମମେଟମାନେ ମୁଢି ଓ ବରା ନେଇ ଗଳ୍ପରେ ମାତିଛନ୍ତି| ଏ ସମ୍ବଲପୁରୀ ରୁମମେଟ ମାନଙ୍କ ଆଦବ ପୂରା ଅଲଗା | ସେମାନେ ମୁଢି ସହ ବରା ଓ ଆଳୁଚପ ଖାଇବାକୁ ଭଲ ପାଆନ୍ତି| କିନ୍ତୁ ତା' ସାଙ୍ଗ ଗିରିବାଳା ବାରିପଦାରୁ ଆସିଛି| ତା'କୁ ମୁଢି ସହ ମାଂସ ତରକାରୀ ଭଲଲାଗେ | ସୁମିତା ତା'ର ସାଙ୍ଗମାନଙ୍କ ସାଥିରେ ପଡି ବିଭିନ୍ନ ଖାଦ୍ୟର ସ୍ୱାଦ ଚାଖି ଆନନ୍ଦିତ ହୋଇଥାଏ | ଭୁବନେଶ୍ୱରରେ ଜନ୍ମ ସୁମିତାର ଏବଂ ସିଏ ସେଇଠି ବଢିଛି ମଧ୍ୟ| ଦୁଇନମ୍ବର ହାଇସ୍କୁଲରୁ ପାଶ ପରେ , ଦୁଇବର୍ଷ ରମାଦେବୀରେ ପଢି ରେଭେନସାକୁ ସିଏ ବଦଳ କରି ନେଇଥିଲା| ଭାଗ୍ୟକୁ ବଟାନୀ ଅନର୍ସରେ ସିଟ ମିଳି ଯାଇଥିଲା | ୧୬ଟି ମାତ୍ର ସିଟ ଥାଏ ସେତେବେଳେ| ଅତି ଭଲ ଛାତ୍ରୀ ଭାବରେ ନାଁ ଥାଏ ସୁମିତାର | ବାପାଙ୍କ ଡର ହେଉ ବା ନିଜର ସ୍ୱାର୍ଥ ହେଉ, ପଢାପଢ଼ିରେ ମନଦେଇ କଲେଜ ପାସ କରିଗଲେ ଚାକିରୀ କରିବାକୁ ସୁବିଧା ହେବ ଭାବି ସୁମିତା ପଢାପଢ଼ିରେ ବିଶେଷ ମନ ଦେଇଥାଏ | ବେଳେବେଳେ ବର୍ତ୍ତମାନତାରେ ସିଏ ଖୁସି ହୋଇପାରି ନଥାଏ | କାହିଁକି ଭଗବାନ ତାକୁ ଏଇ ପ୍ରଥମ ମହଲାର ନଅ ନମ୍ବର ରୁମରେ ସିଟ ଦେଲେ ସିଏ ଜାଣେନି| ସେଥିପାଇଁ ମିନିଅପାଙ୍କ ଭଉଣୀ ସାରଦା ଅପା ଯିଏ ହଷ୍ଟେଲ୍ ସୁପରିନଟେଣ୍ଡେଣ୍ଟ ଥିଲେ ତାଙ୍କୁ କହି ରୁମ ବଦଳାଇବାର ଚେଷ୍ଟା କରିଥିଲା | ଶେଷକୁ ଶେଷ ସିଦ୍ଧାନ୍ତରେ ସିଏ ପହଞ୍ଚି ପାରିଲାନି | କାରଣ ନଅ ନମ୍ବର ରୁମ ବଦଳରେ ତାକୁ ଡର୍ମିଟୋରୀରେ ରହିବାକୁ ହେବ ଯେଉଁଠି ୪/୫ ଜଣଙ୍କ ବଦଳରେ ୨୦/୩୦ ଜଣଙ୍କ ସହ ରହିବାକୁ ପଡିବ | ଏସବୁ ତା'ର ଅଭୁଲା

ଅତୀତ । ସିଏ ନିଜେ ବିଶ୍ୱାସ କରିପାରୁନି ଯେ ବର୍ତ୍ତମାନ ସିଏ ହଷ୍ଟେଲ୍ ସୁପରିନଟେଣ୍ଡେଣ୍ଟ ହୋଇଛି । ପାଖରେ ପୁଅକୁ ନେଇ ରହୁଛି । ସ୍ୱାମୀ ଦିଗନ୍ତ ବାଲେଶ୍ୱରରେ ରହନ୍ତି । ତାଙ୍କର ଗ୍ଚକରୀ ନେଇ ସିଏ ବ୍ୟସ୍ତ । ବାଲେଶ୍ୱର କଲେଜର ଅଧ୍ୟାପକ ହିସାବରେ ପ୍ରାୟ ୧୬ ବର୍ଷ ହୋଇଗଲାଣି । ଅନେକ ଚେଷ୍ଟା କଲେଣି ଭୁବନେଶ୍ୱର ବା କଟକର କେଉଁ କଲେଜକୁ ବଦଳି ହୋଇଗଲେ ଭଲ ହୁଅନ୍ତା । ସେ, କଲେକଟରିଏଟରେ କାମ କରୁଥିବା ଅନିରୁଦ୍ଧ ବାବୁଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଇ ବଦଳି ହେବାକୁ ଚେଷ୍ଟା କରିଛନ୍ତି । କୌଣସି ପ୍ରକାରେ ତାହା ମଧ୍ୟ ହୋଇପାରିନି । ଅନିରୁଦ୍ଧ ପଇସା ନେଇ ଚୁପ ଅଛନ୍ତି । ବାଟଘାଟରେ ଦେଖାହେଲେ ନଦେଖିଲା ପରି ହୁଅନ୍ତି । ମୁଁହାମୁଁହି ହୋଇଗଲେ ଉପାୟ ନଥାଏ । ମନ୍ତ୍ରୀଙ୍କୁ ଟଙ୍କା ପହଁଚ୍ଚାଇଛନ୍ତି, କିନ୍ତୁ କାମ ହୋଇପାରୁନି ବୋଲି ମିଛରେ ଦୁଃଖ କରନ୍ତି । କ'ଣବା କହିହେବ । ଆଜିକାଲିର ମନ୍ତ୍ରୀମାନଙ୍କର ହାତ ସବୁବେଳେ ଲମ୍ବା ଥାଏ । ହାତ ଆଗକୁ ବଢିଥାଏ । କହନ୍ତି, "ଲୋକ ଦେଉଛନ୍ତି, କ'ଣ କହି ମନା କରିବି"। ତୃତୀୟ ପାର୍ଟି ଲୋକ ହେଲେ ଅନିରୁଦ୍ଧ ଦାସ । ଟଙ୍କାରୁ କିଛି ନିଜପାଇଁ ତାଙ୍କୁ ରଖିବାକୁ ପଡେ । ଅଳ୍ପକିଛି ନିଜପାଇଁ ନରଖିଲେ ଏତେ କରିବେ କାହିଁକି, କାହାପାଇଁ ? ଅନ୍ୟକୁ ସାହାଯ୍ୟ କରିବାକୁ ସିଏ କାର୍ପଣ୍ୟ କରନ୍ତି ନାହିଁ । କିନ୍ତୁ କିଛିଅଂଶ ତାଙ୍କର ପ୍ରାପ୍ୟ, ତାଙ୍କ କାମର ପାଉଣା। ପଇସା ନପାଇଲେ ସିଏ କ'ଣ କରିପାରିବେ ? ଉଦାହରଣ ଦେବାକୁ ସିଏ ହେଳା କରନ୍ତି ନାହିଁ । ଟଙ୍କାତ ଚଳନ୍ତି ଲକ୍ଷ୍ମୀ, ଏ ହାତରୁ ସେ ହାତକୁ ଯାଏ। ଧରିରଖି ପାରିବାର ବଳ ବା ତାଙ୍କର କେଉଁଠି ? ସେଦିନ ହାଟରୁ ମାଛ ଆଣିବାବେଳେ ଦିଗନ୍ତଙ୍କର ଅନିରୁଦ୍ଧଙ୍କ ସହ ଦେଖା ହୋଇଗଲା । ଦୀର୍ଘଶ୍ୱାସଟିଏ ପକାଇ ଆରମ୍ଭ କରିଥିଲେ ଦାସେ, "ମନ୍ତ୍ରୀମାନଙ୍କୁ ଆଜିକାଲି କାମର ଫଳାଫଳ ପଚ୍ଚରିବାକୁ ବି ଡ଼ର ଲାଗୁଛି। ସତେ ଯେମିତି ନିଜର ଦୋଷ"। କପାଳହୀନ କହି ପାଟି ଚୁପକରି ରହିବାକୁ ହେଉଛି ବୋଲି ସିଏ ଦୁଃଖ କରନ୍ତି। ଦିଗନ୍ତଙ୍କୁ ବି ଚୁପ ରହିବାକୁ ପଡୁଛି ।

ଏବେ କିନ୍ତୁ ବଦଳି ହୋଇନି ବୋଲି ଦିଗନ୍ତଙ୍କୁ ବରଂ ଖୁସି ଲାଗୁଛି। ଏଭିତରେ ନୂଆହୋଇ ଅଧ୍ୟାପିକା ହୋଇ ଆସିଥିବା ସୀମନ୍ତିନୀଙ୍କ ସହ ଦେଖାହେବା ଦିନଠାରୁ ବଦଳିକଥା ସିଏ ଭୁଲିଗଲେଣି । ଏପରିକି ସବୁ ଶନିବାର ରବିବାର ଘରକୁ ଯିବାକଥା ମନରୁ ଗଲାଣି । ଯେଉଁ ଶନିବାର ରବିବାର ସୀମନ୍ତିନୀ ତାଙ୍କ ଘରକୁ ଯାଆନ୍ତି ନାହିଁ, ସେଇ କଥାର କାରଣ ଦେଖାଇ ସିଏ ଘରକୁ ଯାଆନ୍ତି ନାହିଁ । ସୀମନ୍ତିନୀଙ୍କର ବଜାର ଘାଟ କରିବାକୁ, ତାଙ୍କସହ ହୁଏତ ରୁସ୍ତମ କାଫେରେ କଫି ପିଇବାକୁ ଭଲ ଲାଗୁଛି । କଫି ପିଇବା ତାଙ୍କର ନୂଆ

ଭଲପାଇବା । ଆଗରୁ ଗୃହା ଛଡା କଫି ତାଙ୍କ ମନକୁ ଯାଉ ନଥିଲା। ଏବେ ପ୍ରତି ସପ୍ତାହକୁ ଥରେ କାଫେ ଯାଇ ସିଏ ବସି ଯାଆନ୍ତି । ସୀମନ୍ତିନୀଙ୍କ ଆସିବାର ଅପେକ୍ଷାରେ ବେଳେବେଳେ କାଫେରୁ ଦୁଇକପ କଫି ମଗାଇ ସେଠି ବସି ଖବରକାଗଜ ପଢନ୍ତି । ହୁଏତ କାଫେର ପ୍ରତ୍ୟେକ କର୍ମଚ୍ଚରୀ ତାଙ୍କୁ ବର୍ତ୍ତମାନ ଚହ୍ନନ୍ତି । ଏପରିକ ତାଙ୍କପାଇଁ ପଶ୍ଚିମ ଦିଗରେ ପଡିଥିବା ଟେବୁଲଟି ତାଙ୍କର ବୋଲି ଧରି ନେଲେଣି । ବେଳେବେଳେସିଏନଆସିଲେବାଆସିବାରଡେରିହେଲେସମସ୍ତେବ୍ୟସ୍ତହୋଇପଚ୍ଚରନ୍ତି । ସୀମନ୍ତିନୀଙ୍କ ସହଯେ ତାଙ୍କର ଏକ ସମ୍ପର୍କ ଅଛି ତାହା ସମସ୍ତେ ବୁଝି ନେଇଛନ୍ତି । ସୀମନ୍ତିନୀ ମଧ୍ୟ ଦିଗନ୍ତଙ୍କ ଭଲପାଇବାକୁ ଆଦେରି ନେଲେଣି । କନ୍ତୁ ଏହାର ଗଭୀରତା ମାପିପାରି ନାହାନ୍ତି । ତାଙ୍କର ମନେହୁଏ ଦିଗନ୍ତଙ୍କ ହାତରେ ପ୍ରଚୁର ସମୟ । ତାଙ୍କର ସ୍ତ୍ରୀଙ୍କ ସହ ବିଶେଷ ସମ୍ପର୍କ ନାହିଁ । ଅନେକ ବର୍ଷର ବୈବାହିକ ଜୀବନରେ ଏଭଳ ଘଟଣା ଘଟିଥାଏ । ସମ୍ପର୍କର ଯୋଡି ହୁଗୁଳା ହୋଇଯାଏ । ମନ ଛାଡିଯାଏ । ପୁରୁଣା କଥାରୁ ବାହାରି ଆସିବାକୁ ଖଚ୍ଚପ ଲ୍ଚଗେନା । ଏହି ସବୁର ସାକ୍ଷୀ ହୋଇଥାଏ ରୁସ୍ତମ୍ କାଫେ । ଅନେକ ଲ୍ଚେକଙ୍କର ଜୀବନସହ ଜଡିତ ଥାଏ ରୁସ୍ତମ କାଫେ। କେତେ ଦିଗନ୍ତ ଏଠାକୁ ଆସନ୍ତି। କେତେ ଦିଗନ୍ତଙ୍କର ଯିବାଆସିବା ଯେମିତି ଆବଶ୍ୟକତା ମନେହୁଏ । ଦିଗନ୍ତ ସେ ଶନିବାର ଦିନ ଆସି ବସିଥାଆନ୍ତି କାଫେରେ । ବାହାରେ ଖୁବ ବର୍ଷା ଚ୍ଚଲି ରହିଥାଏ । ଯେଉଁମାନେ କାଫେକୁ ଆସିଥାଆନ୍ତି ସେମାନଙ୍କର ଫେରିବାର ଉପାୟ ନଥାଏ। କାଫେର ମାଲିକ ରୁସ୍ତମ ଚ୍ଚୟକୁ ଏହା ଥାଏ ପଇସା ରୋଜଗାରର ସରଳ ଉପାୟ। ଆଉ କାଫେର ଗ୍ରାହକମାନଙ୍କ ପାଇଁ ଏହା ଏକ ନୂଆ କାରଣ ଘରୁ ବାହାରେ ରହିବାପାଇଁ ।

ସେଦିନ ବୁଧବାର ହୋଇଥାଏ। ସୁମିତା ଏକୁଟିଆ ବସିବସି ଭ୍ଚବିଲ୍ଚ ମନୋଜକୁ ଡାକବ। ଦୁହେଁ ମିଶି କଫି ପିଇବାକୁ ଯିବେ। ମନୋଜର ବି କଛି କାମ ନଥାଏ। କୁଆଡେ ଯିବେ ଭ୍ଚବିଭ୍ଚବି ଶେଷକୁ ଦୁହେଁ ରୁସ୍ତମ କାଫେକୁ ଚ୍ଚଲିଲେ। ଦୁଇକପ କଫି ଓ ଦୁଇଟା ଚକଲେଟ ଚପ କୁକ ମଗାଇ ବସିଗଲେ। ଆଜିକାଲି ତେଲମସଲ୍ଚରେ ତିଆରି ବଚ୍ଚ ଆଳୁଦମ ନଖାଇ କଫି ଓ କୁକ ଖାଇବା ଏକ ନୂଆ ଚ୍ଚଲ। ସମସ୍ତଙ୍କୁ କାଫେକୁ ଯିବାକୁ ଭଲ୍ଚଗୁଛି। ହୁଏତ ଏ ବର୍ଷାର ଅସରଚ୍ଚଧାଚ୍ଚରେ ବାଧହୋଇ ଅପେକ୍ଷା କରିବାକୁ ଇଛାକଲେ। ହଠାତ ସୁମିତା ବାଥରୁମ ଗଲ୍ଚବେଳେ ଦେଖିଲ୍ଚ ଦିଗନ୍ତ ବସିଛନ୍ତି। ପାଖରେ ତାଙ୍କର ବସିଛନ୍ତି ଜଣେ ଅଳ୍ପବୟସୀ ମହିଳା। ସାଲୁଆର କମିଜ ପିନ୍ଧି ମନେହେଉଛି ଯେମିତି କଲେଜର କୌଣସି

ଦ୍ୱିତୀୟ ବର୍ଷର ଝିଅଟିଏ| ପ୍ରଥମରୁ ଦେଖି ଭାବିଲା ହୁଏତ ଛାତ୍ରୀ ହୋଇପାରେ| ଦିଗନ୍ତଙ୍କ ସହ ପାଠ ବିଷୟରେ କିଛି ଆଲୋଚନା କରିବାକୁ ଆସିଥିବ| କଥା କହିବକି ନକହିବ, ମନକୁ ପ୍ରସ୍ତୁତ କରିବ ଆଗ ଭାବି ବାଥରୁମ୍ କୁ ଚାଲିଗଲା| କିନ୍ତୁ ଆସିଲାବେଳକୁ ଦେଖିଲା ନା ଦିଗନ୍ତ ଅଛି ନା ସେ ଝିଅ ସେଠି ଅଛି| ମନ ଖରାପ ହେଲା| ଭାବିଲା, ଘରେ ଗଲେ ପଚାରିନେବ| ଘରକୁ ଫେରିଲା | ପ୍ରଥମେ ଯାଇ ପୁଅ ରୁମକୁ ଉଣ୍ଡି ଦେଖିଲା| ପୁଅ ଟିଭି ଦେଖୁଛି| ବିରକ୍ତ ନହୋଇ ମନକୁ ବୁଝାଇ ପୁଅକୁ କହିଲା "ଡେରୀ ହେଲାଣି, ଆଲୁଅ ବନ୍ଦକରି ଶୋଇବାକୁ ଯା"| ଏତିକି କହି ପୁଅର ରୁମ ଆଲୁଅ ଲିଭାଇଦେଲା ଓ ତା'ପରେ ନିଜ ରୁମ୍ କୁ ଫେରିଲା| ରାତି ୯ଟାରୁ ଆସି ୧୧ଟା ବାଜିଲାଣି| ଦିଗନ୍ତ ଫେରି ନାହାନ୍ତି| ବ୍ୟସ୍ତ ଲାଗିଲା ସୁମିତାକୁ| ଭାବିଲା ସତରେ ଦିଗନ୍ତଙ୍କୁ ସେଇ କାଫେରେ ଦେଖିଥିଲା ତ ? ତା'ପରେ ଦେଖିଲା ଦିଗନ୍ତ ପ୍ରାୟ ୧୧ଟା ୧୦ ବେଳକୁ ମେସେଜ କରିଛନ୍ତି| ସେ ଆସି ପାରିବେନି, ଆଜି କଲେଜରେ ଅନେକ କାମ ରହିଛି| ପର ଶନିବାର ନିଶ୍ଚୟ ଆସିବେ| ଖରାପ ଭାବିବକି ନାହିଁ ଭାବିବାକୁ ବି ଖରାପ ଲାଗିଲା| କିନ୍ତୁ ମନ ନିଶ୍ଚୟ ମରିଗଲା| ମନୋଜ ସଙ୍ଗେ ବାହାରେ ସନ୍ଧ୍ୟା କଟାଇ ନିଜକୁ ଧିକ୍କାର ଦେଲା| କିନ୍ତୁ ଭଲ ପାଇବାର ସମ୍ପର୍କ ନଥିଲେ ମଧ୍ୟ କାହାକୁ ସେ ସୁଯୋଗ ଦେବା ଉଚିତ ନୁହେଁ ବୋଲି ନିଜକୁ ନିଜେ ଗାଳିଦେଲା| କିନ୍ତୁ ଭାବିଭାବି ରାତିଟା ଅନିଦ୍ରାରେ କଟିଗଲା| ଉଠୁଉଠୁ ଡେରି ହୋଇଗଲା| ନିଜକୁ ଅପରାଧୀ ମନେକରି ଚୁପଚାପ ରହି ରୋଷେଇରେ ମନଦେଲା| ହଠାତ ଫୋନଟା ବାଜିଲା| ଦେଖିଲା ମନୋଜର ନମ୍ବର| ତେଣୁ ବାଧ୍ୟହୋଇ ଫୋନଟା ନେଲା| ମନୋଜ କହିଲା " ଚାଲ ସୁଇଟ ଷ୍ଟଲ ଯିବା| ଆଜିକାଲି ସେଠି ଦୋସା ମିଳିଲାଣି| ସେଠି ଲଞ୍ଚ ଖାଇଲେ ଅଳ୍ପସମୟ ଲାଗିବ| ଯଦି ଲଞ୍ଚ ପରେ ଆଉକିଛି କାମ ନଥାଏ, ଆମେ ଓଡ଼ିଆ ସିନେମାଟିଏ ରବି ଟକିଜରେ ଯାଇ ଦେଖି ଆସନ୍ତେ|" ସୁମିତା ମନାକରି ପାରିଲାନି| ମନୋଜ ସହ ଯିବାକୁ ଯେମିତି ଅତି ସାଧାରଣ କଥା ଭାବି ଶାଢୀ ବଦଳାଇ ଅପେକ୍ଷା କଲା| ମନୋଜ ମୋଟର ସାଇକେଲ ଧରି ୨୦ ମିନିଟରେ ପହଞ୍ଚିଗଲା| ମୋଟର ସାଇକେଲ ପଛରେ ବସି ମନୋଜ ପିଠିରେ ହାତ ପକାଇଲା ବେଳେ ଦିଗନ୍ତଙ୍କ କଥା ମନକୁ ଆସିଲା| ଦିଗନ୍ତଙ୍କ ସହ ସିନେମା ଯିବାର ପ୍ରାୟ ଛମାସ ହୋଇଯିବଣି| କେବେବି ସିଏ ଭାବିନି ବା ଦିଗନ୍ତ ମଧ୍ୟ କିଛି କହିନାହାନ୍ତି| ଯେମିତି ଜୀବନଟା ସହଜ ସରଳ ସାବଳୀଳ ଭାବରେ କଟିଯାଉଛି| ଦିନପରେ ଦିନ ଗଡିଯାଉଛି| ଏଇ ସାବଳୀଳ ଜୀବନରେ ଯେ ଅନ୍ୟ କିଛିର ଆବଶ୍ୟକତା ଅଛି ତାହାମଧ୍ୟ ମନକୁ ଆସୁନି| ବୟସ ବଢିବା ସହ ଜୀବନ ବି ସମାନ୍ତରାଳ

ଘ୍ରବରେ ଗତିକରି ଗ୍ଲଲିଛି। କୌଣସି ରୋମାଞ୍ଚର ଆବଶ୍ୟକତା ନାହିଁ। ବାର୍ଦ୍ଧକ୍ୟର ଶୀଥିଳତା ନେଇ ମନସବୁ ଶିଥିଳ ହୋଇଆସିଛି। ମନରୁ ଗ୍ଞ୍ଚଲ୍ୟ ସରିଗଲାଣି। ସ୍ୱାମୀସହ କଥାବାର୍ତ୍ତାର କାରଣ ଖୋଜିବାକୁ ଗଲେ କାରଣ ମିଳୁନ। ଅନ୍ୟ ସହକର୍ମୀମାନଙ୍କ ପରି ବାହାରକୁ ବୁଲି ଯିବାପାଇଁ ଆଗ୍ରହ ବି ଆସୁନ। କେତେବେଳେ ଯେଉଁଠିକି ଗଲେ ଦୁହେଁ ଚୁପଗ୍ଲପ ହୋଇ ଗ୍ଲଲନ୍ତି। ଖାଇବାବେଳ ଛଡା ଆଉ କେତେବେଳେ କଥା ହେବାର ଦରକାର ପଡ଼େନ। ଯେମିତି ମନକୁ ବାର୍ଦ୍ଧକ୍ୟ ଆବୋରି ବସିଛି। ରୁସ୍ତମ କାଫେକୁ ଯାଇ କପେ କଫି ପିଇବାର ଇଛା ବି ଆଉ ନାହିଁ।

ସେଦିନ ଶନବାର। ପୁଅ ଆସି କହିଲା ସିଏ ତାର ସାଙ୍ଗସହ ସିନେମା ଯାଉଛି ଓ ଆସିବାକୁ ଡେରୀ ହେବ। ବାହାରେ ଖାଇ ଫେରିବ। ସୁମିତା ହସିଲା, "ହଉ ଯା, ବେଶୀ ଡେରିଯାଏ ବାହାରେ ରହିବୁନ", କହି ଅନ୍ୟ କାମରେ ମନଦେଲା। ଦିଗନ୍ତ ହଠାତ କବାଟ ଖୋଲି ଭିତରକୁ ଆସିଲେ। ପୁଅ ସିନେମା ଯିବା କଥା ଶୁଣି ସୁମିତାକୁ କହିଲେ, "ଗ୍ଲଲ ଆମେ ଯାଇ ଅମିତାଭ ବଚ୍ଚନର ପୁରୁଣା ମୁଭିଟିଏ ଦେଖିଆସିବା। ସୁମିତା ଅଳ୍ପ ହସି ହଁ କଲା। ଅମିତାଭ ବଚ୍ଚନର ମୁଭି ହେଉ ବା ନୂଆ ଅଚହ୍ନା କେଉଁ ହିରୋ ହିରୋଇନର ମୁଭି ହେଉ, କଛି ଦେଖିଆସିଲେ ମନଟା ବଦଳଯିବ। ମନରୁ ମନୋଜ ଅପସରି ଯିବ ହୁଏତ। ଦିଗନ୍ତକୁ ନେଇ ସିଏ ନୂଆ ଜୀବନ ଗଢ଼ିବ। ଆକାଶ ନୀଳ ଦିଶିବ। ଗ୍ତିର ଆକାଶରେ ତାର୍‌ମାନେ ମିଟିମିଟିକରିବେ। ତାର୍ ଖଚତ ଆକାଶକୁ ମନଦେଇ ଦେଖିବ। ସେଇ ପୁରୁଣା କଥା, ପୁରୁଣା ଆକାଶ। ସମସ୍ତେ ପୁଣି ଭଲ ଲାଗିବେ। ଆଉକଛି ଖୋଜିବା ଦରକାର ପଡ଼ିବନ। ମନୋଜ ସହ ସିନେମା ଯିବାକୁ ମନ ଛକପକ ହେବନ। ବୟସ ଯେ କେବେଠୁ ଗଡିଗଲାଣି। କାହିଁକି ସେ ମନ, ବୟସ ଅନୁସାରେ କାମ କରୁନ ସିଏ ଜାଣିପାରୁନ। ସୁମିତା ଦିଗନ୍ତକୁ ଅନାଇଲା। ତାଙ୍କ ମୁଣ୍ଡରୁ ବାଳ ଚନ୍ଦାହୋଇ ଆସିଲାଣି। ପାଖରେ ଠିଆହୋଇ ସିଏ ତାଙ୍କ ମୁଣ୍ଡରେ ହାତ ବୁଲାଇ ଆଣିଲା। ଦିଗନ୍ତ ବିରକ୍ତ ହେଲେନ। କୌଣସି ପ୍ରତିକ୍ରିୟା ପ୍ରକାଶ କଲେନ। ସୁମିତାକୁ ଭଲ ଲାଗିଲା।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# କରୋନା ସୁନ୍ଦରୀ

## (ଚତୁର୍ଥ ଭାଗ)



ଶଶଧର ମହାପାତ୍ର

(୧)

ନୂଆ ବରଷରେ ଚାଇନା ଦେଇଛି
ଦୁନିଆକୁ ଉପହାର
ପାର୍ଶଲ ବୋମା, ତା' ନାଁ "କରୋନା'
ରଚୁଅଛି ହାହାକାର
ହେ ବିଶ୍ୱନିୟନ୍ତା ! ସର୍ବେ ଡାକୁଛନ୍ତି
ତୁମେ ହିଁ ରକ୍ଷାକର
ଡାକି ଡାକି ଆମେ ହାତ ଟେକି ଦେଲୁ
ରକ୍ଷାକର ନିରାକାର

---

(୨)

କରୋନା ସୁନ୍ଦରୀ ସମ୍ଭାଳି ନପାରି
ଭଲପାଅ ଡେଇଁବାକୁ
କୁହୁକ ସ୍ପର୍ଶରେ, ବିଚିତ୍ର ଢଙ୍ଗରେ
କାବୁକର ମଣିଷକୁ
କହିବକି ତୁମେ କେମିତି ଆସିଲ
ଏହି ପୂଣ୍ୟ ଭାରତକୁ ?
ସିଦ୍ଧହସ୍ତ ହେଇ ଅଜଣା ରଖିଛ
ନିଜ ଚରିତ୍ର ନିଜକୁ
ଜାଣି ନପାରିଲେ କେହି
ବଢିବଢି ଯାଅ, ମାଡିମାଡି ଯାଅ
ମୃତ୍ୟୁ ଆସେ ଧାଇଁଧାଇଁ
କାନ୍ଦନ୍ତି ଭଉଣୀ, ଭାଇ

---

(୩)

ତୁମପାଇଁ ଆଜି କେତେ ଲୋକଙ୍କର
ଓଦା ହୁଏ ଆଖିପତା
ଲିଭିଯାଏ ହସ ସଭିଙ୍କ ମୁହଁରୁ
ଯେବେ ଜଳେ କା'ର ଚିତା
ଦିଅ ବେଦନା ଓ ବ୍ୟଥା
ସରକାର କହେ କୁଆଡେ ନଯାଇ
ଦୁଃଖ, ଯାତନା ସବୁ ସହି ଯାଇ
ଘରେ ଖାଇପିଇ ଥା

---

(୪)

ମୃତ୍ୟୁର ତାଣ୍ଡବ ନୃତ୍ୟ ଚାରିଆଡେ
ଏ' ତ ସବୁ ତୁମ ଦାନ
ନିଜ ହାତେ ରନ୍ଧା ଶାଗ ପେଜ ଖାଇ
କିଏ ବିତାଉଛି ଦିନ
ଗରିବ ଗୁରୁବା ଦିନ ମଜୁରିଆ
ପାଉଛି ଟଙ୍କା, ରେଶନ
ପରିବାର ସହ ଘରେ ବନ୍ଧା ହେଇ
ଖୁସି ନାହିଁ ତାଙ୍କ ମନ
ମଧ୍ୟବିତ୍ତ ଯିଏ ଓଳିଏ ଖାଇକି
ଓଳିଏ ଉପାସ ରହେ
ଏଥର ଫଗୁଣ ଫିକା ପଡିଗଲା
ବା' ମାସ ଆସି ଯାଏ

---

(୫)

ଦାଦନ ଶ୍ରମିକ ବାହାର ରାଜ୍ୟରୁ
ଆସୁଛନ୍ତି ରହିରହି
ତାଙ୍କପାଇଁ ହେଲେ ସରକାରଙ୍କର
କିଛି ବ୍ୟବସ୍ଥା ନାହିଁ
ଘରେ ଉପାସରେ ରହି
କିଏ ଆସେ ଚାଲି, କିଏ ବାଇକରେ
ରାଜ୍ୟ ବାହାରୁ ଅତି ସାହସରେ
ତାଙ୍କ ଜୀବନକୁ ଭୟ ନାହିଁ

---------------------

(୬)

ଦୋକାନ ସାମ୍ନାରେ ଗୋଲେଇ ପଡିଛି
ତୁମକୁ ରୋକିବାପାଇଁ
ଚକ୍ ଖଡିରେ ଗୋଲେଇ ଟାଣିଛି
ଦେଖୁଛ କି ନା ନାହିଁ ?
ଗହଳି ନକରି ଜଣେ ପରେ ଜଣେ
ଆସ ଡାକେ ଦୋକାନୀଟି
ଯାହା ନେବା କଥା ଶୀଘ୍ର ଶୀଘ୍ର ନିଅ
ନକରିକି ଏଠି ଖଟି

---------------------

(୭)

ଘରୁ ବାହାରିଲେ ମାସ୍କ ପିନ୍ଧି ଆସ
କହିଛନ୍ତି ସରକାର
ନହେଲେ ତୁମକୁ କିଛି ମିଳିବନି
ଅଛି ଯାହା ଦରକାର
ପୋଲିସ୍ ସବୁଠି ପ୍ରଚାର କରୁଛି
ମାଇକ ହାତରେ ଧରି
କଥା ନମାନିଲେ ପିଠିରେ ପେଟରେ
ପିଟୁଛି କୁଣ୍ଠା ନକରି
ସୁଧୁରିଯା ହେଲେ ଭାଇ
ନହେଲେ କରୋନା ଚକ୍ରବ୍ୟୂହ ରଚ
ଆତଙ୍କ ଘଟେଇ, ନଆଁପିଣ୍ଡ ଭଳି
ମାଡିଯିବ ଘାଇଁଘାଇଁ

---------------------

(୮)

ଯେଉଁ ଭାଇମାନେ ନିଜାମ ଉଦ୍ଦିନ
ଧର୍ମ ସଭା ଯାଇଥିଲ
ଭାଇରସ ମଞ୍ଜି ଆଣି ସେ' ସଭାରୁ
ଚାରିଆଡେ ବିଞ୍ଚିଦେଲ
ଧର ପଗଡ ଚାଲୁଥିଲା ଏତେ
କୁଆଡେ ଲୁଚିଗଲ ?
ଆଲ୍ଲା ନାମ ଧରି ଅପକର୍ମ କଲ
କଣ ଯାହା କଲ ଭଲ କଲ ?
ତୁମକୁ ଖୋଜୁଥିଲେ ସରକାର
ଏତିକି ଜାଣିଥା ଯେଉଁଠି ଲୁଚିଲେ
କଷ୍ଟ ଭୋଗିବ ମାମୁଘର ଗଲେ
ପରିଣାମ ଭୟଙ୍କର

-------------------

(୯)

ତାଲା ଝୁଲୁଅଛି ମନ୍ଦିର, ଚର୍ଚ୍ଚରେ
ମସଜିଦ ବାଦ ନାହିଁ
ହିତାହିତ ଜ୍ଞାନ ଭୁଲିଗଲେ ତୁମେ
କେ' ଭେଟିବ ତୁମ ପାଇଁ
ତୁମର ଦୟା ମାୟା ଟିକେ ନାହିଁ
ଧର୍ମ ଦ୍ୱାହି ଦେଇ ଲୁଚ ଏଠି ସେଠି
ମିଡିଆ ଆଗରେ କେ' ଦିଏ ବାଇଟି
ସତେକ ଘରର ଜ୍ୱାଇଁ

---------------------

(୧୦)

ଲୋଭନୀୟ ତୁମ ଚେହେରା ସୁନ୍ଦରୀ
ଅଲିଅଳ ରାଜଯେମା
ରୂପ ରାଇଜର ରାଣୀ ଅଟ ତୁମେ
କର ଆମ ଦୋଷ କ୍ଷମା
ତୁମ ଖେଳ ଏବେ ଶେଷ କର
ଜାଣି ସାଇଲୁଣି ତୁମେ ମହାମାରୀ
ନଜେ ଦେଖୁଅଛ ସ୍ୱପ୍ନ ଅସୁମାରି
ତୁମେ ବଡ ଧୁରନ୍ଧର
କାଳର ଗର୍ଭରେ ଲୀନ ହେବେ ସର୍ବେ
ଆଗ ପଛ କରି ଦିନେ
ଏତିକ ଦୁଃଖ ଯେ ଅକାଳରେ ଯିଏ
ମରିଯାଏ ଅକାରଣେ
ହେବୁ ସଚେତନ ପରିବେଶ ପାଇଁ
ଆଜିଠୁଁ ଶପଥ ନେଲୁ
ତୁମ ଆଜ୍ଞା ମାନ ସୁତୁରା ରହିବୁ
କାନ ନାକ ମୋଡି ହେଲୁ

(ଯାହା ବିଭିନ୍ନ ସମ୍ବାଦପତ୍ର ଓ ଟିଭି ମାଧ୍ୟମରେ ପ୍ରକାଶ ପାଇଛି ତାହାକୁ କେନ୍ଦ୍ର କରି ଏ' ଲେଖା । କାହା ମନରେ କଷ୍ଟ ଦେବା ମୋର ଉଦ୍ଦେଶ୍ୟ ନୁହେଁ । ବରଂ, ଲୋକଙ୍କୁ ସଚେତନ କରିବାପାଇଁ ଏ' ଲେଖା )

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଆଶାଢର ପ୍ରଥମ ବର୍ଷା



ବିନୟ ମହାପାତ୍ର

ତୁମ ଗୃହାଣୀରେ
ଥରେ ସମ୍ମୋହିତ ହୋଇଗଲା ପରେ
ତୁମ ତୀକ୍ଷ୍ଣ କଟାକ୍ଷରେ
ଥରେ ବିମୋହିତ ହୋଇଗଲା ପରେ
ବିଜୁଳର ଚମକକୁ, ଆଉ ଡର ଡର ଲାଗୁନ ।
ତୁମ ପ୍ରେମରେ
ଥରେ ଜୁଡୁବୁଡୁ ଭିଜିଗଲା ପରେ
ତୁମ ପ୍ରଣୟର ମିଠାପାଣି ଝରଣାରେ
ଥରେ ଡୁବୁକ ଲଗାଇଲା ପରେ
ଆଷାଢର ପ୍ରଥମ ଟୁପଟାପ୍ ବର୍ଷାରେ
ଭିଜିବାକୁ ଆଉ ଡର ଡର ଲାଗୁନ ।
ମୁଁ ଯେ ବତୁରି ଯାଇଛି
କେଉଁ ଏକ ଅଜଣା ବିଜପରି
ଅଂଙ୍କୁରିତ ନବ ପଲ୍ଲବ
ଏବେ ଏବେ ଉଙ୍କିମାରେ
ହୃଦୟର ଅନ୍ଧାରୀ କୋଠରୀରେ,
ଅପେକ୍ଷା କେବଳ
ତୁମ ନବିଡ ଉଷ୍ମ ଆଲିଙ୍ଗନର
ତୁମ ରୂପର ଦ୍ୟୁତୀ ଚମକରେ
ସବୁକିଛି ଭରିଯିବ ସୌମ୍ୟ ସବୁଜିମାରେ ।

ଏବେ ତ ଆସିଯାଅ ପ୍ରିୟେ
ମୌସୁମୀ ଆସି ସାରିଲାଣି,
କେବେ ବି ବର୍ଷିଯିବ
ଆଷାଢର ପ୍ରଥମ ବର୍ଷାର
ବୁନ୍ଦାବୁନ୍ଦା ଜଳ,
ତୁମେ ଆସିଗଲେ
ନୂତନ ସୃଜନର ସମ୍ଭାବନାକୁ
ଏଡାଇବା ଅସମ୍ଭବ ସତେ
କାମନାର ବନ୍ୟାରେ ପ୍ଲାବିତ
ଭିଜା ଭିଜା ଆଶାଢରେ ଜଳାଅନା ମୋତେ ।
ଏଇ ଋତୁ, ଏଇ ମଉସୁମୀ
ଭିଜା ଭିଜା ସବୁଜ ଧରିତ୍ରୀ
ସିରି ସିରି ଶିତଳ ସମୀରଣ
ଚତୁର୍ଦ୍ଦିଗେ ଧୂଆଁ ଧୂଆଁ ବାଦଳର ମେଳା
ଭରିଦିଏ ରୋମାଞ୍ଚିତ ଶିହରଣ
ମୃଦୁ ମୃଦୁ ଭିଜାମାଟିର ମହକ,
ଆଷାଢର ବର୍ଷାରେ ଭିଜିଗଲା ପରେବି
ତୃଷା ବଢି ବଢି ଯାଏ
ଜାଚନା କେବଳ ପ୍ରିୟେ
ତୁମ ପ୍ରେମରୁ ବୁନ୍ଦାଏ ।

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ନଡିଆ ଘର



ସାବିତ୍ରୀ ମହାପାତ୍ର

ଶଶିବାବୁ ଙ୍କର ସହରରେ ବଡ ବ୍ୟବସାୟ ଥିଲେ ହେଁ ସେ ଗାଁ ର ସଂପତ୍ତିବାଡିକୁ ଛାଡି ପାରି ନାହାଁନ୍ତି । ଗାଁ ରେ ଥିଲା ଆମ୍ବ ବଗିଚା, ନଡିଆ ବାଡି ସାଙ୍ଗକୁ ଧାନ ଜମି ଓ ବିରାଟବଡ ଜମିଦାରିଆ ଘର । ତାହାକୁ ଛାଡିବେ କେମିତି ? ତେଣୁ ପୂଜାଛୁଟି ରେ, ଖରାଦିନ ଛୁଟିରେ ଆସି ଗାଁ ଘରେ ପରିବାର ସହିତ ରହି ଗାଁ ର ମଜା ନେଇ ଫେରନ୍ତି । ତା ସାଙ୍ଗ କୁ ଲୋକନାଥଙ୍କ ଜାଗର ଯାତ୍ରା, ଚଂଦନ ଯାତ୍ରା , ରଜ ଓ କୁମାର ପୂର୍ଣ୍ଣିମା ରେ ଗାଁ ର ଯାତ୍ରା ଦେଖିବାକୁ ବି ଭୁଲନ୍ତିନ । କଟକ ସହରରୁ ଗାଁ ଟା ତାଙ୍କର ବହୁତ ପାଖ । ଗାଁ ର ନାଁ ଗଂଡରପୁର । ତେଣୁ ପ୍ରତି ପର୍ବ ପର୍ବାଣି ରେ ଗାଁ କୁ ଆସି ଉପଭୋଗ କରି ଯାଆନ୍ତି । ଗାଁ ଲୋକଙ୍କର ଦୁଃଖ ସୁଖ, ଅଭାବ ଅସୁବିଧା ମଧ୍ୟ ବୁଝା ବୁଝି କରି ଯାଆନ୍ତି। ଦରକାର ପଡିଲେ କିଛି କିଛି ସାହାଯ୍ୟ ମଧ୍ୟ କରନ୍ତି ।

ଶଶିବାବୁ ଙ୍କର ଦୁଇ ପୁଅ ଆଉ ଦୁଇ ଝିଅ । ବଡ ଝିଅ ର ବାହାଘର ପାଇଁ ଗାଁ ଲୋକଙ୍କର ଅନୁରୋଧ, ବାହାଘର ଗାଁ ରେ ହବାକୁ । ସମସ୍ତଙ୍କର ଆଗ୍ରହ ବଡ ବାବୁଙ୍କ ବଡ ଝିଅ ର ବାହାଘର ଦେଖିବାକୁ । ଭଲ ଭୋଜି ହବ, ସମସ୍ତେ ଭୋଜିକୁ ଉପଭୋଗ କରିବାକୁ ଆଗ୍ରହୀ । ଶଶିବାବୁ ଓ ତାଙ୍କ ସ୍ତ୍ରୀ ମଧ୍ୟ ଶେଷରେ ସ୍ଥିର କଲେ, ତାଙ୍କ ବଡ ଝିଅ ର ବାହାଘର ଗାଁ ରେ ହିଁ ହେବ ।

ଗାଁ ର ଶେଷ ମୁଣ୍ଡରେ କିଛି ଦୂରରେ ସୁଦର୍ଶନ ନାମକ ଏକ ଲୋକ ରହୁଥିଲା । ତା ପାଖରେ ତିନ ଚାରି ଜଣ ଲୋକ ଥିଲେ । ସେମାନେ ଦଳ ହୋଇ ମିଶିକି ରହୁଥିଲେ । ସେ କଣ କାମ କରେ, କେଉଁଠି କାମ କରେ କାହାକୁ ଜଣା ନଥିଲା । ପ୍ରକୃତରେ ସୁଦର୍ଶନ କେଉଁଠି କିଛି ଚାକରୀ କରୁ ନଥିଲା କି କାମ କରୁ ନଥିଲା। ତାର କାମ ହେଲା ଦିନବେଳେ ଆଖପାଖ ଗାଁ ରେ ବୁଲାବୁଲି କରି ସବୁ ଖବର ସଂଗ୍ରହ କରେ ଓ ରାତିରେ ପଶି ତାଙ୍କ ଘରେ ଚୋରି କରେ । ସେମାନେ ହେଲେ ଠାଉକା ଚୋର ମାନେ ବଡ ଧରଣର ଡକାୟତ ନୁହନ୍ତି କି ଉନ୍ନତ ଧରଣର ଯନ୍ତ୍ରପାତି ନଥାଏ ତାଙ୍କର । ଅଳ୍ପ

ଅଳ୍ପ କଛି ଜିନଷ ଗ୍ଚେରିକରି ପେଟ ପୋଷନ୍ତି। ଦିନକର ଘଟଣା, ଶଶିବାବୁଙ୍କ ଗାଁ ଗଂଡରପୁରରେ ଦିନବେଳେ ବୁଲୁ ବୁଲୁ ସୁଦର୍ଶନ ଜାଣିପାରିଲ୍-- ଶଶିବାବୁ ଙ୍କ ଘର ପାଖରେ ଲ୍ଗେକେ କୁହାକୁହି ହେଉଥିଲେ ଯେ ଶଶିବାବୁ ଙ୍କର ବଡ ଝିଅ ର ବାହାଘର ଏଇ ଗାଁ ରେ ହବ ଆଉ ଦୁଇମାସ ପରେ । ସୁଦର୍ଶନ ମନେ ମନେ ସ୍ଥିର କଲ୍ ଯେ ଶଶିବାବୁ ନଶ୍ଚୟ ସବୁ ସୁନାଗହଣା ଏଇ ଘରେ ତାଙ୍କର ରଖିଥିବେ । ବାହାଘର ତ ଏଇଠି ହବ ଅଳ୍ପ ଦିନ ଭିତରେ, ତେଣୁ ସବୁ ସୁନାଗହଣା, ଜିନଷପତ୍ର ଏହିଠାରେ ହିଁ ରଖିଥିବେ । ସୁଦର୍ଶନ ଓ ତା ସାଥିମାନେ ମିଶି ଗ୍ରତିରେ ଆଲ୍ଗେଚନା କଲେ । ଆଲ୍ଗେଚନାର ବିଷୟ---କେମିତି ଶଶିବାବୁଙ୍କ ଘରେ ପଶିବେ? ତାଙ୍କ ଘର ଜଗୁଥିବା ସେହି ଆଦିବାସୀ ସ୍ତ୍ରୀଲ୍ଗେକ ଟି ବେଶ ତାଗଡା ଆଉ ବଳଶାଳୀ । କୁଟାଖିଅ ଟେ ଭି କେହି ତାଙ୍କ ଘରୁ ନେଇ ପାରନ୍ତିନ । ନଡିଆ ବାଡି ରୁ ନଡିଆ, ଆଉ ଆମ୍ବ ବଗିଗ୍ଚରୁ ଆମ୍ବ ସବୁ ସଂଗ୍ରହ କରି କଟକ ପଠାଏ । କେହି କଛି ଏସବୁ ନେଇ ପାରନ୍ତିନ । ଆଦିବାସୀ ସ୍ତ୍ରୀ ଲ୍ଗେକ ଯେତିକ ସଗ୍ଚେଟ ସେତିକ ବଳଶାଳୀ । ସେଥିଲ୍ଗି ଶଶିବାବୁ ନଶ୍ଚିନ୍ତରେ କଟକ ସହରରେ ଆଗ୍ରମ୍ ରେ ରହିଥାନ୍ତି । ଆଉ ଯେବେ ଗାଁ କୁ ମଧ୍ଯ ଆସନ୍ତି , କଛି ଭି ଅସୁବିଧା ହୁଏନ ତାଙ୍କର । କୂଅରୁ ପାଣି କାଢିବାଠୁ ଘର ସଫା, ବାସନମଜା ସବୁ କାମ କରି ରେଡି କରି ଦିଏ ସେ । ସେମାନେ ଆସି ଆଗ୍ରମ ରେ ରହିକ ଯାନ୍ତି । ଗାଁ ମାଟିର ମମତାକୁ ଛାଡି ପାରନ୍ତିନ ଯେମିତି ।

ସେଦିନ ସୁଦର୍ଶନ ଓ ତାର ସାଥିମାନେ ଶଶିବାବୁ ଙ୍କ ବାଡିରେ ଥିବା ପିଜୁଳ ଗଛରେ ଚଢି ଛାତ ଉପରକୁ ଯାଇ ତଳ ଘରକୁ ସିଡି ବାଟେ ଯାଇ ସବୁଆଡେ ତନ୍ନ ତନ୍ନ କରି ନରୀକ୍ଷଣ କଲେ । ସେତେବେଳକୁ ଗ୍ରତି ଦୁଇଟା କ ତିନଟା ହେବ । ହେନା ସେହି ଆଦିବାସୀ ସ୍ତ୍ରୀ ଲ୍ଗେକ ତାର କାମ ସାରି ଆଗ୍ରମ ରେ ମଶାରୀ ଟାଙ୍ଗି ଶୋଉଛି ଗୋଟିଏ ରୁମ୍ ଆଗରେ । ସେମାନେ ସମସ୍ତେ ଚୁପ୍ ଗ୍ଚପ୍ ସବୁଆଡେ ନରୀକ୍ଷଣ କରି ଫେରିଗଲେ। ତା ପରଦିନ ଭି ସେମିତି ଆସି ସବୁଆଡ ନରୀକ୍ଷଣ କରି ଗ୍ଚଲିଗଲେ । ହେନା ଅନ୍ୟ କୌଣସି ଜାଗାରେ ନଶୋଇ ଗୋଟିଏ ରୁମ୍ ଆଗରେ ସବୁବେଳେ ଶୋଇଛି କାହିଁକ ? ଘରର ଗ୍ଚରିପଟକୁ ଲ୍ଗି ଗ୍ଚରି ପାଞ୍ଚ ବଖଗ୍ ଘର ଥାଏ । ମାତ୍ର ଅନ୍ୟ କୌଣସି ଜାଗାରେ ଶୋଉନ କାହିଁକ ? ତା ମାନେ ସୁଦର୍ଶନ ଭ୍ବିଲ୍ ଏ ରୁମ୍ ଭିତରେ ହିଁ ସୁନାରୂପା ଅଳଙ୍କାର ଆଉ ସବୁ ମୂଲ୍ୟବାନ ଜିନଷପତ୍ର ରହିଛି । ସେହି ରୁମ୍ କୁ ତେଣୁ ସେ ଜଗିକ ଶୋଉଛି।

ଘ୍ରରି ପାଞ୍ଚ ଦିନ ବିତିଗଲା ପରେ ସୁଦର୍ଶନ ଓ ତାର ଦଳ ପୁର୍ବ ପ୍ରସ୍ତୁତ ହୋଇ ଶଶିବାବୁଙ୍କ ଘରେ ପହଞ୍ଚିଲେ । ପିଜୁଳ ଗଛରେ ଚଢି ଛାତ ଉପରକୁ ଡେଇଁ ତଳ ମହଲାରେ ଆସି ପହଞ୍ଚିଲେ । ସେଥିରୁ ଜଣେ ଶିଡିଘରେ ଜଗି ବସିଲା । ଆଉ ଦୁଇଜଣ ହେନାର ମୁଣ୍ଡ ପାଖରେ ହାଜର ହେଲେ । ସେମାନେ ଦୁଇଜଣ ସେ ରୁମ୍ ର ତାଲାକୁ ଖୋଲିବାକୁ ଚେଷ୍ଟା କଲେ । ସେ ଖଡ୍ ଖାଡ୍ ଶବ୍ଦ ରେ ହେନା ର ନିଦ ଭାଙ୍ଗିଗଲା । ମୂଷାଗୁଡା ଆସି ଏମିତି ଖଡ୍ ଖାଡ୍ କରୁଛନ୍ତି ଭାବି ତା ମୁଣ୍ଡ ପାଖରେ ଥୋଇଥିବା ବାଡିକ ନିଦ ବାଉଳାରେ ଆଣି ଟିକେ ବାଡେଇଦେଇ ପୁଣି ଶୋଇ ପଡିଲା । ରାତି ଅଧ ସମୟ । ନିଦ ଜୋର ଲାଗିଛି । ତେଣୁ ସେ ପୁନର୍ବାର ଶୋଇ ପଡିଲା। ଆଉ କିଛି ସମୟ ପରେ ପୁନର୍ବାର ଜୋରରେ ଖଡ୍ ଖାଡ୍ ଶବ୍ଦ ସେ ଶୁଣି ପାରିଲା । ହେନାର ନିଦ ଭାଙ୍ଗିଗଲା । ସେ ନିଦରୁ ଉଠି ଦେଖିଲା, ତା ମୁଣ୍ଡ ଉପରେ କଳା ବୁଟ ପିନ୍ଧି ଦୁଇ ତିନି ଜଣ ଠିଆ ହୋଇ ତାଲା ଭାଙ୍ଗୁଛନ୍ତି। ହେନା ଦେଖି ତାର ହାଲୋକ ଶୁଖିଗଲା । ଏମିତି ଘଟଣା ସେ କେବେଁ ଏ ଘରେ ରହିଲା ଦିନଠୁଁ ଦେଖିନି । କଣ କରିବ ସେ କିଛି ଭାବି ପାରିଲାନି । ଶୋଇବାର ବାହାନା କରିବ ସେ ? ନା ସେମାନଙ୍କୁ ବାଡିରେ ବାଡେଇ ଘଉଡେଇବ ? ନା! ସେ ଚିନ୍ତା କଲା-- ସେ ପାରିବନି ସେମାନଙ୍କୁ । ସେମାନେ ହୃଷ୍ଟ ପୃଷ୍ଟ ଦୁଇ ତିନିଜଣ ଲୋକ । ଇଏ ତ ଏକା । ସେମାନଙ୍କ ହାତରେ କିଛି ଅସ୍ତ୍ର ଶସ୍ତ୍ର ଥିବ? ତେଣୁ ଇଏ ଏକା ସେମାନଙ୍କୁ ପାରିବନି ଭାବି ଧିରେ ଧିରେ ଉଠି ଶିଡି ଉପରକୁ ଧାଇଁଲା, ବିକଳରେ ଜୀବନକୁ ରକ୍ଷା କରିବା ପାଇଁ ।

ଶିଡି ଉପରକୁ ଯିବ କଣ, ସେଠି ତ ଜଣେ ଶିଡି ଉପରେ ଜଗିକି ବସିଥିଲା। ସେ ଲୋକଟି ହେନା କୁ ଦଉଡିରେ ବାନ୍ଧି ଦେଲା ଆଉ ଅଗଣା ସେପଟକୁ ଥିବା ଆମ୍ବ ଗଛରେ ବାନ୍ଧି ପକାଇଲା। ସେ ଆଉ ପାଟି କରିପାରିଲାନି କି କୁଆଡେ ଯାଇପାରିଲାନି । ଶିଡିଘରେ ଜଗିଥିବା ଲୋକଟି ହେନା କୁ ବାନ୍ଧି ସେମାନଙ୍କ ସାଙ୍ଗରେ ଯୋଗଦେଲା । ହେନା ପୁନର୍ବାର ତାର ବୁଦ୍ଧି ଖର୍ଚ୍ଚ କରି ଆସ୍ତେ ଆସ୍ତେ ଦଉଡ଼ି ଖସାଇ ଶିଡି ଉପରକୁ ଧାଇଁଲା । ତାର ଭାଗ୍ୟ ଖରାପ, ସଂତର୍ପଣରେ ଯାଉ ଯାଉ ମଧ୍ୟ ଗୋଟେ ବାଂଉଶବାଡି କୁ ଝୁଣ୍ଟି ପକାଇଲା । ଝଣକରି ଶବ୍ଦ ହେଲା, ସେ ଲୋକଟି ଶବ୍ଦ ଶୁଣି ଫେର ଦଉଡି ଆସିଲା ଓ ହେନା କୁ ପୁନର୍ବାର ଭଲଭାବେ ବାନ୍ଧି ସେହି ଗଛରେ ବାନ୍ଧି ଦେଲା । ନିର୍ଜୀବ ଭଳି ପଡି ରହିଲା ହେନା। ସେ ଲୋକଟି ଆସି ସେମାନଙ୍କ ସାଙ୍ଗରେ ମିଶିଗଲା।

ସମସ୍ତଙ୍କର କୌତୁହଳ ଥିଲା ,ତେଣୁ ସେ ଘରର ତାଲା କୁ ପିଟି ପିଟି ଭାଙ୍ଗିଦେଇ ଘର ଭିତରକୁ ମନ ଖୁସିରେ ପଶିଛନ୍ତି । ଆଉ ଏ ସମୟରେ ହେନା ପ୍ରାଣପଣେ ଚେଷ୍ଟା କରି ଦଉଡି କୁ ଛିଣ୍ଡାଇ ପୁନର୍ବାର ଶିଡି ଉପରକୁ ଯାଇଛି । ଛାତ ପାଖରେ ଗୋଟିଏ ଟିଣର ଘର ଥିଲା । ଆସ୍ତେ ଆସ୍ତେ ଟିଣ ଉପରକୁ ଓହ୍ଲାଇ ପଡିଶା ଘର ଗୁଳ ଉପରକୁ ଯାଇ ତଳକୁ ଖସିଲା । ଡରରେ ପାଟିରୁ ତାର କଥା ବାହାରୁନ । ପାଟି ଖନ ବାଜିଯାଉଛି । ତଥାପି ଗ୍ଯେର ଗ୍ଯେର କହି ପାଟି କରିଛି । ଏପଟେ ସୁଦର୍ଶନ ଆଉ ତାର ଲୋକମାନେ ମନଖୁସିରେ ତାଲା ଭାଙ୍ଗି ଘରଭିତରେ ପଶିଛନ୍ତି, କେତେ ସ୍ୱପ୍ନ ସବୁ ଦେଖୁଛନ୍ତି---କେତେ ସୁନା ବାହାରିବ, କେତେ ରୂପା ବାହାରିବ, ଆଉ କଣ ସବୁ ବାହାରିଲେ ମିଶିକ ନେବେ ।

ସେ ଘର ଭିତରର ଦୃଶ୍ୟ ଦେଖି ସୁଦର୍ଶନ ଆଉ ତା ଦଳ ଲୋକମାନଙ୍କ ର ମୁଣ୍ଡ ଖରାପ ହୋଇଗଲା । ଇଏ କଣ ! ଆଲମାରୀ ଗୋଟିଏ ନାହିଁ , ସୁନା ନାହିଁ କ ରୂପା ନାହିଁ, କଛି ବି ନାହିଁ । ଘରଟା ଖାଲି କଞ୍ଚା ଆଉ ଶୁଖିଲା ନଡିଆ ରେ ଭର୍ତ୍ତି ହୋଇଛି । ଏକ ରକମ ଗୋଟେ ନଡିଆ ଘର କହିଲେ ଚଳେ । ହେନା ନଡିଆ ବାଡି ରୁ ନଡିଆ ସବୁ ଆଣି ଏହି ଘରେ ରଖେ ଓ ଆସ୍ତେ ଆସ୍ତେ ତାକୁ କଟକ ପଠାଏ । ସମସ୍ତେ ମୁଣ୍ଡ ରେ ହାତ ଦେଇ ବସିପଡିଲେ । ଏତେ ଦିନର ପରିଶ୍ରମ ର ମୂଲ୍ୟ ପାଣି ଫାଟିଗଲା ଯେମିତି । ତେବେ ସେ ଆଦିବାସୀ ଏ ରୁମ୍ ଟିକୁ ଜଗିକ ଶୋଉଥିଲା କାହିଁକ ? ଏ ରୁମ୍ ତଳେ କଣ ପୋତା ହୋଇ ରହିଛି ସୁନା, ରୂପା ?

ସୁଦର୍ଶନ ର ମନଟା ବହୁତ ଖରାପ ହୋଇଗଲା । ଆଜିର ବ୍ୟବସାୟ ରେ ସେମାନେ ଫେଲ୍ ମାରିଲେ, ତେଣୁ ମନ ଦୁଃଖ କରି ସମସ୍ତେ ବସି ପଡିଲେ । ସେମାନେ ବାହାରେ ଆସି ଦେଖନ୍ତି ହେନା ବାହାରିକ ପଳେଇଛି । ତେଣୁ ସେମାନେ କାଳ ବିଳମ୍ବ ନକରି ବାଡିଆଡକୁ ଥିବା ବାଟ ଦେଇ ଫେରାର ହୋଇଗଲେ । ସେପଟେ ହେନାର ପାଟିରେ ଗାଁ ଲୋକମାନେ ଦଳବଳ ହୋଇ ଠେଙ୍ଗାବାଡି ଧରି ପାଟିକରି ଶଶିବାବୁ ଙ୍କ ଘରେ ପହଞ୍ଚିଲା ବେଳକୁ ସୁଦର୍ଶନ ଆଉ ତା ଲୋକମାନେ ଫେରାର ହୋଇ ଯାଇଛନ୍ତି ।

ଓର୍କିଡ୍ ରୟାଲ ଆପାର୍ଟମେଣ୍ଟ,
ନଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର

# ମହାମାରୀ



ରାଜକିଶୋର ସାଇଁ

ଏ ସାରା ବିଶ୍ୱକୁ କରିଛି ଗ୍ରାସ
କରୋନା ରୂପକ ମହା ରାକ୍ଷସ
ସହସା ଆସି ଏ ବିପଦ ଘନ
ବରଷି ସଂସାର କରେ ଉଚ୍ଛନ୍ନ
ତାର ପ୍ରତିହତ ପାଇଁ
ବିଜ୍ଞାନର ଯେତେ ଗବେଷଣା ଜ୍ଞାନ
ତାକୁ କାଟୁ କରୁନାହିଁ ।୧।
ଚୀନ୍, ଆମେରିକା, ସ୍ପେନ୍, ଇରାନ
ଇଟାଲୀ, ଜର୍ମାନୀ, ଫ୍ରାନ୍ସ, ଲଣ୍ଡନ
ଦିଶୁଥିଲା ଯହିଁ ଦିନରେ ଚାନ୍ଦ
କରୋନା ହଜାଇ ଦେଲାଣି ନିଦ
ମେଲାଏ ଭାରତେ କାୟା
ଖେଳାଇ ଚାଲିଛି ସମାଜେ ଏ ବ୍ୟାଧି
ଦାରୁଣ ଶୋକର ଛାୟା ।୨।
ନଥିବାରୁ ତାର ପ୍ରତିଷେଧକ
ଖେଳାଏ ସବୁରି ମନେ ଆତଙ୍କ
ଲଭିବା ପାଇଁ ଏ ରୋଗୁ ମୁକତି
ମାଡୁଛି ଦାବାଗ୍ନି ପରି
ପ୍ରାଣଘାଟୀ ସାଜି ଜୀବନ ନିଅଇ
ଜଗତେ ଏ ମହାମାରୀ ।୩।

ଭୀମ ଭୟେ ଧାଇଁ କୌରବ ସାଇଁ
ବ୍ୟାସ ସରୋବରେ ଲୁଚିଲେ ଯାଇଁ
ଦେବୀ କମଳିନୀ ସୁଦୟ ବହି
ପ୍ରାଣରକ୍ଷା ବାଟ ଦେଲେ ବତାଇ
ସମ୍ଭାଳିବୁ ତିନି ରଡି
ତେବେ ଯାଇ ତୁହି ଅଜୟ ହୋଇବୁ
ବୃକୋଦର ସଙ୍ଗେ ଲଢି ।୪।
ନିମାଇ ଏ ବାଣୀ କୁରୁ ରାଜନ
ଅକାଳେ ମୃତ୍ୟୁକୁ କଲେ ବରଣ
କରୋନା ଯୁଦ୍ଧକୁ ଜିତିବା ପାଇଁ
ଘରଛାଡି ଆମେ ଯିବାନି କେହି
ନ ମାନିଲେ ଉପଦେଶ
କୁରୁପତି ସମ ଦଶା ହେବ ଆମ
ସର୍ବେ ହୋଇଯିବା ନାଶ ।୫।
ମୋ ଭାଇ ଭଉଣୀ ଆସରେ ଆସ
ସରକାରଙ୍କର ସବୁ ନିର୍ଦ୍ଦେଶ
ଶ୍ରଦ୍ଧା ସହକାରେ ଆମେ ପାଳିବା
କରୋନାର ସଂକ୍ରମଣ ଟାଳିବା
ମନେ କରିବା ଚିରନ୍ତନ
ବିଜ୍ଞାନ ସହିତ ବିଧାତାଙ୍କର ଏ
ପୃଥିବୀକୁ ବରଦାନ ।୬।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ସ୍ମୃତି



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ସ୍ମୃତି ଏକ ରୂପା ଜହ୍ନ ମୋ ମନ ଆକାଶରେ
କେବେ ଝଲମଲ ଅନୁଭୂତିର ଶୀତଳ ଜ୍ୟୋସ୍ନା ସାଥୀ ରେ
କେବେ ବିବର୍ଣ୍ଣ ଅନୁଭୂତିର କଳା ବାଦଲ ଛାଇରେ,
କେବେ ପ୍ରତିବିମ୍ବିତ ହୁଏ ଅନୁଭୂତିର କାଚ ଆଇନାରେ
କେବେ ମତୁଆଲ୍ ଅନୁଭୂତିର ପିଆଲ୍ ପାନରେ,
ଚରଦିନ ଅଲିଭ୍ ଅଙ୍କାବଙ୍କା ଗାରଟିଏ ମୋ ମନର
ଭଙ୍ଗା ସିଲଟ ଛାତିରେ ।
କେବେ କେବେ ଶୀତୁଆ ରାତିର ପାହାନ୍ତି ପ୍ରହର ସ୍ୱପ୍ନରେ
ସ୍ମୃତି ସବୁ ଚୁପିଚୁପି ଆସି ମୋତେ ନିଦରୁ ଉଠାନ୍ତି, ଫ୍ରକ୍ ପିନ୍ଧା
ଛୋଟ ଝିଅଟିଏ ଫୁଲ ଡାଲ୍ ଧରି ବାହାରିଯାଏ ବାଡ଼ିପଟ
ବଗିଚାକୁ ଫୁଲ ତୋଳିବାକୁ, ସଜଫୁଟା ଫୁଲ ଗୁଡା ତାକୁ ଚାହିଁ
ଖିଲିଖିଲି ହସନ୍ତି, ଆରେ ଆମକୁ ଚିହ୍ନିପାରୁନୁ ଆମେ ତୋର ପିଲା
ଦିନ ସାଙ୍ଗ, ମନେ ପକାଯେ, ବୋହୂଚୋରି ଖେଳ,
ଗାଁ ଦାଣ୍ଡେ ମେଳ, ପୁଣି ସ୍କୁଲ୍ ଯିବାବେଳ,
ସବୁ ଝାପ୍ସା ସବୁ ଅସ୍ପଷ୍ଟ,
ଫୁଲ ତୋଳ ସାରି ଫେରିଲା ବେଳକୁ ଘାସର ଗାଲିଚାରେ
ଶିଶିର ବିନ୍ଦୁଟି କଂଳେଇ ଚାହେଁ, ମୁଁ ତୋର ବୋଉ, ମୋତେ
ଚିହ୍ନି ପାରୁନୁ , ମା ମୋର ମୋ ପାଖକୁ ଆ, ମୋ କୋଳରେ ବସ
ମୋ ସ୍ନେହର ସ୍ପର୍ଶରେ ହଜିଯିବ ସବୁ ଦୁଃଖ ତୋର ସବୁ ଶ୍ଳେଷ ତୋର ।
କେବେ ମଧୁମୟ ବସନ୍ତର ଫୁଲ ଅଗଣାରେ
ମୁଁ ଯେବେ ବିଚରଣ କରୁ ଥାଏ, ମନ୍ଦମନ୍ଦ ବହୁଥିବା

ମଳୟ ପବନ ସାଥୀରେ, ସ୍ମୃତି ସବୁ ଆସି ମୋ ଅଜାଣତରେ
ମୋ ଆଖି ବୁଜି ଧରନ୍ତି, ମୁଁ ରୋମାଞ୍ଚିତ ହୁଏ, ଏମାନେ କଏ,
ମୋ କଲେଜ୍ ସାଙ୍ଗ, ସାଲୁଅର୍ କମିଜ୍ ପିନ୍ଧା ଝିଅଟିଏ କଲେଜ୍
ଯାଏ, ହସ ଖୁସିର ହଷ୍ଟେଲ ଜୀବନ, ପୂଜା ମଉଜ,
ଅନୁଆଲ୍ ଫଙ୍କ୍ସନ୍, ବଜାର ଯିବା ବାଟରେ ଗୁପଚୁପ୍ ଖାଇବା,
ପୁଣି ସନ୍ଧ୍ୟା ପୂର୍ବରୁ ହଷ୍ଟେଲ ଫେରିବା, ମୁଁ ଆହ୍ଲାଦିତ ହୁଏ,
ଠିକ୍ ଏତିକି ବେଳେ ସେମାନେ ଫେରିଯାନ୍ତି ଯେଝା ବାଟରେ ।
ବେଳେବେଳେ ନଦାଘର ନଛାଟିଆ ଖରାବେଳେ
ସ୍ମୃତିସବୁ ହଠାତ୍ ପଶିଆସନ୍ତି ମୋ ମନ
ଇଲାକାକୁ, ଦଲକାଏ ଝାଞ୍ଜି ପବନ ସାଥୀରେ,
ଜିଭ ଦେଖେଇ ଖତେଇ ହୁଅନ୍ତି, ଦାନ୍ତ ନକଟି ନକଟି
ହସନ୍ତି, ମୁଁ କାଳେ ବାଜି ହାରିଯାଇଛି, କାରଣ ମୁଁ ମା ଟିଏ,
ମୋ ହୃଦୟରୁ ବହୁଛି ମମତାର ମନ୍ଦାକିନୀ,
ମୁଁ କେମିତି ପହଞ୍ଚିବି ସୁମେରୁ ଶିଖରରେ ,କେହି ବୁଝୁ ବା
ନବୁଝୁ ମୁଁ କେବଳ ନଜକୁ ହରେଇବା ହିଁ ଶିଖିଛି,, ।
ଏବେ କଛିଦିନ ହେଲା ମୋ ମନ କୋଠରୀର
ଚେତନାର ସିନ୍ଦୁକ ଭିତରେ ସ୍ମୃତିର ଫରୁଆ ରେ
ଅନୁଭୂତିମାନେ ବନ୍ଦ ହୋଇ ରହିଛନ୍ତି ମୋତେ
ଉପେକ୍ଷା କରି ଏଣିକ ଏମାନେ ଅପ୍ରତିଭ ଅସଂଲଗ୍ନ
ମୁହୂର୍ତ୍ତରେ ଆଉ ଆସିପାରିବେନ, ମୁଁ ଏବେ ଆଉ କାହା
ପ୍ରେମରେ ପଡ଼ିଛି, ମୋ ପ୍ରିୟ ବାନ୍ଧବୀ, ମୋ ଅବଶିଷ୍ଟ
ଜୀବନ ସାହାରା, ମୋ ମଣି କାଞ୍ଚନ ହୀରା, ସୁରଭିତ ମୋ
ମନର ଅଗଣା, ବେଶ୍ ହେଲାତେଲଲୁଣ ସଂସାର, ଆଉ
କଛି ନାହିଁ ଅଭିଯୋଗ, କେବଳ ମୁଁ ଆଉ ମୋର ଅନୁଭବ ।

ଶିକ୍ଷକ, ମ୍ୟୁନସିପାଲ ହାଇସ୍କୁଲ, କେନ୍ଦ୍ରପଡା

# ଅନୁଶୋଚନା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଭାଗ୍ୟଟା ମୋତେ ଠକ ଦେଇଗଲା,
କା ଆଗେ କହିବି, ଶୁଣିବ କଏ?
ଶୁଣିବା ଲୋକଟା ହାତ ଛାଡିଦେଲା,
ଏକାନ୍ତ ନଜର ଥିଲାଟି ଯିଏ ।
ପାହାଡଟାକୁ ମୁଁ ଦୁଃଖ ଜଣାଇଲି,
ହତାଶାରେ ଶେଷେ ପଡିଲି ଥକ,
ନିଷ୍ଠୁର ପାହାଡ କେମିତି ବୁଝିବ?
ସିଏତ ଗୋଟାଏ ନିର୍ଜୀବ ସାକ୍ଷୀ ।
ଅତୁଠରେ ମୁହିଁ ଗାଧୋଇ ପଡିଲି,
ପାଦଟାଣି ନେଲା ଜୁଆରୀ ନଈ,
କୂଳେ ଥିବା ଲୋକେ ମଜା ଦେଖୁଥିଲେ,
ସାହାଯ୍ୟ ଟିକିଏ ଦେଲେନି କେହି ।
ସ୍ୱାମୀ ସ୍ତ୍ରୀ ସମ୍ପର୍କ ହେଲେ ହେଁ ସ୍ୱର୍ଗୀୟ,
ସ୍ୱାମୀ ବୁଝେନାହିଁ ସ୍ତ୍ରୀର ମୂଲ୍ୟ;
ବିନାଦୋଷେ ନିଜ ସ୍ତ୍ରୀକୁ ତେଜଇ
କାତି ଛାଡୁଥିବା ସର୍ପର ତୁଲ୍ୟ ।
ନିର୍ମଳ ପ୍ରେମଏ ଜଗତେ ବିରଳ,
ସ୍ୱାମୀ-ସ୍ତ୍ରୀ ସମ୍ପର୍କ ହୋଇଛି ନଷ୍ଟ,
ଦୁର୍ବିସହ ଏଠି ନାରୀର ଜୀବନ,
ଦିନ ବିତାଇବା ବହୁତ କଷ୍ଟ ।

ଅନୁତାପ ପରେ କରେ ଅନୁତାପ
ଦୂର ଅତୀତକୁ ମନେ ପକାଇ,
ଅନୁଶୋଚନାରେ କହି ସେ ପକାଏ,
"ଏତେ ବଡ ଭୁଲ କଲି କମ୍ପାଇ?"
ସବୁ ତାର ସ୍ୱପ୍ନ, କଳ୍ପନା-ଜଳ୍ପନା,
ଶୂନ୍ୟତା ଭିତରେ ଯାଏ ମିଳେଇ;
ଅନୁଶୋଚନାର ଜଳନ୍ତା ଅଗ୍ନିରେ
ସବୁ ସୁଖ ଯାଏ ଅଙ୍ଗାର ହୋଇ ।
ବିଧିର ବିଧାନ, ଭାଗ୍ୟର ଲିଖନ,
କେବଳକ ନାରୀ-ସମାଜ ପାଇଁ?
ଦୁନିଆଁ ଆଖିରେ ଧୂଳି ଫିଙ୍ଗିଦେଇ
ପୁରୁଷଟା ବୁଲେ ନିର୍ଦ୍ଦୋଷ ହୋଇ ।
ଅନ୍ଧ ଆଇନୀ ବୁଝେନାହିଁ କିଛି,
ପତ୍ନୀକୁ ପତିଠୁଁ ଦିଏ ଦୂରେଇ;
କପାଳ ଆଦରି ବଞ୍ଚେ ସେହି ନାରୀ
ଅନୁତାପ ରୂପି ବିଷକୁ ପିଇ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉଲକେଲା, ଓଡିଶା

# ଅଫେରା ବାଟର ଯାତ୍ରୀ



ଅଧ୍ୟାପକ ଶରତ କୁମାର ଦାସ

ଉଷାର ଆଲୋକେ ଘୂରୁଥାଏ ନିତି
ଅଜଣା ପଥିକ ପ୍ରାୟ,
ଚାହିଁ ଆଗମନେ ପାନ୍ଥଶାଳା ମୁଁ ଯେ
ଖୋଜି ବୁଲେ ପରିଚୟ ।

ତିମିରର କ୍ଷୁଧା ହୃଦୟେ ମୋ ବନ୍ଧା
ପାଦତଳ ମାଟି ଶୂନ୍ୟ,
ସୁଦୀର୍ଘ ଏ ପଥେ ପଦଚାରୀ ମୁଁ ଯେ
ମନ ମୋର ମୋହାଚ୍ଛନ୍ନ ।

ଘଂଚ ଆରଣ୍ୟର ଆହାତ ପକ୍ଷୀ ମୁଁ
ଖୋଜୁ ଥାଏ ନିତି ନୀଡ,
ମେଘର ବର୍ଷଣ ଝଡର କଷଣ
ଭାଙ୍ଗିଦିଏ ମୋର ହାଡ ।

ଆହାତ ଆତ୍ମାରେ ଅନେକ ଯନ୍ତ୍ରଣା
ରୁଧିରରେ ଯାଏ ଭିଜି,
କ୍ଷଣିକ ପଥିକ ଆଶ୍ଳେଷ ଅୟୁତ
ଅନ୍ତରିକ୍ଷେ ଯାଏ ହଜି ।

ଆଗକୁ ଲମ୍ବିଛି ଅସରନ୍ତି ପଥ
ଫେରିବାର ରାସ୍ତା କାହିଁ !
ଚଉଦିଗ ଯାହା ଅନ୍ଧକାର ଭରା
ଦିଗ ଖୋଜି ପାଉ ନାହିଁ ।

ଅଫେରା ବାଟର ଡାକରା ଆସିବ
ଚାଲିଯିବି ଦିନେ ଦୂରେ,
ସମ୍ପର୍କର ଯେତେ ରଜତ ବୈଭବ
ଭିଜୁଥିବ ଅଶ୍ରୁନୀରେ ।

ନିଷ୍ଠୁର ସେ ପଥ କଠିନ ସେ ଯାତ୍ରା
ପାଷାଣଠୁ ଶକ୍ତ ଛାତି,
ସ୍ୱାଗତ ପାଇଁକି ବସିଥିବ ଚାହିଁ
ନୀରବ ନିଃସ୍ପନ୍ଦ ରାତି ।

ଶୁଷ୍କ ମରୁପଥେ ଚାଲିଯିବି ଦୂରେ
ତପ୍ତ ଆଖି ଲୁହ ମେଳେ,
ଅଜଣା କମ୍ପନେ ଥରୁଥିବ ବୁକୁ
ଅଦୃଶ୍ୟ ଛାଇର କୋଳେ ।

ପଛେ ରହିଯିବ ସ୍ୱପ୍ନର ମହଲ
ରାଗ ଅନୁରାଗ ଯେତେ,
ନିଶୀଥ ପ୍ରହରେ ଝାରୁଥିବ ଲୁହ
ପାନ୍ଥଶାଳା ଏକା କେତେ ।

ସ୍ମୃତି ସବୁ ଯେତେ ବିଲୀନ ହୋଇବ
ଛୁଇଁବ ନିଦାଘ ଜ୍ୱାଳା,
ସୂର୍ଯ୍ୟ ବୁଡିଗଲେ ଖୋଜୁ ଥିବ ଚନ୍ଦ୍ର
ରଜନୀର ପାନ୍ଥଶାଳା ।

ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର

# ସୁନ୍ଦରବନରେ ଯାତ୍ରା



ଅଶୋକ ବିଶ୍ୱାଳ

## ସୁନ୍ଦରବନରେ ଯାତ୍ରା- ୧୨

"ଆରେ ବାଘର ତଟକା ପାଦଚିହ୍ନ ।"- ତପନ କହିଲା । ଏ ଭିତରେ ବାଘ ବାଘ ହୋଇ ତପନ ପାଦଚିହ୍ନ ଜାଣିଗଲାଣି ।

"ତମେତ ସବୁବେଳେ ବାଘ ପାଦଚିହ୍ନ ଦେଖୁଛ । କିନ୍ତୁ ସତକୁ ସତ ବାଘ କାହିଁ?"- ବିଜୟ କହିଲା ।

ଗୌତମ ସେ ଚିହ୍ନକୁ ଭଲ ଭାବେ ଲକ୍ଷ୍ୟ କଲା । ବାଁ କୂଳରୁ ଡାହାଣ କୂଳର ଦୂରତା ପ୍ରାୟ ୨୦ ଫୁଟ ହେବ । ବାଘ ପାଦଚିହ୍ନ ଉଭୟ କୂଳରେ ଅଛି ।

"ବାଘଟା ଡାହାଣ କୂଳରୁ ବାମ କୂଳକୁ ପାରି ହୋଇଛି ।"- ହାଲଦାରବାବୁ କହିଲେ । ସବୁଜ ସୁନ୍ଦରବନର ବାଘ ସବୁବେଳେ ନଦୀ ନାଳ ପାର ହୋଇ ଗୋଟାଏ ଯାଗାରୁ ଆଉ ଗୋଟାଏ ଯାଗାକୁ ଯାଉଛି ।

"ମୋ ଭାଗ୍ୟରେ ନାହିଁ ।"- ଆଉ ଥରେ ବିଜୟ କହିଲା ।

"ଏବେବି ବାଘ ମୋ ଆସିବା ଆଗରୁ ନାଳ ପାରହୋଇ ଲୁଚଯାଇଛି ।"- ଏତିକି କହି ଏକ ବହି ପଢିବାକୁ ଲାଗିଲା । ତାପରେ ସେ ବହିର ଏକ ପଂକ୍ତି ପଢିବାକୁ ଲାଗିଲା

"ସୁନ୍ଦରବନରେ ବାଘ ନଦେଖିଲେ ମନ ଦୁଃଖ କରିବ ନାହିଁ । ସୁନ୍ଦରବନର ସୁନ୍ଦରତା ଦେଖ ।"

"ଜଙ୍ଗଲର ସୁନ୍ଦରତା ଦେଖ ।"- ତପନ କହିଲା ।

"କଥାଟା ଲେଖକ ଠିକ ଲେଖିଛନ୍ତି । କିଏ ଜାଣେ ବାଘ ମିଳଯାଇପାରେ । ଆଉ ଟିକେ ଆଗକୁ ଯିବା ।"- ବିଜୟ କହିଲା । ତା' ମୁଣ୍ଡରେ ବାଘ ଦେଖିବାର ନିଶା ଘାରିଥିଲା ।

ଗୌତମ ମୁଣ୍ଡ ହଲାଇଲା । ଏଥର ମୁଣ୍ଡ ଜୋରରେ ହଲୁନଥିଲା । ଅର୍ଥାତ ବୋଟ ଆଉ ଆଗକୁ ଇଞ୍ଜିନ ଚଳାଇ ଯାଇପାରିବ । ପାଣି ଏକ୍‌ଦମ କମ ନାହିଁ । ଏ ଖାଲଗୁଡାକରେ ପାଣି ସ୍ଥିରହୋଇ ରହେ । କେଉଁଠି ଡାଳ ବୁଡି ରହିଥିବାର ଭୟ ନାହିଁ । ଏସବୁ ଖାଲରେ ଜଙ୍ଗଲୀ ଜୀବଜନ୍ତୁଙ୍କ ଯାତାୟତ ଅଧିକ ।

ଏକ ଛୋଟ କଜଳପାତି ଭଳ ଦୁଇଟି ଚଢେଇ ପାଣି ଉପରକୁ ଝାମ୍ପମାରି ପୁଣି ପାଣି ଧାରରେ ଥିବା ଡାଳଉପରେ ବସି ଯାଉଥିଲେ । ସେମାନଙ୍କ ଥଣ୍ଟ ଉଡିଲାବେଳେ ପାଣି ଛୁଇଁବ ଛୁଇଁବ ହେଉଥିଲା ।

“ସେମାନେ ପାଣି ଉପରୁ ପୋକ ଧରୁଛନ୍ତି ।”- ହାଲଦାରବାବୁ କହିଲେ । କେହି କନ୍ତୁ ପୋକ ଦେଖିପାରୁ ନଥିଲେ । ଏତେ ଦୂରରୁ ଛୋଟ ପୋକ ଦେଖିବା ଅସମ୍ଭବ ।

ନାଳର ଧାରରେ ଗୋଲପତା ପାମ ଗଛଗୁଡାକ ଖୁବ ସୁନ୍ଦର ଥିଲା ଯେମିତିକ କଏ ନଜ ଲନରେ ସୁନ୍ଦର ଭାବେ ଏ ଗଛଗୁଡାକୁ ଧାଡିକରି ଲଗାଇ ଦେଇଛି । ଉର୍ବର ମାଟି । ଗଛ ବେଶ ଭଲଭାବେ ବଢିଥିଲା । ପତ୍ର ଉଜ୍ଜ୍ୱଳ ସବୁଜ । ଅପରାହ୍ନର ଆଲୋକରେ ପତ୍ରସବୁ ଝଲସୁଥିଲା । ଏ ଗଛର ପତ୍ର କେବେ ଶୁଖେ ନାହିଁ । ଗଛ ସବୁବେଳେ ଗାଢ ସବୁଜ ଆଉ ଗଣ୍ଡିଟା ମୋଟ, ପତ୍ରରେ ଘୋଡାଇ ହୋଇଥାଏ । ଗଛରୁ ଲାଲରଙ୍ଗର ପେନସିଲ କାଠିଭଳ ପେନ୍ଥାରେ ଫୁଲସବୁ ଝୁଲୁଥିଲା ।

ପାଖର ନାଳସବୁ ପାଣିର ବେଶ ଉପରେ । ଭଟ୍ଟାରେ ପାଣି ପ୍ରାୟ ୮-୧୦ ଫୁଟ ଖସିଗଲାଣି। ଉପରେ ପତଳା ପାଣି ଧାରମାନ । ନରମ ପାତଳ କାଦୁଅ ସବୁଠି । ପାଣି ଆହୁରି କଛି ଖସିବ ।

“ଏଇଟା ବାରହାର ପାଦଚହ୍ନ । ଗଭୀରତା ଦେଖୁନ ।”- ତପନ କହିଲା ।

ସମସ୍ତେ ମୁଣ୍ଡ ହଲାଇଲେ । ତପନ ଏ ମଧ୍ୟରେ ଅନେକ ପାଦଚହ୍ନକୁ ସଠିକ ଭାବରେ ଚହ୍ନିଗଲାଣି । ଦୂରରେ କଛି ଆଉ ପାଦଚହ୍ନ ଦେଖାଯାଉଥିଲା । କନ୍ତୁ କେଉଁ ଜନ୍ତୁର ତାହା ଜାଣି ହେଉ ନଥିଲା ।

“ବାଘ କନ୍ତୁ ଆଖ ପାଖରେ ଅଛି ।”- ହାଲଦାରବାବୁ କହିଲେ । ତାଙ୍କର ସିକ୍ସଥ୍ ସେନସ କାମ କରୁଛି ନା କଣ?

"ଥିବ ନିଶ୍ଚିତ । ଏକା ସମୟରେ ଏକା ଜଙ୍ଗଲରେ ଶିକାର ଆଉ ଶିକାରୀ ରହିବେ । ତେବେତ ଯାଇ ଶିକାରୀର ପେଟ ପୁରିବ ।"- ନିଳୟ କହିଲା ।

"ଏ ବାରହାଟା ଶିକାର ହେବା ନିଶ୍ଚିତ ।"- ତପନ କହୁଥିଲା ।

"କହି ହେବନି । ଲକ୍ଷ୍ୟ କରିବା ।"– ହାଲଦାରବାବୁ କହିଲେ ।

"ଆରେ ଆଗକୁ ଲକ୍ଷ୍ୟକର ।"- ତପନ କହିଉଠିଲା । ସମସ୍ତେ ଚମକି ପଡିଲେ । ବାଘ କି ଆଉ ଆଗରେ **?**

ଆଗରେ ଗୋଟାଏ ସରୁ ଡଙ୍ଗା । ସେଥିରେ ଦୁଇଜଣ ଲୋକ ଥିଲେ । ସେମାନେ କଙ୍କଡା ଧରିବାକୁ ଏମିତିଆ ନିଛାଟିଆ ନାଳରେ ପଶିଛନ୍ତି । ଡଙ୍ଗାରେ କଙ୍କଡା ଧରିବାପାଇଁ ଲମ୍ବା ସୂତା ଆଉ ମାଛଖଣ୍ଡ ଥୋପମାନ ଥିଲା । ଡଙ୍ଗାଟା ବହୁତ ସାନ| ବାଘ ସହଜରେ ଏମିତି ଡଙ୍ଗାକୁ ଚଢିଆସିବ । ପାଖର ବାଘ ପାଦଚିହ୍ନ ଏକଦମ ତଟକା ଲାଗୁଥିଲା । ଏ ଲୋକମାନେ ଭିତରକୁ ଆସିବା ଭିତରେ ବୋଧହୁଏ ବାଘ ଏ କୂଳରୁ ସେକୂଳକୁ ପାର ହୋଇଛି । କୂଳର ପାଖରେ ଜଙ୍ଗଲ । ତା' ଅର୍ଥ ବାଘଠୁ ସେମାନେ କେଇ ଫୁଟ ଦୂରରେ । ବାଘ ଛପିରହି ଏମାନଙ୍କୁ ସହଜରେ ଲକ୍ଷ୍ୟ କରୁଥିବ । ଟିକିଏ ପାଖେଇ ଆସିଲେ ଜଣକୁ ଶିକାର କରିନେବ ।

"ତମେ ବାଘକୁ ଦେଖିନ**?**"– ତପନ ପ୍ରାୟ ଥରିଥରି ପଚାରୁଥିଲା । ତା' ଭିତରେ ଏକ କମ୍ପନ । କିଛି ସତରେ ଘଟିଯାଇଛି କି**?**

"କାହିଁ ନାହିଁ ତ ।"– ଲୋକଟି ବଡ ନିରୀହ ଭାବରେ ଉତ୍ତର ଦେଲା ।

ସେ ଲୋକ ଦୁହିଁଙ୍କ ମୁହଁର କିଛି ଭାବର ପରିବର୍ତ୍ତନ ହେଉ ନଥିଲା । ଦୁହେଁ ବୟସ୍କ ବ୍ୟକ୍ତି । ବଡ ନଦୀରୁ ମାଛ ଧରିବାପାଇଁ ଦେହରେ ଆଉ ବଳ ନାହିଁ । ଏତେ ଦୂର ଆହୁଲାମାରି ଯାଇପାରିବେ ନାହିଁ । ମାଛ ଧରାରେ ବେଶି କଷ୍ଟ । କଙ୍କଡାଧରା ସହଜ । ସେଇଥିପାଇଁ ଏମିତିଆ ଛୋଟନଦୀରୁ କଙ୍କଡା ଧରିବାଟା ଆପଣେଇ ନେଇଛନ୍ତି । ଲୋକଟା ଏକ ଲମ୍ବା ଶ୍ୱାସ ନେଲା । କିଛି କରିବାର ନାହିଁ ।

ଆଉ ଟିକେ ଆଗରେ ସରୁ ନାଳରେ ଏମୁଣ୍ଡରୁ ସେମୁଣ୍ଡକୁ ଏକ ଜାଲ ଲାଗିଥିଲା । ସେମିତି ଆଉ ଦୁଇଜଣ ବୟସ୍କ ବ୍ୟକ୍ତି ସେଥିରେ ଥିଲେ । ସେମାନଙ୍କ ଡଙ୍ଗାଟା ପତଳା । ବୋଟ

ପାଖେଇ ଆସିବାରୁ ଜାଲକୁ ଟିକଏ ଉଠେଇ ଦେଲେ । କେତେଟା ଧଳା ଛୋଟମାଛ ଜାଲରେ ଲାଗିଥିଲା ।

୧୦୦ ମିଟର ଦୂରରେ ଏ ଅଣଓସାରିଆ ନାଳ ସରିଗଲା । ଆଗର କାଦୁଅରେ ସବୁଆଡୁ ମୁଖ୍ୟନାଳକୁ ପତଳା ପାଣିଧାରମାନ ବୋହିଆସିଛି । ନରମ କାଦୁଆରେ ବାଘର ପାଦଚ ସ୍ପଷ୍ଟଭାବେ ପଡିଥିଲା । ସେଇ କାଦୁଆ ମାଟିର ଠିକ ତଳେ ଆଉ ଦୁଇଜଣ ବ୍ୟକ୍ତି ଏକ ସରୁଆ ଡଙ୍ଗାରେ ଜାଲକୁ ପାଣିରେ ଓହ୍ଲାଇବାପାଇଁ ସଜ କରୁଥିଲେ । ଲୋକ ଦୁଇଜଣ ବେଶ ପତଳା । ଦେହରେ ଯେମିତି ପଳାଏ ମାଂସ ନାହିଁ । ସେମାନଙ୍କ ସରୁ ଡଙ୍ଗାଟା ପାଣି ଉପରୁ ପ୍ରାୟ ଦୁଇଗୃଖଣ୍ଡ ଉପରେ ଥିଲା । ବାଘ ସହଜରେ ପହଁରି ନୌକା ଉପରେ ଚଢିଯିବ ।

"ଏ ଲୋକମାନେ ଜୀବନକୁ ପାଣି ଛଡାଇ ମାଛ ଧରୁଛନ୍ତି ।"- ଜଳୟ କହିଲା ।

"ନହେଲେ ଏମିତିଆ ସ୍ଥାନରେ କଏ ମାଛଧରା କଥା ଭାବନ୍ତା ? ଆଉ ଘଣ୍ଟାକରେ ଅନ୍ଧାର ହୋଇଯିବ । ଏ ଲୋକଗୁଡା ଅନ୍ଧାରରେ ଏମିତିଆ ନାଳରେ ଆଉ ଏମିତି ଛୋଟ ଡଙ୍ଗାନେଇ ରାତି ବିତେଇବେ ।"– ପାଓଲି କହିଲେ । ଏ ଲୋକମାନଙ୍କ ପାଇଁ ତାଙ୍କର ମନରେ ଦୟା ଆସୁଥିଲା । ଦେହରେ ପଳେ ମାଂସନାହିଁ କନ୍ତୁ ଜୀବିକାପାଇଁ କେଉଁ ଭିତରକୁ ଆସିଯାଉଛନ୍ତି ।

"ବାଘପାଇଁ ଏମାନେ ସହଜ ଶିକାର । ବେଶି କଛି ଚେଷ୍ଟା କରିବାର ନାହିଁ ।"- ଜଳୟ କହିଲା । ତା' କଥାରେ ଥଟ୍ଟା କଲାଭଳ ସ୍ୱର ନଥିଲା । କାହାକୁ ଥଟ୍ଟା କରିବ? ତା'କୁ କଛି ଏମିତି ସେମିତି କହିବାପାଇଁ ଇଚ୍ଛା ହେଉନଥିଲା ।

ବୋଟ ମୁଖ୍ୟଧାରକୁ ଫେରି ଆସୁଥିଲା । ନଦୀଧାରରେ ନୀଳରଙ୍ଗର ମାଛରଙ୍କା ଚଢେଇଟିଏ ଜୋରରେ ପାଟିକରି ଡାକୁଥିଲା । ପକ୍ଷୀଟା ପାଟିକରିକରି ଏକ ଶୁଖିଲା ଡାଳ ଉପରେ ବସିଗଲା । ଡାଳଟା ପାଣି ଉପରକୁ ନଇଁ ଆସିଥିଲା । ବୋଟ ପାଖେଇ ଆସିବାରୁ ଫୁରକନା ଉଡିକରି କେଉଁ ଗଛ ଉଢାଳରେ ଲୁଚଗଲା ।

-ସମାପ୍ତ-

ସେକ୍ଟର-୩, ସଲ୍ଟଲେକ, କଲିକତା

# ଜୀବନ



ସନାତନ ମହାକୁଡ

ଜୀବନ ପ୍ରଦୀପ ଜଳଚାଲେ
ଦୀପ ସାଥେ ଘୃତ ସାଥେ
ନେଇ ସଂଗ୍ରାମ ସମସ୍ୟା
ଆଶା ପ୍ରତିଶ୍ର ତି ।

ଦୀପ ଜଳେ ବତୀ ଜଳେ
ଘୃତ ଶେଷେ ଲିଭି ଯାଏ
କାଳବଳେ ।

କଏ ଜିଏଁ ଡ଼ରି ଡ଼ରି
କଏ ଜିଏଁ ମରି ମରି
କଏ ଜିଏଁ କରି କରି
କଏ କରାଇ ଚାଲେ
କଏ ଡରାଇ ଚାଲେ
କଏ ହରାଇ ଚାଲେ
ସିଏ ଜିଏଁ
ଯେ ଛାଡି ଯାଏ
ଫଳ ତ୍ୟାଗ କର୍ମ ସାଧନାର
ଅନ୍ୟ ଉପକାରେ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ଚ୍ଛଷ ମୁଁ କରୁଛି ଗାଆଁରେ



ଶିଶିର କୁମାର ପଣ୍ଡା

କଲିକତା ଛାଡ଼ି ପାଞ୍ଚମାସ ହେଲା
ରହିଛି ଆସି ମୁଁ ଗାଆଁରେ
ମଙ୍ଗଳା ଡିହରୁ କୁଆଁସ ଆସିଲେ
ଆମ ଘର ପଡ଼େ ବାଆଁରେ ।
ଧାନଚ୍ଛଷ ଏବେ ହାତେ ମୁଁ କରୁଛି
ଭାଗଚ୍ଛଷୀ ଠାରୁ ଫେରେଇ
କୋଉଠାରେ ବାଡ଼, କୋଉଠି ବା କଣ୍ଟା
କୋଉଠି ଜାଲକୁ ଘେରେଇ ।
ରୁଆପୋତା ଏବେ ସାରି ଦେଇଅଛି
ମଡ଼େଇ କେନାଲ ପାଣିକ
ପାଳକ ଏଥର ଭଲନାହିଁ ବୋଧେ
ଏଇ କଥାଟିକୁ ଜାଣିକ ।
ଖତ ଦେଇଅଛି, ସାର ବି ଦେଇଛି
ଯାହା ଯେତେବେଳେ ଦବାର
ପ୍ରଭୁଙ୍କ ଦୟାରୁ ଆଶା ବି ରଖିଛି
ଫଳ ଷୋଳଅଣା ହବାର ।
କରୋନା ପାଇଁ ଏ ଅଳଆ ।
ପଇସା ଆସିଲେ ଗୋଟିଏ ଜାଗାରୁ
ତିନଜାଗା ପଡ଼େ ଘଳଆ ।

କୁଆଁସ , ମେରଦା କାଟିଆ , ଯାଜପୁର

# ଚନ୍ଦ୍ରଲେଖା



ପ୍ରତିମା ମେହେର

ଚନ୍ଦ୍ରଲେଖା'ର ଚଠି ଆସିଛି
ସଜାଇଛି ହୃଦବନେ
ମନଫରୁଆରେ ଶବ୍ଦ ପାଖୁଡ଼ା
ରହିଛି କୁଞ୍ଜବନେ

ତା' ହାତଲେଖା'ର ପ୍ରତିଟି ଶବ୍ଦ
ଲାଗେ ଗୋଲାପ'ର କଢ଼ି
କୋମଳ ପରେଶ ଶିହରଣ ଖେଳେ
ଲାଗେ ଫୁଲଠୁ ବଢ଼ି

ଅଙ୍ଗେ ଅଙ୍ଗେ ମୋର ପ୍ରୀତି'ର ଢେଉ
ଝୁମି ଝୁମି ନାଚ୍ୟାଏ
ମୁଦ୍ରିତ ନୟନେ ଅପରୂପ ଛବି
ମନକୁ ଗ୍ରେର୍ଇ ନଏ

ପରଶ ତା'ର ଫୁଲଠୁ କୋମଳ
ମଧୁର ବାସ୍ନା ତାର
ପୁଲକତ ହୁଏ ଆପଣା ଛାଏଁ ହେ ପ୍ରିୟା..
ଅପେକ୍ଷା କରେ ମୁଁ ତୋର.......

ପାଟଣାଗଡ଼, ବଲାଙ୍ଗିର

# ପ୍ରକୃତି ର ଚତ୍ରକର

ପ୍ରିୟଦର୍ଶିନୀ ମହାପାତ୍ର

କେଉଁ ତୁଳୀ ଧରି ଆଙ୍କିଦେଲ ତୁମେ
ଆହେ ପ୍ରକୃତି ର ଚତ୍ରକର
ଭରି ଦେଲ ସାତ ରଙ୍ଗ ର ରଙ୍ଗୋଲି
ସତେ ଅପରୂପ ସୌନ୍ଦର୍ଯ୍ୟ ର.....
ଧରଣୀ ରାଣୀ କୁ ସଜେଇ ଦେଇଛ
ନାନା ରଙ୍ଗେ ବସ୍ତ୍ର କରି
ବନ ଉପବନ ଦିଶେ ଅନୁପମ
ବୃକ୍ଷେ ଫଳ ପୁଷ୍ପ ଭରି...
ନଦୀ ରେ ଭରିଲ ଅଳସି ର ଲାଜ
ବିହଙ୍ଗ ର ମୁଖେ ସୁର
ପବନରେ ପ୍ରୀତିଝରା ସ୍ପର୍ଶ ଦେଇ
ଆଙ୍କିଦେଲ ଚତ୍ର କର.....
ଗଗନେ ଭରିଲ ଚକ୍ ମିକ୍ ତାରା
ତା ସହିତ ମେଘ ମାଳ
ଚନ୍ଦ୍ରମା ସହିତ ସଜେଇ ଦେଇଛ
ଅମା ଅନ୍ଧକାର କୋଳ...
ସୂର୍ଯ୍ୟ କିରଣେ ପୂର୍ବ ଆକାଶେ
ସତେ ପିନ୍ଧୁଛି ମଥାରେ ସିନ୍ଦୂର
ଊଷା ଓ ରଜନୀ ଦୁଇ ଭଗ୍ନୀ ପରୀ
ଆସୁଥାନ୍ତି ନେଇ ଉପହାର...

ଏ ଫୁଲୁ ସେ ଫୁଲ ମଧୁ ଆଣିବାକୁ
ଯାଏ ପ୍ରଜାପତି ସହ ଭ୍ରମର
ଯେତେ ଦେଖୁଥିଲେ ନୂଆନୂଆ ଲାଗେ
ଏମିତି ଆଙ୍କିଲ ଚତ୍ରକର...
ଧନ୍ୟ ଚତ୍ରକର ଧନ୍ୟ ତୁମ କୀର୍ତ୍ତି
ଜଣାଉଛୁ ଆମ ନମସ୍କାର
ସୌନ୍ଦର୍ଯ୍ୟ ର ଆଭୂଷଣକୁ ପିନ୍ଧାଇ
ସାଇତି ରଖିଥା ହେ ଈଶ୍ୱର ... ।

ଶିକ୍ଷୟିତ୍ରୀ
ଜୟଦେବ ବିହାର
ଭୁବନେଶ୍ୱର

# ଦେଇ ଥିଲେ ପାଇ



ସୁଷମା ପରିଜା

ଓଡିଶାର ପୁରପଲ୍ଲୀରେ ଘୁରି ବୁଲୁଥିବା ଚକୁଳଆ ପଣ୍ଡା ମାନଙ୍କର ଗୀତ ପଦେ ମନେ ପଡେ ।

"ଦେଇଥିଲେ ପାଇ ମା' ଲେ଼ ଖୋଇଥିଲେ ଖାଇ,
ପଡିଆ ବାରି ରେ ମା' ଲେ଼ ଗୋଧନ ଚରାଇ"

ଅର୍ଥାତ୍, ଦରକାର ସମୟରେ କାହାକୁ କେବେ କଛି ଦାନ ଦେଇଥିବା ଲୋକଟିର ଜୀବନରେ ଅଯାଚତ ଭାବରେ ସାହାଯ୍ୟ ମିଳଥାଏ, କୌଣସି ଭୋକରେ ଥିବା ଲୋକକୁ ମୁଠାଏ ଖାଇବାକୁ ଦେଇଥିବା ଲୋକର ଜୀବନରେ ଖାଦ୍ୟର ଅଭାବ ହୁଏନାହିଁ, ଈଶ୍ବର ସେମାନଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ସବୁମତେ ସାହାଯ୍ୟ କରିଥାନ୍ତି, ଏମିତିକ ଘାସଟିଏ ନଥିବା ପଡିଆ ବାରିରେ ମଧ ସେମାନଙ୍କ ଗାଇଗୋରୁ ଉପାସ ରହନ୍ତି ନାହିଁ ।

ଏଇ ପ୍ରଚଳତ କବିତାର ତାତ୍ପର୍ଯ୍ୟ ବୁଝି ଆଗ କାଳରେ ମଣିଷମାନେ ଦାନ ଧର୍ମ କରୁଥିଲେ, ଭୋକଲା ଲୋକକୁ ଆହାର ଦେଉଥିଲେ, ଦୟା, କ୍ଷମା, ଶାନ୍ତି ସମସ୍ତଙ୍କ ହୃଦୟରେ ବିରାଜମାନ ହେଉଥିଲା । ଧୀରେଧୀରେ ସମୟ ବଦଳବା ସହିତ ମଣିଷର ସ୍ୱଭାବରେ ମଧ ପରିବର୍ତ୍ତନ ଘଟିଲା । ଯନ୍ତ୍ରର ସାହାଯ୍ୟ ନେଇ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇବା ସହିତ ମଣିଷ ଧୀରେ ଧୀରେ ସେଇ ଯନ୍ତ୍ରମାନଙ୍କ ଭଳ ହୃଦୟହୀନ ହୋଇ ପଡିଲା । ନଜର ସ୍ୱାର୍ଥରେ ଅନ୍ଧହୋଇ ମଣିଷପଣିଆ ହରାଇ ବସିଲା । ଅନ୍ୟମାନଙ୍କୁ ଦୟା ଦେଖାଇବା ତ ଦୂରର କଥା, ଆଜିର ଦିନରେ ପୁଅ ଟିଏ ନଜର ଜନ୍ମଦାତା ପିତା ଏବଂ ଜନ୍ମଦାତ୍ରୀ ମାତାଙ୍କୁ ମଧ ନଜର ବୋଝ ମନେକରି ଦୂରେଇ ଦେଉଛି । ତଥାପି ଏଇ ପୃଥିବୀରେ ମଣିଷପଣିଆ ସଂପୂର୍ଣ୍ଣ ଭାବରେ ଲୋପ ଯାଇନାହିଁ, କଛି କଛି ମଣିଷ ଅଛନ୍ତି ଯେଉଁମାନେ ଈଶ୍ୱର ଦତ୍ତ ସେଇ ମହନୀୟ ଗୁଣସବୁକୁ ବଞ୍ଚାଇ ରଖିଛନ୍ତି ନଜ ଭିତରେ । ହୋଇପାରେ ସେମାନଙ୍କ ସଂଖ୍ୟା ମୁଷ୍ଟିମେୟ କନ୍ତୁ ସେଇ ଧର୍ମର ଖୁଣ୍ଟ ମାନଙ୍କ ଉପରେ ଭରାଦେଇ ଏ ପୃଥିବୀ ତିଷ୍ଠିଛି । ଈଶ୍ୱର

ସେଇମାନଙ୍କୁ ନଜର ଆଶୀର୍ବାଦ ଦେଇ ସାରା ସଂସାରରେ ନଜର ଅସ୍ତିତ୍ୱ ପ୍ରତିପାଦିତ କରୁଛନ୍ତି । ସେମିତି ଜଣେ ମଣିଷଙ୍କ କଥା ...

କେରଳ ର ଜଣେ ସାଧାରଣ ଯୁବତୀ ସୁପ୍ରିୟା, ସ୍ୱାମୀ ଏବଂ ଦୁଇ ପିଲାଙ୍କୁ ନେଇ ଛୋଟ ସଂସାରଟିଏ ତାଙ୍କର । ପରିବାରର ପ୍ରତିପୋଷଣ ପାଇଁ ସ୍ୱାମୀ ଗୋଟିଏ ଛୋଟ ପ୍ରାଇଭେଟ୍ କମ୍ପାନୀରେ ଚାକରୀ କରୁଥିଲା ବେଳେ ସୁପ୍ରିୟା ଆକୁଲାସ୍ ଗ୍ରୁପ୍ **(Akkyula's Group)** ର ଜଣେ ସେଲସ୍ ଓମାନ୍ ଭାବରେ କାମ କରନ୍ତି । ଦୁହିଁଙ୍କ ରୋଜଗାରରେ ପିଲାମାନଙ୍କୁ ସୁନ୍ଦର ଭବିଷ୍ୟତ ଦେବା ପାଇଁ ଆପ୍ରାଣ ଉଦ୍ୟମ କରନ୍ତି ଦୁହେଁ । ସ୍ୱଭାବରେ ଖୁବ୍ ଅମାୟିକ ଏବଂ ଭଦ୍ର ସୁପ୍ରିୟା । ସେଲସ୍ ଓମାନ୍ ଭାବରେ ସେଲସ ର ପ୍ରମୋଶନ ପାଇଁ ବିଭିନ୍ନ ଜାଗାକୁ ଯିବାକୁ ପଡେ ସୁପ୍ରିୟାଙ୍କୁ । ଗତ ଜୁଲାଇ ଆଠ ତାରିଖର କଥା, ଅଫିସ୍ କାମରେ ଘରୁ ବାହାରି ରାସ୍ତାରେ ଚାଲି ଚାଲି ଯାଉଥାନ୍ତି ସୁପ୍ରିୟା । ଖରା ତେଜ ଖୁବ୍ ଲାଗୁଥାଏ ଦେହକୁ । ଆଗରେ ଦେଖିଲେ ଜଣେ ଦୃଷ୍ଟିହୀନ ବୟସ୍କ ବ୍ୟକ୍ତି ବାଡିଟିଏ ଧରି ଚାଲି ଚାଲି ଯାଉଛନ୍ତି । ସେଇ ସମୟରେ ଟାଉନ୍ ବସ ଟିଏ ପାସ୍ କଲା ସେଇ ବାଟ ଦେଇ । ଦୃଷ୍ଟିହୀନବ୍ୟକ୍ତି ଜଣକ ହାତରେ ଇଶାରା କଲେ ବସକୁ ରହିବା ଲାଗି, ହେଲେ ବସ୍ ଟି ଅଟକଲା ନାହିଁ ସେଠାରେ । ହୁଏତ କ୍ଲିନରଟି ଅଣଦେଖା କରିଦେଲା ସେଇ ଭିନ୍ନକ୍ଷମଙ୍କର ଇଶାରାକୁ । ଦୂରରୁ ଏ ସବୁ ଦେଖୁଥିବା ସୁପ୍ରିୟା ଦୌଡିଲେ ସେ ବସ୍ ପଛେ ପଛେ । ଅନେକ ବାଟ ଦୌଡି ଦୌଡି ଯିବା ପରେ ଚତ୍କାରକରି କ୍ଲିନରକୁ ଅନୁରୋଧ କଲେ, ମାତ୍ରକଛି ମୁହୂର୍ତ୍ତ ପର୍ଯ୍ୟନ୍ତ ବସଟିକୁ ଅଟକାଇବା ଲାଗି । ସ୍ତ୍ରୀ ଲୋକଟିକୁ ବସ୍ ପଛରେ ଧାଇଁବାର ଦେଖି ବସ୍ ଅଟକାଇଲା କ୍ଲିନର୍ । ତା'କୁ ଅପେକ୍ଷା କରିବାକୁ କହି ପଛକୁ ପୁଣି ଧାଇଁଲେ ସୁପ୍ରିୟା, ସେଇ ଦୃଷ୍ଟିହୀନ ବ୍ୟକ୍ତିଙ୍କ ହାତ ଧରି ଆଣି ବସରେ ବସାଇ କ୍ଲିନରକୁ ଅନୁରୋଧ କଲେ ସେହି ବ୍ୟକ୍ତିଙ୍କର ଗନ୍ତବ୍ୟସ୍ଥଳରେ ପହଞ୍ଚାଇଦେବା ଲାଗି । ଦୃଷ୍ଟିହୀନ ବ୍ୟକ୍ତିଙ୍କ ଆଖିରୁ ଝରି ଆସୁଥିଲା କୃତଜ୍ଞତାର ଲୁହ ଧାରେ ଏବଂ ମୁହଁରୁ ଝରି ପଡୁଥିଲା ଶୁଭାଶୀଷ "ଈଶ୍ୱର ଆପଣଙ୍କୁ ସର୍ବଶୁଭରେ ରଖନ୍ତୁ ମା'" । ସୁପ୍ରିୟାଙ୍କ ମୁହଁରେ ଦୃଶ୍ୟମାନ ହେଉଥିଲା ଗଭୀର ଆତ୍ମସନ୍ତୋଷ । ସେ ଆଗେଇଗଲେ ନିଜ କାମରେ ।

ସେମାନଙ୍କ ଅଲକ୍ଷ୍ୟରେ ଏଇ ସଂପୂର୍ଣ୍ଣ ଘଟଣାଟି କଏଦ ହୋଇଥିଲା ଆଉ ଜଣେ ଯୁବତୀଙ୍କର ମୋବାଇଲରେ । ସୁପ୍ରିୟାଙ୍କର ଏଇ ସମ୍ବେଦନଶୀଳତା ଗଭୀର ରେଖାପାତ କରିଥିଲା ତାଙ୍କ ହୃଦୟରେ । ମଣିଷପଣିଆର ଏକ ଦୃଷ୍ଟାନ୍ତ ଭାବରେ ସେ ସେଇ ଘଟଣାର ଭିଡିଓଟିଏ ତିଆରି କରି ତାଙ୍କ ସାଙ୍ଗମାନଙ୍କ ପାଖକୁ ପଠାଇଦେଲେ । ମାତ୍ର କେତେଘଣ୍ଟା ଭିତରେ ସାରା ଦେଶରେ ଭାଇରାଲ୍ ହୋଇଥିଲା ସେଇ ଭିଡିଓଟି । ସମସ୍ତେ ପ୍ରଶଂସା

କରୁଥିଲେ ସୁପ୍ରିୟାଙ୍କର ଏଇ ମଣିଷ ପଣିଆକୁ । କନ୍ତୁ ସୁପ୍ରିୟାଙ୍କୁ ଜଣା ନଥିଲା ଏ କଥା । ନଜର କାର୍ଯ୍ୟବ୍ୟସ୍ତତା ଭିତରେ ସେ ସମୟପାଇ ନଥିଲେ କ ଦେଖି ପାରିନଥିଲେ ସେଇ ଭାଇରାଲ ଭିଡିଓଟି ।

ଦିନେ ସେଇ ଭିଡିଓ ଆକୁଲାସ୍ କମ୍ପାନୀର ଅଧକ୍ଷ ଶ୍ରୀଯୁକ୍ତ ଜୟ ଆକୁଲାସ୍ ଙ୍କ ଆଖିରେ ପଡିଥିଲା ଏବଂ ସେଇ ଭିଡିଓରୁ ସୁପ୍ରିୟାଙ୍କୁ ନଜର କର୍ମଚାରୀ ବୋଲି ସେ ଚହ୍ନି ପାରିଥିଲେ । ନଜର ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀର ବିଶାଳ ହୃଦବତ୍ତା ଅନୁଭବ କରି ଖୁବ୍ ଖୁସି ହୋଇଥିଲେ ସେ । କମ୍ପାନୀର ଏମ୍ପ୍ଲୋୟୀ ରେକର୍ଡକୁ ଅନୁସନ୍ଧାନ କରି ଦୁଇଦିନ ପରେ ଦିନେ ଶ୍ରୀଯୁକ୍ତ ଜୟ ଆକୁଲାସ୍ ସପତ୍ନୀକ ପହଞ୍ଚିଥିଲେ ସୁପ୍ରିୟାଙ୍କ ଭଡା ଘରେ ତାଙ୍କୁ ଅଭିନନ୍ଦନ ଆଉ ଶୁଭେଚ୍ଛା ଜଣାଇବା ପାଇଁ । ଆଶ୍ଚର୍ଯ୍ୟ ହୋଇଥିଲେ ସୁପ୍ରିୟା ସେମାନଙ୍କୁ ଦେଖି । ସୁପ୍ରିୟାଙ୍କୁ ସବୁ କଥା ଜଣାଇଥିଲେ ଜୟ ଆକୁଲାସ୍ ଏବଂ ତାଙ୍କର ମଣିଷପଣିଆ ପାଇଁ ଅନେକ ପ୍ରଶଂସା କରିବା ସହିତ ଆସନ୍ତା ସପ୍ତାହରେ ତ୍ରିସୁର୍ **(Thrissur)** ସ୍ଥିତ ଅଫିସର ମୁଖ୍ୟ କାର୍ଯ୍ୟାଳୟକୁ ଆସି ତାଙ୍କୁ ଦେଖା କରିବାଲାଗି କହିଥିଲେ ।

ଅଧକ୍ଷଙ୍କ ଆଦେଶ ଅନୁଯାୟୀ ପରବର୍ତ୍ତୀ ସପ୍ତାହରେ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ ସୁପ୍ରିୟା । ବହୁତ ଗୁଡିଏ ଆଶ୍ଚର୍ଯ୍ୟ ଅପେକ୍ଷାକରି ରହିଥିଲେ ତାଙ୍କପାଇଁ ସେଇଠି ।ତାଙ୍କ ଘରକୁ ଯିବା ଦିନ ସୁପ୍ରିୟାଙ୍କ ସହିତ କଥାବାର୍ତ୍ତା ହେବା ଭିତରେ ତାଙ୍କର ସବୁ ସୁବିଧା ଅସୁବିଧା ଦେଖିଥିବା ଆଉ ବୁଝିଥିବା ମାଲିକ ଜଣକ ରୂପରେ ଈଶ୍ୱର ତାଙ୍କର ସବୁ ସମସ୍ୟାର ସମାଧାନ କରି ଦେଇଥିଲେ । ତାଙ୍କର ପ୍ରମୋଶନ ହେବା ସହିତ କମ୍ପାନୀ ନୂଆ ଘରଟିଏ ଉପହାର ଦେଇଥିଲା ତାଙ୍କୁ । ଭାବ ବିହ୍ୱଳ ହୋଇ କାନ୍ଦି ପକାଉଥିଲେ ସୁପ୍ରିୟା । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନଜର ପ୍ରଣାମ ଜଣାଇ ସେ କହିଥିଲେ "ମୁଁ କେବେ ଜୀବନରେ ଭାବି ନଥିଲି ଯେ ସ୍ୱତଃପ୍ରବୃତ୍ତ ଭାବରେ କରିଥିବା ଗୋଟିଏ ଛୋଟ କାମ ପାଇଁ ଏମିତି ଶହ ଶହ ଲୋକମାନଙ୍କ ଶ୍ରଦ୍ଧା ଓ ସମ୍ମାନ ମିଳବ, ମୋ ସହକର୍ମୀ ମାନଙ୍କର ଏତେ ପ୍ରୋତ୍ସାହନ ମିଳବ ମୋତେ । ଇଏ କୌଣସି ବଡ କାମ ନୁହେଁ ସାଧାରଣ ମାନବିକତା । ମୁଁ କୃତଜ୍ଞ ଆପଣମାନଙ୍କ ପାଖରେ ।

ଏଇ ତ ମଣିଷପଣିଆ**!** ଯାହା ଏବେ ବି ବଞ୍ଚିଛି । ସେଇ ସାର୍ବଜନୀନ କଥା ସାର୍ଥକ ହୋଇଛି "ଦେଇଥିଲେ ପାଇ **...**" ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

# ତୁମେ ହିଁ ତୁମେ



ସସ୍ମିତା ପଟ୍ଟନାୟକ

ଡାଏରୀରେ ଥିବା ଶୁଷ୍କ ଫୁଲ ପାଖୁଡ଼ାରେ ତମର ବାସ୍ନା ଆଜି ବି ଅଛି,
ଟିକ ଟିକ ଚିର୍ ହେଇଥିବା କାଗଜରେ ତମ ଇର୍ଷା ବାରି ହେଇ ଯାଉଛି;

ସେଇ ବର ଗଛ ତଳ ଛାଇରେ ତମ ଛାଇର ରୂପ ଆଜି ବି ଅଛି,
ଆମ ଅଶ୍ରୁର ସମର୍ପଣରେ ଛୋଟ ପୁଷ୍ପ ଗଛଟି ଆଜି ସେଇଠି ଉଙ୍କି ମାରୁଛି;

କେତେ କୋଳାହଳ କେତେ ପ୍ରତିବାଦର ଗୁପରେ ବି,
ତମ ସେଇ ମିଠା ମିଠା କଥା ଗୁଡା କାନରେ ଏବେ ବି ବାଜି ଉଠୁଛି;

ଚଳପ୍ରଚଳ ରାସ୍ତାରେ ଅସଂଖ୍ୟ କର୍କଳ ଶବ୍ଦର ଗାଡି ଭିତରେ ବି,
ସେଇ ତୁମ ରାଜକୀୟ ଦୁଇ ଚକା ବାହନଟିର ଶବ୍ଦ ଶୁଣା ଯାଉଛି;

ମାଳ ମାଳ ପାଠ ଆଉ ଗପ ବହିର ସମ୍ଭାର ଭିତରେ,
ବାହାନା କରି ତମର ସେଇ ମୋ ହାତ ଭିଡି ଧରିବା ମନେ ପଡୁଛି;

ଅନେକ ଲୋକଙ୍କ ଆଖି ଆଢୁଆଳରେ,
ତମର ସେଇ ଆଖି ମାରିବାଟା ମନରେ ଏବେ ବି ଶିହରଣ ଭରି ଦଉଛି;

ଆଜିର ଏଇ ଯାନ୍ତ୍ରିକ ଜଗତ ବାର୍ତ୍ତାଳାପଠୁ ଅଧିକ,
ତମ ଆଉ ମୋ ଚିଠିର ଆଦାନ ପ୍ରଦାନ ମନେ ପଡୁଛି ;

କଥାର ସମୁଦ୍ର ମନ୍ଥନ ପରେ ବି ଆଜି କାଲିର ମୌନତାଠୁ,
ନୀରବତାରୁ ତମେ ମୋ ମନ କଥା ବାରି ପକାଇବା ମନେ ପଡୁଛି;

ଅସଂଖ୍ୟ ଟୁକୁର୍ ଟୁକୁର୍ ଅଭୁଲା ସ୍ମୃତି ଉଙ୍କି ମାରିବାଠୁ,
ମୋ ସ୍ମୃତିର ପଟୁଆରରେ ତୁମର ଆବୃତିଟି ମନଲୋଭା ଲାଗୁଛି;

ଭୁବନେଶ୍ୱର

# ଶବ୍ଦ ଅନୁରାଗ

ସଂଘମିତ୍ରା ସାମନ୍ତରାୟ

ଗୁଡାଏ ଅବୁଝା ଶବ୍ଦଙ୍କୁ ନେଇ
କବିତା ଲେଖିଲାବେଳେ
ଛାତିର ପ୍ରତି ସ୍ପନ୍ଦନରେ
ତା ଅସ୍ତିତ୍ୱ, ଅଥଚ
ସେ ତାର ମର୍ମ ବୁଝିବା ଆଗୁଁ
ଦିଗବଳୟର ସେପାଖୁ
ଫେରୁଥାଏ ପାଦେ ପାଦେ ମୁଁ !

ଇତସ୍ତତଃ ଧେନୁପଲ,
ବଂଶୀରେ ପ୍ରେମର ପଞ୍ଚମ ତାନ
ପାରିଜାତରେ ଭରା ଭରା
ପାହାଡ଼ର ସବୁଜ ମଥାନ
ଆକାଶରେ ଧୋବଧାଉଳିଆ ଜହ୍ନ
ଚକୋରୀର ରାତି ଏବେ ଦିନ !

ହଦ ନଥାଇ ଆଖି
ମହଣ ମହଣ ମିଠା ପ୍ରୀତି
କଳା କଜ୍ଜଳର ଧାରେ
ଗାଢ଼ ଶ୍ୟାମ ରାତି,

ସଂଗୋପନେ ରଖିଛି ସାଇତି
ଅପାଶୋରା ସୁମଧୁର ସ୍ମୃତି
କୋମଳ ହାତରେ ତାର
ଅଙ୍କା ଅନୁରାଗର ଝୋଟି !

ଫଗୁଣର ରଙ୍ଗ ମାଖି
ଫର ଫର ଶାଢ଼ୀର ପଣତ
ପ୍ରଜାପତିର ଡେଣାରେ ଭରା
ଗୋପନ ଇଙ୍ଗିତ,
ଫୁଲେଇ ଫୁଲଙ୍କର ଭରି ଗୋଟେ ହସ
ଚୁପ୍ ଚୁପ୍ ସିଏ ଆସେ ବୋଲି ଖୁବ୍ ଗପସପ
କାଠୁଏ ହଳଦୀ ନାଇଛି ହଳଦୀ ବସନ୍ତ
ମିଳନର ଏଇ ମଧୁମାସ
ରହ ସଖୀ,
ଏଇତ ଶୁଭିଲାଣି ତାର ମୃଦୁ ପଦପାତ !

# ବଦଳିବ ଆମ ସମୟ

ଗ୍ରେଜାଲୀନ ପଣ୍ଡା

ବିନା ଭକତେ ଗଲ ମାଉସୀ ମା ଘର ବୋଲି
କରିନାହିଁ ଅଭିମାନ ଜମା
ଆର ବରଷ କୁ ଜମେଇ ଦେବା ଯାତରା
କୋଳାହଳ ପୁଣି ଦୋକାନ
ବଜାର ଆସର.......

ଦେଖାଗଲେ ନାହିଁ ତୁମ ସବୁ ଦାସ
ଟାଣିଲେ ନାହିଁ ତୁମ
ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ....

କର ନାହିଁ ହେ ପ୍ରଭୁ ଅବଶୋଷ
ତୁମ ଆଶିଷେ ଏ ମହାମାରୀ ହେଲେ ଶେଷ
ଆସନ୍ତା ଥରକୁ ପୂର୍ଣ୍ଣ ହେବ
ଆମର ତୁମ୍ଭର ଅଭିଳାଷ........

ଯାତରା ନାହିଁ, ଚହଳ ନାହିଁ, ଶବଦ ନାହିଁ
ତୁମ ଚକା ନୟନେ
ଥରୁଟିଏ ଦିଅ ଗୁହିଁ
ଗୁଲିଯିବ ଏ ସଙ୍କଟ
ଉଭେଇବ କରୋନା ର ଉତ୍ପାତ......

ଏ ଦୁର୍ଦ୍ଦଶା ବେଳ ଗଲେ ଟଳ
ବାଜିବ ଶଙ୍ଖ, ଶୁଭିବ ପୁଣି
ମା ମାଉସୀ ଙ୍କ ହୁଳହୁଳି .......

କରୋନା ର ହେବ ପରାଜୟ
ପରମ୍ପରା ର ହେବ ବିଜୟ
ତୁମ ଆଶୀର୍ବାଦ ଘେନ
ସାହସେ ଆମ ହେବ ବିଜୟ ......

ନହେଉ ଏଥର ଭେଟଘାଟ
ତୁମ ସାଥେ ଆମର
ବଦଳିବ ପରିସ୍ଥିତି
ବଦଳିବ ଏଇ ସମୟ.........

ପାରଳାଖେମୁଣ୍ଡି, ଗଜପତି

# ଶେଷ ସ୍ୱର୍ଗ



ଲିପିକା ମହାପାତ୍ର

ସକାଳୁ ଆଜି ମନଟା କାଇଁ ଭଲ ଲାଗୁନ । ଖାଲି ଚଡିଚଡି ଲାଗୁଛି । ଘରଟା ଯାକର କାମ ପଡିଛି କେତେବେଳେ କରିବି କେଜାଣି । ସୂର୍ଯ୍ୟ ଆଜି ସକାଳୁ ନିଦାଘ ବର୍ଷା କଲେଣି । ସତେକ ପୃଥିବୀଟାକୁ ଗ୍ରୀଷ୍ମମୁଖର କରି ଜାଳଦେବେ । କାମବାଲି ପୁଷ୍ପାର ଦେହ ଆଜିକୁ ଖରାପ ହେବାକୁ ଥିଲା । ପୂଜା, ରୋଷେଇ, ଲୁଗା ସଫା ସବୁ କାମ କଥା ଭାବି ଭାବି ଅଞ୍ଜୁ ବ୍ୟସ୍ତ ବିବ୍ରତ ହୋଇ ପଡୁଥିଲେ । କଳ୍ପନାରେ ଆଉଟୁପାଉଟୁ ହେ ହେଉ ଚୁଲିରେ ଚା ବସେଇଲେ । ମର୍ଣ୍ଣିଂ ୱାକ୍ ରୁ ଆସି ଗରମ ପାଣି ଟୋପେ ଓଠରେ ଲାଗିନ ।

-ଅଞ୍ଜୁ, ଅଞ୍ଜୁ, ଆରେ କୋଉଠି ଅଛ । ଫୋନ୍ ବାଜୁଛି ଧରୁନ କାହିଁକି?

ସ୍ୱାମୀ ଅରବିନ୍ଦଙ୍କ ଶବ୍ଦ ଶୁଣି ଧାଇଁଲେ ଅଞ୍ଜୁ ସୁମଧୁର କଣ୍ଠରେ "ହ୍ୟାଲୋ" କହି ଗପ ଆରମ୍ଭ କରିଦେଲେ । ପ୍ରଥମ ପ୍ରର୍ଯ୍ୟାୟ ଆଦ୍ୟ ସକାଳର ଇଏ ତ ନିତିଦିନିଆ କଥା ।

-ରୁହ ମା!! କଥା ହେଲା ବେଳକୁ ଚା ଚା ରଡି କରନ । ଗ୍ୟାସ୍ ରେ ବସେଇଛି ଛାଣି ଆଣ ଟିକେ ।

ବିଚାରା ପତିଦେବ ଅରବିନ୍ଦ ଭାବିଲେ, ସକାଳୁ ସକାଳୁ ଏମିତି ତାଗିଦ ସତେ କ ବହୁତ କାମକରି ଥକ ପଡିଛନ୍ତି ଅଞ୍ଜୁ ମାଡମ୍ । ରୋଷେଇଘରେ ବିଜେ ହେଲେ ଅରବିନ୍ଦ । ଚା ଛାଣିକ ଆଣି ଅଞ୍ଜୁଙ୍କୁ କପ୍ ଟା ବଢେଇ ନଜେ ସୋଫା ଉପରେ ଚା ଧରି ବସିପଡିଲେ । ଭାବିଲେ ଫୋନ୍ ଟା ନଥାନ୍ତା କ ହାତରେ ।

-ଏହେ ଗୁହା ଟା ପୂରା କଷା ହୋଇଯାଇଛି । ଆରେ ଅଞ୍ଜୁ ଚା ଫୁଟେଇ ଫୁଟେଇ କ୍ଷୀରୀ ଅଠା ଆଉ କଷା କରିବା ତୁମ ଫୋନ୍ ଯୋଗୁଁ ହେଇଛି ।

ଖବରକାଗଜଟି ପଢି ସାରିଲେଣି ଅଥଚ ଗପ ସରିନ ମାଡାମଙ୍କର । ଅଞ୍ଜୁ କାହିଁକି ଶୁଣିବେ । ମନକୁ ଶାନ୍ତ କରି ଅରବିନ୍ଦ ନଜ କାମ ସାରିଲେ ।

ମା ଡାକଲେଣି "ଅଞ୍ଜୁ" ମୋତେ ଜଳଖିଆ ଦେ, ମୁଁ ଔଷଧ ଖାଇଲିଣି । ସମୟରେ ନଖାଇଲେ ଦେହ କଣ ହୋଇଯିବ ।

ଓହୋ ଶାନ୍ତିରେ ବସେଇ ଦେବେନ କହି ଉଠିଲା ଅଞ୍ଜୁ । ଚୂଡା ଉପମା କରି ମା ଙ୍କୁ ଖାଇବାକୁ ଦେଲେ । ଏବେ ସେ ପୁରା ଫ୍ରି ହୋଇଗଲେ ।

ଆଜି ଟିକେ ମଉସାଙ୍କୁ ଦେଖିବାକୁ ଯିବି ଭାବିଲେ ଅଞ୍ଜୁ । ସପ୍ତାହରେ ୨ ଥର ଯାଏ । ଜଲଦି ଜଲଦି କାମ ସାରିଲେ ଯିବି ଭାବି ଟିକେ ବସିପଡିଲେ । ଭାବନାରେ କେତେ କଣ ଖେଳଗଲା । ଭାସିଉଠିଲା ସ୍ମୃତି ସବୁ । ଅଦିନଆଁ ମେଘ ପରି ଝଲକାଏ ଅତୀତ ମାନସପଟକୁ ହଲେଇ ଦେଲା । ଗୌର ମଉସା ସେ । କୋଉଠୁ ଆସିଲେ କାହିଁକ ଓ କେମିତି ଆସିଲେ । ଗୌରବର୍ଣ୍ଣ ଲମ୍ବାନାକ ଦୀର୍ଘ କପାଳଯୁକ୍ତ ମଣିଷଟିଏ । ଧଳାଧୋତି ଉପରେ ହାପ୍ ସାର୍ଟ ଖଣ୍ଡେ ପିନ୍ଧନ୍ତି । ୫ ଫୁଟ୍ ୭ ଇଞ୍ଚ ଉଚ୍ଚତା ସମ୍ପନ୍ନ ବ୍ୟକ୍ତିଟିକୁ ପ୍ରଥମଥର ପାଇଁ ଦେଖିଥିଲେ ଡାକ୍ତରଖାନା ଶଯ୍ୟା ପାଖରେ । ଯୋଉଦିନ ମନ୍ଦିରରୁ ଫେରିବା ବାଟରେ ହଠାତ୍ ଚେତାଶୂନ୍ୟ ହୋଇଗଲେ ରାସ୍ତାରେ ଅଞ୍ଜୁ । ହୋସ୍ ଆସିବା ପରେ ନିଜକୁ ପାଇଲେ ଏକ ଘରୋଇ ଡାକ୍ତରଖାନାରେ । ସମ୍ବିତ୍ ଫେରି ପାଇବା ପରେ ଧିରେ ଧିରେ ଚେତନା ଆସିଲା । ଗୌର ମଉସା ତାଙ୍କୁ ଅଟୋରିକ୍ସାରେ ଏଇ ଆସିଥିଲେ । ଦୀର୍ଘ ସମୟରୁ ଅଚେତ ଥିବାରୁ ନିଜର ଠିକଣା କହିବାରେ ବିଳମ୍ବ ହେଲା । ଯା ଭିତରେ ପ୍ରାୟ ୮ ଘଣ୍ଟା ବିତିଯାଇଛି । ଅବସ୍ଥା ଭଲ ମଧ ନଥିଲା ।ମୁଣ୍ଡ ପଛରେ ଆଘାତ ଲାଗିଥିବାରୁ ଦରକାର ସ୍ଥଳେ ଅପରେସନ୍ ମଧ ହୋଇପାରେ ବୋଲି ଡାକ୍ତର କହିଲେ ।

ଅଚହ୍ନା ଅଜଣା ହୋଇକ ବି ହଁ ଭରି ଦସ୍ତଖତ କରିଦେଇ ଟ.୩୦୦୦/- ଜମା କରିଦେଇଥିଲେ ମଉସା । ବିରି ଗୁଡ଼ଳ ବିକ୍ରିକରି ଯାହା ପଇସା ରଖିଥିଲେ ସେହି ଜମାପୁଞ୍ଜି ଧରି ଚାଲିଆସିଥିଲେ ମଉସା ଘରୁ । ଅଞ୍ଜୁଙ୍କର ହୋସ୍ ଆସି ଫୋନ୍ ନମ୍ବର ମନେପଡିବାରୁ ଅରବିନ୍ଦଙ୍କୁ ଫୋନ୍ କଲେ । ପାଗଳଙ୍କ ପରି ଖୋଜିଖୋଜି ଥକଯାଇଥିବା ଅରବିନ୍ଦ ଧାଇଁ ଆସିଲେ ଡାକ୍ତରଖାନାକୁ । ଅଞ୍ଜୁଙ୍କୁ ଦେଖି ଖୁସି ଯେତିକ ତାଠାରୁ ଅଧିକ ଆଶ୍ଚର୍ଯ୍ୟ ଗୌର ମଉସାଙ୍କ ସାହାଯ୍ୟ ସହାନୁଭୂତି ଦେଖି । ଆଜିକାଲି ସ୍ୱାର୍ଥପର ଦୁନିଆଁରେ କେମିତି ଏତେ ଦରଦୀ ମନରେ ମଉସା ନିଜର ସର୍ବସ୍ୱ ପୁଞ୍ଜିଦେଇ ଜୀବନ ରକ୍ଷା କରିପାରିଲେ ଅଞ୍ଜୁଙ୍କର । ପରିଚୟ ପଚାରନ୍ତେ ସେ କହିଲେ ମୁଁ ଘରଛାଡି ଆସିଛି । ପୁଅବୋହୁଙ୍କର ଅତ୍ୟାଚାର ସହି ହେଲାନି । ଘରୁ ବାହାର କରିଦେଲେ । ବିତାଡିତ ହୋଇ ସହର ଅଭିମୁଖେ ଚାଲିଆସିଲି ସୁଦୂର ଗାଁରୁ । ସ୍ତ୍ରୀ ମରିଯିବା ପରେ ଘର ଓ ବିଲ ୨ ମାଣ ପୁଅ ନିଜ ନାମକୁ କରିନେଲା ।

ଅଞ୍ଜୁ ଓ ଅରବିନ୍ଦାଙ୍କୁ ଘରକୁ ନେଇଆସିଲେ । ସେମାନଙ୍କର ଗୋଟିଏ ଜରାଶ୍ରମ ଥିଲା ନିକଟବର୍ତ୍ତୀ ଗାଁଟିରେ । ଗୌରମଉସା ଆଶ୍ରମ ଦାୟିତ୍ୱରେ ରହିଲେ । ସବୁ ବୃଦ୍ଧ-ବୃଦ୍ଧାଙ୍କର ଯତ୍ନ ନେଉନେଉ ସେ ଆଶ୍ରମ ଉପବନ ହସି ଉଠିଲା । ବଗିଚାରେ ନାନା ରକମ ଗଛ ଲଗେଇ ଚାଷ କଲେ । ସବୁଜ ଶ୍ୟାମଳ ହୋଇ ଫୁଲଫଳ ଖିଲିଖିଲି ହସୁଥିଲେ । ଯା ଭିତରେ ଦୀର୍ଘ ୨ ବର୍ଷ ବିତିଗଲାଣି । ମାସକୁ ମାସ କଛି ଟଙ୍କା ଅରବିନ୍ଦ ମଉସାଙ୍କ ଖାତାରେ ଜମା କରନ୍ତି । ଜୀବନର ନିଛକ ସତ୍ୟ ଯେ କାହାପାଇଁଭଲ ଭାବନା ରଖିଲେ ବା ଭଲ କର୍ମ କଲେ ସୁଫଳ ଅନୁରୂପି ମିଳିଥାଏ । ସହୃଦୟ ବ୍ୟକ୍ତିର ଅଧିକାରୀ ସମର୍ପିତଭାବେ ନିଜ କର୍ମ ମଉସା କରି ଚାଲିଥିଲେ ।

ଆଜି ଅଞ୍ଜୁକୁ ଅରବିନ୍ଦ ଆଶ୍ରମରେ ଛାଡିଦେଇ ଅଫିସ୍ ଗଲେ । ଆଶ୍ରମରେ ଖୁସିର ଲହରୀ ଯେମିତି ଖେଳିଗଲା । ଦିନସାରା ରହି ପୁଣି ଅରବିନ୍ଦ ସାଙ୍ଗେ ଫେରିଲେ । ରାସ୍ତାରେ ଅରବିନ୍ଦ କହିଲେ, ଆମ ଅଫିସରେ ମହାନ୍ତିବାବୁଙ୍କ ମା ଙ୍କ ପାଇଁ ଯୋଉ ଲୋକଟି ଥିଲା ସେ ଘରକୁ ପଳେଇଛି । ଗୋଟେ ନୂଆ ଲୋକଟିଏ ଆସିଛି । ମୋତେ କହିଲେ ଅରବିନ୍ଦବାବୁ ଆପଣତାର ସବୁ ଠିକଣା ଦରମା କଥା ବୁଝି ଦେଖି ପରଖି ନିଅନ୍ତୁ । ଅଞ୍ଜୁ, ତମେ ତ ଜାଣିଛ ମୁଁ ଲୋକଙ୍କୁ ଚହ୍ନିପାରେ । ସେଥିରେ ମୋର ଟିକେ ଡେରି ହୋଇଗଲା ଆସିବାରେ । ସେ ଲୋକଟି ବହୁତ ଗରୀବ । ଘର ପୋଡିଗଲା । ସେଥିରେ ତାର ସ୍ତ୍ରୀ ବି ପୋଡିଗଲା । ମାସେ ଡାକ୍ତରଖାନାରେ ପଡି ପଡି ମରିଗଲା । ପୁଅଟିଏ ପଢୁଛି । ତାକୁ ଗୋଟେ ହଷ୍ଟେଲ୍ ରେ ଛାଡିଛି । ସହର ଆସିଛି କାମ କରି ପଇସା ପଠେଇବ ଓ ନିଜେ ଚଳିବ । ଏମିତି କଥା ହଉ ହଉ ଘର ଆସିଗଲା ।

ଯା ଭିତରେ କେତେ ମାସ ଅତିକ୍ରମ ହୋଇଯାଇଛି । ସମୟକ୍ରମରେ ସମସ୍ତେ ନିଜନିଜ କାମରେ ବ୍ୟସ୍ତ । ଆଜି ମହାନ୍ତିବାବୁଙ୍କୁ ଅରବିନ୍ଦ ଖାଇବାପାଇଁ ନିମନ୍ତ୍ରଣ କରିଛନ୍ତି ଘରକୁ । ଅଞ୍ଜୁ ମନପସନ୍ଦର ଖାଇବା ସବୁ ବନେଇଛି । ହାଲକା ହାଲକା ବାହାରେ ବର୍ଷା ଚାଲିଛି । ଠିକ୍ ସମୟରେ ଆସିଲେ ମହାନ୍ତିବାବୁଙ୍କ ପରିବାର । ସେ ଅରବିନ୍ଦଙ୍କଠାରୁ ବୟସରେ ବଡ, ପାହ୍ୟାରେ ମଧ୍ୟ ବଡ । ଦୀର୍ଘବର୍ଷରୁ ଏକାଠି କାର୍ଯ୍ୟରତ । ବଡଭାଇ ପରି ସମ୍ମାନ ଦିଅନ୍ତି ଅରବିନ୍ଦ । ମଝିରେ ମଝିରେ ସେ ମଧ୍ୟ ଜରାଶ୍ରମକୁ ଯାଆନ୍ତି । କଛି ପଇସା ମଧ୍ୟ ଡୋନେଟ୍ କରନ୍ତି । ସେ ନୂଆ ଲୋକଟି ମହାନ୍ତିବାବୁଙ୍କ ମାଙ୍କ ଦାୟିତ୍ୱ ପୂରାପୂରି ନେଇସାରିଛି । ବେଳେବେଳେ ଆସି ଅରବିନ୍ଦଙ୍କ ମାଙ୍କୁ ଦେଖିଯାଏ । ମହାନ୍ତିବାବୁ ପରିବାର ସହ ଆସିଲେ ଖାଇବା ପିଇବା ସରିଲା । ଗପସପ କରୁଥିଲେ ହଠାତ୍ କଲିଂ ବେଲ୍ ବାଜିଲା । ବାହାରେ

ଗୌରମଉସା ଛତାଧରି ଠିଆ ହୋଇଛନ୍ତି । ଅରବିନ୍ଦ ଡକାଇଥିଲେ କିଛି ଔଷଧ ଦେବାକୁ ଆଶ୍ରମ ପାଇଁ। ଅଞ୍ଜୁ କହିଲେ ମଉସା ଖାଇକରି ଯିବେ । ମହାନ୍ତିବାବୁ ଯିବାବେଳେ ତୁମକୁ ଛାଡିଦେଇ ଯିବେ । ଯିବା ସମୟ ଆସିବାରୁ ସମସ୍ତେ ବାହାରିଲେ । ଗୌରମଉସା ହାତ ପୋଛି ପୋଛି ଡ୍ରଇଂ ରୁମ୍ କୁ ଆସୁଆସୁ ହଠାତ୍ ଅଟକଗଲେ ଏରୁଣ୍ଡି ପାଖରେ । ଏ କଣ ଦେଖୁଛନ୍ତି । ସାମ୍ନାରେ ଅତୀତ ଆଜି ଦଣ୍ଡାୟମାନ । ମୁହଁଟିକୁ ଘୋଡେଇ ପକେଇଲେ ମଉସା । ସେ ଲୋକଟି ଯିଏ ମହାନ୍ତିବାବୁଙ୍କ ଘରେ ରୁହେ ସେ ସ୍ଥାଣୁ । ଝରଝର ଲୁହ ଖସିଯାଉଛି । ସତେକି ଆକାଶ ଛିଡି ଯାଇଛି ମେଘ ଖଣ୍ଡ ସ୍ତବ୍ଧ କିନ୍ତୁ ବରଷୁଛନ୍ତି । ହଠାତ୍ ଗୌରମଉସା ଅଞ୍ଜୁଙ୍କର ଗୋଡ ଧରି କାନ୍ଦିଲେ । କହିଲେ, ମା କଣ ଭୁଲ୍ କଲି ଯେ ମୋ ଠିକଣା ଖୋଜିଛନ୍ତି ଗାଁକୁ ପଠେଇ ଦେବେ ବୋଲି । କିଛି ବୁଝିପାରୁ ନାହାଁନ୍ତି ଅଞ୍ଜୁ ଓ ସମସ୍ତେ ନିଶ୍ଚଳ । ପୁଅଟି ନିଜ ମୁହଁରେ ସବୁ ସତ କହାଣିଲା । କହିଲା ମୁଁ ବାପାଙ୍କୁ ବାସଚ୍ୟୁତ କରେଇଲି ବୋଲି ମୋ ବାସ, ଗ୍ରାସ ସବୁ ଧ୍ୱଂସ ହୋଇଗଲା । ସ୍ତ୍ରୀ ମରିଗଲା, ପୁଅଟି ମା ଛେଉଣ୍ଡ ହେଲା । ମୁଁ ବାପାଙ୍କ ମନ ପୋଡିଦେଲି । ଠାକୁରେ ମୋ ଛାତ ନେଇଗଲେ । ବାପାଙ୍କୁ ଆମ ସ୍ନେହଁରୁ ବଞ୍ଚିତ କରିଥିଲି । ମୁଁ ଆଜି ମୋ ପୁଅଠାରୁ ଦୂରରେ । ମୁଁ ପାପୀ ମୋତେ କ୍ଷମା କରିଦିଅ ବାପା । ହେଲେ ପ୍ରାୟଶ୍ଚିତ କିପରି କରିବି? ଥୁଣ୍ଟା ପର୍ଣ୍ଣହୀନ ଜ୍ଞାତ ହେଉଥିବା ବୃକ୍ଷଟି ସେ ମହାଦ୍ରୁମ ଜାଣିପାରିଲିନି ଅଧମ ମୁଁ । ଗୌରମଉସା ସାନ୍ତ୍ୱନା ଦେଲେ ପୁଅକୁ । କହିଲେ, ତୋ ପାଇଁ ଅଲୋଡା ହୋଇଗଲି ମୋ ପିତୃତ୍ୱ, ଏଠି କିନ୍ତୁ ସାହାର୍ା ମିଳିଗଲା । ସବୁ କର୍ମର ଫଳ । ନାତି ପାଇଁ ପଇସା କାଢି ଦେଲେ ପୁଅକୁ । ଦମ୍ଭ ଦେଲେ, କହିଲେ, ମୁଁ ଏମାନଙ୍କ ସ୍ନେହଁରେ ବନ୍ଧା । ଆଶ୍ରମ ହିଁ ମୋର ପ୍ରକୃତ ଘର । ଆଶ୍ରମରେ ସମସ୍ତେ ମୋ ପରିବାର । ଏହି ମଣିଷ ଦୁଇଜଣ ରାଧାକୃଷ୍ଣ, ସେ ଆଶ୍ରମ ମୋ ଗୋପପୁର । ଏମିତି ଆମପରି ବେସାହାର୍ାଙ୍କୁ ସାହାର୍ା ଦେଇ ଏମାନେ ପ୍ରତିଦିନ ପୂଣ୍ୟ ଗଙ୍ଗାରେ ବୁଡ ପକାଉଛନ୍ତି । ଏହି ଅନୁଷ୍ଠାନ ଆମ ଓଠରେ ହସ ଫୁଟାଉଛି । ପିନ୍ଧିବାକୁ ବସ୍ତ୍ର ନୁହେଁ ଆମ ପୁଙ୍ଗୁଳା ମନକୁ ଘୋଡେଇ ରଖିଛି ତାକ ଶାନ୍ତିପୂର୍ଣ୍ଣ ଗୁଦରରେ । ଏମିତି ଛାତ, ଗୁଦର ଭଗବାନ ଅସହାୟଙ୍କୁ ଦିଅନ୍ତୁ । ଏହା ମୋର ଘର ନୁହେଁ, "ଶେଷ ସ୍ୱର୍ଗ" । ଜିଅନ୍ତାରେ ସ୍ୱର୍ଗାଲୋକରେ ମୁଁ ଶାନ୍ତିରେ ବିଚରଣ କରୁଛି ।

# ଆକର୍ଷଣ



ତୁଷାରକାନ୍ତ ପ୍ରସାଦ

ନିଆଁ ର ପରିଧି ଭିତରକୁ
ଟାଣି ହୋଇ ଚାଲିଆସେ ପତଙ୍ଗ
ଆଲୋକର ଅଭିନବ ଆକର୍ଷଣରେ
ସେହି ଆକର୍ଷଣ ସାଜେ ମୃତ୍ୟୁର କାରଣ
ବୁଝିପାରେନି କେବେ ମୋହଗ୍ରସ୍ତ ପତଙ୍ଗ।

ପତଙ୍ଗ ସମ ଆଜିର ଏ ମଣିଷ
ଆକର୍ଷଣ ମୋହ ର ମାୟାଜାଲ ରେ
ବିଚାର କରିବାର ଶକ୍ତି, ସାମର୍ଥ୍ୟ ଥାଇ
ସ୍ୱୀକାର କରିନିଏ କେବେ ଦାସତ୍ୱ।

ଶାରୀରିକ ସୌନ୍ଦର୍ଯ୍ୟ, ଯାହା କ୍ଷଣସ୍ଥାୟୀ
ତା' ସମ୍ମୁଖରେ ପୁଣି ହାରିଯାଏ
ସରଳ, ନିରୀହ ମନର ସୁନ୍ଦରତା
ସହନ ଶକ୍ତିକୁ କ୍ଷଣ କରେ ଅନ୍ତର ଦହନ
ଆଉ ଶେଷରେ ବାଛିନିଏ ପତଙ୍ଗର ରାସ୍ତା
ନିଜେ କେହି ସାଜେ ନିଜ ହତ୍ୟାକାରୀ।

ମାନବାକୁ ହେବ ମଣିଷର ଆକୃଷ୍ଟ କଳାକୁ
କେତେ ମିଛ ସ୍ୱପ୍ନ, ବିଶ୍ୱାସ, ପ୍ରେମର ନାଟକ
ଅନ୍ୟକୁ ନିଜ ଆଡ଼କୁ ଆକୃଷ୍ଟ କରିବା ଦିଗରେ,
ଅସୀମ ଆନନ୍ଦ ଭୋଗେ ଚୁମ୍ବକୀୟ ଶକ୍ତି ପାଇ
ସୁଖ ପ୍ରାପ୍ତିର ସନ୍ଧାନରେ ବୁଣେ ବୁଢିଆଣୀ ବସା
କେତେ କଏ ଛଳନା ର ଖେଳ।

ଚନ୍ଦ୍ରକର କେବେ ଛଳନା କରିପାରେନି,
ହାତରେ ତୁଳୀ ଧରି ଚନ୍ଦ୍ର ସହ
ନା' କେବେ କବି ଜଣେ କଲମ ମୁନରେ,
ଆଘାତ କରନ୍ତି ନିଜ କବିତାର ହୃଦୟେ
ତେବେ କାହିଁକି ପ୍ରେମିକ, ପ୍ରେମିକା ସାଜି
ଛଳନାର ଛନ୍ଦ ତଳେ ଲାଳନପାଳନ କରନ୍ତି
ନିଜର ଆକର୍ଷଣକୁ ପ୍ରେମର ନାଁ ଦେଇ।

ବରୀ, ଯାଜପୁର

# ବନ୍ଧୁତ୍ୱ ସଂପର୍କରେ ବନ୍ଧା ଏ ଜୀବନ



ସ୍ୱର୍ଣ୍ଣଲତା ସେନାପତି

ସଂପର୍କର ଏକ ପବିତ୍ର ବନ୍ଧନ
ସେ ନୀଳ ଆକାଶର ସ୍ୱଚ୍ଛ ବାଦଲ,
ଯେଉଁଠି ହିଂସା, ଦ୍ୱେଷ, ଘୃଣାର ନ ଥାଏ ସ୍ଥାନ ।।

ସମୟ ସାଥିରେ ବହି ଗ୍ଲିଛି ଏ ଜୀବନ
ବନ୍ଧୁତ୍ୱ ଡୋରରେ ବନ୍ଧା ଏ ମନ
ତାର ବନ୍ଧନ ତୋରି ଅତି କଠିନ ।।

ବନ୍ଧୁତ୍ୱ ସୃଷ୍ଟିର ଏକ ସୁନ୍ଦର ବରଦାନ
ବନ୍ଧୁତ୍ୱ ଦ୍ୱାର୍ ଏ ପୃଥିବୀ ହୁଏ ରଙ୍ଗୀନ
ସତେ କି ଏ ଭଗବାନଙ୍କ ଅବଦାନ ! ।।

ବନ୍ଧୁତ୍ୱ ଅଟଇ ବିଶ୍ୱାସ, ପ୍ରେମ ଓ ଶ୍ରଦ୍ଧା ର ସମ୍ମିଶ୍ରଣ
ତାର ଆଗେ ହାରମାନେ ରାଗ, ରୁଷା, ଅଭିମାନ
ଜୀଇଁବାର ଇଚ୍ଛାକୁ ସେ କରେ ଆମନ୍ତ୍ରଣ ।।

ବନ୍ଧୁତ୍ୱ ଦୁଇଟି ହୃଦୟର ଅପୂର୍ବ ମିଳନ
ସର୍ବଦା ବନ୍ଧୁର ସ୍ଥାନ ଥାଏ ମହାନ୍
ସେ ଜୀବନକୁ କରିଥାଏ ନିତ୍ୟ ଚିରନ୍ତନ ।।

ଏ ସଂସାର ବନ୍ଧା ସଂପର୍କର ଡୋରିରେ
ସଂପର୍କ ଡୋର ବନ୍ଧା ବନ୍ଧୁତ୍ୱ ସାଥିରେ
ବନ୍ଧୁତ୍ୱ ଡୋର ବନ୍ଧା ବିଶ୍ୱାସ ଭିତ୍ତିରେ ।।

ପବିତ୍ର ବନ୍ଧୁତ୍ୱ ଏକ ଅଭୁଲା ସ୍ମୃତି
ସେ ମନେ ଭରିଦିଏ ଅନେକ ଅନୁଭୂତି
ବନ୍ଧୁତ୍ୱ ସତ୍ୟ, ଆଶା ଓ ଭରସାରେ ଥାଏ ନିହିତ
କିଏ ବା ବୁଝେ ତାର ଏ ବିଶେଷତ୍ୱ ।।

ସମାଜର ଏ ଦ୍ରୁତ ଆଗମନ
ଅନେକ ସମୟରେ ବନ୍ଧୁତ୍ୱକୁ କରେ ଛିନ୍ନ
ସଂପର୍କର ସେ ଛୋଟ ଭୁଲ ବୁଝାମଣା
ଜୀବନ କୁ କରିଦିଏ ଏତ ବାଟବଣା ।।

ବନ୍ଧୁତ୍ୱରେ ନିହିତ ଜୀବନ ସଫଳତା
ବନ୍ଧୁତ୍ୱ ବିନା ଜୀବନରେ ମିଳଥାଏ ଶୂନ୍ୟତା
ଏଇ ସଂସାର ଭିତରେ କରିଛେ ଆମେ ଘର
ବନ୍ଧୁ କୁ କେବେ କରିବାନି ପର ।।

ଏବର ବିଶ୍ୱ ମହାମାରୀ କରୋନା କାଳକୁ
ଆମେରିକା, ଜର୍ମାନୀ ଓ ନର୍ଥ କୋରିଆ ଭଳି ଦେଶକୁ
ଭାରତ ବଢାଇଲା ବନ୍ଧୁତ୍ୱପୂର୍ଣ୍ଣ ହାତକୁ
ସେ ରଚିଲା ସ୍ୱତନ୍ତ୍ର ବୈଦେଶିକ ସ୍ଥାନ ଇତିହାସକୁ ।।

ବନ୍ଧୁତ୍ୱ ଭିତ୍ତିରେ ଗଢ଼ିଛି ଏ ସଂସାର ଜୀବନ
ଗଢ଼ିଲ ସହହୃଦେ ବନ୍ଧୁତ୍ୱ କୁ କରିବା ଆଲିଙ୍ଗନ
ପୂରଣ କରିବା ଭାରତର ଆତ୍ମନିଭରଶୀଳ ସ୍ୱପ୍ନ
ତେବେ ହେବ ଅଗ୍ରସର ଆମରି ଏ ଜୀବନ ।।

ଫୁଲନଖରା, କଟକ

# ସ୍ମୃତିର ଗୋଧୂଳି



ସୋନାଲି ଦାସ

ଛାତିରେ ଚାପି ମୁଠାଏ ଅତୀତ ସ୍ମୃତିକୁ
ଚାଲି ଆସିଛି ସେ ଅନେକ ବାଟ
କେତେ ବଣ, ଜଙ୍ଗଲ ବିଲ, ପାହାଡ଼, ନଦୀ
ଅତିକ୍ରାନ୍ତ କରି ପହଞ୍ଚିଛି ଆଜି
ତା'ର ଲକ୍ଷ୍ୟ ସ୍ଥଳରେ...

ଘଷାପିଟା ଜୀବନରେ ଲାଭ-କ୍ଷତିର
ମାପ ଚୁପ ଅବା ହିସାବ କଛି ନାହି
ଖାଲି ସାଉଁଟିଛି ସେ ଅତୀତର ସ୍ମୃତି କଛି
ଯାହା ତା'ର ଫଟା ପ୍ୟାଣ୍ଟ ପକେଟରୁ
ଝରି ପଡ଼ିଛି ବିଚ୍ ରାସ୍ତାରେ...

ଜନଗହଳ ପଥରେ ଏଣେ ତେଣେ ଚାହିଁ
ସମସ୍ତଙ୍କ ଚକ୍ଷୁ ଆଢୁଆଳରେ ଥାଇ
ପୁଣି ସାଉଁଟିବାକୁ ଯେବେ ଚାହିଁଛି ସେ ସ୍ମୃତିକୁ
କଛି ଲୋକଙ୍କ ମୁହଁର ଥଟାଗୁଞ୍ଜା ହସରେ
ଶିର ନଇଁଛି ତା'ର ଲାଜରେ...

ଆଉ ସେ ସ୍ମୃତିର ଗୋଧୂଳି ମନକୁ ତା'ର
ପାଷାଣରୁ ଅହଲ୍ୟା କରୁନାହିଁ ବରଂ
ଶାପ ପରେ ଶାପ ପାଇ ସେ ଜୀବନ୍ତ ମୃତ
ବାର ଲୋକଙ୍କ ବାର କଥାରେ କ୍ଷୁର୍ଣ୍ଣ ହୋଇଯାଏ
ପୁଣି କେତେ ଗୋଧୂଳି କାଳରେ...

ଜି-୧, ୟୁନଟ୍-୬, ଭୁବନେଶ୍ୱର

# ବିଚ୍ଛିନ୍ନତାର ସେତୁ



ଅମ୍ବିକା ସ୍ୱାଇଁ

କଏ ଜଣେ ନିରେଖି ଦେଖୁଥିଲା ସେଦିନ ଏହି ସହର ର କୋଳାହଳ ମୟ ଗାଡି ମଟର ଶବ୍ଦର ଖଣ୍ଡେ ଦୂରରେ ଓଭର ବ୍ରିଜ୍ ନିକଟରେ ସାମାନ୍ୟ ଅନ୍ଧାରିଆ ନିରୋଳା ଜାଗାଟିରେ ଠିଆ ହୋଇ ଥିଲେ, ଦୁଇ ଜଣ ଯୁବକ ଯୁବତୀ, ସନ୍ଧ୍ୟା ଆକାଶର ଖୋଲା ଛାତ ତଳେ ଖୁବ୍ ପାଖା ପାଖି......ଦୁହେଁ ଖୁବ୍ ନିକଟ ତର ଅନ୍ତରଙ୍ଗ ଜଣା ପଡୁ ଥିଲେ । ଝିଅଟିର ନିରୀହ ପଣ ଛଳ ଛଳ ଆଖି କେତେ ଅକୁହା କଥା କହୁଥିଲା। ତା" କୋମଳ ଭାଷାରୁ ଭାସି ଆସୁଥିଲା ଆପଣାର ପଣରେ କେତେ ମାନ ଅଭିମାନ । ଆଖିରୁ ଝରି ପଡୁ ଥିଲା ଝର ଝର ଅମାନିଆ ସ୍ନେହ ପ୍ରେମ ମିଶା ମୁକ୍ତାବିନ୍ଦୁ ର ଝର...!!! ମୁଁ ବି କିଛି ଦୂରରୁ ନିରେଖି ଦେଖୁଥିଲି ସେ ମୁକ୍ତା ବିନ୍ଦୁ ଭିତରୁ ଝଲସି ଉଠୁଥିଲା, ତା"ର ତୁମ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଭାବ । ତୁମର ସେ ଅବୁଝା ପଣ କୁ ସେ ସହ୍ୟ କରୁ ଥିଲା ଅତି ସନ୍ତର୍ପଣରେ........ତୁମେ ସେହି ଯୁବକ ନା....?

ସବୁ ଲାଜ ସରମ କୁ ବଳି ପକାଇ ତୁମକୁ କଏ ଦେଖୁଥିଲା ନ ଦେଖୁଥିଲା ସେ ଆଡ଼କୁ ନିଘା ନ କରି ଯୁବତୀ ଟିକୁ ପାଗେଳ ବୋଲି ସମ୍ବୋଧନ କରି ଖୁବ୍ ନିବିଡ଼ତାର ସହ ତାକୁ କୋଳେଇ ନେଇଥିଲ..ଏବଂ କହିଥିଲ ମୁଁ ତୁମକୁ ଖୁବ୍ ଭଲ ପାଏ "ଶ୍ରଦ୍ଧା" .....ଖୁବ୍ ଭଲ ପାଇବାର ସମ୍ପର୍କ ଡୋରିକୁ ଶକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲ ସେଦିନ ତାକୁ । ସେହି ଭଲ ପାଇବା ରେ ହିଁ ସେ ଖୋଜୁ ଥିଲା, ତା", ବିଶ୍ୱାସ ର ପବିତ୍ର ସମ୍ପର୍କ ର ବନ୍ଧନରେ ଗଢ଼ିବ ସେ" ସ୍ୱପ୍ନ ର ତାଜମହଲ.....ତା" ପୂର୍ବରୁ ତୁମଠାରୁ ତାର ଆଉ କିଛି ପାଇବାର ଆଶା ନା ହରେଇବାର ଇଚ୍ଛା ଥିଲା । ମାତ୍ର ତା"ସ୍ନେହ ମମତା, ଭଲ ପାଇବା ର ଅଧିକାର ପଣରେ ସେ ଦୌଡି ଆସୁଥିଲା ବାର ବାର ତୁମ ପାଖକୁ ସେହି ବିଶ୍ୱାସ ଭରସା କୁ ସାଥୀ କରି ......

ଦୁଃଖ, ସୁଖ ର ଭାଗ ବଣ୍ଟା ରେ କଟି ଯାଉଥିଲା ସମୟ । ଖୁସି ର ତାଳେ ତାଳେ କେତେ ଅକୁହା ଯନ୍ତ୍ରଣା ପ୍ରଶମିତ ହେଉ ଥିଲା, ପରସ୍ପର ର ଅଜଣା ନ୍ତରେ...ମନ..ଆନନ୍ଦରେ ପୁରି ଯାଉଥିଲା । ମୁହୂର୍ତ୍ତ, ମୁହୂର୍ତ୍ତ ସୁଖକୁ ସାଉଁଟି ସ୍ମୃତି ରେ ସାଇତି ରଖିବାକୁ ସଦା ସ୍ୱପ୍ନ ଦେଖୁ ଥିଲା ଶ୍ରଦ୍ଧା ।

କଏ କ"ଣ ଭାବିବ ନ ଭାବିବ ସେ କଥାକୁ ତା"ର ଖାତିର ନଥିଲା କାରଣ ସେ ତା"ମନ ହୃଦୟ ଆତ୍ମାକୁ ସମର୍ପି ଦେଇଥିଲା ତା ବିଶ୍ୱାସୀ ଆତ୍ମୀୟ ଲୋକ ପାଖରେ......!! ସେହି ଭଲ ପାଇବାର ଅଧିକାର ର ଆପଣାର ପଣରେ ତା" ମନରେ ଉଙ୍କି ମାରୁଥିବା ଏକ ଅଭିମାନ ଭରା ପ୍ରଶ୍ନଟିଏ ବାଢି ଥିଲା ସେଦିନ ସେ ତୁମ ପାଖରେ.....ସେ ଜାଣି ନଥିଲା ତା"ର ସାମାନ୍ୟ ଛୋଟ ପ୍ରଶ୍ନ ଟିଏ ଏତେ ବଡ଼ ଝଡ଼ ସୃଷ୍ଟି କରିବ । ତା"ଭଲ ପାଇବା ମଧୁର ପବିତ୍ର ସମ୍ପର୍କ ର ତ୍ୟାଗ ରେ ବିଚ୍ଛିନ୍ନତାର ସେତୁ ବନ୍ଧା ହେବ !!!

ଆଜିଯାଏ "ଶ୍ରଦ୍ଧା" ସହିତ ଯାହା ଘଟିଥିଲା, ସବୁ ଥିଲା ଯେମିତି ମିଥ୍ୟା, ଛଳନା। ସେ ପାଗେଳ ମନରେ ଆଜି ଅନେକ ଅସମାହିତ ପ୍ରଶ୍ନ, କୁଆଡେ ଗଲା ତୁମର ସେଦିନର ସେ ପ୍ରତିଶୃତି ? କୁଆଡେ ଗଲା ତୁମର ସେ ବଜ୍ର ଶପଥ, କୁଆଡେ ଗଲା ତୁମର ସେ ପ୍ରତିଶୃତି ର ପୌରୁଷ ପଣିଆ, ଆପଣାର ଦମ୍ଭ ପଣ ? ତୁମେ ତାକୁ କଥା ଦେଇ ଥିଲ ନା !! ଆଜି ଅଛି ତୁମ ସାଥେ ସାଥେ, କାଲି ବି ରହିବି ସାତ ଜନ୍ମ ଯାଏ !!!!!

ହେଲେ ଆଜି ଏ କ"ଣ ହେଲା? ତା"ଆଖିରୁ ଲୁହ ର ବନ୍ୟା ବୁହାଇ, ତା"ଜାଗାରେ ଆଉ କାହାକୁ ଖୁସି ଦେଇ ଗର୍ବ କରୁଚ, ତା"ବିଶ୍ୱାସ ଭରସା କୁ ଚୂର୍ଣ କରି ଶାନ୍ତିରେ ରହି ପାରୁଛ? କେମିତି ପାରୁଛ ତୁମେ! ଏହା କଣ ତୁମର ମହାନତା ମାନବ ପଣିଆ ? ସମ୍ପର୍କ କ"ଣ କଣ୍ଢେଇ ଖେଳ ନା ବାଲିଘର ଆଜି ଗଢି କାଲି ଭାଙ୍ଗି ଦେବ !!! ଛଳନା ମୟ ମିଛ ସମ୍ପର୍କ କ"ଣ ତିଷ୍ଠି ପାରେ, ନା ଗଢି ପାରେ ମଜଭୁତ କରି ସ୍ୱପ୍ନ ର ସୌଧ !!!!! କାଗଜ ଘର ପରି ଝଲକାଏ ପବନରେ ଭୁଷୁଡ଼ି ପଡେ ଏହି ମିଛ ଛଳନା ର ସ୍ୱପ୍ନ ର ଘର । ଯେଉଁଠି ନ ଥାଏ ବିଶ୍ୱାସ ନାମକ ଶକ୍ତି ର ଦୃଢ ପଣ.......!! ତୁମେ ଆଜି ଶ୍ରଦ୍ଧା ର ସେହି ବିଶ୍ୱାସ ଶକ୍ତି କୁ ଦୁର୍ବଳ କରି ଭାଙ୍ଗି ଦେଇଛ ସୁମନ୍ !! ପ୍ରକୃତରେ ଆଜିକାଲି ର ସମାଜ ରେ ଏ ଦିଗରେ ଏତେ ବିଶୃଙ୍ଖଳା କାହିଁକି? ଯାହା କ ଏପରି କରିବା ଉଚତ୍ ନୁହେଁ, ଏକ ସମ୍ପର୍କ ସହ ଖେଳ ଖେଳ ବିନା କାରଣରେ ଜଣଙ୍କ ବିଶ୍ୱାସ ଭରସାକୁ ଭାଙ୍ଗି ଚୁର୍ ମାର

କରିଦେବା କେତେ ଦୂର ଯଥାର୍ଥ ତା ? ଯାହା କ ତୁମେ କଲ ସୁମନ, ହଁ କରିବନ ବା କେମିତି !!!!

ଥରେ କୁଆଡ଼େ ଶୁଣିଥିଲି ତୁମର ସେହି ଅତି ଆଦରଣୀୟ। ପାଗେଳୀ ତୁମ ପାଖ ଲୋକ ପାଖରୁ କଛି କଥା। ହେଲେ, ସେଥି ପ୍ରତି ଧ୍ୟାନ ଦେଇ ନଥିଲି ଅନ୍ଧ ପରି ଭଲ ପାଉଥିଲି ତୁମକୁ । ଆଜି କନ୍ତୁ ସେ ପାଗେଳୀ ବିଶ୍ୱାସ କରୁଛି ଓ ଅନୁଭବ କରୁଛି, ମଧ......ସତରେ, ତୁମେ ତ ବାସ୍ନାୟିତ ଫୁଲ ବଗିଚ୍ଚ ରେ ରଙ୍ଗୀନ୍ ପ୍ରଜାପତିଙ୍କ ମେଳ ରେ ଏକଦମ ପାଗଳ ଭ୍ରମର ଟିଏ......!!!!

ଶ୍ୟାମପୁର, ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ହେଲା ପ୍ରଣୟ



ରାଜଶେଖର ସି 'ଚମା'

ତୁମକୁ ଦେଖିକ ହୋଇଗଲା ପ୍ରଣୟ,
ନଜ ନଜ ହୃଦୟକୁ କରିବା ବିନମୟ,
ଆଉ ରହିଲାନ ମୋର ମନରେ ଥୟ,
ଚାହିଁଲି ତୁମର ପ୍ରିୟ ହେବାର ପରିଚୟ ।୧।

ଭାବିକ ଭାବିକ ହଜିଲା ଏ ହୃଦୟ,
ତୁମରି ମାନସରେ ଚାହିଁଲି ଆଶ୍ରୟ,
କେବେ ହେବ ମୋ ପ୍ରେମରେ ଜୟ,
ମୋ ଅନୁରାଗ ନୁହେଁ ଯେ ଅଭିନୟ ।୨।

କାଲି ପର୍ଯ୍ୟନ୍ତ ଥିଲୁ ଆମେ ଅପରିଚତ,
ଆଜି ହେଲୁ ଆମେ ଦୁହେଁ ସୁପରିଚତ,
କର ମୋ ନରସ ଜୀବନକୁ ସୁଶୋଭିତ,
ଯାହା ହେତୁ କରିଛି ତୁମକୁ ମନୋନୀତ ।୩।

ନଜ ନୟନରୁ ମାରିଲ କେତେ ତୀର,
ଅଟକେଇ ପାରିଲିନ ଯାହାର ପ୍ରହାର,
ସ୍ୱେଚ୍ଛାକୃତ ହୋଇଗଲି ବଶ୍ୟ ଶିକାର,
ବିଦିତ ହେଲା ତୁମର ଆସକ୍ତିର ଆକାର ।୪।

# ସ୍ୱଭାବ କବି ଗଙ୍ଗାଧର ମେହେର



ନନ୍ଦିନୀ ରାଉତ

ଉତ୍କଳର ମାଟି ଧନ୍ୟ ହୋଇଥିଲା
ତୁମକୁ କୋଳରେ ଧରି,
ତାର ଧୂଳି ରେଣୁ କାନ୍ଦୁଅଛି ଆଜି
ତୁମରି ଗୁଣ ସୁମରି.... ୧

ରଙ୍ଗାଯୀବ ତୁମେ ଗଙ୍ଗାଧର ଥିଲ
ପ୍ରକୃତିର ଉପାସକ,
ତୁମରି କବିତା ବିଭୋର କରିଛି
ଭାଳୁଛନ୍ତି ଆଜି ଲୋକ.... ୨

ଇନ୍ଦୁମତୀ, ତପସ୍ୱିନୀ ର ବର୍ଣ୍ଣନା
ପ୍ରତି ଅନ୍ତରେ ଜାଗ୍ରତ,
ପ୍ରଣୟ ବଲ୍ଲରୀ ହୃଦେ ହୃଦେ ଆଜି
ଭାବନା କରେ ଉଦିତ.... ୩

ଦାରିଦ୍ର୍ୟ କଷଟି ପଥରରେ କଷି
ବିଧାତା ଗଢିଲା ତନୁ,
ସେଥିପାଇଁ ତୁମେ ଅମର ହୋଇଲ
ଭୁଲି ପାରୁ ନାହିଁ ମନୁ.... ୪

ସାହିତ୍ୟ ସାଧନା ଜୀବନର ବ୍ରତ
ଅଭାବ କଷଣ ଘୋର,
ତା ମଧ୍ୟେ ସଂଗ୍ରାମ ହେ ସ୍ୱଭାବ କବି
ପାଳୁ ଥିଲ ପରିବାର... ୫

ଦେବ ଅଂଶୀ ତୁମେ ତୁମ ପାଇଁ ଆଜି
ସ୍ମରଣ କରୁଛୁ ଆମେ,
ଚିର ବନ୍ଦ୍ୟ ତୁମେ ପୁଣ୍ୟ ଭାରତର
ରଖିଗଲ ଯଶ ଧାମେ.... ୬

କୋଟି ଜନତାର ମଉଡମଣୀ ହେ
ପ୍ରଣାମ ଆମ୍ଭର ନିଅ,
ସରଗ ପୁରରେ ଚିର ଶାନ୍ତି ଲଭି
ପ୍ରଭୁ ପାଦେ ଲୀନ ହୁଅ.... ୭

ବାଲିପଟା, ଅନୁଗୁଳ

# ମାଆ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ମାଆ ତ ଅଟେ ମମତାମୟୀ
ପୁଣି ସିଏ ଯେ କରୁଣାମୟୀ
ତା ଠାରୁ ବଡ ନାହିଁ ତ କେହି
ସରଗଠୁ ବଡ ଅଟଇ ସେହି ।୧।

ହୃଦୟଟା ତାର ସ୍ନେହ ଆଦରେ ଭରି
ସ୍ନେହମୟୀ ମାଅଟେ ସେ ପରି
ତା ମମତାରେ କଣ୍ଟା ହୁଅଇ ଫୁଲ
ସୁଝି ହୁଏନା ତା ତ୍ୟାଗର ମୂଲ ।୨।

ନିଦ ଆସିଯାଏ ଗପ କହୁଥିଲେ
ଲୁହ ପୋଛିଥାଏ ଆମେ କାନ୍ଦୁଥିଲେ
କଥାରେ ତାର ଦେଖୁ ଦୁନିଆ
ମା ଅଟେ ଆମ ଚିର ବନ୍ଦନୀୟା ।୩।

ମଠସାହି, ତୁଳସିପୁର

# ହିସାବ ନକାଶ



ଡ. ମନୋରଞ୍ଜନ ବିଷୋୟୀ

ବନ୍ଦି ମୁଁ ଏବେ
ସମୟ ବ୍ୟାଧର
ପିଞ୍ଜରାରେ ।
ତଥାପି ହସୁଛି
ଦୁନିଆ ଦରବାରରେ ।
ହେଲେ କାନ୍ଦୁଛି
ନିଃଶବ୍ଦ ରାତିର
ନୀରବ ପ୍ରହରେ ।
ପାଇ ନଥିବା ସୁଖ
ପାଇଥିବା ଦୁଃଖକୁ ନେଇ
ସମୟ ବିତୁଛି
ହିସାବ ନକାଶରେ ।
ହେଲେ ଆପଣାର
ଲାଗୁଥିବା କିଛି ଲୋକ
ମୁହଁ ଫେରାଇନେଲେ
ଏ ସମୟରେ ।
ସମୟ ଯଦି ଶତ୍ରୁ ହେଲା
କାହିଁକି କଏ ଅବା
ଭାଗୁଆଳ ହେବ
ମୋ ଦୁଃଖରେ ।

ତଥାପି ବିଶ୍ବାସ ଅଛି
ଦିନେ ନା ଦିନେ
ଏ ଅସହାୟତାର ବଡପଣରୁ
ମୁକୁଳ ଆସିବି
ମୋର ଏହି
ଛୋଟିଆ ଜୀବନରେ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

# ଅଚହ୍ନା ବନ୍ଧନ



ଜୟଲକ୍ଷ୍ମୀ ସେଠୀ

କ ଅଦ୍ଭୁତ ସ୍ପର୍ଶ .........

ବୈଶାଖୀ ଝାଞ୍ଜିରେ ବସନ୍ତର ବାସ୍ନା । ଫଗୁଣର ମତୁଆଲ ଯେମିତି ପିଚି ହୋଇଯାଉଛି । ମନ ବେଳାଭୂମିରେ ଯେମିତି ହୃଦୟଟା ଆଖପାଖରେ ପ୍ରୀତିର ଚୁମ୍ବନ ଆଙ୍କିଚାଲିଛି । ଚହିଁଙ୍କି ଉଠୁଛି ଯେମିତି ବୁକୁର ଦରଦ । ଚହ୍ନା ଚହ୍ନା ତରଙ୍ଗ ଝରିପଡୁଥିଲା ଅଚହ୍ନା ଭାବନାରେ । ଅନ୍ଧାର ଭିତରେ ହଜିଯାଇଥିବା ସ୍ମୃତି ଦୃଶ୍ୟମାନ ହୋଇଗଲା ମନ ଆଇନାରେ । ଅସ୍ତିତ୍ୱ ହରାଇଦେଲା ବନ୍ଧନର ଅସୁମାରୀ ପ୍ରତୀକ୍ଷା । ସନ୍ଦେହ ଅବିଶ୍ୱାସର ଝଡବତାସ ସବୁ ଯେମିତି ଚୁପଚାପ୍ ଶୋଇ ଯାଇଥିଲେ । ଶାନ୍ତ ପଡିଯାଇଥିଲା ଘୃଣାଗୁଡାକ ଆଖିରେ ନେଞ୍ଜରା ଭିତରେ ଅତି ଆପଣାରେ ଛୁଆଁ ହୋଇ । ଦେହ ଭିତରେ ଯୌବନର ଉର୍ମି ନାଚ ଉଠୁଥାନ୍ତି । ପ୍ରେମର ମହଲତ ଜଳ ଜଳ ପାଉଁଶ ହୋଇଗଲା ପରେ ପୁଣି ଏ ବନ୍ଧନ କଣ ମୋତେ ଚୁମି ଚୁମି କୋଳାଗ୍ରତ କରିବ କି**?** ହଜିଯାଇଥିବା ଫଗୁଣର ବିରହ ମଳୟ ହୃଦୟ ବସନ୍ତରେ ପ୍ରତିଷ୍ଠିତ କରିଦେବ କି**?** ଛାତିର ନଶ୍ୱାସ ବଢୁଥାଏ**,** ତା ଠୁଁ ଅଧିକ ଆଗରେ ପାଇବାର ଆକୁଳତା ସ୍ଥାଣୁ କରିଦେଇଥାଏ ପୂଜାକୁ । ହଠାତ୍ ବୀଣା ଡାକରେ ଚମକ ପଡିଲା ପୂଜା **!** କଣ ହୋଇଛି ଆଜି **!** ପଚିଶ ବର୍ଷ ପରେ କଣ ମନରେ ଫଗୁଣ ଆସିପାରେ ହୃଦୟରେ ଭାବନାର କଦମ୍ବ ଫୁଟିପାରେ । ବୁକୁର ଅଗଣାରେ ପ୍ରେମର ଉର୍ମି ଚୁମିପାରେ **!** ମୁଣ୍ଡ କଣ ହୋଇଗଲା କଛି ଭାବି ପାରିଲା ନାହିଁ ପୂଜା । ଇଚ୍ଛା ନ ଥିଲେ ବି ବୀଣାର ହାତ ଧରି ଉଠି ପଡିଲା ଅଳଆ ଗଦାକୁ । ହାତରେ ହାତ ଛନ୍ଦି ବାହୁ କୋଳରେ ବନ୍ଦି କରି ନଅନ୍ତେ କି**?** ସରି ଯାଇଥିବା ସବୁ ଯୌବନକୁ ଗୋଟାଇ ଦିଅନ୍ତି ମନକୁଞ୍ଜବନେ ପ୍ରତିଟି ଧମନୀରେ ନାଚଉଠନ୍ତା ପ୍ରେମର ଛୁଆଁ ସବୁ । ଖୋଜି ଫେରିଥିବା ସବୁ ସ୍ମୃତିକୁ ମମତା ରଙ୍ଗରେ ରଙ୍ଗାୟିତ କରିଦିଅନ୍ତି । ବିରହର ଝରିଥିବା ଲୁହ ଫିଙ୍ଗି ଦେଇ ନବିଡତାକୁ ତୋଳ ଧରନ୍ତି ।

ଆଜି ଇତିହାସ ପୃଷ୍ଠା ହୋଇଯାଇଛି ମୋ ଅତୀତ । ଭାସିଉଠୁଛି ଅନେକ ପ୍ରୀତିପଣୟର ଛବି ମାନସ ପଟରେ । ଲାଗୁଛି ଯେମିତି ମତେ ପରିହାସ କରୁଛି । ଦେଖୁନ ଅତୀତର ପୃଷ୍ଠାଗୁଡିକ ସେମିତି ଥୁଆ ହୋଇଛି । ଆଜି ବି ଲେଉଟି ନାହିଁ । ଯନ୍ତ୍ରଣା ଦେବା ପାଇଁ ବୋଧେ ମୋ ସାଥିରେ ଖେଳୁଛନ୍ତି । ଅସରନ୍ତି ସ୍ନେହରେ ପାଗଳ ହୋଇ ସବୁବେଳେ ମନ ଖୋଲି ଆକାଶରେ ଉଡି ବୁଲୁଥିଲି । ବାପା ମା ଭାଇ ଭଉଣୀ ଥିଲାବେଳେ ବି ସ୍ନେହ ପିପାସୁ ହୋଇ ସର୍ବସ୍ୱ ଅର୍ପଣ କରିଦେଇଥିଲେ । କେହି ନ ହୋଇ ବି, ଦିନେ ମୋର ହୋଇ ଜୀବନର ମୂଲ୍ୟକୁ ବୁଝେଇ ଦେଇଥିଲେ । ଢାଳି ଦେଇଥିଲେ ତାଙ୍କର ଅସରନ୍ତି ସ୍ନେହର ପସରା । ପଥର ଖଣ୍ଡେ ଜୀବନ୍ୟାସ ପାଇଲା ପରି ଅନୁଭବ କରୁଥିଲି ମୁଁ । ମନର ଅଗୋଚରରେ ଅଜଣାରେ ଟାଣି ହୋଇଯାଉଥିଲି । କିନ୍ତୁ ଭଗବାନଙ୍କର ଇଚ୍ଛା ଅଲଗା ଥିଲା । ମୋ ଭାଗ୍ୟର ବିଡମ୍ବନା ମତେ ଅସହାୟ କରିଦେଇଥିଲା ଯେମିତି । ସକାଳର ସୂର୍ଯ୍ୟ ଉଇଁବା ଆଗରୁ ମନରେ ଉଙ୍କି ମାରିବା ସବୁ ସ୍ୱପ୍ନ ଭାଙ୍ଗି ଟିକ୍ ଟିକ୍ ହୋଇ ଲୁହ ଧାରରେ ଝରି ଯାଇଥିଲା । ସବୁ ପ୍ରତିଶ୍ରୁତି ସବୁ ଆଶା ଅଭିମାନ ନିଆଁରେ ଜାଳି ଦେଇଥିଲି ସେଦିନ । ଅନେକ ପୂର୍ଣ୍ଣିମା ରାତିରେ ସୁଶୀତଳ ଜ୍ୟୋତ୍ସ୍ନା ବୋଳି ସମୁଦ୍ରର ପଠାରେ କହ୍ନେଇର କୋଳରେ ମଥା ରଖି ବିତିଥିବା ସମୟ ଏବେ ବି ନାଚନାଚ ଗୀତ ଗାଉଛି ଫଗୁଣର ମଳୟ ଧରି । ସେ ଅଧୁରା ସ୍ୱପ୍ନ ଆଜିବି ସାଇତା ହୋଇ ରହିଛି ମୋ ହୃଦୟ ମନ୍ଦିରରେ । କାରଣ ମୋ ପ୍ରେମ ଥିଲା ହୃଦୟର ବନ୍ଧନ, ଆତ୍ମାର ସ୍ପନ୍ଦନ, ପ୍ରେମ ହିଁ ଈଶ୍ୱର, ଶାଶ୍ୱତ, ଅମର ମିଳନର ପବିତ୍ର ଛୁଆଁ । ଏହି ପବିତ୍ରତା ଏତେ ନିବିଡ ଯେ କୌଣସି ଝଡଝଞ୍ଜା ବିଚ୍ଛିନ୍ନ କରିପାରିବ ନାହିଁ । କାହିଁକି କେଜାଣି ସୃଷ୍ଟି ହୋଇଗଲା ଭାବନାର ଅନୁରୂପ ପ୍ରତୀକ୍ଷା । ବିଶ୍ୱାସର ରାସ୍ତାରେ ଏକା ଏକା କରି ଚାଲିବାକୁ ଛାଡିଦେଇ ଆଶ୍ୱାସନାର ଗୁହାଣିରେ ବିଦାୟ ନେଇ ଯାଇଥିଲେ ସେଦିନ । ମନରେ ଏବେ ବି କୋହର ନିଷ୍ଠୁର ଯନ୍ତ୍ରଣା କ୍ଷତାକ୍ତ କରିଚାଲିଛି । ଅଲୋଡା ଲାଗିଥିଲା ଜୀବନର ରଙ୍ଗମ । ନିରୋଳା ହେଲେ ଅତୀତର ସବୁ ସ୍ମୃତିକୁ ଗୋଟାଇ କଇଁ କଇଁ କାନ୍ଦି ଉଠେ ବିରହୀ ମନଟି । ପୂଜା କେବଳ କହ୍ନେଇର ସେ ଆଉ କାହାର ହୋଇପାରିବ ନାହିଁ । ବିକଳରେ ଚିତ୍କାର କରି ଉଠେ ଆତ୍ମା । କହ୍ନେଇ ଆଉ କାହାର ହୋଇପାରେ? ହେଲେ ମୋ ହୃଦୟର ସେଇ ସ୍ଥାନର ସେମିତି ଦେବତା ହୋଇ ପୂଜା ପାଉଛନ୍ତି । ଏମିତି ଅନେକ ଭାବନାରେ ଛନ୍ଦି ହୋଇ ଝୁଣ୍ଟିପଡି ତଳେ ପଡିଗଲା ପୂଜା । ବୀଣା ପୂଜାର ହାତ ଧରି ଉଠେଇ ନେଇ କହିଲା, ମମି, ଡେରି ହେଉଛି ରାସ୍ତା ଦେଖିକରି ଚାଲ । ଅନ୍ଧାର ହୋଇ ଗଲାଣି ପୂରା । ମୋ ହାତ ଧରି ଚାଲ ମମି ।

ହଁ, ହଁ, ଠିକ୍ ଅଛି ବୀଣା ।

ନା ନା..... ମୁଁ ବେଶୀ ଭାବି ଦେଉଛି । ସଂକୋଚ ହୋଇଗଲା ଆଖିର ଗହ୍ୱାଣି । କଏ ମୋ ଭାବନାକୁ ଦେଖୁଛି କ? ଅତୀତ ଆଉ ଏବର ଘଟଣା ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି । ମୋ ବିରହର ସଂଜ୍ଞା ବଦଳ ଯାଇଛି । ଜୀବନ ରାସ୍ତାରେ ସାଉଁଟିଥିବା ଅପ୍ରାପ୍ତିର ଗ୍ଲାନ, ଅବଶୋଷ, ଅଭିମାନ, ଆଞ୍ଜୁଳା ଆଞ୍ଜୁଳା ପ୍ରତିଶ୍ରୁତି, ଅନେକ ବ୍ୟଥାର ଦରଦ, ଗୁମୁରା ଅନୁଭୂତି ଯେତେବେଳେ ମତେ ଅତିଷ୍ଠ କରିଦେଇଛି, ସେତେବେଳେ ମୋର ଦୁର୍ଲଭ ଜୀବନକୁ ଅମନ ଓ ବୀଣା ପାଇଁ ଢାଳ ଦେଇଥାଏ । ଆନନ୍ଦର ପରିପୂର୍ଣ୍ଣତା ଯେତେବେଳେ ସମ୍ପର୍କର ଝଡରେ ଭାଙ୍ଗିଥିଲା ସେତେବେଳେ ଅନର୍ନିହିତ ବେଦନାକୁ ଚରା ବୁକୁରେ ଜାବୁଡି ଧରି କଇଁ କଇଁ ହୋଇ କାନ୍ଦିଉଠେ ହାରିଯାଇଥିବା ସୈନକ ପରି । ଝୁରୁଝୁରି ଭାବନାର ନଆଁରେ ଜଳବା ପୂଜା ପାଇଁ ଚରନ୍ତନ ସତ୍ୟ ପାଲଟିଯାଇଛି । ନାରୀକୁ ଚେତନାର ମଙ୍ଗଳମୟୀ କୁହାଯାଇଛି ଏଥିପାଇଁ, ଯିଏ ଜଳ ଜଳ ଅନ୍ୟକୁ ଆଲୋକ ଦେଇପାରିବ । ଆଜିଯାଏ କାହାରି ସହ ଆଖି ମିଶେଇ ହସିକରି କଥା ହୋଇପାରି ନାହିଁ ପୂଜା । ଯେମିତି ସବୁବେଳେ ଦୋଷୀ ଦୋଷୀ ଲାଗିଛି । ବିରହର ଅବ୍ୟକ୍ତ ଯନ୍ତ୍ରଣା ଘୋଡାଇ ଦିଏ ବର୍ତ୍ତମାନର ଆନନ୍ଦ ବିଛଣାରେ । ନର୍କର ଜୀବନ ସବୁବେଳେ ନର୍ଜନତା ହୃଦୟ ବେଳାଭୂମିରେ ବିକଳ ଚକ୍ୱାର କରୁଥାଏ, ଅତୀତ ଯନ୍ତ୍ରଣା ବାଲି ଭିତରେ । ଭୁଲ୍ କ ଠିକ୍ ଥିଲା ଜୀବନଟା ଜାଣିନ, ହେଲେ ତଉଲେଇ ପାରି ନଥିଲା ଆଉ ଗୋଟେ ସୁଖ ବିଛଣାରେ ଲୋଇ ପଡିବାକୁ । ଲମ୍ବା ଦୀର୍ଘନଶ୍ୱାସ ଦେହକୁ ଦୋହଲାଇ ଦେଉଥାଏ । ଜୀବନବ୍ୟାପୀ ମାନସିକ ଦୁଃଶ୍ଚିନ୍ତା । ଯେମିତି ଆଜି ଶେଷ ହୋଇଗଲା ନୂତନ ଚହ୍ନା ମଳୟ ଧରି । କାହାର ଏ ବାସ୍ନା ! ବହୁତ ନଜର ଲାଗୁଛି । ଅତି ଆପଣାର ଯେମିତି ଏକାନ୍ତ ହୃଦୟର । ଗୋଟେ ଶୂନ୍ୟତା ହୃଦୟକୁ ଚପୁଡି ଗଲୁଥିଲା ମନଭରି ଲାଗୁଥିଲା ଯେମିତି ନଶ୍ୱାସର ବାମ୍ପରେ ଆଖିରୁ ଝରିପଡୁଥିଲା ତତଲା ଝରଗୁଡିକ । କେଉଁ ପଣରେ କାହା ଆଗରେ କହିବି ସେହି ଅତୀତକୁ । ସମ୍ପୂର୍ଣ୍ଣ ଏକୁଟିଆ ଏ ଦୁନଆରେ..... । ହେଲେ ଅମନ ଓ ବୀଣାର ସ୍ନେହରେ ସବୁ ଭୁଲିଯିବାର ନାଟକ କରିଥାଏ । ଭୁଲିପାରେନ, ଲୁଚେଇ ଲୁଚେଇ କାନ୍ଦିବା ଛଡା ଆଉ କଣ ଯେ କରିପାରିବ ପୂଜା । ସେହି ଶେଷ ରାତିର କେତେ ଯେ ସ୍ୱପ୍ନ ଠୁଳେଇ ଦେଇଥିଲି ତାହା କହିହେବ ନାହିଁ । ଦରଦ ଯନ୍ତ୍ରଣାରେ ଅନୁତାପର ପବନ ଦୋହଲେଇ ଦିଏ । କାନ ପାଖରେ କହିଯାଏ – ନା ନା..... ତୁମ ପ୍ରେମ ଅମର ପବିନ୍ନ କଳଙ୍କହୀନ । କ୍ଷଣିକ ପାଇଁ ହେଉ ସିନା, ସ୍ତବ୍ଧ ହୋଇଯାଏ ଅଭିମାନ ସବୁ । ପରେ ପରେ ଆଙ୍କିବସେ ହୃଦୟ କାନ୍ଥରେ

ଅତୀତର କେତେ ନିବିଡ ଛନ୍ଦ । ଟିକଏ ଆତ୍ମସନ୍ତୋଷ ପାଇଁ, ହଜାଇଦିଏ, ଭିଜାଇଦିଏ ମୋ ନିଃସଙ୍ଗତାକୁ । ନିର୍ଜନ ନିଃଶବ୍ଦ ହୃଦୟର ବନବିହଙ୍ଗର କାଳନ୍ଦି ସାଜେ ସ୍ମୃତି ସବୁ । ଶୀତୁଆ ସକାଳରେ କୁହୁଡି ସାଙ୍ଗକୁ ପବନର ମାଦକତା । ଚଳଚଞ୍ଚଳ ହୋଇଉଠେ ମନର ଆବେଗ । ଶୀତୁଆ କାକରକୁ ଅନେକ ଥର ମିଶି କରି ତୋଳିବା ଯେଉଁ ଆତ୍ମହରା ଛୁଆଁ, ଆଜି ମର୍ମାହତ କରି ଦେଉଛି କହ୍ନେଇ ପୂଜାର ସ୍ମୃତି ସହରରେ । ଆଜି ତାଙ୍କଠାରୁ ଅନେକ ଦୂର ହୋଇଯାଇଛି । ଲିଭି ହୋଇ ଗଲାଣି କଛି କଛି ତାଙ୍କର ସ୍ନେହ, ପ୍ରେମ, ମମତାର ଛୁଆଁ ସବୁ । ସେଦିନ ନିଜ ବାହୁରେ ଛନ୍ଦେଇ ଦେଇ କାନ ମୂଳରେ ଓଠର ମଧୁର ସ୍ପର୍ଶରେ କହୁଥିଲେ ପୂଜା ! ହୃଦୟର ବନ୍ଧନ ହେଉଛି ଆତ୍ମାର ସ୍ପନ୍ଦନ ପ୍ରେମ ହିଁ ଈଶ୍ୱର ଆମ ପ୍ରେମ ଶାଶ୍ୱତ, ଅମର । କୌଣସି ଝଡ ଝଞ୍ଜା ଆମକୁ ବିଚ୍ଛିନ୍ନ କରିପାରିବ ନାହିଁ । ଆମ ନିବିଡତା ନିବିଡତର ହୋଇ ଜନ୍ମ ଜନ୍ମ ରହିଥିବ । ସେହି କେଇ ପଦ କଥା ଅସୁମାରୀ ସ୍ୱପ୍ନ ଆଙ୍କି ଦେଇଛି । ମୋ ସାରା ଜୀବନରେ ଜନ୍ମ ଜନ୍ମର ସାଥି ପ୍ରତିଶ୍ରୁତି ସ୍ୱପ୍ନ ରାଇଜକୁ ନେଇ ଅନେକ ମଳୟକୁ ଗୋଟାଇବାରେ ଲାଗିପଡେ । ଏକୁଟିଆ ପଣକୁ ଭୁଲିଯାଇଥିଲି ତାଙ୍କରି ପ୍ରେମ ବଣରେ । ଅନେକ ଥର ପୂର୍ଣ୍ଣିମା ଜହ୍ନର ଶୀତଳତା ତୋଳିଆଣି କହ୍ନେଇର କୋଳରେ ଜାବୁଡି ଧରି ଭିଜୁଥିଲି । ହଁ ସରମରେ ଚାହିଁପାରେନା ତାଙ୍କ ମୁହଁକୁ । ପୁଣି କେତେବେଳେ ସମୁଦ୍ର ପଠାରେ ପ୍ରେମର ଉର୍ମିରେ ଭିଜୁଭିଜୁ ହଠାତ୍ ଲୁହ ଝରି କହ୍ନେଇର ହାତ ପାପୁଲି ଓଦା ହୋଇଯାଏ । ଅଭିମାନ ଲୁହଭରା ଆଖିରେ କହ୍ନେଇ କହିଉଠେ ପୂଜା !! ଆମର ମିଳନ ଜନ୍ମ ଜନ୍ମ ପାଇଁ, ତୁମେ କେବେ ବି ଭୁଲିଯିବ ନାହିଁ । ଅନେକ ଝଡଝଞ୍ଜାକୁ ସାମନା କରିବା ଭିତରେ ଆମର ପ୍ରୀତିକୁ ରଙ୍ଗ ଦେଇ ଚାଲୁଥିବ ଶେଷ ଜୀବନଯାଏ । ସେହି ରଙ୍ଗ ଭିତରେ ଅମୃତର ମିଳନ ଅନୁଭବ କରିପାରିବ । ଅଧୁରା ସ୍ୱପ୍ନ ଏବେବି ସବୁ ମୁହୂର୍ତ୍ତରେ ପିଟି ହୋଇ ଯାଉଛି ନିଭୃତ ହୃଦୟରେ, କେବଳ ଲୁହକୁ ଗୋଟାଇବା ଛଡା ଆଉ କଣ କରିପାରିବି ଯେ..... ।

ପ୍ରକୃତିର ତାଣ୍ଡବ ଭୟଙ୍କର ହୋଇଉଠୁଥାଏ । ଘଡଘଡି ସାଙ୍ଗକୁ ବିଜୁଳିର ଆଗମନ ଦେହକୁ ଥରେଇ ଦେଉଥାଏ । ମନ ଭିତରେ ବେଳେବେଳେ ଯନ୍ତ୍ରଣାର ଦରବ ଚୁମ୍ବିଯାଉଥାଏ । ଉନ୍ମୁକ୍ତ ଝରକା ଦେଇ ଶୀତଳ ପବନ ପ୍ରବେଶ କରୁଥାଏ ରୁମ୍ କୁ । ମନ ଭିତରେ ଅଧିକ ବିଚଳିତ ଲାଗୁଥାଏ ପୂଜାକୁ ଯେମିତି ମହାଶୂନ୍ୟରେ ଅଣନିଃଶ୍ୱାସୀ ହୋଇ ଘୂରିବୁଲୁଉଛି, ସତ୍ତାହୀନ ଅବସ୍ଥାରେ । ମନରେ ମେଞ୍ଚାଏ ଅସହ୍ୟ ଯନ୍ତ୍ରଣା ଧୀରେଧୀରେ ଅଧିକରୁ ଅଧିକ ବ୍ୟସ୍ତ ବିବ୍ରତ କରିଦେଉଥାଏ ମନକୁ ।

ସନ୍ଦେହର ଶବ୍ଦମାନଙ୍କ ମେଳରେ ଯନ୍ତ୍ରଣାର କାତର ମନଟି ଅବଶୋଷ ହୋଇପଡୁଥାଏ ପୂଜାର । ଆଖିକୋଣରେ ଜକେଇ ଆସୁଥାଏ ଅମାନିଆ ଲୁହବୁନ୍ଦ । ପୁଣି ଝୁଙ୍କିପଡି ବାନ୍ଧିଦିଏ ଆନନ୍ଦକୁ ବେଶ ମଧୁର ଲାଗେ ସଂଚବାର ଦୁଃଖଠାରୁ । ଜୀବନ କେତେବେଳେ ଏମିତି ଖେଳନା ଖେଳ ଖେଳ ଆଲୋଡା ହୋଇଯାଏ । ବାଟ ହୁଡିଯାଏ, ବିବେକ ଭିନ୍ନ ବଳୟରେ ସ୍ୱପ୍ନ ଆଙ୍କେ । ମନ ତ ଖୋଜୁଥାଏ ଅନେକ ଥର ଆଉ ଗୋଟେ ସ୍ପର୍ଶର ଶୀତଳାକୁ ଲମ୍ବିହୋଇଯାଏ କେତେଦୂର ଅସୀମ ଗହନ ବନକୁ । ଅଡୁଆ ସୂତା ପରି ଅବୋଧ ଭାବନାରେ । ଦିଗବଳୟ ର ସେପାରିରୁ ଚପଳଛନ୍ଦରେ ପ୍ରତିଶ୍ରୁତିର ଶୀତଳତା କେତେ ଯେ ଅନୁରାଗ ଭାବପ୍ରବଣତାରେ ଖିଆଲି ଫଗୁଣକୁ ଶୂନ୍ୟ ମୁଠାରେ ଜାବୁଡି ଧରି ସରମରେ ଲାଜୁଆ ଆଖିରେ ବାହାରକୁ ଦେଖୁଥାଏ । କାଳେ କିଏ ଦେଖି ଦେଲା କି? ଶୁଖିଲା କମ୍ପନ ଭିତରେ ପାଇବାର ବାସ୍ନା ବିରହରେ ଛଟପଟ ହୋଇଉଠେ । ଓଠର ବିଚଳତ ଚୁମ୍ବିବାକୁ ପ୍ରୟାସ ଗୁଡାକ ପ୍ରୀତି କଦମ୍ବର ଅସ୍ଥିର ହୋଇଉଠନ୍ତି ଅମାନିଆ ଶ୍ରାବଣ ପରି । ମାଟିର ଶୀତଳତା ପାଇଁ ତ ପୃଥିବୀ ସବୁଜିମା ଆକାଶର ମଉନତାରେ ବିହଙ୍ଗର କୋଳାହଳ, ହେଲେ ଖଜୁରି ଗଛପରି ମୋ ମନରେ କାହିଁ କ୍ଷତାକ୍ତ ହୋଇଉଠୁଛି । ବାରମ୍ବାର ଆଶାର ଦଲିଲ୍ ପରସ୍ତ ପରସ୍ତ ହୋଇ ଅସହାୟ ହୋଇପଡୁଛି । ସବୁ ଯେମିତି ନଷ୍ଟପ ସ୍ମୃତିର ପାଉଁଶରୁ ନଆଁହୁଳା ହୋଇ ଧସେଇ ପଶୁଛି ବୁକୁ ଭିତରକୁ ଅଭିମାନର ଆନମନାକୁ ସବୁ ପୋଡି ପକାଇବ ଯେମିତି ! ସ୍ମୃତିର ମହୋତ୍ସବ ଭିତରେ ଅନେକ ଆନନ୍ଦ ଆସି ପିଟି ହୁଅନ୍ତି ଅଭିମାନ କରି । ଠିକ୍ ମନେ ଅଛି ।

ସେଦିନ ବର୍ଷା ଝିପି ଝିପି ପଡୁଥାଏ । ହଠାତ୍ ଫୋନ୍ ପାଖକୁ ଦୌଡିଗଲା ପୂଜା । ପୁଣି ଫେରି ଆସି ବସି ପଡୁଥାଏ । ମା ଇନ୍ଦୁମତୀ ପଚାରିଲେ କଣ ହୋଇଛି ପୂଜା? ଫୋନ ତ ରିଙ୍ଗ୍ ହୋଇନାହିଁ । ତୁ ବାରମ୍ବାର ଉଠୁଛୁ କାହିଁକି? କିଛି ଜବାବ ନ ଦେଇ ଦାଣ୍ଡ ବାରଣ୍ଡାକୁ ଉଠିଗଲା ଦୁଇ ଭଉଣୀ ଜିନା ଓ ସିନାଙ୍କ ପାଖକୁ । ଜିନା କଲେଜରେ ପଢୁଥାଏ । ସିନା ଦଶମ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାଏ । ଗୋଟିଏ ବୋଲି ଭାଇ ଜଗନ । ସେ ଇଂଜିନିୟରିଙ୍ଗ ପାସ୍ କରି ଘରେ ବସିଛି । ଚାକିରି ପାଇଁ ବାର ଦୁଆର ଶୁଣ୍ଠିପିଣ୍ଡା ହେଉଛି । ବାପା ସିଦ୍ଧେଶ୍ୱରବାବୁ ଜଣେ ସ୍କୁଲ ମାଷ୍ଟର । ପୂଜାର ବି.ଏ. ପାସ୍ ସରିଯାଇଥାଏ । ପି.ଜି କରିବାକୁ ବାପାଙ୍କ ପାଖରେ ନସର ପସର ହେଉଥାଏ ପୂଜା । ସିଧା ସିଧା ମନା କରିଦେଲେ ସିଦ୍ଧେଶ୍ୱରବାବୁ । ନାଇଁ ହୋଇପାରିବ ନାହିଁ । ମାସିକ ୫୦୦୦ ଟଙ୍କାରେ ମୁଁ ଆଉ ଘର ଚଳାଇ ପାରିବିନି, ଏବେ ନିଜେ ରୋଜଗାର କର । ତୁମ ମା ବି ଆଉ ପାଇଟି କରିପାରୁ

ନାହିଁ । ତାକୁ ସାହାଯ୍ୟ କର । ଅଭିମାନର ପାଦ କଗୁଡି ଗ୍ଭଲିଗଲା ପୂଜା । ହଠାତ୍ ଫୋନ୍ ଟି ବାଜିଉଠିଲା । ପୂଜା ଦୌଡି ଦୌଡି ଯାଇ ଫୋନ୍ ଉଠାଇଲା । କହ୍ନେଇର ଲାଜୁଆ ହସର ଶବ୍ଦରେ ତା ଓଠ ସରମି ପଡିଲା । କହ୍ନେଇର ସବୁ କଥା ନଶୁଣି ଫୋନ ରଖିଦେଇ ଚୁପ୍ ଗ୍ଭପ ଡ୍ରେସ୍ ପିନ୍ଧି ବେକରେ ଭେଲଭେଟ୍ ଲଗେଇ ବାହାରି ପଡିଲା । ମା ଇନ୍ଦୁମତୀ ଭିତରୁ ଗର୍ଜି ଉଠିଲେ, କୁଆଡେ ପୂଜା ! ପାଟି ଖନ ବାଜିଗଲା ପୂଜାର କଣ କହିବ । ମିଛ ନ କହିଲେ ମା କଣ ଛାଡିବ କି? ହଁ, ମୋ ସାଙ୍ଗ ତାଙ୍କ ଘରକୁ ଡାକଛି । କଣ ପାଠ ବିଷୟରେ ଆଲୋଚନା କରିବାକୁ? "ହଉ ଝଅଟ୍ ଫେରି ଆସିବୁ । ଆଖି ପିଛୁଳାକେ ଗ୍ଭଲିଗଲା ପୂଜା । ଆଜି ଯେମିତି ଯୌବନରେ ଫଗୁଣର ଉନ୍ମାଦନା ପ୍ରୀତି ମଳୟର ଲାଜୁଆ ଛୁଆଁ ବାରମ୍ବାର ଶିହରଣ ସୃଷ୍ଟି କରୁଥାଏ ଦେହକୁ । ମନରେ ଅନେକ ପ୍ରଶ୍ନ ଦୋଳ ଖେଳୁଥିଲା ଚଗଲା ଛାତିରେ । ବାସନାର ତାତିରେ ଅମାନିଆ କାମନାଗୁଡାକ ଅଜାଣତେ ପିଟି ହେଉଥିଲେ ନିର୍ଲୋଳା ଆଖିରେ । ଛନ୍ଦାୟିତ ହୋଇଯାଇଥିଲା ମୋହଗ୍ରସ୍ତ ବାସ୍ନାରେ । ପ୍ରେମର ମୁକ୍ତ ଗୁଞ୍ଜରଣ ଝୁଣ୍ଟିପଡୁଥିଲା ଜିଭ ଅଗଣାରେ ।

**ଓଃ.....!!!!** କି ବିଚିତ୍ର ଜୀବନ.....,

ଯନ୍ତ୍ରଣା ଆଉ ଯନ୍ତ୍ରଣା । ତଳେ ବସିପଡିଲା ପୂଜା । ତା ପରେ କଛି ଜଣା ନାହିଁ । ଆଖି ଖୋଲିଲା ବେଳକୁ ଅନେକ ଲୋକ ଘେରି ଯାଇଥିଲେ । ଫୋନ୍ ର ସବୁକଥା ନ ଶୁଣି ରଖିଦେଇଥିଲା ଫୋନକୁ କାଳେ କିଏ ଶୁଣିଦେବ ବୋଲି । କହ୍ନେଇର ପଦିଏ କଥା ଶୁଣି "ତୁ ମଙ୍ଗୁଳ ଛକକୁ ଆସିପାରିବୁ" ବାସ୍! ପବନରେ ଉଡିଲା ପରି ପୂଜା ଗ୍ଭଲିଆସିଥିଲା । କହ୍ନେଇର ହାତରେ ନାଲି ଓଢଣୀ ଥିବା ସ୍ତ୍ରୀ ଲୋକକୁ ଦେଖିଦେଇ ସହିପାରିଲାନି ବିକଳ ହୃଦୟଟି । ସ୍ଥାଣୁ ପାଲଟିଗଲା ସର୍ବାଙ୍ଗ । ପାଦତଳୁ ପୃଥିବୀ ଯେମିତି ଶୂନ୍ୟ ହୋଇଗଲା । କାହିଁକି ଏମିତି କଲ କହ୍ନେଇ ? ମୁଁ କଣ ଅପରାଧ କରିଥିଲି ଅନେକ ସ୍ୱପ୍ନ ଆଙ୍କି ସାରିଲା ପରେ । କେତେ ଫଗୁଣରେ ଭିଜେଇ ସାରିଲା ପରେ କଣ ତମେ ଆମର ପବିତ୍ରତାକୁ ବୁଝିପାରିଲ ନାହିଁ? ବିତିଥିବା ମଧୁର ମୁହୂର୍ତ୍ତକୁ ନାମ ଦେଇପାରିଲିନି କାହିଁକି କହ୍ନେଇ ? ଅପରାଧ କରିଥିଲି? ଅଭିମାନରେ ଆଉ ଜଣକୁ ସାଥି କରିନେଲ । ମୁଁ ବିଶ୍ୱାସ କରିପାରୁ ନାହିଁ । ଧୀରେ ଧୀରେ ଦିନ ନଇଁ ଆସିଲା । ଗୋଧୂଳିର ଧୂସର ରଙ୍ଗରେ ସ୍ୱପ୍ନଗୁଡିକ ସବୁ ଝାପସା ଦେଖା ଯାଉଥିଲା । ସାମ୍ନୁ ଚୁଟି ଗୁଡାକୁ ନିଃସ୍ୱ ହୋଇ ଉଡି ବୁଲୁଥିଲା ମୁହଁ ଅଗଣାରେ । ମନର ମରମ ଅଖାକୁ ଲୁହ ଭିତରେ ଗୋଟାଉଥିଲା ଆଖି । ପାଦ ଟଳମଳ

ଅବସ୍ଥାରେ ଘର ଭିତରକୁ ଚୁପଗୁପ୍ ପଶିଗଲା । ମା କଣ ସବୁ ଜାଣି ସାରିଛିକ? କଣ କଛି କହିଲାନ? ଅନେକ ପ୍ରଶ୍ନ ଉର୍ମି ଆଙ୍କୁଥାଏ ମନରେ । ବାଥରୁମ୍ ଯାଇ ଟିକଏ ଗାଧୋଇ ଆସିଲା ପୂଜା । ଓଃ କ ଯନ୍ତ୍ରଣା, ତା ପରେ ଘର କବାଟ ଧଡକନା ବନ୍ଦ କରିଦେଲା । ମହାବାତ୍ୟା ପରେ ପ୍ରକୃତି ଯେମିତି ସର୍ବହରା ହୋଇଗଲାପରି । ଭାଷା ସବୁ ହଜିଯାଇଛି ଜଣା ନାହିଁ । କଛି ସମୟ ପରେ ମା ଆସି ଖାଇବାକୁ ଡାକଲା, ମୁଣ୍ଡ ଆଉଁଶିଦେଲା । ଆଜି ଯେମିତି ତାର ମମତାର ବାତ୍ସଲ୍ୟଟି ମୋ ମୁଣ୍ଡରେ ଝରାଇ ଦେଇଛି । ମୋ ଭୁଲ୍ ପାଇଁ କଣ ସେ ରାଗ କ ଅଭିମାନ କରୁନ ? କଣ ହୋଇଛି ସମସ୍ତେ ଯେମିତି ଚୁପଗୁପ? ସାନ ଭଉଣୀ ସିନା ରହିପାରିଲାନ । ଆଲୋ ନାନୀ, ତୋର ଗୋଟେ ଚଠି ଆସିଛି । ମୁଁ ତୋ ରୁମର ଟେବୁଲ୍ ଉପରେ ରଖିଦେଇଛି । ହଁ ମ, କହ୍ନେଇ ଭାଇ ଦେଇଛନ୍ତି । ସେ ବହୁତ ବ୍ୟସ୍ତ ଥିବାରୁ ଆସିପାରିଲେ ନାହିଁ । ସେଥିପାଇଁ ଗାଁ ମିଲିଅପା ସାଙ୍ଗରେ ଚଠିଟି ପଠେଇଛନ୍ତି । ଅନେକ କ୍ଷମା ମାଗିଛନ୍ତି । ତୁ କଣ ଭୋଜି ଖାଇବାକୁ ଯାଇଥିଲୁ କ? କଣ ଖାଇଲୁ? କହନା! ମୋ ପାଇଁ କଛି ଆଣିଛୁ କ? ଇନ୍ଦୁମତୀ କହିଲେ, ବାସ ! ଥାଉ ସିନା, ସମସ୍ତେ ଖାଇବାକୁ ଆସିଯାଅ । ମୁଁ ଖାଇବା ବାଢୁଛି । ମା କହି ଉଠିଗଲେ । ବାପା ବି ସେପଟରୁ ଚତ୍କାର କରି କହିଲେ, ଆରେ ଭୋକ ଲାଗିଲାଣି ସମସ୍ତେ ଖାଇବାକୁ ଆସ । ଚଠି କଥା ଶୁଣି ଦେହ ଶୀତେଇ ଉଠିଲା ପୂଜାର । କଣ ଲେଖିଛନ୍ତି କହ୍ନେଇ? ସନ୍ଦେହର ଉର୍ମି ଭରିଗଲା ମୁଣ୍ଡରେ । କେତେବେଳେ ଚଠିକୁ ପଢିବ ମନ ବାଉଳୁ ଗୁଉଳୁ ହେଉଥାଏ । କଛି ଖାଇଦେଇ ଚଟାପଟ ଉଠିଆସିଲା ପୂଜା ।

ଘରର ନିରବତା ଉପହାସ କରୁଥାଏ । ତୁ ପାରିବୁନ ପୂଜା, ତୋ ଭଲ ପାଇବାର ମୂଲକୁ ହଜେଇ ଦେଇଛୁ ଅମାବାସ୍ୟାର ଅନ୍ଧକାର ଭିତରେ ।

ନା.....ନା.....

ଚତ୍କାର କରିଉଠେ ପୂଜା.... ।

ମୋ ପ୍ରେମ ଜହ୍ନ ପରି ସେ କେବେ ହଜିପାରିବନ ଦେଖିବ ବିନା ଶ୍ରାବଣରେ ବର୍ଷା ହେବ । ପୁଣି ଥରେ ଗୋଲାପର ସମ୍ଭାରହେବ ହଜିଯିବା ସ୍ୱପ୍ନକୁ ଧରି । ମୋ ଭିତରେ ନୀରବତାକୁ ବୁଝି ଲୁହରେ ପ୍ରଣୟର ମଧୁ ଭରି ଦେଇଥିବା ପ୍ରୀତିକୁ ମୁଁ କେମିତି ଭୁଲିଯିବି? ଦୂର ଦିଗନ୍ତର ସୂର୍ଯ୍ୟରଶ୍ମୀ ପରି ଅପେକ୍ଷା କରିଥିବି ତାଙ୍କର ପ୍ରୀତିଡୋର । ଆଶାର ଅନ୍ତରରେ ରୁପାର ଫରୁଆ କରି ସାଇତି ରଖିଥିବି ଜୁଇକୁ ଯିବାଯାଏ । ଅଭିମାନ ଘୃଣାରେ ଚଠିକୁ

ପଢିପାରିଲାନ ପୂଜା କଣ ଅଛି ତା ଭିତରେ । ରହିଗଲା ସେମିତି । ପୁରୁଣା ବାକ୍ସ ଭିତରକୁ ପକାଇ ଦେଇ । କଇଁ କଇଁ କାନ୍ଦି ଉଠିଥିଲା । ବିକଳ ଅଭିମାନୀ ପୂଜା ଭାବି ଚାଲିଥିଲା ପୂଜା ସେହି ଅତୀତର ପୃଷ୍ଠାକୁ ଯାହାକୁ ନେଇ ଆଜି ସେ ହାରିଯାଇଛି ।

ସେଦିନ ଥାଏ ମକର ସଂକ୍ରାନ୍ତି । ସିଦ୍ଧେଶ୍ୱରବାବୁ ଗାଁ ଗାଁ ବୁଲି ମକର ଚାଉଳ ଘରେ ଘରେ ଦେଉଥାନ୍ତି । ଦୁଃଖ ସୁଖ ହୋଇ କିଛି ପଇସା ମଧ୍ୟ ଆଣୁଥାନ୍ତି । କଏ ପରିବା ଫଳ ମଧ୍ୟ ଅର୍ପଣ କରୁଥାନ୍ତି । ଗୁରିଗୁରିଟା ପିଲାଙ୍କୁ ମଣିଷ କରିବା ସହିତ ନିଜ ବାପା ମା ଭାଇ ଭଉଣୀଙ୍କ ଦାୟିତ୍ୱ ମଧ୍ୟ ତୁଲେଇ ଛନ୍ତି ସିଦ୍ଧେଶ୍ୱରବାବୁ । ପିଲାମାନଙ୍କୁ ନିଜ ଗୋଡରେ ଛିଡା କରିବାର ଅନେକ ପ୍ରୟାସ ମଧ୍ୟ କରିଛନ୍ତି । ମୁନ ପଦା ପାର ହେଲାବେଳେ ଦେଖାହୁଏ କହ୍ନେଇ ସହିତ ।

କହ୍ନେଇ କହିଲା, ମଉସା ! କୁଆଡେ ଯାଇଥିଲେ**?** ଏତେ ଗୁଡାକ ଜିନିଷ ଧରି କଣ ଏକାଏକା ଚାଲିଛନ୍ତି । ଜଗନ ନାହିଁ କି**?** ତାକୁ କହିଲେନି ନେଇ ଯାଇଥାନ୍ତା । କହିବା ଭିତରେ ସବୁତକ ବ୍ୟାଗ ନିଜ ହାତକୁ ନେଇ ଯାଇଥିଲେ କହ୍ନେଇ । ମନା କରିବା ସତ୍ତ୍ୱେ କହିଚାଲିଥିଲେ ମୁଁ କଣ ଆପଣଙ୍କ ପୁଅ ନହଁକି**?** ମୁଁ ଘରେ ନେଇ ଦେଇ ଆସିବି । କିଛି ଭାବନ୍ତୁନ ବାପା, ବାସ୍ ସେହି ବାପା ଶବ୍ଦରେ ଆମ ସମସ୍ତଙ୍କର ଅତି ଆପଣାର ହୋଇଯାଇଥିଲେ । ବହୁତ ନିକଟରୁ ସମସ୍ତଙ୍କୁ ଜାଣିଥିଲେ ।

ଜିନା ଓ ସିନାର ଝଗଡା ଭିତରେ ପୂଜା ସେମାନଙ୍କୁ ଧରିବା ସମୟରେ ଧକା ଲାଗେ କହ୍ନେଇଙ୍କ ସହିତ । ସବୁ ବ୍ୟାଗ ତଳେ ପକାଇଦେଇ ତୋଳି ଧରିଥିଲେ ପୂଜାକୁ । କିଛିକ୍ଷଣ ପାଇଁ ବସନ୍ତ ମଳୟ ଶିହରଣ ସୃଷ୍ଟି ହୋଇଗଲା । ଓଃ.....କି ଲାଜ **!!** ଆରେ ଅଚହ୍ନା ଲୋକଟେ ମୋତେ ଏମିତି କଣ ଜାବୁଡି ଧରିଛନ୍ତି । ପୁଣି ଓଠକୁ ମୋ ଓଠ ପାଖକୁ ନେଇଆସୁଛନ୍ତି । କଣ ଚୁମ୍ବନ ଆଙ୍କିଦେବେ କି **?** ଆଉ କିଛି ଭାବିପାରିଲାନି ପୂଜା, ଆଖି ବନ୍ଦ କରିଦେଲା । କାନ ପାଖକୁ ଓଠ ଦୁଇଟି ଯାଇ ଫୁସଫୁସ୍ ହୋଇ କହିଲା – ତୁମର କିଛି ହୋଇନି ତ**!** ଏମିତି କଣ ଦୌଡନ୍ତି**?** ପଡିଯାଇଥିଲେ କଣ ହୋଇଥାନ୍ତା କହିଲ**?** ପଥରରେ ବାଡେଇ ମୁଣ୍ଡ ଫାଟି ଯାଇଥାନ୍ତା । ଟିକଏ ଦେଖିକି ଦୌଡ । କେଉଁ ଶ୍ରେଣୀରେ ପାଠ ପଢୁଛ**?** ବାସ ଏତେ କଥାର ଉତ୍ତର କଣ ଭାବିଲା ବେଳକୁ ବାପା ଚିତ୍କାର କରିଉଠିଲେ । ଆରେ କହ୍ନେଇବାବୁ, ପୂଜା ଦଶମ ପରୀକ୍ଷା ଦେବ, ଇଂରାଜୀରେ ନମ୍ବର ବହୁତ କମ ରଖୁଛି । ମନ ଭଲ ଲାଗୁନ । ମନଦେଇ ପାଠ ପଢିଲେ ସିନା ହେବ ।

ସବୁବେଳେ ତ ଯୁଦ୍ଧ ପୁଅଝିଅ ଗୁରିଜଣଙ୍କର । କେତେବେଳେ ପାଠ ପଢିବେ ମୁଁ କଣ ପଢାଇବାକୁ ସମୟ ପାଉଛି କ । ତୁମେ ବାବା କଣ ଗୋଟେ କର ।

ଚମକ ପଡିଲେ କହ୍ନେଇ ! ସେତେବେଳଯାଏ ପୂଜାର ଛୁଆଁକୁ ଆଲିଙ୍ଗନ କରୁଥିଲେ । ପୂଜାକୁ ଛାଡି ଦେଇ, ହଁ ହଁ ବାପା, ମୁଁ ବି.ଏ. ପଢୁଛି । କଣ ହେଲା କ? ନାଇଁରେ ବାବା, ମୁଁ ଭାବୁଥିଲି କେତେବେଳେ ଆସି ସମୟ ପାଇଲେ ମୋ ପିଲାମାନଙ୍କର ପାଠପଢା ଦେଖନ୍ତ କଣ କେତେନେବ କହିବ? ଘରେ ଆଉ କଏ କଏ ଅଛନ୍ତି କରେ? ହସୁଥିବା ଆଖିରେ ଲୁହ ଜକେଇ ଆସିଲା କହ୍ନେଇର । ଅନେଶତ ମହାବାତ୍ୟାରେ ମୋର ବାପା ମା ଭାଇଭଉଣୀ ସମସ୍ତେ ଆରପୁରକୁ ଗ୍ଲଲିଗଲେ । ମୁଁ ଏବେ ଦାଦା ଖୁଡୀ ପାଖରେ ରହୁଛି । ସେହିମାନେ ମୋର ସବୁକଛି, ପାଠପଢା ସହିତ ଟିଉସନ କରି ନଜ ଖର୍ଚ୍ଚ ସହିତ ଦାଦାଙ୍କ ବିଜିନେସର ସାହାଯ୍ୟ ପାଇଁ କଛି ଦେଇଥାଏ । ଠିକ୍ ଅଛି ବାପା ସମୟ ପାଇଲେ ମୁଁ ଆସି ଏମାନଙ୍କୁ ପାଠ ପଢାଇବି । ଆସୁଛି ବାପା ! ଅନେକ ଡେରି ହୋଇଗଲାଣି । ଖୁଡୀ ଖୋଜୁଥିବେ, କହ୍ନେଇ କହି କହି ବାହାରକୁ ବାହାରି ଆସିଲା । କବାଟ ଫାଙ୍କ ପର୍ଦାର ଆଙ୍ଗୁଳକୁ ଦେଖି ଚୁମୁଟାଏ ହସ ବାହାରି ଆସିଲା କହ୍ନେଇ ଓଠରୁ । ଲାଜେଇଗଲା ଆଖି ଦୁଇଟି ।କଣ ପୂଜା? କହ୍ନେଇ କହିଲେ । ନାଇଁ କଛି ନୁହଁ, ପୂଜା କହିଲା । ଗ୍ଲଲିଗଲେ କହ୍ନେଇ, ପୂଜା ଅନେଇ ରହିଥାଏ । କାଳେ ଫେରିକରି ଦେଖିବେକ?

ରବିବାର ସକାଳ କୁଆର କା କା ଶବ୍ଦରେ ଚକ୍ାର ଶୁଣି ଉଠିଲେ ସିଦ୍ଧେଶ୍ବରବାବୁ । କହିଲେ, ଆରେ ଆଜି କଣ ଗ୍ନ ମିଳବନ କ? ସକାଳ ଆସି କେତେ ହେଲାଣି । ଖବରକାଗଜଟେ ଧରି ବସିପଡିଲେ ସିଦ୍ଧେଶ୍ବର ବାବୁ । ସୁଲୁସୁଲିଆ ପବନ ଦୋଳ ଖେଳୁଥାଏ ଫୁଲ ବଗିଗ୍ନର ଫୁଲମାନଙ୍କ ସହିତ । ତାରି ଭିତରେ ପୂଜା ଗୁଣୁଗୁଣୁ ହୋଇ ମଳୟକୁ ତୋଳୁଥାଏ ଯେମିତି ! ଭିତରୁ ଜଗନ ଡାକ ପକାଇଲା ବାପା, କହ୍ନେଇ ଭାଇ ପାଠ ପଢାଇବାକୁ ଆସିଛନ୍ତି । ଦେହ ଶୀତେଇ ଉଠିଲା ପୂଜାର । ଦୌଡି ଦୌଡି ଘର ଭିତରକୁ ଗ୍ଲଲିଗଲା । ବାଡିପଟ ବାରଣ୍ଡାରେ ସପ ଉପରେ ସମସ୍ତେ ବ୍ୟାଗ ଧରି ବସିଗଲେଣି । ଲାଜରେ ଯିବାକୁ ଇଚ୍ଛା ହେଉନଥାଏ । ବହୁତ ଇଚ୍ଛା ଅଛି ତାଙ୍କ ପାଖରେ ବସିପଡିବାକୁ । ରାଗ ବି ଲାଗୁଥାଏ, କାହିଁକି ମତେ ଡାକୁ ନାହାନ୍ତି ବୋଲି । ଦୁଇ ଚନଥର ଏପଟ ସେପଟ ହୋଇ ଭିତର ଘରକୁ ଗ୍ଲଲିଗଲା ପୂଜା । ଏଥର ଡାକଲେ ଜମାରୁ ଯିବିନ । କଣ ଭାବିଲେ କ? ମତେ ଗ୍ନହୁଁ ବି ନାହାନ୍ତି । ରାଗ ଗରଗର ହୋଇ ବଗିଗ୍ନକୁ ଗୋଡ କଚ୍ଡି କଚ୍ଡି ଗ୍ଲଲିଗଲା । କଛି ସମୟ ପରେ ପଛରୁ

ଫଗୁଣ ଛୁଆଁ ପରି ଭିଡି ଧରି ହାତକୁ କହ୍ନେଇ କହିଲେ, ଆରେ ପୂଜା, ତୁମେ ଆସିଲାବେଳେ ତୁମ ପାଉଜିଁ ଖସିପଡିଥିଲା, ନଅ ଯତ୍ନରେ ରଖ । ମନଦେଇ ପାଠପଢ, ପରୀକ୍ଷା ପାଖେଇ ଆସିଲାଣି । ତୁମ ସାଙ୍ଗମାନେ କହୁଥିଲେ ତୁମେ ବହୁତ ଭଲ ପଢ ।

ନବିଡାତା ଆଗକୁ ଗ୍ଭଲି ଯାଇଥିଲା । ସବୁଦିନେ ନଇବନ୍ଧ ଠାରୁ ସାଙ୍ଗ ହୋଇ କଲେଜ ଯିବାର ନଆର୍ ସ୍ମୃତି । କଛି ଅଭିମାନ । ପ୍ରେମ, ପ୍ରୀତି ତା ସହିତ ଶୃଙ୍ଖଳତ ସଂସ୍କାରକୁ ପ୍ରତିଷ୍ଠିତ କରିବାର ସ୍ୱାଭିମାନ ସେମାନଙ୍କୁ ବହୁତ ଉପରକୁ ନେଇଯାଇଥିଲା । ଗପିଗପି କେତେବେଳେ କଲେଜ ଆସି ଯାଇଥାଏ । ସବୁ ସାଙ୍ଗମାନଙ୍କର ଚୁପି ଚୁପି ଇସାର୍ ଯେମିତି ବହୁତ ଆନନ୍ଦ ଦେଉଥିଲା ପୂଜାକୁ । ପହିଲି ବସନ୍ତ ରଙ୍ଗ ଚୁପି ଚୁପି ଭିଜଉଥିଲା ମୁକୁଳା ଓଠକୁ........ ।

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ - ୯୯୩୭୩୪୭୩୧୮

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ପ୍ରିୟ ନୁହେଁ ଅତିପ୍ରିୟ



ଝିଲିମିଲି ସାହୁ

ତୁମେ ଅଶରୀରୀ ତ ନୁହେଁ
ନା ହିଁ ସୃଷ୍ଟିକର୍ତ୍ତା, ପରମ ଈଶ୍ୱର
ଥାଅ ତୁମେ ନିତ୍ୟ ପ୍ରତି ଚନ୍ଦନରେ
ହେତୁ ପାଇବା ଦିନଠାରୁ ଏ ଯାବତ୍ ॥

ପୁରୁଣା ପୃଷ୍ଠାକୁ ଯେବେ ଓଲଟାଏ
ପାଦ ଚହ୍ନ ମିଳେ, ପୂର୍ଣ୍ଣ ଉପସ୍ଥିତିର
ଦୁଃଖରେ ହେଉ ଅବା ସୁଖରେ
ତୁମେ ଏକା କେନ୍ଦ୍ରବିନ୍ଦୁ ଜୀବନ ବୃତ୍ତର ॥

କେହି ଲେଖା ପଢୁ ବା ନ ପଢୁ
ଅବା ଥରେ ବୁଝୁ ବା ନ ବୁଝୁ
ତୁମେ ଥାଅ ସଦା ସାଥେ ମୋର
ଶକ୍ତ ଲାଠିଟିଏ ହୋଇ ଛାଇ ଆଲୁଅର ॥

ପ୍ରାଣେ ଭରିଦିଅ ସଦା ସ୍ଫୁର୍ତ୍ତି ଓ ସାହସ
ଲଙ୍ଘିବାକୁ ସାହାଜ୍ୟରେ କଣ୍ଟକିତ ପଥ
ପ୍ରେରଣାର ଉତ୍ସ ସାଜି ଖୋରାକ ଯୋଗାଅ
ଲେଖିବାକୁ ଜୀବନର ଆଗାମୀ ଅଧ୍ୟାୟ ॥

ଆଶ୍ଚର୍ଯ୍ୟେ, ଦ୍ୱନ୍ଦରେ ସଦା ହୁଅଇ ଭ୍ରମିତ
ମୋତେ ଭଲ ଅବା ଘୃଣା କରିବା ବ୍ୟକ୍ତିତ୍ୱ
ତୁମେ ହିଁ ତ ଏ ସଂସାରେ ଏକାନ୍ତ ନିଜସ୍ୱ
ପ୍ରିୟ ନୁହେଁ ଅତିପ୍ରିୟ –ହେ ଆତ୍ମବିଶ୍ୱାସ!!

ଶିକ୍ଷୟିତ୍ରୀ, ନୟାଗଡ

# 'ବର୍ଷା' ନୁହେଁ ବର୍ଷା ଆସିଛି !



ଦିଲିପ୍ କୁମାର ତ୍ରିପାଠୀ

କଉଠିଥିଲ୍ କେଜାଣି ?
ରାଗ ଶୁଝେଇଲ୍ ପରି ଆସିଲ୍
ଘର ଆଗଟାରେ କୁଦେଇ ହେଇଗଲ୍ ବର୍ଷା,
ଥମ୍ ଥମ୍ ପାଦ କଗୃଡି ନାଚଲ୍ ମୋ ସାମ୍ନାରେ
ଫୋପାଡିଲ୍ ସାଇକେଲ୍,
ତିନ୍ତେଇଲ୍ ଅଧାଖୋଲ୍ ବହି
ମୀରାଙ୍କ ନାଲି ଶାଢୀ
ଆଉ ମୋ ଆଖିପତା...

ରହ ରହ କହୁ କହୁ ଓଦା କଲ୍ ଗୋଡ଼ପୋଛା
ଅଜାଡି ହେଇପଡିଲ୍ ମୋ ସାନଭାଇ ବାଇକ୍ ଉପରେ
ମୋର ପଟେ ଚମଡା ଜୋତା ବି
ରକ୍ଷା ପାଇଲାନ ତା ଅଦଉତିରୁ ...

ଓହୋଃ !! ସେପଟେ ଅଫିସ୍ ପାଣ୍ଟ, ସର୍ଟ ବି ଓଦା ହେଲ୍ ।
ହଁ ହଉ, କଉ ଅଫିସ୍ ଯାଉଛି ଯେ ଏତେ ଚନ୍ତା !

ବହେ ଗାରିସାରି ହେଲ୍,
ହଠାତ୍ ମାଡି ଆସି ଠିଆ ହେଲ୍ ମୋ ଆଗରେ
ମୁହଁ, ଛାତି, ବେକ ମୂଳ ତିନ୍ତିବା ଅପେକ୍ଷା
ଝାଳେଇ ଗଲ୍ ବେଶି ।

ଚଷମାରେ ଝାପ୍ସା ଦିଶିଲା,
କେହି ଜଣେ ଓଦା ସରସର ହେଇ ଛିଡାହବାର
'ବର୍ଷା' ନୁହେଁ ତ' ! ଏଠି ?

ମୀଗ୍ରଙ୍କ ଡାକରେ ପ୍ରକୃତିସ୍ଥ ହେଲି
ଜାଣିଲି, 'ବର୍ଷା' ନୁହେଁ ବର୍ଷା ଆସିଛି !
ଯେମିତି ସବୁ ବର୍ଷ ଆସେ ...

ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଶେଷ ସ୍ପର୍ଶ



ପ୍ରଣତି ମହାପାତ୍ର

ହେ ବିଶ୍ୱବାନ୍ଧବ ଦୀନଜନ ନାଥ
ତୁମ ବ୍ରହ୍ମ ନାମ ଧରି,
କୀଟରୁ ପତଙ୍ଗ ବାନରରୁ ନର
ହୋଇଥାନ୍ତି ଭବୁ ପାରି।
ଆଦ୍ୟ ତୁମେ ଯଦି ଅନ୍ତ ବି ତୁମେ
ଶେଷ ସ୍ପର୍ଶ ଦିଅ ଭରି।
ତୁମ ବ୍ରହ୍ମ ନାମ ଧରି।

ମହାମାରୀ ଆଜି ମହାପ୍ରଳୟରେ
ତୁମ ସୃଷ୍ଟି କରେ ନାଶ,
ମାଆର କୋଳରୁ। ପିଲାକୁ ଖାଇସେ
ହସେ ବିକଟାଳ ହସ,
ପତ୍ନୀ ଠାରୁ ପତି ସନ୍ତାନ ଠୁ ମାଆ
ଦୁଃଖଦାୟକ ସେ ଦୃଶ୍ୟ।
ଦିଅ ପ୍ରଭୁ ଶେଷ ସ୍ପର୍ଶ।

ବିଶ୍ୱ ଆଜି ପ୍ରଭୁ ବିଷମ ସ୍ଥିତିରେ
ନ ପାରୁଛ କବା ଦେଖି,
ଖେଳିବା ବୁଲିବା ବଞ୍ଚିବା ବଢିବା
ଯାଇଛି ସବୁ ଅଟକ,
ସବୁ ତ କରୁଛ ନୀଳାଚଳେ ବସି
ଶେଷ ସ୍ପର୍ଶ ଅଛି ବାକ।
ଶେଷ ସ୍ପର୍ଶେ କର ସୁଖି।

ହେ ବିଶ୍ୱବାନ୍ଧବ ଦୀନଜନ ନାଥ
ତୁମ ବ୍ରହ୍ମ ନାମ ଧରି,
ଆକୁଳେ ବିକଳେ ଡାକୁଅଛୁ ଆମ୍ଭେ
ନପାତ ଏ ମହାମାରୀ,
ଅଶାନ୍ତ ଧରାରେ ଶାନ୍ତ ମଳୟର
ଗୁହର ତ ଦିଅ ପାରି ।
ଶେଷ ସ୍ପର୍ଶ ଦିଅ ଭରି।

ବାଲେଶ୍ୱର

# ଜୀବନ ଶସ୍ତା, ଜୀବିକା ମହଙ୍ଗା



ଡ. ସଦା ବିହାରୀ ସାହୁ

ଆମେ ଦିନ ମଜୁରିଆ, ଶ୍ରମିକ ଆଉ ନିତି ଖଟିଖିଆ
ଆମ ଜୀବନ ଏଠି ଶସ୍ତା କିନ୍ତୁ ଜୀବିକା ମହଙ୍ଗା
ଘର ବାଡି ଛାଡି ଆସୁ ପେଟ ପୋଷିବାକୁ ସହର
ଝୁଗୀ ଝୋପଡି ଅବା ରାସ୍ତା କଡେ ବିତେ ଜୀବନ ଆମର
ଖରା, ବର୍ଷା, ଶୀତ ସହି ଢାଳ ଦେଉ ଆମେ ଶ୍ରମ
ତଥାପି କାହିଁକି ଆମେ ନିଷ୍ପେସିତ, ନିର୍ଯାତିତ ଏ ଭବ୍ୟ ସମାଜେ
ଥରେ ଚିନ୍ତା କରି ଦେଖ ହେ ବୁଦ୍ଧିଜୀବି ଆମ ।

ସବୁଠି ଆମର ଲୋଡା, କିନ୍ତୁ ଆମେ ଅପେକ୍ଷିତ
ଦୁଃଖ, ଦରିଦ୍ରରେ କଟେ ଆମ ଦିନ ଜୀବନ ଆମର ତୁଚ୍ଛ
ଗାଳି, ଗୁଲଜ ଶୁଣି ଶୁଣି ଆମେ ହେଉ କେତେ ହିନ୍ତସନ୍ତ
ସତରେ କଣ ଆମେ ଏତେ ଶସ୍ତା ନାହିଁ ଆମ ଜୀବନର ମୂଲ୍ୟ
ସଭେ ଜାଣି ଶୁଣି ଆଖି ବୁଜିଛନ୍ତି କାହାକୁ କହିବୁ ଦୁଃଖ
ଆମ ତଣ୍ଟି ଚପି ବଡ ଲୋକ ଏଠି ଉପରେ ମାରନ୍ତି ଥାଟ
ଜୀବନ ଆମରି ଏଠି ଭାରି ଶସ୍ତା, ବଞ୍ଚିବା ଏଠି କଷ୍ଟ।

ଯା ପାଇଁ ନାହିଁ ଏଠି ପେଟକୁ ଦି ମୁଠା, ମୁଣ୍ଡ ଗୁଞ୍ଜିବା କୁ ଛାତ
ମୃତ୍ୟୁ ପୁଣି ଆସେ କେବେ ରାସ୍ତା କଡେ ରାତ୍ରିର ନିସ୍ତବ୍ଧ ମତେ

ଆଉ କେବେ ପୁଣି ଚଢିଯାଏ ରେଳଗାଡି ଆମ ଛାତି  ବାଟେ
ସଂଘର୍ଷ ଆମର ଚାଲେ ଅହରହ ଜନ୍ମ ଠୁ ମରିବା ପର୍ଯ୍ୟନ୍ତେ।

କାହିଁକି ବଞ୍ଚିଛୁ ଆମେ ଏ ଧରା ପୃଷ୍ଠେ ସବୁ ବେଳେ ପ୍ରଶ୍ନ ଆସେ
ଯଦି ନାହିଁ ଏଠି ଆମ ପାଇଁ ଅନ୍ନ, ଢାଙ୍କି ବାକୁ  ଦି ହାତ ଲୁଗା ଏ ଅଙ୍ଗେ
କଣ ସବୁ ସୁଖ ଓ ସୁବିଧା ବଡ ଲୋକଙ୍କ ଭାଗେ
ଥରେ ଚିନ୍ତାକର ହେ ବୁଦ୍ଧିଜୀବି ଗଣ
ଏତେ ସ୍ୱାର୍ଥପର କାହିଁ
ମଣିଷକୁ କେବେ ମଣିଷ ଭାବିବ ତୁମ ହୃଦ ମଧ୍ୟେ
ସେ ବାଟକୁ ରହିଛୁ ଚାହିଁ।

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଜନ୍ମଦିନର ଉପହାର



ଆରତୀ ସାହୁ (ଆଶା)

ମୋ ବାପା ପୂର୍ବରୁ ଥିଲେ ସ୍ୱାଧୀନତା ସଂଗ୍ରାମୀ, ମର୍କଟ ସେନାର ଗୋଟିଏ ଶାଖା ଦଳରେ, ଗାନ୍ଧୀ ବାଦୀ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ । ତାଙ୍କର "ଯୈସୀ କଥନୀ ୱୈସୀ କରନୀ"। ବାହ୍ୟ ଆଡ଼ମ୍ବରରୁ କୋଶେ ଦୂରରେ । ହାତେ ମାପି ଗ୍ଭଖଣ୍ଡେ ଗ୍ଭଲିବା ଲୋକ । ସେ ଥିଲେ ଜମିଦାରଙ୍କ ମୁକ୍ତିୟାର । ସାଧୁତାରେ ଯେତିକ ଆୟ କରିବେ ସେଇଥିରେ ଗୁଜୁରାଣ ମେଣ୍ଟେଇବେ ।

ମୁଁ ପଢୁଥାଏ ଗୋଟିଏ ଗ୍ଭଟଶାଳୀରେ । ମୋ ସହିତ ପଢୁଥାଏ ଜମିଦାରଙ୍କ ପୁଅ । ଥରେ ମୋତେ ଓ ଅନ୍ୟାନ୍ୟ ସାଙ୍ଗ ସାଥି ମାନଙ୍କୁ ସେ ନିଜ ଜନ୍ମଦିନରେ ନିମନ୍ତ୍ରଣ କଲା । ଆମେ ସବୁ ସେଠାରେ ପହଞ୍ଚି ଜମିଦାର ଉଆସର ଆଡ଼ମ୍ବର ଓ ସାଜସଜ୍ଜା ଦେଖି କାବା । କେତେ ବଡ଼ ବଡ଼ ଲୋକ ଆସିଥାଆନ୍ତି ବିଭିନ୍ନ ଉପହାର ନେଇ । ଆମେ ସେତେବେଳେ ଜନ୍ମଦିନ ପାଳନ କଣ ଜାଣି ନଥିଲୁ । ମାଆ କମ୍ବା ଗୋସମା କଣ ଟିକେ ଖିରୀ ଘାଣ୍ଟିଦେଇ ବୃନ୍ଦବତୀଙ୍କ ପାଖରେ ଶୁଭ ମନାସି ଭୋଗ ଲଗେଇ ଦେଲେ ଗଲା । ଆଜିକା ମେଞ୍ଚଡ଼ ପିଲା ବି ଗଣିଗୁଣ୍ଠି କରି ମନେ ରଖୁଛନ୍ତି ଅମୁକ ଦିନରେ ତାଙ୍କର "ହେପ୍ପି ବାର୍ଥଡେ'।

ତେବେ ଜମିଦାର ପୁଅର ଜନ୍ମଦିନ ମହା ସମାରୋହରେ ପାଳିତ ହେଲା । ସେତେବେଳ ପର୍ଯ୍ୟନ୍ତ କିନ୍ତୁ କେକ୍ କଟା, ଦୀପ ପ୍ରଜ୍ୱଳନ ପରିବର୍ତ୍ତେ ମହମବତୀ ଲିଭା, ତାଳି ବାଡ଼ା। ଏସବୁ ପ୍ରଥା ଆରମ୍ଭ ହୋଇ ନଥିଲା ଥିଲାବାଲାଙ୍କ ଘର ମାନଙ୍କରେ ବି । ଭୋଜି, ଖିରୀ ପିଠା, ଉପହାର ଏତିକରେ ସୀମିତ ଥିଲା ସେମାନଙ୍କର ଜନ୍ମଦିନ । କେତେ କେତେ ସୁନ୍ଦର ଉପହାର ମାନ ତାକୁ ମିଳଥାଏ । ମୋର କିନ୍ତୁ ମନଧ୍ୟାନ ଅଟକି ଯାଇଥାଏ ତାଙ୍କର

ବଗିଗ୍ଲରେ ଥୁଆ ହେଇଥିବା ଗୋଟିଏ ଉପହାର ଉପରେ । ସୁନ୍ଦର ଚକମିକ କାଗଜରେ ଗୁଡ଼ା ହୋଇଥିଲା ଏକ ସାଇକଲ । ମୁଁ ମୁଗ୍ଧ ହୋଇ ତାକୁ ଦେଖୁଥାଏ ।

ଭେଜି ଖାଇସାରି ଘରକୁ ଆସି ଗୋସମା ବେକରେ ହାତ ଛନ୍ଦି ମୁଁ ଗେହ୍ଲେଇ ହେଇ ପଗ୍ଲରିଲି, - ଜେଜି ଲୋ, ମୋର ଜନ୍ମଦିନ କେବେ ?

- ମୋ ଗଳାମାଳର ଜନ୍ମଦିନ ତ ସାଗ୍ଲ ସଂସାର ପାଳନ କରେ, ମହା ଆଡ଼ମ୍ବରରେ । ଅନ୍ଧାର ଗ୍ଲତି, ଅଷ୍ଟମୀ ତିଥି, ଭେଦୁଅର ଝିପିଝିପି ବର୍ଷା । ସିଆଡେ ମଥୁଗ୍ଲରେ ଜନ୍ମନେଲେ କୃଷ୍ଣ ମାହାପୁରୁ । ଇଆଡେ ମୋର ଏଇ ଗେହ୍ଲୁ କାହ୍ନା । ଜନ୍ମାଷ୍ଟମୀ ଦିନ ପା ତୋର ଜନମଦିନ ।

ବାପା ଆସନ୍ତି କଚେରୀରୁ । ଢାଳରେ ପାଣି ନେଇ ତାଙ୍କର ଗୋଡ଼ ଧୋଇଦିଏ ମୁଁ । ଅଲଗୁଣୀରୁ ଗାମୁଛା ଟିଏ ଟାଣି ଆଣି ହାତ ପୋଛି ପୋଛି ବାପା ବସନ୍ତି ବାଡ଼ି ପିଣ୍ଡାର ତକ୍ତପୋଷ ଉପରେ । ମୁଁ ତାଙ୍କ କୋଳରେ ବସିଯାଇ ପଗ୍ଲରେ, ଜେଜିର ଉତ୍ତର ମୋତେ ସନ୍ତୁଷ୍ଟ କରି ପାରି ନଥାଏ । ତିଥି ଛାଡ଼ି ତାରିଖରେ ଗଣନା କରିବାର ପିଢ଼ି ଆମେ କନା । ଜେଜିକୁ କୋଉ ତାରିଖ କସ ଜଣାଥିଲା ଯେ ?

- ବାପା, ମୋ ଜନ୍ମଦିନ କେତେ ତାରିଖ ।

- ମୋ ପୁଅର ଜନ୍ମଦିନରେ ତ ସାଗ୍ଲ ଭ୍ଲରତ ଉତ୍ସବମୟ ହୁଏ । ଗ୍ଲଷ୍ଟ୍ରଗାନରେ ଗଳ କନ୍ଦି ହୁଏ ମୁଖରିତ । ତିରଙ୍ଗାର ଛଟାରେ ଗଗନ ମଣ୍ଡଳ ହୁଏ ଉଲ୍ଲସିତ । ମୋ ମୋହନର ଜନ୍ମଦିନ ପଗ୍ଲ ଅଗଷ୍ଟ ପନ୍ଦର, ସ୍ୱାଧୀନତା ଦିବସରେ ।

- ଆଉ ଜେଜି ମିଛେଇ କହୁଛି, ଜନ୍ମାଷ୍ଟମୀ ଦିନ ବୋଲି ।

ହୋ ହୋ ହୋଇ ହସି ଉଠିଲେ ବାପା । ମାଆ ସିଆଡୁ ଚତଉ ପିଠା ଥାଳଏ ବାପାଙ୍କ ସାମନାରେ ଥୋଇ ଦେଇ କୁହେ ।

- ନା ବାବା, ଜେଜି କାହିଁକି ମିଛ କହିବେ । ତୋର ଜନ୍ମ ତାରିଖ ଅଗଷ୍ଟ ପନ୍ଦର ଆଉ ସେ ସନ ଜନ୍ମାଷ୍ଟମୀ ମଧ୍ଯ ସେହି ଦିନ ପଡ଼ି ଥିଲା । ମୁଁ ଏଥର ସନ୍ତୁଷ୍ଟ ହେଲି ।

- ବାପା, ମୋର ଏଥର ଜନ୍ମଦିନ ପାଳବା ? ସୁବଳ ଯେମିତି ପାଳଥିଲା ।

- ବାବା, ଆମେ ତ ଅଗଷ୍ଟ ପନ୍ଦରରେ ତୋର ଜନ୍ମଦିନ ଜନ୍ମାଷ୍ଟମୀରେ ତୋର ଜନ୍ମରାତି ସବୁ ପାଳନ କରୁ ।

- ନା ବାପା ସେମିତି ନୁହେଁ । ମୁଁ ମୋର ସାଙ୍ଗ ମାନଙ୍କୁ ଡାକବି । ସେମାନେ ଉପହାର ନେଇ ଆସିବେ । ଖାଇବା ପିଇବା ହେବ । ଜାଣିଛ ବାପା, ତାକୁ ଗୋଟେ ସାଇକଲ ବି ଉପହାର ମିଳିଛି ।

- ନା ବାପା, କାହାଠାରୁ ଉପହାର ନେବା ଭଲକଥା ନୁହେଁ । ତେବେ ତୋର ଜନ୍ମଦିନ ଆମେ ନିଶ୍ଚିତ ପାଳବା ।

ମୁଁ ଖୁସି ହେଇ ଡେଇଁ ଡେଇଁ ଚାଲିଗଲି । ସେହି ଦିନଠାରୁ ତାରିଖ ମନେ ରଖିବା ଆରମ୍ଭ ହେଲା । ଅଗଷ୍ଟ ପନ୍ଦର । ବଡି ଭୋରରୁ ମୋର ନିଦ ଭାଙ୍ଗିଗଲା । ଚାଟଶାଳୀ ଯିବା ପାଇଁ ନୁହେଁ, ଜନ୍ମଦିନ ପାଳନ ପାଇଁ । ବାପା ଧଳା ଧୋତୀ କୁର୍ତ୍ତା ପିନ୍ଧି କଚେରୀ ବାହାରୁଥାନ୍ତି ସ୍ୱାଧୀନତା ଦିବସ ପାଳନ ସକାଶେ । ମୁଁ ପଚାରିଲି, - ବାପା ଆମେ କେତେବେଳେ ଜନ୍ମଦିନ ପାଳନ କରିବା ?

- ପାଳବା, ପାଳବା । କହି ବାପା ମୋ କୁନ ହାତରେ କୁନ ତିରଙ୍ଗାଟିଏ ଧରେଇ ଦେଇ ପିଠି ଥାପୁଡେଇ ଦିଅନ୍ତି ।

- ଯାଃ , ବର୍ତ୍ତମାନ ଚାଟଶାଳୀ ଯାଆ ।

ଚାଟଶାଳୀରୁ ଏତେ ବଡ଼ ବଡ଼ ଦୁଇଟା ବୁନ୍ଦିଲଡୁ ଧରି ଫେରିଲା ବେଳକୁ ଜେଜି ଗୋଟାଏ ବଡ଼ ହଣ୍ଡାରେ ଖିରୀ ବାଢ଼ି ବସିଛି । ଗୋଟିଏ ବଡ଼ ଖାଞ୍ଚିରେ ଆରିସା ପିଠା ଥାକ ଥାକ ।

ବାପା ମୋ ହାତ ଧରି କହିଲେ, - ଗ୍ଲୁ , ତୋର ଜନ୍ମଦିନ ପାଳିବା ପରା ।

- ଆଉ, ମୋ ସାଙ୍ଗପିଲାଙ୍କୁ ଡାକିବି ?

ବାପା କିଛି ନକହି ମୋର ହାତଧରି ଆଗକୁ ମାଡ଼ି ଚାଲିଲେ । ମୁଁ କାବାହେଇ ବାପାଙ୍କ ମୁହଁକୁ ଥରେ ରାସ୍ତାକୁ ଥରେ ଚାହୁଁଥାଏ । କୁଆଡ଼େ ନେଇ ବୋଧେ କୋଉ ଠାକୁର ମଣ୍ଡପରେ ଜନ୍ମଦିନ ପାଳିତ ହେବ । ଆମ ଘର ଏଡ଼େ ଟିକିଏ କିନା ।

ପଛରେ ଖିରୀ ହଣ୍ଡା ଧରି ଆମର ବଗାଳ ଟୋକା ମାଧିଆ , ମୁହଁରୁ ହାଁଫ୍ ହାଁଫ୍ ଶବ୍ଦ କରି ଧପାଲି ଥାଏ ।

ଅଳ୍ପ ଦୂରରେ ଗରିବ ରିଫ୍ୟୁଜି ବସ୍ତିଟାଏ । ସେଠାରେ ପହଞ୍ଚି ବାପା ଅଟକି ଗଲେ । ଦଳେ ଲୋକ ବାହାରି ଆସିଲେ ସେଠାରୁ ପିଲା ପିଚିକା ଧରି । ଭୋକିଲା ଲୋକ, କଙ୍କାଳସାର ଛୁଆ, ଦୁଃଖିନୀ ସ୍ତ୍ରୀ ଲୋକ । ସମସ୍ତେ ଏକା ସମୟରେ ଅଞ୍ଜୁଳି ପ୍ରସାରି କାକୁସ୍ଥ ହୋଇ ଆଶାୟୀ କରୋଡ଼ଗତ ଦୃଷ୍ଟିରେ ଅନେଇ ରହିଲେ ଆମକୁ । ବାପାଙ୍କୁ ସେମାନେ ଭଲ ଭାବେ ଚହ୍ନିଥିବା ଭଳି ଅନୁମାନ ହେଲା ମୋତେ । ବାପା ସମସ୍ତଙ୍କୁ ସମ୍ବୋଧିତ କରି କହିଲେ ।

- ଆଜି ପା-ରୁଟି ନାହିଁ । ସମସ୍ତଙ୍କ ପାଇଁ ଖିରୀ ପିଠା ଆସିଛି । ଆଜି ମୋ ପୁଅର ଜନ୍ମଦିନ ତ । ତାକୁ ସମସ୍ତେ ଆଶୀର୍ବାଦ କର ।

ମାଧିଆ ପତ୍ର ଠୋଲାରେ ଖିରୀ ପିଠା ବାଢ଼ି ମୋ ହାତକୁ ଧରାଇଲା ଓ ମୁଁ ସେମାନଙ୍କ ହାତରେ ଦେଲି । ସମସ୍ତେ ଲୁହଭିଜା ଅନ୍ତରର ଆଶୀର୍ବାଦ ଢାଳିଦେଲେ ମୋ ଉପରେ । ତାଙ୍କର ବିକଳିଆ ଖାଇବା ଶୈଳୀ ଦେଖି ବାପାଙ୍କ ଆଖିରୁ ଧାର ଧାର ଲୁହ ବୋହି ପଡୁଥାଏ। ମୁଁ ବାପାଙ୍କ ଅବସ୍ଥା ଭିତରେ ନିଜକୁ ଖାପ ଖୁଏଇବା ପାଇଁ ଚେଷ୍ଟା କରୁଥାଏ । ସେଦିନ ମୁଁ ବୁଝି ପାରୁଥିଲି ବାପାଙ୍କ ବେତନ କାହିଁକି କୁଳାଏ ନାହିଁ ମାସ ଶେଷକୁ ।

ଫେରିବା ବେଳେ କେବଳ କେଇପଦ କଥା ବାପା କହିଥିଲେ । - ବାପାରେ, ଯିଏ ପ୍ରତିଦିନ କ୍ଷୀରସରରେ ଭାସୁଛି ତାକୁ ଖାଇବାକୁ ଦେଇ ଲାଭ କଣ ବରଂ ଏହିପରି ଦୁଃଖିରଙ୍କୁ ଖାଇବାକୁ ଦେଲେ ଆମ ଝାଳବୁହା ଧନର ମର୍ଯ୍ୟାଦା ରହିବ ।

ଯେତେହଲେ ମୋର ପିଲାମନ, ମୁଁ କହିଲି - ଆଉ ଉପହାର ?

- ବାବାରେ, ସେମାନେ ଯେଉଁ ଅମୂଲ୍ୟ ଆଶୀର୍ବାଦ ଢାଳଦେଲେ ତୋ ଉପରେ, ସେମାନଙ୍କ ଆତ୍ମାକୁ ଯେମିତି ଶାନ୍ତି ମିଳିଲା ତାହା କଣ କୌଣସି ଉପହାରରୁ କମ୍ କି ?

ଏତେ ଗୂଢ଼ କଥା ମୋ ମୁଣ୍ଡରେ ଠାକୁ ନଥାଏ । ମୁଁ ପୁଣି କହିଲି - ଆଉ ସାଇକଲ ?

ବାପା କିଛି ନକହି ହସିଦେଇ ମୋତେ କାଖେଇ ନେଲେ ।

ତା ପରଦିନ ସକାଳୁ ଉଠିଲା ବେଳକୁ ଜେଜି କହିଲା, - ଗଲୁ, ଦାଣ୍ଡରେ କିଏ ଡାକୁଛି ନା କଣ ।

ମୁଁ ଆଖି ମଳମଳ ଦାଣ୍ଡକୁ ଗଲି । ହାତ ନେଢ଼ି ସେମିତି ଆଖିରେ ଲାଖି ରହିଗଲା । ଗୋଟିଏ ନୂଆ ସାଇକଲ ଥୁଆ ହେଇଛି ଦାଣ୍ଡରେ । ହେଣ୍ଡଲରେ ଝୁରି ଝୁରି ରଙ୍ଗୀନ ରବର ଲାଗିଛି । ସିଟର କଭରଟାରେ ବି ରଙ୍ଗୀନ ଲେସ ଲାଗିଛି । ମୁଁ ଖୁସିରେ ଆତ୍ମହରା ହେଇ ଯାଉଥିଲି । ବହୁତ ପଛରେ ମୁଁ ଜାଣିଲି ଯେ ସାଇକଲଟା ପାଇଁ ବାପା ରାତି ରାତି ଓଭର ଟାଇମ କାମ କରୁଥିଲେ ।

ସ୍ୱାଧୀନତା ଦିବସର ହାର୍ଦ୍ଦିକ ଅଭିନନ୍ଦନ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଚରନ୍ତନ ସତ୍ୟ



ଲୀଳାମୟ ଶତପଥି

ଗୋଟେ ଦିଆସିଲ୍ କାଠି, ଆଉ କେତେ ଖଣ୍ଡ କାଠ
ସବୁ ହୁଏ ମଶାଣିରେ ଖତ
ହଇରେ ମାନବ କରନାହିଁ ଗର୍ବ ଏଯେ
ପୁଣ୍ ଚରନ୍ତନ ସତ (୧)

ଖୋଳା ହୁଏ ଗାତ ବୋହିଯାଏ ଆତ୍ମୀୟଙ୍କ ଲୁହର ଶ୍ରୋତ
ପୋଡ଼ା ହୁଏ ଖଇ କଉଡ଼ି ଆଉ ସବୁ ହୁଏ ସର୍ବସାନ୍ତ
ପଡିଶା କୁହନ୍ତି ସମୟ ଗଡି ଯାଇଛି ନେଇଯାଅ ଏବେ,
ଭୋକ ଉପସେ ଜଳୁଛି ପେଟ
ହଇରେ ମାନବ କରନାହିଁ ଗର୍ବ ଏଯେ ପୁଣ୍ ଚରନ୍ତନ ସତ (୨)

ବାର ଦିନ ଯାଏ କର୍ମକାଣ୍ଡ ଗ୍ଲେ, ବ୍ରାହ୍ମଣ ଆସନ୍ତି ପ୍ରିତିଯେ ଖାଆନ୍ତି
ବୋହୂ କୁହେ  ଏତେ ସାର ନାହିଁ  ଅର୍ଥ ପସ୍ତେଇବ ପୁଣି ପଛରେ
ମୂଜେ ହତଭଗା ମୋର, ମୋର ବୋଲି
କହି ହୁଏ ଖାଲି ତୁଛାରେ (୩)

ତପ୍ପର ବେଗରେ କାର୍ଯ୍ୟ ସରିଯିବା ପରେ
ପୁଅ ବନ୍ଧିଆଣେ ଗୋଟେ କାଚ ଫ୍ରେମ ର ଫୋଟୋ
ବେଶ୍ କଛିଦିନ ଯାଏ, ଚନ୍ଦନ ଟେ ଦେଇ
ଜାଳନ୍ତି ଗୋଟିଏ ଦୀପ (୪)

କିଛି ଦିନ ଗଲେ ଅଳନ୍ଧି ଜମିଲେ
ଝାପସା ଝାପସା ଦିଶେ ସବୁ
ନାତି ନାତୁଣୀ ଙ୍କୁ ଖୁଏଇଲା ବେଳେ ବୋହୂ ଫୋଟୋ ଟିକୁ ଇଙ୍ଗିତ କରି କୁହେ,
ଖାଇଦେ ନହେଲେ ଏ ବୁଢ଼ା ଖାଇଦବ ସବୁ (୫)

ଫୋଟୋ ଟିକୁ ହାଏ ସଫା କରିବାକୁ
କେହି ବଢାଏନ ହାତ
ହଇରେ ମାନବ କରନାହିଁ ଗର୍ବ
ଏ ଯେ ପୁର୍ବ ଚିରନ୍ତନ ସତ (୬)

ସବୁ ମୋର ମୋର କହି,
ନିଜ ପରିବାର ପାଇଁ ସମର୍ପିତ ହୋଇଥିଲୁ ସତ
ହେଲେ ମଶାଣି ର ବୁକୁତଳେ ପାଉଁଶ ତୁ ହେଲାପରେ
ତୁ ହଜାଉ ତୋ ନିଜ ନାଆଁ ର କାତ
ହଇରେ ମାନବ କରନାହିଁ ଗର୍ବ, ଏ ଯେ ପୁର୍ବ ଚିରନ୍ତନ ସତ (୭)

କାନ୍ଥିସାହି, ଅରଣ୍ଡୁଆ, ବାସୁଦେବପୁର, ଭଦ୍ରକ

# ଓଡିଶା



ନରେନ୍ଦ୍ର ପ୍ରସାଦ ବେହେରା

ମନ୍ଦିର ମାଳିନୀ     ଓଡିଶା ରାଜ୍ୟରେ
ମହାପ୍ରଭୁ  ଜଗନ୍ନାଥ
ତାଙ୍କରି ସୃଷ୍ଟିରେ     ଏ ଓଡିଶା ରାଜ୍ୟ
ହୋଇନ କେବେ ଅନାଥ  ।୧।

କେତେ ନଦନଦୀ     ପାହାଡ ପର୍ବତ
କରିଛନ୍ତି ପ୍ରଭୁ ସୃଷ୍ଟି
ବୌଦ୍ଧଜୈନ ପୁଣି     ଚିଲିକା ହ୍ରଦକୁ
ଦେଇଛନ୍ତି ଶୁଭ ଦୃଷ୍ଟି  ।୨।

ବିଶାଳ ସମୁଦ୍ର     ବାରବାଟୀ ଦୁର୍ଗ
ତା' ସଙ୍ଗେ ଜଳପ୍ରପାତ
ଉଷ୍ଣ ପ୍ରସବଣ     ସ୍ଥାନ ଅଛି ଏଠି
ଅକାଳେ ବରଫପାତ  ।୩।

ଅଭୟାରଣ୍ୟକୁ     ପୁଷ୍ପ ଉଦ୍ୟାନ ଯେ
ରହିଅଛି ଏଠି ଭରି
ପ୍ରାକୃତିକ ସ୍ଥାନ     ନାନା ବନାବଳୀ
ପୁଲକ ମନେ ସବୁରି  ।୪।

କେତେ ଯୋଗଜନ୍ମା     ଗଢି ଯାଇଛନ୍ତି
ଆଶ୍ରମ ମନ୍ଦିର ମଠ
ନଦୀବନ୍ଧ ସଙ୍ଗେ     କଳ କାରଖାନା
ସମସ୍ତେ କର୍ତ୍ତବ୍ୟ ନଷ୍ଟ  ।୫।

ବୀରପୁତ୍ର କେତେ     ଜନ୍ମହୋଇ ଏଠି
ଶହୀଦ ହୋଇଣ ଗଲେ
ନିଜ ଜୀବନକୁ     ଦେଇ ବଳିଦାନ
ଇତିହାସେ ନାଁ ଲେଖିଲେ  ।୬।

ଓଡିଶା ରାଜ୍ୟର     ଅଧିବାସୀ ମୁଁ ଯେ
ବାଲେଶ୍ୱର ମୋର ଘର
ବହୁ ପ୍ରାଚୀନ ଏ     ଜିଲ୍ଲାଟି ଅଟଇ
ଲାଗେ ଭାରି ଆପଣାର  ।୭।

ପୂର୍ବେ ଥିଲା ଏହା     ବାଣିଜ୍ୟର କେନ୍ଦ୍ର
ଇତିହାସେ ଅଛି ଲେଖା
ବହୁ ପୁରାତନ     ପ୍ରାଚୀନ କୀର୍ତ୍ତୀର
ମୂକସାକ୍ଷୀ ମିଳେ ଦେଖା  ।୮।

ବୌଦ୍ଧ କର୍ତ୍ତୀସବୁ ଦେଖିବାକୁ ମିଳେ
ମନ୍ଦିର ହିସାବ ନାହିଁ
ଧାର୍ମିକ ପୀଠ ଯେ ପୁରି ରହିଅଛି
ଗଣିଲେ ପାରିବ ନାହିଁ |୯|

ଓଡିଆ ଭାଷାର ପ୍ରଚଳନ ଏଠି
ସମସ୍ତେ ଆମେ ଓଡିଆ
ସେଥିପାଇଁ ନାମ ଓଡିଶା ବୋଲି କ
ରଖିଗଲେ ବଡ଼ବଡିଆ |୧୦|

ଜଗନ୍ନାଥ ଆମ ଆରାଧ୍ୟ ଦେବତା
ଓଡିଶା ବଡ଼ ଠାକୁର
ପୁରୀଠାରେ ପୁଣି କରିଅଛି ଘର
ସଭିଙ୍କୁ କରି ନଜର |୧୧|

ନାହିଁ ଭେଦଭାବ ମହା ପ୍ରଭୁଙ୍କର
ଦିଏନ କାହାକୁ ଧୋକା
କରୁଛି ଗୁହାରୀ ଶୁଣ ଜଗନ୍ନାଥ
ମୁଁ ଖାଣ୍ଟି ଓଡିଆ ଟୋକା |୧୨|

ଆଳଦା, ଖଇରା, ବାଲେଶ୍ୱର

# ବିଜୟଙ୍କ ସ୍ମୃତିରେ



ପ୍ରକାଶ ଚନ୍ଦ୍ର ପଣ୍ଡା

ଆହେ ମହାରଥୀ ବୁଜିଦେଲ ଆଖି
ସପ୍ତଦଶକରେ ତୁମେ
ତୁମ ବିନା ଆଜି ଅଭୁଲା ଏ ସ୍ମୃତି
ରହିଗଲା ତୁମ ନାମେ ।
ଚାରି ଦଶକର ଦେଇଥିବା ଦାନ
ପାସୋରି ପାରିବୁ କାହୁଁ
ପ୍ରତି ଓଡିଆର ହୃଦୟ ଆବେଗେ
ତୁମ ସ୍ମୃତି ସଦା ରହୁ ।
ପ୍ରତ୍ୟେକ ଚରିତ୍ର ଅଭିନୟେ ତୁମ
ଗୋଟେ ଠାରୁ ଆନ ବଳ
ପ୍ରେକ୍ଷାଳୟ କକ୍ଷେ ତୁମ ଆଗମନେ
ଶୁଭେ ଆନନ୍ଦର ତାଳ ।
ପରପାରେ ତୁମ ଆତ୍ମାର ସଦଗତି
ହେଉ ଏ ମହାନାୟକ
ଜୀବନ ଯୁଦ୍ଧରେ ଜିତିଗଲ ତୁମେ
ଅମର ତୁମରି ଟେକ ।
ନେଇ ପାରିବେନ କେହି ତୁମ ଜାଗା
ସବୁଠୁ ତୁମେ ନିଆରା
ଓଡିଆ ଜଗତେ ଭରିଥିଲ ଜ୍ୟୋତି
ତୁମେ ଏକା ଧ୍ରୁବତାରା ।

ଅନ୍ଧକାର ଆଜି ସେ ଆକାଶ ଦିଶେ
ନାହିଁ ବିଜୟର ଜ୍ୟୋତି
ପରପାରେ ତୁମେ ରୁହ ସଦା ଖୁସି
ଏତିକ ଆମ ବିନତି ।
ଇଶ୍ୱରଙ୍କ ପାଖେ ଜାଳ ଦୀପଜ୍ୟୋତି
ଲୋତକର ଇନ୍ଧନରେ
ଉଡୁ ତୁମ ନାମେ ବିଜୟରବାନା
ଗଳକନ୍ଦି ପୁର ପରେ ।
ଓଡିଆ ମାଟିର ହେ ଲଢୁଆ ପୁଅ
ପଡିଲ ଶେଷରେ ଥକ
ଅବଶୋଷ କଛି ରହିଗଲା ମନେ
ସଭିଙ୍କ ହୃଦୟେ ବାକ..........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ପୁନଶ୍ଚ ଇନ୍ଦ୍ରଧନୁ



ଦୀପକ ଷଡଙ୍ଗୀ

ଝଙ୍କା ବର ଗଛ ମୂଳେ ରଘୁଆ ଶଙ୍ଖାରୀ ଭିବୁଥାଏ । ଏତେ ବର୍ଷାରେ ସହରକୁ କେମିତି ଯିବି । ପାଣିକାଚ ୧୦/୧୨ ଡଜନ ଆଜି ବଳିଛି ଯଦି ବିକ୍ରି ନ ହୁଏ ତେବେ ସନା ବୋଉ ପାଇଁ ଓଷଦ ନେବି କେମିତି । ବର୍ଷା ସହିତ ପବନର ବେଗ ବି ବଢିବଢି ଚାଲିଥାଏ । ରଘୁଆ ଶଙ୍ଖାରୀ ସେ ସବୁକୁ ଖାତିର ନ କରି ଚାଲିଥାଏ ରାସ୍ତାରେ । ରାସ୍ତା ସାରା ଆଣ୍ଠୁଏ ଲେଖାଏଁ ପାଣି ବୁଢା କୁ ଟୋକେଇ ମୁଣ୍ଡେଇ ଚାଲି ବ ପାଇଁ ବଡ କଷ୍ଟ ହଉଥାଏ । କିନ୍ତୁ ଉପାୟ ଯେ କିଛି ନାହିଁ । ମନେ ପଡି ଯାଉଥାଏ ବୁଢା ର ଠିକ ୨୦ ବର୍ଷ ତଳର କଥା । ଏମିତି ଦିନେ ରାତିରେ ଝଡି ବର୍ଷା ଲାଗି ରହି ଥାଏ । ସନା କୁ ସେତେବେଳ କୁ ମାତ୍ର ୧୦ ବର୍ଷ ବୟସ । କି ଗୋଟେ ଜର ହେଲା ଯେ ଯେତେ ଡୁଟୁକା ଓଷଦ ପାଣି ଦେଲେ ବି ଭଲ ହଉ ନ ଥାଏ । ଗାଁର ମିଶ୍ର ବଇଦ ମନା କରି ଦେଲେ କହିଲେ ରଘୁଆ ରେ ଏ ଜର ଆଉ ମୋ ଅକ୍ତିଆର ରେ ନାହିଁ । ପୁଅ କୁ ନେଇ ସହରକୁ ପଳା । ବର୍ଷା ପାଣି ରେ ନଦୀରେ ବନ୍ୟା ଆସି ସବୁ ଫସଲ ଉଜୁଡି ଗଲା । ହାତରେ ପଇସା ବି ବେଶି କିଛି ନାହିଁ। ବର୍ଷା ୫ ଦିନ ହେଲାଣି ଲାଗି ରହିଛି ଛାଡିବାର ନା ଧରୁନି । ସେପଟେ ସନା ବୋଉ କାନ୍ଦି କାନ୍ଦି ଘଡି କି ଘଡି ଚେତା ହରାଉ ଥାଏ । ଏମିତି କୋ ଦେବା ଦେବୀ ନାହାନ୍ତି ଯେ ସେ ସନା ର ଦେହ ଭଲ ହେଇ ଯିବା ଲାଗି ମାନସିକ କରିନି । ରଘୁଆ ଯାଇ ଘରେ ପହଞ୍ଚି ଦେଖେ ତ ସନା ବୋଉ ସନା କୁ କୋଡରେ ଧରି ଠାକୁର ଘରେ ବସି ଲୁହ ଗଡଉଛି। ଆଉ ଡେରି ନ କରି ରଘୁଆ କହିଲା ଡେରି କରି କିଛି ଲାଭ ନାହିଁ ଚାଲ ସନା କୁ ଧରି ସହରକୁ ଯିବା । ସହର ଗାଁ ଠାରୁ ୬୦ କିମି ଦୂର । ତଥାପି ଝଡି ବର୍ଷା କୁ ଖାତିର ନ କରି ସ୍ୱାମୀ ସ୍ତ୍ରୀ ଦୁହେଁ ସନା କୁ ଧରି ବାହାରି ଗଲେ । ଗାଁ ଠାରୁ ମୁଖ୍ୟ ରାସ୍ତା ପାଖାପାଖି ଦୁଇ କିଲୋମିଟର ରାସ୍ତା । ଦୁହେଁ ବାଟରେ ଯାଉ ଯାଉ ବର୍ଷାପାଣି ରେ ପୁରା ଓଦା ହେଇ ଯାଇଥାନ୍ତି । ସନା ତା ମା କାନ୍ଧରେ ସେମିତି ପଡିଥାଏ । ବେଳେ ବେଳେ ଜର ରେ ବିଳବିଳେଇ ଯାଉଥାଏ। ଜରରେ ତ ଦେହରେ ଖଇ ଫୁଟୁଥାଏ । ୨ ଘଣ୍ଟାର ଅପେକ୍ଷା ପରେ ଗୋଟେ ବସ ଆସିଲା । ସେଥିରେ ଉଠି ରଘୁଆ ପୁଅ କୁ ନେଇ ରାତି

ଏଟାରେ ସହର ରେ ପହଞ୍ଚିଲ୍ । ଡାକ୍ତରଖାନା ରେ ପହଞ୍ଚି ଡାକ୍ତରଙ୍କ ଗୋଡ଼ ଧରି ପକେଇ କାନ୍ଦିକାନ୍ଦି କହିଲ୍ ବାବୁ ମୋ ପୁଅ କୁ ବଞ୍ଚାଅ । ଡାକ୍ତର ତୁରନ୍ତ ତାକୁ ଦେଖିବା ପାଇଁ ଗୋଟେ ନର୍ସକୁ କହିଲେ | ଆଉ ନର୍ସ ସନାକୁ ନେଇ ସେ ଭିତରକୁ ଗ୍ଲିଗଲ୍ । ରଘୁଆ ଆଉ ତ ସ୍ତ୍ରୀ ସେମିତି ଡାକ୍ତରଖାନାର ବାରଣ୍ଡାରେ ବସି କାନ୍ଦୁ ଥାଆନ୍ତି | କଛି ସମୟ ପରେ ଡାକ୍ତର ଆସି ରଘୁଆ କୁ ପଗ୍ଲରିଲେ ଜର କେତେ ଦିନ ହେଲ୍ଣି ହେଇଥିଲ୍ । ସନା ବୋଉ କହିଲ୍ ୭/୮ ଦିନ ହେବ । ଆମେ ବହୁତ ଓଷଦ ବଇଦ ଠାରୁ ଆଣି ଦେଇଛୁ କନ୍ତୁ କଛି କମିଲ୍ନ ବୋଲି ଆମେ ତାକୁ ଏଇଠିକ ନେଇ ଆସିଲୁ । ଡାକ୍ତର ବାବୁ କହିଲେ ହୁଏ ତ ତମେମାନେ ତାକୁ ଟିକେ ଶୀଘ୍ର ନେଇ ଆସିଥିଲେ ସେ ବଞ୍ଚିଯାଇ ଥାଆନ୍ତା । ତାକୁ ଡେଙ୍ଗୁ ଜର ହେଇଥିଲ୍ । ଆଉ ଠିକ ସମୟରେ ଚକସ୍ଚା ନ ହେଇ ପାରିବାରୁ ସେ ଏବେ ଆମ ସମସ୍ତଙ୍କୁ ଛାଡି ଗ୍ଲିଗଲ୍ | ଏ କଥା ଶୁଣିବା କ୍ଷଣି ସନା ବୋଉ ସେଇଠି ଗଛ କଟିଲ୍ ପରି ଟଳ ପଡିଲ୍ |

ମଉସା ରୁହ ରୁହ । ଚମକ ପଡି ରଘୁଆ ପଛକୁ ଦେଖିଲ୍ ପିଙ୍କି ଦଉଡି ଦଉଡି ଆସୁଛି| କଣ ସବୁ କାଚ ଆଣିଛ ଟିକେ ଦେଖାଅ | କାଲି ଆମ ଘରେ ପର୍ବ ସାରଳା ମା ଙ୍କ ପୂଜା| ବହୁତ ଲେ୍କ ଆସିଛନ୍ତି । ମା କହିଛି ସମସ୍ତେ ନୂଆ କାଚ ଆଉ ଶାଢୀ ପିନ୍ଧିବେ | ଯାହା ହଉ ଭଲ ହେଇଗଲ୍ ତୁମେ ଦେଖା ହେଇଗଲ ନ ହେଲେ ଏ ବର୍ଷାରେ ଓଦା ହେଇ ମୋତେ ବଜାର ଯିବାକୁ ପଡି ଥାଆନ୍ତା | ହଉ ଘରେ ସବୁ ସ୍ତ୍ରୀ ଲେ୍କଙ୍କ ପାଇଁ କାଚ ଦରକାର । ତୁମେ ମୋତେ ସବୁ କାଚ ଦେଇଦିଅ | ଆଉ କେତେ ପଇସା ହଉଛି କୁହ| ବୁଢା କହିଲ୍ ମାଆରେ ମୋ ପାଖେ ତ ସବୁ ଭଲ କାଚ ନାହିଁ | ତୁମର ଯେତିକ ଦରକାର ସେତିକ ନଅ | ପିଙ୍କି କଛି ନ ଶୁଣି ବୁଢା ହାତରୁ ସେ ଟୋକେଇଟା ସହ ସବୁ କାଚ ନେଇ ଯାଇ ବୁଢା ହାତରେ ଦୁଇଟା ୫୦୦ ଟଙ୍କିଆ ଗୁଞ୍ଜିଦେଲ୍ । କହିଲ୍ ଏତିକ ହବ ନ ଆଉ ଦେବି | ବୁଢା ଆଉ କଛି କହିବା ଆଗରୁ ଆଉ ଦୁଇ ଖଣ୍ଡ **500** ଟଙ୍କିଆ ତା ହାତରେ ଦେଇ ସେଠାରୁ ଗ୍ଲିଗଲ୍ | ବୁଢା ବସି ହାତରେ ପଇସା ଧରି ଭ୍ବୁଥାଏ ଏ ମିଶ୍ର ବଇଦ ଝିଅ ପିଙ୍କି ମୋର ସବୁ କାଚ କଣ ପାଇଁ କଣି ନେଲ୍ ? ସେପଟେ ବର୍ଷା ଛାଡି ଆସୁଥାଏ ଆଉ ଦୂର ଦିଗ୍ବଳୟରେ ଆଙ୍କି ହୋଇଯାଇଥାଏ ଗୋଟେ ସପ୍ତରଙ୍ଗର ସୁନ୍ଦର ଇନ୍ଦ୍ରଧନୁ |

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ବାଟ

କିଶୋର ମହାନ୍ତି

ଅନେକ ବାଟ
ଗ୍ଭଲି ଆସିଲ୍‌ପରେ
ପୁଣି ଖୋଜୁଛି
ସେଇ ବାଟ
ଯୋଉ ବାଟ ମତେଏତେ ବାଟ ନେଇ ଆସିଲ୍‌
ଅଥଚ ସେବାଟ ମୋତେ ଏବେ
ଅଜଣା ଲ୍‌ଗୁଛି କେମିତି !
ନା –ଆଗକୁ ଯିବାର
ଅଭିପ୍ରାୟ ମୋର ସ୍ତିମିତ
ହେଇ ଯାଉଛି ଯେମିତି...
ଫେରିବାର ବାଟ ମୁଁ ଭୁଲି ତ ଯାଇଛି
ଏ ବାଟ.... ସେ ବାଟ ତ ନୁହେଁ ?!
କେତେ ବାଟ ଭଲଭଲକା
ନଜାଣିଥିବା ବାଟରେ ପାଦ ପକାଇଥିଲି କି ମୁଁ
ଆଉ
ଜଣାନାହିଁ ମୋତେ ମୋ ଫେରିବାର ବାଟ
ଏଠି ସେଠି ଗଳିକନ୍ଦି ଅନ୍ଧାର ଗହ୍ୱର
ବାଉନ ବଜାର ତେପନ ଗଳି
ଗଳି ଭିତରେ ମୁଁ ଏକଲ୍‌
ଖୋଜୁଛି ମୋ ବାଟ....
ବାଟ ତ ପାଉନ !!
ବାଟ ଖୋଜିଲେ ବି ମିଳେନା
ବାଟ ଗ୍ଭଲୁଛି ତ ଗ୍ଭଲୁଛି
କେଉଁବାଟରେ ସତେ ଧରିଥିଲି ମୋରତ
ମନେନାହିଁ
ଫେରିବି କେମିତି!!
ମୋ ଘର ଏଠୁ କେତେଦୂର
ପାହାଡ ପର୍ବତ ନଦୀନାଳ ଡେଇଁବାକୁ
ହେବ...
ଜୀବନରେ ଅସରନ୍ତି ବାଟ
ଖୋଜିବାକୁ ହେବ ମୋତେ
ମୋ ହଜାଇଥିବା ବାଟ
କିଏ ଦେବ ମୋ ବାଟର ଠିକଣା !!

ସେକ୍ଟର-୩, ସି.ଡି.ଏ, କଟକ

# ମନ ପକ୍ଷୀ



ଅନାମ ଚରଣ ସାହୁ

ଉଡିଯିବୁ ମନ ପକ୍ଷୀ କୃଷ୍ଣ ନାମ ହୃଦେ ଜପି
ନ ରହିବ ଭୟ ତୋର ପରବାସରେ
ସେ ଏକା ଗତି ମୁକତି ଜୀବନର ସଦା ସାଥୀ
ସୁଖେ ଦୁଃଖେ ରହିଥାନ୍ତି ହୃଦ କନ୍ଦରେ
ନନ୍ଦ ନନ୍ଦନ ବଂଶୀଧାରୀ
ସୁଖ ବିତରନ୍ତି ଭବ ତାପ ବିହରି ।

କଳଯୁଗେ ଦାରୁବ୍ରହ୍ମ ଜଗନ୍ନାଥ ତାଙ୍କ ନାମ
ଭାଇ ଭଗିନୀ ଅଛନ୍ତି ସାଥେ ତାହାର
ନୀଳ ମହୋଦଧି କୂଳେ ନୀଳଗିରି ଗିରି ଚୂଳେ
ବାସ କରେ ଆନନ୍ଦରେ ହୋଇ ବିଭୋର
ଭକତଙ୍କ ପରାଣ ଧନ
ଚୋରି କରେ କ୍ଷଣକରେ ସଭିଙ୍କ ମନ ।

ହୃଦ ସିଂହାସନେ ରଖି ନାମ ମାଳା ନିତି ଜପି
ଭକ୍ତି ରସ ତୋଷ ମନେ କରିଲେ ପାନ
ତା ରଙ୍ଗା ଅଧର ହସ ତନ ମନ କରି ବଶ
ବିଭୁ କୃପା କୃପା ଚକ୍ଷେ କରିବେ ଦାନ
ଭବ ସିନ୍ଧୁ ନାବେ ନାଉରୀ
ଜନ୍ମ ମୃତ୍ୟୁ ଚକ୍ର ତେଜି ନେବେ ଉଦ୍ଧରି ।

ବିଭୂତିପୁର, କାକଟପୁର, ପୁରୀ

# ବାୟା ବସା



ଭାରତୀ ସାହୁ

ସ୍ନେହ ଶରଧାର କାଠି କୁଟା ନେଇ
ଗଢିଥିଲି  "ବାୟା ବସା "
ଅଦିନ ଝଡ଼ଟା ଭାଙ୍ଗି ଦେଇ ଗଲା
ମୋର ଅସୁମାରୀ ଆଶା ।

କାହାକୁ କହିବି ବସା ବାନ୍ଧିବାକୁ
କିଏ ବାନ୍ଧିବ କାହିଁକି
ସ୍ୱାର୍ଥପର ଏଇ ଦୁନିଆଟା ଭାଇ
ଏ କଥା ଜଣା ନାହିଁକି ।

ସବୁଦିନ ପାଇଁ ଭାଙ୍ଗିଗଲା ମୋର
ସ୍ନେହ ସରଧାର ବସା
"ବାୟା ବସା"  ପରି ଦୋହଲୁଥିଲା ସେ
ଆସିଲା ଝଡ଼ ସହସା ।

"ବାୟା ବସା" ଯେବେ ଭାଙ୍ଗି ଦିଏ କେହି
କେମିତି ଯାଏ ତା ଦିନ
ମମତାର  ବସା ଭାଙ୍ଗିଗଲା ପରେ
କରୁଛି ମୁଁ ଅନୁମାନ  ।

ଭାଗ୍ୟ ବିଧାତା ଯେ ଏମିତି କାହିଁକି
ଲେଖିଦିଏ କପାଳରେ
କିଛି ପାପ ବୋଧେ ବଳ ପଡିଥିଲା
ଭୋଗେ ଏଇ ଜନମରେ ।

ସମୟ ଅଟଇ ବଡ଼ ମୂଲ୍ୟବାନ
କାହା ପାଇଁ ଖଞ୍ଜି ଭଲ
କାହା କପାଳରେ ମନ୍ଦ କଥା କିଆଁ
ଧାଡି ଧାଡି ସଜାଇଲ  ।

ଯୋଉ "ବାୟା ବସା "ଭାଙ୍ଗିଗଲା ଆଜି
ଅଦିନିଆ ତୋଫାନରେ
ଅପେକ୍ଷା କରିଛି କେଉଁ ଦିନ ପୁଣି
ସଜାଡ଼ିବ ଆଉଥରେ ।

ମାର୍ଫତ ଦୀପ୍ତିକାନ୍ତ ସାହୁ,
ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ଚନ୍ତା ଓ ଚେତନା



ବିଜୟ କୁମାର ଜେନା

ଏବେ ଲକ୍ ଡାଉନ୍ ସମୟ; ସମସ୍ତେ ଘରେ। ଜରୁରୀ କାମ ନ'ପଡ଼ିଲେ କେହି ଘରୁ ବାହାରିବା ମନା। ଘରେ ରହି ରହି ବିରକ୍ତ ହେଉଥିବା ପିଲାମାନେ କେତେ ଆଉ ମୋବାଇଲ୍ ଅନେଇ ବସିବେ ! ସନାତନଙ୍କ ପୁଅ ଅବିନାଶ ବି ସେୟା କରୁଥାଏ। ସନାତନ ନିଜେ ମଧ୍ୟ ବିରକ୍ତିର ବୋଝରେ ଭାରାକ୍ରାନ୍ତ। ସମୟର ବ୍ୟବହାର ପାଇଁ କିଛି ଗୋଟେ ଖୋଜିବାକୁ ପଡ଼ିବ। ଶ୍ରୀମତୀ କହିଲେ, -"କଣ ଏତେ ଭାବୁଛ ବସିକି ?"

ସନାତନ କହିଲେ, -"ମୁଁ ଭାବୁଛି, ଏବେ ଏ ଲକ୍ ଡାଉନ୍ ସମୟରେ ଏବଂ ନିୟମିତ ଭାବରେ ଆମେ, ଆମ ପିଲା ମାନଙ୍କୁ ଗପ କହି, ତାଙ୍କ ସାଙ୍ଗରେ ଆମ ସମ୍ପର୍କ ବଢ଼େଇ ରଖିବା ସହ, ସେମାନଙ୍କ ଚନ୍ତା ଓ ଚେତନାକୁ ଉଚ୍ଚତର ରଖି ପରିବା। ସେମାନଙ୍କ ଆଗରେ ଆମକୁ ବି ଆମେ ଉଚ୍ଚରେ ରଖି ପରିବା।"

ଠିକ୍ ସେତିକି ବେଳେ, ଜାମସେଦପୁରରୁ ଝିଅ ରୁଚି ଫୋନ୍ କଲା, -"ବାବା, କେତେଦିନ ହେଲା ଗପ ଶୁଣେଇନ। ଆଜି ଗପ କହିବ। ଆମେ ସମସ୍ତେ ଆଜି ଗପ ଶୁଣିବାକୁ ରେଡି ହେଇ ସାରିଲୁଣି।"

-"ଆମେ ସମସ୍ତେ ?? ମୁଁ କଣ ତୁମ ମାନଙ୍କୁ ସୁଖବି (ସୁନାଯୋଡ଼ି ଖଣି ଓ ପରିଶୋଧନ ପ୍ରକଳ୍ପ) ର କ୍ଲବ୍ ହଲ୍ ରେ ଗପ ଶୁଣେଇବି ନା କଣ ?" କହିଲେ ସନାତନ।

-"ଆରେ ନା, ଆମେ - ମାନେ ମୁଁ ଆଉ ଦେବ୍ ଏଇଠି, ଭାଇ ସେଇଠି ତୁମ ମୁହଁରୁ, ସେଆଡେ ଗୁଡୁ ସୋନାଲି ରୂପାଲି ଦିଲ୍ଲୁ ଅଛନ୍ତି, ଟାଟୁନ ଲିପୁ ତାଙ୍କ ଘରେ, ଅଜିତ ଭାଇ, ଲିଜା ଦେଇ ଆଉ......" ଆହୁରି କାହା କାହା ନାଆଁ ସବୁ କହି ଆସୁଥିଲା ରୁଚି। ତାକୁ

ଅଟକାଇଦେଲେ ସନାତନ। -"କଣ ତୁ କହୁଛୁ ରେ ? ପୂର୍ବ ଭାରତର ଅଧେ ଅଞ୍ଚଳ ବ୍ୟାପିକ ଅଛ ତୁମେ ସବୁ। କେମିତି ଶୁଣିବ ଏକାଥରେ ?"

ରୁଚ କହିଲା, -"ଆମେ ସବୁ ଆଗରୁ କଥା ହେଇକ ତୁମକୁ ସର୍ପ୍ରାଇଜ୍ କରିବାକୁ ସିକ୍ରେଟ୍ ରଖିଥିଲୁ। ଭାଇ'ର ମୋବାଇଲ୍ ରେ ଜୁମ୍ ଆପ ଅଛି - ତୁମେ କହିବା ଆରମ୍ଭ କର - ଆମେ ଏକାଥରେ ତୁମକୁ ଦେଖିବୁ ଶୁଣିବୁ - ଆମେ ବି ପରସ୍ପର ସହିତ ଦେଖାଦେଖି ହେଇ ଗପର ମଜା ନେବୁ। ହଉ ଗୋଟିଏ ନୂଆ ଷ୍ଟାଇଲରେ - ଲକ୍ ଡାଉନ୍ ସ୍ପେସିଆଲ୍ ଗପ କୁହା!!"

ଆଜିକାଲି ପିଲାଙ୍କ କଥା ତାହେଲେ ଏମିତି - ଯାହା ଥିଲା ଧୃତରାଷ୍ଟ୍ର ସଞ୍ଜୟ ଉବାଚ ସମୟରେ - ପୁଣି ଏବେ !! ହଉ - ଏଇଟା ବି ବ୍ୟବହାର ହେଉ - କଣ କହିଲା - ଜୁମ୍। ଆମୋଦିତ ସନାତନ ଗପ ମନେ ପକେଇ ପ୍ରସ୍ତୁତ ହେଲାବେଳକୁ, ଅବିନାଶ ଗୋଟେ ତିନଗୋଡ଼ିଆ ମୋବାଇଲ୍ ଷ୍ଟାଣ୍ଡରେ ତା ମୋବାଇଲ୍ କୁ ରଖିକ ସନାତନଙ୍କ ସାମନାରେ ରଖିଦେଲା। -"ହଁ ଏବେ ମୋବାଇଲ୍ ଅନ୍ ହେଲା ତୁମେ ଗପ ଆରମ୍ଭ କର - ସମସ୍ତେ ତୁମକୁ ଦେଖୁଛନ୍ତି ଆଉ ଶୁଣୁଛନ୍ତି।"

ଯା ହେଉ, ଅଳ୍ପ ସମୟ ଭିତରେ ମୋବାଇଲ୍ ପରଦାରେ ଟିକ ଟିକ ମୁହଁଟି ମାନ ଦେଖାଗଲା - ସମସ୍ତେ ସନାତନଙ୍କ ପରବର୍ତ୍ତୀ ପିଢ଼ି। ନମସ୍କାର ହ୍ୟାଲୋ ହାଇ ପରେ ସବୁ ନୀରବ - ଉଦଗ୍ରୀବ ଆଖି ସବୁ ଅଣୁ ପରି ଦିଶୁଛି। କଣ ଶୁଣେଇବେ ଏହି ପୀଢ଼ିଙ୍କୁ ?

ସନାତନ ଆରମ୍ଭ କଲେ, -"ଇଏ ସେଇ ଦେଶର ଗପ, ଯେଉଁ ଦେଶରେ ଆମେ ହଜାର ହଜାର ବର୍ଷରୁ ରହି ଆସିଛୁ। ଇଏ ଆମ ଧର୍ମୀୟ ଭାବନାରେ ରହି ଆସିଛି। ତୁମେ ସବୁ ଏହି ଚେତନାର ଭାବନାର ଉତ୍ତରାଧିକାରୀ - ଅନ୍ୟକୁ ସମ୍ମାନ ଦେବା ଆମ ଜନ୍ମଗତ ଅଭ୍ୟାସ।

ଅନେକ ଦିନ ତଳର କଥା। ଖରସ୍ରୋତା ନଦୀ କୂଳରେ ଗାଆଁ ଟିଏ। ଗାଆଁ ଯେଉଁଠି ସରିଛି, ସେଇଠି ତାଳ ତମାଳ ସୁଶୋଭିତ ବଗିଚା ମଧ୍ୟରେ, ନଈକୁ ମୁହଁ କରି ସ୍ୱାମୀ ବିଜୟାନନ୍ଦଙ୍କ ଆଶ୍ରମ। ଅଳ୍ପ କଛି ଶିଷ୍ୟଙ୍କ ସହ ସ୍ୱାମୀଜୀ ରୁହନ୍ତି ସେଇଠି।

ଥରେ ସ୍ୱାମୀଜୀ ତାଙ୍କ ଶିଷ୍ୟମାନଙ୍କ ସହ ନଈରେ ସ୍ନାନ କରୁଥିଲେ। ସେତିକି ବେଳେ, ଭଦ୍ରଲୋକ ପରି ଦିଶୁଥିବା ଜଣେ ଯାତ୍ରୀ ସେଠାକୁ ଆସିଲେ; ସ୍ୱାମୀଜୀଙ୍କୁ ପଚାରିଲେ -"ଆଜ୍ଞା ମହାରାଜ, ମୁଁ ବହୁତ ଦୂରରୁ ଆସିଛି। ସ୍ଥାୟୀ ଭାବରେ ଘରଦ୍ୱାର କରି ରହିବାକୁ ଭଲ ଗାଆଁଟିଏ ଖୋଜୁଛି। ଏ ଯାଗାରେ ମୁଁ ନୂଆ। ଏଠାର ପରିବେଶ ତ ଭଲ ଲାଗୁଛି; ଏଠାରେ ରହୁଥିବା ଲୋକ ସବୁ କ ପ୍ରକାରର ଜାଣିବା ଦରକାର। ଦୟାକରି କହିବେ କ ଏଠାକାର ଲୋକମାନେ କେମିତି ?"

ଏହା ଶୁଣି, ସ୍ୱାମୀଜୀ ଯାତ୍ରୀଙ୍କୁ କହିଲେ, -"ଭାଇ, ମୁଁ ତୁମ ପ୍ରଶ୍ନର ଉତ୍ତର ପରେ ଦେବି। ପ୍ରଥମେ ତୁମେ ମୋତେ କୁହ - ତୁମେ ଯେଉଁ ଅଞ୍ଚଳରୁ ଆସିଛ, ସେଠାରେ କ ପ୍ରକାର'ର ଲୋକ ସବୁ ରହୁଛନ୍ତି ?"

ଏହା ଶୁଣି ଲୋକ ଜଣକ କହିଲେ, -"ସେମାନଙ୍କ ବିଷୟରେ କଣ କହିବି ଆଜ୍ଞା। ସେଠାର ଲୋକମାନେ ବଦମାସୀରେ ଏକ କୁ ଆରେକ। ଯେତେକ କପଟୀ, ଦୁଷ୍ଟ ଓ ଖରାପ ଲୋକ ସେଇଠି ଏକାଠି। ସେଇଥି ପାଇଁ ତ ମୁଁ ଅନ୍ୟତ୍ର ରହିବାକୁ ଗାଆଁ ଟିଏ ଖୋଜୁ ଖୋଜୁ ଏଇଠି ପହଞ୍ଚିଲି।"

ନିମିଷେ ମାତ୍ର ଡେରି ନ କରି ସ୍ୱାମୀଜୀ କହିଲେ, -"ଏହି ଗାଆଁରେ ବି ତୁମକୁ ବିଲକୁଲ୍ ସେଇ ପ୍ରକାରର ଲୋକ ମିଳବେ। ସେମିତି ବଦମାସ୍ ଦୁଷ୍ଟ କପଟୀ ଓ ଖରାପ ପ୍ରକୃତିର ଲୋକ ସବୁ ରହୁଛନ୍ତି ଏଠି।"

ସ୍ୱାମୀଜୀଙ୍କ ମୁହଁରୁ ଏତିକ ଶୁଣିବା ମାତ୍ରେ, ଯାତ୍ରୀ ଜଣକ ଯେମିତି ଆସିଥିଲେ, ତାଠାରୁ ଆହୁରି ଦ୍ରୁତ ଗତିରେ ସେ ସ୍ଥାନ ଛାଡି ଚାଲି ଗଲେ।

କଛି ସମୟ ପରେ, ଆଉ ଜଣେ ଯାତ୍ରୀ କୁଆଡ଼େ ଯାଉ ଯାଉ ସେଠାରେ ଆସି ପହଞ୍ଚିଲେ। ସେତେବେଳକୁ ସ୍ୱାମୀଜୀ ସ୍ନାନ ସାରି, ନଈ ବନ୍ଧ ଉପରକୁ ଉଠି ସାରିଥିଲେ। ସେ ଯାତ୍ରୀ ବି ସ୍ୱାମୀଜୀଙ୍କୁ ଜଣେଇଲେ ଯେ, ସ୍ଥାୟୀ ଭାବରେ ଘରଦ୍ୱାର କରି ରହିବାକୁ ଭଲ ଗାଆଁଟିଏ ସେ ଖୋଜୁଛନ୍ତି। ସେ ପଚାରିଲେ, -"ମହାତ୍ମା, ମୋତେ ଏଠାକାର ଆବହାଓ୍ୱା ଲୋକବାକ ସବୁ ଠିକ୍ ଲାଗୁଛନ୍ତି। ଦୟାକରି ମୋତେ କହିବେ କ, ଏହି ଗାଆଁରେ କ ପ୍ରକାର ଲୋକମାନେ ରହୁଛନ୍ତି ?"

ସ୍ୱାମୀ ବିଜୟାନନ୍ଦ ଏହି ଯାତ୍ରୀଙ୍କୁ ବି ସେଇ ଗୋଟିଏ ପ୍ରଶ୍ନ ପଚ୍ଚାରିଲେ, ଯାହା ସେ ପ୍ରଥମେ ଦେଖିଥିବା ଯାତ୍ରୀଙ୍କୁ ପଚ୍ଚାରିଥିଲେ।

ଏଇଥର ଏ ଯାତ୍ରୀ ଉତ୍ତର ଦେଲେ, -"ମହାତ୍ମା, ମୁଁ ଯେଉଁ ଅଞ୍ଚଳରୁ ଆସିଛି, ସେଠାରେ ସମସ୍ତେ ଖୁବ୍ ଭଲ ସଭ୍ୟ ଭଦ୍ର ସଚ୍ଚୋଟ। ହୃଦୟବାନ ଓ ବନ୍ଧୁ ବତ୍ସଳ ଗୁଣରେ ସମସ୍ତେ ଏକକୁ ଆରେକ।"

ଯାତ୍ରୀଙ୍କ ପାଖରୁ ଏତିକ ଶୁଣି, ସ୍ୱାମୀଜୀ କହିଲେ, -"ତୁମକୁ ଏଇଠି ବି ଠିକ୍ ସେମିତି ଲୋକ ମିଳିବେ। ଏଠାର ସମସ୍ତ ଗ୍ରାମବାସୀ ଖୁବ୍ ଭଦ୍ର ସଚ୍ଚୋଟ ହୃଦୟବାନ ଓ ବନ୍ଧୁ ବତ୍ସଳ। ଏଠି ତୁମେ ଖୁସିରେ ରହିପାରିବ। ସମସ୍ତେ ତୁମକୁ ଆଦରରେ ଗ୍ରହଣ କରିବେ।" ଏତିକ ଶୁଣି, ସେ ଯାତ୍ରୀ ଜଣକ ସ୍ୱାମୀଜୀଙ୍କୁ ପ୍ରଣାମ କରି ସେଠାରୁ ବାହାରିଲେ। କହିଗଲେ କ, ଖୁବ୍ ଶୀଘ୍ର ସେ ଜମି କଣି - ଘର ତିଆରି କରିସାରିବା ପରେ, ପରିବାର ନେଇ ଫେରିଆସିବେ।

ଶିଷ୍ୟ ମାନେ ଏସବୁ ଦେଖୁଥିଲେ। ଯାତ୍ରୀ ଜଣକ ସେଠାରୁ ଯିବା ପରେ, ସେମାନେ ସ୍ୱାମୀଜୀଙ୍କୁ ପଚ୍ଚାରିଲେ, -"ଗୁରୁଦେବ, ଆପଣ ଏ ଦୁଇ ଯାତ୍ରୀଙ୍କୁ, ଗୋଟିଏ ସ୍ଥାନ ବିଷୟରେ ଭିନ୍ନ ଭିନ୍ନ ରାୟ କାହିଁକ ଦେଲେ ? ତାଙ୍କୁ କହିଲେ - ଏ ଗାଆଁ ଲୋକ ଖରାପ, ପୁଣି ୟାଙ୍କୁ କହିଲେ - ଏ ଗାଆଁ ଲୋକ ଉତ୍ତମ !!

ଶିଷ୍ୟଙ୍କ ପ୍ରଶ୍ନରେ ସ୍ୱାମୀଜୀ କହିଲେ, -"ପିଲାମାନେ, ସାଧାରଣତଃ ଆମେ କୌଣସି ଜିନଷକୁ, ସେ ଜିନଷ ନଜେ ଯେମିତି; ସେମିତି ଦେଖନ୍ତି ନାହିଁ। କୌଣସି ଲୋକଙ୍କୁ ତାଙ୍କ ନଜରରେ ଦେଖନ୍ତି ନାହିଁ; ବରଂ ଆମେ ଯେମିତିଆ, ଆମେ ତାଙ୍କୁ ଆମ ଭଳିଆ ଦୃଷ୍ଟିରେ ଦେଖନ୍ତି। ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଲୋକ ଥାଆନ୍ତି। କନ୍ତୁ ଏହା ଆମ ନଜ ଉପରେ ନର୍ଭର କରେ ଯେ, ଆମେ ତାଙ୍କୁ କେଉଁ ଦୃଷ୍ଟିରେ ଦେଖିବା। ଯଦି ଆମେ ନଜେ ଭଲ ଲୋକ ହୋଇଥିବା ବା ଭଲ ଦେଖିବା ଅଭ୍ୟାସରେ ଥିବା, ତେବେ ଆମକୁ ସମସ୍ତେ ଭଲ ଲାଗିବେ; ସେମାନଙ୍କର ଭଲ ଗୁଣ ସବୁ ଆମ ନଜରକୁ ଆସିବ। ଯଦି ଆମ ଅଭ୍ୟାସ ଖରାପ କମ୍ବା ଆମେ ଲୋକଙ୍କ ଖରାପ ଖୋଜିବା, ତେବେ ସେଇ ଲୋକମାନେ ହିଁ ଆମକୁ ଖରାପ ଲାଗିବେ। ଆମେ ଲୋକଙ୍କ ଭଲ ଦେଖିବାକୁ ଚାହିଁଲେ ଲୋକଙ୍କ ଭଲ ଦିଶିବ; ଖରାପ ଦେଖିବାକୁ ଚାହିଁଲେ ଖରାପ ଦିଶିବ।"

ଏହା ଶୁଣି ଶିଷ୍ୟମାନେ ସ୍ୱାମୀଜୀଙ୍କ କଥାର ମର୍ମ ବୁଝିଗଲେ ଏବଂ ସମସ୍ତେ ନିଷ୍ପତ୍ତି ନେଲେ ଯେ ଜୀବନରେ ସେମାନେ ବି ଲୋକଙ୍କର କେବଳ ଭଲ ଗୁଣ ପ୍ରତି ଧ୍ୟାନ ଦେଇ ଦେଖିବେ।"

ସନାତନଙ୍କ ଗପ ସରିଲା। ପିଲାମାନେ କୁହାକୁହି ହେଉଥିଲେ, -"ଏବେ ଅଧିକାଂଶ ଲୋକ, ରାଜନୈତିକ ଦଳ, ବ୍ୟବସାୟୀ ଇତ୍ୟାଦି ମାନେ, ଅନ୍ୟର ଖରାପ ବିଷୟରେ ଅଧିକ ଅଧିକ ପ୍ରଚାର କରି କରି ଲୋକଙ୍କ ଅଭ୍ୟାସ ଖରାପ କରି ସାରିଲେଣି। ଜଣେ ବାବା ପ୍ରଚାର କରୁଛନ୍ତି ଯେ ଅମୁକ କମ୍ପାନୀ ଖରାପ ଦ୍ରବ୍ୟ ପ୍ରସ୍ତୁତ କରୁଛି; କେବଳ ତାଙ୍କ ନିଜ ଦ୍ରବ୍ୟ ଭଲ। ପୁଣି କାହାକୁ ଅନ୍ୟମାନଙ୍କ ଧର୍ମ ବିଚାର ଖରାପ ଦିଶୁଛି ତ କାହାକୁ ତାଙ୍କ ସମର୍ଥିତ ପାର୍ଟୀ କୁ ଛାଡି ବାକି ସବୁ ଖରାପ ଦିଶୁଛି। ଭୁଲି ସାରିଲେଣି ଯେ - ଅନ୍ୟକୁ ତର୍ଜନୀ ଦେଖେଇଲେ, ନିଜ ଆଡ଼କୁ ତିନୋଟି ଆଙ୍ଗୁଳ ରହେ।"

ସନାତନ କହିଲେ, ତୁମକୁ ଆଜି ସେଥିପାଇଁ ଏହି ଗପଟି ଶୁଣେଇଲି। ତୁମ ପୀଢ଼ି ପାଇଁ ଏତିକ ଜାଣିବା ନିହାତି ଜରୁରୀ। ହଉ ଆଜି ପାଇଁ ଏତିକି ଥାଉ। ଅବିନାଶ ତା ମୋବାଇଲ୍ ବନ୍ଦ କଲା।

ଦାମନଯୋଡି

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଆଶା



ସଂଯୁକ୍ତା ମହାପାତ୍ର

ବେଳେ ବେଳେ ଜୀବନରେ
କେଉଁ ଏକ ଦୋଛକରେ
ବଞ୍ଚିବାର ଇଚ୍ଛା ସବୁ ସରି ସରି ଯାଏ ।
କାହିଁକି ଆସନ୍ତି ଜୀବନରେ ଦୁଃଖର ଦିନ
ଅଦିନିଆ, ଅମାନିଆ ଝଡ ପରି
ଏ ଆଖିର ଯେତେ ନିଦ ସବୁ ଲୁଟି ନିଏ?
ସୁଖ ସବୁ ରାସ୍ତା ଭୁଲି,
ହୋଇଯାନ୍ତି ବାଟ ବଣା
ଦୁଃଖର ଅନନ୍ତ ଦହନେ,
ଦୁନିଆ ତ ବଦଳୁଛି,
ବଦଳିବ ପ୍ରତି ମୁହୁର୍ତ୍ତରେ,
ଦୁଃଖ ମଧ୍ୟ ଗଳିଯିବେ ଦିନେ ।
ଆଶାବାଦୀ ଦୁନିଆଁରେ
ଆଶା ହିଁ ସମ୍ବଳ,
ଦୁଃଖର ଦିନକୁ ହୃଦୟେ ଜାବୁଡି ଧରି,
କାନ୍ଦିବାକୁ ଆଉ ନାହିଁ ବେଳ ।
ଅନାୟାସେ ଖର୍ଚ୍ଚ କରିବାକୁ
ଲୁହ ଆଉ ବଳନି ଜୀବନେ,
ପୋଛି ନେଇ ଆଖିଲୁହ
ହଜିଯାଏ ପ୍ରତିକ୍ଷିତ ସୁଖର ସପନେ,
ଆସୁଥିବା ସୁଖର ଦିନର ଆଶାରେ,
ସୁଦିନର ସ୍ୱାଗତ ପ୍ରସ୍ତୁତିରେ
ମୁଁ ଆଜି ବ୍ୟସ୍ତ
ଅପେକ୍ଷା ମୋ ସୁଖର ଦିନକୁ
ରାତିର ଅନ୍ଧାର ପରେ
ନୂଆ ସୂର୍ଯ୍ୟ ଆସିବାଟା ସତ୍ୟ ।

ମାର୍ଫତ-ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

# ମଝିଖୁଣ୍ଟ



ସତ୍ୟବ୍ରତ ସାହୁ

ମଝିଖୁଣ୍ଟକୁ ସାହାର୍ କରି ଠିଆ ହୋଇଥାଏ ଘର
ବାତ୍ୟାରେ ଛପର ଉଡି ଯାଇପାରେ
ବନ୍ୟାରେ ଧୋଇ ଯାଇପାରେ କାନ୍ଥ
କନ୍ତୁ ମଝିଖୁଣ୍ଟ ଦମ୍ଭରେ ଥିଲେ.....
ଟଳ ପଡେନା ଘର,
ଭୁଷୁଡି ପଡେନା ରୁଅ, ଓର୍ ।
ସୁତରାଂ ମଝିଖୁଣ୍ଟକୁ ଯତ୍ନରେ ରଖ
ଯେମିତି ତାକୁ ଖାଇ ନଯାଏ ମାଟି କ
ଲ୍‌ଗି ନଯାଆନ୍ତି ଘୁଣ ।
ମୁଁ ଜାଣିଛି ମୋ ଶରୀର ଗୋଟିଏ ଘର
ଏଥି ବାସ କରନ୍ତି ପାଞ୍ଚ ମନ, ପଚଶି ପ୍ରକୃତି, ଦଶ ଇନ୍ଦ୍ରିୟ,
ସ୍ନେହ, ପ୍ରେମ, ଲୋଭ, ମୋହ, କାମ ଭକ୍ତି ଓ ଆହୁରି ଅନେକ ।
ହେ ଇଶ୍ୱର.....
ତମ ଉପରେ ଥିବା ଦୃଢ ବିଶ୍ୱାସ ହିଁ ମୋ
ଜୀବନ ଘରର ମଝିଖୁଣ୍ଟ
ତମକୁ ଭରସା କରି ମୁଁ ସ୍ଥାନ ଦେଇଛି ଏମାନଙ୍କୁ,
ସମସ୍ତଙ୍କୁ ଶିଖେଇ ଦେଇଛି ଭକ୍ତି ମନ୍ତ୍ର
ମଜବତ୍ ରଖିବାକୁ ମଝିଖୁଣ୍ଟ ।
ତମେବି ନଜର ରଖିଥିବ ପ୍ରଭୁ
ପିଣ୍ଡରୁ ଶେଷ ନିଃଶ୍ୱାସ ବାହାରି ଯିବାଯାଏ
ଯେମିତି ମଜବୁତ୍ ଥାଉ ମଝିଖୁଣ୍ଟ ।

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର

# ଆସର



ଶ୍ରୀକ୍ଷେତ୍ର ସୁନ୍ଦର

ସଞ୍ଜ ନଇଁଲେ ଆମ ଅଗଣାରେ ଆସର ଜମେ
କଥାର ପେଡି ଫିଟେ, ହସର ଜୁଆର ବି ଛୁଟେ
କେବେ ରାଜନୀତି, ଖେଳ, ସିନେମା ଅବା ଜୀବନ ଦର୍ଶନର
ମନ ତଳ ଅନେକ ଅନାବନା ଭାବନା
କଥା ହୋଇ ମୁହଁରେ ଫୁଟେ
ଓ ଏକ ଅଦୃଶ୍ୟ ଆତ୍ମୀୟତାର ଡୋରିରେ ଆମେ
ପରସ୍ପର ବାନ୍ଧି ହୋଇଯାଉ
ହେଲେ ଏ କଥାସବୁରେ ପୂର୍ଣ୍ଣଚ୍ଛେଦ ତା ଆପଣା ଛାଏ ଆଜିଯାଏ
କେବେ ପଡିନ, ଅନେକ କଛି କହିବାକୁ ବାକ ରହିଗଲା କ **?**
ସେମିତି ଲାଗେ
ଏଣେ ଏ ଭିତରେ ହାତରୁ ହାତକୁ ଗ୍ଲ କପଟିଏ
ଅତି ସ୍ଵାଭାବିକ ଭାବେ ଆସେ
ଓ ଏ ଅବିବେକ ଘଣ୍ଟାର କଣ୍ଟା ସବୁ ତା ବେଗ ବଢ଼େଇ ଦେଇ
ଚେତେଇ ଦିଅନ୍ତି
ଆଜି ପାଇଁ ଏତିକ **......**

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

# ବୁଦ୍ଧିଜୀବୀ ପରୀକ୍ଷା



ମଧୁସ୍ମିତା ସେନାପତି

ବହୁ ପୂର୍ବରୁ ଯେତେବେଳେ ଗୁରୁକୁଳ ଶିକ୍ଷାର ଏକ ବ୍ୟବସ୍ଥା ଥିଲା, ସେତେବେଳେ ପ୍ରତ୍ୟେକ ପିଲାଙ୍କୁ ଜୀବନର ପଚଶ ବର୍ଷ ଗୁରୁକୁଳରେ ବିତାଇବାକୁ ପଡୁଥିଲା। ସେହି ସମୟରେ ଜଣେ ବିଦ୍ୱାନ ପଣ୍ଡିତ ରାଧା ଗୁପ୍ତା ଥିଲେ, ସେ ଗୁରୁକୁଳ ରେ ବହୁତ ପ୍ରସିଦ୍ଧ ଥିଲେ। ଯେଉଁଠାରେ ଦୂର ରାଜ୍ୟରୁ ଶିଷ୍ୟମାନେ ଶିକ୍ଷା ପାଇବାକୁ ଆସୁଥିଲେ।

ସେହି ସମୟରେ ଯେତେବେଳେ ରାଧା ଗୁପ୍ତାଙ୍କ ବୟସ ସମୟ ଅନୁସାରେ ଧୀରେ ଧୀରେ ବଢ଼ିବାକୁ ଲାଗିଲା ତେବେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା | ତାଙ୍କ ଘରେ ଜଣେ ଝିଅ ଥିଲେ ଯିଏ କି ବିବାହ ଯୋଗ୍ୟା ଥିଲେ। ରାଧା ଗୁପ୍ତା ତାଙ୍କ ଝିଅ ବିଷୟରେ ସବୁବେଳେ ଚନ୍ତା କରୁଥିଲେ | ସେ ତାଙ୍କୁ ଜଣେ ଯୋଗ୍ୟ ବ୍ୟକ୍ତିଙ୍କ ସହିତ ବିବାହ କରାଇବାକୁ ଚାହୁଁଥିଲେ ଯାହାର ସମ୍ପତ୍ତି ନ ଥାଇପାରେ କନ୍ତୁ ଜଣେ ଶ୍ରମିକ ହେବା ଉଚତ ଯିଏ କି ସବୁ ପରିସ୍ଥିତିରେ ତାଙ୍କ ଝିଅ ଙ୍କୁ ସନ୍ତୁଷ୍ଟ କରିବ ଏବଂ ଠିକ୍ ସମୟରେ ଉପଯୁକ୍ତ ନଷ୍ପତ୍ତି ନେବ |

ଦିନେ, ତାଙ୍କ ମନରେ ଏକ ଚନ୍ତା ଥିଲା ଏବଂ ସେ ଏହି ସମସ୍ୟାର ସମାଧାନ ବିଷୟରେ ଚନ୍ତା କଲେ, କାହିଁକି ନା ସେ ଚାହୁଁଥିଲେ ସେ ନଜ ଶିଷ୍ୟମାନଙ୍କ ଭିତରୁ ଜଣେ ଯୋଗ୍ୟ ବର ଖୋଜି ପାଇ ପାରିବେ ? ଏମାନଙ୍କ ଅପେକ୍ଷା ତାଙ୍କ ଝିଅ ପାଇଁ ଆଉ କ'ଣ ଭଲ ହୋଇପାରେ | ଏହି କାର୍ଯ୍ୟ ପାଇଁ ସେ ବୁଦ୍ଧିଜୀବି ପରୀକ୍ଷା କରିବାକୁ ସ୍ଥିର କଲେ ଏବଂ ସମସ୍ତ ଶିଷ୍ୟମାନଙ୍କୁ ଏକତ୍ର କଲେ |

ରାଧା ଗୁପ୍ତା ସମସ୍ତଙ୍କୁ କହିଥିଲେ ଯେ ସେ ଏକ ବୁଦ୍ଧିଜୀବୀ ପରୀକ୍ଷା କରିବାକୁ ଚାହୁଁଛନ୍ତି ଯେଉଁଥିରେ ସମସ୍ତଙ୍କର ଜ୍ଞାନ ଓ ପରିଚୟ ର ପରୀକ୍ଷା ହେବ | ସେ ସମସ୍ତଙ୍କୁ କହିଥିଲେ ଯେ ସେ ତାଙ୍କ ଝିଅର ବିବାହକୁ ନେଇ ଚିନ୍ତିତ, ଯେଉଁଥିପାଇଁ ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନାହିଁ, ତେଣୁ ସେ ଚାହୁଁଛନ୍ତି ଯେ ତାଙ୍କ ଶିଷ୍ୟ ବିବାହ ପାଇଁ ସମସ୍ତ ସାମଗ୍ରୀ ସଂଗ୍ରହ କରନ୍ତୁ। ଯଦିଓ ତମ ମାନଙ୍କୁ ଚୋରୀ କରିବାର ରାସ୍ତା ବାଛିବାକୁ ପଡିବ କିନ୍ତୁ ଯେମିତି କେହି ତମ ମାନଙ୍କୁ ଚୋରୀ କରିବା ବେଳେ ଯେମିତି କେହି ଦେଖି ପାରିବେ ନାହିଁ, ସମସ୍ତଙ୍କୁ ଏହି ସର୍ତ୍ତ ଅନୁସରଣ କରିବାକୁ ପଡିବ |

ପରଦିନ ସମସ୍ତ ଶିଷ୍ୟମାନେ କାର୍ଯ୍ୟ ଆରମ୍ଭ କଲେ। ପ୍ରତିଦିନ କେହି କେହି କିଛି ଜିନିଷ ଚୋରି କରି ରାଧା ଗୁପ୍ତାଙ୍କୁ ଦେଇଥା'ନ୍ତି | ରାଧା ଗୁପ୍ତା ସେମାନଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନରେ ରଖିଥିଲେ କାରଣ ପରୀକ୍ଷା ପରେ ଏହି ସବୁ ଜିନିଷକୁ ସେମାନଙ୍କ ଗୁରୁଙ୍କ ନିକଟକୁ ଫେରାଇବା ଆବଶ୍ୟକ ଥିଲା କାରଣ ସେମାନେ ନିଜ ଶିଷ୍ୟମାନଙ୍କୁ ସଠିକ୍ ଜ୍ଞାନ ଦେବାକୁ ଚାହୁଁଥିଲେ |

ସମସ୍ତ ଶିଷ୍ୟ ସେମାନଙ୍କ ମନ ସହିତ କାର୍ଯ୍ୟ କରୁଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ରାମସ୍ୱାମୀ ନାମକ ଶିଷ୍ୟ ଗୁରୁକୁଳରେ ଚୁପଚାପ୍ ବସିଥିଲେ | ସେ ରାଧା ଗୁପ୍ତାଙ୍କ ନିକଟତମ ତଥା ପ୍ରତିଜ୍ଞାକାରୀ ଛାତ୍ର ଥିଲେ। ତାଙ୍କୁ ଏହିପରି ବସିଥିବାର ଦେଖି ରାଧା ଗୁପ୍ତା ଏହାର କାରଣ ପଚାରିଥିଲେ। ତା'ପରେ ରାମସ୍ୱାମୀ କହିଛନ୍ତି ଯେ ଆପଣ ପରୀକ୍ଷାର ସର୍ତ୍ତ ଭାବରେ କହିଛନ୍ତି ଯେ ଚୋରୀ ସମୟରେ କେହି ଏହାକୁ ଦେଖି ପାରିବେ ନାହିଁ | ଏହିପରି ଯଦିଓ ଆମେ ବ୍ୟକ୍ତିଗତ ଭାବରେ ଭି ଚୋରୀ କରୁ, ତଥାପି ଏହା ଆମର ଅନ୍ତର ଆତ୍ମା ଆମକୁ ଦେଖୁଅଛି | ଆମେ ଏହାକୁ ନିଜଠାରୁ ଲୁଚାଇ ପାରିବୁ ନାହିଁ | ଏହାର ଅର୍ଥ ହେଉଛି ଚୋରୀ କରିବା ବୃଥା ଅଟେ | ଏହା ଶୁଣି ରାଧଗୁପ୍ତଙ୍କ ମୁହଁ ଖୁସିରେ ପରିପୂର୍ଣ୍ଣ ହୋଇଗଲା | ସେହି ସମୟରେ, ସେ ସମସ୍ତ ଶିଷ୍ୟଙ୍କୁ ଏକତ୍ର କରି ପଚାରିଲେ, ତୁମେ ସମସ୍ତେ ଚୋରୀ କରୁଥିବା ସମୟରେ କେହି ଦେଖିଛନ୍ତି କି? ସମସ୍ତେ ମନା କଲେ। ତା'ପରେ ରାଧାଗୁପ୍ତା କୁହନ୍ତି ଯେ ତୁମେ ଏହି ଚୋରୀ କୁ ତୁମ ଅନ୍ତର ଆତ୍ମା ଭିତରରୁ ମଧ୍ୟ ଲୁଚାଇ ପାରିବ କି? ସମସ୍ତେ ଏହାକୁ ବୁଝି ପାରିଲେ ଏବଂ ରାମସ୍ୱାମୀ ବ୍ୟତୀତ ଆଉ ସମସ୍ତେ ମୁଣ୍ଡ ନୁଆଁଇ ରଖିଲେ। ରାଧା ଗୁପ୍ତା କହିଲେ, ଏହି ପରୀକ୍ଷାରେ ରାମସ୍ୱାମୀ

ସମସ୍ତଙ୍କୁ ଠୁ ଟପି ଯାଇଛନ୍ତି। ସେ ସମସ୍ତଙ୍କ ସାମ୍ନାରେ କହିଛନ୍ତି ଯେ ଝିଅ ପାଇଁ ଉପଯୁକ୍ତ ବର ଖୋଜିବା ପାଇଁ ଏହି ପରୀକ୍ଷା ସ୍ଥିର ହୋଇଥିଲା। ମୁଁ ଗ୍ରାମସ୍ୱାମୀଙ୍କୁ ମୋ ଝିଅ ସହିତ ବିବାହ କରିବାକୁ ନିଷ୍ପତ୍ତି ନେଉଛି | ଏହା ଶୁଣି ସମସ୍ତେ ଆନନ୍ଦରେ ଡେଇଁପଡନ୍ତି | ପରେ ସମସ୍ତେ ଏକା ସାଙ୍ଗରେ, ପ୍ରତ୍ୟେକ ଚୋରି ହୋଇଥିବା ଜିନିଷକୁ ଏହାର ମାଲିକକୁ ହସ୍ତାନ୍ତର କରି ନମ୍ର ଭାବରେ ସମସ୍ତଙ୍କୁ କ୍ଷମା ମାଗିଲେ।

## ନୀତିଶିକ୍ଷା:

ବୁଦ୍ଧିର ପରୀକ୍ଷା ଯେ ସମାନ ଶିକ୍ଷା ପ୍ରଦାନ କରେ ଏହା ସହିତ କୌଣସି କାର୍ଯ୍ୟ ଅନ୍ତର ଆତ୍ମା ଭିତରେ ଲୁକ୍କାୟିତ ରୁହେ ନାହିଁ ଏବଂ ଭିତରର ଆତ୍ମା ମଣିଷ ପାଇଁ ସଠିକ୍ ରାସ୍ତା ଦେଖାଏ। ତେଣୁ କୌଣସି କାର୍ଯ୍ୟର ସଠିକ୍ ଏବଂ ଭୁଲ୍ ପାଇଁ ଜଣେ ବ୍ୟକ୍ତି ନିଜ ମନକୁ ପ୍ରଥମେ ଧରି ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ |

ଆଜି ମଣିଷମାନେ ବିବେକର ସ୍ୱର ଶୁଣିବା ବନ୍ଦ କରିଦେଇଛନ୍ତି, ସେଥିପାଇଁ ସେମାନେ ଭୁଲ ପଥରେ ଯାଉଛନ୍ତି | ଆମର ବିବେକ ଆମକୁ ଭୁଲ ରାସ୍ତା ଦେଖାଏ ନାହିଁ | ଏହା ଜରୁରୀ ଯେ ମନର ସ୍ୱର ଆମକୁ ପରାମର୍ଶ ଦେଇଥାଏ ଯାହା ମନ କେବେ ଗ୍ରହଣ କରେ ନାହିଁ କାରଣ ମନ ସର୍ବଦା ସ୍ୱାର୍ଥରେ କାମ କରେ ଏବଂ ମନ ଆମକୁ ଭଲ ଏବଂ ଭୁଲର ପରିଚୟ ଦେଇଥାଏ | ଭଲ ଏବଂ ଭୁଲର ଏହି ପରିଚୟ ଆମକୁ ସର୍ବଦା ମନ୍ଦଠାରୁ ଦୂରେଇ ରଖେ | କୌଣସି କାର୍ଯ୍ୟ କରିବା ପୂର୍ବରୁ, ଆମେ ମନର ସ୍ୱର ଶୁଣିବା ଆବଶ୍ୟକ|

ଏହି ପରୀକ୍ଷା ମାଧ୍ୟମରେ ରାଧା ଗୁପ୍ତା ମଧ୍ୟ ତାଙ୍କ ପାଇଁ ଉପଯୁକ୍ତ ବର ପାଇଲେ ଏବଂ ଶିଷ୍ୟମାନଙ୍କୁ ଜୀବନର ଅମୂଲ୍ୟ ଜ୍ଞାନ ପ୍ରଦାନ କଲେ | ଆଜିର ସମୟରେ, ଯେ କୌଣସି ଶିକ୍ଷକ ଏବଂ ଶିକ୍ଷାଦାନ ପ୍ରଣାଳୀ ଜଣେ ବ୍ୟକ୍ତିଙ୍କୁ ଟଙ୍କା ରୋଜଗାର କରିବା ପାଇଁ ମଧ୍ୟ ଜ୍ଞାନ ଦେଇଥାଏ | ଏକ ଶିଶୁର ସର୍ବଦଳୀୟ ବିକାଶ ଆଜି କେଉଁଠି ନା କେଉଁଠି ଅଦୃଶ୍ୟ ହୋଇଯାଇଛି | ଆଜିର ବ୍ୟକ୍ତି କେବଳ ବିଦ୍ୟାଳୟରେ ଜଣେ ଧନୀ ବ୍ୟକ୍ତି ହେବା ପାଇଁ ବିଦ୍ୟା ଶିଖନ୍ତି, କିନ୍ତୁ ସେହି ପିଲାକୁ ଠିକ୍ ଏବଂ ଭୁଲ ବିଷୟରେ ଅବଗତ କରାଇବା ଦାୟିତ୍ୱ

କୁ କେହି ଗ୍ରହଣ କରନ୍ତି ନାହିଁ କାରଣ ତାଙ୍କ ପିତାମାତା ମଧ୍ୟ ଆଜି ଟଙ୍କା ରୋଜଗାରରେ ବ୍ୟସ୍ତ ଅଛନ୍ତି ଏବଂ ଶିକ୍ଷକ ମଧ୍ୟ କେବଳ ପୁସ୍ତକ ଜ୍ଞାନ ଦେଇ ନିଜ ଦାୟିତ୍ୱ ରୁ ଦୂରେଇ ଯାଉଛନ୍ତି। ଠିକ୍ ଏହି ସମୟରେ ଏହିପରି, ଏହି କ୍ଷୁଦ୍ରଗଳ୍ପ ଗୁଡ଼ିକ ବ୍ୟକ୍ତିଙ୍କୁ ଠିକ୍ ଏବଂ ଭୁଲ୍ ଶିକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ କିନ୍ତୁ ଆଜିକାଲି ଏଥିପାଇଁ ସମସ୍ତଙ୍କୁ ସମୟ ପାଇବା କଷ୍ଟକର | ଏହା ଏକ ଗମ୍ଭୀର ସମସ୍ୟା, ଯେଉଁଥିପାଇଁ ଆଜିର ପିଲ୍‌ମାନେ ସହଜରେ ଭୁଲ ପଥରେ ଗ୍ଭଲିବା ଆରମ୍ଭ କରନ୍ତି ଏବଂ ଯେତେବେଳେ ସେମାନେ ସଂପୂର୍ଣ୍ଣ କଷ୍ଟ ପାଆନ୍ତି, ସେତେବେଳେ ସେମାନେ ଏହା ଅନୁଭବ କରନ୍ତି | ତେଣୁ, ଏହା ଜରୁରୀ ଯେ ଆମ ସମସ୍ତେ ଆଜିର ଯୁବ ପିଢ଼ିକୁ ଉଚତ ଜ୍ଞନକୌଶଳର ଶିକ୍ଷା ଦେବା।

ଫୁଲନଖର୍, କଟକ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ଶେଷ ପୃଷ୍ଠା



ଡ. ଜ୍ଞାନେଶ୍ୱର ମିଶ୍ର

ଝରି ପଡିଥିବା ଫୁଲ ଆଉ ଡାଳକୁ ଚାହେଁନା
ସମୁଦ୍ରରେ କେଉଁ ପାଣି କେଉଁ ନଦୀର ଜଣା ତ ପଡେନା
ଘଡି କେବେ ପଛକୁ ଘୁରେନା
ଏ କଥା ତ ସତ – ତେବେ
ମୁଁ କାହିଁକି ଚାଲି ସାରିଥିବା ବାଟକୁ
ଫେରି କି ପଛକୁ ଚାହିଁବି ?

ସେ ବାଟର କଥା, ବ୍ୟଥା, ସୁଖ ଦୁଃଖ
ପାପ ପୁଣ୍ୟର ବିଚାର କାହାକୁ
କାହିଁକି କହିବି, ସେସବୁର
ଏବେ କିଛି ଦରକାର ନାହିଁ
କିଛି ନ ହେଲେ ବି ନିଜ ବୋଝ
ନିଜେ ବୋହିବାର ଆନନ୍ଦ ପାଇଛି
ସ୍ନେହ, ଶ୍ରଦ୍ଧା, ମମତା ସମ୍ମାନ
ବହୁ ଆଗରୁ ହଜେଇ ଦେଇଛି

ଆଉ ବାଟ ଅଳ୍ପ କାଳ ସ୍ୱଳ୍ପ
ପାଦ ମୋର ଚାଲିବାକୁ ନପାଇଲେ ବଳ
ଥକା ମେଣ୍ଟାଇବି, ତୁଳସୀ ମୂଳ ମାଟିରେ
ପୁଅର ନାମ ଫଳକ ଝୁଲୁଥିବ
ମୋ ନାମ ଫଳକ କାନ୍ଥର କଣ୍ଟାରେ

କର୍ଲ ମାର୍କ୍ସ ସାରଣୀ, ଖିଦିରପୁର,କଲିକତା

# ଯଦି ଦମ୍ ଅଛି



ଡ. ସୌମ୍ୟ ରଞ୍ଜନ ମିଶ୍ର

ମୋ ପ୍ରଭୁ, ଯଦି ପାରୁଛ
ମୋ ପିଲ୍‌ଦିନ ମୋତେ ଫେର୍‌ଇ ଦିଅ
ଯେଉଁଠୁ ମୁଁ ଆଉଥରେ
ଆରମ୍ଭ କରିଇ ସର୍ଜନା
ବର୍ମା, ବିଟୁଂ, ମହେଚରରୁ
"ଏ" ଫର୍ ଆପଲ୍ ଆଉ
"ବି" ଫର୍ ବଲ୍ ରୁ ।

"ଏ" ଫର୍ ଆମ୍ପୁଲ୍
"ବି" ଫର୍ ବାଇଲ୍ ଭିତରେ
ଜୀବନ ଗଲ୍‌ଣି ସଢି
ଫେରିବାକୁ ଗୃହୁଁଚ ଅତୀତକୁ
ତୁମେ ବି ଯଦି ଗୃହୁଁଛ, ଫେରିଆସ
"ଏ" ଫର୍ ଅପିଲ୍, "ବି" ଫର୍ ବେଲ୍ ର ମୋହଛାଡି ।

ଦେଖିବ କେଡେ ସୁନ୍ଦର ଲ୍‌ଗିବ ଏ ଜୀବନ
ସମସ୍ତେ ହୋଇଯିବା ବେପରୁଆ ସ୍ରଷ୍ଟା
ପ୍ରତି ଅକ୍ଷରରେ ବିର୍‌ଟ ସମ୍ଭାବନା ଥିବ
ଖଡି ଯୁଆଡେ ଟାଣିବ
ଧାଡି ସିଆଡେ ମାଡିବ
ବେଲ୍‌ଳସେନ ପରି
ଗୁରୁଜୀଙ୍କ ବେତବାଡି ଜଗିଥିବ ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା

# ସ୍ୱାର୍ଥ ଏ ଦୁନିଆଁ



ପୂର୍ଣ୍ଣଚନ୍ଦ୍ର ରଣା

ଅଜବ ମଣିଷ ଅଜବ ଭାବନା
ଅଜବ ତା'ର ଯେ ମତି
ଅମୃତ ସଙ୍ଗରେ ଜହର ମିଶାଇ
ଅଧାରୁ ନିଏ ବିରତୀ ।୧

ସ୍ୱାର୍ଥକୁ ଆପଣା କରେ କେତେ ଏଠି
ବିନା ସ୍ୱାର୍ଥେ ନାହିଁ କାମ
ସମ୍ପଦ ବେଳେ ସେ ହୁଏ ଆପଣାର
ବିପଦେ ସାଜେ ତ ଜମ ।୨

ନିଜ କର୍ମ ବେଳେ ମିଠା କଥା କହି
ପରକୁ କରେ ନିଜର
କର୍ମ ପୂରା ହେଲେ ମାରେ ସେ ଦାଣ୍ଡିଆ
ହୁଏ ସେ ତ ସାତ ପର ।୩

ସ୍ୱାର୍ଥର ସାରଥୀ ସାଜିଛି ମଣିଷ
ସ୍ୱାର୍ଥ ପାଇଁ ଦିଏ ଧୋକା
ଉପରୁ ଦେଖି ସେ ଶିକାର କରଇ
ଯେମିତି ତ ମାଛରଙ୍କା ।୪

ଆଖି ଖୋଜେ ତା'ର ଚକଣିଆ ଫୁଲ
ମନ ତଳେ ଥାଏ କଣ୍ଟା
ଦୁର୍ବଳ ଉପରେ ମାଡି ମାଡି ଗଲେ
ଯେମିତି ନିର୍ମୂଳ ଲତା ।୫

କ୍ଷମତା ଥାଇ ବି ଅକ୍ଷମ ସାଜୁଛି
ଏଠି ସ୍ୱାର୍ଥପର ବ୍ୟକ୍ତି
ଅସ୍ଥିର ତା ମନ ହୁଏ ଯେ ସର୍ବଦା
ଟିକେ ନ ଥାଏ ତା ଶାନ୍ତି ।୬

ସ୍ୱାର୍ଥ ବଳେ ସିନା ବଞ୍ଚିଛି ମଣିଷ
ଦେଖୁଛି ସେ ଚଉବାହା
ସବୁ ସ୍ୱାର୍ଥ କେବେ କରିବ ହିସାବ
ପାଇବୁନି ତୁହି ରାହା ।୭

ନ ଥିଲେ ନ ଥାଉ ଦୁଇ ମୁଠା ଅନ୍ନ
କରିବୁନି କେବେ ସ୍ୱାର୍ଥ
ନିଜ ଶିଙ୍ଘ ବଳେ ମାଟି ତୁ ଖୋଳିଲେ
କର୍ମ ହେବନି ତୋ ବ୍ୟର୍ଥ ।୮

ଦୁନିଆ ବୁକୁରେ ବଞ୍ଚିବାକୁ ହେଲେ
ଛାଡିବାକୁ ହେବ ସ୍ୱାର୍ଥ
ସ୍ୱାର୍ଥକୁ ପଠା ଯେ ଦୂର ରାଇଜକୁ
ବାଛି ନିଅ ତ ସୁପଥ ।୯

ହାଟସିଂହାପୁର, ଯାଜପୁର

# ଭବସାଗର ରୁ ଭାବସାଗର



ଡକ୍ଟର ମଧୁସ୍ମିତା ମିଶ୍ର

ସିଲୁ କାନ୍ଦୁଥିଲେ । କୋହ ଉଠାଇ ଡୁହାଇ ଡୁହାଇ କାନ୍ଦୁଥିଲେ । ବହୁ କଷ୍ଟରେ ନିଜକୁ ସମ୍ଭାଳି ନେଇ ବସିଥିବା ସୋଫାରୁ ଉଠି ମୋବାଇଲଟା ଧରିଲେ ।

ହ୍ୟାଲୋ, ହଁ ଭାଇନା ଚାଲିଗଲେ । ଆଉ କିଛି କହିବା ଅବସ୍ଥାରେ ନଥିଲେ ସେ । ଆରେ ଶୁଣ । ମୁଁ.....ସ୍ୱାମୀ ପ୍ରବୋଧ ବାବୁ ସେପଟରୁ କଣ କହୁଥିଲେ ତାଙ୍କ କାନରେ ପଶୁଥିଲା କି ନାହିଁ ସେ କିନ୍ତୁ କିଛି ମଧ୍ୟ ଶୁଣିବା ଅବସ୍ଥାରେ ନଥିଲେ ।

ଏମିତି ନୁହେଁ ଯେ ସେ କିଛି ବୁଝି ପାରୁନଥିଲେ । ସେ ବୁଝି ମଧ୍ୟ ବୁଝିପାରୁ ନଥିଲେ । ସେ ଭାବୁଥିଲେ ମୃତ୍ୟୁ ଏପରି ଏକ ଅନିମନ୍ତ୍ରିତ ଅତିଥି ଯିଏ ଅନ୍ୟ ଅତିଥିମାନଙ୍କ ପରେ ଘରକୁ ବୁଲିବାକୁ କେବଳ ଆସେନି, ବରଂ ସେ ଏପରି ଏକ ସ୍ୱତନ୍ତ୍ର ଅତିଥି ଯିଏ ଫେରିଯିବା ବେଳେ ଗୃହର ଅଫେରନ୍ତା ଶ୍ରୀ ନେଇ ଚାଲିଯାଏ ।

ସିଲୁ କେବଳ କାନ୍ଦୁଥିଲେ । ଅବାରିତ ଲୁହ ବୋହି ଚାଲିଥିଲା । ପଡିଶା ଘର ମାଉସୀ ଆସି କହୁଥିଲେ ଆରେ ଭାଇନାର ତ ବୟସ ହେଇଥିଲା । ସିଲୁ କେତେ ଆଉ କାନ୍ଦିବୁ । ଉଠ, ସମସ୍ତଙ୍କୁ ଖବର ଦିଅ । କେତେବେଳେ ପ୍ରବୋଧ ଆସିବ?

ତ୍ରିତଳ ପ୍ରାସାଦର ତଳ ମହଲାରେ ଭାଇନାଙ୍କ ଶୋଇବା ଘର ଖଟ ଉପରେ ଭାଇନା ଶୋଇଛନ୍ତି । ସିଲୁ ଘର କୋଣରେ ପଡିଥିବା ସୋଫା ଉପରେ ବସି କାନ୍ଦି ଚାଲିଛନ୍ତି । ଲୋକ ଗହଳି ଆରମ୍ଭ ହେଇଗଲାଣି । ବଲାଙ୍ଗୀର ସହରରେ ଖବରଟି ନିଆଁ ପରି ବ୍ୟାପିଗଲାଣି । ସିଲୁଙ୍କର ନିଘା ନାହିଁ । ଚାରି ଦଶନ୍ଧି ପଛକୁ ସିଲୁ ଫେରିଯାଉଛନ୍ତି, ଯେବେ ସେ ଦାଶ ବଂଶକୁ ବୋହୂ ହେଇ ଆସିଥିଲେ ।

ମନେ ପଡୁଛି, ସେତେବେଳେ ସେ କଟକ ଜିଲ୍ଲାର ଏକ ଅଖ୍ୟାତ ଗାଁର ମନୋହର ନନ୍ଦଙ୍କର ଦ୍ୱିତୀୟ ଝିଅ ଭାବରେ ନବମ ଶ୍ରେଣୀରେ ପଢୁଥାନ୍ତି । ଗଣିତ ଶିକ୍ଷକ ଭାବରେ ଗାଁ ସ୍କୁଲରେ ପ୍ରବୋଧ ଯୋଗ ଦେଇଥାନ୍ତି । ସିଲୁ ବେଶ ଉତ୍ତମ ଛାତ୍ରି ଥିଲେ । ମନୋହର ନନ୍ଦଙ୍କ

ଅନୁରୋଧ କ୍ରମେ ପ୍ରବୋଧ, ସିଲୁଙ୍କୁ ତାଙ୍କ ଘରେ ଗଣିତ ପଢାଇବାକୁ ତାଙ୍କ ଘରକୁ ଯାଉଥିଲେ । ଦୁଇବର୍ଷ ପରେ ସିଲୁ ଏକାଦଶ ଶ୍ରେଣୀ ପାସ କରି ମହାବିଦ୍ୟାଳୟରେ ନାଁ ଲେଖାଇଥିଲେ । ସେହି ବର୍ଷ ମଧ୍ୟ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ପଦସ୍ଥ ଗ୍ଟକରୀରେ ପ୍ରବୋଧ ଯୋଗ ଦେଇଥିଲେ । ମନୋହର ନନ୍ଦ, ପ୍ରବୋଧଙ୍କୁ ଦ୍ୱୀତୀୟ ଜ୍ୱାଇଁ କରିବାକୁ ମନ ସ୍ଥିର କରି ନେଇଥିଲେ । ବଡଝିଅ ବାହାଘର ସରିଲା । ଯଦିଓ ସିଲୁ ଙ୍କ ଠାରୁ ପ୍ରବୋଧ ବୟସରେ ଢେର ବଡ ଥିଲେ, ତଥାପି ନନ୍ଦେ ନିଜ ମନ ଦୃଢ କରିଥିଲେ ।  ପ୍ରବୋଧଙ୍କ ଆଗ୍ଚର, ବ୍ୟବହାରରେ ସେ ମୁଗ୍ଧ ହୋଇଥିଲେ ।

ଯେଉଁଦିନ ପ୍ରବୋଧଙ୍କ ସହ ବିବାହ ପ୍ରସ୍ତାବ ନେଇ ମନୋହର ନନ୍ଦ ତାଙ୍କ ତାଁଙ୍କ ଯାଇଥିଲେ, ପ୍ରବୋଧଙ୍କର ବାପା ଗ୍ଟଲିଯାଇଥିଲେ ବୋଲି ସେହିଦିନ ଜାଣିବାକୁ ପାଇଥିଲେ । ମାଆ କହିଥିଲେ, ଯାହା କଥାହେବ, ଭାଇନା ସହ କଥା ହୁଅ ।

ହଉ ଠିକ୍ ଅଛି । ଭାଇନା କାହାନ୍ତି ।ତାଙ୍କୁ ଡାକନ୍ତୁ, କଥା ହେବି, ମନୋହର ନନ୍ଦ କହିଥିଲେ ।

ଆରେ ଆପଣ ଯାଉନାହାନ୍ତି । ସେ ସେହି ଦାଣ୍ଡପଟରେ ଥିବା ଘରେ ବସିଥିବ ।

ନନ୍ଦେ ଉଠିଆସି ଦାଣ୍ଡପଟକୁ ଥିବା ଘରକୁ ଯାଇଥିଲେ । କିନ୍ତୁ ସେଠାରେ କାହାରିକୁ ଦେଖିବାକୁ ପାଇନଥିଲେ । ପିଲାଟିଏ ବସି ଖବରକାଗଜ ପଢୁଥିଲା । କିଛି ନକହି ନନ୍ଦବାବୁ ସେ କୋଠରୀରୁ ବାହାରି ଆସିଲେ । ମନେମନେ ଭାବିଲେ ଏତେ ତରବର ହେବା ଅପେକ୍ଷା ବରଂ ପରେ ଆଉ କୌଣସି ଦିନ ଆସି ଭାଇନାଙ୍କ ସହ କଥା ହେଇଯିବେ । ଏପରି ଭାବି ଦାଣ୍ଡ ଦୁଆର ଆଡକୁ ପାଦ ବଢାଇଲା ବେଳକୁ ମାଉସୀ ପଛରୁ ଆସିଲେ ।

କଣ ହେଲା? ଭାଇନା ନାହିଁକି? କହିକରି ପୂର୍ବୋକ୍ତ କୋଠରୀଟିରେ ପଶି ଡାକ ପକାଇଲେ । ନନ୍ଦେ ଆସନ୍ତୁ ହେଇଟି ପରା ଭାଇନା ବସିଛି ।

ନନ୍ଦବାବୁ ବଢାଇଥିବା ପାଦ ପଛକୁ ଫେରାଇଲେ । ଶୁଣିଲେ ମାଉସୀ କହୁଛନ୍ତି ପିଲାଟିକୁ, ହଇରେ, ନନ୍ଦବାବୁ ପରା ସାନ ପାଇଁ ବିବାହ ପ୍ରସ୍ତାବ ନେଇ ଆସିଥିଲେ । କଥା ହେଲୁନି?

କାହିଁ ମୁଁ ତ କାହାରିକୁ ଦେଖିନି । ମୁଁ ତ ଏଇଠି ବସି ଆଜିର ଖବରକାଗଜ ପଢୁଛି ।

ନନ୍ଦବାବୁ, ଇଏ ମୋ ବଡପୁଅ ସୁବୋଧ । ସମସ୍ତେ ଏମିତି କ ମୁଁ ମଧ୍ଯ ତାକୁ ଭାଇନା ବୋଲି ଡାକୁ । ପ୍ରବୋଧ ବିଷୟରେ ଯାହା କଥା ହେବା କଥା ତା ସହ କଥା ହୁଅନ୍ତୁ । ମୁଁ ଆପଣଙ୍କ ପାଇଁ ଚା କପେ କରି ଆଣେ, ଏତିକ କହି ମାଉସୀ ରୋଷେଇ ଘରକୁ ଗଲେ ।

ମନୋହର ନନ୍ଦଙ୍କୁ କଛି ଭାବିବାକୁ ନଦେଇ ସୁବୋଧ ବାବୁ ଓରଫ ଭାଇନା କହିଲେ, ଆପଣ ମୋ ଚେହେରା ଦେଖି ଭାବୁଛନ୍ତି କଏ ପିଲାଟା ସହ କଣ କଥା ହେବି? ନାହିଁଆଜ୍ଞା, ମୁଁ ପ୍ରବୋଧର ବଡ ଭାଇ ସୁବୋଧ । ଈଶ୍ଵରଙ୍କ ରଚନାରେ ମୁଁ ଏକ ବିରଳ ଓ ଅନ୍ୟତମ ସୃଷ୍ଟି । ସେ ମୋତେ ବିବେକ ଓ ବୁଦ୍ଧି ଦେଇଛନ୍ତି କନ୍ତୁ ଅବୟବ ଦେଇନାହାନ୍ତି । ମୁଁ ଜଗନ୍ନାଥ ।

ଫେରନ୍ତା ବାଟରେ ନନ୍ଦବାବୁ ଭାଳ ହେଉଥିଲେ । ଈଶ୍ଵର ଏମିତି କାହିଁକ ସୃଷ୍ଟି କରନ୍ତି, ନଜକୁ ନଜେ ପ୍ରଶ୍ନ କରୁଥିଲେ ଏଇଟା କଣ ସୁବୋଧ ବାବୁଙ୍କର ପ୍ରାରବ୍ଧ ।

ଚେହେରା ଥିଲା ତିନଫୁଟ ଉଚ୍ଚତା, ସରୁ ସରୁ ହାତ ଗୋଡ । କହିବାକୁ ଗଲେ ବାମନ ଚେହେରା । କନ୍ତୁ ବିଚକ୍ଷଣ ବୁଦ୍ଧି ତଥା ଉଦାରତା ରେ ଭରପୂର ମହାନ୍ ବ୍ୟକ୍ତିତ୍ଵ । ସେ ଥିଲେ ସମସ୍ତଙ୍କର ଆଦରଣୀୟ "ଭାଇନା" ।

ସେହି ଭାଇନା ହିଁ ମହାପ୍ରସାଦ ନର୍ବନ୍ଧ କରି ସିଲୁଙ୍କୁ ମୁଦି ପିନ୍ଧାଇ ପ୍ରବୋଧଙ୍କ ସହ ତାଙ୍କ ବିବାହ ନଧାର୍ଯ୍ୟ କରିଥିଲେ । ପ୍ରବୋଧଙ୍କୁ ବିବାହ କରିଥିଲେ ହେଁ ସିଲୁଙ୍କ ପାଇଁ ଭାଇନା ଥିଲେ ସାକ୍ଷାତ ଜଗନ୍ନାଥ ।

ବିବାହର କଛି ବର୍ଷ ପରେ ସିଲୁ ବି.ଏଡ୍ କରି ଶିକ୍ଷୟତ୍ରୀ ଜୀବନ ଆରମ୍ଭ କରିଥିଲେ । ବଲାଙ୍ଗିରରେ ଚାକରୀ ଜୀବନ ଅୟରମ୍ଭରେ ଥିବା ବେଳେ ପ୍ରବୋଧ ସେଠାକାର ସ୍ଥାୟୀ ବାସିନ୍ଦା ହେଇଯାଇଥିଲେ । କୋଳକୁ ଆସିଥିଲେ ପୁଅ ଶୁଭମ୍ ଓ ଝିଅ ନମିତା । ସାଂସାରିକ ଜୀବନରେ ଭଲ, ମନ୍ଦ, ବିପୃତ୍ତି, ଆପତ୍ତି ସବୁଥିରେ ଭାଇନା ଥିଲେ ତାଙ୍କ ପରିବାରର ପଥପ୍ରଦର୍ଶକ ତଥା ମୂରବୀ ।

ଭୋର ଚାରିଟାରୁ ଉଠି ପ୍ରାର୍ଥନା, ପ୍ରାଣାୟାମ କରିବା ସହ ଘରର ବୋଲକରା କାହ୍ନୁ କୁ ଧରି ସକାଳ ଓଳ ସଉଦା ପରିବାପତ୍ର କରୁଥିଲେ । ଦିନଯାକ କାମ ନଥିଲେ ହାଫ ପ୍ୟାଣ୍ଟିଏ ଆଉ ଗେଞ୍ଜି ଖଣ୍ଡିଏ ଗଳାଇ ତେଉଁଥିଲେ । ମୁହଁଟି ଥିଲା ନଷ୍ପାପ, ସରଳ । କାର୍ତ୍ତିକ ମାସରେ ବରାଦ ମୁତାବକ କାମବାଲୀ ସେବ ଯୋଗାଇ ଦେଉଥିବା ନିଫଳା ପାଣିରେ ଗାଧଉଥିଲେ । ଘରେ ପାଦ ଦେବା ପରଠାରୁ ସିଲୁ କେବେ ବଡଭଉଣୀ, କେତେବେଳେ ପୁଣି ଭାଇନାଙ୍କର ମାଆ ତ ଆଉ କେଉଁ ସମୟରେ ଦୁହେଁ ଘନଷ୍ଠ ବନ୍ଧୁ ପାଲଟି ଯାଉଥିଲେ । ପ୍ରତିଦିନ ସେ

ଭାଇନାଙ୍କର ନୂଆ ଏକ ଦିଗ ଦେଖିବାକୁ ପାଉଥିଲେ । ଦୈହିକ ଆକାରରେ ସେ ଏପରି ଥିଲେ ଯାହାକି ପ୍ରାରବ୍ଧ ତଥା କୃତକର୍ମର ରୂପାୟନ ହିଁ ଥିଲା । ଏହି ବିଷୟରେ ଭାଇନା ସିଲୁଙ୍କୁ ବେଶ ଭଲ ଭାବରେ ବୁଝାଇ ଦେଉଥିଲେ ।

ଅଧିକାଂଶ ସମୟରେ ପ୍ରବୋଧ, ଗୁକରୀ ଗୁପରେ ଓଡିଶା ବାହାରେ ରହୁଥିଲେ । ଦୁଇ ପିଲାଙ୍କୁ ଧରି ସିଲୁ ଭାଇନାଙ୍କ ସହ ବଲାଙ୍ଗୀରରେ ଭଡା ଘରେ ରହୁଥିଲେ । କାମବାଲୀ "ସେବ" ସାହାଯ୍ୟରେ ଭାଇନା ପିଲା ଦୁହିଁଙ୍କୁ ସମ୍ଭାଳୁଥିଲେ । ସିଲୁ ଶିକ୍ଷୟିତ୍ରୀ ଜୀବନ ମଧ୍ୟ ଜୀଉଁଥିଲେ । ଭାଇନାଙ୍କ ଦେଖାରେଖାରେ ବଲାଙ୍ଗୀରର ତିନ ମହଲା ଘର ମଧ୍ୟ ତିଆରି ହୋଇଗଲା । ଭାଇନା ନଜେ କଛି କରୁ ନଥିଲେ କନ୍ତୁ ତାଙ୍କ ଆଦେଶ, ତାଙ୍କ ତତ୍ତ୍ୱାବଧାନରେ ସବୁ କଛି ହେଉଥିଲା । ବେଳେବେଳେ ସିଲୁ ଭାବନ୍ତି ହୁଏତ ଭାଇନାଙ୍କ ସହତାଙ୍କର ଜନ୍ମଜନ୍ମାନ୍ତରର ଋଣାନୁବନ୍ଧନ ଥିଲା ।

କେତେବେଳେ ସିଲୁ ମାଆଟିଏ ହେଇ ଭାଇନାଙ୍କୁ ନଜ ପାଖରେ ଶୁଆଇ ଦିଅନ୍ତି ତ କେବେ ସାଙ୍ଗଟିଏ ହେଇ ଏକାଠି ଖାଆନ୍ତି, ବୁଲି ଯାଆନ୍ତି । ବଜାର ଯାଇଥିଲାବେଳେ ଭାଇନା କଣିଆଣନ୍ତି ସିଲୁଙ୍କ ପାଇଁ ନୂଆଶାଢୀ । ସିଲୁ ପଗ୍ଭରନ୍ତି, ଏତେ ତ ଲୁଗାପଟା ଅଛି, ପୁଣି କାହିଁକି ଆଣୁଥିଲ । ଭାଇନା ହସିହସି କୁହନ୍ତି, ଏବେ ପରା ତୋ ଜନ୍ମଦିନ ଆସୁଛି । କେବେ ପୁଣି ସିଲୁ ସ୍କୁଲରୁ ଆସି ଦେଖନ୍ତି ବେତାଏ ଦୁଇ ବେତାଏ ମେହୁଆ (ଆତ) ଥୁଆ ହେଇଛି । ସିଲୁ ବୁଝିପାରନ୍ତି ତାଙ୍କୁ ଭଲଲାଗେ ବୋଲି ଭାଇନା ହାଟରୁ ଆତ ଗୁଡାକ କଣେଇ ଆଣିଛନ୍ତି । ଥରେଥରେ ଭାଇନାଙ୍କୁ ପଗ୍ଭରିବାରେ ସିଲୁ ଯେଉଁ ଉତ୍ତର ପାଆନ୍ତିସେଥିରେ ତାଙ୍କର ଅଟକ ଅଟକ ଗ୍ଭଲୁଥିବା ମନ ପୁଣି ଥରେ ଶକ୍ତି ପାଇ ଦଉଡିବାକୁ ଆରମ୍ଭ କରେ । ମନେପଡେ ସେ ଥରେ ପଗ୍ଭରିବାରୁ ଭାଇନା ବୁଝାଇଥିଲେ ଆମେ ଠାକୁରଙ୍କୁ ମୁଣ୍ଡିଆ ମାରୁ ଆମ ପାଖରେ ଠିଆ ହେବାପାଇଁ ଆମ ମୁଣ୍ଡ ଉପରେ ହାତ ରଖିବାକୁ ପ୍ରାର୍ଥନା କରୁ । କନ୍ତୁ ଥରେ ଯଦି ଆମେ ଆଖି ବନ୍ଦ କରି ଭାବିବା ସେ ଆମ ପାଖରେ ଠିଆ ହେଇଛନ୍ତି, ଆଉ କେହି ଆମ ପାଖରେ ଠିଆ ହେବା ଆବଶ୍ୟକ ନାହିଁ ।

ଇଲେକଟ୍ରିକ ବିଲ ଠାରୁ ଟେଲିଫୋନ୍ ବିଲ୍ ପାଇଁ ପଇସା ଦେବା ଦାୟିତ୍ୱ ସିଲୁଙ୍କର ଥିଲା । ସେଥିପାଇଁ ଦିନେ ଅଧେ ଡେରିରେ ଫେରିଲେ । ଭାଇନା କଣ କରୁଛ ବୋଲି ପାଟି କରି ଦେଲେ । ଭାଇନା ଉତ୍ତର ଦିଅନ୍ତି, ଅଇଲୁ ଭଲ କଲୁ, ଧୁଆଧୋଇ ହେଇ ଆଗ କଣ ଟିକଏ ପାଟିରେ ପକା ।

ଭାଇନା, ତମେ ଏତେ ଶକ୍ତି ଆଣ କେଉଁଠାରୁ । ବିଝିଲୁ ସିଲୁ, ଦୁଇଟି କଥାରୁ ମୋତେ ଶକ୍ତି ମିଳେ । ପ୍ରଥମତଃ ମଣିଷର ଗୋଟିଏ ଇଚ୍ଛା ପୂରଣ ହୋଇଗଲେ ଆଉ ଏକ ଇଚ୍ଛା ତା ସ୍ଥାନ ଅଧିକାର କରିନଏ । କନ୍ତୁ ଇଚ୍ଛା ହିଁ ନ ଥିଲେ ମଣିଷ ଖୁସି ରହେ । ତେଣୁ ଯାହା କଛି ଅଛି ମୁଁ ସେଥିରେ ବେଶ ଖୁସି । ସେଥିରୁ ମୋତେ ଶକ୍ତି ମିଳେ । ଆଉ ଦ୍ୱିତୀୟରେ ମୁଁ ଆନନ୍ଦ ଖୋଜେନ । ଯେଉଁ କାମ କରେ, ଯାହା ମୋତେ ମିଳୁଛି, ମିଳଛି ସେଥିରେ ମୁଁ ଖୁସିରେ ରୁହେ, ଆନନ୍ଦରେ ରୁହେ ।

ସିଲୁ ଭାଇନାଙ୍କ କଥାରେ ବିହ୍ୱଳତ ହୁଅନ୍ତି । ପ୍ରଭାବିତ ହୁଅନ୍ତି । ଏପରି ତାତ୍ତ୍ୱିକ କଥା ଶୁଣିବା ବେଳେ ସିଲୁ ଦିନକୁ  ଦିନ ଭାବି ହୁଅନ୍ତି ତାଙ୍କ ନଜର ପ୍ରାରବ୍ଧର ସଫଳ ରୂପାୟନ ହେଲା ଭାଇନାଙ୍କ ସଂସର୍ଗ । ଆହୁରି ଅଧିକରୁ ଅଧିକ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ହୁଅନ୍ତି ।

ଦିନେ ଦିନେ ପଗ୍ଚରନ୍ତି, ଭାଇନା ଆପଣ ନଜେ ନଜ ଚେହେରାକୁ ନେଇ କେବେ ମନ ଖରାପ କରନ୍ତିନ**?**

ବୁଝିଲୁ ସିଲୁ, ଇଶ୍ୱର ଯେତିକ ଦେଇଛନ୍ତି ସେତିକ ମୋର ପ୍ରାପ୍ୟ । ଏଇଟା ଯେଉଁଦିନ ବୁଝିଗଲି, ସେହିଦିନଠାରୁ ଆଉ ମନ ଖରାପ କରିନ । ବୋଉ ପିଲାଦିନେ ବୁଝେଇ ଦେଇଥିଲା, ମୁଁ କାଳେ ଜଗନ୍ନାଥ । ହାତ ଗୋଡ ନଥାଇ ଜଗନ୍ନାଥ ଯଦି ମନ୍ଦିରରେ ବସି ସାରା ସଂସାରକୁ ଚଳାଉଛନ୍ତି, ତାହେଲେ ତୋର ତ ଆକାରରେ ଛୋଟ ହେଲେବି  ଗୋଡ ହାତ ଅଛି, ତୁ କଣ ନଜକୁ ନଜେ ଚଳାଇ ପାରିବୁନ । ଏତିକ ବୋଉର କଥା ମୋ ମନରେ ସାହସ ଭରିଦେଲା । ମୁଁ, ଯେମିତି ଈଶ୍ୱରଙ୍କର ଏକଅନନ୍ୟ ସୃଷ୍ଟି । ମୋ ଶାରୀରିକ ଦୁର୍ବଳତାକୁ ମୋ ମାନସିକ ସବଳତାରେ ପରିବର୍ତ୍ତିତ କରିବାକୁ ଆଜି ପର୍ଯ୍ୟନ୍ତ ଚେଷ୍ଟା କରିଛି । ମୋ ମତରେ ମଣିଷର ଇଚ୍ଛା ଠାରୁ କାମନା ଠାରୁ ଇଶ୍ୱରଙ୍କ ଯୋଜନା ବେଶି ସୁନ୍ଦର ଓ ମହତ ।

କାର୍ତ୍ତିକ ମାସରେ ଆମିଷ ଖିଆ ହୁଏନ । ଛାଡଖାଇରେ ମାଛ ଭଜୁଭଜୁ ଭାଇନା ଚୁପଗ୍ଚୁପ୍ ପଛପଟରୁ ଆସି ଥାଳଆରେ ଲୁଗ୍ଚଇ ଭଜା ମାଛ ଧରି ଛାତ ଉପରକୁ ଗ୍ଚଲି ଯାଆନ୍ତି । ଭାଇନା କୁଆଡେ ଗଲ ।ଉତ୍ତର ନମିଳଲେ ଖୋଜିଲାବେଳକୁ ଛାତ ଉପରେ ପାଣିଟାଙ୍କି ପଛରେ ବସି ମାଛଭଜା ଖାଉଥାନ୍ତି । ଜନ୍ମ କଲା ମାଆ ପରି କାନ ଧରି ଉଠେଇ ଆଣନ୍ତି ସିଲୁ । କହନ୍ତି, ଭାଇନା ଏ କଣ ତୁମକୁ ଆଇଁଷ ପସନ୍ଦ ବୋଲି ମାଛ ଆଣି ଭାଜି ତୁମକୁ ଡାକୁଛି । ତୁମେ ଇଆଡେ ଲୁଗ୍ଚଇ ଲୁଗ୍ଚଇ ଆଣି ଖାଉଛ । କାନ ଯେ କରିବି ଏତିକ କହି

ଗୋଟିଏ ହାତରେ ଭାଇନାଙ୍କୁ କାଖେଇ ଅନ୍ୟ ହାତରେ ମାଛ ଥାଳ ଧରି ସିଲୁ ଧୀରେ ଧୀରେ ଛାତରୁ ତଳକୁ ଓହ୍ଲାନ୍ତି । ଭାଇନା କେତେବେଳେ ଯେ ତାଙ୍କ ପାଇଁ "ଆପଣ" ରୁ "ତମେ" ରେ ପହଞ୍ଚିଯାଇଥିଲେ ତାହା ସେ ଜାଣି ନଥିଲେ । ଆକଟ କଲାବେଳେ ମା, ଯାନଯାତ୍ରା ସମୟରେ ବନ୍ଧୁ ଏବଂ ପାରିବାରିକ ଜୀବନରେ ବଡବା ସାନଭଉଣୀ ପାଲଟି ଯାଉଥିଲେ ସିଲୁ ।

ପୁଅ ଶୁଭ ଝିଅ ନମି ଛୁଟିରେ ହଷ୍ଟେଲରୁ ଆସିଲାବେଳେ ବଡପାପା, ମାନେ ଭାଇନାଙ୍କ ପାଖ ଛାଡନ୍ତିନି । ଫେରିଯିବା ଦିନ ଗାଡିରେ ବସିବା ବେଳକୁ ଭାଇନା ଦୁହିଁଙ୍କ ହାତରେ କଛି ଟଙ୍କା ଧରେଇଦେଇ ଚୁପଚୁପ୍ କରି କୁହନ୍ତି, ମମ୍ମିକୁ କଛି କହିବନି । ଝିଅ ଅମିଠାରୁ ଶୁଣି ସିଲୁ ଦଉଡି ଆସି ବଡଭଉଣୀ ପରି ଆକଟ କରି କହନ୍ତି, ଭାଇନା ତୁମେ ପିଲାଗୁଡିଙ୍କୁ ବିଗାଡି ଦେଉଛ ।

ପିଲାମାନେ ବଡ ହେଇ ଯିଏ ଯାହାର ଗ୍ଚକରୀ ବାକରୀ କରି ଘର ସଂସାର କଲେ । ସବୁଥିରେ ପ୍ରବୋଧ ଗୌଣ ଭୂମିକା ନର୍ବାହ କଲାବେଳେ ଭାଇନା ଘରର ମୁଖିଆ ଥିଲେ । ପିଲେ ଓ ପ୍ରବୋଧ ଯିଏ ଯାହା ସ୍ଥାନକୁ ଗ୍ଲିଯିବା ପରେ ସିଲୁଙ୍କୁ ଏତେ ବିରାଟ ଘରର ଶୂନ୍ୟତା ତାଙ୍କୁ ଖାଇ ଗୋଡାଏ । ମାଡି ମାଡି ପଡେ । ଖରାଛୁଟିରେ ସ୍କୁଲ ମଧ ଛୁଟି । ସିଲୁ ହତାଶ ହେଇଯାଆନ୍ତି । ହଠାତ୍ ସନ୍ଧ୍ୟାବେଳକୁ ତାଙ୍କ ମନ ବୁଝିବା ପରି ରିକ୍ସା ଡକାଇ ବସିପଡି ଭାଇନା ଡାକ ପକାନ୍ତି, ସିଲୁ ଆସେ ମେଲଣ ପଡିଆ ଯିବା । ବଡ ମେଳା ପଡିଛି । ଦୁଇ ସାଙ୍ଗଭାଇନା ଓ ସିଲୁ ସନ୍ଧ୍ୟାବେଳଠାରୁ ବୁଲିବାଲି ଗ୍ଚାଟ୍, ଗୁପଚୁପ୍ ଖାଇ ଘରକୁ ଫେରନ୍ତି ।

ସିଲୁ ମନେମନେ ଭାବନ୍ତି ପ୍ରବୋଧ ତାଙ୍କ ସ୍ୱାମୀ ତାଙ୍କୁ ଯେତିକବୁଝି ନପାରନ୍ତି, ଭାଇନା ତାଙ୍କଠାରୁ ଅଧିକ ତାଙ୍କୁ ବୁଝି ନଅନ୍ତି । ବେଳେବେଳେ ଭାଇନା ସିଲୁଙ୍କର ବନ୍ଧୁ, ସଖା, ସହୋଦର ହେଇଯାଆନ୍ତି ତ କେତେବେଳେ ସିଲୁ ଭାଇନାଙ୍କର ଜନନୀ, ଭଗିନୀ ପାଲଟିଯାଆନ୍ତି । ଆହୁରି କେବେ ସିଲୁ ପ୍ରବଚକ ଭାଇନାଙ୍କର ହୁଅନ୍ତି ପଟ୍ଟଶିଷ୍ୟା ଯେବେ ସେ ଶୁଣନ୍ତି ଅଦ୍ୱୈତଶାସ୍ତ୍ର, ଦର୍ଶନ, ଆଧ୍ୟାତ୍ମବାଦର ସଜ୍ଞାତ୍ମକ ବିଶ୍ଳେଷଣ । ଭାଇନା କହିଗ୍ଲନ୍ତି ଅନର୍ଗଳ, ସିଲୁ ଶୁଣୁଥାନ୍ତି ଅନବରତ । ଯେକୌଣସି କର୍ମ କରୁଛ ତାହା ହିଁ ଈଶ୍ୱର ଅଭିପ୍ରେତ, ତାହାହିଁ ହେବାର ଅଛି । ଯାହା ଘଟି ଯାଇଛି ତାହା କେବଳ ଘଟିବାର ଥିଲା । ତେଣୁ ସମସ୍ତ କର୍ମକୁ ଯଜ୍ଞ ଭାବରେ ଈଶ୍ୱରଙ୍କୁ ସମର୍ପଣ କର । ଈଶ୍ୱର ତୁମର ହେବା

ବଦଳରେ ତୁମେ ଈଶ୍ୱରଙ୍କର ହେଇଯିବ । ଜନ୍ମ ହେଇଛେ ତ ମୃତ୍ୟୁ ନିଶ୍ଚିତ । ସୂର୍ଯ୍ୟ ପ୍ରତିଦିନ ଅସ୍ତ ଗଲେ ମଧ୍ୟ ତହିଁ ଆରଦିନ ଉଦୟ ହୁଏ । ସେହିପରି ପ୍ରତିଦିନ ନିତ୍ୟ ନୂତନ ଉନ୍ମାଦନାରେ ଜୀବନକୁ ଭରିଦିଏ । ସ୍ୱୟଂ ସହଜ, ସରଳ ହେଇଯାଅ । ଜୀବନ ସରଳ ହୋଇ ନପାରେ । କିନ୍ତୁ ଜୀବନର ଜଟିଳତାକୁ ନିଜ ସହଜ ପଣିଆରେ ଗ୍ରହଣ କରିବା ସରଳ ହୋଇଯିବ । କାହାକୁ ବୁଝିବା, ବୁଝାଇବା ଏବଂ ବଦଳାଇବା ଆବଶ୍ୟକ ନାହିଁ । ତୁମେ ସ୍ୱୟଂ ବୁଝିଯାଅ । ବଦଳିଯାଅ । ସମସ୍ତଙ୍କୁ ବୁଝିବା ଅତି ସହଜ ହେଇଯିବ ।

ଭାଇନା ପୁଣି କୁହନ୍ତି, ବୁଝିଲୁ ସିଲୁ, ଆମକୁ ଭଲ ଲାଗିବା ଜିନିଷ, କର୍ମ ପ୍ରତି ଆସକ୍ତ ନ ହୋଇ ଆମକୁ ଭଲ ନଲାଗିବା କର୍ମ, ଜିନିଷ ପ୍ରତି ଘୃଣା ମଧ୍ୟ କରିବା ଉଚିତ ନୁହେଁ । ଯେଉଁ ବ୍ୟକ୍ତି ଆମକୁ ଦୁର୍ବ୍ୟବହାର କରୁଛି ତାକୁ ଘୃଣା କରିବା ପରିବର୍ତ୍ତେ ସେ ଆମର ମନ ଓ ଆତ୍ମାର ପବିତ୍ରତାକୁ ଶୁଦ୍ଧ କରିବା ଦିଗରେ ଆମକୁ କେତେ ଯେ ସାହାଯ୍ୟ କରୁଛି ସେଥିପାଇଁ ସେହି ବ୍ୟକ୍ତି ପ୍ରତି ମାନସିକ କୃତଜ୍ଞତା ଜ୍ଞାପନ କରିବା ବିଧେୟ ।

ମାଉସୀଙ୍କ ଡାକରେ ସିଲୁ ବର୍ତ୍ତମାନକୁ ଲେଉଟି ଆସିଲେ । ଆମ୍ବୁଲାନ୍ସ ଆସି ଯାଇଥିଲା । ବଲାଙ୍ଗିର ସହରର ସତୀର୍ଥ କଲୋନୀ ଲୋକଗହଳରେ ପରିପୂର୍ଣ୍ଣଥିଲା । ରାମନାମ ସତ୍ୟହେ ଧ୍ୱନୀରେ ତାଳେତାଳେ ସିଲୁ ଯନ୍ତ୍ରବତ୍ ଯାଇ ସମସ୍ତଙ୍କ ପ୍ରତିରୋଧ ସତ୍ତ୍ୱେ ଭାଇନାଙ୍କ ଶବ ପାଖରେ ବସିଲେ ।

ଗାଡି ଚାଲିଥିଲା ଗାଁକୁ । ସିଲୁ ବୋହିଯାଉଥିବା ଲୁହଧାରକୁ ବାଁ ହାତରେ ପୋଛୁପୋଛୁ ମନେ ପକାଉଥିଲେ ଆଠଦିନ ତଳେ ଗାଧୁଆଘରେ ଗୋଡ ଖସିଗଲା । ବୟସ ତେସ୍ତରି ହୋଇଥିଲା । ଗତକାଲି ଡାକ୍ତରଖାନାରୁ ଡାକ୍ତର ଫେରାଇଦେଲେ । କହିଲେ ଆମର ଆଉ କିଛି କରିବାର ନାହିଁ । ଘରକୁ ନେଇଯାଅ । ସିଲୁ କଣ କରିବେ ନକରିବେ ହେଇ ପ୍ରବୋଧଙ୍କୁ ଖବର ଦେଇଥିଲେ । ପ୍ରବୋଧ ଆସୁଥିଲେ ବଲାଙ୍ଗୀର ବଦଳରେ ଗାଁକୁ ।

ଗାଁ ପାଖାପାଖି ପହଞ୍ଚିଲା ବେଳକୁ ଆଖପାଖ ଖଣ୍ଡମଣ୍ଡଳର ହଜାର ହଜାର ଲୋକରୁଣ୍ଡ ହୋଇଥିଲେ । ସତେ ଯେମିତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା । ଗାଡି ରହିଲା ମାତ୍ରକେ ଭାଇନାଙ୍କ ଶରୀରକୁ ଶୋଭାଯାତ୍ରାରେ ନେଇଯାଇଥିଲେ । ପହଞ୍ଚି ଯାଇଥିଲେ ଝିଅ, ଜ୍ୱାଇଁ, ପୁଅ, ବୋହୂ, ପ୍ରବୋଧ । ସମସ୍ତେ ଚାଲିଥିଲେ ଭାଇନାଙ୍କ ଶବ ସହ ।

ପଛରେ ରହି ଯାଇଥିଲେ ସିଲୁ । କାହାରି ହେଜ ହିଁ ନଥିଲା । କାନରେ ବାଜୁଥିଲା କିଏ କହୁଥିଲା ଭାଇନାଙ୍କ ଯୋଗୁଁ ମୋ ପୁଅର ଜୀବନ ବଞ୍ଚିଗଲା । କିଏ ପୁଣି ଶୁଣାଉଥିଲା, ମୋ

ଝିଅ, ଭାଇନା ନଥିଲେ ଅଭିଆଡୀ ରହିଥାନ୍ତା । ଶୁଣୁଥିଲେ ସିଲୁ, କହୁଥିଲେ ଲୋକେ । ଭାଇନା ଥିଲେ ବୋଲି ମୋର ଲକ୍ଷ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ଶୁଝା ହେଇ ପାରିଲା । ତାଙ୍କ ଯୋଗୁଁ ଆମେ ପାଠ ପଢି ପାରିଲୁ । ଗୁରୁଗମ୍ଭୀର ସ୍ୱର ଗାଁ ମଣ୍ଡପରେ ରଖା ହେଇଥିବା ଭାଇନାଙ୍କ ସବାଧାର ପାଖରୁ ଭାସି ଆସୁଥିଲା । ଜିଲ୍ଲାପାଳ କହୁଥିଲେ, ମୋ ପରି ଅନାଥ କେବଳ ଭାଇନାଙ୍କ ପରି ବଦାନ୍ୟ ତଥା ମହାନ ବ୍ୟକ୍ତିଙ୍କ ପାଇଁ ଏ ପଦରେ ଆସୀନ ହୋଇପାରିଛି । ଗାଁ ବାଳକା ସ୍କୁଲ ଓ କଲେଜ ର ନାଁ ସୁବୋଧ ବାଳକା ବିଦ୍ୟାଳୟ ଓ ଭାଇନା ମହାବିଦ୍ୟାଳୟରେ ନୂତନ ଭାବରେ ନାମିତ ହେଇଥିଲା ।

ଶେଷ ହେଇଥିଲା ଶୁଦ୍ଧିକ୍ରିୟା । ବିଗତ ବହୁବର୍ଷ ଧରି ଏପରି ଶ୍ରାଦ୍ଧ ପଂକ୍ତି କେହି ନଥିଲେ । ହଜାର ହଜାର ଲୋକ ଭୋଜନ ପଙ୍ଗତରେ ବସିଥିଲେ । ଭାଇନାଙ୍କର ଗୁଣଗାନର ଅନ୍ତଃ ନଥିଲା ।

ଏକାଦଶାହ ଦିନ ଭାଇନା ଦେଇଯାଇଥିବା ଅନ୍ତିମ ଇଚ୍ଛାପତ୍ରରେ ଲେଖିଥିବା ଇଚ୍ଛା ଗୁଡି କସର୍ବସାଧାରଣରେ ପଢିବା ପାଇଁ ଅନୁରୋଧ କରିଥିଲେ – "ମୋ ଶୁଦ୍ଧିକ୍ରିୟା ତଥା ପଂକ୍ତିଭୋଜନର ସମସ୍ତ ଖର୍ଚ୍ଚ ମୋ ଆକାଉଣ୍ଟରେ ଥିବା ଅର୍ଥରୁ ଖର୍ଚ୍ଚ ହେବ ।

ମୋ ଭାଗରେ ଥିବା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ର ଅର୍ଦ୍ଧେକ ମୋ ସାନଭାଇ ପ୍ରବୋଧର କନ୍ୟା ଓ ପୁତ୍ରଙ୍କ ମଧ୍ୟରେ ବଣ୍ଟନ ହେବ । ଅବଶିଷ୍ଟ ଅର୍ଦ୍ଧେକ ଏ ଗାଁରେ ଏକ ଉନ୍ନତ ମାନର ଦାତବ୍ୟ ଚକିତ୍ସାଳୟ ପ୍ରତିଷ୍ଠା ତଥା ପରିଚାଳନା ଦିଗରେ ଦାନ କରିଯାଉଛି । ଏ ଦାୟିତ୍ୱର ତତ୍ତ୍ୱାବଧାରିକା ରହିବେ ସିଲୁ, ଯିଏ କ ମୋ ଅନ୍ତିମ ନିଃଶ୍ୱାସ ଯାଏଁ ମୋର ଜନନୀ, ଭଗିନୀ, ବାନ୍ଧବୀ ରୂପେ ନିଜର ସ୍ନେହ, ମମତାର ଅନନ୍ତ ନିରନ୍ତର ସ୍ରୋତ ଓ ପରି ଅକଞ୍ଚନ ପାଇଁ ବୁହାଇଛନ୍ତି" ।

ଭାଇନା ତ ନଥିଲେ । ମନେପଡୁଥିଲା ଥରେହାତ ଯୋଡି ଘର ଠାକୁରଙ୍କ ପାଖରେ ଠିଆ ହୋଇଥିଲାବେଳେ ସିଲୁ ପୂଜା ସାରି ପଚାରିଲେ, ଭାଇନା କଣ ମାଗୁଛ ଠାକୁରଙ୍କୁ । ଉତ୍ତର ଥିଲା, କଣ ମାଗିବି ତୋ ପରିବାର, ମୋ ପରିବାରର ମଙ୍ଗଳ କାମନା କରୁଛି ।

ସିଲୁଙ୍କ ପାଟିରୁ ବାହାରୁଥିଲା – "ହେ ପ୍ରଭୁ ଶ୍ରୀ ଜଗନ୍ନାଥ" ।

C/o -ପ୍ରଫେସର ଶ୍ରୀନିବାସ ପାଠୀ,
ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ଆଇଜଲ, ମିଜୋରାମ

# ପାପ ପୁଣ୍ୟ



ତ୍ରିପତି ପ୍ରଧାନ

କୁହ ମହାବାହୁ କେଉଁ ପାପ ଏହୁ
ରଚଲ କରୋନା ଭୟ
କେଉଁ ପୁଣ୍ୟ ବଳେ ତଡିହେବ ଭଲେ
ସ୍ୱପ୍ନେ କୁହ ଦୟାମୟ (୧)
ଯଦୁ ବଂଶ ନାଶ କକୁଆ ଆଭ୍ସ
ଭିଆଇ ଥିଲ ଦ୍ୱାପରେ
ମାତା ଗାନ୍ଧାରୀର ଅଭିଶାପ ଫଳ
ଶୋଇଲ ଲତାକୁଞ୍ଜରେ (୨)
ଲୁଟିବା ଟି ପାପ ଦାନ ଟି ଧରମ
ଏକଥା ଟି ଯଦି କହୁ
ଗୋପୀ ବସ୍ତ୍ର ନେଇ ପାଞ୍ଚାଳୀକୁ ଦେଇ
ଦୁଃଖହାରି ନାମ ବହୁ (୩)
ଦେବାକୁ ତାରିଲୁ ନେବାକୁ ତାରିଲୁ
ତୋଷିଲୁ ଭକତ ମନ
ପାଦେ ଉଧାରିଲୁ ପାଦେ ଗୃପିଦେଲୁ
ପଦ୍ମନାଭ ପଦ୍ମଶନ (୪)
ଦେଖିଣ ତରନ୍ତି ନ ଦେଖି ତରନ୍ତି
ଜପି ନଜପିଣ ମୁକ୍ତି
ପାପ ଆଉ ପୁଣ୍ୟ ତୋ ନାମେ ସମାନ
ଥିଲେ ତୋର ପାଦେ ଭକ୍ତି (୫)

ସଂସ୍କୃ ତଶିକ୍ଷକ, ଟକଟି

# ଅଳି କରେ ପ୍ରଭୁଙ୍କୁ



ଶରତ ଚନ୍ଦ୍ର ଜାଲି

ଫୁଲଟିଏ ହେବାକୁ
ଅଳି କରେ ପ୍ରଭୁଙ୍କୁ
ବାସ ଦିଅ ମନେ ମୋର
ବିତରିବି ସଭିଙ୍କୁ ।
ଝୁଲୁଥିବି ଡାଳରେ
ଖରା, ବର୍ଷା କାଳରେ
ସଂଜ ସକାଳେ ନାଚବି
ପବନର ତାଳରେ ।
ବଗିଚ୍ଚାରେ ଫୁଟିବି
ସବୁମନ ଲୁଟିବି
ଜନସେବା କରିବାକୁ
ଦିବାନିଶି ଖଟିବି ।
ମୋ କୋମଳ ଦେହରେ
ଡାକବି ମୁଁ ସ୍ନେହରେ
ଆସ ମୋ ପାଖକୁ ଥରେ
ସୁଖ ଦେବି ମୁହଁରେ ।
ଦୁନିଆକୁ କହିବି
ଦୁଃଖକଷ୍ଟେ ରହିବି
ହେବିନାହିଁ ବିଚଳିତ
ସବୁକଛି ସହିବି ।

ଆସୁ ଝଡ ବତାସ
ହେବିନାହିଁ ହତାସ
ହସିହସାଇବି ସଦା
ନହୋଇ ମୁଁ ଉଦାସ ।
ମଉଳିବା ଆଗରୁ
ନାନା ଫୁଲ ସାଙ୍ଗରୁ
ପୂଜିବାକୁ ତୋଳି ନେବ
ଏଇ ଭବ ସାଗରୁ ।
ଧନ୍ୟ ମୁହିଁ ମଣିବି
ପ୍ରଭୁ ଗୁଣ ଭଣିବି
ଛୋଟ ଫୁଲ ସିନା ମୁହିଁ
ସବୁ ହୃଦ ଜିଣିବି ।

ପଥରା, ଖଲିକୋଟ, ଗଂଜାମ

# ମୋ ପିଲାଦିନ



ସତ୍ୟବ୍ରତ ନାୟକ

ତୀବ୍ର ନଈ ଯାଉଅଛି ବହି, ଅଙ୍କାବଙ୍କା ବାଟ ଦେଇ ।
ଶୈଶବ କାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ, କେତେ ବାଧାବିଘ୍ନ ଡେଇଁ ॥
ଶୈଶବ କାଳର ନିଷ୍କପଟ ପ୍ରେମ, ଆଗକୁ ପାଶୋରି ଯାଉ ।
ବାର୍ଦ୍ଧକ୍ୟ କାଳରେ ଅନ୍ତିମ ବେଳରେ, ସେ ପ୍ରେମକୁ ଝୁରୁଥାଉ ॥
ଜୀବନର ସବୁ ପାହାଚ କୁ ଯଦି, ଏକ ଚିହ୍ନ କରାଯାଏ ।
ପିଲାଦିନ ମୋର ସର୍ବଶ୍ରେଷ୍ଠ ବୋଲି, ଅନ୍ତିମ ଉତ୍ତର ପାଏ ॥
ପିଲାଦିନ ଆମ ବାପା ମାଆ ଆଉ, ଭାଇ ଭଉଣୀଙ୍କ ସାଥେ ।
ଭାବ ହେଉ ଅବା ଅଭାବରେ ହେଉ, କେତେ ଯେ ସୁଖରେ ବିତେ ॥
ସୂରୁଜ ଉଠିବା ଅନେକ ଆଗରୁ, ଉଠାନ୍ତି ବାପା ନିଦରୁ ।
ଶଯ୍ୟତ୍ୟାଗ କରି ନିତ୍ୟକ୍ରମ ସାରି, ବସି ପଢାପଢି କରୁ ॥
ପାଠପଢା ସାରି ଜଳଖିଆ କରି, ବିଦ୍ୟାଳୟ ଆମେ ଯାଉ ।
ବିଦ୍ୟାଳୟ ସାରି ସାଙ୍ଗସାଥି ଧରି, ଖେଳିବା ସୁଯୋଗ ପାଉ ॥
ଗୋଧୂଳିର ବେଳ ଆସିଯାଏ ଯେବେ, ଭାସ୍କର ହୁଅଇ ଅସ୍ତ ।
ସନ୍ଧ୍ୟାର ଆଳତି ଜାଳି ସଞ୍ଜବତୀ, ହେଉ ପୁଣି ପଢା ବ୍ୟସ୍ତ ॥
ରାତ୍ରିର ଭୋଜନ ସରିଯିବା ପରେ, ବିଛଣାକୁ ଆମେ ଯାଉ ।
ତା ପରଦିନର କାଉ ରାବିବାକୁ, ଅପେକ୍ଷା କରିବି ଶୋଉ ॥
ଏହିପରି ସବୁ ଦିନଚର୍ଯ୍ୟା ଥିଲା, ପିଲା ଦିନରେ ଆମର ।
ହେଲେ ପିଲାଦିନ ବିତିଯିବା ପରେ, ବୁଝାଯାଏ ମୂଲ୍ୟ ତାର ॥

ମନେପଡେ ଆଜି ସେହି ପିଲାଦିନ, ବାଲି ଗୋଡି ଖେଳକଥା ।
ଆଉକ ଫେରିବ ସେ ଅଭୁଲା ଦିନ, ଭାବି ହୁଏ ମୁଣ୍ଡ ବ୍ୟଥା ॥
ପିଲାଦିନ ପରା ସୁବର୍ଣ୍ଣ ମୁହୂର୍ତ୍ତ, ଆସେ ଜୀବନରେ ଥରେ ।
ଏ ସମୟକୁ ଯେନଷ୍ଟ କରିଦିଏ, ଭାବୁଥାଏ ବସି ପରେ ॥
ପିଲାଦିନର ଏ ଅମୂଲ୍ୟ ମୂଲକୁ, ପିଲାଦିନେ ବୁଝିହେଉ ।
ଜଗନ୍ନାଥଙ୍କର ଆଶୀର୍ବାଦ ନେଇ, ପିଲାଟି ଆଗକୁ ଯାଉ ॥

ସୁଲତାନ୍ ଆଲମ୍ ଗ୍ରେଡ,
ଟଲିଗଞ୍ଜ, କୋଲକତା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢ଼ିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ



ବାସନ୍ତୀ ଲତା ଜେନା

ଓଡ଼ିଆ ସଂସ୍କୃତି ପରମ୍ପରାରେ ବାର ମାସରେ ତେର ପର୍ବ ପାଳନ କରାଯାଏ ଏବଂ ବଳଦେବଙ୍କ ଜନ୍ମକୁ ରାକ୍ଷୀ ପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା, ବା ଗହ୍ମା ପୂର୍ଣ୍ଣିମା ବୋଲି କୁହା ଯାଏ, ଏହା ଏକ ହିନ୍ଦୁ ପର୍ବ ।

ଏହା ଏକ କୃଷି ଭିତିକ ପର୍ବ ହୋଇ ଥିବାରୁ ଗୋରୁ ଗାଇଙ୍କର ଜନ୍ମ ଦିନ ପାଳନ କରାଯାଏ । ଗୋରୁ ଗାଇଙ୍କ ଉପରେ ହଳଦୀ ପାଣି ଛାଟି ବା ଗାଧୋଇ ଚନ୍ଦନ ସିନ୍ଦୂର ଦେଇ ପୂଜା କରା ଯାଏ । ଗାଇ ଶିଙ୍ଗରେ ରାକ୍ଷୀ ବନ୍ଧା ଯାଏ ଓ ପିଠା ଖାଇବାକୁ ଦିଆ ଯାଏ ଏବଂ ଗାଁ ମଝିରେ ଗୋଟିଏ ଷଣ୍ଢର ଚିତ୍ର ଅଙ୍କନ କରି ଏକ ବାଛୁରୀକୁ ତା ଉପରେ ଡ଼ିଆଁ ଯାଏ ।

ବଳଦେବଙ୍କର ଅନ୍ୟ ନାମ ରୋହିଣୀୟ, ପୁରାଣ କହେ ରୋହିଣୀ ନାମକ ଗୋଟିଏ ଗାଇ ଗର୍ଭବତୀ ଥିଲା । ତାର ସନ୍ତାନକୁ ଆଣି ବାସୁଦେବଙ୍କର ପତ୍ନୀ ରୋହିଣୀ ଗର୍ଭରେ ସ୍ଥାପିତ କରାଯାଇ ଥିଲା । ବାସ୍ତବରେ ବଳଦେବଙ୍କ ଜନ୍ମ ଗୋରୁ ଠାରୁ ଆସି ଥିବାରୁ ଗୋମାତା ପୂଜନ କରାଯାଏ ବୋଲି ବ୍ୟାସଦେବ କହି ଥିଲେ ।

ଏହି ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବାନ୍ଧି ସ୍ନେହ ମମତାର ବନ୍ଧନକୁ ସୁଦୃଢ଼ କରି ଥାଏ । ଧୂପ ଦୀପ ଦେଇ ବନ୍ଦାପନା କରେ । ଅରୁଆ ଚାଉଳ ମସ୍ତକରେ ପକାଇ ଭାଇର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ଥାଏ । ଭାଇ ଭଉଣୀକୁ ବିପଦରେ ରକ୍ଷା କରିବ ବୋଲି କଥା ଦେଇ ଥାଏ । ଭଉଣୀର ସମ୍ମାନ ରକ୍ଷା କରିବା ପାଇଁ ଭାଇ କେବେ ପଛ ଘୁଞ୍ଚା ଦେଇ ନ ଥାଏ । ନିଜ ଜୀବନକୁ ତୁଚ୍ଛ କରି, ନିଜ ସୁଖ ସୁବିଧାକୁ ତ୍ୟାଗ କରି ଭଉଣୀକୁ ରକ୍ଷା କରେ ।

ଏହି ଦିନ ବ୍ରାହ୍ମଣ ମାନେ ତାଙ୍କର ଜଜମାନ ଘରେ ମନ୍ତ୍ରା ପଇତା, ରକ୍ଷା ସୂତ୍ର ଓ ପାଦୁକା ନେଇ ଯାଇ ଥାନ୍ତି । ରକ୍ଷା ସୂତ୍ର ବାନ୍ଧି ଆଶୀର୍ବାଦ ଦିଅନ୍ତି । ମନ୍ତ୍ରା ପଇତା ବ୍ରହ୍ମ ରାକ୍ଷସ ଠାରୁ ରକ୍ଷା କରେ ବୋଲି ପ୍ରବାଦ ଅଛି ।

ଗହ୍ମା ପୂର୍ଣିମାରେ ଗହ୍ମା ମୂର୍ତ୍ତି ହୋଇ ଥାଏ । ଗହ୍ମା ଡିଆଁ ହୋଇଥାଏ । ଢିପ ବା କୁଦ ଉପରୁ ତଳକୁ ଡେଇଁଲେ ଅହଙ୍କାର ଲୋପ ପାଏ ବୋଲି କୁହା ଯାଏ ।

ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣ ଶିଶୁପାଳକୁ ଚକ୍ର ପେଶୀ ବଧ କଲାବେଳେ ହାତର ଅଙ୍ଗୁଳ କଟି ରକ୍ତ ବାହାରୁ ଥିଲା । ଦ୍ରୌପଦୀ ନିଜ ଶାଢ଼ୀ ଚିରି ତାଙ୍କ ଅଙ୍ଗୁଳ ପଟି କରି ଥିଲେ । କୃଷ୍ଣ ତାଙ୍କୁ ସଖି ବୋଲି ଡାକୁ ଥିଲେ ସତ କିନ୍ତୁ ତାଙ୍କୁ ଭଉଣୀ ଭଳି ଭଲ ପାଉଥିଲେ । କୁରୁ ସଭାରେ ବିବସନ ହେଲା ବେଳେ ତାଙ୍କୁ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ତାଙ୍କର ସମ୍ମାନ କରିଥିଲେ ।

ଏହି ଦିନ ସ୍ୱର୍ଗର ରଜା ଇନ୍ଦ୍ର ଅସୁର ମାନଙ୍କ ସହିତ ଯୁଦ୍ଧ କରି ଦୁର୍ବଳ ହୋଇ ଯାଇ ଥିଲେ । ବୃହସ୍ପତିଙ୍କ ଆଦେଶରେ ଇନ୍ଦ୍ରାଣୀ ନିଜ ପତି ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବାନ୍ଧି ଶକ୍ତି ପ୍ରଦାନ କରି ଥିଲେ । ତା ପରେ ସେ ପୁଣି ସୁରକୁ ବଧ କରି ଥିଲେ ।

ଆଜିର ଦିନରେ ବାମନ ଅବତାରରେ ଭଗବାନ ବିଷ୍ଣୁ ତ୍ରିପାଦ ଭୂମି ଦାନ ନେଇ ବାଳିକୁ ସାତ ତାଳ ପାତାଳକୁ ଗୁପି ଥିଲେ ଏବଂ ବାଳିର କଥାନୁସରେ ବିଷ୍ଣୁ ତାଙ୍କର ଦ୍ୱାର ପାଳ ହୋଇଥିଲେ । ଛଦ୍ମ ବେଶରେ ବ୍ରାହ୍ମଣୀ ରୂପରେ ମା ଭଗବତୀ ଜଗଦମ୍ବା ଲକ୍ଷ୍ମୀ ଠାକୁରାଣୀ ସେଠାକୁ ଯାଇ ବାଳିକୁ ରାକ୍ଷୀ ବାନ୍ଧି ଥିଲେ ଏବଂ ଉପହାର ସ୍ୱରୂପ ବାଳି ଠାରୁ ନିଜ ପତି ନାରାୟଣଙ୍କୁ ମୁକ୍ତ କରିଥଲେ ।

ଆଜିର ଦିନକୁ ମଧ୍ୟ ଝୁଲଣ ଯାତ୍ରା କୁହାଯାଏ । ଯେତେ ବେଳେ ରାଧା କୃଷ୍ଣ ଦୋଳରେ ବସି ଝୁଲୁଥିଲେ, ସେତେବେଳେ ଗୋପାଙ୍ଗନା ମାନେ କୃଷ୍ଣଙ୍କ ହାତରେ ରକ୍ଷା ସୂତ୍ର ବାନ୍ଧିଥିଲେ । ଏହି ଦିନ ଶ୍ରୀମନ୍ଦିରରେ ମା କାମ୍ପିଲ୍ୟ ବାସିନୀ ସୁଭଦ୍ରା ତାଙ୍କର ଦୁଇ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି । ସୁଦର୍ଶନ ଗ୍ଭରି ଆଶ୍ରମ ବିଜେ କରି ଥାନ୍ତି । ସାରା ଭାରତରେ ଏହି ରାକ୍ଷୀ ପୂର୍ଣିମା ବା ଗହ୍ମା ପୂର୍ଣିମା ଭିନ୍ନ ଭିନ୍ନ ନାମରେ ପାଳିତ ହୋଇ ଥାଏ ।

ଏହି ଦିନ ସମୁଦ୍ର ଦେବତା ବରୁଣ ଦେବଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରନ୍ତି । ଶ୍ରାବଣ ସୋମବାର ଏବଂ ପୂର୍ଣିମା ଦିନ ଶିବଙ୍କ ପାଖରେ ଜଳ ଲାଗି କରା ଯାଇଥାଏ । ଇତିହାସ ସାକ୍ଷୀ ରହିଛି ରକ୍ଷା ବନ୍ଧନର । ଯଦିଓ ଏହା ପଛରେ ରାଜନୈତିକ ଅଭିସନ୍ଧି ରହିଛି, ତେବେ ବି ରାକ୍ଷୀ ବାନ୍ଧି ଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ କେବେ ନିଜ କର୍ତ୍ତବ୍ୟରୁ ହଟିଯାଏ ନାହିଁ । ଭାଇ ଭଉଣୀର ସମ୍ପର୍କକୁ ନେଇ ବହୁ କାବ୍ୟ, କବିତା ଓ ଚଳଚିତ୍ର

ହୋଇଛି । ଇତିହାସ କହେ ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ପୂର୍ବେ ପ୍ରଥମ ଥର ପାଇଁ ପୁରୁଙ୍କ ଠାରୁ ଆଲେକଜାଣ୍ଡାର ପରାସ୍ତ ହୋଇଥିଲେ । ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ପାଖକୁ ରାକ୍ଷୀ ପଠାଇ ଥିଲେ ଏବଂ ପୁରୁ ତାଙ୍କୁ ନିଜ ଭଉଣୀ ଭଳି ଗ୍ରହଣ କରି ଥିଲେ । କବିଙ୍କ ଭାଷାରେ :--

"ଭାଇ ହାତେ ଭଉଣୀର ରକ୍ଷାର ଡୋର
ସ୍ନେହ ପ୍ରେମ ମମତାର ପ୍ରୀତି ସାଗର
ଯୁଗେ ଯୁଗେ ଭାଇ ମୋର ରଖିବ ମାନ
ଭଉଣୀକୁ ହୃଦେ ଦେବ ଟିକଏ ସ୍ଥାନ"

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଶ୍ରଦ୍ଧାଞ୍ଜଳି

ଅଜୟ କୁମାର ମହାନ୍ତି

ସୂର୍ଯ୍ୟ ଡୁବିଗଲେଣି
ପଶ୍ଚିମରେ ଅସ୍ତରାଗ
ଲିଭିଯାଉଥିବା ଆଲୁଅ
ଫୁଟିଆସୁଥିବା ଅନ୍ଧାର
ସମୟର ଏକ ସନ୍ଧିକ୍ଷଣ ।।

ଅସ୍ତରାଗର ଅରୁଣିମା
ବିଦାୟ ବେଳାରେ ସୂର୍ଯ୍ୟ
ସମୀପରେ ଥାଏ ଅନ୍ଧାର
ଆକାଶରେ ଗ୍ଳିଛି ଉତ୍ସବ
ଫିକା ହେଉଥାଏ ନାରଙ୍ଗ ।

ଅନ୍ଧାର ଆସିବା ଆଗରୁ
ତୁମେ ଖୁବ୍ ମନେପଡ
ତୁନା ତୁନା ସକାଳର ସ୍ୱପ୍ନ
ଦରଫୁଟା ଫୁଲର ହସ
ବସନ୍ତର ପ୍ରଥମ ସଙ୍ଗୀତ ।

ଧାର ଧାର ଜଳର ସଙ୍ଗମ
ସ୍ୱପ୍ନମାନଙ୍କ ଏକାନ୍ତ ମିଳନ
କଳ କଳ ଝରଣା ପ୍ରଗଳ୍ଭ
ଘାସ ଲତା ସବୁଜ ସମ୍ଭାର
ଜୀବନର ନବକଳେବର ।।


ସଂଯୋଗରେ ଆସେ ଇନ୍ଦ୍ରଧନୁ
ଆକାଶରେ ରଂଗରେ ବର୍ଣ୍ଣାଳୀ ।
କ୍ଷଣକରେ ଦିଏ ଦୁର୍ଲଭ ଦେବତ୍ୱ ।
ପୁଣି ହୁଏ ସ୍ମୃତି ଓ ସ୍ମରର ସନ୍ତକ
ଜୀବନର ମଧୁର ନିର୍ଯ୍ୟାସ ।।

ଫ୍ଲାସବ୍ୟାକରେ ପୁଣି ଇନ୍ଦ୍ରଧନୁ
ସୁଦୀର୍ଘ ସ୍ମୃତିର ଆରକାଇଭସ୍
ଅପ୍ରମିତ ଘଟଣାର ଖଣି
ଖୋଜିବା ସହଜ ନୁହେଁ
ଫସିଲ କଙ୍କାଳ ମେଳାରେ ।।

ଅସମ୍ପୂର୍ଣ୍ଣ ସମାଧି ତୁମର
ସମୟ ହୋଇଛ ନିଃଶେଷ
ସୂର୍ଯ୍ୟର ଆୟୁଷ ସୀମିତ
ଶ୍ରଦ୍ଧାଞ୍ଜଳି ଅଭିପ୍ରାୟ ମୋର
ଆଞ୍ଜୁଳାଏ ରଜନୀଗନ୍ଧାର ।।

ମହାନଦୀ ବିହାର, କଟକ

# ନୟତି



ଅଜିତ ପାଢ଼ି

ପବନ ଦେଉଛି ପରିବର୍ତ୍ତନ ର ସ୍ୱର
ଦେଉଛି ସ୍ତରେ କରୋନା ପିଡା
ପ୍ରକୃତି ଦେଇଛି ଅଦୃଶ୍ୟ ଢେଉଟି
ଭାଙ୍ଗିଯିବ ତୁମ ହୃଦୟ ବିଡ ।

ସମୁଦ୍ର ଦେଉଛି କରାଳ ଢେଉଟି
ମାଡୁଛି ବନ୍ୟାରେ ମହୀ ପ୍ଳାବିତ,
ଆକାଶ ଦେଉଛି ଅକାଳ ମେଘରେ
କରିଦେବ ସତେ କ୍ଷତ ବିକ୍ଷତ ।

ଶୁଭୁଛି ସତରେ ଯୁଗ ନିର୍ମାଣ ସ୍ୱର
ଶିକ୍ଷିତ ଚାକରୀ ମନେ ଖୋଜୁଛି
ମୁଣ୍ଡ ବୋଝ ମୁଣ୍ଡ ଲଣ୍ଡା ହୋଇଗଲା
କୃଷକ ଆଜି ତ ଦୁଃଖେ କାନ୍ଦୁଛି ।

କୃଷକ ପେଟକୁ ଦାନା ଦେବାପାଇଁ
ରାଜନୀତି ଆଜି କେତେ ଭଣୁଛି
କୋରନା କରାଳେ ବିଜ୍ଞାନୀ ଭାବୁଛି
ପୃଥିବୀ ସତେତ ଭାସି ଯିବକ ?
(ରେ କରୋନା ଅରୂପ ଶକ୍ତି ତୋ ମହିମା)

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

# ମୁଁ ବି କୃଷକ...(ସନେଟ୍)



ଅରୁଣ କୁମାର ମହାନ୍ତି

ଗରବେ କହୁଛି ମୁଁ ଜଣେ କୃଷକ
ମୋ ଦେଶ ଜାତିର ଉଦର ପାଳକ
ଖରା ବରଷା କୁ ନାହିଁ ମୋର ଡର
ସେବା କରୁଛୁ ମୁଁ ଏ ମାଟି ମାଆର

ଦେଶ ଜାତି ପାଇଁ ମୋର ଅବଦାନ
ଭୋକରେ ନ ଶୋଉ ମୋ ଦେଶ ଜନ
ପ୍ରାଣ ଥିବା ଯାଏ କ୍ଷେତରେ ଖଟିବି
ମଟାଳ ମାଟିରେ ସୁନା ଫଳାଇବି...!!

ଅନ୍ନଦାତା ହୋଇ ଭୋକ ମେଣ୍ଟାଇବି
ଦେଶ ଅର୍ଥନୀତି ରେ ସହାୟ ହେବି
ଚଷା ପୁଅ ମୁହିଁ ଗୃଷ ମୋର ଗର୍ବ
ଛୋଟ ବୋଲି କେବେ ହେୟ ନ ମଣିବ..!!

ମୋ ଦେଶ ସୈନକ ମୋ ଦେଶ କୃଷକ
ତୁମ ପାଇଁ ଉଚ୍ଚ ଏ ଜାତିର ଟେକ...!!

ଯାଜପୁର

# ଖୁବ ମନେପଡେ ଆଲମୋଡା

ପ୍ରିୟବ୍ରତ ପାତ୍ର

ସାରା ଭାରତରେ ଉତ୍ତରାଞ୍ଚଳ ହେଉଛି ସବୁଠୁ ସୁନ୍ଦର ରାଜ୍ୟ । ପୌରାଣିକ ଧାର୍ମିକସ୍ଥଳୀ, ଆଧ୍ୟାତ୍ମିକ ସ୍ଥଳୀ ତଥା ଆଧୁନିକ ପୃଥିବୀରେ ପର୍ଯ୍ୟଟନସ୍ଥଳୀ ରୂପେ ଏହା ସାରା ଭାରତରେ ସର୍ବାଗ୍ରେ । ଭାରତକୁ କୌଣସି ଦେବୀଙ୍କ ସହ ତୁଳନା କଲାବେଳେ ଉତ୍ତରାଞ୍ଚଳ ହେଉଛି ଦେବୀଙ୍କ ଆଖିର କଳାଡୋଳା । ଆୟତନରେ ଛୋଟ ହେଲେ ମଧ୍ୟ ଉତ୍ତରାଞ୍ଚଳ ବ୍ୟତିରେକ ଭାରତର କଳ୍ପନା ହାସ୍ୟାସ୍ପଦ । ଉତ୍ତରାଞ୍ଚଳରେ ଦୁଇଟି ଡିଭିଜନ – ଗଡୱାଲ ଓ କୁମାୟୁନ୍ । କୁମାୟୁନର ଜିଲ୍ଲା ସବୁ ହେଲା ନୈନୀତାଲ, ଆଲମୋଡା, ପିଥୋରାଗଡ, ଉଦାମ ସିଂ ନଗର, ଜାଗେଶ୍ୱର ଓ ଚମ୍ପାବତ୍ । ଏହି ସବୁ ଜାଗାର ଦର୍ଶନୀୟ ସ୍ଥାନ ହେଲା ନୈନୀତାଲ୍, ଆଲମୋଡା, ରାମଗଡ, ହଲଦୱାନୀ, କଇଁଚ, କରବେଟ୍ ଜାତୀୟ ଉଦ୍ୟାନ, କଉସାନ, ରାଣୀକ୍ଷେତ୍ ଇତ୍ୟାଦି । ଲକ୍ଷ୍ନୌରୁ କାଠଗୋଦାମ ରେଳରେ ଆସି ୯୦ କ.ମି. ରୋଡରେ ଗଲେ ଆଲ୍ମୋଡା ସହର ପଡେ, ନୈନୀତାଲରୁ ୬୭ କ.ମି. ଦୂରରେ ଆଲମୋଡା ପଡେ । ଦିଲ୍ଲୀରୁ ଗୋଟିଏ ରାତିରେ ବସଯାତ୍ରା କରି ଆଲମୋଡାରେ ପହଞ୍ଚିହୁଏ । ବିଶ୍ୱବିଖ୍ୟାତ ବିନାସନ, ବୈଦନାଥ, କଟରମଲ, ଗଣନାଥ ଓ ଜାଗେଶ୍ୱର ମନ୍ଦିର ସବୁକୁ ଏଠାରୁ ଯାତ୍ରା କରିବାକୁ ପଡିଥାଏ । ରାଣୀକ୍ଷେତ୍, ଶୀତଳକ୍ଷେତ୍, ତାରିକ୍ଷେତ୍, ମାନଲା, ଦ୍ୱାରହାତ ଓ ଦ୍ରୋଣଗିରି ପରି ଆଧୁନିକ ଯୁଗର ଲୋକାଦୃତ ଶୈଳନିବାସ ସବୁ ଆଲ୍ମୋଡା ପାଖପାଖି ରହିଛନ୍ତି ।

ଆଖପାଖ ଅଞ୍ଚଳରେ ଆଲମୋଡା ହେଉଛି ସବୁଠୁ ବଡ ବଜାର । ପର୍ଯ୍ୟଟକମାନେ ସାଲ୍, କମ୍ବଳ ଭଳି ଶୀତବସ୍ତ୍ର ସବୁ ଏଠାରୁ ନିଅନ୍ତି ଏବଂ ଏଠାରେ ମିଠା ଓ ସନ୍ଦେଶର ଖୁବ୍ ଚାହିଦା ଅଛି । ବିଶ୍ରାମ ନେବାପାଇଁ, ଖାସ୍ କରି ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଲୋକେ ଏଠାକୁ ବୁଲି ଆସନ୍ତି । ସହର ମଝିରେ ହରିଣ ପାର୍କଟିଏ ମନୋରଞ୍ଜନ ପାଇଁ ରହିଛି । **“Bright &**

Corner" ନାମକ ଏକ ଫାଙ୍କା ଜାଗାରୁ ଉଭୟ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିହୁଏ । ଘୋଡା ପିଠି ଉପରେ ବଢୁଥିବା ଆସନ ଆକୃତିର ଏହି ସହର ପାଖାପାଖି ୫ କ.ମି. ବ୍ୟାପି କଷାୟ ପର୍ବତ ଉପରେ ଦଣ୍ଡାୟମାନ ରହିଛି । ପାଗ ସଫା ଥିଲେ ସମ୍ମୁଖରେ ବରଫାବୃତ୍ତ ତ୍ରିଶୂଳ ଗିରିଶୃଙ୍ଗ ଦେଖାଯାଏ । ଜିଲ୍ଲା ସଦର ମହକୁମା ଭାବରେ ଆଲମୋଡା ସେହି ଅଞ୍ଚଳର ସାଂସ୍କୃତିକ ବିଭବକୁ ବଜାର ରଖିଛି । ବିଭିନ୍ନ ଲୋକଗୀତ ନାଚ, ନାଟକ ପୂଜା ପାର୍ବଣ ମାଧମରେ ସେସବୁ ପ୍ରଦର୍ଶିତ ହେଉଛି ଏବଂ ପୀଢି ପରେ ପୀଢି ତାହା ସଂରକ୍ଷିତ ହୋଇଚାଲିଛି । କହିବାକୁ ଗଲେ ଏଠାରେ ମଧ୍ୟଯୁଗୀୟ ପ୍ରାଚୀନତା ଅଛି, ଅପହଞ୍ଚ ହିମାଳୟ ଗାଁର ନିରୁତା ରହିଛି, ପୁଣି ବଡ ସହରର ସମସ୍ତ ଫନ୍ଦି ଫିକର, ଅଭିନୟ ଓ ଚାକଚକ୍ୟ ମଧ୍ୟ ରହିଛି । ଏଠି ପଞ୍ଚ ତାରକା ହୋଟେଲରେ ଲୋକେ ରହନ୍ତି । କେଉଁଠି ପୁଣି ଫଟା ପଲିଥିନ୍ ପୁଳାଏ ଘେରା ହୋଇଥିବା ଜାଗାଟିକୁ କଛି ଲୋକ ଘର ବୋଲି ଆବୋରି ବସିଥିବା, ନଆଁ ପୁଇଁ ହେବା ଦେଖାଯାଏ । ଏଠାରେ ଲକ୍ଷ ଲକ୍ଷା ଟଙ୍କା ଖର୍ଚ୍ଚ କରି ଆବାସିକ ସ୍କୁଲ ସବୁରେ ପଢୁଥିବା ଧନୀ ପିଲାଙ୍କୁ ଦେଖିବେ, ପୁଣି ବନ୍ଦ ଫାଟକ ସାମ୍ନାରେ କଛି ଜଙ୍ଗଲୀ କୋଳ ବିକବାକୁ ବସିଥିବା କୁମାୟୁନୀ ପିଲାଙ୍କୁ ଦେଖିବେ । ଭାରତରେ ଉପଲବ୍ଧ ସବୁଠୁ ଦାମୀ କାରରେ ବସି ସୁଖ ଲୁଟିବା ପାଇଁ ଧସେଇ ଆସୁଥିବା ମହାନଗରୀ ବାସୀଙ୍କୁ ଦେଖିବେ । ପୁଣି ଅଦୂରରେ ଅଧା କପ୍ ଚା ସୋଉକୁ ଥିବାବେଳେ ସଂସାର ଯାକର ସୁଖ ପାଉଥିବା ବୋଝବୁହା କୁଲିଙ୍କୁ ଭେଟିବେ । ବଡ ଅଦ୍ଭୁତ ଭାବରେ ଏଠାରେ ସବୁ ସ୍ତରର ଲୋକ ସଙ୍ଗତିପୂର୍ଣ୍ଣ ଭାବେ ଦେଖିବାକୁ ମିଳନ୍ତି । ନୈନୀତାଲ ପରି ଏହା ଖାସ କରି ଧନ ଓ ଯୌବନର ସହର ନୁହେଁ ।

ଆମେ ଦୁଇଜଣ ଆଗେଇ ଚାଲିଲୁ ବଜାର ମଧ୍ୟସ୍ଥ ରଘୁନାଥ ମନ୍ଦିର ପାଖକୁ । ଉଦ୍ଦେଶ୍ୟ ଥିଲା ମନ୍ଦିର ନିକଟସ୍ଥ ବଦ୍ରିନାଥ ଶାହାଙ୍କ ଘରଟିକୁ ଦର୍ଶନ କରିବା । ଏହି ଘରର ଉପର କୋଠରିରେ ବିବେକାନନ୍ଦ ୧୮୮୦ ରୁ ୧୮୮୬ ମଧ୍ୟରେ ବିଶ୍ରାମ ନେଇଥିଲେ । ଏବେ ତଳ ଘରଟିରେ ଚାଲିଛି ଆସବାବ ଜିନଷର ଦୋକାନଟିଏ । ଦୋକାନ ଆଗରେ ଠିଆ ହେଉ ହେଉ ଦୋକାନୀ ଜଣକ ସ୍ମିତହାସ୍ୟ ଦେଖେଇ ଆସନ୍ତୁ ବୋଲି ପାଛୋଟି ନେଉଥିଲେ । କନ୍ତୁ ଯେତେବେଳେ ଉପରତାଲାରେ ଲାଗିଥିବା ମାର୍ବଲ ଫଳକଟିକୁ ଆମେ ପଢିବାରେ ଲାଗିଲୁ,

ଦୋକାନୀଙ୍କ ମୁହଁ କଠୋର ଓ ଗମ୍ଭୀର ହୋଇଗଲା । ବୋଧେ ସେ ଭାବୁଥିଲେ - ଏହି ଶୂନ୍ୟ ଗ୍ରାହକଙ୍କୁ ଦେଇଥିବା ସ୍ମିତହାସ୍ୟ ବେକାର ହୋଇଗଲା । ଉକ୍ତ ମାର୍ବଲ ଫଳକରେ ବିବେକାନନ୍ଦଙ୍କ ରହଣି ସମୟ ଓ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରଦତ୍ତ ଭାଷଣର ଦିନାଙ୍କ ଲିପିବଦ୍ଧ ଥିଲା । ଦୋକାନୀଙ୍କୁ ହତାଶ କରି ତଥା ଗୃହମାଲିକଙ୍କ ବିଶ୍ରାମ ଭଙ୍ଗ କରି ସ୍ୱାମୀଜୀଙ୍କ ବିଶ୍ରାମକକ୍ଷ ବୁଲିବାରେ ଆଗ୍ରହ ନଥିଲା । ଅତଏବ କଳ୍ପନାରେ ତାକୁ ସାଇତି ରଖି ଫେରିଆସିଲୁ ।

ଏଥର ଗ୍ଲଲିଲୁ ଆଲମୋଡାର ଇଣ୍ଟର କଲେଜ ପରିସର ଭିତରକୁ । ମୁଖ୍ୟ ରାସ୍ତାରୁ ପଚଶି ତିରିଶି ପାହାଚ ତଳକୁ ଖସିଲେ କଲେଜ ପରିସର । ସେଠାରେ ଅଧ୍ୟାପନାଗୃହ ସବୁ ଲଗାଲଗି ଓ ଧାଡି ଧାଡି ହୋଇ ନରହି ଥାକ ଥାକ ହୋଇ ତଳ ଉପର ଭାବେ ରହିଥିଲା । କଲେଜ ଅଫିସ ଘର ପାଖରେ ୧୫ ଫୁଟ ଉଚ୍ଚର ବିବେକାନନ୍ଦଙ୍କ ଜୀବନ ମୂର୍ତ୍ତି । ସମ୍ଭବତଃ ସିମେଣ୍ଟ ମୂର୍ତ୍ତିଟିକୁ ତମ୍ବା ରଙ୍ଗରେ ଢଙ୍କା ଯାଇଛି । ଠିକ୍ ଏହି ଜାଗାରେ ସ୍ୱାମୀଜୀ ଜୀବନର ପ୍ରଥମ ଅଭିଭାଷଣ ଭାରତୀୟମାନଙ୍କ ପାଇଁ ଦେଇଥିଲେ । ଆମେରିକାରୁ ଫେରିବା ପର୍ଯ୍ୟନ୍ତ ସ୍ୱାମୀଜୀଙ୍କୁ କଏ ମଧ୍ୟ ଜାଣି ନଥିଲେ । ଠିକ୍ ଏହି ଜାଗାରୁ ହିଁ ଆରମ୍ଭ ହୋଇଥିଲା ଭାରତ ଦିଗବିଜୟର ମହାପର୍ବ । ସ୍ତବ୍ଧ ଓ ତଟସ୍ଥ ହୋଇ ସେହି ପ୍ରଥମ ଅଭିଭାଷଣର ସମ୍ମୋହନୀ ଶକ୍ତିଯୁକ୍ତ ଶବ୍ଦ ସବୁକୁ ଅନୁଭବ କରିବାକୁ ଚେଷ୍ଟା କଲି ।

ଏହି ଐତିହାସିକ ଜାଗାଟି ଉପରେ ଅଧିକ କିଛି ଜାଣିବା ପାଇଁ ଏପଟ ସେପଟ ଗ୍ଲହିଁଲି । କଲେଜରେ ଅଧ୍ୟାପନା ଗ୍ଲଲିଥିବା ଯୋଗୁଁ ଗ୍ଲରିପଟ ଏକଦମ୍ ଶୁନଶାନ ଥିଲା । ଯାହା କେବଳ ଅଦୂରରେ ଏକ ଓକ୍ ଗଛ ମୂଳେ କିଛି ଚେୟାର ପଡିଥିଲା ଏବଂ ମଧ୍ୟ ବୟସ୍କା ଅଧ୍ୟାପିକା ଜଣେ କଳା ଚଷମା ପିନ୍ଧି ଏକଲା ସେଠାରେ ବସିଥିଲେ । ଅତ୍ୟାଧୁନିକା ପରି ଦିଶୁଥିବା ଅଧ୍ୟାପିକା ଜଣକ ନିଜର ମୋବାଇଲରେ ଏକ ନିର୍ଦ୍ଦିଷ୍ଟ ଖଣ୍ଡି ଗୀତର ରିଙ୍ଗ୍ ଟୋନକୁ ବାରମ୍ବାର ଦୋହରାଇ ଶୁଣୁଥିଲେ । ପରେ ଉତ୍ତରାଞ୍ଚଳର ଅନ୍ୟ ଜାଗା ସବୁ ବୁଲିଥିଲାବେଳେ କୁମାୟୁନ୍ ଭାଷାର ସେଇ ଖଣ୍ଡି ଗୀତଟିକୁ ସର୍ବାଧିକ ଥର ଶୁଣି, ଜଣେ ଶ୍ରୋତାଙ୍କୁ ତାର ମର୍ମାର୍ଥ ପଗ୍ଲରିଲି । ତାହା ଥିଲା –"ମୁଁ ଯେ ଅଳ୍ପ ବୟସୀ, ମୁଁ ଯେ ରୂପସୀ, ତେବେ ଅଲବତ୍ ମୁଁ ତୁମ ପ୍ରେୟସୀ ।" ଓଠରେ ଧାରେ ହସ ନେଇ ମୁଁ ସେଇ ଅଧ୍ୟାପିକାଙ୍କୁ

ପଗ୍ଚରିଲି –"ଏଇ ତେବେ ବିବେକାନନ୍ଦଙ୍କ ପ୍ରଥମ ଅଭିଭାଷଣର ପ୍ରସିଦ୍ଧ ଜାଗା" । ସାମନା ଚେୟାର ଉପରେ ଜୋତା ପିନ୍ଧା ପାଦ ଦୁଇଟିକୁକ୍ ନର୍ଦ୍ଦିଷ୍ଟ ବେଗରେ ଚ୍ଚଳନା କରୁକରୁ ସେ ଉତ୍ତର ଦେଲେ –"Of course, Any?" ମୋ ପ୍ରଶ୍ନ ଅଧିକ ଜିଜ୍ଞାସା ପାଇଁ ଥିଲ୍ ସଂଶୟ ବିମୋଚନ ପାଇଁ ନଥିଲ୍ । ଅତଏବ ନୀରବରେ ସେଠାରୁ ଅପସରି ଯାଇ ସମ୍ମୁଖସ୍ଥ ଖେଳ ପଡିଆ ଆଗରେ ବସିଗଲି ।

ମୋ ତଳେ ପ୍ରାୟ ୫୦ ଫୁଟ ତଳେ ରହିଥିଲ୍ ଏକ ବିସ୍ତୀର୍ଣ୍ଣ କ୍ରୀଡା ପ୍ରାଙ୍ଗଣ । ସେଇ ପ୍ରାଙ୍ଗଣର ଅପର ପଟଟି ୨୫ ଫୁଟ ଉଚ୍ଚର ତାର ଜାଲିରେ ବେଷ୍ଟିତ ଥିଲ୍ । କାରଣ ବଲ୍ ସେପଟକୁ ଖସିଗଲେ, ପୁନଶ୍ଚ ଫେରି ପାଇବାକୁ ଅଧଘଣ୍ଟା ସମୟ ଲ୍ଗିଯିବାର ସମ୍ଭାବନା ରହୁଥିଲ୍ । ଗୋଡ ଦୁଇଟିକୁ ତଳକୁ ଓହଳାଇ, ଶିଶୁପରି ବଡ ଆନନ୍ଦରେ ମୁଁ ତଳେ ବସିଗଲି । ପଡିଆ ସେପଟେ ସାମନାରେ ଲମ୍ବି ଯାଇଛି ପାହାଡମାଳା ସତେକ ସବୁଜ ରଙ୍ଗର ଢେଉ । ଏକାଧିକ ପାହାଡର ଶୀର୍ଷ ସୀମାରେଖା ସବୁ ଏକାଧିକ ସବୁଜ ଦିଗବଳୟ ସୃଷ୍ଟି କରୁଥିଲେ । ଆଗକୁ ଅନେଇଲେ ଚନ୍ଦ୍ରପଟ ପରି ପାହାଡ ଉପରେ କଣ୍ଟେଇ ଭଳ ଘର, ପୁଣି ଗ୍ଚରିଆଡେ ଅନ୍ତହୀନ ପର୍ବତମାଳାଙ୍କ ଧ୍ୟାନସ୍ଥ ରୂପ । ସତେକ ସବୁଜରଙ୍ଗର ପର୍ବତକାୟ ପକ୍ଷୀମାନେ ଉଡି ଉଡି ଆସି ଏଠାରେ ଡେଣା ଜାକ ବସିଯାଇଛନ୍ତି ଯେ ଉଠିବାର ନାମ ହିଁ ନେଉନାହାନ୍ତି । ଏହି ଅଞ୍ଚଳର ଉଭୟ ଇତିହାସ ଓ ଭୂଗୋଳ ଏତେ ପ୍ରାଚୀନ ଓ ବ୍ୟାପକ ଯେ ସମଗ୍ର ଭ୍ବେ ଦର୍ଶନ କରିବାକୁ ଆଖି ପାଏନ । ୧୫୦୦ ଶତାବ୍ଦୀ ବେଳକୁ ଗ୍ଜା ଭୀଷ୍ମଚଣ୍ଡ ଆଲମୋଡାକୁ ଗ୍ଜଧାନୀ ରୂପେ ଗଢିଥିଲେ । ପରେ ପରେ କୁନନ୍ଦ ଓ କତୁରୀୟ ବଂଶୀୟ ଗ୍ଜାଙ୍କ ଦ୍ବାଗ୍ ଏହି ଗ୍ଜଧାନୀ ପ୍ରଭୂତ ଉନ୍ନତି ଲ୍ଭ କରିଥିଲ୍ । ସେମାନଙ୍କ ଦ୍ବାଗ୍ ତିଆରି ହୋଇଥିବା ଅନେକ ମନ୍ଦିର ଆଜି ମଧ୍ୟ କାରୁକାର୍ଯ୍ୟରେ ବିସ୍ମୟ ହୋଇ ରହିଛି । ଅଷ୍ଟଧାତୁରେ ତିଆରି ମୂର୍ତ୍ତି ସବୁ ପରେ ପରେ ଗ୍ହେଲ୍ମାନଙ୍କ ଆକ୍ରମଣବେଳେ ଧ୍ୱଂସ ହୋଇଗଲ୍ । କାରଣ ଧାରଣା ଥିଲ୍ ଯେ ସେସବୁ ମୂର୍ତ୍ତି ଭିତରେ ସୁନା ଭରି ହୋଇ ରହିଛି । ଗ୍ହେଲ୍ ସେନାପତି Hafiz Khan ଓ Ali Mohamed Khan ଅମଲରେ ଗଡୱାଲି ଗ୍ଜା ଲଳତ ଶାହାଙ୍କ ଠାରୁ ଚଣ୍ଡ ସାମ୍ରାଜ୍ୟର ଏକ ବିଗ୍ଟ ଅଂଶ ଗ୍ହେଲ୍ମାନଙ୍କ ପାଖକୁ ଗ୍ଲି ଆସିଲ୍ ଏବଂ ଏହି ଘୋର ଅଗ୍ଜକତା ସମୟରେ ପ୍ରାଚୀନ

ମନ୍ଦିର ଓ ମୂର୍ତ୍ତି ସବୁ ଧ୍ୱଂସ ହୋଇଗଲା । ପରେ ପରେ ସିପାହୀ ବିଦ୍ରୋହ ବେଳେ ଏହି ରୋହିଲାମାନେ ଇଂରେଜମାନଙ୍କୁ ବିରୋଧ କରିଥିଲେ । ବିନା ବିଚାରରେ ଅନେକ ରୋହିଲାଙ୍କୁ ଇଂରେଜମାନେ ଫାଶି ଦେଇଥିଲେ । ନୈନୀତାଲ ସହରର ବସଷ୍ଟାଣ୍ଡ ପାଖରେ ସେହି ଫାସିଘର ଏବେ ବି ମହଜୁଦ ଅଛି । କୌଣସି ଏକ ଗୁପ୍ତ କାରଣରୁ ଆଲମୋଡା ଦୁର୍ଗ ଭିତରେ ଥିବା ଶିବଙ୍କ ଉଦ୍ୟତ ଚେଣ୍ଡେଶ୍ୱର ମୂର୍ତ୍ତିକୁ ନନ୍ଦା ଦେବୀଙ୍କ ମନ୍ଦିରକୁ ଇଂରେଜମାନେ ସ୍ଥାନାନ୍ତରିତ କରି ଦେଇଥିଲେ । ସେତେବେଳେ ଆଲମୋଡା ଜେଲରେ ନେହେରୁଙ୍କ ପରି ବିଖ୍ୟାତ ରାଜନୈତିକ ବନ୍ଦୀମାନେ ଦୀର୍ଘ ବର୍ଷ କାରାବାସ କଟାଇଥିଲେ । କନ୍ୟା ଇନ୍ଦିରା ପ୍ରିୟଦର୍ଶିନୀଙ୍କ ପାଖକୁ ଲେଖାଯାଇଥିବା ପୃଥିବୀ ଇତିହାସର ଅନେକ ଫର୍ଦ୍ଦ ଏହି ଜେଲରେ ଲେଖାଯାଇଥିଲା । ଆଲମୋଡାର ହିମାଳୟ ଦର୍ଶନ ନେହେରୁଙ୍କୁ ଏତେ ଭଲ ଲାଗୁଥିଲା ଯେ, ସ୍ୱତନ୍ତ୍ର ଅନୁମତି ନେଇ, ସେ ଦୈନିକ କମରା ବାହାରେ କିଛି ଘଣ୍ଟା କଟାଇବାକୁ ସୁଯୋଗ ପାଉଥିଲେ ।

ଆଲମୋଡାର ଯେକୌଣସି ଜାଗାରୁ ଅନେଇଦେଲେ ନିକଟାସ୍ଥ ସର୍ବୋଚ୍ଚ ଗିରିଶୃଙ୍ଗରେ ଦେଖାଯାଏ କସାର୍ ଦେବୀଙ୍କ ମନ୍ଦିର । ସହରଠୁ ପ୍ରାୟ ୧୬ କି.ମି. ପରେ ଏବଂ ପୁନଶ୍ଚ ମୁଖ୍ୟ ରାସ୍ତାରୁ ଅଧଘଣ୍ଟାର ଉଠାଣି ରାସ୍ତା ପରେ ପଡେ ଏହି ବିଜନ ମନ୍ଦିର । ଜାଗାଟି ଏତେ ଉଚ୍ଚରେ ଅବସ୍ଥିତ ଯେ ତଳେ ଥିବା ଆଲମୋଡା ଲାଗେ ପାତାଳପୁରୀର ରାଜଧାନୀ । ମାଇଲ ମାଇଲ ବ୍ୟାପି ସବୁଜ ବନାନୀ ପ୍ରକୃତିର ରାଜକୀୟ ପୋଷାକ ପରି ଦିଶୁଥାଏ ଏବଂ ଘରବାଡି ସବୁ ପୋଷାକ ଉପରିସ୍ଥ ମୋତି ମାଣିକ ପରି ଦିଶିଥାଏ । କସର ଦେବୀ ମନ୍ଦିର ପାଖରେ ପବନର ଗତି ସବୁବେଳେ କ୍ଷୀପ୍ର । ଚାରିପଟେ ୮୦ ମିଟାର ଉଚ୍ଚର ପାଇନ୍-ପାଙ୍ଗର ବୃକ୍ଷ । ଗୋଟିଏ ଗଛର ମୃତ୍ୟୁ ବା ଅକାଳ ମୃତ୍ୟୁ ପରେ ଆଖପାଖର ତରୁଣ ଗଛମାନେ ଦ୍ୱିଗୁଣ ବେଗରେ ବଢିଚାଲନ୍ତି । ବହୁତ ଉଚ୍ଚରେ ଥିବାରୁ କଦବା କେବେ କିଛି ଗ୍ରାମବାସୀ ମନ୍ଦିରକୁ ଆସନ୍ତି । ଜନସମାଗମର ଅନୁପସ୍ଥିତି ହିଁ ଏହି ନିର୍ଜନ ମନ୍ଦିରଟିର ସୌନ୍ଦର୍ଯ୍ୟ । ମନ୍ଦିର କଡରେ ଥିବା ପାର୍ବତ୍ୟ ଖୋଲରେ ବସି ଏକଦା ବିବେକାନନ୍ଦ ଘଣ୍ଟାଘଣ୍ଟା ଧରିସ ସମାଧିସ୍ଥ ରହୁଥିଲେ । ଜଙ୍ଗଲକୁ କାଠ, ଲିସା ବା ଅଙ୍ଗାର ସଂଗ୍ରହରେ ଆସିଥିବା

ଲୋକେ ଏବେ ସେହି ଖୋଲରେ ନିଶ୍ଚିନ୍ତରେ ଶୋଇଯାଆନ୍ତି । ଲିସା ହେଉଛି ପାଇନ ଗଛର ଗଣ୍ଡିରୁ ସଂଗୃହୀତ ରସ ଯେଉଁଥିରୁ ଟରପାଇନ ପ୍ରସ୍ତୁତ ହୋଇଥାଏ ।

କସର୍ ଦେବୀଙ୍କ ମନ୍ଦିରଠୁ ଏକ ରାସ୍ତା ଆଉ କିଛି ଆଗକୁ ଯାଇଛି, ତାହା ହେଉଛି ହିପ୍ପିମାନଙ୍କ ସ୍ୱଘୋଷିତ ଶିବ ମନ୍ଦିର । "ଓସୋ" ସମ୍ପ୍ରଦାୟର କିଛି ଗୋରା ଲୋକ ସେଠାରେ ଆସ୍ଥାନ ଜମେଇଛନ୍ତି ଏବଂ ଭଗବାନ ରଜନୀଶ ହେଉଛନ୍ତି ସେମାନଙ୍କ ଦାର୍ଶନିକ ପଥ ପ୍ରଦର୍ଶକ । ପୁରୁଣା ଟାଇଲ୍ ଛପର ଘର ଭିତରେ ଧାଡି ଧାଡି କମ୍ବଳ ଉପରେ ଶୟନରତ କିଛି ଜଟାଜୁଟଧାରୀ ପାଶ୍ଚାତ୍ୟ ସନ୍ୟାସୀ ଏକାଧିକ ନିର୍ବିକାର ଶିବଙ୍କ ଭ୍ରମ ସୃଷ୍ଟି କରୁଥିଲେ । ଘର ବାହାରେ ଏକ ନିଆଁକୁଣ୍ଡ ଚାରିପାଖେ ପୁରୁଷ ସ୍ତ୍ରୀ ନିର୍ବିଶେଷରେ କିଛି ହିପ୍ପୀ ହୁକ୍କା ଟାଣୁଥିଲେ ଏବଂ ଗଞ୍ଜେଇ ସେବନ କରୁଥିଲେ । ମଝିରେ ମଝିରେ ଅପଲକ ନୟନରେ ଆକାଶକୁ ଚାହୁଁଥିଲେ ଏବଂ ଗଞ୍ଜେଇ ନିଶାରେ "ହରେ କୃଷ୍ଣ ହରେ ରାମ" ବୋଲି ସମୂହ ବୋବାଳି ଛାଡୁଥିଲେ । ସେମାନଙ୍କ ବାମାଚାରୀ ଜୀବନଦର୍ଶନ ଜାଣିବାକୁ ହେଲେ ତାଙ୍କ ଭିତରେ ଜଣେ ହୋଇ କିଛିଦିନ ରହିବାକୁ ପଡିବ-ନଚେତ୍ ପଦାରେ ଥାଇ ଯାହା ଦେଖିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ସତ୍ୟ ହେବ ନାହିଁ । ସେହି ହିପ୍ପୀ ଆଡ୍ଡାରେ ଏପଟ ସେପଟ ବୁଲୁବୁଲୁ ଦୂରରେ ଏକାନ୍ତରେଜଣେ ତରୁଣ ସନ୍ୟାସୀଙ୍କୁ ବସିଥିବା ଦେଖି ସେଠାକୁ ଚାଲିଗଲି । ଲମ୍ବା ଦାଢୀ ସହ ଲମ୍ବା ବାଳ ଉପରେ ଗୋଲିଆ ଟୋପି ପିନ୍ଧି ସେ ତରୁଣ ରଜନୀଶଙ୍କ ପରି ଦେଖାଯାଉଥିଲେ । ଆଖି ଦୁଇଟି ତାଙ୍କର ଦୂର ବନାନୀ ଦିଗେ ସ୍ଥିର ଓ ପ୍ରସାରିତ ଥିଲା । ଏତେ ଦୂର ଜାଗାରୁ ଆସି କେଉଁ ଆକର୍ଷଣରେ ଏମାନେ ଏଠାରେ ପଡି ରହିଛନ୍ତି – ଏକଥା ଭାବିଲେ ବଡ ଆଶ୍ଚର୍ଯ୍ୟ ଲାଗୁଥିଲା । ମୁଁ ତାଙ୍କୁ ପଚାରିଲି – ଆପଣ କେଉଁଠୁ ଆସିଛନ୍ତି? ଦୁଇ ହାତକୁ ଭୂମି ଉପରୁ ଅଳ୍ପ ଉଠେଇ, ଆଙ୍ଗୁଠି ସବୁକୁ ଆକାଶ ଦିଗେ କରି ସେ ଚୁପ୍ ରହିଲେ । କିଛି କିଛି ସମୟ ବିରତି ପରେ ମୋର ଉପର୍ଯ୍ୟୁପରି ଅନ୍ୟାନ୍ୟ ପ୍ରଶ୍ନ ଥିଲା – ଆପଣଙ୍କ ପରିଚୟ କଣ? କରନ୍ତି କଣ? ଏହାପରେ କୁଆଡେ ଯିବେ? ସେଇ ଏକ ହିଁ ମୁଦ୍ରାରେ, ବିନା ଶବ୍ଦ ବିନିମୟରେ ସେ ମୋର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ । ସେଇ ଚାହାଣୀ ଓ ମୁଦ୍ରା ଜୀବନରେ ଭୁଲିବାର ନାହିଁ ।

ମନ୍ଦିରରୁ ସହରକୁ ଫେରିଲାବେଳେ ଜିପ୍ ରେ ପୁରା ଭିଡ । ମତେ ଡ୍ରାଇଭର ପାଖରେ ସିଟ୍ ଟିଏ ମିଳିଥିଲା । ଟେପ୍ ରେ କୁମାୟୁନୀ ଭାଷାରେ ଉତ୍କଟ ଗୀତ ସାଙ୍ଗକୁ ତାଳ ଦେଇ ଡ୍ରାଇଭର ଜଣକ ଗୋଟିଏ ପରେ ଗୋଟିଏ ବୁଲାଣି ଅତିକ୍ରମ କରି ଚାଲିଥିଲେ । ଗୋଟିଏ ଗୀତ ଆସିଲା, ଯେଉଁଥିରେ ସର୍ବାଧିକ ଥର ଘୋଷା ଧାଡି ଥିଲା –"ଝୁମୁକା ଗିର୍ ଗେଇ ତେରୀ ହଲଦୱାନୀ କ ବଜାର ମେ, ଝୁମୁକା ଉଠାନେ ସେ ଦୁପଟ୍ଟା ଗିର୍ ଗେଇ ।" ଏହି ଘୋଷାଧାଡିଟି ଶୁଣିବା ମାତ୍ରେ ଡ୍ରାଇଭର ଜଣକ ଏତେ ଉଲ୍ଲସିତ ହୋଇ ପଡୁଥିଲେ ଯେ ହାଣ୍ଡେଲ ଉପରୁ ହାତ ଦୁଇଟିକୁ ଉପରକୁ ଟେକ "ହୋ" ବୋଲି ଉଚ୍ଚାଟ କରୁଥିଲେ । ପ୍ରଥମେ ପ୍ରଥମେ ବଡ ଭୟ ଲାଗୁଥିଲା, ପରେ ଅଭ୍ୟାସ ହୋଇଗଲା । ତାଙ୍କର ସେହି ଉର୍ଦ୍ଧ୍ୱ ହସ୍ତ ପ୍ରସାରଣ, ପୂର୍ବର ସେଇ ହିପ୍ପୀ ସନ୍ୟାସୀଙ୍କ କଥା ମନେ ପକାଇଦେଲା ।

ସନ୍ୟାସୀ ଜଣକ ବୋଧେ ମତେ କହିବାକୁ ଚାହୁଥିଲେ –"ମୁଁ ଆସିଛି ସେଇ ଆକାଶରୂପୀ ମହାଶୂନ୍ୟରୁ, ମୋର ପରିଚୟ ମହାଶୂନ୍ୟ, ମୁଁ ସେହି ମହାଶୂନ୍ୟ-ମହାଆଶର କ୍ରୀଡା ସାମଗ୍ରୀ ମାତ୍ର, ମୁଁ ପୁଣି ଏଠୁ ଚାଲିଯିବି ସେହି ମହାଶୂନ୍ୟକୁ" । ବୋଧେ ଏୟା ବି ହୋଇପାରେ, ପ୍ରଚୁର ଗଞ୍ଜେଇ ସେବନରେ ଚଳତ୍ ଶକ୍ତିହୀନ ଓ ବାକହୀନ ହୋଇ ସେ ସେଭଳି ଅଙ୍ଗଭଙ୍ଗି କରୁଥିଲେ, ଯାହାର କାବ୍ୟିକ ରୂପ ଏପରି ହେବ –

ପଗ୍ଭରନ ବନ୍ଧୁ:

କ କାମ କରନ୍ତି? କୁଆଡେ ଗମନ୍ତି? କଭିବେ ପୁଣି ରୁହନ୍ତି?

ଗଞ୍ଜେଇ ନଶାରେ ମସ୍ତ ମୁଁ ଆଜି, ଶିବ ନତି ଯାହା ସେବନ୍ତି ।

ଏହି ଦୁଇଟି ଅଲଗା ଅଲଗା ଧାରଣାରୁ କେଉଁଟି ସତ ଥିଲା, ତାହା ଶେଷ ପର୍ଯ୍ୟନ୍ତ ମୋ ପାଇଁ ପ୍ରହେଳିକା ହୋଇ ରହିଗଲା ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଘଣ୍ଟା



ସରୋଜ କୁମାର ସାହୁ

କାନ୍ଥରେ ହେଉ ଅବା ହାତରେ
ସବୁଥିରେ ଦିଏ ବାର୍ତ୍ତା
ସଠିକ୍ ସମୟ ସୂଚତ କରାଇ
ଘଣ୍ଟା ସାଜେ ହର୍ତାକର୍ତ୍ତା ।
ଥକ ଯାଏନାହିଁ କେବେ ତାର ପାଦ
ଗ୍ଭଲୁଥାଏ ଅବିରତ
ଧର୍ମ ଅଧର୍ମ ଲକ୍ଷ୍ୟ ତାର ପଥ
ସବୁରି ତା ମଧ୍ୟ କ୍ଷାନ୍ତ
ଟିକ୍ ଟକ୍ ଶବ୍ଦକରି ଜଣାଏ
ସମୟର ଉଚତ୍ ଜ୍ଞାନ
ସଦୁପଯୋଗ କଲେ ସମୟର
ମିଳଇ ମାନସମ୍ମନ ।
ଜୀବନର ମୂଲ୍ୟ ବୁଝାଇଦିଏ ସେ
କରେନାହିଁ ଭେଦଭ୍ଵବ
ମଣିଷ ଜାତିକୁ ସଚେତନ କରି
ରଖିଥାଏ ସଦଭ୍ଵବ ।
କେହି ତାର ଯଦି ମୂଲ୍ୟକୁ ନବୁଝି
କରନ୍ତି ସମୟ ନଷ୍ଟ
ଭବିଷ୍ୟତ ତାର ମିଶିବ ମାଟିରେ
ପାଇବ ଅନେକ କଷ୍ଟ ।

ଆଠଗଡ, କଟକ

# ଆଗମ ଓ ନିର୍ଗମ

ଦିନବନ୍ଧୁ ବେଜ

ପାଣିର ସୁଅରେ ସୁଉଚ୍ଚ
ବାଲିବନ୍ଧ  ବି ଅସହାୟ,
ବିଲକୁଲ କାମ ଦିଏନ
ବାଲି ରେଣୁର ଅଦମ୍ୟ
ଅଣ୍ଟା ସଳଖ ଅଭିନୟ,
ବାରଶହ କାରିଗର ପରାଜୟ
ଅହରହ ଯେଉଁଠି ମଥା ପିଟୁଛି,
ସେଇଠି ଆର୍ବିଭାବ ଧରମା....
ଡୁବି ଯାଉଥିବା ଆମ୍ ବିଶ୍ୱାସଟି
ସୂର୍ଯ୍ୟ ପ୍ରକାଶ କରେ କରଣରେ,
ଝଡି ପଡୁଥିବା ନଆଁ ଝୁଲ ବୟାନ
ଏ ଜାତି ଅଭ୍ୟୁଦୟର ପ୍ରମାଣ ।
ଏବେବି ସଂଗ୍ରାମ ସ୍ଥିରତା ପାଇଁ,
ଅପରାମ୍ପର କ୍ଷମତା ହାସଲ ପାଇଁ,
ଦର୍ପଣ ବେପାର କରି ଅନ୍ଧ ରାଜ୍ୟେ,
ଦୁନିଆକୁ ଆଇନା ଦେଖାଇବାର
ପ୍ରଚେଷ୍ଟା ଅନବରତ ସମାଚନ କି?
ସତ୍ୟାଗ୍ରହ ଏଠି ପ୍ରାଚୀନ ଧୂଆଁବାଣ,
ଅଳନ୍ଧୁ ଭର୍ତ୍ତି କୁଡଦାନ ପ୍ରତିସମ ।

ସବୁ ବେଫିକର ଓ ବକବାସ ଉଲ୍ଲାସ,
ସବୁଜ ବିପ୍ଳବ ଗଙ୍ଗାରେ ବହିଯିବା ପାଣି,
ଏକତାର ରାହା ସଭାରେ ସ୍ଲୋଗାନ ।
ଧାନ ପାନ  ଜଙ୍ଗଲ ଜମି ସବୁ ଅକାମି,
କନ୍ତୁ ରାହା ପାନରେ ଲାଗୁଛି ବ୍ରେକ,
ବହୁମାତ୍ରାରେ ବଢ଼ିଛି ମଦ ର ଭେକ,
ଧର୍ମକୁ ଆଖି ଠାର ମାରୁଥିବା ଲୋକ,
ଏବେଏବେ ପୋଥି ବିକାଳର ନକଲ ।
ଶ୍ୱାନ ଶୃଗାଳର ଲେଶ ମଧ୍ୟ ଦିଶୁ ନାହିଁ,
ମଶାଣିର ତତଲା ଆଖିର କ୍ରୁରତାରେ
ଶାଗୁଣାର ଥଣ୍ଟରେ ମଲା ମାଉଁସ ଭର୍ତ୍ତି,
ଅଧର୍ମ ଯୁଦ୍ଧ ଘୋଷଣା କରିଛନ୍ତି ଚିଲ,
ଶାଗୁଣା ସହ ଅନାଦି କାଳର ବୁଝାମଣା ।
ସେବେଠୁ ଆତଯାତ ବରାବର ଲାଗିଛି
ଯେବେଠୁ ଆକାଶରେ ସୂର୍ଯ୍ୟ ଚନ୍ଦ୍ର ଅଛି ।

ବାସୁଦେବପୁର, ଭଦ୍ରକ

# ଭାଇ



ସୌମ୍ୟ ରଞ୍ଜନ ପାଲ

ଗୋଟିଏ ଦାୟିତ୍ୱ ବାପାଙ୍କ ପରେ
ଗୋଟିଏ କର୍ତ୍ତବ୍ୟ ସବୁରି ଘରେ
ଗୋଟିଏ ପର୍ବଣ କୋଟିଏ ସମ
ଗୋଟିଏ ବନ୍ଧନ ପାପୁଲି ଗାରେ ॥

ଗୋଟିଏ କୁସୁମ ସୁବାସ ପାଇଁ
ଗୋଟିଏ କରଣ ପ୍ରକାଶ ପାଇଁ
ଗୋଟିଏ ଜୀବନ ଆଦର୍ଶ ଜୀଏଁ
ଗୋଟିଏ ପ୍ରହରୀ ଅଭୟ ପାଇଁ ॥

ଗୋଟିଏ ପଥିକ ପାଦର ବଳେ
ଗୋଟିଏ ଆଶ୍ୱାସ ନିଃଶ୍ୱାସ ତଳେ
ଗୋଟିଏ ଯୁଗର ନାୟକ ଯେଣୁ
ଗୋଟିଏ ସମ୍ପର୍କେ ହୃଦୟ ଗ୍ଭଳେ ॥

ବଡ଼ଶୋଳ, ମୟୂରଭଞ୍ଜ

# ବସୁନ୍ଧରା



କାଳକଙ୍କର ଦାସ

ସବୁ ସହିଛି ବସୁନ୍ଧରା । କେବଳ ସହିଛି । ସହିବା ପାଇଁ ଯେମିତି ତାଙ୍କର ଜନ୍ମ । ତଥାପି ସୂର୍ଯ୍ୟଙ୍କ ଗ୍ରରିକଡରେ ପ୍ରଦକ୍ଷିଣ କରୁଛନ୍ତି । ସୂର୍ଯ୍ୟଙ୍କର ସଂସାରର ସେ ଜଣେ ପ୍ରମୁଖ ସଦସ୍ୟ । ଜୀବନର ଉତ୍ସ । ଜାଗତିକ ସମସ୍ତ ସୁଖ ସୁବିଧା ଏହି ବସୁନ୍ଧରା ପାଇଁ । କଣ ନ କରିଛି ବସୁନ୍ଧରା । ମୁଣ୍ଡର ଝାଳ ତୁଣ୍ଡରେ ମାରି ସେ ସଂସାର ପାଳୁଛି । ପରିବାରକୁ ଏକ କରି ରଖିବାରେ ତାଙ୍କର ଅବଦାନ ଅନନ୍ୟ ।

ବସୁନ୍ଧରା ଉପରେ ପାହାଡ ପର୍ବତ ମୁଣ୍ଡ ଟେକ ଆପଣାର ବାହୁସ୍ଫୋଟ ମାରନ୍ତି ଓ କହନ୍ତି ଦେଖ, ଆମେ ଏ ସଂସାରରେ ସବୁଠାରୁ ମହାନ । ଆମେ ହେଲୁ ଗରୀୟାନ । ଆମେ ପବନର ଗତିକୁ ବଦଳାଇପାରୁ, ପାଣିର ପଥକୁ ମଧ୍ୟ ଅଙ୍କାବଙ୍କା ପଥଦେଇ ତଳକୁ ନେଇପାରୁ । ନାଳରୁ ନଈ ଓ ନଈରୁ ସାଗର କରିପାରୁ । ଆମ ପେଟ ଚିରିଲେ ତା ଭିତରୁ ବାହାରେ ମୂଲ୍ୟବାନ ଖଣିଜ ପଦାର୍ଥ, ସେଥିରେ ଶିଳ୍ପ ଗଢିଉଠେ । ମଣିଷର ସମାଜରେ ବିକାଶର ସୁଅ ଛୁଟେ ।

ବଣ ଜଙ୍ଗଲ ଶ୍ୟାମଳ ଶସ୍ୟକ୍ଷେତ୍ର ଆଦି ମଧ୍ୟ ଆପଣାର ବାହାସ୍ଫୋଟ ମାରନ୍ତି । କହନ୍ତି ଦେଖରେ ବସୁନ୍ଧରା, ମୋ ଦେହରେ ଭରିରହିଛି ପ୍ରାଣ ପ୍ରାଚୁର୍ଯ୍ୟ । ଆମେ ସୃଜନଶୀଳା । ଆମେ ବନ୍ଧ୍ୟା ନୁହଁ । ଯେତେ ବ୍ୟବହାର କଲେ ମଧ୍ୟ ଆମେ ପୁଣି ହୋଇଉଠୁ ପରିପୂର୍ଣ୍ଣ । ପତ୍ର, ଚେର, ଡାଳ, ଫୁଲ, ଫଳ ଏବଂ ପତ୍ରରେ ମୋର ପ୍ରାକୃତିକ ଶୋଭାଭଣ୍ଡାର । ମୁଁ ଜୀବନର ଅନ୍ୟନାମ ।

ନଦୀ ନାଳ ସମସ୍ତେ ଆଜି ଆପଣା ପ୍ରଶଂସାରେ ଶତମୁଖ । ରେ ରେ ବସୁନ୍ଧରା, ଆମେ ତୋର ଭିତରେ ବାହାରେ ସଦାବେଳେ କଳକଳ, ଉଚ୍ଛଳ, ଛଳ ଛଳ । ମଣିଷ, ଜୀବଜନ୍ତୁ, ପାଦପ, ବିହଙ୍ଗ ସମସ୍ତେ ଆମର ଅଧୀନ । ପାଣି ବିହୁନେ ସୃଷ୍ଟିନାଶ, ପାଣି ବହୁଳେ ମଧ୍ୟ ସୃଷ୍ଟିନାଶ ।

ଆମେ ମହାନ ହେ ବସୁନ୍ଧରା, ଆମେ ମହାନ । ଆମେ ବନ୍ଧ୍ୟା ନୋହୁଁ । ଆମେ ମଙ୍ଗଳମୟୀ, ମଙ୍ଗଳକାରୀ, ଶୁଭଙ୍କରୀ ଏହି ସଂସାର ଭିତରେ ।

କିନ୍ତୁ ତୁମେ ?

ତୁମେ ବନ୍ଧ୍ୟା ।

ତୁମର ମୁକ୍ତି ଆବଶ୍ୟକ ।

ତୁମେ ଅଶୁଭ ।

ତୁମେ ଅମଙ୍ଗଳକାରୀ ।

ମୁଦ୍ରିତ ଦୁଇ ନୟନକୁ ଖୋଲି ଅନେଇଁଲେ ବସୁନ୍ଧରା ।

କିଛି ଦୂରରେ ଭାସି ଆସିଲା ତାର ସେହି ଘର । ବୈକୁଣ୍ଠ ସମାନ ଘର । ଛଅ ଭାଇ ପରେ ମାଆଙ୍କର ସପ୍ତମ ଗର୍ଭରେ କନ୍ୟା ଅନନ୍ୟା ଏହି ବସୁନ୍ଧରା । ଚହକ ଓ ଚମକ ଉଠିଲା ମହାଜନ ପରିବାର । ଘରକୁ ଲକ୍ଷ୍ମୀ ବିଜେକଲେ ଲୋ ଧନ । ଆଉ ତୋର କୌଣସି ଅସୁବିଧା ନାହିଁ । ଏଥର ଦେଖିବୁ ତୋର ବେପାର ବଣିଜ କେମିତି ଚହଟି ଚକ୍କଣ ହେବ ପ୍ରତିଦିନ ।

ବୋହୂକୁ ଅନେଇଁ ଜେଜେମା ପୁଣି ଭାସିଲେ ଲୋ ସୁମି, ମୁଁ ତୋତେ ଆଣ୍ଠୁ କୋଡି, ବାଂଝ, ବନ୍ଧ୍ୟା ଆଦି ଗାଳି ଏଇଥିପାଇଁ ଦେଉଥିଲି ଲୋ ଯେ କୁଳକୁ ଲକ୍ଷ୍ମୀ ନ ଆସିଲେ ଘର ଆଣ୍ଠୁକୋଡା ଅଥବା ବନ୍ଧ୍ୟା ଦୋଷରୁ ମୁକ୍ତ ହୁଏ ନାହିଁ । ଯେତେ ପୁଅ ବିହାଇଲେ କଣ ହେବ ଲୋ ଯଦି କୁଳକୁ ଦୁହିତା ନ ଥାଏ । କଥାରେ ପରା କହନ୍ତି, ଦୁହିତା ସବୁ କୁଳକୁ ହିତା । ଝିଅ ଜନ୍ମ ହୋଇ ଯଦି ଆଉ ସନ୍ତାନ ନ ହୁଏ ତେବେ ଦୋଷ ଲାଗେନାହିଁ କିନ୍ତୁ ଝିଅ ନ ହେଲେ ସବୁ ଦୋଷ ।

ଦେଖିବୁଲୋ ସୁମି, ତୋ ଝିଅ ବସୁନ୍ଧରା ହେବ, ଖୁବ୍ ମହାନ ହେବ, ରାଜ ଐଶ୍ବର୍ଯ୍ୟ ଭୋଗ କରିବ । ତୁ ସାତ ଜନମ କରିଛୁ ସେ ସତର ଜନମ କରିବ ଲୋ । ନାମ ରଖିବ ତା ଶାଶୁକୁଳ ଆଉ ବାପ କୁଳର । ଦେଖୁନୁ କେମିତି ଚହଟ ଚକ୍କଣ ଗୁଲୁଗୁଲିଆ ହୋଇଛି, କେତେ ଛନ ଛନଆ ଲାଗୁଛି.. ଏବେ ବିହା କରିଦେଲେ ନଅମାସ ହେଲା ବେଳକୁ ଛୁଆ ବିହାଇ ଥୋଇଦେବ ମ ..।

ଏୟ, ଏ କ କଥା କହୁଛ ମ ସାଆନ୍ତାଣି । ଛଅ ନାତି ପରେ ନାତୁଣି ହୋଇଛି ବୋଲି କଣ ଏତେ ଖୁସି ? ନାତୁଣିକୁ ଏବେଠାରୁ ବିଦା କରିବାକୁ ଯୋଜନା କଲଣି । କହିଲେ ଧାଇମା ।

ନା ମ, କଲିଆଣ କରୁଥିଲି ତ, ଦେଖିବୁ ଲୋ ଧାଇ, ନାତୁଣି ମୋର ସ୍ଵର୍ଗ ଅପସରି ପରି ହେବ । ଏ ମରତରେ ନୁହେଁ ମ ସରଗର ଅପସରା ଆସି ଏହାକୁ ଲାଇନ ମାରିବେ । ସମସ୍ତେ ଠୋ ଠୋ ହୋଇ ହସିଲେ ।

ଜେଜେମାଙ୍କର କଥା ଅବା କଏ ଅନ୍ୟଥା କରିବ ଆମର ପରିବାରରେ । ଆମର ପରିବାରର ଏକ ସୁନ୍ଦର ସଂସ୍କୃତି ଆଜିଯାଏ ବଂଚ ଆସିଛି । ବଡ ଲୋକଙ୍କ ଆଗରେ ନା କେହି ଉଚ୍ଚ ସ୍ଵରରେ କଥା ହୁଅନ୍ତି ନା ବଡଙ୍କର କଥାରେ କେହି କୌଣସି ପ୍ରକାର ଯୁକ୍ତି କରନ୍ତି । ଜେଜେ ଓ ଜେଜେମା ଆମ ପରିବାରର ସବୁଠାରୁ ସମ୍ମାନୀୟ ବଡ ଦେବତା ଓ ଦେବୀ । ତାଙ୍କ ତଳକୁ ପୂଜ୍ୟପୂଜାର ସିଂହାସନରେ ବସିଥାଆନ୍ତି ଘରର ଅନ୍ୟ ଗୁରୁଜନମାନେ ।

ଏଥିପାଇଁ ଘରର ନାମ ରଖାଯାଇଛି ବୈକୁଣ୍ଠ । ବୈକୁଣ୍ଠ ପୁରୀ କହିଲେ ଆମର ମହାଜନ ପରିବାର । ଜେଜେମାଙ୍କ ମୁହଁରୁ ବାହାରିଥିବା ବସୁନ୍ଧରା ଶବ୍ଦରୁ ମୋର ନାମ ହେଲା ବସୁନ୍ଧରା । ମହାଜନ ବଂଶର ଏକମାତ୍ର କନ୍ୟା ରତ୍ନ ।

କଡ ଲେଉଟାଇ ଦେଖିଲେ ଆଗରେ ଲମ୍ବିଯାଇଛି ଦୂରନ୍ତର ଦୀର୍ଘପଥ । ସାଧାରଣ ଗାଁର ଦୁଇକଡର ଅନାବନା ଗଛ ନୁହେଁ, ପ୍ରକୃତ ଯୋଜନା କରି ଗାଁର ବୁଦ୍ଧିମାନ ଲୋକମାନେ ସୁନ୍ଦର ଫୁଲ ଫଳ ପତ୍ରର ଗଛ ଧାଡି ଧାଡିରେ ଲଗାଇଛନ୍ତି ଯାହା ଦେଖିବାକୁ ଅତ୍ୟନ୍ତ ମନୋରମ ।

ସେହି ରାସ୍ତାର କଛି ବାଟରେ ପଡେ ଶିବମନ୍ଦିର । ସେ ଶିବମନ୍ଦିରରେ ପ୍ରତ୍ୟେକ ଦିନ ବହୁଭକ୍ତ ଆସି ପ୍ରଣାମ କରନ୍ତି । ପଇଡ ପାଣି ଢାଳନ୍ତି, କ୍ଷୀର ବେଲପତ, ବଣଫୁଲ ଧୁତୁରା କନୟର ଆଦି ଦିଅନ୍ତି । ଦୁବ ଅରୁଆ ଚାଉଳ ଚଢାନ୍ତି । ନଡିଆ କଦଳୀ ଆଦି ଭୋଗରାଗ ଦିଅନ୍ତି ।

ବିଶେଷ ଭାବରେ ଗାଁର ଅଭିଆଡି ଝିଅ ଓ ନବ ବିବାହିତା ବୋହୁମାନନଙ୍କର ଏଠାରେ ବହୁତ ଭିଡ । ଏ ମହାଦେବ କାଳେ ପ୍ରସନ୍ନ ଶିଘ୍ର ହୋଇଯାଇ ବର ଦେଇଦିଅନ୍ତି । ସେଥିପାଇଁ ତାଙ୍କୁ ଆଶୁତୋଷ କୁହାଯାଏ । ବରମାନେ ଅଭିଆଡି ଝିଅମାନଙ୍କ ପାଇଁ ପୁରୁଷ। ଯିଏ ବାହାହୋଇ ସୁଖରେ ସେ ଝିଅସହ ସୁଖ ଶାନ୍ତିରେ ଜୀବନ ବିତାଇବ ।

ସେମିତି ନବ ବିବାହିତା ବୋହୂମାନଙ୍କୁ କାଳେ ଏ ଭୁଳାମହଶ୍ୱେର ଶିବ ପ୍ରସନ୍ନ ହୋଇ ପୁତ୍ରପ୍ରାପ୍ତିର ବରପ୍ରଦାନ କରନ୍ତି । ପ୍ରଥମେ କମ୍ବା କେହି କେବେ କନ୍ୟାପ୍ରାପ୍ତିର ବର ମାଗୁଥିବାର ଏ ଲେଖକ ଜାଣନ୍ତି ନାହିଁ । ତେବେ ଝିଅ ଜନ୍ମ ହୁଅନ୍ତି । ନ ହେଲେ ମଧ ଘୋର ବିପଦ । ସଂସାରର ସମସ୍ତ ସଂରଚନା ଓ ସଂକଳ୍ପର କେନ୍ଦ୍ରହେଲେ ଏହି ନାରୀ । ନାରୀ ନ ହେଲେ ସୃଷ୍ଟି ଅସମ୍ଭବ । ତେବେ ସେହି ଚରତପସ୍ୱିନୀ ନାରୀ ଯିଏ କେବଳ ଦେବାର ତପସ୍ୟା ସମଗ୍ର ଜୀବନ କରି ବଂଚରହେ ତାର ମହତ୍ୱ ଏ ସମାଜ ବିଶେଷଭାବରେ ବୁଝୁଥିବାର ଦେଖାଯାଏ ନାହିଁ ।

ତେବେ ମହାଜନ ବଂଶର ସମସ୍ତ ସଦସ୍ୟଙ୍କର ଆରାଧ୍ୟ ଏହି ଶିବମନ୍ଦିର । ଏହି ଶିବମନ୍ଦିରରେ ପାଣି ନ ଢାଳଲେ ମହାଜନ ବଂଶର ନାରୀମାନଙ୍କୁ ଅନ୍ନ ଜଳ ସ୍ପର୍ଶ କରିବାର ବାରଣ । ପୁରୁଷମାନେ ଶିବଙ୍କ ମଥାରେ ଲାଗିହୋଇଥିବା କଂଗୁ ବେଲପତ୍ରଟିଏ ନ ଚୁବାଇଲେ ଘରୁ ବାହାରିବା ନଷେଧ । ଅର୍ଥାତ୍ ଏ ମହାଜନ ବଂଶର ସମସ୍ତ ସ୍ଥିତି ଓ ସମ୍ଭାବନା ଭିତରେ ଏ ଶିବ । ଏ ବଂଶରେ ନାରୀମାନେ ପୁତ୍ରବତି ହେବା, ପୁରୁଷମାନେ ଧନବାନ ହେବା ଆଦି ସମସ୍ତ କାରଣ ଏହିଶିବ ।

ମହାଜନ ବଂଶର ତିନପୁରୁଷ ଓ ତିନନାରୀଙ୍କର ମୋଟ ଷୋହଳ ପୁତ୍ରସନ୍ତାନ ଜନ୍ମହେଲେ । ଜେଜେମା ବୋହୁମାନଙ୍କୁ ଗେଂଜଣା ଦେଇକହିଲେ ରେ ପୋଡକପାଳ ବୋହୁମାନେ ଖାଲିପୁଅ ବିହାଇଲେ କଣ ହେବ ? ଝିଅନାହିଁ ତ ବଂଶଯାକ ଆଣଣ୍ଟୁକୋଡା ଦୋଷ ଭୋଗିବ । ଯାଅ ବଡ ବୋହୁ, ତୁ ତ ଛଅ ପୁଅ ବିହାଇଲୁଣି, ଶିବଙ୍କ ମନ୍ଦିରରେ ଏଥର ଆଧିଆ ପଡ, ଯେମିତି ସପ୍ତମ ଫଳ ଝିଅଟିଏ ହୁଏ ।

ଅବଶ୍ୟ ସପ୍ତମ ଗର୍ଭରେ ଜନ୍ମହେଲି ମୁଁ ବସୁନ୍ଧରା । ଏହା ଶିବକୃପାରୁ ହେଲା କ ଏମିତି ପ୍ରକୃତିର ନୟମରୁ ହେଲା ସେ କଥା ମୋର କହିବା ଠିକ୍‌ନୁହେଁ । କନ୍ତୁ ମୋର ଜନ୍ମ ହେଲା ଏବଂ ମୁଁ ହେଲି ମହାଜନ ବଂଶର ମୁଖ୍ୟ ଆକର୍ଷଣ, ଅଲିଅଳ ରାଜଜେମା । ସମସ୍ତଙ୍କର ଅତିଆଦରର । ସମସ୍ତେ ମୋରିପାଇଁ ଭୁଲିଗଲେ ପରଷ୍ପର ଭିତରର ଘୃଣା ବିଦ୍ୱେଷ ଏବଂ କେବଳ ବାନ୍ଧିହୋଇ ରହିଲେ ପ୍ରେମ ଓ ଭଲପାଇବାରେ ।

ମୁଁ ସେହି ରାସ୍ତାର ଆଉ କଛିଦୂରକୁ ଅନେଇଲି, ଦେଖାଦେଲା ଏକ ବିଦ୍ୟାଳୟ । ମୁଁ ସେଠାରେ ପ୍ରଥମରୁ ଦଶମଯାଏଁ ପଢିଲି । ଦଶମ ବେଳକୁ ମୋର ରୂପ ରଂଗରେ ଚମକ ଆସିଯାଇଥିଲା । ମୋ ବହିଖାତା ଭିତରକୁ ପ୍ରେମପତ୍ର ଆସିବାକୁ ଲାଗିଲା । ତେବେ ପ୍ରଥମ

ପ୍ରେମପତ୍ର ମୋ ଶ୍ରେଣୀର ମାନସ ମୋ ପାଖକୁ ଲେଖିଥିଲା । ମାନସ ଖୁବ୍ ଭଲ ପାଠ ପଢୁଥିଲା ଓ ଶ୍ରେଣୀରେ ସମସ୍ତଙ୍କର ସେ ଥିଲା ଆଦରର । ଶିକ୍ଷକମାନେ ମଧ୍ୟ ତାକୁ ଭଲପାଉଥିଲେ ଏହି ଭଲ ପାଠପଢିବା ପାଇଁ । ଭଲପାଇବାରୁ ଭଲପାଇବା ମିଳେ । ଏହା ଏକ ଚରନ୍ତନ ସତ୍ୟକଥା । ତେବେ ସେଦିନ ଖେଳଛୁଟିରେ ମାନସ ମୋତେ ପାଖକୁ ଡାକଲା ଏବଂ ମୁଁ ଗଲାରୁ ଚୁପ୍‌କରି କହିଲା ଯେ ମୁଁ ତୁମ ବେଗ୍‌ରେ କଛି ରଖିଛି ଦେଖିନେବ। ଏତିକ କହି ସେ ଝଅଟ୍ କରି ମୋ ପାଖରୁ ପଳାଇଲା ।

କଣ ଜିନଷ ଏ ମାନସ ମୋ ବେଗ୍‌ରେ ଥୋଇଛି କ ? ମୋର ମଧ୍ୟ ବହୁତ ଆଗ୍ରହ ଓ ଭୟ ଜାତହେଲା । ମୁଁ ଆଉ ଖେଳବି କଣ ଯାଇ ମୋର ବେଗ୍ ଖୋଲି ଦେଖିଲି ମାନସ ଲେଖିଥିବା ମୋ ପାଖକୁ ଏକ ପ୍ରେମପତ୍ର । ଯେଉଁଥିରେ ସେ ଲେଖିଥିଲା ଯେ ସେ ମୋତେ ବହୁତ ଭଲପାଏ । ମୋତେ ଦେଖିଲେ ସେ ପାଗଳପ୍ରାୟ ହେଉଛି । ସେ ମୋ ଗାଲରେ ଚୁମା ଦେବାକୁ ଚାହେଁ, ମୋ ଛାତିରେ ମୁଣ୍ଡ ଗୁଂଜିବାକୁ ଚାହେଁ, ମୋତେ ତା ଛାତିରେ ଜାବୁଡି ଧରିବାକୁ ଚାହେଁ............. ସେ ମୋତେ ଆପଣେଇବାକୁ ଚାହେଁ ।

ମୁଁ ଯେମିତି ଆଉ କାହାର ନ ହୁଏ ଏଥିପାଇଁ ସେ ଚାହୁଁଥିଲା ପ୍ରତିଶୃତି । ନ ହେଲେ ସେ କାଳେ ଆତ୍ମହତ୍ୟା କରିନେବ ବୋଲି ମଧ୍ୟ ଧମକ ଦେଇଥାଏ ।

ସେଦିନ ଟିଫିନ ଛୁଟିପରେ ସବୁସାଂଗ ଶ୍ରେଣୀକୁ ଫେରି ପଚାରିଲେ କଣ କରେ, ମାନସ କଣ ଏମିତି କହିଲା ଯେ ତୁ ପଡିଆରୁ ସିଧା କ୍ଲାସକୁ ପଳାଇ ଆସିଲୁ ?

କଣ ମୁଁ ଉତର ଦେବି ବୁଝିପାରିଲି ନାହିଁ । ମୁଁ ଡରିଯାଇଥିଲି ଏମିତି ଯେ କେବଳ ଭେଁ ଭେଁ ହୋଇ କାନ୍ଦିବାକୁ ଲାଗିଲି । ଏମିତି ସମୟରେ ଅନ୍ୟ ସାଂଗମାନେ ମଧ୍ୟ ସମସ୍ତେ ମୋତେ ଘେରିଗଲେ । ମାନସ ନଶ୍ଚୟ ଡରିଯାଇଥିବ କାଳେ ମୁଁ ତା ଚଠିକଥା କହିଦେବି । କନ୍ତୁ ମୁଁ କଛି ନ କହି କେବଳ କାନ୍ଦିଲି । ଶ୍ରେଣୀ ଭିତରକୁ ମ୍ୟାଡାମ ଆସି ପଚାରିଲେ ଯେ କଣ ତୋ ଦେହ ଭଲ ଲାଗୁନାହିଁ ? ଏମିତି କାନ୍ଦୁଛୁ କାହିଁକ ?

ଡଲି ରାଗିଯାଇ କହିଲା କଣ କରେ ମାନସ, ତୁ କଣ କହିଲୁ କ ରେ, ଯେଉଁଥିପାଇଁ ସେ ପଡିଆରୁ ପଳାଇ ଆସିଲା ଓ କାଂଦୁଛି । କରୀହ ଦୃଷ୍ଟିରେ ଚାହିଁ ମାନସ କହିଲା କାହିଁ ମୁଁ ତ କଛି କହିନାହିଁ । ମୁଁ ତାକୁ ନାଲିକଲମ ଅଛି କ ପଚାରୁଥିଲି ।

ନାଲି କଲମ ? ବାଃ ରେ ମାନସ । ଏବେ ଯଦି ସତ କଥାଟେ ଜଣାପଡିଯିବ ନା ତେବେ ତୁ ଲାଜରେ ତୋ ମୁହଁ ତ ଦେଖାଇ ପାରିବୁ ନାହିଁ ଆଉ ମୁଁ ? ମୋର କଣ ଦଶା ହେବ

ଯେ**?** ହଁ ଆଜିଠାରୁ ପାଠରେ ଡୋରି । ମୋ ଜେଜେମା କହିବେ ବାସ୍ ହେଇଗଲ୍ ଲୋ ସୁମି, ତୋ ଝୁଅ ଏକାଥରେ ବିଏ ପାଶ୍ । ଶିଘ୍ର ବିହାଇବାର ବ୍ୟବସ୍ଥା କର ନଚେତ୍ ବଂଶର ମାନ ମହତ ସବୁ ଯିବ ।

ମୋର ଏମିତି କଣ ହେଲ୍ କେହିବୁଝି ନ ପାରି ଘରକୁ ଖବର କରିଦେଲେ । ଜେଜେମା ଆସି ମୋତେ ସ୍କୁଲରୁ ନେଇଗଲେ । ମୁଁ ଘରେ ପହଂଚ ବୋଉକୁ ସବୁକଥା କହିଲି । ଚଠି ଦେଖାଇଲି । ବୋଉ କହିଲ୍ ତୁନ ରହ, ତୁ ଆଉ ସେ କଥା ଚନ୍ତାକରନାହିଁ କ ଡରନାହିଁ । କାଲିଠୁଁ ତୁ ସେ ମାନସ ସହ ଆଦୌ କଥା ହେବୁନାହିଁ କ ତା ପାଖକୁ ଯିବୁନାହିଁ । ମୁଁ ତା ମାଆକୁ ଡାକ ତାଗିଦ୍ କରିଦେଉଛି । କଥା ଏତିକରେ ଥାଉ ।

ତାହାହିଁ ହେଲ୍ । ମାଆ ମାନସର ମାଆଙ୍କୁ ସବୁକଥା ଖୋଲି କରି କହିଲେ ଓ ତାଙ୍କପୁଅ ଦେଇଥିବା ଚଠିମଧ ଦେଲେ । ତାଙ୍କ ମାଆ ମାନସକୁ କଣ କହିଲେ କେଜାଣି ମାନସ ମଧ ତା ପରଦିନଠାରୁ ଆଦୌ ମୋ ପାଖ ମାଡିଲ୍ ନାହିଁ କମ୍ବା କଥା ମଧ ହେଲ୍ନାହିଁ ।

ତେବେ ମାନସର ଏମିତି ମୋଠାରୁ ସଂପୂର୍ଣ୍ଣ ମୁହଁ ଫେରାଇନେବା, ମୋ ସହ ଆଦୌ କଥା ନ ହେବା ମୋତେ ଭଲ ଲ୍ଗିଲ୍ ନାହିଁ । ତେବେ ସେ ସବୁକୁ ମୁଁ ସହିନେଲି ଓ ସେ ବର୍ଷ ପରୀକ୍ଷାରେ କେମିତି ଭଲ ନମ୍ବର ରଖି ପାଶ୍ କରିବି ତାହାହିଁ ଚନ୍ତାକଲି । ମାନସ ମଧ ଏବେ କେବଳ ପାଠରେ ଧ୍ୟାନଦେଲ୍ ଓ ସେବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ରେକର୍ଡ ନମ୍ବର ରଖିପାସ୍ କଲ୍ । ମୁଁ ମଧ ପ୍ରଥମ ଶ୍ରେଣୀରେ ପାସ୍ କଲି ।

ସେଦିନ ସଂଧାରେ ବିଦ୍ୟାଳୟର ସ୍ୱାଗତ ଉତ୍ସବରେ ମୋତେ ଏକୁଟିଆ ଏକ ଅଂଧାରୁଆ ଜାଗାରେ ଦେଖି ମାନସ ମୋପାଖକୁ ଆସି କହିଲ୍ ବସୁନ୍ଧରା, ସରି । ମୋତେ ଭୁଲ୍ ବୁଝି । କଣ କରିବି କୁହ । ତୁମେ ମୋତେ ବହୁତ ଭଲ ଲ୍ଗ ବୋଲି ଚଠିଟିଏ ଲେଖିଦେଇଥିଲି । ହେଉ, ମୁଁ ତ ପଢିବାପାଇଁ ଦୂର କଟକ ସହରକୁ ଗ୍ଲଯିବି । କେବେ କେବେ ଦେଖା ହେବ। ଚଠି ଦେବା ତ ଅସଂଭବ । ଭଲରେ ରୁହ । ବେଳେବେଳେ ଏ ସାଂଗକୁ ମନେ ରଖିବ ।

କାହିଁକ କେଜାଣି ମାନସ ସେଦିନ ମୋତେ ବହୁତ ଭଲ ଲ୍ଗିଲ୍ । ମୋର ସହପାଠୀ ସିଏ କନ୍ତୁ ଲ୍ଗିଲ୍ ଯେମିତି ଖୁବ୍ ଆପଣାର । ଦୂର ସହରକୁ ଗ୍ଲଯିବ ଶୁଣି ମନଟି ଉଦାସ ହୋଇଗଲ୍ । ମୁଁ କହିଲି ଦେଖ ମାନସ, ମନ ଲଗାଇ ପାଠ ପଢିବ । ମୋ କଥା ଖରାପ ଭ୍ବିବନାହିଁ । ଏବେ ସେ ସବୁର ସମୟ ହୋଇନାହିଁ । ସମୟ ହେଉ ବୁଝିବା ।

ମୋ ତୁଣ୍ଡରୁ ଏତିକ କଥା ମାନସଙ୍କୁ ବହୁତ ଆନନ୍ଦ ଦେଲା । ସେ ମୋ ହାତର ପାପୁଲିକୁ ସାମାନ୍ୟ ଚିପିଦେଇ ସେ ସ୍ଥାନରୁ ଚାଲିଗଲେ ।

ମୁଁ ଆପଣାର ସହରର ମହାବିଦ୍ୟାଳୟରେ ପାଠ ପଢିଲି । ଦ୍ୱିତୀୟ ବର୍ଷ ବେଳକୁ ମୋର ବିବାହପାଇଁ ବର ଖୋଜା ଚାଲିଲା । ମୁଁ ସୁନ୍ଦରୀ ଝିଅ ପୁଣି ମହାଜନ ପରିବାରର ଏକମାତ୍ର ରାଜନନ୍ଦିନୀ । ଏଣୁ ବହୁତ ପ୍ରସ୍ତାବ ଆସିଲା ତେବେ ମୋର ମନ ଉଦାସ ହୋଇ ଯାଉଥାଏ।

କଣ ମୁଁ କରିପାରିବି ଯେ ? ସତରେ ଜେଜେମା ମୋ ନାମ ବସୁନ୍ଧରା ରଖି ଭଲ କରିଥିଲେ। ମୋର କେବଳ ଏ ମାଆ ବସୁନ୍ଧରା ପରି ସହିବାର ଅଛି । ମୋର ଅବା ଆପଣାର କେଉଁ ସ୍ୱାଧିନତା ଓ ସୁଖ ରହିଛି ଯେ ? ମାନସ ଯେ ମୋତେ ଭଲ ଲାଗିଲେଣି, ଏ କଥା ମୁଁ କାହାକୁ କେମିତି କହିବି ଯେ ?

ମୁଁ ଅତ୍ୟନ୍ତ ସୁନ୍ଦରୀ, ଏ କଥା ମୋ ସାଂଗମାନେ ବାରମ୍ବାର କହନ୍ତି । ମୁଁ ମଧ୍ୟ ଆଇନା ଆଗରେ ନିଜକୁ ଦେଖି ବୁଝିବାକୁ ଚେଷ୍ଟାକରେ ଯେ ମୁଁ କେମିତି ସୁନ୍ଦରୀ ହୋଇଛି ? ମୋ ଦେହର କେଉଁ ଅଂଶ ମୋତେ ବହୁତ ସୁନ୍ଦର କରିଛି ?

ହଁ, ମୋ ଗାଲ ପୁରିଲା ପୁରିଲା ହୋଇଛି, ତାହାହିଁ ସୁନ୍ଦରତା ।

ମୋ ଓଠ ବହଳ ହୋଇଛି, ତାହାହିଁ ସୁନ୍ଦରତା ।

ମୋ ଛାତିର ଦୁଇପାଶ୍ୱର୍ରେ ମାଂସର ଛୋଟ ପିଣ୍ଡୁଳା ହୋଇଛି, ତାହାହିଁ ସୁନ୍ଦରତା ।

ମୋ ଦେହର ରଂଗ ଚହଟି ଉଠୁଛି, ତାହାହିଁ ସୁନ୍ଦରତା ।

ମୋ ଦେହରେ ଅନ୍ୟାନ୍ୟ କିଛି ବିଶେଷ ପରିବର୍ତନ, ତାହାହିଁ ହୁଏତ ହୋଇପାରେ ମୋର ସୁନ୍ଦରତା ।

ମୋ ବାହାଘରର ଖବର ଯେମିତି ପ୍ରଚାର ହେଲା ସେମିତି ବିଭିନ୍ନ ସ୍ଥାନରୁ ପ୍ରସ୍ତାବ ଆସିବାରେ ଲାଗିଲା । ଡାକ୍ତରଟିଏ ଆସିଲା କିନ୍ତୁ ବାପା କହିଲେ ନା ନା, ଆଜିକାଲି ଡାକ୍ତରଙ୍କର କୌଣସି ସାଂସାରିକ ଜୀବନ ନାହିଁ । ଯେତେବେଳେ ଦେଖ ରୋଗୀ ଓ ରୋଗୀ। ଆଉ ଯଦି କେହି ରୋଗୀର କିଛି ଅସୁବିଧା ହେଲା ତେବେ ଡାକ୍ତରର ସବୁ ଦୋଷ। ଫିଙ୍ଗା ଫିଙ୍ଗି ଓ ମାଡଗୁଳ ଯାଏ କଥା । ଝିଅ ମୋର ଅଭିଆଡି ରହିବ ପଛେ ମୁଁ ଡାକ୍ତରଙ୍କୁ ଦେବିନାହିଁ ।

ତାପରେ ଆସିଲେ ଇଂଜିନୟର । ବଡବାପା କହିଲେ ଆରେ ଛାଡ ସେ ଇଂଜିନୀୟର ଫିଂଜିନୀୟର । ଆଜିକାଲି ଆଉ ପୂର୍ବଭଳ ସେ ଚାହିଦା ନାହିଁ । ସରକାରୀ ଚାକରୀ ନଅଂଟ। ପୁଣି ଯଦି କୋଠାବାଡି, ରାସ୍ତାଘାଟ ତିଆରି ପରେ କିଛି ଅସୁବିଧା ହେଲେ ସବୁଦୋଷ ସେହି ଇଂଜିନୀୟରଙ୍କର । ଆରେ ଭାଇ, ସିମେଂଟ ରଡ ଯଦି ଦୁଇ ନମ୍ବରି ହେଲା, ଅଧିକ ମୁନାଫା ଲୋଭରେ ଯଦି ଠିକାଦାର ଅଧିକ ବାଲି ମିଶାଇଲା ତେବେ ଦୁର୍ବଳ ହେବହିଁ ହେବ । ଇଂଜିନୀୟର ବିଚରା କଣ କରିବ ?

ଠିକାଦାରର କଥା ମଧ ଭୁଲ୍ ନୁହେଁ, ସେ କହିବ ଭାଇ ବିଡିଓ, ତହସିଲଦାର, ନେତା, କୁଜିନେତା, ମନ୍ତ୍ରୀ, ସନ୍ତ୍ରୀ ସମସ୍ତଙ୍କୁ ଭାଗ ବାଂଟିବାକୁ ପଡୁଥିବା ବେଳେ ସେ କଣ ଆଉ କରିଥାଆନ୍ତା ଯେ ? ସିଷ୍ଟମ ତ ଆଜି ଏଇୟା ।

ଆମ ବସୁନ୍ଧରା ସେ ଇଂଜିନୀୟର ଫିଂଜିନୀୟରଙ୍କୁ ବାହା ହେବନାହିଁ ।

ଜେଜେମା ବିରକ୍ତ ହୋଇ କହନ୍ତି ହଁ ହେଲା ଏମିତି ବାଛି ହୁଅ, ଝିଅ ତୁମର ପୁଣି ବୟସ ଅଧିକରେ ବାଛୁଆ ହୋଇ ନ ଯାଉ ମ ?

ହେଉ ହେଲା ରେ ପୁଅମାନେ, ମୁଁ କହୁଛି ଶୁଣ । ଆମ ବାପ ଜେଜେ ଅମଳରୁ କଥାଟେ ରହିଛି ଯେ ଚାକରୀଆଟେ କୁକୁରିଆ ବୁଲେ ଦେଶେ ଦେଶେ, ବେପାରିଆ ବଡ ଦୁଃଖିଆ ସର୍ବ ସୁଖମ୍ ଚାଷେ । ଆରେ ଯାହାର ଭଲ ଚାଷ ଜମି ରହିଛି ତାକୁହିଁ ତୋ ଝିଅ ଦେଇଦେ । ବରଷକର ଧାନ ଖାଇ ବଳୁଥିବ, ଘରେ ଚାଷ ପାଇଁ କିଛି ଯୋଡା ବଳଦ ଓ ମହିଷି ଥିବ, କେତେ ଖଣ୍ଡ ଶଗଡ ଥିବ, କଳାବାଡି ବଡ ଥିବ, ମାଛ ପୋଖରୀ ଥିବ । ଘରେ ଗୋରୁ ଗାଇ ରହିଥିବ ଯାହାଦ୍ୱାରା ସମସ୍ତେ ଗାଇଠାରୁ ଖାଂଟି କ୍ଷୀର ପାଉଥିବେ । ଘରେ ଗୋବର ଲିପା ହେଉଥିବ । ବତକ, କୁକୁଡା, ଛେଳ ଆଦି ମଧ ଥିବେ ।

ଜେଜେ କହିଲେ ବାଲେଶ୍ୱର ଜିଲ୍ଲାର ଭୋଗରାଇର ଦାସ ପରିବାରରୁ ପ୍ରସ୍ତାବ ଆସିଛି । ଚାରିଭାଇ ସେମାନେ । ବହୁତ ଭୂ-ସଂପତି । ପଶୁଧନ ମଧ ଯଥେଷ୍ଟ । ଏକାଧିକ ପୋଖରୀ ମଧ ସେମାନଙ୍କ ପାଖରେ ରହିଛି । ମୁଁ ଭାବୁଛି, ସେହି ପ୍ରସ୍ତାବକୁ ସ୍ୱୀକାର କରିନେବା ଭଲ। ଏମିତି ତ ଓଡିଶା ଓ ବଙ୍ଗ ସୀମାନ୍ତ ଜିଲ୍ଲାରେ ବୈବାହିକ ସଂପର୍କ ସାଧାରଣ । ଏଣୁ ବସୁନ୍ଧରା ସୁଖରେ ରହିବ ।

ସମସ୍ତେ ଜେଜେ ଓ ଜେଜେମାଙ୍କର କଥାରେ ସହମତ ହେଲେ । ବର୍ଷା ଯୋଗୁଁ ସୁବର୍ଣ୍ଣରେଖାରେ ବନ୍ୟା ଆସିଛି । ଏଣୁ ବନ୍ୟାର ପାଣି ନଇକୁ ଫେରିଗଲେ ବଡବାପା ଝିଅର୍ଇ ଯିବେ ବସୁନ୍ଧର୍ାର ପ୍ରସ୍ତାବ ନେଇ ।

କଣ କରିବ ବସୁନ୍ଧର୍ା ? ମାନସ କେତେ ଆଶାକରି ସହରକୁ ଯାଇଛି ଯେ ସେ ଫରିବାଯାଏଁ ମୁଁ ଅପେକ୍ଷା କରିବି । ଏହା ତ ଏବେ ସମ୍ଭବ ହେବନାହିଁ । କାହାକୁ କଛି କହିବା ମଧ ସମ୍ଭବ ନୁହେଁ । ଏଣୁ ସେ ମାନସକୁ ଫୋନ ଲଗାଇ ଗୋପନରେ ଜଣାଇଲ୍ ଯେ ମାନସ, ତୁମେ ଯଦି ପାରୁଛ ମୋତେ ନେଇଯାଅ । ମୋର ବିବାହ ସ୍ଥିରହେବାକୁ ଯାଉଥିବାରୁ ମୁଁ ନରୁପାୟ । ମୁଁ ନାରୀ ଅବଳା, ଦୁର୍ବଳା । ଏବେ ମୁଁ କନ୍ୟାରୂପରେ ଅନ୍ୟର ଅନୁଗ୍ରହରେ ପରିପାଳତ । ତଥାପି ତୁମକୁ କଥାଦେଇଛି ବୋଲି ଜଣାଇଲି ।

ହଁ, ମୁଁ ତୁମକୁ ସତରେ ଭଲପାଉଛି ମାନସ । ତୁମକୁ ଘରକୁ କହି ଆମଘରକୁ ପ୍ରସ୍ତାବଦିଅ ନଚେତ୍ ମୋତେ ଘରୁ ଯେମିତି ହେଉ ନେଇପଳାଅ । ତୁମପାଇଁ ବରଂ ଏ ନନ୍ଦା ଓ ଅପବାଦ ମୁଁ ସହିନେବି । ବାପା ମାଆ ଓ ଘରର ସମସ୍ତେ ଯାହାକହିବେ କୁହନ୍ତୁ ମୁଁ ତୁମ ସହ ସମଗ୍ରଜୀବନର ସାଥୀହେବା ପାଇଁ ଗ୍ଭଲିଯିବି ।

ହେଉ କହି ମାନଓ ଫୋନ ରଖିଲେ । ଆପଣାକୁ ଦୋଷମୁକ୍ତ କରି ବସୁନ୍ଧର୍ା ଅପେକ୍ଷାକଲ୍ ମାନସର ଆଗମନକୁ । କନ୍ତୁ କୌଣସି ସଂବାଦ ଆସିଲ୍ ନାହିଁ କ ମାନଓ ଏବେ ଫୋନ ମଧ ଗ୍ରହଣକରୁ ନାହାଁନ୍ତି । କଣ ହେଲ୍ ମାନସଙ୍କର ? ଏ କଥା ବୁଝିବାପାଇଁ ବସୁନ୍ଧର୍ା ମାନସର ଘରକୁ ଗଲ୍ ।

ତା ମାଆ କହିଲେ, ନା ରେ ଝିଅ । ଏ ବିବାହ ହୋଇପାରିବ ନାହିଁ । ମାନସ ପାଇଁ ମୁଁ ତୋ ଠାରୁ ବହୁତ ଭଲଝିଅ ଖୋଜି ରଖିଛି । ରୂପଗୁଣରେ ଅତ୍ୟନ୍ତ ଭଲ । ବଡ ଧନବାନର ଝିଅ । ମାନସ ତାକୁ ଦେଖି ପସନ୍ଦକରିଛି । ଏଣୁ ସେ ତୋ ଫୋନ୍‌ର ଉତର ଦେଉନାହିଁ । ତୁ ଏଠାରୁ ପଳା ଆଉ ତୋ ଘରଲୋକେ ଯେଉଁଠି ବିବାହ ଠିକ୍ କରିଛନ୍ତି ସେଇଠି ବାହା ହୋଇଯା.. ।

ସ୍ମିତହାସ୍ୟଟିଏ ଟାଣି ପଛକୁ ମୋଡିଲ୍ ବସୁନ୍ଧର୍ା । ଆଖିରୁ ତାର ବୋହିଯାଉଥାଏ ଅମାନଆଁ ଅଶ୍ରୁଧାର । ପ୍ରଥମ ପ୍ରେମର ଏ କ ପରିଣାମ ? କେତେବଡ ପ୍ରତାରଣା ? ଏ ଦୁନଆଁରେ କଣ ଏହାହିଁ ପ୍ରେମ ଓ ଭଲପାଇବା ? ନଜକୁ ସମ୍ଭାଳ ନ ପାରୁଥିଲେ ମଧ ଘରକୁ ଫେରିଲ୍ ବସୁନ୍ଧର୍ା । ମାଆ ପଗ୍ଭରିବାରୁ ନଜକୁ ଅଣାୟତକରି ପକାଇଲ୍ ସେ । ଭୁ ଭୁ ହୋଇ

ମାଆଙ୍କୁ ଧରିକାନ୍ଦିଲି ଓ ସବୁକଥା କହିଲି । ନଈକୂଳ ଗାଁ ଭୋଗରାଇର ଦାସବଂଶର ମଧ୍ୟମପୁତ୍ର କୃଷ୍ଣକେଶବଙ୍କ ସହ ବସୁନ୍ଧରାର ହୁଏ ବିବାହ । ବିବାହ ବର୍ଷ ସୁବର୍ଣ୍ଣରେଖାର ପ୍ରଳୟଙ୍କରୀ ବନ୍ୟାରେ ଭାସିଯାଏ ଦାସବଂଶର ବିଶାଳ ମାଟିକାନ୍ଥର ପ୍ରାସାଦ । ବନ୍ୟା ପରବର୍ତୀ ହଇଜାରେ ଉଜୁଡିଯାଏ ଗାଁ । ଶହ ଶହ ଲୋକଙ୍କର ହୁଏ ପ୍ରାଣହାନୀ । ବସୁନ୍ଧରାର ସଂସାର ସଂପୂର୍ଣ୍ଣ ଉଜୁଡିଯାଏ । କୃଷ୍ଣକେଶବଙ୍କୁ ମଧ୍ୟ ମହାକାଳ କରିନଏ କବଳତ ।

ତେବେ ବଂଚଯାଇଛି ବସୁନ୍ଧରା ଓ ଗର୍ଭରେ ବଢୁଥିବା ପୁତ୍ର ସନ୍ତାନ । ଆରମ୍ଭ ହୋଇଛି ତାର ନୂତନ ଜୀବନ ଯେଉଁଥିରେ କେବଳ ସଂଗ୍ରାମ ଓ ସଂଗ୍ରାମ । ଜୀବନ ସଂଗ୍ରାମ ତଥା ସହିବାର ଓ ଦୁର୍ଗମ ପଥରେ ଚାଲିବାର ଏକ ଇସ୍ତାହାର ।

ଶିଶୁପୁତ୍ରକୁ ଧରି ସେ ବାଟଚାଲିଛି । ଶାଶୁଘର ଗାଁର ଭୂସଂପତିକୁ ନେଇ ଚାଷକରିଛି । ନଡାଛପରର ଘରଟିଏ କରିଛି । ସବୁ ଦୁଃଖ ଭିତରେ ସେ ଭାବିଛି ଯେ ପୁଅ ତାର ସୁଖ ନିଶ୍ଚୟ ତାପାଇଁ ଫେରାଇ ଆଣିବ । ସେ ତା ମାଆକୁ ସୁଖ ଦେବ । ତା ପାଖରେ ରହିବ । ବୋହୁଟିଏ ଆସିବ । ନାତି ନାତୁଣୀ ତା ଆଗରେ ଖେଳବେ । ସେ ସବୁ ଭୁଲିଯିବ ଅତିତର ଦୁଃଖ ।

ତାହାହିଁ ଅନେକାଂଶରେ ହୋଇଛି । ବସୁନ୍ଧରାର ପୁଅ ବୋହୁ ଆଜି ସୁଦୂର ଲଣ୍ଡନ ସହରରେ। ବଡ ସରକାରୀ ଚାକରୀ । ବଡ ବିଳାସମୟ ଘର, ବଡ ଗାଡି ।

ମାଆକୁ, ମାଟିକୁ ଭୁଲି ପକାଇଛି ପୁଅ ।

ଶୋଇଛି ବସୁନ୍ଧରା । ସେ ଶୁଣୁଛି ଯେମିତି କଏ ତାକୁ କହୁଛି ରେ ବସୁନ୍ଧରା, ତୁ ବନ୍ଧ୍ୟା । ଆଖିରୁ ଜକେଇ ଆସୁଛି ବସୁନ୍ଧରାର ଲୁହ । ସେ ଶୋଇ ପଡିଛି ଆଉ ଉଠିବାକୁ ବଳପାଇନାହିଁ ।

ସୌଭାଗିନୀ, ରଟିଲ, ରେଞ୍ଜ, ପୁରୀ

# ମୁଁ କୃଷକ

କୁମୁଦିନୀ ବେହେରା

ଜୀବନ ରୂପୀ ଏ ଦଖଲ ଜମିରେ
ମୁଁ ପରା କୃଷକଟିଏ
ସୌଭାଗ୍ୟ ଫଳର ଆଶେ ପୁଣ୍ୟକର୍ମ
ମଞ୍ଜି ନିତି ବୁଣୁ ଥାଏ ।

ଜାଣିଛି ବୁଣିଲେ ପାପକର୍ମ ମଞ୍ଜି
ପାଇବି ଦୁର୍ଭାଗ୍ୟ ଫଳ
ସେ ଦୁର୍ଭାଗ୍ୟ ଫଳ କରିବ ବିନାଶ
ସାଜି ମୋ ଜୀବନେ କାଳ ।

ହେଉ ପୁଣ୍ୟଫଳ ହେଉ ପାପଫଳ
ବିଳମ୍ବେ ହୁଏ ପ୍ରାପତ
ନିଜ ସଙ୍ଗେ ଜ୍ଞାତିଜନଙ୍କର ଭୋଗ
ଏ ବାକ୍ୟ ଅଟେ ନିଶ୍ଚିନ୍ତ ।

ପାପ ପୁଣ୍ୟ ମଞ୍ଜି ବୁଣିଲେ ମିଳଇ
ଦୁଃଖସୁଖ ଶସ୍ୟଫଳ
ଫସଲର ରୋଗ ଅହଙ୍କାର ଆସି
ଭାଙ୍ଗେ କୃଷକର ବଳ ।

ଅହଙ୍କାର ରୋଗ ବିନାଶ ପାଇଁ କ
କୀଟନାଶକରେ ଧ୍ୟାନ
ଭଜନ ଭୋଜନ ଆୟୋଜନ ସଙ୍ଗେ
ସତ୍ ସଙ୍ଗ ପ୍ରୟୋଜନ ।

ଅହଙ୍କାର ବୃକ୍ଷେ ବିନାଶକ ଫଳ
ସୃଷ୍ଟି କରିଥାଏ ଧ୍ୱଂସ
କୌତୁହଳ ପରିବେଶ ଭାଙ୍ଗି ଚୂରି
ସଂସାରକୁ କରେ ନାଶ ।

ଉଦାର ଉଦ୍ୟାନେ ସ୍ନେହ ଶ୍ରଦ୍ଧା ପୁଷ୍ପେ
ଗୁନ୍ଥି ସୁବାସିତ ହାର
ସଂସାର ଜନକୁ ଅରପଣ କଲେ
ସଂସାରେ ହୋଇବି ସାର ।

ଶୃଙ୍ଖଳା ସଂସ୍କାର ଅମାରରେ ରଖ
ସ୍ୱାଭିମାନ ଓ ବିବେକ
ବାହି ନେଇଯାଅ ଜୀବନ ନଉକା
ସଂସାରେ ବଢିବ ଟେକ ।

ଉତ୍ତମ କର୍ମରେ ଶ୍ରାନ୍ତ, କ୍ଳାନ୍ତ ନୋହି
କଲେ ଜୀବନେ ସୁକର୍ମ
ଉପଯୁକ୍ତ ଶସ୍ୟ କାଟିବା ସମୟେ
ସହଚର ହେବେ ଧର୍ମ ।

ଗୋପନ ବଜାରେ କରିବା ସଉଦା
ସ୍ରଷ୍ଟା ସଙ୍ଗେ କାରବାର
ସଂସାରେ ନ ହୋଇ ଅସାର କୃଷକ
ଭରିବି ଅମାର ମୋର ।

ସୋପାନରୁ ନେବି ସପନ ଗୋଟେଇ
ଦେଖି ହେବେ ଆଚମ୍ବିତ
ହେଉ ପଛେ ମିଛମାୟା ଏ ଦୁନିଆ
ପାପ ହେବ ପରାହତ ॥

ଶିକ୍ଷୟିତ୍ରୀ, ଅନୁଗୋଳ

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।**
**ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢ଼ିସାରିବାପରେ ନିଜର ମତାମତ ଦିଅନ୍ତୁ ।**

# ଈଶ୍ୱର ପ୍ରତିମ : ଗୁରୁ

ରୋଜାଲିନ୍ ମିଶ୍ର

ବିକ୍ଷିପ୍ତ ବର୍ଣ୍ଣମାଳାଟିକୁ
ତିଆରିଛନ୍ତି ଆପଣ
ଏକ ପୂର୍ଣ୍ଣାଙ୍ଗ ଉପନ୍ୟାସ କରି
କେତେ ଯେ ଶ୍ରମ ଢାଳ,
ହେ ଗୁରୁମ୍ୱାନ୍,
ତବ ଚରଣ ତଳେ
ହୃଦୟ ପ୍ରଦୀପେ
ଜାଳେ ଆଜି ମୁଁ ଯେ ଭକ୍ତି ଦୀପାଳୀ ।।
ଘନ ଅନ୍ଧାରର ଅମାବାସ୍ୟା ଫାଙ୍କରୁ
ଆପଣ ଯେ ସୃଷ୍ଟି କରି ପାରନ୍ତି
ପୂର୍ଣ୍ଣିମାର ପୌର୍ଣ୍ଣମାସୀ ଛବି
ସ୍ୱୟଂ ସ୍ୱାର୍ଥକୁ ଦେଇ ଜଳାଞ୍ଜଳି,
ଚିର ବନ୍ଦନୀୟ,
ଚିର ପୂଜନୀୟ ହେ ଗୁରୁ
ସଫଳତାକୁ ଛୁଇଁବାର
କେବଳ ଗୋଟେ ମାଧ୍ୟମ ଯେ ନୁହଁନ୍ତି
ଭିନ୍ନ ଏକ ଈଶ୍ୱର ଆପଣ
ଏବଂ ଆପଣଙ୍କ ଆଶୀର୍ବାଦ ବଳେ
ଉଭାନ୍ ହୋଇଯାଏ
ବିଫଳତାର କର୍ଦମ କାଳ ॥

ପ୍ରାଣୀଧନ ନୀରିକ୍ଷକ
ଆଗଲପୁର (ରାଜ), ବଲାଙ୍ଗୀର

# ଦୁହିତା



ନବ କୁମାର ଦାସ

ଦୁଇ କୁଳ ର ହିତ ପାଇଁକ
ଜନମ ନେଇଛି ଯିଏ
ସ୍ନେହ ସମ୍ପର୍କେ ବାନ୍ଧି ହୋଇକ
ଦୁହିତା ନାମଟି  ପାଏ

ଗୋଟେ କୁଳରେ ବାପା ମାଆ ଯେ
ଅଟନ୍ତି ତା ଆପଣାର
ଅନ୍ୟ କୁଳରେ ଶାଶୁ ଶ୍ୱଶୁର
ହୁଅନ୍ତି ପୁଣି ନଜର

ଭାଇ ଭଉଣୀ ସମ୍ପର୍କ ଛାଡି
ଦିଅର ନଣନ୍ଦ ପାଏ
ମାଆ ପରିକା ସେନେହ ଦେଇ
ତାହାଙ୍କୁ ଆଦରି ନଏ

ଗୋଟେ କୁଳର ସମ୍ପର୍କ କାଟି
ଅନ୍ୟ କୁଳରେ ସେ ଯୋଡ଼େ
ସ୍ୱାମୀଙ୍କ ପରି ଦେବତା ପାଇ
ପରିବାର ଟିକୁ ଗଢେ

ସମୟ ସାଥେ ପରିଚୟ ଯେ
ବଦଳ ଯାଏ ତାହାର
ମା ଜେଜେମା ପରିଚୟ ପରେ
ମାଟିରେ ମିଶେ ଶରୀର ॥

ବାଲିଆପାଳ, ବାଲେଶ୍ୱର

# ଭିଟାମାଟିର ମୋହ



ସୀତାରାମ ଦାଶ

ସୁନତା ଦେବୀ ସହରରେ ନୂଆ କରି ତୋଳା ହୋଇଥିବା ଘରକୁ ଖୁସିରେ ତନ୍ନତନ୍ନ କରି ଦେଖୁଥିଲେ। ମୁଖ୍ୟ ଫାଟକରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଛି, 'ମାତୃକୃପା ଭବନ'। ଖୁବ୍ ସୁନ୍ଦର ବଙ୍ଗଳା ପରି ଘର। ଘର ଆଗରେ ଲନ ପାଇଁ ପ୍ରଶସ୍ତ ଜାଗା। ଗୋଟାଏ କଡ଼କୁ ଲିଲି ପଣ୍ଡ ପାଇଁ ସିମେଣ୍ଟରେ ତିଆରି କୁଣ୍ଡ । ବାହାର ପଟ କାନ୍ଥରେ ଦାମିକଆ ମେଟାଲିକ ଓ୍ୱାଲ ଟାଇଲ । ବଡ଼ ବଡ଼ ବେଡ୍‌ରୁମ, ଲମ୍ବା ଡାଇନଂ ସହ ଠାକୁର ଘର ଆଉ ଅତ୍ୟାଧୁନକ କଚେନ୍। ଘରର ପ୍ରତିଟି କୋଣ ଅନୁକୋଣରେ ଇଣ୍ଟେରିଅର ଡେକୋରେଟର୍ ଙ୍କ ଅଭିଜ୍ଞ ହାତର ଛାପ ବାରି ହୋଇ ପଡୁଛି। ଡ୍ରଇଂ ରୁମକୁ ପ୍ରବେଶ ପଥର ଦୁଇପଟେ ସୁନ୍ଦର ସବୁଜ ଏରିକା ପାମ ଗଛ ଦୁଇଟି। ଦୁଇଟି ଫ୍ୟାମିଲୀ ଚଳବା ପାଇଁ ସବୁ ପ୍ରକାର ଅଲଗା ଅଲଗା ବ୍ୟବସ୍ଥା। ବିରାଟ ଓ ବିସ୍ମୟ, ଦୁଇଜଣ ଯାଆଁଳା ଭାଇ। ନାଁ ଯେମିତି, ବ୍ୟକ୍ତିତ୍ୱ ବି ଠିକ ସେହି ଭଳ। ଦୁହିଁଙ୍କ ଚେହେରାରେ ଅସାମାନ୍ୟ ସମାନତା। ଘରଲୋକଙ୍କ ବ୍ୟତୀତ ଅନ୍ୟ କେହି ସହଜରେ ପ୍ରଭେଦ ଜାଣି ପାରନ୍ତି ନ। ଉଭୟ ଏବେ ପ୍ରତିଷ୍ଠିତ କମ୍ପାନୀରେ ମ୍ୟାନେଜର। ପିଲା ଦୁହିଁଙ୍କୁ ନେଇ ସୁନତା ଦେବୀ ସଂସାରରେ ସବୁଠୁ ସୁଖୀ ମଣିଷ।

ପୁଅ ବିସ୍ମୟ ସୁନତା ଦେବୀଙ୍କ ଉଦ୍ଦେଶ୍ୟରେ କହିଲା, "ବୋଉ, ପୁରୁଣା ଘରୁ ଯାହା ଆଣିବା କଥା ସବୁ ଲିଷ୍ଟ କରିଦେ। ମୁଁ ଆଜି ଯାଇ ନେଇ ଆସିବି। ଆଜିଠୁ ଆମେ ଏହି ଘରେ ରହିବା। ତୋର ଦେହ ମୁଣ୍ଡ ସୁବିଧା ଅସୁବିଧାରେ ଆଉ ହଇରାଣ ହେବାକୁ ପଡିବନ। ସବୁ ସୁବିଧା ଏବେ ହାତ ପାହାନ୍ତାରେ।" ସୁନତା ଦେବୀ ନରବରେ ଭାବୁଥିଲେ, "ଘର କରି ତ ଅନେକ ଜିନଷ, ସବୁ କଛି ତ ମୋ ପାଇଁ ଦୁର୍ଲ୍ଲଭ। କାହାକୁ ଛାଡିବି କାହାକୁ ଆଣିବି"। ପୁଅ କଥାରେ ତାଙ୍କ ମନ ମାନଲା ନାହିଁ। ଶେଷରେ ସେ କହିଲେ, "ମତେ ସାଙ୍ଗରେ ନେଇ ଚାଲ। ତୁ ପିଲାଲୋକ, କେଉଁଠି କଣ ଥିବ, ତୁ କଣ ସବୁ ପାଇବୁ?"

ବିସ୍ମୟ ବୋଉଙ୍କୁ ଗାଡ଼ିରେ ଆଣି ଗାଁ ଘରେ ଛାଡ଼ି କହିଲା, "ବୋଉ' ଘର ପାଇଁ ଗୁଡାଏ ଜିନଷପତ୍ର ଆଣିବାର ଅଛି। ଯାହା ସବୁ ନେବା କଥା, ବାହାର କରି ଅଲଗା ରଖି ଥିବୁ। ମୁଁ ଆସିଲେ ସାଥି ହୋଇ ସମସ୍ତେ ଯିବା। ହଁ, ଆଉ ଗୋଟେ କଥା। ଅନାବଶ୍ୟକ ଜିନଷ ଆଦୌ ନେବା ନ, ଖାଲି ଖାଲି ଘର ଅପରିଷ୍କାର ହେବ"। ବୋଉ ହଇରାଣ ହୋଇ ହେଷେଇ ନ କରିବା ପାଇଁ, ବିସ୍ମୟ ସାଙ୍ଗରେ ଖାଇବା ବି ଆଣି ଆସିଥିଲା। ଟିଫିନ ବକ୍ସଟି ବୋଉ ହାତରେ ଧରାଇ ଦେଇ କହିଲା, "ବୋଉ, ମନେକରି ଖାଇବୁ। ସବୁ କାମ ଶୀଘ୍ର ସାରି ଦେବୁ, ଡେରି କରିବୁନ। ସନ୍ଧ୍ୟା ପୂର୍ବରୁ ଆମେ ବାହାରି ଯିବା"। ଏତକ କହି ତର ତର ହୋଇ ବାହାରି ଗଲା।

ଦୁଇ ବଖରା ପୁରୁଣା ଘର। କାନ୍ଥର ଅନେକ ଜାଗାରୁ ସିମେଣ୍ଟ ଛାଡି ଗଲାଣି। ଘରକୁ ଲାଗି ଛୋଟ ବାରି। ଗଲାସନ ବାତ୍ୟାରେ ଅନେକ ଡାଳ ଭାଙ୍ଗି ପଡିଥିଲେ ମଧ ପଣସ ଗଛରେ କଠା ଭର୍ତ୍ତି ହୋଇଛି। ଘର ଗ୍ଭରିପଟେ କନଅର, ମନ୍ଦାର, ଓ ବାସଙ୍ଗ ଗଛର କଞ୍ଚା ବାଡ଼। ସୁନତା ଦେବୀ ବାରିପଟ ପଣସ ଗଛ ମୂଳରେ ଛିଡା ହୋଇ ଶେଷ ଥର ପାଇଁ ମନ ପୂରାଇ ଦେଖୁଥିଲେ  ଅତି ଆପଣାର ଭିଟାମାଟିକୁ। ବର୍ଷ ବର୍ଷର ମୋହ ମାୟାକୁ କଣ ଏତେ ସହଜରେ ନଜ ଠୁ ଦୂରେଇ ଦେଇ ହୁଏ? ଅତୀତର ଅନେକ ସ୍ମୃତି ଆଜି ପୁଣି ଥରେ ଜୀବନ୍ତ ହୋଇ ଉଠୁଥିଲା। ଛାତି ତଳର ଅନେକ କଥା, ଅନେକ ବ୍ୟଥା ତାଙ୍କ ମାନସ ପଟରେ ଉଙ୍କି ମାରୁଥିଲା...।

ସୁଜିତ ତାଙ୍କୁ, ନଜ ପସନ୍ଦରେ ବାହା ହୋଇ ଥିବାରୁ ଏବଂ ମନ ମୁତାବକ ଯୌତୁକ ଆଣି ନ ଥିବାରୁ ତାଙ୍କୁ ଘରେ କେହି ଗ୍ରହଣ କରି ନ ଥିଲେ। ଏପରିକ ଘରେ ଦିନକ ପାଇଁ ବି ରହିବାକୁ ଅନୁମତି ମିଳ ନ ଥିଲା। ଶେଷରେ ବାଧ ହୋଇ ସେମାନେ ବାହାରେ ଘର ଭଡା କରି ରହିଲେ। ଭାବିଥିଲେ, କଛି ଦିନ ବିତିଗଲା ପରେ ସବୁ ଠିକ ହୋଇ ଯିବ। କନ୍ତୁ ସେମିତି କଛି ହେଲା ନାହିଁ। ୟା ଭିତରେ ବିତିଗଲା ତିନ ବର୍ଷ। ସୁନତା ଦେବୀଙ୍କ କୋଳକୁ ଆସିଲେ ଦୁଇଟି ଯମଜ ପୁତ୍ର ସନ୍ତାନ। ଜନ୍ମ ସମୟରେ, ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଢେର ଦିନ ରହିବାକୁ ପଡିଲା ମା ଛୁଆଙ୍କୁ ଆଇ ସି ୟୁରେ। ସ୍ୱାମୀ ସ୍ତ୍ରୀ ଭାବୁଥିଲେ, ଏବେ ବାପା ବୋଉ ନଶ୍ଚୟ ଆସିବେ ତାଙ୍କର ଦୁଇ ନାତିକୁ ଦେଖିବାକୁ। କନ୍ତୁ କେହି ଆସିଲେ ନାହିଁ। ଅନେକ

ଟଙ୍କା ଖର୍ଚ୍ଚ ହେଲା। ଅନେକ ସମସ୍ୟାକୁ ସାମ୍ନା କରି ଶେଷରେ ମେଡ଼ିକାଲରୁ ପିଲାମାନେ ସୁସ୍ଥ ହୋଇ ଫେରିଲେ।

ଏକା ସାଙ୍ଗରେ ଦୁଇଟା ପିଲାଙ୍କ ଯତ୍ନ ନେବା ଜଣେ ମା ପାଇଁ ବହୁତ କଷ୍ଟକର ହେଉଥାଏ। ନ ଖାଇ ନ ପିଇ ଅନେକ ରାତି, ଅନିଦ୍ରାରେ କଟିଯାଏ। ଦୁଃଖେ ସୁଖେ ବିତିଯାଏ ଆଉ ବର୍ଷେ। ପିଲାଛୁଆଙ୍କୁ ଧରି ବାହାରେ କେତେ ଦିନ ପଡି ରହିବେ? ଶେଷରେ ସ୍ୱାମୀ ସ୍ତ୍ରୀ ଚିନ୍ତା କରନ୍ତି, ଯାହା ବି ହେଉ ଗାଁ'କୁ ଫେରିଯିବେ। ଚାରି ବର୍ଷ ହେଲା ଡରି ମରି ଭଡା ଘରେ ରହୁଛନ୍ତି। ପୁଅ ବୋହୂ ହିସାବରେ ନିଜ ପୈତୃକ ସମ୍ପତ୍ତିରେ ତାଙ୍କର ବି ତ ଅଧିକାର ଅଛି। ଶେଷରେ ସେମାନେ ନିଜ ଘରକୁ ଫେରି ଆସିଲେ। କିନ୍ତୁ ସେମାନଙ୍କ ପ୍ରତି କାହାର ସ୍ନେହ ଆଦର ନ ଥିଲା। ଦୁଇଟି ଛୁଆଙ୍କ ଯତ୍ନ, ଘରର ଯାବତୀୟ କାମ ତା ସହିତ ଶାଶୁଙ୍କ ନାନା ଗଞ୍ଜଣା। ମାସେ ବିତିଗଲା। ଇଚ୍ଛା ନ ଥାଇ ମଧ୍ୟ ସୁଜିତ ସ୍ତ୍ରୀ ପିଲାଙ୍କୁ ଗାଁ'ରେ ଛାଡି କର୍ମକ୍ଷେତ୍ରକୁ ଚାଲିଗଲେ। ଏବେ ଶାଶୁଙ୍କର ନିର୍ଯ୍ୟାତନା ବଢି ଚାଲିଥାଏ। ଏପରିକି ଘର ସବୁ ପିଲାମାନଙ୍କ ଝାଡା ପରିସ୍ରା ଯୋଗୁ ଦୁର୍ଗନ୍ଧ ହେଉଛି, ବୋଲି ସେ ବାରମ୍ବାର କହୁଥିଲେ। ଜଣେ କେତେ ସହିବ? ସେ ବି ଏ ଘରର ବୋହୂ। ଘରେ ତାଙ୍କର ବି ଅଧିକାର ଅଛି। ପରିସ୍ଥିତି ଅଣାୟତ୍ତ ହେବାରୁ ସୁନିତା ଦେବୀ ଅନ୍ୟାୟର ପ୍ରତିରୋଧ କଲେ। ଭାବିଥିଲେ ଟିକେ ଦୃଢ଼ ହେଲେ ପରିସ୍ଥିତି ସୁଧୁରି ଯିବ। କିନ୍ତୁ ଶାଶୁ ସହଜ ଜନ୍ତୁ ନୁହଁନ୍ତି ବିନା କାରଣରେ ଝଗଡା କରି ଗାଁରେ କାନ୍ଦି ବୋବେଇ କହିଲେ, "ମୁଁ ତିନି ଦିନ ହେବ ଉପାସ। ବୋହୂ ଖାଇବା ବନ୍ଦ କରିଛି, ଆମ ବୁଢା ବୁଢ଼ୀଙ୍କର। ତା ସହିତ ମାଡ଼ ବି ମାରୁଛି।" ଶଶୁର ବି ଶାଶୁଙ୍କ ହଁ ରେ ହଁ ଭରିଲେ। ସେଦିନ ହାଟ ବାଟରୁ ଆରମ୍ଭ କରି ଗାଧୁଆ ତୁଠ ପର୍ଯ୍ୟନ୍ତ ସବୁଠି ସେହି ଗୋଟିଏ ଚର୍ଚ୍ଚା। ଶେଷରେ ଗାଁରେ ପଞ୍ଚାୟତ ବସିଲା। ଗାଁର ବଡ ବଡ ମୁଖିଆ ମାନେ ସୁନିତା ଦେବୀଙ୍କୁ ଘଟଣା ବିଷୟରେ ପଦୁଟିଏ ବି ନ ପଚାରି ନିଷ୍ପତ୍ତି ନେଲେ, ଏ ବୋହୂ ଏବେ ଗାଁ ଛାଡି ଚାଲିଯାଉ। ଶାଶୁକୁ ହାତ ଉଠାଇ ମାରି ଥିବା ବୋହୂର ଆମ ଗାଁରେ କୌଣସି ସ୍ଥାନ ନାହିଁ। ସେ ଦିନ ସୁଜିତଙ୍କ ଅନୁପସ୍ଥିତିରେ ସୁନିତା ଦେବୀ, ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣା ଓ ଅପମାନ କୁ ଛାତିରେ ଚାପି ଧରି ଦୁଇ ପିଲାଙ୍କ ସହ ସବୁଦିନ ପାଇଁ ସେ ଗାଁ ଛାଡିଲେ।

ଏବେ ତାଙ୍କ ପାଇଁ ଜୀବନ ଥିଲା ଏକ ଅଗ୍ନି ପରୀକ୍ଷା। ସୁଜିତ ସକାଳୁ ଅଫିସ ଗଲେ ଫେରୁ ଫେରୁ ସନ୍ଧ୍ୟା। ଦେହ ମୁଣ୍ଡ ହେଲେ, ଆହା ପଦେ କହିବାକୁ ପାଖରେ କେହି ନାହିଁ। ଯାଆଁଳା ପିଲା, ଆଜି ୟା ଦେହ ଖରାପ ହେଲେ କାଲି ତା ଦେହ ଖରାପ। ଜଣେ ୟା ଯତ୍ନ ନେଲେ, ଜଣେ ତା ଯତ୍ନ ନେଉ ଥାଏ। ପିଲାମାନଙ୍କ ପାଇଁ ଅନେକ ଥର ସୁଜିତ ଅଫିସ ଯାଇ ପାରନ୍ତି ନାହିଁ। ଯେତେବେଳେ ସୁନତାଙ୍କ ଦେହ ଖରାପ ହୋଇଯାଏ ପରିସ୍ଥିତି ଅଣାୟତ୍ତ ହୁଏ। ପିଲାମାନଙ୍କ ମୁହଁ ଚାହିଁ ଆଖିରୁ ଲୁହ ଗଡାଇବା ବ୍ୟତୀତ ଆଉ କିଛି ଉପାୟ ନ ଥାଏ। କେତେ କେତେ ବିନିଦ୍ର ରଜନୀ ଲୁହ ହୋଇ ବହିଯାଏ, ତାର ହିସାବ ନ ଥାଏ।

ଧୀରେ ଧୀରେ ପିଲାମାନେ ବଡ଼ ହେବାକୁ ଲାଗିଲେ। ଈଶ୍ୱରଙ୍କ କୃପାରୁ ପିଲା ଦୁଇଟି ଥିଲେ ବିଚକ୍ଷଣ ବୁଦ୍ଧିସମ୍ପନ୍ନ। ପିଲାଦିନରୁ ଶିକ୍ଷା ସଂସ୍କାର ଦେଇ ସୁନତା ଦେବୀ ପିଲା ମାନଙ୍କୁ ସୁଯୋଗ୍ୟ କରି ଗଢି ତୋଳୁଥିଲେ। ପିଲାମାନେ ଯୋଗ୍ୟ ହେଲେ, ତାହା ହିଁ ହେବ ନିଜ ପ୍ରତି ହୋଇଥିଲା ଅନ୍ୟାୟ ଓ ଅପମାନର ପ୍ରକୃତ ପ୍ରତିଶୋଧ। ନିଜ ଦୁଇ ସନ୍ତାନଙ୍କୁ ସୁଯୋଗ୍ୟ କରି ଗଢି ତୋଳିବା ଥିଲା, ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଜୀବନର ମୂଳ ଲକ୍ଷ୍ୟ ଏବଂ ସାଧନା। ବିରାଟ ଓ ବିସ୍ମୟ ହୋଇଥିଲେ ଶୃଙ୍ଖଳିତ, ସଭ୍ୟ ଏବଂ ମେଧାବୀ।

ଦୁଇଟି ପିଲାଙ୍କୁ ପାଠ ପଢ଼ାଇ ସହରରେ ଘର ଖଣ୍ଡେ କରିବା ସ୍ୱପ୍ନ ଭଳି ଥିଲା। ତେଣୁ ସହରରୁ ଅନେକ ଦୂରରେ ଶସ୍ତାରେ ଜାଗା ଖଣ୍ଡେ କିଣିଲେ। ଘର ଖଣ୍ଡେ କରିବା ପାଇଁ ଅନେକ ପରିଶ୍ରମ କରିବାକୁ ପଡିଛି ସ୍ୱାମୀ ସୁଜିତଙ୍କୁ। ଅଫିସ ପରେ ବି ପାର୍ଟ ଟାଇମ ଜବ କରନ୍ତି। ଘର ତୋଳିବା ପାଇଁ ସ୍ତ୍ରୀଙ୍କର ସବୁ ଗହଣା ବିକିବା ସହ ହୋମ ଲୋନ କରି ଘର ତୋଳା ଆରମ୍ଭ କଲେ। ଖର୍ଚ୍ଚ କମ ହେବା ପାଇଁ ଇଟା, ସିମେଣ୍ଟ ଓ ବାଲି ସାଇକେଲରେ ଦୁଇ କିଲୋମିଟର ଦୂରରୁ ବୋହି ଆଣନ୍ତି। ଘର ମଜଭୁତ ହେବା ପାଇଁ ସାରା ରାତି କୂଅରୁ ପାଣି ହାତରେ ବୋହି ଆଣି ଢାଳନ୍ତି। ଅନଭ୍ୟସ୍ତ ହାତରେ ଇଟା ପଥର ବୋହି ସ୍ୱାମୀ ସ୍ତ୍ରୀଙ୍କ ପାପୁଲିରେ ଫୋଟକା ସବୁ ବାହାରି ପଡିଥାଏ।

ଏବେ ମୁଣ୍ଡ ଗୁଞ୍ଜିବାକୁ ନିଜସ୍ୱ ଛାତଟିଏ ଥିଲା। ଶାଗ ମୁଗ ପାଇଁ ଓ ଫୁଲ ଗଛଟିଏ ଲଗାଇବା ପାଇଁ ବାଡ଼ିଟିଏ ମଧ୍ୟ। ସୁନତା ଦେବୀ ଦିନ ରାତି ଲାଗିଥିଲେ ଘର ଏବଂ ବାଡ଼ି ସଜାଇବାରେ। ମାର୍ଗଶିର ମାସ ଗୁରୁବାର ମାନଙ୍କରେ ମାଣବସା ଲୁଗା ପିନ୍ଧି ଘର ବାହାର

ଲକ୍ଷ୍ମୀ ପାଦର ଚତା ପକାଉଥିଲେ। ଦୀପାବଳି ଅମାବାସ୍ୟାରେ ସାରା ଅଗଣାକୁ ଦୀପରେ ସଜାଉ ଥିଲେ। ସ୍ୱାମୀଙ୍କ ଫେରିବା ଡେରି ହେଲେ, ଫାଟକ ପାଖର କଦଳୀ ଗଛ ମୂଳେ ଛିଡା ହୋଇ ରାତିର ଅନ୍ଧକାରରେ ଫେରିବା ବାଟକୁ ଅପେକ୍ଷା କରି ରହୁଥିଲେ।।

ପଣସ ଗଛରେ ଦୌଡା ଦୌଡ଼ି କରୁଥିବା ଦୁଇଟି ଗୁଣ୍ଡୁଚ ମୂଷାଙ୍କ ଚଂ ଚଂ ଶବ୍ଦରେ ସୁନନ୍ଦା ଦେବୀଙ୍କ ସ୍ୱପ୍ନ ଭଙ୍ଗ ହେଲା। ଆଖିର ଲୁହକୁ ପଣତରେ ପୋଛି ସେ ଘର ଭିତରକୁ ଆସିଲେ। ଚାରିଆଡେ କେବଳ ନୀରବ, ନିସ୍ତବ୍ଧ ଓ ନିକାଞ୍ଚନ। ତାଙ୍କୁ ଲାଗିଲା, ସତେ ଯେମିତି କେହି ଜଣେ ଅଦୃଶ୍ୟରେ ତାଙ୍କ ପାଖେ ପାଖେ ଅଛନ୍ତି। ଶେଷେଇ ଘର ଫ୍ରିଜରୁ ପାଣି ଗ୍ଲାସ ଆଣି ପିଇବା ପାଇଁ ବସି ପଡିଲେ ଖଟ ଉପରେ। ବାରିପଟ ଝରକା ଦେଇ ଦଲକାଏ ପବନ ଘର ଭିତରକୁ ପଶି ଆସିଲା, ଆଉ ତା ସହିତ ପଣସ ଫୁଲର ମହ ମହ ବାସ୍ନା। ପଣସ କଠା ତରକାରୀ ସ୍ୱାମୀ ସୁଜିତଙ୍କର ଭାରି ପ୍ରିୟ। ଘର ତୋଳା ହେବାର କିଛି ଦିନ ପରେ ନିଜ ହାତରେ ବଡ଼ ଯତ୍ନରେ ସେ ଗଛଟିକୁ ଲଗାଇ ଥିଲେ। ଯେଉଁଦିନ ପ୍ରଥମ ଥର ଗଛରୁ ପଣସ କଠା ତୋଳା ହେଲା, ଅତି ଆଗ୍ରହରେ ନିଜ ହାତରେ ରାନ୍ଧି ସୁନନ୍ଦା ଦେବୀଙ୍କୁ ବଳାଇ ବଳାଇ ଖୁଆଇ ଥିଲେ। ଭଲ ମନ୍ଦ ହେଲେ ପ୍ରାୟ ସୁଜିତ ଶେଷେଇ କରନ୍ତି। ସୁନନ୍ଦା ଦେବୀ ବାରଣ କଲେ ହସି ଦେଇ କହିବେ, "ସବୁ ତ ସମ୍ଭାଳିଚ, କେତେ ଆଉ କରିବ?"

ସେଦିନ ଥିଲା ଫଗୁଣର ଅପରାହ୍ନ। ସୁଜିତଙ୍କର ଛାତିରେ ହଠାତ ଯନ୍ତ୍ରଣା ଆରମ୍ଭ ହେଲା। ତାଙ୍କୁ ଏହି ଖଟ ଉପରେ ଶୁଆଇ ଦେଇ ସୁନନ୍ଦା ଦେବୀ ଛାତିକୁ ଚାପି ଧରିଥାନ୍ତି। ଦୁଇ ପୁଅ ବି ଥାନ୍ତି ଦୂର ସହରରେ। କିଛି ବୁଝିବା ପୂର୍ବରୁ ସୁଜିତ ହାର୍ଟ ଆଟାକ୍ ରେ ସବୁଦିନ ପାଇଁ ଆଖି ବୁଜିଲେ। ଏହା ଥିଲା ସୁନନ୍ଦା ଦେବୀଙ୍କ ଜୀବନରେ ସବୁଠୁ ବଡ଼ ନିଷ୍ଠୁର ଆଘାତ। ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିଲା ତାଙ୍କ ମନ ପ୍ରାଣ। ତାଙ୍କର ସବୁକିଛି ଶେଷ ହୋଇ ଯାଇଥିଲା। ସେହି ଦିନୁ ସେ ପାଲଟି ଯାଇଥିଲେ ପଥର ପ୍ରତିମା। ମୋବାଇଲଟି ହଠାତ୍ ବାଜି ଉଠିଲା। ସୁନନ୍ଦା ଦେବୀ ଭାବନା ରାଜ୍ୟରୁ ଫେରି ଫୋନ ଉଠାଇଲେ। ସେପଟୁ ବିସ୍ମୟ ପଚାରୁ ଥିଲା, "ବୋଉ ତୁ ଖାଇଲୁ କି ନାହିଁ"। ପୁଅ କାଳେ ବ୍ୟସ୍ତ ହେବ, ଧୀର ସ୍ୱରରେ ସୁନନ୍ଦା ଦେବୀ କହିଲେ, "ହଁ, ମୁଁ ଏବେ ଖାଇ ସାରି ଉଠିଲି"। ଦିନ ତିନଟା ହେଲାଣି କିନ୍ତୁ ତାଙ୍କୁ ଟିକେ ବି ଭୋକ ନ ଥିଲା।

କାନ୍ଥରେ ଟଙ୍ଗା ହୋଇଥିଲା, ବିବାହ ବେଳର ପୁରୁଣା ଫଟୋ। ବିରାଟ ଓ ବିସ୍ମୟ ଦୁଇ ବର୍ଷର ହୋଇଥାନ୍ତି। ଜଣେ ସୁଜିତଙ୍କ କୋଳରେ ଆଉ ଜଣେ ସୁନନ୍ଦା ଦେବୀଙ୍କ କୋଳରେ। ମନେ ପଡୁଥିଲା, ସେ ଦିନ ଫଟୋ ଉଠାଇଲା ବେଳେ, ଦୁଇ ପୁଅ ବାପାଙ୍କ କୋଳରେ ବସିବା ପାଇଁ କେତେ କାନ୍ଦି ଥିଲେ। କ୍ଳାନ୍ତ ଅବଶ ମନ ନେଇ ଫଟୋଟିକୁ ଆଣି ଛାତିରେ ଚାପି ଧରିଲେ ଖୁବ ନିବିଡ଼ ଭାବରେ। କୋହ ଭରା କଣ୍ଠରେ କହିଲେ, "ତୁମକୁ, ଆଉ ଏ ଘରକୁ ଛାଡି ମୁଁ କୁଆଡେ ଯିବି**?** ଏତ ଘର ନୁହେଁ, ଆମ ପାଇଁ ଏକ ସ୍ୱପ୍ନ ଥିଲା। ଯେଉଁ ସ୍ୱପ୍ନକୁ ସତ କରିବାକୁ ଆମେ କେତେ କେତେ ରାତି ଉଜାଗରେ କାଟିଛେ। ଯଦି ଆଜି ମୁଁ ଏଠୁ ଚାଲିଯାଏ, ତୁମ ପ୍ରତି ବହୁତ ବଡ଼ ଅନ୍ୟାୟ ହେବ।"

ସୁନନ୍ଦା ଦେବୀଙ୍କ ମନ ତଳର କୋହ ସବୁ ଲୁହ ହୋଇ ଆଖି ଝରକାରୁ ଅଦିନର ବର୍ଷା ଭଳି ଝରି ପଡୁଥିଲା। ଘର ଭିତରଟା ପଣସ କଠା ବାସ୍ନାରେ ମହକୁ ଥିଲା। ଲୁହ ଛଳଛଳ ଆଖିରେ ତାଙ୍କୁ ଝାପ୍ସା ଦିଶିଲା, ସୁଜିତ ରୋଷେଇ ଘରେ ପଣସ କଠା ମସଲା ଦେଇ ରାନ୍ଧୁଛନ୍ତି। ଝାଳରେ ଦେହ ମୁଣ୍ଡ ଓଦା ଜୁଡୁବୁଡୁ। ତାଙ୍କର ଏ ଅବସ୍ଥା ଦେଖି, ସୁନନ୍ଦା ଦେବୀ ମନେ ମନେ ବିରକ୍ତ ହେଉଥିଲେ। ସୁଜିତ କଷା ପଣସ ଖଣ୍ଡେ ବାଧି କରି ନିଜ ହାତରେ ସୁନନ୍ଦା ଦେବୀଙ୍କୁ ଖୁଆଇ ଦେଲେ। ସୁନନ୍ଦା ଦେବୀଙ୍କ ଓଠରେ ଖେଳ ଯାଇଥିଲା ଲାଜ ମିଶା ଧାରେ ହସ। ତା ପରେ ଧୀରେ ଧୀରେ ସୁଜିତ ଚାଲିଗଲେ ଦୂରକୁ ଦୂରକୁ। ଡାକବା ପାଇଁ ଯେତେ ଚେଷ୍ଟା କଲେ ବି ତାଙ୍କ ମୁହଁରୁ କୌଣସି ଶବ୍ଦ ବାହାରୁ ନ ଥାଏ। କିଛି ସମୟ ପରେ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଉଠି ଯାଇଥିବା ହାତଟି ଖଟ ଉପରକୁ ଖସି ଆସିଲା। ମୁହଁ ଗୋଟିଏ ପଟକୁ ଧୀରେ ଧୀରେ ଢଳିଗଲା। ଚାରିଆଡେ ଭୟଙ୍କର ନୀରବତା।

ଫଗୁଣର ଆଗତ ସନ୍ଧ୍ୟାରେ ଆଦିନଆ ମେଘ ସବୁ ଆକାଶକୁ ଢାଙ୍କି ରଖିଥିଲା। ଦୁଇ ପୁଅ ବୋଉ ପାଖରେ ମୁଣ୍ଡ ପିଟି କାନ୍ଦୁଥିଲେ। କିନ୍ତୁ ସୁନନ୍ଦା ଦେବୀ ସ୍ୱାମୀଙ୍କ ଫଟୋକୁ ଛାତିରେ ଚାପି ଧରି ଶାନ୍ତିରେ ଶୋଇଯାଇ ଥିଲେ, ଚିରନିଦ୍ରାରେ।

ସାନମୂଳାଇ, କଟକ

# ଲୁହର ଶ୍ରାବଣ



ଅଶ୍ୱିନୀ କୁମାର

ଜୀବନଟା ମୋ
ପାଲଟି ଯାଇଛି ଶୂନ୍ୟସଡ଼କ ।
ଅଛି ଖାଲି ଅକୁହା ବେଦନା,
ନାହିଁ ପୁଲକ ନାହିଁ ମହକ ।।
ନିର୍ଜନତା ମୋ ଚିର ସାଥୀ
ଏଠି ପ୍ରତି ମୁହୂର୍ତ୍ତରେ
ଦୁଃଖ ଓ କଷଣ ।
ମୋ ସ୍ୱପ୍ନ ସବୁ ଧୋଇନେଲା
ଲୁହର ଶ୍ରାବଣ ।।

ତୁମ ହୃଦୟ ପ୍ରଦେଶରେ
ତୋଳିବାକୁ ପ୍ରେମର ସୌଧ,
ସ୍ୱପ୍ନ ଦେଖିଥିଲି ।
ତୁମର ପ୍ରତିଟି କଥାକୁ
ବିଶ୍ୱାସ କରି
ପ୍ରେମର ମୂଳଦୁଆ ପକାଇଲି ।।

ହେଲେ ଭାଗ୍ୟର କି ବିଡମ୍ବନା ।
ଝଡର ରୂପ ନେଇ ମଳୟ ପବନ,
ସ୍ୱପ୍ନ ସୌଧ କରିଦେଲା ଚୁନା ।।
କାହାକୁ ବା ଦେବି ଦୋଷ ।
ମନରେ ଖାଲି ଅବଶୋଷ ।
ଆଜି ନିଶବ୍ଦ ସୁନସାନ୍
ମୋ ବାତାବରଣ ।
ମୋ ସ୍ୱପ୍ନ ସବୁ
ଧୋଇନେଲା ଲୁହର ଶ୍ରାବଣ ।।

ଦିନେ ମୁକ୍ତାକାଶର
ପକ୍ଷୀଟିଏ ପରି
ପ୍ରେମର ରାଇଜରେ
ବସା ବାନ୍ଧିବାକୁ ଚାହିଁଥିଲି ।
ମୋ ବିଶ୍ୱାସର ପୁଞ୍ଜିକୁ ପାଥେୟ କରି
ଝଡଝଞ୍ଜା କଣ୍ଟକିତ ରାସ୍ତାକୁ ଅତିକ୍ରମ କଲି।।

ତୃଷାର୍ଥ ପଥିକ ହୋଇ
ଯେବେ ଖୋଜିଲି ତୁମରି ସାନ୍ନିଧ୍ୟ,
ତୁମେ ଦେଲ ନାହିଁ ଥରେ ଦେଖା ।
ସତେ ଯେମିତି ତୁମେ
ମରୁବାଲି ର ମରୀଚିକା ।।
ଆଜି ପଥଭ୍ରଷ୍ଟ ବିହଙ୍ଗ ପରି

ନତି ଉଡ଼ିବୁଲେ
ଏ ଡାଳ ସେ ଡାଳ,
ଆଜି ନାହିଁ ମୋ ସ୍ଥାୟୀ ବାସସ୍ଥାନ ।
ମୋ ସ୍ୱପ୍ନ ସବୁ
ଧୋଇଦେଲା ଲୁହର ଶ୍ରାବଣ ।।

ଆଜି ମୁ ଜୀବନ ଯୁଦ୍ଧରେ
ହାରିଯାଇଥିବା ସୈନକ ।
ଦିଗହରା ପଥିକ ।
ସ୍ୱପ୍ନହୀନ ପ୍ରେମିକ ।
ସତେ ଯେମିତି ମୁଁ
ତୁମ ପ୍ରେମର କଳଙ୍କିତ ନାୟକ ।।
କେଜାଣେ କାହିଁକ ପାଇଲି
ଏତେ ନନ୍ଦା ଅପବାଦ,
ଆଜି ବି ଖୋଜିବୁଲେ
ତାହାର କାରଣ ।
ମୋ ସ୍ୱପ୍ନ ସବୁ
ଧୋଇନେଲା ଲୁହର ଶ୍ରାବଣ ।।

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମମତାମୟୀ ମାଆ



ବେଣୁଧର ସୁରୁଜାଲ

ତ୍ୟାଗର ମୂରତି, କରୁଣାବାରିଣୀ,
ଜନ୍ମଦାତ୍ରୀ ମାଆ ବାତ୍ସଲ୍ୟ-ମମତାମୟୀ |
ଜଗତରେ ଶ୍ରେଷ୍ଠ ତାହାରି ସାଧନା
ରକ୍ତଦେଇ ଏ ଦୁନିଆକୁ ଗଢିଛି ସେହି ।। (୧)

ତା ଗର୍ଭଗୃହେ ଅତି ସରାଗରେ
ଜୀବନ ହେଲା ମୋ ଅୟମାରମ୍ଭ ।
ତା ପଣତକାନୀ ସୁଶୀତଳ ଛାଇ
ଚଳାପଥେ ଭରିଦେଲା କେତେ ସୌରଭ ।। (୨)

ଆଖି ଲୁହ ଛିଂଚ ଖତ, ସାର ଦେଇ
ଛୋଟ ଚାରାଟିକୁ ବଡ଼ ବୃକ୍ଷ କରିଲା ।
କଂଚା, ପଥୁରିଆ ମଟାଳ ମାଟିକୁ
ନିଜ ରକ୍ତ, ମାଂସେ ନୂତନ ଆକୃତି ଦେଲା ।। (୩)

ଥିଲି ସୁନାପୁଅ ତା କୁଳନନ୍ଦନ
ସେନେହେ ଡାକୁଥିଲା ନୟନତାରା ।
କହୁଥିଲା ତାର ଅସମୟେ ବୃଦ୍ଧାକାଳେ
ତାର ଅନ୍ଧାରଲଉଡି ହେବ ସାହାରା ।। (୪)

ବଡ଼ ଅଫିସର ହୋଇ, ସୁନ୍ଦରୀ ସ୍ତ୍ରୀ ପାଇଲି,
ମାୟା ବନ୍ଧନରେ ନିଜକୁ ହଜେଇ ଦେଲି ।
ସ୍ତ୍ରୀ ବ୍ୟୟବରାଦରେ ବ୍ୟସ୍ତ ରହି ପୁଣି
ମାଆର ମମତା ସବୁ ଭୂଲି ମୁଁ ଗଲି ।। (୫)

ଭୂଲିଗଲି ଭୋକ ଉପାସରେ ରହି ଯିଏ
ଦିନେ ପେଟ ପୂରା ମୋତେ ଖୁଆଉଥିଲା ।
ସୁଖେ ନିଦ୍ରା ଯିବି ବୋଲି ନିଜ ସେଜ ଦେଇ
ନିତି ଓଦା ସେଜରେ ସେ ଶୋଉଥିଲା ।। (୬)

ଆଜି କୋଟିପତି ହୋଇ ମୁଁ ଗଲି,
ମମତା ବନ୍ଧନ ଛାଡି ଆସିଲି ।
ପାଇଲି ବଂଗଲା, ପୋଷା କୁକୁର
ବୃଦ୍ଧାଶ୍ରମ ହେଲା ମୋ ମାଆର ଘର ।। (୭)

ଦେଇ ନାହିଁ କେବେ ସନ୍ତାନର ସେବା
ତାର ଅସମୟେ ଦୁର୍ଦ୍ଦିନେ ।
ମାଆ ବୋଲି ଆଜି କେମିତି ଡାକିବି,
ନିଜ କୁକର୍ମ ପାଇଁ ନିନ୍ଦିତ ହେଉଛି ମନେ ।। (୮)

ସଂସାର ପଥରେ ହାତ ଧରି ମୋର
ବାଟ ଚାଲିବା ଯିଏ ଶିଖେଇ ଥିଲା ।
ବଡ ହୋଇ ଆଜି ତାକୁ ଭୂଲିଗଲି
କୋମଳ ଓଠେ ଯେ ଭାଷା ସଂଚରି ଥିଲା ।। (୯)

ନିସ୍ୱାର୍ଥପର ତା'ର ସ୍ନେହ ମମତା
କାର୍ଯ୍ୟ ଯାର ସଦା ଭଲପାଇବା ।
ସୁରକ୍ଷାକବଚ ଅଟେ ତାର ପ୍ରେମ
କଣ୍ଟକିତ ପଥେ ପୁଷ୍ପ ବୃଷ୍ଟି କରିବା ।। (୧୦)

ମା' ପରି ଦେବୀକୁ ଗୃହ-ମନ୍ଦୀରରେ
ଯେଣୁ ସ୍ଥାନ ଟିକେ ଦେଇପାରିଲି ନାହିଁ ।
ଦାନଧର୍ମ କରି କୋଟି ଖର୍ଚ କଲେ
ମୁଁ ମଣିଷେ ଗଣନା ହୋଇବି କାହିଁ ।। (୧୧)

ତା' ସ୍ୱପ୍ନ ମହଲ ପରିପୂର୍ଣ୍ଣ ହେଉ,
ସଂକଳ୍ପ ନଅହେ ସନ୍ତାନଗଣ ।
ତା' ଚରଣ ତଲେ ଯୋଡ଼ ହସ୍ତ ହୋଇ
ନତି ଅରପିବା ଶ୍ରଦ୍ଧା ସୁମନ ।। (୧୨)

ମାଆର ତୁଲନା ମାଆ ଏକା ସିନା
ତାହାକୁ କିଏ ବା ସରି ।
ଦିନ ରାତି ବସି ତା'ର ଗୁଣ ରାଶି
ଭାଷିଲେ କ ଯିବ ସରି ।। (୧୩)

ସୋନପୁର, ସୁବର୍ଣ୍ଣପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେ – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଅକ୍ଷୟ ତୃତୀୟା



ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର

ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟାଟି ଅକ୍ଷୟ ତୃତୀୟା ବା ଅକ୍ଷି ତୃତୀୟା ଭାବେ ପରିଚତ । ନୂତନ କାର୍ଯ୍ୟଟିଏ ଆରମ୍ଭ କରିବା ପାଇଁ ଅକ୍ଷୟ ତୃତୀୟା ହେଉଛି ପୂର୍ବ ବର୍ଷ ମଧ୍ୟରେ ସବୁଠାରୁ ଶୁଭ ତିଥି । ଏହି ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ହୁଏ ନାହିଁ ବୋଲି ଏହି ପର୍ବ ର ନାମ ଅକ୍ଷୟ ପର୍ବ। ଶୁଭଦିନ ମନେକରି ଏହିଦିନ ଅକ୍ଷିମୁଠି ଅନୁକୂଳ, ଗୃହନର୍ମାଣ, ନର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମମାନ ଅନୁଷ୍ଠିତ ହୋଇଥାଏ । ଉତ୍କଳ ରେ ମାସ ହେଉଛି ୧୨, ତିଥି ମଧ୍ୟ ୧୨। ତେଣୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମଧ୍ୟ ବାର ମାସରେ ୧୨ ଯାତ୍ରା ଅନୁଷ୍ଠିତ ହୋଇଥାଏ। ସଂସ୍କୃତସାହିତ୍ୟ ମଧ୍ୟ ପ୍ରମାଣ ଦିଏ-:

ମଞ୍ଜାସ୍ନାନ ରଥୋବର ଗତି  
ଶୟନ ଗୃପନଂ ଦ୍ୱେ ।  
ପାର୍ଶ୍ୱ ବୃତ୍ତି ଶୟନଂ ନବୃତ୍ତି  
ପାର୍ବଣଂ ପୁଷ୍ୟ ପୂଜା ।।  
ଦୋଳ କେଳୀ ଦମନଂକଗ୍ରପି  
କଂପପୂର୍ଣ୍ଣ ତୃତୀୟା ।  
ଏଷା ଯାତ୍ରା ଭୁବନ ବନ୍ଦିତା  
ଦ୍ୱାଦଶୈ ନରେନ୍ଦ୍ରେ ।।

ଦମନକ ଚତୁର୍ଦ୍ଦଶୀ ଯାତ୍ରା, ଅକ୍ଷୟ ତୃତୀୟା, ସ୍ନାନ ଉତ୍ସବ, ରଥ ଯାତ୍ରା, ଶୟନ ପୂର୍ଣ୍ଣିମା, କର୍କଟ ସଂକ୍ରାନ୍ତି, ପାର୍ଶ୍ୱ ପରିବର୍ତ୍ତନ ଉତ୍ସବ, ଦେବ ଉତ୍ଥାପନ ଯାତ୍ରା, ପ୍ରାବରଣ ଷଷ୍ଠୀ, ଦେବାଭିଷେକ, ମକର ସଂକ୍ରାନ୍ତି ଓ ଦୋଳ ଉତ୍ସବ । ଏହି ଦ୍ୱାଦଶ ପର୍ବ ପର୍ବାଣୀ ମଧ୍ୟରୁ ବୈଶାଖ ଶୁକ୍ଳ ଅକ୍ଷୟ ତୃତୀୟା ପର୍ବ ଅନ୍ୟତମ ।

ଏହି ଦିନଟି ବିଶେଷ କରି ମଣିଷ ସମାଜ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଆଜିର ଦିନରେ ସତ୍ୟ ଯୁଗର ଆରମ୍ଭ ହୋଇଥିଲା। ଏହି ଦିନରେ ବ୍ୟାସଦେବ ମହାଭାରତ ଗ୍ରନ୍ଥ ରଚନା କରିଥିଲେ। ଏହି ଦିନରେ ପର୍ଶୁରାମ ଜନ୍ମ ଗ୍ରହଣ କରିଥିଲେ। ଏହି ଦିନରେ ଶ୍ରୀ କୃଷ୍ଣ ସୁଦାମା ଙ୍କ ଠାରୁ ଖୁଦଭଜା ଖାଇ ଭକ୍ତ ଭଗବାନ ର ଏକ ନିଦର୍ଶନ ପ୍ରସ୍ତୁତ କରିଥିଲେ। ଏହି ଦିନରେ ମହାପ୍ରଭୁ ସତ୍ୟ ନାରାୟଣ ରୂପରେ ଆବିର୍ଭାବ ହୋଇଥିଲେ। ଏହି ଦିନରେ ଗଙ୍ଗାମାତା ଙ୍କ ଭୂପୃଷ୍ଠକୁ ଆଗମନ ହୋଇଥିଲା । ଏହି ଦିନରେ ବଳଦେବ ରେବତୀଙ୍କୁ ବିବାହ କରିଥିଲେ। ଏବଂ ଏହି ଦିନରେ ଗୀତ ଗୋବିନ୍ଦ ର ରଚୟିତା ଶ୍ରୀ ଜୟଦେବ ଙ୍କ ମଧ ଜନ୍ମ ହୋଇଥିଲା।

ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଏହାକୁ ତିନଜଣ ପୂଜାପଣ୍ଡା ଆଣିଥାନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ସ୍ତୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ । ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ। ସେହି କାଠଗୁଡିକ ହେଲା ଫାସି, ଅସନ, ଧଉରା, ଶିମିଳ, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର କର୍ମଚାରୀ ରଥଖଳାରେ ଉପସ୍ଥିତ ରହି ଏହିକାର୍ଯ୍ୟ ସୁରୁଖୁରରେ ହେବାରେ ସାହାଯ୍ୟ କରିଥାନ୍ତି । ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗେ ।

ଏହି ଦିନରେ ଚାଷୀଭାଇ ମାନେ ଅକ୍ଷିମୁଠି ଅନୁକୂଳ କରି ଧାନ୍ୟ ବୀଜ ର କ୍ଷୟ ନ ହେବାପାଇଁ ମା ଲକ୍ଷ୍ମୀଙ୍କ ପାଖରେ ପାର୍ଥନା କରନ୍ତି ଏବଂ ଏହି ଦିନରେ ଦକ୍ଷ ପ୍ରଜାପତି ମହାପ୍ରଭୁଙ୍କ ପାଖରେ ଚନ୍ଦନ ଲାଗି କରି ସ୍ତୁତି କରିଥିବାରୁ ଆଜିଠାରୁ ଚନ୍ଦନ ଯାତ୍ରା ମଧ ଆରମ୍ଭ ହୁଏ । ଶାସ୍ତ୍ର ଅନୁଯାୟୀ ଅକ୍ଷୟ ତୃତୀୟା ହେଉଛି ଅବୁଝା ମୁହୁର୍ତ୍ତ ବା ସ୍ୱୟଂ ସିଦ୍ଧ ମୁହୂର୍ତ୍ତ। ଅର୍ଥାତ୍ ଯେଉଁ ତିଥିର ସବୁ ସମୟରେ ଶୁଭ କାର୍ଯ୍ୟ ବା ମାଙ୍ଗଳିକ କାର୍ଯ୍ୟ ସମ୍ପର୍ଣ୍ଣ କରିହେବ ଏବଂ କୌଣସି ସମୟକୁ ବିବେଚନା କରାଯିବ ନାହିଁ, ତାହାକୁ ଆବୁଝା ମୁହୁର୍ତ୍ତ କିମ୍ବା ସ୍ୱୟଂ ସିଦ୍ଧ ମୁହୂର୍ତ୍ତ ବୋଲି କୁହାଯାଏ। ଏହି ଦିନ ଦାନ, ଧର୍ମ ଏବଂ ଶୁଭ କାର୍ଯ୍ୟ

କରିବା ଦ୍ୱାରା ଅକ୍ଷୟ ଫଳ ବା ସୌଭାଗ୍ୟ ପ୍ରାପ୍ତି ହୁଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଅକ୍ଷୟ ତୃତୀୟା ଦିନ ସୂର୍ଯ୍ୟ ଏବଂ ଚନ୍ଦ୍ରମା ଉଚ୍ଚ ରାଶିରେ ରହିଥାଆନ୍ତି। ଯେଉଁଥିପାଇଁ ଏହି ଦିନର ମହତ୍ତ୍ୱ ଆହୁରି ବଢିଯାଇଥାଏ। ଏହି ଦିନ ପବିତ୍ର ନଦୀଗୁଡ଼ିକରେ ସ୍ନାନ କରାଯାଏ। ଏହି ଦିନ ଭଗବାନ ବିଷ୍ଣୁ ଏବଂ ମା ଲକ୍ଷ୍ମୀଙ୍କର ବିଶେଷ ଉପାସନା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ଏବଂ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ।

ଏହି ଦିନକୁ ଉତ୍କଳୀୟ ପରଂପରା ସ୍ତରରେ କୃଷକ ର ମୁଖ୍ୟ ପର୍ବ ରୂପେ ପାଳନ କରାଯାଏ। କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୁଏ । ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠିଦେବୀ'ଙ୍କ ପୂଜା କରନ୍ତି ।

ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସଂପର୍କରେ ଚମତ୍କାର ଉପାଖ୍ୟାନଟି ଏହିପରି- ପୂର୍ବକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା । ସେ ତା' ଜୀବନରେ କିଛି ଦାନ ଧର୍ମକାର୍ଯ୍ୟ କରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବେ ଗୃହରୁ ବିତାଡିତ କଲା ସମୟରେ ସୁଶିଳା ନାମ୍ନୀ ତା'ର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତକୁ ଜଳଦାନ କଲା । କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲା । ଯମଦୂତମାନେ ତାହାକୁ ତିରଷ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା କରୁଛୁ କିପରି, ପାପୀ ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ – ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ

ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ପାପ ଖଣ୍ଡନ ହୋଇଛି । ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ । ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ । ଭୂମିକର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉକ୍ତ ଷଟବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନା କରାଯାଉଛି।

'ଅକ୍ଷୟ ତୃତୀୟା' କୃଷକ ସମାଜ ପାଇଁ ଏକ ମହାନ ପର୍ବ । ଏହି ପବିତ୍ର ଦିନକୁ ରାଜ୍ୟ ସରକାର 'କୃଷକ ଦିବସ' ଭାବେ ଘୋଷଣା କରିଛନ୍ତି । କୃଷି ଓ କୃଷକ ତଥା ଶ୍ରୀ ଜଗନ୍ନାଥ ସଂସ୍କୃ ତି କୁ କୋଟି ଓଡ଼ିଆ ଙ୍କ ଆଗରେ ପରିଚତ କରାଇବା ହେଉଛି ଏହି ପର୍ବ ର ସ୍ୱାତନ୍ତ୍ର୍ୟତା ଓ ଆଭିମୁଖ୍ୟତା।

ଟିଟିଲାଗଡ଼, ବଲାଙ୍ଗୀର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ନିଷ୍ଠୁର ମଣିଷ



ରାଜୁ କୁମାର ପାତ୍ର

ଧିକ୍କାର ତୋ ମଣିଷ ରୂପୀ ରାକ୍ଷସ ଜୀବନ
ଗର୍ଭିଣୀ ହାତୀର କରୁଣ
ହୃଦୟ  ବିଦାରକ ବିକଳ ଚିତ୍କାର
ଶୁଣିକି କେମିତି ବା ସହିପାରିଲା ତୋ କାନ
ଧିକ୍କାର ତୋର ମଣିଷ ଜୀବନ ।.......

କ୍ଷୁଧା ତୃଷାର୍ତ୍ତେ ନିରିହ ହାତୀଟି
ପାଟି କରିଥିଲା ଖୋଲି
ମୁଖରେ ଭର୍ତ୍ତି ଦେଲୁ ତାର
ବାରୁଦ ରୂପୀ ବିଷଫଳ
କେମିତି ବା ତୋ ବିବେକ ଅନୁମତି ଦେଲା
ଶୁଣିକି ହୃଦୟ ଯାଉଛି ଦୋହଲି ।।......

କେତେ କଷ୍ଟ କରି ଲଭିଥିଲୁ ତୁ ମଣିଷ ଜନ୍ମ
ଯେମିତି ବା ସାହାସ କଲୁ
ଏମିତିକା ନିଷ୍ଠୁର ନିଷ୍ପତ୍ତି ନେବାକୁ
ଥରେ ସୁଦ୍ଧା ଭାବିଲୁନି
କେତେ କଷ୍ଟ ଯେ ହେବ ତାକୁ ।।।.......

ଏତେ ବଡ ଧରଣର ଅମଣିଷ କାମ
କାହିଁକ ତୁ କଲୁ
ତୋ କୁକର୍ମ ର ଫଳ ନଜେ ତୁ ଭୋଗିବୁ
ଦୁନଆର ଦୃଶ୍ୟ ଦେଖିବାକୁ ବ୍ୟାକୁଳ ଥିବା
କୁନ ଶିଶୁ ହାତୀ କରିଥିଲା କ'ଣ ବା ଅପରାଧ
ମଣିଷ ଚେହେରା ସୁଦ୍ଧା ଦେଖିନ ଯେ
ତୋ କୁତ୍ସିତ ଷଡ଼ଯନ୍ତ୍ରେ ଶୁଆଇ
ଦେଲୁ ଯେ ତାକୁ ଚର ନଦ୍ରାରେ ।।।।........

ଭରସୁଜା, ବଲାଙ୍ଗିର

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ
କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ:

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ଭାଇଭଉଣୀର ସମ୍ପର୍କ



ନେପାଳ କୁମାର ବେହେରା

ସଂପର୍କ ଭାଇଭଉଣୀର
ଅନେକଙ୍କ ସାଥିରେ
ଅନେକ ସଂପର୍କ
ଗଢିଥାଉ ଆମେ ,,,
ବାପା, ମାଆ,
ବଡବାପା,ବଡମାଆ,
ଭାଇ, ଭାଉଜ, ଝିଅ,ପୁଅ,
ବନ୍ଧୁବାନ୍ଧବ, ସଖାପରିଜନ
ଏମିତି ଅନେକ ସଂପର୍କ
ଗଢି ତୋଳଥାଉ ଆମେ।।।
କିନ୍ତୁ,
ଯେଉଁ ସଂପର୍କରେ
ଅତୁଟ ଭଲପାଇବା,
ଅସରନ୍ତି ସ୍ନେହ,
ଥଟ୍ଟାମଜା ବି ସ୍ଥାନିତ ଥାଏ,
ମିଛ ମାର୍ ପିଟ୍ ର ବି
ଅଲଗା ମଜା ଥାଏ।।
ସେଇ ସଂପର୍କ ହେଉଛି
ଭାଇ ଭଉଣୀର ସଂପର୍କ।।।

ଜାମୁଖୋଲ, କଣ୍ଟାମାଳ, ବୌଦ୍ଧ

# ନବ ବଧୂ ର ଭ୍ବନା



ଚତରଞ୍ଜନ ବେହେର୍

ପିତା ଘର ଛାଡି ଶଶୁର ଘରକୁ ସ୍ୱାମୀ ହାତ ଧରି ଆସିଲି ।
ଯେତେ ଥିଲ୍ ମୋ ସବୁ ର୍ଗ ରୋଷା ଘରେ ସବୁ ଛାଡ଼ିଲି ।।
କୁଆଁରୀ ରୁ ମୋତେ ନବବଧୂ କରି  ପିତା ମୋତେ ବାହା ଦେଲେ ।
ଗୋଟିଏ ପରିବାର ର ସମ୍ପୂର୍ଣ ଦାୟିତ୍ୱ ମୋ ହାତେ ସମର୍ପିଲେ ।।
ଶାଶୁ ଶ୍ୱଶୁର ମୋ ପିତା ମାତା ଭଳ ନଣନ୍ଦ ମୋ ସାନ ଭଉଣୀ ।
ଦେଢ଼ସୁର ମୋର ବଡ଼ ଭ୍ଇ ପରି ପୁତୁର୍ ଝିଆରୀ ଙ୍କ ମୁଁ ଜନନୀ ।।
ସ୍ୱାମୀ ମୋର ଅଟେ ଜୀବନ ବାନ୍ଧବ ସବୁବେଳର ମୋ ସାଥୀ ।
ଦିଅର ଅଟେ ମୋ ସାନ ଭ୍ଇ ଭଳ ବଡ଼ ଜା' ମୋର ଦିଦି ।।
ସ୍ନେହରେ ବାନ୍ଧିବି ସମସ୍ତଙ୍କୁ ମୁହିଁ ଲୁହ ଆସିବାକୁ କରିବି ମନା ।
ଫୁଲରେ ଫୁଲରେ ସଜେଇ ଦେବି ହସୁ ଥିବ ଏହି ଘର ଅଗଣା ।।
ପାତର ଅନ୍ତର କରିବିନ କାହାକୁ ଭ୍ବିବି ସମସ୍ତଙ୍କୁ ନଜର ।
ସବୁ ବେଳେ ଆମ ଘରକୁ ଆସିବ ସ୍ନେହ ଓ ପ୍ରେମର ଜୁଆର ।।
ବିପତ୍ତି ଆସିଲେ କାତର ନ ହୋଇ ସମାଧାନ ବାଟ ଖୋଜିବି ।
ସବୁ କାମରେ ସବୁ ସମୟରେ ଶଶୁର ଙ୍କୁ ଉପଦେଶ ମାଗିବି ।।
ଶାଶୁ ମାଙ୍କୁ ମୋ ମନ କଥା କହି ସବୁବେଳେ ଥିବି ସାଥୀରେ ।
ଗେଲ୍ଲୀ ନଣନ୍ଦକୁ ସବୁବେଳେ ମୁହିଁ ରଖିଥିବି ମୋ ପାଖରେ ।।
ସ୍ୱାମୀକୁ ମୋର ପ୍ରେମରେ ବାନ୍ଧିବି ସିଏ ମୋର ଶଙ୍ଖା ସିନ୍ଦୁର ।
ହସ ଓ ଖୁସିରେ ଗଢ଼ି ଉଠିବ ମୋ ଘର ସୁନା ସଂସାର ।।

ସମ୍ପାଦକ, ୟାର୍
ମାଝିସାହି, ବଘିଆପଡା, ବୌଦ୍ଧ

# ମୌସୁମୀ -: ଏକ ନଆର୍ ଅବେଗିକ ଶବ୍ଦ



ଶ୍ରବଣ କୁମାର କର

ଇଶ୍ୱରଙ୍କ ଏହି ବିଚନ୍ର ସୃଷ୍ଟିରେ ସବୁ କଛି ବିଚନ୍ର। ସେ ଛୋଟ ଶିଶୁର ମନ କଣା ହସ ହେଉ କମ୍ବା ଗୋଟେ ଛୋଟ ମଞ୍ଜିରୁ ଗୋଟେ କୁନ ଗଛ ସୃଷ୍ଟି ହେବା। ପଞ୍ଚମହାଭୂତ ରେ ଗଢା ଏହି ଜୀବ ଜଗତ ଓ ବାୟୁମଣ୍ଡଳ ଏକ ନଆର୍ ସମ୍ପର୍କ ରେ ପରସ୍ପର ସହ ଜଡ଼ିତ। ସେଇ ମହାଭୂତର ପାଞ୍ଚଟି ଉପାଦାନ ଭିତରୁ, ବାୟୁ ବା ପବନ ଅନ୍ୟତମ ।

ଜନ୍ମ ଠାରୁ ମରଣ ପର୍ଯ୍ୟନ୍ତ, ଯେପରି ଛାଇ ଆମ ହାତ ଧରି ଚ୍ଚଲିଥାଏ, ବାୟୁ ମଧ ସେହିପରି କେବେ ଆମର ପିଛା ଛାଡ଼ି ନ ଥାଏ। କେବେ ସେ ବସନ୍ତର ମଳୟ ରୂପରେ ବହି ଥାଏ ତ କେବେ ଚୈନ୍ର ମାସର ଚଇତାଳ। ଆଉ ପୁଣି କେବେ ସେ ଦକ୍ଷିଣା ତ ପୁଣି କେବେ ବୈଶାଖର ଝାଞ୍ଜି । ସବୁ ପବନର ଏକ ସ୍ୱତନ୍ତ୍ରତା ରହିଥାଏ କନ୍ତୁ ସେମାନଙ୍କ ମଧରୁ ସବୁଠାରୁ ନଆର୍ ପବନ, ନାଁ ତାର "ମୌସୁମୀ" ।

ସରିଥାଏ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପ, ଶୁଭୁ ଥାଏ ଝିଙ୍କାରୀ ର ଝିଁ ଝିଁ ଶବ୍ଦ ଆଉ ଅସହ୍ୟ ହୋଇ ପଡେ ଜ୍ୟେଷ୍ଠ ମାସର ଆମ୍ବ ପଣସ ପଗ୍ଧ ଗୁଳୁଗୁଳ । ପ୍ରକୃତିର ଏଇ କଷ୍ଟଦାୟୀ ଆସର ଭିତରେ ନୂଆ ଆଶା ଓ ନୂଆ ଖୁସିର ସମ୍ଭାର ନେଇ ଆସିଥାଏ "ମୌସୁମୀ "।

ମୌସୁମୀ - ହେଇ ପାରେ କୌଣସି ନବ ଯୌବନ ପ୍ରାପ୍ତ ପୁରୁଷ ପାଇଁ ଏକ ସୁନ୍ଦର ପ୍ରେମିକାର ନାଁ, କନ୍ତୁ ଗୋଟେ ଚ୍ଚଷୀ ଭାଇ ପାଇଁ ଏହା ଏମିତି ଏକ ଶବ୍ଦ ଯିଏ କ ତା ଜୀବନର ସାଥି ସହ ଜୀବିକାର ସାଥି ମଧ। ଦୀର୍ଘ ଆଠ ମାସର ଅପେକ୍ଷା ପରେ, ବର୍ଷାର ଓଢଣା ପକାଇ ମୌସୁମୀ ରୂପୀ ନବ ବଧୂ, ଚ୍ଚଷୀ କୁଳର ପରିବାରରେ ପ୍ରବେଶ କରିଥାଏ। ସମୁଦ୍ର ବକ୍ଷରେ ହଜାର ହଜାର ପଥ ଅତିକ୍ରମ କରି ବର୍ଷା ଜଳ ରୂପୀ ଉପହାର କୁ ଅଜାଡ଼ି

ଥାଏ ମାଟି ମା କୋଳେ ହାଡ଼ଭଙ୍ଗା ପରିଶ୍ରମ କରୁଥିବା ସେଇ ଚାଷୀ ପୁଅର କର୍ମକ୍ଷେତ୍ର - ଚାଷ ଜମିରେ। କେମିତି ବି ସେ ଏଇ ଉପହାର ଗୋଟେ ଚାଷୀ ପୁଅକୁ ନ ଦେବ, ଯିଏ ମୁଣ୍ଡ ଝାଳ ତୁଣ୍ଡରେ ମାରି, ସମସ୍ତଙ୍କ ମୁହଁରେ ଆହାର ରଖି ଥାଏ। ଏ ମଣିଷ ସମାଜ ସ୍ୱାର୍ଥପର ହେଇପାରେ, ଚାଷୀର ଅଧିକାର ଓ ସମ୍ମାନକୁ ଭୁଲି ଯାଇପାରେ କିନ୍ତୁ ପ୍ରକୃତି ନୁହେଁ।

ନା ଥାଏ ଶୁଭ ହଳଦୀ ଲଗା ନିମନ୍ତ୍ରଣ ପତ୍ରର ଆବଶ୍ୟକତା ନା ଲୋଡ଼ା ପଡ଼ିଥାଏ ବାଜା ବାଣ ରୋଷଣିର ଲୋଡ଼ା। ସୃଷ୍ଟିର ନିୟମକୁ ମାନି ଏ ଜଗତ କଲ୍ୟାଣ ପାଇଁ ଆପେ ଆପେ ଆସିଥାଏ ମୌସୁମୀ।

ମୌସୁମୀ ଆଗମନର ଟୋପେ ବର୍ଷାରେ, ସମଗ୍ର ଜୀବଜଗତ ଆତ୍ମ ସନ୍ତୋଷ ଲାଭ କରେ। ହୃଦୟରେ ଭରି ଯାଏ ଉତ୍ସାହର ଏକ ନୂଆ ଉନ୍ମାଦନା। ଆଉ ଏଇ ସମୟରେ ସବୁଠାରୁ ଅଧିକ ଚଳଚଞ୍ଚଳ ଓ କର୍ମ ତତ୍ପର ହୋଇ ଉଠେ, ଦେଶର ସବୁଠାରୁ ବଡ଼ ନିରସ୍ତ୍ର ଯୋଦ୍ଧା - କୃଷକ। କିଏ ଚାଳରେ ଝୁଲୁଥିବା ପୁରୁଣା ପଖିଆ କୁ ସଜାଡ଼ିବା ରେ ଲାଗି ପଡ଼େ ତ ଆଉ କିଏ କାନ୍ଧରେ କୋଦାଳ ନେଇ ବିଲ ହିଡ କଡି ରେ ବାହାରି ଯାଏ। କିଏ ହଳ ଧରି ତଳ ପକାଇବା ପାଇଁ କ୍ଷେତ ପ୍ରସ୍ତୁତିରେ ବ୍ୟସ୍ତ ରୁହେ ତ ଆଉ କିଏ ପୁରୁଣା ଧାନ ବିହନକୁ ବିଶୋଧନ କରିବାରେ ଲାଗି ପଡେ। କାରଣ ଦେଶର ପ୍ରଧାନ ଖାଦ୍ୟ ଶସ୍ୟ ଧାନ ପାଇଁ ଏହା ଏକ ପ୍ରକୃଷ୍ଟ ତଥା ଉପଯୁକ୍ତ ଜଳବାୟୁ।

ତେଣୁ ମୌସୁମୀ ଯେ ଖାଲି ଏକ ପ୍ରେମ ସୃଷ୍ଟିକାରୀ ଶବ୍ଦ ତା ନୁହେଁ, ଚାଷୀ କୁଳର ମୁହଁରେ ହସ ଫୁଟାଇବା ପାଇଁ ଏହା ଭଗବାନଙ୍କ ଏକ ଅତୁଳନୀୟ ଅବଦାନ।

ତିର୍ତ୍ତୋଲ, ଜଗତସିଂହପୁର

# ସଂସାରେ ସାର



ପଦ୍ମନ ରଣା

ଦାନ ଧରମଟି ସଂସାରେ ସାର
ଦୁଃଖୀରଙ୍କୁ ସଦା କର ଆଦର ।
ଦୟା କ୍ଷମା ହୃଦେ ଥିଲେ ବିଗ୍ଭର
ସଂସାରେ ମଣିବେ ସେ ଶ୍ରେଷ୍ଠ ନର ।
ଅପଦେ ବିପଦେ ଯିଏ ତତ୍ପର
ଉଚ୍ଚାସନେ ଗଣେ ସେ ନିରନ୍ତର ।
ଆପଣା ତ୍ୟାଗି ସଂସାର ହିତେ
ପ୍ରକାଶେ ଯେ ସଦା ସେ ପ୍ରିୟ ସେତେ ।
ବଟ ବୃକ୍ଷ ରାଜ ତପସ୍ୟା ଦେଖ
ଝାଞ୍ଜି ଖରା ଜନେ ହରଇ ଦୁଃଖ ।
ଦେଶ ମାତୃକାରେ ସୁପୁତ୍ର ବୀର
ପ୍ରାଣଦେଇ ହେଲେ ସଂସାରେ ସାର ।
ଯହିଁ ବାସକରେ ଅହିଂସା ଭାବ
ବୁଦ୍ଧିଙ୍କ ନଥାଏ ସେଠି ଅଭାବ ।
ଯୌନ ନିର୍ଯ୍ୟାତନା ଚୋରୀ ହତ୍ୟାରେ
ଦୂରତା ରଖିବ ସତ୍ୟ ନିଷ୍ଠାରେ ।
ଦୁର୍ନୀତି ହେଲାଣି ଲୋକଙ୍କୁ କାଳ
ଛିଣ୍ଡି ଖାଉଛନ୍ତି ପ୍ରଶାସନ କଳ ।
ଜଗିଣ ଜଗାଇ ବିରୋଧ କର
ନିର୍ମଳ ଶାସନ ସଂସାରେ ସାର ।
ନିଜେ ନ ପାରିଲେ ତାଙ୍କୁ ଉପାଡି
ଲଢୁଆଙ୍କୁ ହୁଅ ସାହାରା ବାଡି ।

ଗୌଡମାଲ, ଝାରବନ୍ଧ ବ୍ଲକ, ବରଗଡ

# ତୁମେ



ପ୍ରକାଶ କୁମାର ଗୁନ୍ଦ

ତୁମେ ଆମ ଗାଆଁ ଅଗିଣ ଆକାଶେ
ଖଣ୍ଡ ଖଣ୍ଡ ଭସା ମେଘ
ତୁମେ ଆମ ଗାଆଁ ଗହୀର ମଥାରେ
କାଶତଣ୍ଡୀ ଫୁଲ ସାଙ୍ଗ ।

ତୁମରି ନାଆଁରେ ଆମରି ଗାଆଁରେ
ଗ୍ରେସ୍ ଚଇତାଳ ବହେ
ତୁମ ନାଆଁ ଧରି ସକାଳରୁ ସଞ୍ଜ
କୋଇଲି ଯେ ଗୀତ ଗାଏ
ତୁମେ ଆମ ଗାଆଁ ପୋଖରୀ ତୁଠରେ
ଶିଉଳ ପଥର ଦାଗ ।

ତୁମରି ପାଇଁକି ଆମ ଗାଆଁ ନଈ
ଅତର ଅତର ବାସେ
ସେ ପାଣିରେ ପଦ୍ମ ମୁହଁ ଦେଖିବାକୁ
ଆର ଗାଆଁ ଜହ୍ନ ଆସେ
ତୁମ ଦେଲେ ପାଦ ଗୋଳଆ ପାଣିବି
ଦିଶଇ ହଳଦୀ ରଙ୍ଗ ।

ଜୟପୁର ଶାସନ, ପିପିଲି, ପୁରୀ

# ମହାଦେବ



ରାଜେଶ କର୍ଣ୍ଣ

ଆଶୀର୍ବାଦେ ତମ
ସଂସାର ଚଳଇ
ରାଗିଲେ ତାଣ୍ଡବ ହୁଏ
ସେଇ ତାଣ୍ଡବରେ
ଥର ଥର ହୋଇ
ସଂସାର ଯେ ଥରୁଥାଏ ॥
ସଂସାରକୁ ଯେବେ
ମାଡିଆସେ ଦୁଃଖ
ନେଇ ପବନର ବେଗ
ସେଇ ସଂସାରର ବିଷପାନ କରି
ବୋଲାଉ ତୁ ମହାଦେବ ॥
ତମ ବାମ ଭାଗେ
ବିରାଜନ୍ତି ଶକ୍ତି
ହେ ମୋ ପରମେଶ୍ୱର
ସେଇ ରୂପ ତୋର
ଅର୍ଦ୍ଧନାରେଶ୍ୱର ନାମେ
ଜାଣେ ଏ ସାରା ସଂସାର ॥
ମନର ଇଚ୍ଛାକୁ ପୂର୍ଣ୍ଣ କରିବାକୁ
ଭକ୍ତ ବାଛଇ ତୋହରି ପଥ
ସହଜରେ ଭକ୍ତ ଇଚ୍ଛା ପୂର୍ଣ୍ଣକରି
ବୋଲାଉ ତୁ ଭୋଳାନାଥ ॥

ବାକ ଦିନ ଗୁଡା ଧାନମଗ୍ନ ହୋଇ
ବାସକର ଶ୍ମଶାନରେ
ଶ୍ରାବଣ ମାସରେ ଭକ୍ତ ଭାବ ଦେଖି
ରହିଯାଅ ମନ୍ଦିରରେ ॥
ସଂସାର ଭାରକୁ ମୁଣ୍ଡରେ ମୁଣ୍ଡେଇ
ଗଙ୍ଗାକୁ ଧରିଲ ଯେ ତମ ଶିରେ
ଚନ୍ଦ୍ରକୁ ପୁଣି ତ ଧାରଣ କରିଲ
ସଭିଙ୍କୁ ସାହା ହେଲ ବିପଦରେ ॥
ଦେବ ପିସାଚଠୁ
ମାନବ ଦାନବ
ସଭିଙ୍କ ଅଟ ତମେ ପ୍ରିୟପାତ୍ର
ସେଇ ଭକତକୁ
ବିପଦ ପଡିଲେ
ଖୋଲେ ତମ ତ୍ରିନେତ୍ର ।
ଶୂନ୍ୟରେ ତିଆରି
ଏଇ ସାରା ସୃଷ୍ଟି
ଶୂନ୍ୟରେ ଯେ ହଜିଯାଏ
ତମର କଛିସେ କରି ନପାରଇ
ସେଲାଗି ସଂସାର ଅନାଦି କହେ ॥
ଜୟ ଭୋଲେନାଥ ॥ ।

ଅସୁରଗଡ, ସୋନପୁର

# ଖୁସିର ଜୀବନ ବଞ୍ଚିବି କିପରି?



ବିଶ୍ୱଜିତ ଆର୍ଯ୍ୟ

ଅଧୁନା ସମଗ୍ର ବିଶ୍ୱରେ ଏକ ଅଜଣା ମହାମାରୀର ଆତଙ୍କ ଜଗତ ଜନଙ୍କ କରୁଣ ଅନ୍ତଃଆର୍ତ୍ତନାଦରେ ଧରା ଭିତସ୍ତତା କୋକୁଆ ଭୟର ଏକ ଅଦିନ କାଳ-ବୈଶାଖୀ ଜନମାନସର ଆତନୁ ମନକୁ ଏପରି କରାଭୂତ କରିଛି ଯେ, ପ୍ରତ୍ୟକ୍ଷାକୁ ବିଶ୍ୱାସ ହେବନାହିଁ। ଯାହା କରୋନା ରାହୁ ରୂପକ ସମଗ୍ର ଦେଶକୁ ଗ୍ରାସ କରିଛି। ଏହି ମହାମାରୀ ଭୂତାଣୁ କୋଭିଡ-୧୯ ଚୀନ ଦେଶର ଉହାନ୍ ନାମକ ଏକ ମେଟ୍ରୋ ସିଟିରୁ ସମଗ୍ର ବିଶ୍ୱରେ ତାର କରାଳତା ବିସ୍ତାର କରିବାରେ ଲାଗିଛି। ଦିନକୁଦିନ ଏହି ମହାମାରୀ ବ୍ୟାପକରୁ ବ୍ୟାପକତର ହେବାରେ ଲାଗିଛି। ସମଗ୍ର ଦେଶର ବଡବଡ ବୈଜ୍ଞାନିକମାନେ ଏହି ଉତ୍କଟ ମହାମାରୀ କରୋନାର ପ୍ରତିଷେଧକ ବାହାର କରିବାକୁ ନିଜର ସମସ୍ତ ଶକ୍ତି ଲଗାଇ ଦେଇଛନ୍ତି, କିନ୍ତୁ ଏଯାବତ୍ ଫଳଶୂନ୍ୟ।

ଏହି ମହାମାରୀ ଏକ ଭୂତାଣୁଜନିତ ଡିଆଁରୋଗ । ଏହା ଜଣଙ୍କ ଶରୀରରୁ ଅନ୍ୟ ଜଣଙ୍କ ଶରୀରକୁ ବିଭିନ୍ନ ମାଧ୍ୟମରେ ପ୍ରବେଶ କରିପାରେ। ରୁଗଣ ଓ ବୃଦ୍ଧ ବ୍ୟକ୍ତିଙ୍କ ପ୍ରତି ଏହା ଅତ୍ୟନ୍ତ ବିପଦ। ଯେହେତୁ ଏହାର କୌଣସି ନିର୍ଦ୍ଦିଷ୍ଟ ପ୍ରତିଷେଧକ ବାହାରି ନାହିଁ। ତେଣୁ ଆମ୍ଭମାନଙ୍କ ସଚେତନତା ହିଁ ଏହି ରୋଗଠାରୁ ଆମ୍ଭଙ୍କୁ ଦୂରେଇ ରଖିପାରିବ। ଆନ୍ତର୍ଜାତିକ ସ୍ତରଠାରୁ ଆରମ୍ଭ କରି ବିଭିନ୍ନ ଛୋଟଛୋଟ ବେସରକାରୀ ସେବା ସଂସ୍ଥାଗୁଡିକ ସଚେତନତା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ମହାମାରୀ କରୋନାଠାରୁ ରକ୍ଷା ପାଇବାର ଏକମାତ୍ର ମାର୍ଗ ନିଜକୁ ସମସ୍ତ ଜନସମାଗମଠାରୁ (କହିବାକୁ ଗଲେ ନିଜକୁ ନିଜେ ବନ୍ଦୀ ରଖିବା) ଯାହା ଏହି ଭୟଙ୍କର ରୋଗଠାରୁ ରକ୍ଷା ପାଇଁବା ପାଇଁ ସର୍ବୋତ୍କୃଷ୍ଟ ତଥା ସଠିକ୍ ମାର୍ଗ। ତତ୍ ସହିତ ବାରମ୍ବାର ସାବୁନରେ ଭଲଭାବରେ ହାତ ଧୋଇବା। ଯାହା ଫଳରେ ହାତର ସମସ୍ତ ଜୀବାଣୁ ନଷ୍ଟ ହୋଇଯିବ। ଯଦି ଆମେ ଘରୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବାହାରୁଛେ ତେବେ ମୁହଁକୁ ମାସ୍କ ଦ୍ୱାରା ସଂପୂର୍ଣ୍ଣ ଘୋଡାଇବା ଅନିବାର୍ଯ୍ୟ। ଯାହାଫଳରେ

ସଂକ୍ରମଣର ଆଶଙ୍କା କମ ହୋଇଥାଏ । ସବୁ ଦେଶଭଳ ଆମ ଦେଶର ସରକାର ମଧ୍ୟ ଏହି ମହାମାରୀର ପ୍ରସାର ଉପରେ ଅଙ୍କୁଶ ଲଗାଇବା ପାଇଁ ତାଲା ବନ୍ଦ ବା ଲକଡାଉନ୍ ର ଆଶ୍ରୟ ନେଇଛନ୍ତି । ଯେମିତି ମାଆ ନଜ ଦୁଷ୍ଟ ପୁଅକୁ ପ୍ରତିକ୍ଷେତ୍ରରେ ଜଗି ଦୁଷ୍ଟାମୀ କରିବାରୁ ବାରଣ କରିଥାଏ । ସେହିପରି ଆମ ଦେଶର ସରକାର ପ୍ରତିକ୍ଷଣ ଦୂରଦର୍ଶନ ମାଧ୍ୟମରେ ଦେଶର ଜନତାଙ୍କୁ ସଚେତନ କରାଉଛନ୍ତି । ଏକ ଭଲ ଅଭିଭାବକ ଭାବେ ତାଙ୍କ ଦାୟିତ୍ୱ ସଠିକ ଭାବେ ନର୍ବାହନ କରୁଛନ୍ତି ଯେଉଁଠି ତାଲା ବନ୍ଦର ସଠିକ୍ ଭାବେ ପାଳନ କରାଯାଉଛି ସେଠାରେ ସଂକ୍ରମିତ ତଥା ମୃତକଙ୍କ ସଂଖ୍ୟା କମୁଛି ଆଉ ଯେଉଁଠାରେ ଏହା କଡାକଡି ହେଉନାହିଁ ସେଠାରେ ସଂକ୍ରମଣ ପବନ ବେଗରେ ବୃଦ୍ଧି ହେବାରେ ଲାଗିଛି । କ୍ଷୁଦ୍ରଗୋଷ୍ଠୀ ବା କଛି ବ୍ୟକ୍ତିବିଶେଷଙ୍କ ଖାମଖିଆଲି ଯୋଗୁଁ ପୁରା ଅଞ୍ଚଳ ଏହି ମହାମାରୀର ଗ୍ରାସ ହେଉଛି ।

ଏହି ଭୟଙ୍କର ମହାମାରୀ ଦେଶର ଆର୍ଥୀକ, ସାମାଜିକ, ତଥା ସାଂସ୍କୃ ତି କ ଜୀବନକୁ ଗଭୀର ଭାବରେ ବାଧାପ୍ରାପ୍ତ କରୁଛି, ଯାହା ଦେଶର ପରବର୍ତ୍ତୀ ଭବିଷ୍ୟ ପାଇଁ ଖୁବ୍ କ୍ଷତିକାରକ ତଥା ଆମଭଳ ସାଧାରଣ ଲୋକମାନଙ୍କ ପାଇଁ ମଧ୍ୟ । ଏଣୁ ଆମକୁ ସୁନଶ୍ଚିତ କରିବାକୁ ହେବ ଯେ ନଜେ ସଚେତନ ରହି ଏହିଭଳ ଉତ୍କଟ ମହାମାରୀକୁ ପରାଜିତ କରି ଦେଶକୁ ଜିତାଇବାକୁ ହେବ ନା ପୁଣି ପରାଧିନ ଶବର୍ଷର ଘୋର ଅନ୍ଧକାରକୁ ଠେଲିଦେବା ।

ନର୍ଣ୍ଣୟ ଆମ୍ଭମାନଙ୍କ ହାତରେ ।

ମଂଗଳପୁର, ଯାଜପୁର

# ମଣିଷ ଜୀବନ ପାଣି ଫୋଟକା



ମହେଶ୍ୱର ସାହୁ

ମଣିଷ ଜୀବନ, ନିମିଷ କେବଳ,
ନିଶ୍ୱାସ ହିଁ ଏକ ଗ୍ରହା ।
ମୁହୂର୍ତ୍ତ ମଧ୍ୟରେ, କିଛି ଘଟି ପାରେ,
କେହି ନ ରୁହନ୍ତି ସାହା ।।
ଘରୁ ବାହାରିଲେ, ଫେରିବା ପାଇଁ କି,
ବିଶ୍ୱାସ ଅଛି ଯେ କାର ।
ଆଖି ବୁଜି ଦେଖ, ସବୁ ଯେ ଅନ୍ଧାର,
ମାୟା ଯେ ଏହି ସଂସାର ।।
ବୃଥା ଅଭିନୟ, ସଂସାର ଜଞ୍ଜାଳେ,
ମାନ ଅଭିମାନ କେତେ ।
ହିଂସା କୋପ ମୋହ, ଅଭିନୟ କରି,
ସଂସାର ମଧ୍ୟରେ ଜିତେ ।।
ଦୁନିଆ ମଞ୍ଚରେ, ଆମେ କଳାକାର,
ନିମିଷ ମାତ୍ରକେ ପାଇଁ ।
ଧନ ସମ୍ପଦ କୁ, ତୁଚ୍ଛ କରି ଶେଷେ,
ଆତ୍ମା ଯିବ ହୋଇ ଛାଇ ।।
ଉଚ୍ଚ ଆସନରେ, ବସିଗଲେ ଆମେ,
ନହେବାଯେ କଦା ବଡ଼ ।
ସତ୍ୟ ଧର୍ମ ନ୍ୟାୟ, ପଥରେ ରହିଲେ,
ସତ୍ୟ ହିଁ ଅମର ଜଡ ।।
ଉଚ୍ଚ ଆସନରେ, ବସି ଯଦି ଆମେ,
କର୍ତ୍ତବ୍ୟ ହେଳା କରିବା ।
ଅଧର୍ମ ହୋଇବ, ଜ୍ଞାନ ହଜିଯିବ,
କୋପ ଦୃଷ୍ଟି ପାଉ ଥିବା ।।

ସତ୍ୟ ଧର୍ମ ନ୍ୟାୟ, ସାଥି ହୋଇ ସଦା,
ସ୍ୱର୍ଗ ଧାମେ ସାଥେ ଯିବ ।
ଝୁରି ହେଉଥିବେ, ପୃଥ୍ୱୀ ଜନ ମାନେ,
ଅମର ସଦା ହୋଇବ ।।
କୁକର୍ମକୁ ତ୍ୟାଗୀ, ସତ୍କର୍ମ ମାର୍ଗରେ,
କାଟିବା ନିଜର ଦିନ ।
ପରୋପକାରକୁ, ସ୍ୱର୍ଗ ସୁଖ ମାନ,
ବଞ୍ଚିବା ନିଜ ଜୀବନ ।।
ଲାଞ୍ଚ ଏକ ରୋଗ, ଭାରି ଭୟଙ୍କର,
କର୍କଟ ରୋଗର ଭଳି ।
ପାଣି ଫୋଟକାର, ଜୀବନ ଯେ ବନ୍ଧୁ,
ଦିଅନା ନିଜକୁ ଜାଳି ।।
ଦୁର୍ବଳ ଉପରେ, ଅତ୍ୟାଚ୍ଚର କରି,
ସଞ୍ଚିଲେ କି ଲାଭ ଧନ ।
ସବଳକୁ ଡରି, ଘାଣ୍ଟି ଘୁଣ୍ଟି ହୋଇ,
ବଢେନା ନିଜ ସମ୍ମାନ ।।
ସବୁରି ହୃଦୟେ, ବିରାଜି ଅଛନ୍ତି,
ପରଂବ୍ରହ୍ମ ନାରାୟଣ ।
ହୃଦୟ ବେଦନା, ଯିଏ ବୁଝି ପାରେ,
ସିଏ ଅଟେ ଦେବ ଗଣ ।।
ଆହ୍ଲା ଯୀଶୁ ରାମ, ଏକ ହିଁ ଈଶ୍ୱର,
ନାମ ଅଟେ ଭିନ୍ନ ପର ।
ଅଭିନୟ ଶେଷେ, ଧର୍ମ ପାପ ଦେଖି,
ଲଭେ ସ୍ୱର୍ଗ ନର୍କ ଦ୍ୱାର ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ଭାବନାରେ ପ୍ରିୟତମ



ମଧୁଛନ୍ଦା ବେହେରା

ହୃଦୟର କାନଭାସ ରେ
ନୀରବ ରେ ଆଙ୍କିଦେଲି ତୁମ ଛବି
ତୁମେ ମୋର, କେବଳ ମୋର
ଏଇ କଥା ଭାବି ।

ନିର୍ଭୟରେ ତୁମ ସହ ଯୋଡିଲି ସମ୍ପର୍କ
ତୁମ ମୋ ସମ୍ପର୍କ ଯେ ! ଯୁଗ ରୁ ଯୁଗାନ୍ତ
ଏଇ କଥା ଭାବି ।

ନିଶ୍ଚିନ୍ତରେ ଦେଖିଲି ମୁଁ,
ଅସାର ସ୍ୱପନ,
ଆଉ ସପନ ରେ ଗଢିଲି ମୁଁ
ପ୍ରେମର ତାଜମହଲ
ତୁମେ ଜେ ମମତାଜ୍
ମୁଁ ଶାହାଜାହାନ୍
ଏଇ କଥା ଭାବି ।

ନିମିଷକେ ସଜେଇଲି
ମୋ ମନର ଇଲାକା
ଫୁଲ ତ ବିଛେଇଦେଲି, ବାଛି ସବୁ କଣ୍ଟା
ତୁମେ ଆସିବ ଉପହାର ନେଇ,
ଏଇ କଥା ଭାବି ।

ନିର୍ଦ୍ୱନ୍ଦ ରେ ଲେଖିଲି ମୁଁ
ପ୍ରେମ ପ୍ରନୟର ଗାଥା,
ପୃଷ୍ଠା ପରେ ପୃଷ୍ଠା
ନିଶ୍ୱାସ ତୁମେ, ବିଶ୍ୱାସ ଭି ତୁମେ
ହୃଦୟ ତୁମେ, ସ୍ପନ୍ଦନ ଭି ତୁମେ
ଏଇ କଥା ଭାବି ।

ପ୍ରେମ ପଥେ ଚାଲୁଥିବା
ଆସୁ ଯେତେ ଦୁଃଖ
ସେ ପଥ ରେ ଆମେ ଦୁହେଁ,
ସାଜିଛେ ପଥିକ,
କେହି କେବେ କାହାରିକୁ
ଭୁଲିଯିବା ନାହିଁ
ଏଇ କଥା ଭାବି ।

ମୁଁ ତ ଅପେକ୍ଷା ରତ!
ତୁମେ ଆସିବାର ପଥ କୁ କରିଛି ପ୍ରଶସ୍ତ
ତୁମେ ଆଗମନେ ହସି ହସି
କରିବି ସ୍ୱାଗତ ।

ନୋଏଡା, ଉତ୍ତରପ୍ରଦେଶ

# ଲ୍‌ଜକୁଳୀ ଲତା



ଅମରନାଥ ବାରିକ

ଲ୍‌ଜକୁଳୀ ଲତା ହେଲେବି ବୃକ୍ଷଟେ
ଜାଣଇ ନୀତି ସଂସ୍କାର
ଆସିଲେ ତା ଦେହ ସଂସ୍ପର୍ଶରେ କେହି
ଘୋଡ଼ାଏ ଅଙ୍ଗକୁ ତାର ।

ଧର୍ମ ତା ନଇଁବା କଷଣ ସହିବା
ଦଳ ଚକଟି ଦେ ଯେତେ
ଦଣ୍ଡା କ ବାଲୁଙ୍ଗା ନୁହେଁ ତା ସ୍ୱଭବ
ସରମି ଲତାଟି ସତେ ।

ଜାଣେ ସେ ଦୁନଆ ବଡ଼ ଅମାନଆ
କରନ୍ତି ଖାଲି ଶୋଷଣ
ହୋଇ ଭୟଭୀତ ହୁଏ ସଙ୍କୁଚତ
ଲଜ୍ୟା ଅଟେ ତା ଭୂଷଣ \

ବନାନୀ ସବୁଜ କ୍ଷେତରେ ଶୋଭିତ
ଥାଏ କଣେ ଅନୁକଣେ
ପ୍ରକୃତି କୋଳରେ ବଂଶ ତା ବିସ୍ତାରେ
ଘଞ୍ଚ ଅରଣ୍ୟର ବଣେ ।

ନଦାଘ ଖର୍‌ରେ ମାଟିର ଗନ୍ଧରେ
ଶରୀର ବିଚ୍ଛୁଡ଼ି ଥାଏ
ପାଇଲେ ବରଷା ଜଳକୁ ଗ୍ରହଣେ
ବହୁ ଆନନ୍ଦିତ ହୁଏ ।

ସରୁ ସରୁ ପନ୍ର ଗୃଦର ବିଛାଇ
ଖେଳ ଯାଉଥାଏ ମନେ
ପବନର ମିଠା ପରସ ପାଇଲେ
ଜୀବନକୁ ଧନ୍ୟ ମାନେ ।

ଯାଜପୁର,ମଙ୍ଗଳପୁର,କୟାଁ

# ସୈନିକ

ଅଶୋକ କୁମାର ଦାସ

ବିକଳେ ରୋଦନ କରଇ ଜନନୀ
ତା ସୁନା ପୁଅକୁ ଖୋଜି,
ଫେରିବ କି ଆଉ ଯା ପରାଣ ଯାଇଛି
ଦେଶ ହିତ ଲାଗି ଝୁଜି ।
ବୀର ଜାତିଟାକୁ ଜନମ ଦେଇ ସେ
ନିଜକୁ ମଣୁଛି ଧନ୍ୟ,
ଦେଶ ମାତୃକାର ହିତ ପାଇଁ ପରା
ତା ପୁଅ ଦେଇଛି ଜୀବନ ।
ଚାଇନା ସିପାହୀ ଥରହର ହେଲା
ଦେଖି ତୋର ପରାକ୍ରମ
ଟଳଗଲୁ ସିନା ହଟିଲୁନି ପଛେ
ସାର୍ଥକ କଲୁ ତୋ ଜନମ
ତୋ ବଳିଦାନ ବିଫଳ ହେବନି
ଗୌରବ ଫେରିବ ଭାରତେ,
ତା ବିଜୟ ଧ୍ୱଜା ସଗର୍ବେ ଉଡିବ
ଅଦ୍ୱିତୀୟ ହେବ ଜଗତେ ।

ତୋ ମନ ମାନିନୀ କାନ୍ଦେ ରେ ବାହୁନି
ପ୍ରଣୟ କାଳର ବାର୍ତ୍ତା,
ଆଉ କି ଫେରିବ ତା ହୃଦୟ ରାଜା
ଓଠେ ନେଇ ମିଠା କଥା ।
ତୋ ଜନମ ମାଟି ତୋତେ ରେ ଝୁରୁଛି
ଛାତିରେ ଛାତିଏ କୋହ,
କେତେ ଝୁରିଲେ ବି କଷ୍ଟାଗ୍ରତ ହୃଦୟୁ
ତୁଟିନି ତୋ ପୁନି ମୋହ ॥

ଭଞ୍ଜଭୂମି, କୁଲାଡ, ଭଞ୍ଜନଗର

# ପ୍ରେମ ନଦୀ

ମୂଳ (ହିନ୍ଦୀ)- ଗୌତମ ଗୁଟାର୍ଜୀ
ଅନୁସୃଜନ – ସୁଧାଂଶୁ ଶେଖର ଦ୍ୱିବେଦୀ


ସୁଧାଂଶୁ ଶେଖର ଦ୍ୱିବେଦୀ

ଆଜି ମୈତ୍ରେୟ ଘରକୁ ଫେରି ଆଶ୍ଚର୍ଯ୍ୟ ହେଲା । ସ୍ତ୍ରୀ ନା ଝଗଡା କଲା ନା କୌଣସି ଅଶାନ୍ତି ସୃଷ୍ଟି ହେଲା । ଏହା କଣ ସମ୍ଭବ?

କଛି ବି ସମ୍ଭବ ହୋଇପାରେ । ସେ ପୁଣି ମନରେ ବିଶ୍ୱାସ ଜନ୍ମେଇଲେ । ଯାହାବି ହେଉ ଶାନ୍ତି ଓ ଈଶ୍ୱରୀୟ ପ୍ରେମ ତ ସମ୍ଭବ । ସହରରେ ଥିବା ନଦୀ ପ୍ରତି ସେ ଦୃଢ ଆସ୍ଥାବାନ । ଯାହାକୁ ସେ ପ୍ରେମନଦୀ କହେ । ଯିଏ ପ୍ରେମ ଭଳ ଅନବରତ ବହିଗ୍ଲିଛି ଆଗକୁ... ଆଗକୁ...ଆହୁରି ଆଗକୁ ।

ପୁଣି ଭୁଲ ହୋଇଗଲା ତାର । ଆସନ୍ତା କାଲି ଟଙ୍କା ଧରି ନଫେରିଲେ ତକୁ ଘରୁ ବାହାରିଯିଆକୁ ହେବ ବୋଲି ସ୍ତ୍ରୀ ଧମକ ଦେଇ କହିଲା । ପ୍ରତିଦିନ ସ୍ତ୍ରୀ ହାତରେ ହଜାରେ ଟଙ୍କା ରଖିବାକୁ ହେବ । ମୈତ୍ରେୟ ନଜ ପାପୁଲିକୁ ଦେଖିଲା । ପାପୁଲିରେ ଭାଗ୍ୟ ରେଖା ନାହିଁ ବୋଲି ସେ ପ୍ରଥମଥର ଦେଖିଲା । ପାପୁଲି ବନ୍ଦକରି ମୁଠା କଲା । ପୁଣି ଭାବିଲା ମୋ ହାତରେ ମୁଠା ଦେଖି ସ୍ତ୍ରୀ ଏଇୟା ନଭାବୁ ଯେ ତା ଭିତରେ ନୋଟ୍ ଲୁଚ ରହିଛି । ହଠାତ୍ ସେ ମୁଠା ଖୋଲିଦେଲା । ଆରେ ଏ କଣ?

ମୁଠା ଖୋଲିବା କ୍ଷଣି ତ ଭିତରୁ ଗୋଟେ ପ୍ରେଜାପତି ବାହାରି ଉଡିଗଲା । ଆକସ୍ମିକ ତା ଆଖି ସ୍ତ୍ରୀ ଆଖି ସହିତ ମିଶିଗଲା । ତା ସ୍ତ୍ରୀ ବି କଛି ବୁଝିପାରୁ ନଥାଏ । ମୈତ୍ରେୟ ପୁଣିଥରେ ସେଇଭଳ କଲା । ଏଥର ବି ଶୂନ୍ୟ ମୁଠା ଖୋଲିବାକ୍ଷଣି ଆଉଗୋଟେ ପ୍ରଜାପତି ବାହାରି ଉଡିଗଲା ।

ମୈତ୍ରେୟ ନଶ୍ଚିତ ହେଲା ପୂର୍ବ ପ୍ରଜାପତିଟି ହଳଦିଆ ଥିଲା ଆଉ ତା ପର ବି ବହୁରଙ୍ଗୀ । ତା ପାଖରେ ଏକ ଈଶ୍ୱରୀୟ ଖୁସି ଥିଲା । ସ୍ତ୍ରୀକୁ ଥରେ ଦେଖିଲା । ସେ କହୁଥାଏ, "ଏଇଭଳ ଆଶ୍ଚର୍ଯ୍ୟ କାର୍ଯ୍ୟ ଲୋକମାନଙ୍କୁ ଦେଖାଇ କଛି ରୋଜଗାର କରିଆଣ ।"

ସଂଭବତଃ ତାପରଦିନଠାରୁ ମୈତ୍ରେୟ ସେଇୟା କଲା । ତଥାପି ବାରମ୍ବାର ଆଶ୍ଚର୍ଯ୍ୟ ହେଉଥାଏ ସେ । ଏମିତି କେମିତି ହେଉଛି? ସେ ନଦୀ ପାଖକୁ ଯାଇ ପଗ୍ଭରିଲା । ତାକୁ ଶୁଣାଗଲା, ନଦୀର ପାଣି ଛୁଇଁ କୌଣସି ମୃତ ମଣିଷକୁ ମଧ ସେ ଜୀବନ ଦେଇପାରିବ ।

ସମୟ ଅତିବାହିତ ହେଲା । ତା ସ୍ତ୍ରୀ ଅନେକ ଗୁଡିଏ ଟଙ୍କା-ପଇସା, ଅଳଙ୍କାର-ଆଭୁଷଣର ଅଧିକାରୀ ହୋଇ ସାରିଥାଏ । ଶରୀରରେ ରୋଗ ମଧ ବଢୁଥାଏ । ହଠାତ୍ ଏକ ଅସାଧ ରୋଗରେ ଆକ୍ରାନ୍ତ ହୋଇ ଦିନେ ସଂଧାରେ ତା ସ୍ତ୍ରୀ ମରିଗଲା ।

ମୈତ୍ରେୟ ନଦୀ ପାଖକୁ ଦୌଡିଲା । ପାଣିକୁ ଛୁଇଁଲା । ତାପରେ ତାକୁ ଆଉକଛି ଜଣାନାହିଁ । ସହରସାରା ଖବର ପ୍ରଗ୍ଭର ହୋଇଗଲା ମୈତ୍ରେୟର ସ୍ତ୍ରୀ ମରି ପୁଣି ଜୀବିତ ହୋଇଯାଇଛି । ସାମ୍ବାଦିନ ଭିଡ ଭିତରେ ଏଭଳ ଆଶ୍ଚର୍ଯ୍ୟ କଥାରେ ଆଲୋଚନା ଗ୍ଭଲିଥାଏ । ସେମାନଙ୍କ ଭିତରୁ କେହିଜଣେ କହିଲା, "ମୈତ୍ରେୟର ଅନ୍ତିମ ସଂସ୍କାର କରିବାକୁ ହେବ । ନଜ ସ୍ତ୍ରୀକୁ ଏତେ ପ୍ରେମ କରୁଥିଲା ଶେଷରେ ନଜ ଜୀବନକୁ ଜଳାଞ୍ଜଳ ଦେଇଦେଲା ।"

ଏଭଳ ଘଟଣା ପାଇଁ ସଭିଏଁ ଚକତ ହେଉଥାନ୍ତି । ପୁଣି ଲୋକମାନେ ଜାଣି ପାରିଲେ ମୈତ୍ରେୟ ମରିନ । ନଦୀକୂଳରେ ବେହୋଶ ପଡିଛି । କଛିଲୋକ ତାକୁ ଦେଖି ଖୁସିର ଲୁହ ନଗାଡିଲେ । କ୍ରମଶଃ ମୈତ୍ରେୟର ହୋଶ ଆସିଲା । ନଜେ ଓ ନଜ ସ୍ତ୍ରୀର ଜୀବିତ ହେବା ଜାଣି ସେ ବି ଖୁସି ହେଉଥାଏ ।

ମୃତରୁ ଜୀବିତ ହେବାପରେ ବି ତା ସ୍ତ୍ରୀ ମୁଖମଣ୍ଡଳରେ ଅସନ୍ତୋଷର ଚହ୍ନ ସ୍ପଷ୍ଟ ବାରି ହେଉଥାଏ । ହଠାତ୍ ଜଣେ ପିଲା ଆସି ମୈତ୍ରେୟକୁ କହିଲା, "ଯେଉଁ ନଦୀ ପାଖରେ ତୁମେ ବେହୋଶ ପଡିଥିଲ ସେଇଠି ଅନେକ ପ୍ରଜାପତି ମରି ପଡିଛନ୍ତି ।" ପିଲାଟି ପକେଟରୁ କଛି ମଲା ପ୍ରଜାପତି ବାହାର କରି ଦେଖାଇଲା ଓ ପୁଣି କହିଲା, "ନଦୀ ସୂଅରେ ଏଇମିତି ବହୁତ ଗୁଡିଏ ମୃତ ପ୍ରଜାପତି ଭାସି ଯାଉଛନ୍ତି ।"

ପିଲାଟିର କଥା ଶୁଣି ମୈତ୍ରେୟ ମୁଠା କଲା ଓ ଖୋଲିଲା । ତା ମୁଠା ଭିତରୁ ପ୍ରଜାପତି ବାହାରି ଉଡିଲେନ । ଅଥଚ ତା ସ୍ତ୍ରୀ ଆଖିରେ ସେତେବେଳେ କ୍ରୋଧର ନଆଁ ଜଳୁଥିଲା ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ଆଜିର ସମାଜ



ର୍ମ ଚନ୍ଦ୍ର ପ୍ରଧାନ

ଦୁର୍ନୀତିର ଗନ୍ଧେ  ଆଜିର ସମାଜ
ଅଣନଶ୍ୱାସୀ ଲ୍ଗୁଛି
ନତି ଆଦର୍ଶର  ସେ କଥା ଅମୃତ
ସ୍ୱାର୍ଥର ବିଷେ ଜଳୁଛି ।
ଗୃରିଆଡ଼େ ଖାଲି  ପ୍ରତିହିଂସା ନଆଁ
ଭୟରେ ଦେହ ଥରୁଛି
ଅଶାନ୍ତି କରୁଛି ସମାଜେ ର୍ଜୁତି
ବିଚର୍ ଶାନ୍ତି କାନ୍ଦୁଛି ।
ସମାଜର ଏଇ  ଅବସ୍ଥା ଦେଖିଲେ
ମନରେ କୋହ ଆସୁଛି
କେବେ ବଦଳବ  ସେ କଥା ଭ୍ବିଲେ
ଚନ୍ତାରେ ମୁଣ୍ଡ ଘୁରୁଛି ।
ନୈତିକତା ଶୂନ୍ୟ ଆଜିର ସମାଜେ
ସମ୍ପର୍କ ବାଟ ହୁଡୁଛି
ମଣିଷ ପଣିଆ  ଭୁଲି ଏ ମଣିଷ
ରକ୍ତରେ ହୋଲି ଖେଳୁଛି ।
ମିଛ ସମ୍ପର୍କର ଅଡୁଆ ସୁତାରେ
ମଣିଷ ନତି ମରୁଛି
ଛଳନା ରଙ୍ଗକୁ  ମୁହେଁ ମାଖି ସିଏ
ମିଛି ମିଛିକା ହସୁଛି ।

ଗାଆଁ ଠୁ ସହର  ସବୁଠାରେ ଏବେ
ପାଶ୍ଚାତ୍ୟ ଛାପ ଦିଶୁଛି
ଅପ ସଂସ୍କୃତି ଙ୍କେସ ଅନ୍ଧ ଗଳରେ
ସଂସ୍କାର ଖାଲି ଝୁଣ୍ଟୁଛି ।
ହେ ମଣିଷ ଭ୍ଇ  ସୁଧୁରି ଯାଅହେ
ହାତଯୋଡ଼ି କ' କହୁଛି
ସୁସ୍ଥ ସମାଜଟେ  ଗଢ଼ିବାକୁ ଆଜି
ନବେଦନ ମୁଁ କରୁଛି ।

ଶିକ୍ଷକ
ସାନ୍ତର୍ପଲ୍ଲୀ, ଗଞ୍ଜାମ

# ଆସ ଆମେ ଦେଶ ପାଇଁ ଜୀବନ ଦେବା

《ରାଗ - ଶଙ୍କରାଭରଣ》



ସୌଭାଗ୍ୟ ଗିରି

ଆସ ଆମେ ଦେଶପାଇଁ ଏ ଜୀବନ ଦେବା
ମାର ଅବା ମର, ଏହି ଶପଥ କରିବା
ମନେ ସାହସ ଭରିବା
ଏକମୁହାଁ ହୋଇ ସୀମାନ୍ତକୁ ଚାଲିଯିବା (୧)

ଆମପରି ବଳୟାର ବୀର ଥାଉଥାଉ
ବଢ଼ିଚାଲିଛି କାହିଁକି ଆଜି ଅରି ଦାଉ
କଷ୍ଟ ବଢ଼େ ଚାହୁଁଚାହୁଁ
ଅରି ନିର୍ଯ୍ୟାତନା ସହି ହେଉନାହିଁ ଆଉ (୨)

ବାଜିରାଉତ ସେ ବାର ବରଷର ବୀର
ଖୁଦିରାମ ଫାଶୀ ବେଳେ ବୟସ ଅଠର
ସେ ଯେ ଥିଲେ କୁନିବୀର
ଅଳପ ବୟସେ କଲେ ସାମନା ଶତ୍ରୁର(୩)

ଶୁଣିଦେଲେ ଏମିତିଆ ବୀରତ୍ୱ କାହାଣୀ
ଅସ୍ଥିର ହୋଇ ପଡୁଛି ଆମ ପାଦପାଣି
ଲଂଘିଯିବୁ ଏହିକ୍ଷଣି
ସାତଦରିଆ ହେଉ କି ତେର ତରଙ୍ଗିଣୀ(୪)

ଆମ ମନରେ ବି ଅଛି ସେଇ ଦେଶପ୍ରେମ
ଦେଶକୁ ସୁରକ୍ଷା ଦେବା ଆସିଲେ ବି ଯମ
ମନେ ମାତୃଭୂମୀ ପ୍ରେମ
ତା ସାଥିରେ ରଖିଥିବା ସାହସ ଅସୀମ(୫)

ହେବାନାହିଁ ଆମେ ଆଉ ଜମା ସ୍ୱାର୍ଥପର
ସ୍ୱାର୍ଥ ସାଥିରେ ଛାଡିବା ସାଥୀ ସହୋଦର
ଛାଡିଯିବା ପରିବାର
ନେବା ଖାଲି ଦେହେ ବଳ ଶହେଟି
ସିଂହର(୬)

ଶୂନ୍ୟ ହେଉ ପଛେ କୋଳ ଜନମଦାତ୍ରୀର
ଜାୟାର ଲିଭିଲେ ଲିଭୁ ସୀମନ୍ତ ସିନ୍ଦୁର
ଦୁଃଖ ବଢୁ ପିତାଙ୍କର
କରୁଣ କ୍ରନ୍ଦନ ପଛେ ଶୁଭୁ ଭଗିନୀର (୭)

ନୁହଁ ଆମେ ବାକ୍ୟବୀର ଆମେ କର୍ମବୀର
ଶତ୍ରୁ ଶଙ୍କାଇବା ଶକ୍ତି ଦେଖାଇ ଆମର
ସାଜି ସିଂହ ସୀମାନ୍ତର
ସୁରକ୍ଷା କବଚ ସାଜି ଦେଶ ମାତୃକାର(୮)

ମାଟିମା' ର ଆମେ ତ ସୁଯୋଗ୍ୟ ସନ୍ତାନ
ଜୀବନକୁ ତୁଚ୍ଛ ମଣି ଦେବା ବଳଦାନ
ପଛେ ଯାଉ ଏ ଜୀବନ
ମା' ଆମ ଦିଶୁଥାଉ ସର୍ବଦା ଶୋଭନ(୯)

ଯୋଦ୍ଧାଟିଏ ହୋଇ ଲଢୁଥିବା ସୀମାନ୍ତରେ
ଖେଳୁଥିବା ଗୁଳଗୋଳା ତୋପ କମାଣରେ
ବନ୍ଧୁକ ଧରି କରେ
ତାଣ୍ଡବ ନୃତ୍ୟ କରିବା ଲୁହ ଓ ଲହୁରେ(୧୦)

ଚନ୍ଦ୍ରଭାନୁ ଜଳୁଥିବ ଧୂଆଁ କୁହୁଳବ
ଧ୍ୱଂସର ଆହ୍ୱାନ ଦେଇ ଗ୍ରେନେଡ ଗର୍ଜିବ
ଆର୍ତ୍ତନାଦ ଶୁଭୁଥିବ
ପଳାୟନ କରିବାକୁ ଶତ୍ରୁ ବାଧ୍ୟ ହେବ (୧୧)

ଲଢୁଲଢୁ ଗୁଳିଗଲେ ଆମରି ଜୀବନ
ଶରୀରକୁ ରଖିବେ ତିରଙ୍ଗା ଘୋଡାଇଣ
ଶୁଭିବ ଜୟଯବାନ
ଲୋତକେ ଭିଜିବ ଦେଶବାସୀଙ୍କ ଲୋଚନ(୧୨)

ପୁଷ୍ପାଚ୍ଛାଦିତ ଶରୀର ଦିଶିବ ଶୋଭନ
ଦେଶଭକ୍ତିରେ କମ୍ପିବ ଗଗନପବନ
ହେବା ପଞ୍ଚଭୂତେ ଲୀନ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହେବ ବଳଦାନ (୧୩)

ଲୋକେ କହୁଥିବେ ବୀରର ତ ମୃତ୍ୟୁ ନାହିଁ
ଅମର ଶହୀଦ ସିଏ ଯୁଗଯୁଗ ପାଇଁ
ସୁଯୋଗ୍ୟ ସେ ଅଟଇ
ଜନ୍ମଦେଇ ପିତାମାତା ଗଲେ ଧନ୍ୟ ହୋଇ(୧୪)

ଛୋଟ ପିଲାଟିଏ ଯେବେ ଏ ଗାଥା ଶୁଣିବ
ତା ମନରେ ଦେଶପ୍ରେମ ଜାଗ୍ରତ ହୋଇବ
ଯେବେ ସିଏ ବଡ ହେବ
ଅରି ସାଥେ ଲଢିବାକୁ ଯୋଦ୍ଧା ସେ ସାଜିବ(୧୫)

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

# ଏ ଅଙ୍ଗ ଥାଇ ଲ୍ଭ



ବୈଦ୍ୟନାଥ ପଣ୍ଡା

ହାତ ଦୁଇ ଥାଇ ଯଦି ନଲ୍ଗିଲ୍
ଦୁଃଖୀ ଦରିଦ୍ର ଙ୍କ ସେବାରେ
ସେ ହାତ ଦୁଇ କୁ କାଟି ଦିଅ ପ୍ରଭୁ
ଝଡିପଡୁ ଏଇ ଭୂମିରେ
ହାତ ଦୁଇ ଥାଇ............. ||
ପାଦ ଦୁଇ ଥାଇ କ ଲ୍ଭ ମୋହର
ଦୁଃଖୀ ଦୁଆର କୁ ନଗଲ୍
ସେ ପାଦ ଯୋଡିକ ଅଚଳ ହେଉ ହେ
ଯେ ନଜ ସ୍ୱାର୍ଥରେ ରହିଲ୍
ଧନ୍ୟ ସେଇ ହାତ ଧନ୍ୟ ସେଇ ପାଦ
ଯିଏ ରହେ ପର ସେବାରେ
ହାତ ଦୁଇ ଥାଇ.................||
ପଦିଏ କଥାରେ ବଇରୀ ଜନ୍ମାଏ
କଟୁ ବଚନରେ ମଜ୍ଜଇ
ବଚନରେ ଯଦି ମଧୁ ନଝରୁଛି
ସେ ତୁଣ୍ଡରେ କ ଲ୍ଭ ଅଛଇ
ଧିକ ସେଇ ଆଖି ପର ଦୁଃଖ ଦେଖି
ଲୁହରୁ ଦିଟୋପା ନଝରେ
ହାତ ଦୁଇ ଥାଇ..............||

ହୃଦୟ ଟେ ଥାଇ କ ଲ୍ଭ ହୋଇବ
ଭଲ ନପାଇବ କାହାକୁ
ବିଅର୍ଥ ହୋଇବ ଏ ମଣିଷ ଜନ୍ମ
ନନ୍ଦା ହେବ ସବୁ ଦିନକୁ
ମନ ଥାଇ ଯଦି ନମିଶିଲ୍ ସିଏ
ଆଉ କାହା ମନ ସାଥିରେ
କ ଲ୍ଭ ହୋଇବ ଏ ସଂସାରେ ଜନ୍ମି
ନଲ୍ଗିଲେ କାହା ସେବାରେ
ହାତ ଦୁଇ ଥାଇ..............||

ଅବଦଲପୁର, ଯାଜପୁର

# ରକ୍ଷା ବନ୍ଧନ

ନରେଶ କୁମାର ତ୍ରିପାଠୀ

ଭାଇ ଭଉଣୀଙ୍କ ପବିତ୍ର ପରବ
ନାମ ତା ରକ୍ଷା ବନ୍ଧନ,
ମୃଦୁଳ ମଞ୍ଜୁଳ ଯେଉଁ ଭାବ ତୋର
ଯେସନେ ଫୁଲ ଚନ୍ଦନ ॥
ସପ୍ତ ରଙ୍ଗୀ ପାଟ ସୂତାରେ ନିର୍ମିତ
ଭାବେ ରଞ୍ଜିତ ଏ ରାକ୍ଷୀ,
ଯୁଗଯୁଗ ବ୍ୟାପୀଥିବ ଯା କୀରତୀ
ଯେ ମଧୁର ଭାବ ସାକ୍ଷୀ ॥
ସୁରକ୍ଷାର ସୂତ୍ର ଅତୀବ ବିଚିତ୍ର
କହଇ ଯାହା ପୁରାଣ,
ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ
ପବିତ୍ର ଭାବ ପ୍ରମାଣ ॥
ଭାଇର ସକଳ ଶୁଭ ଯେ ମନାସି
ଭଉଣୀ କରେ ପ୍ରାର୍ଥନା,
ଭାଇ ବି ତାହାର ଭଉଣୀର
ସୁଖ ସମୃଦ୍ଧି କରେ କାମନା ॥
ଭାବଗ୍ରାହୀ ହରି ଭାବରସ ଭରି
ରଖିଥାନ୍ତି ଏ ପରବ,
ସୁଧା ନୁହେଁ ସରି କେବେ ତାହା ପରି
ସ୍ୱରଗେ ଏହା ଦୁର୍ଲ୍ଲଭ ॥

ଇଚ୍ଛାପୁର

# ଭାରତୀୟ ସଂସ୍କୃତିର ମହାମନ୍ତ୍ର:ପରୋପକାରିତା



ଶେଷଦେବ ପଣ୍ଡା

ମଣିଷ ଜୀବନ ଅଳକ। ଜଳରେ ସୃଷ୍ଟି ହେଉଥିବା ବୁଦବୁଦ ଭଳି ଏହା ଧରା ବକ୍ଷକୁ ଆଗମନ କରି ପୁଣି ମହାକାଳ ଗର୍ଭରେ ଲୀନ ହୋଇଯାଏ। ଯୋଗୀ ଶଙ୍କର ଏହି ଅନତ୍ୟ ଜୀବନକୁ "ପଦ୍ମ ପତ୍ରରେ ଜଳବିନ୍ଦୁ" ସହ ତୁଳନା କରିଛନ୍ତି:

"ନଳନୀ ଦଳଗତ ଜଳମତି ତରଳମ୍,
ତଦବତ ଜୀବନମତିଶୟ ଚପଳମ୍।"

ନଶ୍ୱର ଜୀବନକୁ ଅବିନଶ୍ୱର ରୂପ ଦେବା ନମନ୍ତେ ମନୁଷ୍ୟକୁ ସାହାଯ୍ୟ କରେ ତାର "କର୍ମ"। ସ୍ୱାମୀ ବିବେକାନନ୍ଦ ଓ ଗାନ୍ଧିଜୀ କହିଯାଇଛନ୍ତି ସମୟ-ସୈକତରେ ସ୍ଥାୟୀ ପଦଚହ୍ନ ଅଙ୍କନ କରିଯିବାକୁ। ଏହି ସ୍ଥାୟିତ୍ୱ ସୃଷ୍ଟି ହୁଏ ମଣିଷର କର୍ମରୁ – ଆଚରଣରୁ – ପରୋପକାରିତାରୁ । "ପରୋପକାରାୟ ସ୍ୱର୍ଗାୟ, ପାପାୟ ପର ପୀଡନମ୍"। କେବଳ ମାତ୍ର ସେହି "କର୍ମ" ଯାହା ମଧ ଦେଇ ମାନବିକ କରୁଣାର ଅମୀୟ ମନ୍ଦାକିନୀ ନିଃସୃତ ହୁଏ, ସେହି "କର୍ମ" ଯାହା ଜାତି-ଧର୍ମ-ବର୍ଣ୍ଣ–ଲିଙ୍ଗ-ଭାଷା-ସମୟ-ଅସମୟ ଅଭେଦ କ୍ରମେ ବିଶ୍ୱ ଜନତାର ମଙ୍ଗଳ ନମନ୍ତେ ଉଦ୍ଦିଷ୍ଟ, ତାହା ହିଁ ମଣିଷକୁ ଦେବତାର ଆସନରେ ଆସୀନ କରାଏ। ଅନ୍ୟର ଉପକାର ରୂପକ "ସୁକର୍ମ" ତାକୁ ଅମର କରେ। ଉତ୍କଳମଣିଙ୍କ ଭାଷାରେ,

"ସୁଗୁଣ ବିକଶୀ ନମିଷେ ମରଣ ଶ୍ରେୟ
କର୍ମହୀନ ଏ ଦୀର୍ଘ ଜୀବନ ବିଶ୍ୱରେ ଅତି ହେୟ ।"

ଧନ୍ୟ ସେହି ମାନବ, ପରୋପକାର ଯାର ଜୀବନର ବ୍ରତ। ଏହି "କାମିନୀ-କାଞ୍ଚନ" ର ଦୁନଆଁରେ ଅନ୍ୟ ପାଇଁ ଦି ଟୋପା ଲୁହ ଢାଳବା, ଅନ୍ୟପାଇଁ ଉଦବେଳତ ହେବା,

ଦେବୋପମ ବ୍ୟକ୍ତିତ୍ୱର ପରିଚୟକ । ଅନ୍ୟକୁ ସାହାଯ୍ୟ କଲେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ଅନୁଭବୀ ବିନେ କ ପ୍ରକାଶଯୋଗ୍ୟ? ଇଂରାଜୀରେ କଥିତ ଅଛି:

"Help whenever wherever you can,
For man needs aid from every man,
Let a day never die in the west,
That you havenot comforted any sad breast"

ପ୍ରତ୍ୟେକ ପରିସ୍ଥିତିରେ, ପ୍ରତ୍ୟେକ ସମୟରେ କାୟ ମନୋବାକ୍ୟରେ ସହାୟତା ପ୍ରଦାନ କରିବା ଉଚତ । ଜଗନ୍ନାଥ ଦାସ ଶ୍ରୀ ମଦ୍ଭାଗବତରେ ଏହି କଥା ହିଁ ଉଲ୍ଲେଖ କରିଛନ୍ତି । "ଯେ ରହେ ପର ଉପକାରେ, ତା ଜନ୍ମ ଧନ୍ୟ ଏ ସଂସାରେ ।"

ଜୀବନ ଅନତ୍ୟ, ସୁତରାଂ ଅନ୍ୟର ମଙ୍ଗଳ ପାଇଁଏହାକୁ ବିନିଯୋଗକରିବା ଉଚତ । "ମାଆ କହେ ପୁଅ ବଢୁଛି, ଯମ କହେ ପୁଅ ଛିଡୁଛି" ନ୍ୟାୟରେ ଜୀବନ ଅବରୋହଧର୍ମୀ । କବିବର ରାଧାନାଥଙ୍କ ଭାଷାରେ,

"ଭଗ୍ନ ଘଟୁ ଆହା ସଲିଳ ଯେସନ,
ସରି ଯାଉଅଛି ଆଉ ପ?ରତିକ୍ଷଣ ।"

ଭକ୍ତକବି ମଧୁସୂଦନ "ଜୀବନ ଚନ୍ତା"ରେ ଲେଖିଛନ୍ତି: "ନିଃଶବ୍ଦେ ଜୀବନ-ସ୍ରୋତ ଧାଉଁଛି କପରି..."

ନିଃଶବ୍ଦ ଜୀବନକୁ ଝଙ୍କୃତ କରେ ପରୋପକାରିତା । ଏହି ମହାନ ଭାରତବର୍ଷର ଇତିହାସରେ କେତେ ମହାତ୍ମା ପରର ହିତାର୍ଥେ ନିଜର ସର୍ବସ୍ୱ ଦାନକରି ଦେଇଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତ ରହିଛି । ଏହି ପରିପ୍ରେକ୍ଷୀରେ ପୁରାଣବର୍ଣ୍ଣିତ ଶିବି, ଦଧିଚ ଓ ହରିଶ୍ଚନ୍ଦ୍ରଙ୍କ ଚରିତ୍ର ପ୍ରଣିଧାନ ଯୋଗ୍ୟ । ଧର୍ମପଦ ଜାତିଭାଇଙ୍କ ଜୀବନ ରକ୍ଷାର୍ଥେ ପ୍ରାଣପାତ କରିଥିଲା । ଗୋପବନ୍ଧୁ ବନ୍ୟା କ୍ଲିଷ୍ଟଙ୍କ ସେବା କରିବାକୁ ଯାଉଁଯାଉଁ ପୁଅକୁ ହରାଇଲେ । ଆଜିର ଏଇ ଯାନ୍ତ୍ରିକ ସ୍ଫୁଟନିକ ଯୁଗରେ ମଧ ଅନେକ ପରୋପକାରୀ ବ୍ୟକ୍ତି ଅଛନ୍ତି, ଯେଉଁମାନେ ପରୋପକାରିତାକୁ ଜୀବନର ବ୍ରତ ରୂପେଗ୍ରହଣ କରିଛନ୍ତି ।

ମନୁଷ୍ୟ ଯେଉଁଧନ ଉପାର୍ଜନ କରେ, ତାହା ମଧ ଅସ୍ଥାୟୀ, ଲକ୍ଷ୍ମୀ ସଦା ଚଞ୍ଚଳା ବୋଲି ଅନୁଭବସିଦ୍ଧ । Wealth never stays, use it on things that stay (ଧନ ରହେ ନାହିଁ,

ଏଭଳ ଜିନଷରେ ଧନବ୍ୟବହାର କର ଯାହା ରହେ)। ପରର ମଙ୍ଗଳାର୍ଥେ, ସତ୍ ଉଦ୍ଦେଶ୍ୟରେ ଧନ ଓ ଜୀବନର ବ୍ୟବହାର କରିବାକୁ ପଶ୍ଚାତ୍ପଦ ହେବା ଉଚତ ନୁହେଁ। ଧନ ଓ ଜୀବନ – ଏହି ଦୁଇ ଅନତ୍ୟ ବସ୍ତୁର ବିନମୟରେ ନତ୍ୟ ଯଶ ଲାଭ କରିବା ସମାଚୀନ ନୁହେଁ କ? ସନ୍ଥ କବି ଭୀମ ଭୋଇ କହିନଥିଲେ କ: ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ"। ତନ-ମନ-ଧନ ବିନଯୋଗ ପୂର୍ବକ ଅନ୍ୟର ଉପକାର କରିପାରିଲେ ହୃଦୟ ବିମଳ ଆନନ୍ଦରେ ପରିପୂର୍ଣ୍ଣ ହୁଏ। ଧୂପ-ଦୀପ-ନୈବେଦ୍ୟ ର ଉପଗ୍ଚରରେ ଦେବତାଙ୍କୁ ସନ୍ତୁଷ୍ଟ କରିବା ଅପେକ୍ଷା ଗୋଟିଏ ଦୁସ୍ଥ ଅସହାୟ ବ୍ୟକ୍ତିକୁ ସାହାଯ୍ୟ କଲେ ସେଥିରେ ଅଧିକ ଆତ୍ମପ୍ରସାଦ ମିଳେ। ନପୀଡିତ ଜନତା ମଧ୍ୟରେ ସ୍ୱୟଂ ଭଗବାନ ମାନବିକତାର ଅମୃତ ସ୍ପର୍ଶ ଲାଭ କରିବା ନମନ୍ତେ ଆତ୍ମ ଗୋପନ କରିଥାନ୍ତି। **Service to man is service to God** (ମାନବ ସେବା ହିଁ ମାଧବଙ୍କ ସେବା)। ମଦର ଟେରେସା ଏହି ଧର୍ମରେ ଦୀକ୍ଷିତ ଥିଲେ। ସୁତରାଂ ଶକ୍ତି ଅନୁରୂପ ପରୋପକାର କରି ସମସ୍ତେ ନଜନଜ ଜୀବନର ମହତ୍ତ୍ୱ ବର୍ଦ୍ଧିତ କରିବା ଉଚତ।

"ସୃଷ୍ଟିନୀଡ", ମୁଦଲସର, ତମିଆଁ, ବଲାଙ୍ଗିର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩। ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ।

# ଫଂଟା ଫ୍ରେଣ୍ଡସିପ ଡେ



ନବକିଶୋର ଦୀପ

ମଣିଷ ମଣିଷ ଭିତରେ ଗ୍ଭଲିଛି
ସବୁବେଳେ ରେଂ ଝେଂ,
ଗର୍ବରେ ମଣିଷ ମୋବାଇଲ ଫୋନରେ
ପାଳୁଛି ଫ୍ରେଣ୍ଡସିପ ଡେ..
ମଣିଷ ମଣିଷ ଭିତରେ ପଡିଛି
ଘୃଣାର ପାଚେରୀ ଗୋଟେ,
ଅଛୁଆଁ ହେଉଛି ମଣିଷ ଏଇଠି
ମଣିଷ,ମଣିଷର ଦେହ ଲୁଟେ..
ଶହ ଶହ ଅଟ୍ଟାଳିକା ଏ ସହରେ
ଜାଗା ନାହିଁ ପୁଅ ଘରେ,
ଠାକୁର ଘରଟା କହାଡି ରହିବ
ଖାଣ୍ଟି ଠାକୁର ଯିବେ ଦୁଆରେ..
ଭାଇଭାଇ ମଧ୍ୟେ ଗ୍ଭଲେ ହଣାକଟା
ଏଠି ଲୁଂଘି, ଧୋତି, କୋର୍ଟ ଲଢେ,
କଳା, ଧଳା, ନାଲି ରଙ୍ଗେ ଭେଦଭାବ
ଖାଦ୍ୟ, ଖାଦ୍ୟରେ ସଂଘର୍ଷ ବଢେ..
ରଙ୍ଗ, ବେଶ, ଚିହ୍ନ, ପର୍ବରେ
ମିଳଇ ମଣିଷର ପରିଚୟ,
ଲୋକ ଦେଖାଣିଆ ଫ୍ରେଣ୍ଡସିପ ଡେ ର
ବାର୍ତ୍ତା ଆସେ ଶହ ଶହ..
ମଣିଷ ହାତରୁ ମଣିଷ ଖାଉନ
କାଳେ ଜାତି ଧର୍ମ ଯିବ ଗ୍ଭଲି
ହୃଦୟ କୁ ଛାଡି ବନ୍ଧୁତା ହୁଏନ
ମନ ବୁଝେଇବା କଥା ଖାଲି..

ବୌଦ୍ଧ

# ମୋ ଆଈ



ସଙ୍ଗୀତା ମହାନ୍ତି

ଆଈଟି ମୋର ଭାରି ସୁନ୍ଦର
ସଭିଙ୍କୁ କରନ୍ତି ସେ ଆପଣାର
ଭାରି ମଜା କଥା କହି ମନକୁ କିଣନ୍ତି
ସବୁ କଥାରେ ସେ ଜିଣନ୍ତି
ବୟସ ତାଙ୍କୁ ଅଣସ୍ତରି
କାମରେ ସେ ପୁରା ତତପିରି
ସବୁ ପ୍ରକାର ପିଠା ପଣା
ତାଙ୍କୁ ହିଁ ସବୁ ଜଣା
ମାତା ସେ ହେଲେ ସଭିଙ୍କର
ବିଜିନା ସିଦ୍ଧିନା ଆଉ ତୋଇ ପିଲା ତାଙ୍କର
ପୁଅ ତୋଇ ଦେଖିବାକୁ ରାଜକୁମାର
ଆଈଙ୍କର ବଡ ଝିଅ ହେଲେ ସିଦ୍ଧିନା
ଦୁଇ ଭଉଣୀଙ୍କର କେବେ ଝଗଡା ହୁଏନା
ଆଈଙ୍କ ବୋହୁର ନାମ ବେବି
ଦେଖିବାକୁ ସେ ରାଣୀର ପ୍ରତିଛବି
ସେ କେଉଁଥିରେ କମ ନୁଁହେବି
ସବୁଥିରେ ଅଟନ୍ତି ପାରଙ୍ଗମ
ସେଥିପାଇଁ ସେ ହୁଅନ୍ତିନି କାହା ସମ
ଆଈ ଆମର ସ୍ମାର୍ଟ ଶ୍ରୀମତୀ
କେଉଁଥିରେ ସେ କମ ନୁହଁନ୍ତି

ନାତୁଣୀଙ୍କୁ ସ୍କୁଲ ନବାଠୁ ଆରମ୍ଭ କରି
ବଜାରକାମ ଆଈ ସବୁ କରିପାରନ୍ତି
ସେଥିପାଇଁ ତାଙ୍କୁ ସମସ୍ତେ ଭଲ ପାଆନ୍ତି
ସେ ସମସ୍ତଙ୍କର ପ୍ରିୟ ଅଟନ୍ତି
ଆଈଙ୍କ ନାମ ଇଚ୍ଛାଶକ୍ତି
ସ୍ନେହ ଶ୍ରଦ୍ଧା ଥାଏ ତାଙ୍କର ସଭିଙ୍କ ପ୍ରତି

ତୁଳସୀପୁର, ମଠସାହି

# ଶରତ ଆଗମନେ



ନବୀନ କୁମାର ପଧାନ

ଶ୍ୱେତ ଗୋଲାପର ଅମୃତ ସୁରଭି
ଆଘ୍ରାଣେ ମଧୁପ ମତ୍ତ
କାଶତଣ୍ଡୀ ଫୁଲେ ସଜ୍ଜିତ ଧରଣୀ
କୃଷକେ କୃଷିରେ ବ୍ୟସ୍ତ ॥

ଶରତ ଆରମ୍ଭେ କୁମୁଦିନୀ ହସେ
ପ୍ରେମେ ଶଶାଙ୍କ ବିଦଗ୍ଧ
ସ୍ୱଚ୍ଛ ଗଗନରେ ତାରକା ହସଇ
ଭାବୁକେ ହୁଅନ୍ତି ମୁଗ୍ଧ ॥

କେ ରଚେ କବିତା କେ ବା ଉପନ୍ୟାସ
ଦେଖି ପ୍ରାକୃତିକ ଶୋଭା
ପ୍ରଜାପତି ଉଡେ ଫୁଲରୁ ଫୁଲକୁ
ଦିଶେ କେଡେ ମନଲୋଭା ॥

କଦମ୍ବ ଭିତରେ ବର୍ଷା ଶୋଇ ଯାଏ
ଫୁଲର ଶେଜ ବିଛେଇ
ଶରତ ଆସଇ ପୂଜା ପାର୍ବଣର
ବାର୍ତ୍ତା ପୃଥିବୀକୁ ନେଇ ॥

ପ୍ରକୃତି ରାଣୀଟା ବିହାର କରଇ
ଫୁଲରେ ସଜ୍ଜିତ ହୋଇ
ଧରଣୀରୁ ବର୍ଷା ବିଦାୟ ନଅଇ
ପ୍ରେମର ଫଲଗୁ ଦେଇ ॥

ସାନଫାସଡ଼, ବଲାଙ୍ଗୀର

# ନବଧା ଭକ୍ତିର ନିଆରା ନିଦର୍ଶନ



କୀର୍ତ୍ତି ଦେବୀ

ଈଶ୍ୱର ହେଉଛନ୍ତି କୃପାର ସାଗର । ସେ କୃପା କଲେ ରୋଗୀ ରୋଗରୁ, ଦୁଃଖୀ ଦୁଃଖରୁ, ଧନୀ ଧନରୁ ତଥା ବିଦ୍ୟାର୍ଥୀ ବିଦ୍ୟାରୁ ମୁକ୍ତି ପାଏ । ଶ୍ରୀ ସାଇନାଥ ଶିରିଡିରେ ବାସ କରନ୍ତି ସତ, କିନ୍ତୁ ସେ ସାରା ବିଶ୍ୱରେ ବିଦ୍ୟମାନ । ତାଙ୍କର ସାନିଧକୁ ଯିଏ ଥରେ ଅନୁଭବ କରିଛି ସେ ଆଉ କେବେ ପଛକୁ ଯାଇନାହିଁ । କାରଣ ସେହି ଦିବ୍ୟ ଅନୁଭୂତିକୁ ସାଉଁଟିବା ପାଇଁ ସେ ସଦା ସମର୍ପିତ ।

"ଶ୍ରୀ ସାଇସତ୍ ଚରିତ" ଗ୍ରନ୍ଥ ହେଉଛି ଶ୍ରୀ ସାଇଙ୍କଦ୍ୱାରା ରଚିତ ଗ୍ରନ୍ଥ ଓ ଏଥିରେ ଲିଖିତ ଥିବା ଘଟଣାଗୁଡିକ ଆଜି ବି ଜୀବିତ ରୂପରେ ପ୍ରକାଶ ପାଏ । ସେହି "ଶ୍ରୀ ସାଇ ସତ୍ ଚରିତ୍" ର କିଛି ଅଂଶ ନିମ୍ନରେ ଲେଖୁଛି, ଯଥାଦ୍ୱାରା ପାଠକଗଣ ସ୍ୱଷ୍ଟ ଭାବରେ ଏହି କଥାକୁ ବୁଝିପାରିବେ ଏବଂ ଶ୍ରୀ ସାଇଙ୍କ କୃପା ଓ ନବଧା ଭକ୍ତିକୁ ଅନୁଭବ କରିପାରିବେ ।

ଶ୍ରୀ ସାଇ ସତଚରିତର ଏକବିଂଶ ଅଧ୍ୟାୟ: ଘୋଡାର ନଅଟି ଲେଦି ଅତଃ ନଭଧା ଭକ୍ତି ॥ ଥରେ ଜଣେ ସୌଦାଗର ଏଠାକୁ ଆସିଥିଲା (ଶିରିଡିକୁ) । ତା ସମ୍ମୁଖରେ ଗୋଟିଏ ଘୋଡା ମଳତ୍ୟାଗ କଲା । ଜିଜ୍ଞାସୁ ସୌଦାଗର ଜଣକ ତାର ଧୋତିର କାନିରେ ନଅଟି ଲେଦି ସଂଗ୍ରହ କଲା । ଏହା ପରେ ତାର ମନ ଶାନ୍ତି ଲାଭ କଲା । ଶ୍ରୀ ପାଟଣାକର ଉପରୋକ୍ତ ଉକ୍ତିର କୌଣସି ଅର୍ଥ ବୁଝିପାରିଲେ ନାହିଁ । ଏଣୁ ଗଣେଶ ଦାମୋଦର ଓରଫ ଦାଦା କେଲକରଙ୍କୁ ଏହାର ଅର୍ଘ ବୁଝାଇବା ପାଇଁ ପ୍ରାର୍ଥନା କରି ବାବାଙ୍କ ବାଣୀର ଅଭିପ୍ରାୟ କଣ ବୋଲି ପ୍ରଶ୍ନ କଲେ । କେଲକର କହିଲେ, ବାବାଙ୍କ ଉକ୍ତି ସେ ନିଜେ ଅନେକ ସମୟରେ ବୁଝିପାରନ୍ତି ନାହିଁ । ତେବେ ତାଙ୍କର ପ୍ରେରଣାରେ ଯେତିକି ବୁଝିଛି, ତାହା ତୁମକୁ କହୁଛି ଘୋଡା ହେଉଛି ଈଶ୍ୱର କୃପା ଏବଂ ନଅଟି ଲେଦି ହେଉଛି ନବଧା ଭକ୍ତି ଯଥା (୧) ଶ୍ରବଣ (୨) କୀର୍ତ୍ତନ (୩) ନାମ ସ୍ମରଣ (୪) ପାଦସେବା (୫) ଅର୍ଚ୍ଚନା (୬)ବନ୍ଦନା ବା ପ୍ରଣାମ

(୭) ଦାସ୍ୟ (ସେବକ) (୮) ସଖ୍ୟ ବା ସଖା (୯) ଆତ୍ମନିବେଦନ (ସମର୍ପଣ)। ଏହା ହେଲା ନଅ ପ୍ରକାର ଭକ୍ତି। ଏହା ମଧ୍ୟରୁ ଗୋଟିଏକୁ ବି ଯଦି ବାସ୍ତବ କ୍ଷେତ୍ରରେ ଅଭ୍ୟାସ କରି ପ୍ରୟୋଗ କରାଯାଏ ତାହାହେଲେ ଭଗବାନ ଶ୍ରୀହରି ଅତି ପ୍ରସନ୍ନ ହୋଇ ଭକ୍ତର ଘରେ ପ୍ରକଟ ହୋଇଯାଆନ୍ତି। ବେଦଜ୍ଞାନୀ କମ୍ବା ବ୍ରହ୍ମଜ୍ଞାନୀଙ୍କ କୀର୍ତ୍ତି ଭକ୍ତି ଭାବବିନା ନିରର୍ଥକ ଅଟେ।

ଇଏତ ଗଲା "ଶ୍ରୀ ସାଇସତ୍ ଚରିତକଥା" କିନ୍ତୁ ଏହାର ପ୍ରତ୍ୟେକ୍ଷ ପ୍ରମାଣ ଆଜି ବି ଶ୍ରୀ ସାଇ କପରି ପ୍ରଦାନ କରୁଛନ୍ତି ତାହା ଦେଖିବା ଉଚତ୍। ଗତ ମେ ମାସ ୧୦ ତାରିଖ ୨୦୨୦ ମସିହା ରବିବାର କଥା। ଆମ ଝିଅର ଜଣେ ସାଙ୍ଗର ଆଈଙ୍କ ଦେହ ବହୁତ ଖରାପହେଲା। ସେ ସାଲେପୁର କେନ୍ଦ୍ରାପଡା ନିକଟରୁ ଆସି କଟକ ବଡ ମେଡିକାଲରେ ଆଡମିଟ୍ ହେଲେ। ତାଙ୍କ ଶରୀର ବହୁତ ଖରାପ ଥିଲା। ମୋତେ ଝିଅ ସାଙ୍ଗର ମାଆ ବାରମ୍ବାର ଫୋନ୍ କରୁଥାନ୍ତି ଆପଣ ଟିକେ ବାବାଙ୍କୁ ଡାକନ୍ତୁ ମୋ ବୋଉର ଦେହ ଭଲ ହୋଇଯାଉ ଓ  ବୋଉ ନାମରେ ଦୀପ ଲଗାଇ ଦିଅନ୍ତୁ। ମୁଁ ମଧ ଆମ ଘରେ ଯେଉଁ ସ୍ଥାନରେ ବାବା ଆସିଥିଲେ, ସେ ସ୍ଥାନରେ ପୂଜା କରି ଦୀପ ଲଗାଇ ତାଙ୍କ ପାଖକୁ ଫଟୋ ପଠାଇଦେଲି। ପରେ ତଙ୍କ ମାଆ ସୁସ୍ଥ ହୋଇଗଲେ। ୬/୭ ଦିନ ପରେସେ ପୁଣି ରାତିରେ ଫୋନ କଲେ ଆପଣ ଆଉଥରେ ଦୀପ ଲଗାଇ ଦିଅନ୍ତୁ ବୋଉର ଦେହ ବହୁତ ଖରାପ ଅଛି ଓ ସେ ପୂରା ସିରିୟସ୍। ସେ ଦିନ ଆମର ଦିନ ୪ଟାରୁ ଝଡ ତୋଫାନ ହୋଇ ଲାଇନ୍ ନାହିଁ। ମୁଁ ତାକୁ କହିଲି, ଲାଇନ ଆସିଲେ ମୁଁ ଧୂପ ଲଗାଇଦେବି ଏବଂ ପରେ ସେଇଆ କରିଦେଲି। ଏପରି କଛି ଦିନ ଗଲାପରେ ମୋ ମନରେ ଆସିଲା ତାଙ୍କ ବୋଉଙ୍କ ପାଇଁ କଛି ଶିରଡି ବିଭୂତି, ପୁରୀ ଶ୍ରୀଜଗନ୍ନାଥଙ୍କ ପତାକା ଶ୍ରୀ ସାଇବାବାଙ୍କ ଫଟୋ ଏପରି ଅନେକ ଜିନଷ ପଠାଇବା ପାଇଁ। ମୁଁ ମଧ ତାଙ୍କୁ (ଝିଅ ସାଙ୍ଗ ମାଆ) କହିଲି ସେ ହଁ କରିଲେ। ଆମେ ଏପରି ଭିଡିଓକଲରେ କଥା ହେଉହେଉ ତାଙ୍କଦେହ ଭଲ ହୋଇ ସେ ଘରକୁ ପଳେଇଲେ। ସେ କହିଲେ, ଆପଣ ସବୁ ପଠାଇ ଦିଅନ୍ତୁ ସ୍ପିଡ୍ ପୋଷ୍ଟରେ। ମୁଁ ମଧ ସେଇଆ କଲି। ଏଥିପାଇଁ ୪୧ ଟଙ୍କା ଖର୍ଚ୍ଚ ହେଲା। ମୁଁ ତାଙ୍କୁ କହିଲି ଆପଣ ଏଇ ପଇସା ସାଙ୍ଗରେ ଆଉ କଛି ପଇସା ମିଶାଇ ଦେଏ। ଏମିତିକ ୧, ୨, ୫ ଯାହା ଇଚ୍ଛା ହେବ ଦେବେ। ସେ କିନ୍ତୁ ମୋତେ ୫୦ ଟଙ୍କା ଦେଲେ। ମୋମନ ଭାରି ଖୁସି ମତେ ନଅଟଙ୍କା ମିଳଛି। ମତେ ଜଣେ କହିଲେ, ନଅ ଟଙ୍କା କଣଦେଲେ, ୯୦ ଟଙ୍କା ଦେଇଥାଆନ୍ତେ। ମୁଁ କହିଲି ତୁମେ ଜାଣିନ ନଅ ଟଙ୍କାର ମୂଲ୍ୟ। ନଅର ଅର୍ଥ ନବଧାଭକ୍ତି, ନବ ଦିନ ଯାତ୍ରା,

ନୂତନ ବା ନୂଆ । ନବାଙ୍କବେଢା, ନବମୀ ଏପରି ଅନେକ । ଏହାପରେ ମୋର ଜଣେ ବନ୍ଧୁ ଅଛନ୍ତି । ମୁଁ ତାଙ୍କୁ ପଗ୍ଚରିଲି ଏ ବିଷୟରେ । କାରଣ ସେ ବନ୍ଧୁ ଜଣଙ୍କ ବାବାଙ୍କର ଏକ ନିଷ୍ଠ ଭକ୍ତ ଏବଂ ପୂର୍ଣ୍ଣ ସମର୍ପିତ । ସେ କହିଲେ ଆପଣ ବଡ ଭାଗ୍ୟବାନ କାରଣ ଏଇ କରୋନା ମହାମାରୀ ବେଳେ ଲକଡାଉନ୍ ସମୟରେ ଆପଣ ଘରେ ବସି ନଅଟଙ୍କା ପାଇଲେ । ଏହାଠାରୁ ଆଉ କିଛି ବଡ କଥା ନାହିଁ । କାରଣ ବାବା ବଞ୍ଚିଥିଲା ବେଳେ ଲକ୍ଷ୍ମୀବାଇଙ୍କୁ ନଅ ଟଙ୍କା ଦେଇଥିଲେ । ବର୍ତ୍ତମାନ ସେହି ନଅଟଙ୍କାର ମୂଲ୍ୟ କାହିଁରେ କଣ । ମୋ ବନ୍ଧୁ କିନ୍ତୁ ତାଙ୍କ ନାମପ୍ରକାଶ କରିବାକୁ ମନା କଲେ ଏବଂ ଆହୁରି କହିଲେ ଆପଣଙ୍କର ସମର୍ପିତ ଭକ୍ତି ଭାବରେ ବାବା ଖୁସି ହୋଇ ଘରେ ଆଣି ନଅଟଙ୍କା ଦେଲେ କାରଣ ଆପଣ ତାଙ୍କ ସେବା କରିବା ପାଇଁ ନିଜକୁ ପ୍ରତି ମୂହୁର୍ତ୍ତରେ ପ୍ରସ୍ତୁତ କରିଛନ୍ତି । ଆପଣ ୯୦/୧୦୦ ଟଙ୍କା ପାଇଥିଲେ ମଧ୍ୟ ତାହା କାମରେ ଆସିବ ନାହିଁ । ତାଙ୍କଠାରୁ ଏପରି କଥା ଶୁଣି ମତେ ବହୁତ ଖୁସି ଲାଗିଲା । ସେତେବେଳେ ମତେ ଲାଗିଲା ମୋ କାନପାଖରେ କିଏ କହୁଛି, ତୁ ଏଇଟା ଲେଖେ । ତେଣୁ ମୁଁ ଶ୍ରୀ ସାଇ ଆଶ୍ରୀତ ତଥା ପ୍ରତ୍ୟେକ ଈଶ୍ୱର ବିଶ୍ୱାସୀ ମାନଙ୍କ ପାଇଁ ବାବାଙ୍କ ନିର୍ଦ୍ଦେଶରେ ଏହା ଲେଖୁଛି ଯଦି କିଛି ଭୁଲ ଥାଏ, ତାହାକୁ ବାବାହିଁ ଠିକ୍ କରିବେ ।

ଏଠାରେ ଆଉ ଗୋଟିଏ ଅନୁଭୂତି ଲେଖିବା ପାଇଁ ବାଧ୍ୟ ହେଉଛି । ୨୦୧୨ ମାର୍ଚ୍ଚ ମାସ କଥା । ଆମେ ଏକାଠି ୧୯ ଜଣ ଶିରିଡି ଯାଇଥିଲୁ । ଫେରିବା ଦିନ ମୁଁ ଓ ଜଣେ ମାଉସୀ (ସ୍ୱର୍ଗୀୟ ସୌଦାମିନୀ ପଣ୍ଡା) ଦ୍ୱାରକାମାୟୀରେ ବସି ମଧ୍ୟାହ୍ନ ଆଳତୀ କରୁଥିଲୁ । ଏହି ସମୟରେ ମୋ ମନରେ ଆସିଲା ବାବା ଲକ୍ଷ୍ମୀବାଇ ତୁମର ସେବା କରିଥିଲେ ଯେ ତୁମେ ତାଙ୍କୁ ନଅ ଟଙ୍କା ଦେଲ, ମୁଁ କଣ କରିଛି ଯେତୁମେମତେ ଦେବ ଦକ୍ଷିଣା । ଆପଣମାନେ ବିଶ୍ୱାସ କରିବେ କି ନାହିଁ ମୁଁ ଜାଣିନି, କିନ୍ତୁ ଆଳତୀ ସରିବା ପରେ ଆମ ଦୁଇଜଣଙ୍କୁ ମଠାର ଧୋତି ଓ ଗୁଦର ମିଳିଲା ଓ ଆମେ ଦୁଇଜଣ ଖୁସିରେ କାନ୍ଦି ପକାଇଥିଲୁ । ଏବେ ତ କରୋନା ଗ୍ଚାଲିଛି । ଶିରିଡି ଯିବା ପ୍ରଶ୍ନ ହିଁ ଉଠୁନାହିଁ । ତେଣୁ ବାବା ଘରେ ଆଣି ନଅଟଙ୍କା ଦେଇ ଦେଲେ । ଏହା ସହିତ ଶ୍ରୀ ସାଇ ସତ୍ ଚରିତର ଲିଖିତ କଥାର ଉପଯୁକ୍ତ ପ୍ରମାଣ ଦେଲେ । ଆସନ୍ତୁ ଆମେ ସମସ୍ତେ ଏପରି ଈଶ୍ୱରଙ୍କୁ ଭକ୍ତି କରିବା ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# କରୋନାକୁ କର ପ୍ରତିହତ



ଅଲେଖ ମେହେର

ଭୋଳାନାଥ ପ୍ରଭୁ ଭୋଳାନାଥ
ଏ ଘୋର ବିପତ୍ତିକାଳେ ରହିଲେ ମଉନ,
ମାନବ ଜାତି ଅଚରେ ହୋଇବ ନଷ୍ଟିହ୍ନ।
ତୁମେ ମହାକାଳେଶ୍ୱର,
କାଳ ତୁମର କଙ୍କର।
ମହାମାରୀ କରୋନାରୁ ରଖ ଜଗତ।
ଦୁର୍ଦ୍ଦିନ ସମୟେ ଉଦ୍ଧରି ରଖିଛ ରସା,
ତ୍ରିପୁରାରୀ ଦୟାମୟ ଭକ୍ତ ଜନ ଆଶା।
ଜୟ ଶ୍ରୀ ତ୍ର୍ୟମ୍ବକେଶ୍ୱର,
ଅନାଦି ଅନନ୍ତ ହର।
ଡାକୁଛି ଆକୁଳେ ପୂର୍ଣ୍ଣ କର ମନୋରଥ।
ନିରାକାର ନିର୍ବିକାର ପୂଣ୍ୟ ନିରଞ୍ଜନ,
ମହାମାରୀ ହରି ରଖ ମଣିଷର ପ୍ରାଣ ।
ସଂସାର ହିତେ ଇଶ୍ୱର,
ବିଷ କରିଲ ଉଦର।
ତୃତୀୟ ନୟନ ଖୋଲି କର ଭସ୍ମୀଭୁତ।
କୋଟୀ ଜନ୍ମ ପୂଣ୍ୟ ବଳେ ବହି ନର ଦେହ,
ବାନ୍ଧିଛି ଆଷ୍ଟରେ କାମ କ୍ରୋଧ ଲୋଭ ମୋହ।
ମୁହିଁ ମୁରୁଖ ଅଜ୍ଞାନ,
ତୁମେ ଦେବ ଭଗବାନ।
କରୋନାର କର୍ତ୍ତନ କରନ୍ତୁ ପଦ ହାତ।
ଭୋଳାନାଥ ପ୍ରଭୁ ଭୋଳାନାଥ।

ସୋହେଲା, ବରଗଡ

# ଧନରେ....

ନିରଞ୍ଜନ ସାହୁ

ଆଖିରେ ନାଚୁଛି ତୋହରି ଶ୍ରୀମୁଖ କାନରେ ଶୁଭେ ତୋ କଥା
ତୋ ଗୁଣ ସୁମରି ତୋତେ ଝୁରିଝୁରି ଘୁରେଇ ଦେଉଛି ମଥା
ମାଆ କୋଳ ମୋର ଖାଲି ପଡିଛି ରେ ଚାହିଁଛି ତୋହରି ବାଟ
କେବେ ଫେରିବୁ ତୁ ମୋହରି କୋଳକୁ ମୋ ଘରେ କରିବୁ ନାଟ ॥

ସୁଦାମା, ସୁବଳ, ମଧୁମଙ୍ଗଳ ଯେ ଯେତେ ତୋର ସଖାଗଣ
ମୋତେ ଆସି ନିତି ପଚାରୁଅଛନ୍ତି କହେଇ ଖବର କଣ
ରାଧିକା ସାଜିଛି ବାଇଆଣି ପରି ତୋହରି ବାଟକୁ ଚାହିଁ
ସବୁଦିନେ ଆସି ପଚାରୁଛି ମୋତେ କାହ୍ନୁ ଫେରିଲା କି ନାହିଁ ??

ଧନରେ ଗୋଧନ ତୋ ବାଟ ଚାହିଁକି କରୁଛନ୍ତି ହମ୍ବାରଡି
ତୋର ପିତା ନନ୍ଦ ବିକଳେ କାନ୍ଦିକି ଭୂଇଁରେ ଯାଆନ୍ତି ଗଡି
ତୋ ବଇଁଶୀ ସ୍ୱନ ଶୁଭୁନାହିଁ ବାବୁ କାହାରି କାନକୁ ଆଉ
ଭଣ୍ଡ ଭଙ୍ଗି କିଏ ଖାଇବ ଲବଣି ଶିକାରେ ମୁଁ ଥୋଉଥୋଉ ॥

କେମିତି ଧନରେ ଭୁଲିଗଲୁ ଏହି ପାଗେଳୀ ମାଆକୁ ତୋର
ସତରେ ଆସୁନୁ ସପନେ ଆସୁନୁ ଛାତି ଫାଟିଯାଏ ମୋର ॥

ନହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ

# ସୌନ୍ଦର୍ଯ୍ୟର ସୁନ୍ଦର ଛବି



ପଙ୍କଜିନ ଭୋଇ

କେତେ ତୁ ଫୁଲେଇ ହେଇ
କହି ଦେଉ ସିନା
ଏ ତୁମ ଆଖିର ଯାଦୁ,
କନ୍ତୁ ନାଇଁ ଲୋ ମୋର
ପୁନେଇର ବିମଳ ଶଶୀ
ଏଇ ତ ତୋ'ର ହିଁ ଜ୍ୟୋସ୍ନା;
ତୋ ରୁପା ଜୋଛନାରେ
ହସି ଉଠେ ନୀଳୋତ୍ପଳ
ମନଲୋଭା, ସୌନ୍ଦର୍ଯ୍ୟର
ସୁନ୍ଦର ଛବିଟିଏ ଆଙ୍କି;
ସହସ୍ର ନେତ୍ରର ସୁନ୍ଦରତା ତୁ,
ସହସ୍ର ଓଠର ସ୍ମିତ ହସ ତୁ,
ଏବେ ତୁ କହିଦେ ତୋ ହୃଦୟର
ଅସ୍ପଷ୍ଟ ଶବ୍ଦ ସମୂହକୁ;
ଯାଦୁ ମୋ ଆଖିର ନୁହ
ଯାଦୁ ତୋ ରୂପର ତୋ ରଙ୍ଗର
ତୋ ପ୍ରୀତି ଝର୍ ଗୃହାଣୀର,
ଏ ସୌନ୍ଦର୍ଯ୍ୟ ବର୍ଦ୍ଧକ
ତୋ କଳଙ୍କର ।।

ଲାଞ୍ଜି, କେଗାଁ, କଳାହାଣ୍ଡି

# ଆମ ସ୍ୱାଧୀନତା କେତେ ସୁରକ୍ଷିତ ?



କେଶରୀ ପ୍ରସାଦ ମହାନ୍ତି

ଭାରତ ଭୂଖଣ୍ଡ ର ବିକାଶ, ପ୍ରସସ୍ତି, ସ୍ୱତନ୍ତ୍ରତା ତଥା ପଦମର୍ଯ୍ୟାଦା ଆଜି ଯେଉଁ ଯେଉଁ ସୋପାନ ରେ ପଦାର୍ପଣ କରିଛି ତାର ଅନ୍ତରାଳେ ରହିଛି ଲୋକଶକ୍ତି ତଥା ଆଞ୍ଚଳିକ କ୍ଷେତ୍ରରେ ସହଯୋଗ । ଆମେ ଜାଣୁ ବ୍ୟକ୍ତି ଓ ଭୂମି ପରସ୍ପର ଐକ । ଏହି ଏକତା ର ଭାବଧାରା ଆମ କୁ କରିଛି ସମୃଦ୍ଧ ଓ ସୁଦୃଢ଼ । ଦୀର୍ଘ ୨ ଶହ ବର୍ଷ ଇଂରେଜ ଶାସନ ର ଅମା ଅନ୍ଧକାର ରେ ଅଚ୍ଛାଦିତ ହୋଇ ଭାରତ ମାତା ଯେତେବେଳେ ଗଗନଛୁଆଁ ହୋଇ ଉଠିଲା, ସେତେବେଳେ ଜନ୍ମ ନେଇ ଥିଲେ କେତେ ଯୋଗଜନ୍ମା, ଦେଶଭକ୍ତ ଗଣ । ଯୋଉ ମାନଙ୍କ ପ୍ରଚେଷ୍ଟା ରେ ଆଜି ଆମେ ସ୍ୱାଧୀନତା ର ବାୟୁ କୁ ଅନୁଭବ କରୁଛନ୍ତି ଓ ସ୍ୱାଧୀନତା ର ଆଲୋକ ରେ ବାଟ ଚାଲୁଛନ୍ତି ।

ସେ ଯାହା ବି ହେଉ, ବହୁତ ଘାତ ପ୍ରତିଘାତ କୁ ସାମ୍ନା କରି ଆମ ଭାରତ ଆଜି ସ୍ୱାଧୀନ ଓ ଆମେ ମଧ୍ୟ ସ୍ୱାଧୀନ ବୋଲି ପ୍ରତି ବର୍ଷ ସ୍ୱାଧୀନତା ଦିବସ ଓ ସାଧାରଣ ତନ୍ତ୍ର ଦିବସ ରେ ବହୁତ ଚର୍ଚ୍ଚା ହୁଏ, ହେଲେ ଆମ ସ୍ୱାଧୀନତା ଯେ କେତେ ସୁରକ୍ଷିତ, ସେ ନେଇ କେବେ କେହି ବି ଭାବି ନଥିବେ ।

ଥରଟିଏ ଚିନ୍ତା କଲେ " ଆମ ସ୍ୱାଧୀନତା କେତେ ସୁରକ୍ଷିତ**?** "

ମୁଁ ତ କହିବି ଆଦୌ ନୁହେଁ, କାରଣ ଯୋଉ ଦେଶ ରେ ଆଜି ବି କୋମଳମତି ଶିଶୁ କୁ ବଳାତ୍କାର କରାଯାଉଛି, ଶିଶୁ ମାନଙ୍କ ମୁଣ୍ଡ ରେ କୁଚକ୍ରାନ୍ତ ଇଟା, ହୀନ ମାନ୍ୟତା ବାଲି ଓ ଅଭିଯାତ୍ୟ ର ଗ୍ଲାନି ରୂପକ ବୋଝ ଲଦି ଦେଇ ଶିଶୁ ଶ୍ରମିକ ସଜେଇ ଦିଆ ଯାଉଛି, ଅଙ୍ଗନବାଡି ରେ ଗରମ ପେଜ କୁ ଶିଶୁ ଉପରକୁ ପକାଯାଉଛି, ଗର୍ଭବତୀ ନାରୀ ଙ୍କୁ ଖଟିଆ ରେ ବୁହା ହୋଇ ଚିକିତ୍ସାଳୟ କୁ ନିଆ ଯାଉଛି ସେଠି ସ୍ୱାଧୀନତା ର ଡିଣ୍ଡିମ ପିଟିବା ହାସ୍ୟାସ୍ପଦ । ଖାଲି ସେତିକି ନୁହେଁ ଏ ସବୁ ର ପ୍ରତିବାଦ କଲେ କେତେବେଳେ ଇତିଶ୍ରୀ ପରି

ହତ୍ୟା କରାଯାଉଛି ତ କେତେବେଳେ ଦାନ ମାଝି ପରି କାନ୍ଧ ରେ ରାଜରାସ୍ତା ରେ ଗଳି ଗଳି ସବ ବୋହିବା କୁ ପଡୁଛି । ଯୋଉଠି ଗୋଟିଏ ରାଜ୍ୟରେ ଦୁଇଟି ଭାଷା କୁ ନେଇ ରାଜନୀତି କରି ନୂତନ ପ୍ରଦେଶ ଗଠନ କଥା ଚିନ୍ତା କରା ଯାଉଛି, ସେଠି ସୁରକ୍ଷିତ ସ୍ୱାଧୀନତା ର ଡିଣ୍ଡିମ ପିଟିବା ଲଙ୍କାରେ ହରି ଶବ୍ଦ ପରି ଆଉ ଆମେ ଶିକ୍ଷିତ ବୋଲି ଯୁକ୍ତି ଉପସ୍ଥାପନା କରିବା ଲାଗେ ଆକାଶ କଇଁଆ ପରି ଦୁଷପ୍ରାପ୍ୟ ଓ ରାମ ରାଜ୍ୟ ଗଠନ ର ସ୍ୱପ୍ନ ଚିଲିକା ମାଛ ପରି ଅପୂର୍ବ । ଆଜି ଗାନ୍ଧୀଜି ନାହାନ୍ତି, ନେତାଜୀ ନାହାନ୍ତି, ଲାଲ-ବାଲ-ପାଲ ନାହାନ୍ତି, ଲକ୍ଷ୍ମୀ ବାଇ ନାହାନ୍ତି, ଯଦି ଥାନ୍ତେ ତେବେ ନିଜର ସ୍ୱପ୍ନ ର ଭାରତ ର ଏପରି ଅବସ୍ଥା ଦେଖି ଶହ୍ୟ କରିପାରି ନଥାନ୍ତେ ।

ଏବେ ବି ବେଳ ଅଛି, ପୁଣି ଥରେ କହିବି "ବଥ ସିନା ବଥାଏ ଆବୁ କାହାରିକୁ ବଥାଏ ନାହିଁ "

ଜୟ ଯବାନ,
ଜୟ କିଷାନ,
ଜୟ ବିଜ୍ଞାନ,
ଜୟ ଅନୁସନ୍ଧାନ ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଆହ୍ୱାନ



ଉଦୟ କୁମାର ପଣ୍ଡା

ସାରା ଭୁବନରେ ଗାଉଥିଲେ ଦିନେ
ଉତ୍କଳର ଯଶ କୀର୍ତ୍ତି ।
ସେ ଉତ୍କଳ ଆଜି ଓଡିଶା ସାଜିଛି
ପରିଚୟ ତାର ଦୁର୍ନୀତି ।
ଭାଇଭାଇ ପରି ସଭିଙ୍କୁ ଆଦରି
ଆସ ହେ କରିବା ପଣ ।
ଅନ୍ୟାୟ ବିରୋଧେ ଲଢ଼ିବା ଏକାଠି
ଯେତେ ବି ପଡୁ କଷଣ ।
ଦେଶ ଜାତି ପାଇଁ ଯଦି ନ ଲଢ଼ିବ
କାହା ପାଇଁ ତେବେ ଗର୍ବ ଯେ କରିବ ।
ଅନ୍ୟାୟକୁ ଯଦି ଦେଖି ସହିଯିବ
ଜୀବନର ମୂଲ୍ୟ କ'ଣ ବା ରହିବ ।
ତୁମେ ଯେତେଦିନ ନୀରବ ରହିବ
ଶୋଷଣର ଚେର ସେତେ ଲମ୍ବୁଥିବ ।
ଉଠ ହେ ଯୁବକ ନବ ଦିଗନ୍ତକ
ଅତ୍ୟାଚାର ଆଉ କେତେ ବା ସହିବ ।
କରୁଛି ଗୁହାରି କରନାହିଁ ଡେରି
ସ୍ନେହ ପ୍ରେମ ଦିଅ ସର୍ବନ୍ଦ୍ର ଅଜାଡ଼ି ।
ଭାତୃତ୍ୱ ବନ୍ଧନେ ବାନ୍ଧି ସମାଜକୁ
ନେଇଯିବା ଆମେ ପ୍ରଗତି ଆଡ଼କୁ ।

ବୁଦାଖୁଣ୍ଟା, ବଡପୋଖାରୀ,
ଔପଦା, ବାଲେଶ୍ୱର

# ମା



ଅଶୋକ କୁମାର ପ୍ରଧାନ

ମାଆ ସମ କୁହ କିଏ ଅଛି ଏ ଜଗତେ
ଯାହା ଲାଗି ଏହି ଧରା ତିଷ୍ଠି ଅଛି ସତେ।
ମାଆ ସତ୍ୟ ଶାନ୍ତି ଦୟା କରୁଣା ପ୍ରତିମା
ତାହା ଲାଗି ଅଛି କୁହ କେଉଁଠି ଉପମା।
ମାଆ ଅଟେ ଦୁନିଆର ଜୀବଦାତ୍ରୀ ଦେବୀ
ସଦା କଷ୍ଟ ସହି ଗଢ଼େ ସନ୍ତାନର ଛବି।
ମାଆ ଅଟେ ଆଦ୍ୟ ଗୁରୁ ସନ୍ତାନର ପାଇଁ
ତାହା ସରି ଦିବ୍ୟା ଗୁରୁ ଏ ସଂସାରେ କାହିଁ।
ମାଆ ଅଟେ ଶ୍ରେଷ୍ଠ ଧାତ୍ରୀ ଏ ଦୁନିଆ କ୍ଷେତ୍ରେ
ତା'ର ସ୍ନେହ ଜ୍ୟୋତି ଫୁଟେ ସନ୍ତାନର
ନେତ୍ରେ।
ମାଆ ଅଟେ ଭାଗ୍ୟାକାଶେ ଦିବ୍ୟ ଇନ୍ଦ୍ରଧନୁ
ତା ମମତା ରଙ୍ଗେ ପୋଛେ ସର୍ବ କ୍ଲେଶ ମନୁ।
ମାଆ ଅଟେ ସର୍ବତୀର୍ଥ ଗଙ୍ଗା ଗୟା ପୁରୀ
ତା ପାଦ ତଳକୁ ଅବା କିଏ ହେବ ସରି।
ମାଆ ର ମମତା ସଦା ଚିରସ୍ରୋତା ଗଙ୍ଗା
ତା ଆଶିଷେ ହୋଇଅଛି ଏ ଜୀବନ ରଙ୍ଗା।
ମାଆ ହାତ ପରସାଟି ପବିତ୍ର କୈବଲ୍ୟ
ତା କଥା ତୁଣ୍ଡେ ଥିଲେ ମୁକତି ନିର୍ମାଲ୍ୟ।

ମାଆର ପଣତ କାନି ବିପଦରେ ସାହା
ଡରିବାନି ଜୀବନରେ ଦେଖି ଝଡବାଆ।
ସେ ମାଆର ପାଦତଳେ କୋଟିଏ ପ୍ରଣାମ
ମାଆ ଲାଗି ଏ ଜୀବନ ଲାଗେ ଧନ୍ୟ ଧନ୍ୟ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରେହିଗାଁ, ଗଞ୍ଜାମ

# ଇଏ କ'ଣ ମନୁଷ୍ୟ ?



ଲକ୍ଷ୍ମଣ ମହାନ୍ତି

ଇଏ କ'ଣ ମନୁଷ୍ୟ ??
ଯିଏ କ ଭୁଲ୍-ଠିକ୍ ପଗ୍ଝରେ
କନ୍ତୁ, ପ୍ରତି ମୁହୁର୍ତ୍ତରେ ଜାଣିଜାଣି ଭୁଲ କରେ... ॥
ଇଏ କ'ଣ ମନୁଷ୍ୟ ??
ଯିଏକ ସର୍ବଶ୍ରେଷ୍ଠ ପ୍ରାଣୀ,
କନ୍ତୁ, ନର୍ଦ୍ଦୟୀ ଭ୍ବେ ଆତ୍ମ ଖୁସିପାଇଁ ବଳୀଦିଏ
ପ୍ରକୃତିର ନରିହ ଜୀବ-ଜନ୍ତୁଙ୍କୁ
ଛଡେଇ ନେଇଯାଏ,
ନରିହ ମାଁ କୋଳରୁ ତା' ସନ୍ତାନକୁ
ବିନାସ କରେ ସେ ନଜ ଶ୍ରେଷ୍ଠତ୍ୱକୁ... ॥
ଇଏ କ'ଣ ମନୁଷ୍ୟ ???
ଯିଏ କ ପ୍ରକୃତିର  ଅମୂଲ୍ୟ ସନ୍ତାନ
କନ୍ତୁ ପ୍ରକୃତିର ଧ୍ୱଂସରେ ସେ ଖୁସିପାଏ,
ମନୁଷ୍ୟ ଭୁଲିଯାଏ
ପ୍ରକୃତି ବିନା ତା' ସ୍ଥିତି ନାହିଁ
ପ୍ରକୃତି ବିନା ତା' ଗତି ନାହିଁ
କନ୍ତୁ ମନୁଷ୍ୟ, ଏତିକ କଥା ବୁଝେ ନାହିଁ... ॥

ସୌରୀପାଲି, ଖଟଖଟିଆ, ବୌଦ୍ଧ

# ସୁସ୍ଥ ପରିବେଶ - ସୁସ୍ଥ ମଣିଷ



ପୁଷ୍ପଲତା ବେହେରା

' ପ୍ରକୃତିରାଣୀ '
ସୌନ୍ଦର୍ଯ୍ୟର ଭଣ୍ଡାର,
ସଂଜୀବନୀର ଗନ୍ତାଘର ।
ତାର ସୁଶୀତଳ ଜଳ
ସୁଧାର ଧାର ।
ଶୀତଳ ସମୀର
କରେ ଜୀବନ ସଂଚାର,
ସବୁଜ ବନାନୀ
ପ୍ରାଚୁର୍ଯ୍ୟର ସମ୍ଭାର ।
ନୀଳ ଆକାଶ
କରେ ଆଶାର ସଂଚାର,
ତପନ କିରଣ
ସକଳ ଶକ୍ତିର ଆଧାର ।
ସୁଷମା ଭରା ପ୍ରକୃତିକୁ
ଆମେ ତ କରିଛେ ଛାରଖାର,
ସୃଷ୍ଟିର ନିୟମକୁ
କରିଲେ ଆମେ ବେଖାତିର ।
ପ୍ରକୃତି ଉପରେ ରହିଛି
ସମସ୍ତ ଜୀବଙ୍କର ଅଧିକାର,
ହେଲେ ଭରି ପଡ଼ିଲା
ଆମ ବୁଦ୍ଧିର ଅପବ୍ୟବହାର ।

ସେପାଇଁ କି ଆଜି..
ଭୂତାଣୁ କରୁଛି ଅତ୍ୟାଚାର !!
ଏବେ ବି ସମୟ ଅଛି
ହେବା ହୁସିଆର,
ଖାଦ୍ୟ ଶୃଙ୍ଖଳ ଭାଙ୍ଗିବା
ନୁହେଁ ଉଚତ୍ ବେଭାର ।
ପରିବେଶ ସନ୍ତୁଳନ
ରଖିବା ବରାବର,
ପ୍ରକୃତିକୁ ଭଲ ପାଇବା,
ସେ ବି ତ ମାଆ ଆମର!!!
ତାର ବିନାଶରେ
ବିନାଶ ମାନବ ଜାତିର,
'ସୁସ୍ଥ ପରିବେଶ-ସୁସ୍ଥ ମଣିଷ'
ମନେ ରଖିବା ନିରନ୍ତର ।

ରାଉରକେଲା, ଓଡିଶା

# ଛୋଟ ମୋର ନାଆଟି



## (ଧାରାବାହିକ)

ପ୍ରଫେସର ଅନନ୍ତା ପଣ୍ଡା

### ଭାରତରେ ନେତ୍ରୋଦାନ ପ୍ରସାର:

ଉଣେଇଶ ଅଶି ମସିହା ମାର୍ଚ୍ଚ ୧ ତାରିଖ । ବସ୍‌ଙ୍କ ଅଫିସ୍‌ରୁ ଖବର ଆସିଲା ତାଙ୍କୁ ଦେଖା କରିବାକୁ । ଦୁନିଆରେ ଦୁଇଜଣଙ୍କ ଆଜ୍ଞା ଅବଜ୍ଞା କଲେ ଅସୁବିଧା । ଘରେ ଶାଶୁ (୧୯୮୦ ମସିହା ପାଇଁ, ୨୦୨୦ ପାଇଁ ବୋହୂ) ଆଉ ଅଫିସ୍‌ରେ ବସ୍ । ନିର୍ଦ୍ଧାରିତ ସମୟ ଅନୁସାରେ ଯାଇ ପହଞ୍ଚିଲି । ମୋ ହାତରେ ଦୁଇଟା ଚାବି ଆଉ ଦୁଇଟା ସରକାରୀ ଖାତା ଧରେଇ ଦେଇ କହିଲେ, "ଏଇ ହେଲା ଆମର ନେତ୍ରକୋଷ, ନ୍ୟାସନାଲ୍ ଆଇ ବ୍ୟାଙ୍କ । ଆଜିଠାରୁ ମୁଁ ଏହାର ଭାର ତୁମ ଉପରେ ନ୍ୟସ୍ତ କଲି ।"

ବସ୍‌ଙ୍କ ଅଫିସରୁ ଫେରି ନେତ୍ରକୋଷ ଭିତରେ ପଶିଲି । ଟେବୁଲ୍ ପାଖକୁ ବହୁ ଦୂରରେ ପଡିଥିବା ଚେୟାର ଖଣ୍ଡକ ଟାଣି ଆଣି ବସି ଖାତା ଦୁଇଟା ଉପରେ ଆଖି ବୁଲାଇଲି । ଗୋଟିକରେ ଲେଖାଥିଲା ଅଙ୍ଗୀକାର ପତ୍ର ପ୍ରଦାନ କରିଥିବା ବ୍ୟକ୍ତି ମାନଙ୍କର ତାଲିକା । ଅନ୍ୟଟି ସେମାନଙ୍କ ନେତ୍ରକୋଷ ସହକର୍ମୀଙ୍କ ଦ୍ୱାରା ପ୍ରତ୍ୟାରୋପଣ ପାଇଁ ସଂଗ୍ରହ କରାଯାଉଥିବା ନେତ୍ର ମାନଙ୍କର ସଂଖ୍ୟା ଏବଂ ମୃତବ୍ୟକ୍ତି ମାନଙ୍କର ନାମ । ଦୁଇଟିଯାକ ଖାତାର ବିଶେଷ ବିବରଣୀ ଅସାଧାରଣ ରୂପେ ସ୍ୱଳ୍ପ । ଏହି ନ୍ୟୂନତାର ବିଷୟରେ ପୁସ୍ତକ ଜ୍ଞାନ ଠିକ୍ ଠାକ୍ ଥିଲେ ମଧ୍ୟ ବ୍ୟବହାରିକ ଜ୍ଞାନ ନିକଟରେ ଅଭାବ ଥିଲା । ଧିରେ ଧିରେ ଗଭୀରତାକୁ ଗଲି । ସମାଜରେ ଅନ୍ଧବିଶ୍ୱାସର ପ୍ରସାର, "ମୃତ ବ୍ୟକ୍ତିର ନେତ୍ରଦାନ କରାଗଲେ ଆଗାମୀ ଜନ୍ମରେ ବ୍ୟକ୍ତି ଅନ୍ଧ ହୋଇ ଜନ୍ମ ନେବ ।" ଏଇ ଅନ୍ଧବିଶ୍ୱାସକୁ ଦୃଢ କରି ସ୍ୱଜନ ବୃନ୍ଦ ଯେତେବେଳେ ମୃତ ବ୍ୟକ୍ତିର ପ୍ରତ୍ୟାରୋପଣ ଉପଯୋଗୀ ଅଙ୍ଗ ଗୁଡିକୁ ଜାଳି ଉତ୍ପାତ କରି ଦିଅନ୍ତି ସେତେବେଳେ ମୋର ମନେହୁଏ କେହି ଯେମିତି ମୋ ଜୀବନ୍ତ ଶରୀରରେ ଖଣ୍ଡେ ରଡନିଆଁ ଖେଞ୍ଚୁଛି ।

ସମାଜରେ ନେତ୍ରଦାନ ପଦ୍ଧତିର ବିସ୍ତାର କରିବାର ଅଦ୍ୟାରମ୍ଭ, ପ୍ରଫେସର ମଦନ ମୋହନଙ୍କର ଉପଦେଶ ଥିଲା… "ସମାଜ ଜନତ କାର୍ଯ୍ୟକ୍ରମ ପାଇଁ ସମାଜର ସାହାଯ୍ୟ ଲୋଡ଼ା" ସେଥିପାଇଁ ପ୍ରଥମେ ସେ ମତେ "ଆଇ ଡୋନେସନ" ସଂସ୍ଥାର ମେମ୍ବର କରାଇଲେ।

ନେତ୍ରଦାନ ଜାଗରଣ ପାଇଁ ମୋର ପ୍ରଥମ ପ୍ରଚାରଣ ମିଟିଙ୍ଗ୍ ହରିଆନାର ଫିରୋଜପୁର ଝିର୍କା ଠାରେ ଥିଲା । ସଭା ଶେଷରେ ତିରିଶ ଜଣ ବ୍ୟକ୍ତି ନେତ୍ରଦାନ ଅଙ୍ଗୀକାର ପତ୍ରରେ ସ୍ୱାକ୍ଷର କରିଥିଲେ । ମାସ ମାସ ପରିଶ୍ରମ କରି ଭାଷଣ ତିଆରି କରିବା କାର୍ଯ୍ୟକାରୀ ହୋଇଥିଲା ବୋଲି ଧରିନେଲି । ଉଲ୍ଲାସିତ ହୋଇ ଆଗକୁ ପଦକ୍ଷେପ ନେବାର ଉଦ୍ୟମ କଲି ।

"ଟାଇମ୍ସ୍ ଆଇ ରିସର୍ଚ୍ଚ ଫାଉଣ୍ଡେସନ୍" ମୁଖ୍ୟଙ୍କର ସୁପୁତ୍ର ଏକ ମାରାତ୍ମକ ଚକ୍ଷୁ ରୋଗରେ ଶୀକାର ଥିଲେ । ତେଣୁ ନେତ୍ରଦାନ ପଦ୍ଧତିର ବିସ୍ତାର ପାଇଁ ସେ ଦୃଢ଼ ଥିଲେ । ୧୯୮୧ ରେ ମୁଁ ସେଇ ସଂସ୍ଥା ସଂଗେ ମିଶି ନେତ୍ରଦାନ ପଦ୍ଧତିରେ ବହୁକଛି ଉନ୍ନତି କରିବାକୁ ସକ୍ଷମ ହୋଇଥିଲି ।

ସେତେବେଳେ ପ୍ରତ୍ୟାରୋପଣ ପାଇଁ ନେତ୍ର ସଂଖ୍ୟା ଖୁବ୍ ଅଳ୍ପ ଥିଲା । ଯାହା ବି ପ୍ରାପ୍ତ ହେଉଥିଲା ଉଚତ୍ ସଂରକ୍ଷଣର ଅଭାବ ଯୋଗୁ ପ୍ରତ୍ୟାରୋପଣ ପାଇଁ ସବୁଗୁଡିକ ଉପଯୋଗୀ

ରହୁ ନଥିଲା । ଅକ୍ଳାନ୍ତ ପରିଶ୍ରମ ପରେ ୧୯୮୨ ରେ ପ୍ରଥମ କରି ସଂରକ୍ଷଣ ମେଡିଆ "ଏମ୍.କେ ମିଡିଆ " ସଂଗଠିତ କରାଯାଇ ପାରିଲା । ସେଥିପାଇଁ ମୁଁ ଡାକ୍ତର ଗୁପ୍ତାଙ୍କୁ ମୋର ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଛି ।

୧୯୮୩ ମସିହାରେ ନେତ୍ରଦାନ ପାଇଁ ରୋଟ୍ରାକ୍ଟ ଗ୍ରୁପ ମଧ୍ଯ ମୋ ସାଙ୍ଗେ ଏକତ୍ର ହୋଇ କାର୍ଯ୍ୟ କରିବାକୁ ଆଗେଇ ଆସିଥିଲେ । ବହୁ ପରିମାଣରେ ଅଙ୍ଗୀକାର ପତ୍ରରେ ସ୍ୱାକ୍ଷର ଲାଭ କରିବାପାଇଁ ଭିଆଇପି ମାନଙ୍କଠାରୁ ସ୍ୱାକ୍ଷର ଆଣିବାର ପଦ୍ଧତି ଅବଲମ୍ବନ କରାଯାଇଥିଲା । ଭିଆଇପି ମାନଙ୍କପାଇଁ ମେଡିଆମାନେ ବହୁ ସତର୍କ ସହ ପ୍ରଚାର କରିଥାନ୍ତି । ସେଇ ମୌକାରେ ନେତ୍ରଦାନ ବିଷୟରେ ମଧ୍ଯ କଛିଟା ପ୍ରଚାର ହୋଇଯାଇଥାଏ । ୧୯୮୫ର ଏହି ଛକା ପଞ୍ଜା ପ୍ରଚାର ପରେ ପୁଣି ଆସିଥିଲା ଗୋଟିଏ ଦିନ । ଉଣେଇଶ ଛୟାଅଶି ଅଗଷ୍ଟ କୋଡିଏ ତାରିଖ । ସେତେବେଳର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଜନ୍ମଦିବସ । ଅଙ୍ଗୀକାର ପତ୍ରରେ ସ୍ୱାକ୍ଷର ପ୍ରଦାନ କରୁଥିବା ସମୟରେ ଶ୍ରୀ ଗାନ୍ଧୀଜୀ ଏହା କରିବା

ପଛରେ କେଉଁ ଅଭିପ୍ରାୟ ଲୁକାୟିତ ରହିଛି ବୋଲି ପ୍ରଶ୍ନ କରିଥିଲେ । ସରଳ ଉତ୍ତରଟିଏ ଦେଇଥିଲି "ପ୍ରଗ୍ଭର" ।

ମାତ୍ର ତାହା କ୍ଷଣସ୍ଥାୟୀ । କେଇଟା ଦିନପରେ କୁଆଡେ ଅନ୍ତର୍ଦ୍ଧ୍ୟାନ ହୋଇଯିବ । ସତକଥା ତ । ଏଥିପାଇଁ କିଛି ଗୋଟାଏ ସ୍ଥାୟୀ ବ୍ୟବସ୍ଥା କରି ସାତଦିନ ସମୟ ନେଇଥିଲି । ପାଞ୍ଚଦିନ ପରେ ତାଙ୍କ ଆବାସରେ ପୁଣିଥରେ ପହଞ୍ଚିଲି । "ନେତ୍ରଦାନ ପଖୱାଡା" । ଅଗଷ୍ଟ ପଚଶ ତାରିଖରୁ ସେପ୍ଟେମ୍ବର ଆଠ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରରେ ପ୍ରତ୍ୟେକ ବର୍ଷ "ଆଇ ଡୋନେସନ୍ ଫୋର୍ଟ ନାଇଟ୍" ପାଳନ ହେବାର ସ୍ୱୀକୃତି । ଅଖିଳ ଭ୍ଲରତ ସ୍ୱାସ୍ଥ୍ୟ ସଂସ୍ଥାନର ସଭ୍ଲଗାରରେ ପ୍ରଥମ "ଆଇ ଡୋନେସନ୍ ଫୋର୍ଟ ନାଇଟ୍" ପାଳନ ହେଉଥିଲ୍ଲ । ଉଇଁଥିଲ୍ଲ ଏକ ନବ ଚନ୍ଦ୍ରାଧାର୍ । ଭ୍ଲରତବର୍ଷରେ ଯଦି ଗୋଟିଏ ନେତ୍ରଦାନ ସଂସ୍ଥା ଗଢାଯାଇ ପାରନ୍ତା! ଉଣେଇଶ ଅଣାନବେ ଜାନୁଆରୀ ଛଅ ତାରିଖ । ହାଇଦ୍ରାବାଦ ଏଲ୍.ଭି ପ୍ରସାଦ ନେତ୍ର ସଂସ୍ଥାରେ ଏକ ସଭ୍ଲରେ ଜନ୍ମ ନେଇଥିଲ୍ଲ "ଆଇ ବ୍ୟାଙ୍କ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଇ.ବି.ଏ.ଆଇ)" । ଏହା ଭ୍ଲରତ ପାଇଁ ଗର୍ବ । ଏମିତି ଅନୁଷ୍ଠାନ ଆମେରିକା ବ୍ୟତୀତ ବିଶ୍ୱର ଅନ୍ୟ କେଉଁଠାରେ ନଥିଲ୍ଲ । ଏହାପରେ ନେତ୍ରଦାନ ପାଇଁ ଯାହା କିଛି ପ୍ରଗ୍ଭରର ବ୍ୟବସ୍ଥା ହେଉଥିଲ୍ଲ ତାହା ଏହି "ଇ.ବି.ଏ.ଆଇ" ମାଧ୍ୟମରେ । ପରବର୍ତ୍ତି ପର୍ଯ୍ୟାୟରେ ନେତ୍ରଦାନ ପଦ୍ଧତିରେ ବହୁକିଛି ଉନ୍ନତି ପରିଦର୍ଶିତ ହୋଇଥିଲ୍ଲ । ମୁଁ ତାହାର ଏକ ମୁଖ୍ୟ କାର୍ଯ୍ୟକର୍ତ୍ତା ରୂପେ ସଂସ୍ଥା ପରିଗ୍ଭଳନା କରୁଥିଲି । ଉଣେଇଶ ଅଶି ମସିହାରେ ସଂପୂର୍ଣ୍ଣ ଭ୍ଲରତରେ ମାତ୍ର ଶହେଟି ନେତ୍ର ପିତୁଳ ପ୍ରତିରୋପଣ ପାଇଁ ସ୍ୱାକ୍ଷର ସ୍ଥାନରେ ମିଳଥିବା ସ୍ଥାନରେ ଉଣେଇଶ ବୟାନବେରେ ତାହାର ସଂଖ୍ୟା ଛଅ ହଜାରରୁ ଉର୍ଦ୍ଧ୍ୱ ।

ଅନ୍ୟ ଏକ ସମସ୍ୟା ପରିଲକ୍ଷିତ ହେଲ୍ଲ । ମୃତବ୍ୟକ୍ତି ଠାରୁ ନେତ୍ର ସଂଗ୍ରହ କରି ନେତ୍ରକୋଷ ପର୍ଯ୍ୟନ୍ତ ଆଣିବାପାଇଁ ସେମିତି କିଛି ସ୍ୱତନ୍ତ୍ର ବାକ୍ସ ନଥିଲ୍ଲ । କଏ ପ୍ଲାଷ୍ଟିକ ଡବା ଭିତରେ ବରଫ ଭର୍ତ୍ତି କରି ଆଣିଲ୍ଲଣି ତ ଅନ୍ୟକେହି ଥର୍ମୋକୋଲ୍ ବାକ୍ସରେ । ୧୯୯୪ରେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ବାକ୍ସ ମନୋନୀତ ହୋଇଥିଲ୍ଲ । ଅନ୍ୟ ଏକ ପ୍ରତିବନ୍ଧକ ଦେଖା ଦେଇଥିଲ୍ଲ । ମୃତ ବ୍ୟକ୍ତିର ନେତ୍ର ବାହାର କରିବା ପାଇଁ ଦେଶରେ ଏକ ନିଶ୍ଚିତ କାନୁନ୍ ସ୍ଥିର ନଥିଲ୍ଲ । ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ । ଏଥିପାଇଁ ନେତ୍ରଦାନ କର୍ମଗ୍ଭରୀ ମାନଙ୍କ ଉପରେ ସମୟେ ସମୟେ ଆକ୍ଷେପ କରାଯାଉଥିଲ।। ସେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲ୍ଲ "ଅର୍ଗାନ ଟ୍ରେଡ"(ଅଂଗ ବ୍ୟାପାର) । କେତେବଡ ଦୁଃଖର କଥା । ଦୁଇବର୍ଷର

ଅକ୍ଲାନ୍ତ ପରିଶ୍ରମ କାର୍ଯ୍ୟକାରୀ ହେଲା । ଉଣେଇଶ ଚଉରାନବେରେ "ଅରଗାନ ଆକ୍ଟ ୧୯୯୪" ଭାରତ ସଂବିଧାନରେ ପ୍ରତିଷ୍ଠିତ ହେଲା । ଦୀର୍ଘ ଚଉଦ ବର୍ଷ ବ୍ୟାପୀ ନେତ୍ରଦାନ ନେତ୍ରକୋଷର ଅନୁଭୂତିକୁ ଏକତ୍ରିତ କରି ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ସହାୟତାରେ ଗଢି ଉଠିଥିଲା ପୁସ୍ତକ "ନେତ୍ରକୋଷ ଏବଂ ନେତ୍ରଦାନ" । ଯାହା ବିଶ୍ୱରେ ପ୍ରଥମ ଥିଲା । ଏଇ ସବୁ ଅଭିଜ୍ଞତାର ପ୍ରସାରଣ ପାଇଁ ମତେ ଦେଶ ବିଦେଶରୁ ବହୁ ବହୁ ନିମନ୍ତ୍ରଣ ପ୍ରାପ୍ତ ହେଉଥିଲା ।

ଉଣେଇଶ ସତାନବେର ଅନ୍ୟ ଏକ ଅନୁଭୂତି । "ହସପିଟାଲ୍ ଟିସୁ ରିଟ୍ରିଭାଲ୍ ପ୍ରୋଗ୍ରାମ" ଏହାର ଜନ୍ମ ସେ ସମୟରେ କହିଲେ ଭୁଲ୍ ହେବ କାରଣ ବହୁ ପୂର୍ବରୁ ଏହା ଅଖିଳ ଭାରତୀୟ ସ୍ୱାସ୍ଥ୍ୟ ବିଜ୍ଞାନ ସଂସ୍ଥାରେ ଚଳି ଆସୁଥିଲେ ମଧ୍ୟ ଏହା ଲୋକ ଗୋଚରକୁ ଆସିପାରିନଥିଲା । ଏହାର ପ୍ରସାରଣ ଦ୍ୱାରା ଭାରତରେ ବହୁ ସଂଖ୍ୟାରେ "ନେତ୍ର ପିତୁଳା" ପ୍ରତ୍ୟାରୋପଣ ପାଇଁ ଉପଲବ୍ଧ ହେଲା ।

ଦୁଇହଜାରରେ ଅନ୍ୟ ଏକ ପଦକ୍ଷେପ । ବର୍ହି ଦେଶରେ ନେତ୍ରକୋଷ ସ୍ଥାପନ ଏବଂ କାର୍ଯ୍ୟକାରୀ କରାଇବାର ପ୍ରଚେଷ୍ଟା । ନେତ୍ରଦାନ, ନେତ୍ରକୋଷ ଏବଂ ନେତ୍ର ପ୍ରତ୍ୟାରୋପଣ ପାଇଁ ଅକ୍ଲାନ୍ତ ପରିଶ୍ରମ ଓ ପ୍ରଚେଷ୍ଟାରେ ତାହା କାର୍ଯ୍ୟକାରୀ ହୋଇଥିଲା । ଦୁଇହଜାର ଆଠରେ "ପ୍ରଥମ ନାରୀ" ଉପାଧି ମନରେ ତୃପ୍ତି ଆଣିଥିଲା ନିଶ୍ଚୟ ।

ଦୁଇହଜାର ଏଗାରରେ ସମାଜକୁ ଉତ୍ତିଷ୍ଠ କରିବାପାଇଁ ଅନ୍ୟକିଛି ପ୍ରଚେଷ୍ଟା । ତାହା ନେତ୍ରଦାନ ଶାନ୍ତି ଅଭିଯାନ, ନେତ୍ରଦାନ ପଦ୍ଧତି ଉପରେ ନାଟକ, ସଂଗୀତ ଏବଂ ଉପନ୍ୟାସ ଯାହାସବୁ ବହୁ ଲୋକପ୍ରିୟ ଥିଲା ।

ଉଣେଇଶ ଅଣାନବେ ମସିହାରେ ଜନ୍ମ ନେଇଥିବା ଶିଶୁଟିର "ରୋପ୍ୟ ଜୟନ୍ତୀ" ଉତ୍ସବ ମୋତେ ଅଭିଭୂତ କରିଥିଲା । ବର୍ତ୍ତମାନର ପ୍ରତିରୋପଣ ଉପଯୋଗୀ ନେତ୍ରପିତୁଳା ପ୍ରାପ୍ତର ସଂଖ୍ୟା ଭାରତରେ ବାର୍ଷିକ ପଚାଶ ହଜାରରୁ ଊର୍ଦ୍ଧ୍ୱ ।

## ପ୍ରଥମ ପୁସ୍ତକ

ଜୀବନ ଯାତ୍ରା ମଧ୍ୟରେ ମୁଁ ବିଜ୍ଞାନ ଏବଂ ସାହିତ୍ୟ ମିଶାଇ ପ୍ରାୟ ତିରିଶଟି ପୁସ୍ତକ ଲେଖିଛି । ମାତ୍ର ମୋ'ର ପ୍ରଥମ ପୁସ୍ତକର ଅନୁଭୂତି ଅବର୍ଣ୍ଣନୀୟ । ୧୯୮୨ ମସିହା । ସ୍ୱାମୀ ଏମ୍ସ୍‌ରେ ସିନଅର ରେସିଡ଼େନ୍ସୀ କରୁଥିଲେ । ମୁଁ ଆର୍.ପି.ସେଣ୍ଟରରେ ଲେକ୍‌ଚରର ଥିଲି । ପୁଅ ଖୁବ୍ ସାନ । ଘର, ବାହାର, ପିଲା ସବୁ କିଛି ସମ୍ଭାଳିବା ମୋ'ର ଦାୟିତ୍ୱ ଥିଲା । କଥା

କଥାକେ ସ୍ୱାମୀ କହିଥାନ୍ତି, "ତୁମେ କନସଲ୍‌ଟାଣ୍ଟ, କାମରେ ଅବହେଳା କଲେ ତୁମକୁ କେହି କଛି ଦୋଷ ଦେବେନ । ତା'ଛଡ଼ା ତୁମେ ସ୍ତ୍ରୀଲୋକ । ଇଚ୍ଛା ଥିଲେ ମଧ କହିବାକୁ ପଛାଇବେ । ମତେ ସବୁ ଟାଇମ୍‌ରେ କରିବାକୁ ପଡ଼ିବ" କହି ହସ୍‌ପିଟାଲ୍ ଗ୍ଭଲି ଯାଆନ୍ତି । ଉତ୍ତର ସିନା ଦିଏନା, ହେଲେ ମନକୁ ମନ ଚନ୍ତା କରେ ଡିଉଟି(କର୍ତ୍ତବ୍ୟ) ସିନଅରଟି, ପୋଜିସନ୍, ବୟସ, ଜେଣ୍ଡର ଦେଖେନା । ମନ କଥା ମନରେ ମାରି ଯନ୍ତ୍ରବତ୍ତ କାମ କରିଯାଏ । ରୋଗୀ ସେବା ଛାଡ଼ିପାରେନା । ରିସର୍ଚ୍ଚ ଠାରୁ ଦୂରେଇ ରହି ପାରେନା । ପିଲ୍, ଆଉ ଘରର ଅବହେଳା ତ ଚନ୍ତା କରିବା ତ ମୂର୍ଖାମୀ । ରହିଲ୍ ପେପର୍ ଆଉ ବହି ଲେଖା। ତା' ପ୍ରତି ନ୍ୟାୟ ଦର୍ଶାଇବା ଯୁକ୍ତି ସଙ୍ଗତ ମଧ । ଆଜି ନଜକୁ ନଜେ ବିଶ୍ୱାସ କରି ପାରୁନ । ଯୁବା ବୟସରେ ଯେତେବେଳେ ଜଣେ ସାଧାରଣ ମଣିଷ ପାଇଁ ଛଅରୁ ଆଠଘଣ୍ଟା ନଦ୍ରା ଆବଶ୍ୟକ, ମାତ୍ର ଦୁଇରୁ ତିନ ଘଣ୍ଟା ଶୋଇ କେମିତି ସୁସ୍ଥ ରହୁଥିଲି । ହୁଏତ ସେଇ ଆତ୍ମବିଶ୍ୱାସ ମତେ ଶକ୍ତି ଯୋଗାଉ ଥିଲ୍ ।

ପ୍ରଥମ ବହିଟିଏ ଲେଖା ଶେଷ ହୋଇ ଯାଇଥାଏ । ପ୍ରୁଫ୍ ସଂଶୋଧନ ପାଇଁ ପାଣ୍ଡୁଲିପି ମୋ' ପାଖରେ ପ୍ରାୟ ମାସକରୁ ଉର୍ଦ୍ଧ୍ୱ ହୋଇଗଲ୍‌ଣି । ପ୍ରକାଶକଙ୍କର ବାରମ୍ବାର ଚେତାବନୀ । ହେଲେ ସଂଶୋଧନ କରିବା ପାଇଁ ଟିକଏ ବି ସମୟ ମିଳୁ ନ ଥାଏ । ସ୍ୱାମୀ କହୁଥିଲେ, "ଏତେବଡ଼ ବହିଟାଏ ଲେଖିବାକୁ ସମୟ ମିଳଲ୍, ସଂଶୋଧନ କରିବା ପାଇଁ ମାତ୍ର କେତେ ଘଣ୍ଟାର ସମୟ ଆବଶ୍ୟକ । ବିଜୟ ବାବୁ ବାରଂବାର ସଂଶୋଧିତ ପାଣ୍ଡୁଲିପି ମାଗୁଥାନ୍ତି । କହୁଥିଲେ ତୁମର କେଉଁ ଜଣେ ବ୍ରିଲିଆଣ୍ଟ ଷ୍ଟୁଡ଼େଣ୍ଟଙ୍କୁ ଦେଇ କରାଇ ନଅ ।"

ନଜ କାମ ନଜେ କରିବାରେ ଯେଉଁ ଆନନ୍ଦ ଏବଂ ପରିପୂର୍ଣ୍ଣତା ବୁଝାଇବାକୁ ଯାଇ ବିଫଳତା ଲଭ କରେ । ଡିସେମ୍ବର ୧୩ ତାରିଖ । ୧୪ରୁ ସାତଦିନ ପାଇଁ ଶୀତ ଛୁଟୀ । ସୁରୁଖୁରିରେ କାମ ହୋଇଯିବ ।

"ଆଜି ମଙ୍ଗଳବାର (ଦୁଇପହର ପରେ ପ୍ରାୟ କଛି କାମ ନଥାଏ), ଉପରକୁ ଛୁଟୀ, ଘରକୁ ନ ଆସିବୁ ଯଦି ଆମେ ଆସି ପହଞ୍ଚି ଯିବୁ ।" ଜଣେ ବନ୍ଧୁଙ୍କର ଫୋନ୍ ଆସିଲ୍ ।

"ହଁ, ହଁ, ବନ୍ଧୁମାନଙ୍କ ସଂଗେ ଛୁଟୀ ଉପଭୋଗ କର" କହି ସ୍ୱାମୀ ହସ୍‌ପିଟାଲ୍ ଗ୍ଭଲିଗଲେ।

ୱାର୍ଡରୁ ଫୋନ ଆସିଲ୍, "ପ୍ରଫେସର ମଦନ ମୋହନଙ୍କର ଗୋଟିଏ ଜରୁରୀ ମିଟିଙ୍ଗ୍ ଥିଲ୍। ତେଣୁ ଆସନ୍ତା କାଲି ରୁଟିନ୍ ଓଟିରେ ଦୁଇଟି କେରାଟୋପ୍ଲାଷ୍ଟି ଆପଣଙ୍କ ନାମରେ ରଖିବାକୁ

ସାର୍ କହିଛନ୍ତି ପ୍ରଥମ, ଦ୍ୱିତୀୟ ନମ୍ବରରେ ଅଛି । ଏଗାରଟା ପୂର୍ବରୁ ଆପଣ ଫ୍ରି ହୋଇଯିବେ ।”

“ଅର୍ଥାତ୍ କାଲି ମଧ୍ୟ ଓଟି ଯିବ । ନାଁକୁ ମାତ୍ର ଛୁଟୀ । ଘର ଭୁଲି ସେଇ ହସ୍‌ପିଟାଲ୍‌କୁ ଜାବୁଡ଼ି ଧରିଥା, ପୁଣି କହିବ ମୋ' ପ୍ରୁଫ୍ ସଂଶୋଧନ ହୋଇପାରିଲାନ ।”

“ଅପରେସନ୍ ତ କରିବାକୁ ହେବ । ଭାବୁଛି, ଫେରିବା ପରେ ସ୍ୱର୍ଣ୍ଣକୁ କହିବି ତୁମପାଇଁ ଲଞ୍ଚ୍ ବ୍ୟବସ୍ଥା କରିବ । ମୁଁ ଶୀତୁକୁ ନେଇ ଇଣ୍ଡିଆ ଗେଟ୍ ଚାଲିଯିବି । ସେ ଖେଳବ, ମୁଁ ପ୍ରୁଫ୍ କରେକ୍‌ସନ୍ କରିବି ।”

ଆର୍ ଇଉ ସିଓର**??**

ଅଫ୍ କୋର୍ସ ଆଇ ଆମ୍ । ମାତ୍ର ତୁମ ମନକୁ ସେ ସନ୍ଦେହ ଆସୁଛି କାହିଁକ**?**

ଟିକଏ ଭଲ କରି ଚନ୍ତା କର । କାଲି ବାହାରେ ବସି ପାରିବକ ନାହିଁ ।

ଓଃ**...** ନୋ**...** ସତରେ ତ**...** ମୋ' ବ୍ରେନ୍ ଡିଜେନେରେଟ୍ କରିବା ଆରମ୍ଭ କଲାଣି । କାଲି ତ ସୂର୍ଯ୍ୟ ପରାଗ ।

ଶେଷରେ ସତ କଥାଟି ମାନଲ । ହେଲେ ମୋ' ମସ୍ତିଷ୍କ ପୂର୍ବଠାରୁ ଦଶଗୁଣ ଜୋର୍‌ରେ କାମ କରିବା ଆରମ୍ଭ କଲାଣି ।

ଶୀତୁ**(**ପୁଅ**)** ତା' ଛୋଟ ବେତ ଚେୟାର ଖଣ୍ଡକ ଟେକ ଟେକ ଆଣି ଦୁହିଙ୍କ ମଝିରେ ବସି ପଡ଼ିଲା । “ମୁଁ ଜଜ୍ । ମତେ କୁହ, ତୁମ ଦୁହିଁଙ୍କର କ'ଣ ଅସୁବିଧା, ମୁଁ ସବୁର ସମାଧାନ କରିଦେବି ।”

ତାକୁ କୋଳକୁ ନେଲି । ୧୭ ତାରିଖରୁ ତିନଦିନ ଦୁଇଟାରୁ ପାଞ୍ଚଟା ଇଣ୍ଡିଆ ଗେଟ୍‌ରେ ପ୍ରୁଫ୍ କରେକସନ୍ କାମ ସଂପୂର୍ଣ୍ଣ କରି ୧୯ ତାରିଖରେ ପାଣ୍ଡୁଲିପି ବିଜୟ ବାବୁଙ୍କ ହାତରେ ଦେଲି।

୧୯୮୦ ମସିହାର ନେତ୍ର ଶିବିର ମୋ' ପାଇଁ ଏକ ଅବିସ୍ମରଣୀୟ ବିଷୟ ।

କନସଲ୍‌ଟାଣ୍ଟ ହେବାର ମାତ୍ର ଛଅମାସ ହୋଇଥାଏ । ପ୍ରଫେସର ମଦନ ମୋହନଙ୍କର ଆଦେଶ ଥିଲା ଫିରୋଜପୁର ଝିର୍କା ନେତ୍ର ଶିବିରର ତତ୍ତ୍ୱାବଧାନ ମୋ' ଉପରେ । ବାଲ୍‌ଟିମୋର୍‌ରୁ (ଆମେରିକା) ଡାଃ କାର୍ଲ୍ କୁଫର୍‌ଙ୍କର ଟୀମ୍ ପରିଦର୍ଶନ ପାଇଁ ଆସୁଛନ୍ତି ।

ମର୍ଯ୍ୟାଦା ତଳେ ନ ପଡ଼େ ଯେମିତି! ବିଦେଶରୁ ଡାକ୍ତର ମାନେ ଆସୁଛନ୍ତି । ଏହା ଏକ ମହତ୍ତ୍ୱପୂର୍ଣ୍ଣ ଶିବିର । କେଉଁ ସିନିଅର ଡାକ୍ତରଙ୍କ ଉପରେ ଏ ଭାର ନ୍ୟସ୍ତ କଲେ ଭଲ ହୁଅନ୍ତାନ । ଧୀର ଭାବରେ ଉତ୍ତର ଦେଲି । ମୋ'ର ତୋ ଉପରେ ଅଟଳ ବିଶ୍ୱାସ । ତା'ଛଡ଼ା ତୁ ମିଛରେ ଦମ୍ଭ ହରାଉଛୁ । ଯେଉଁ ଦୁଇଦିନ ସେମାନେ ରହିବେ ମୁଁ ସେମାନଙ୍କ ସଂଗେ ଥିବି । ତୋ ମନ ମୁତାବକ ଟୀମ୍ ପସନ୍ଦ କର । ଧରି ନେ ଏଇଟା ତୋ ପାଇଁ ଗୋଟିଏ ପରୀକ୍ଷା ।

ପ୍ରଫେସରଙ୍କ କଥା ଶୁଣି ମୋ'ର ଦମ୍ଭ ଦଶ ଗୁଣ ବଢ଼ି ଯାଇଥିଲା । "ତୋ' ଉପରେ ମୋ'ର ଅଟଳ ବିଶ୍ୱାସ ।"

୧୯୮୦ର ଅନୁଭୂତି ଡାଃ କାର୍ଲ କୁଫରଙ୍କ ଟୀମ୍ ମୋ' ଦ୍ୱାରା ଆୟୋଜିତ ନେତ୍ର ଶିବିର ପ୍ରଦର୍ଶନ କରିଥିଲେ । ସେମାନଙ୍କୁ ମୋ'ର କେଉଁ କାର୍ଯ୍ୟକଳାପ ଭଲ ଲାଗିଥିଲା କହିବା ମୋ' ପକ୍ଷରେ ସମ୍ଭବ ନୁହେଁ, ମାତ୍ର ବାଲ୍‌ଟିମୋର ହେଡ୍ ଅଫିସରୁ ମୋ' ଟ୍ରେନିଂ ପାଇଁ ଆହ୍ୱାନ ଆସିଥିଲା ।

ଗୋଟିଏ ବର୍ଷର ଊର୍ଦ୍ଧ୍ୱ ବିତି ଯାଇଥିଲା । ପୁଣି ଦିନେ ମୁଖ୍ୟଙ୍କ ଅଫିସ୍‌ରୁ ଡାକରା ଆସିଲା । "ଡାଃ କୁଫରଙ୍କ ଟୀମ୍ ତୋ କାମରେ ଖୁବ୍ ଆପ୍ୟାୟିତ । ଜନ୍ ହପକନ୍‌ରେ କମ୍ୟୁନିଟି ଅପ୍‌ଥାଲ୍‌ମୋଲୋଜି ଫେଲୋସିପ୍ ଦଶମାସ କରିବା ପାଇଁ ତୋ ନାମ ବାଛିଛନ୍ତି ।"

ଭିତରେ ଭିତରେ ବହୁ ଖୁସି ହୋଇଥିଲେ ମଧ୍ୟ ବାରଂବାର ମନକୁ ଆସୁଥିଲା, ପାଞ୍ଚ ବର୍ଷର ପୁଅକୁ କାହା ପାଖେ ଛାଡ଼ିଯିବି! ବିଷୟଟିକୁ ସ୍ୱାମୀଙ୍କ ପାଖେ ଉପବିଷ୍ଟ କରାଇଥିଲି । ପ୍ରଥମେ ସାମାନ୍ୟ ବିରକ୍ତି ହେବା ସ୍ୱରରେ କହିଲେ, ମୋ'ର ରେସିଡ଼େନ୍‌ସୀ ଚାଲିଛି, ସାନ ଭଉଣୀର ସାତ ବର୍ଷ, ଚାରି ବର୍ଷର ଦୁଇଟି ଛୁଆ । ମା' ସେମାନଙ୍କ ଦେଖାଶୁଣା କରିବ ନା ତୁମ ପୁଅର ତତ୍ତ୍ୱାବଧାନ ପାଇଁ ଦିଲ୍ଲୀ ଦଉଡ଼ି ଆସିବ । ସାଧାରଣତଃ ତାଙ୍କ କଥାର ମୁଁ କିଛି ନା କିଛି ଉତ୍ତର ବାହାର କରି ଦେଇଥାଏ । ମାତ୍ର ସେଦିନ ମୋ' ପାଖେ କିଛି ଜବାବ୍ ନଥିଲା । ହୁଏତ ମୋ' ମା' ଯଦି ବଞ୍ଚିଥାନ୍ତେ ପୁଅର ଦାୟିତ୍ୱ ତାଙ୍କ ଉପରେ ଦିଆଯାଇଥାନ୍ତା।

ମତେ ଚୁପ୍ ରହିବାର ଦେଖି ପୁଣି ଆରମ୍ଭ କଲେ, ନିଜ ଅର୍ଜିତ ଫଳ । କିଏ ତୁମକୁ କହୁଥିଲା ସବୁଥିରେ ଏତେ ସିନସିଅରିଟି ଦେଖାଇବାକୁ । ଏବେ ଭୋଗ । ଯାଅ, ଦଶମାସ ପରେ ଆସି ଦେଖିବ ପୁଅ ଗୋଟିଏ ବାଳୁଙ୍ଗା, ମୁଁ ଘରଦ୍ୱାର ବସାଇସାରିଥିବି ।

ଚଟ୍‌କରି ମୋ' ମୁହଁରୁ ବାହାରି ପଡ଼ିଲା, ସତରେ ଯଦି ନୂଆ ସଂସାର ବସାଇବାକୁ ଇଚ୍ଛା ମୋ' ଯିବା ପୂର୍ବରୁ ବସାଅ । ମୁଁ ତାକୁ ପୁଅର ଖବର ସବୁ ବୁଝାଇଦେବି । ବିଭାଘରର ପ୍ରଥମବର୍ଷ ତ ସେ ଚନ୍ଦ୍ରମୁଖୀ ହୋଇ ରହିବ । ଜ୍ୱାଳାମୁଖୀ ହେବା ପୂର୍ବରୁ ତ ମୁଁ ଆସିଯାଇଥିବି ।

ଆଚ୍ଛା ଠିକ୍ ଅଛି, ତୁମର ସେ ସାହିତ୍ୟ ତୁମ ପାଖେ ରଖ । ମୋ' ମୁଣ୍ଡରେ ସେସବୁ ପଶେନା ଯିବାର ବ୍ୟବସ୍ଥା କର । ଆମେରିକା ଭିସା ପାଇଁ ହଜାର ଜଣଙ୍କ ଭିତରେ ଲାଇନ୍ ଦେବାକୁ ପଡ଼ିବ । ସେ ବି ଦିନକର କଥା ନୁହେଁ ।

ସେସବୁ ସରକାର ତରଫରୁ ହେବ । ମୁଁ କେବଳ ମୋ' ଜିନଷପତ୍ର ପ୍ରସ୍ତୁତ କରିବି । ବାହାର ଦେଶରେ ଟ୍ରେନିଂ ପାଇଁ ଯିବାକୁ ହେଲେ ସରକାରୀ ଡାକ୍ତରମାନଙ୍କୁ ବହୁପ୍ରକାର ଫର୍ମାଲିଟି ସଂପୂର୍ଣ୍ଣ କରିବାକୁ ହୁଏ । ସମସ୍ତ କିଛି ପୂର୍ଣ୍ଣ କରିବା ପରେ ୧୯୮୨ ମସିହା ସେପ୍ଟେମ୍ବର ପ୍ରଥମ ତାରିଖରୁ - ଯିବାର ସ୍ଥିର ହୋଇଥିଲା । ମୋ' ତରଫରୁ ମତେ ପରିବାର ଏବଂ ହସ୍‌ପିଟାଲ ଡିଉଟି ପାଇଁ ବହୁକିଛି ଆୟୋଜନ କରିବାକୁ ପଡ଼ିଥିଲା । ହୁଏତ ଭିତିରି କଥା ବିଷୟରେ ମୁଁ ଅଜ୍ଞ ଥିଲି । ଯିବା ପାଇଁ ମାତ୍ର ଚାରିଦିନ ବାକୀ ଥିଲା । ମୋ' ପାଖକୁ ଅର୍ଡ଼ର ଆସିଲା, ଫିରୋଜପୁର ଝିରକା ଶିବିର ଆର୍.ପି.ସେଣ୍ଟର୍ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ।

ତା'ଛଡ଼ା, ଆୟୋଜକ ମାନେ ମୋ' ଦ୍ୱାରା କରାଇବା ପାଇଁ ଇଚ୍ଛୁକ । ତେଣୁ ନିଜ ଟୀମ୍‌ର ଆୟୋଜନ କରି ଦୁଇ ସପ୍ତାହ ପାଇଁ ନେତ୍ର ଶିବିର ପାଇଁ ଯିବାକୁ ହେବ । ହୁଏତ ମୋ' ବାଲ୍‌ଟିମୋର ଯାତ୍ରା ବିଷୟରେ ଶିବିର ଅଧକ୍ଷ ଜାଣି ନାହାନ୍ତି ତେଣୁ ବାଲ୍‌ଟିମୋର ଅର୍ଡ଼ର ସହିତ ତାଙ୍କ ପାଖକୁ ଯାଇ ହତୋତ୍ସାହ ହୋଇ ଫେରିଲି ।

ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଥିଲା । ଭାରତବର୍ଷରେ କ'ଣ ପୁରୁଷ ଗୋଷ୍ଠୀଙ୍କର ଅଭାବ! ଯାହାଙ୍କ ପାଇଁ ମୋ' ଆମେରିକା ଯିବାରେ ଯବନିକା ପତନ ହୋଇଥିଲା ମୁଁ ଭଲ କରି ଜାଣିଥିଲେ ମଧ୍ୟ ସ୍ୱର ଉତ୍ତୋଳନ କରି ପାରି ନ ଥିଲି । ମୁଖ୍ୟଙ୍କର ସହାନୁଭୂତି ଥିଲା, କେତେ କେତେ ସୁଯୋଗ ଆସିବ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମା'ର ଶେଷ ଚଠି



ପ୍ରଶାନ୍ତ କୁମାର ନାଥ

ଧନରେ,
ଦୁନଆଁଟା ତୋତେ ଦୋଷ ଦେଉ ବୋଲି
ଗ୍ଭହୁଁନାହିଁ ଜମା ମନରେ
ତୋତେ ଦୋଷ ଦେଲେ ଦୋଷୀ ହେବି ମୁହିଁ
କେମିତି ସହିବି କହରେ ।
ବାପାଙ୍କ ଆଦର୍ଶେ ପୁଅ ବଡ ହୁଏ
ସେବା ଯତ୍ନ ଥାଏ ମାଆର
ଯଦି ସେହି ପୁଅ ଅବାଟରେ ଯାଏ
ଭୁଲ୍ ଥିବ ଅବା କାହାର ।
ସମସ୍ତେ କହିବେ ଅମୁକର ପୁଅ
ଏମିତି କାମଟେ କରୁଛି
ବାପା ମାଆ କଥା ଭୁଲି ଯାଇ ସିଏ
ମାଇପ ସାଥିରେ ରହୁଛି ।
କେହି ବୁଝାନ୍ତିନ ପୁଅର କଷ୍ଟକୁ
ସମସ୍ତେ ଏମିତି କହିବେ
କୁଆ ଉଡ଼ିଗଲେ ଛୁଆଟିଏ କହି
ସମସ୍ତେ ପଛରେ ଧାଇଁବେ ।
ବୟସ ମୋହର ହେଲ୍‌ଣି ଅନେକ
କେତେଟା ଦିନ ବା ବଞ୍ଚିବି
ମୋହରି କାରଣେ ଦୋଷ ତୋତେ ଦେଲେ
କେମିତି ସେକଥା ସହିବି ।
ପାରୁନାହିଁ ଆଉ କାମ କଛି କରି
ଉପାସ ଭୋକରେ ରହୁଛି
କେତେବେଳେ ଖାଏ କୋହରୁ ମେଞ୍ଚାଏ
ଲୁହରୁ ଗିଲ୍‌ସେ ପିଉଛି ।
ଅବାଟରେ ଯଦି ଗ୍ଭଲିଯାଉ ତୁହି
ଦୋଷଟା ନୁହେଁ ଯେ ତୋହର
ଏତିକ ଭ୍ଵିବି ପାଳ ପୋଷିବାରେ
ତ୍ରୁଟି ରହିଅଛି ମୋହର ।
ସବୁ ମୁଁ ସହିବି ଯେତେ କଷ୍ଟ ହେଉ
ଏକଥା ଜାଣିଛୁ ଧନରେ
ପାରିବିନ ସହି କହିଦେଲେ କଛି
କେହି କେବେ ତୋର ନାଆଁରେ ।
ମାଆ ପାଇଁ ପୁଅ ଅମୃତ ସନ୍ତାନ
ଭଲରେ ହେଉକ ମନ୍ଦରେ
ସବୁଦିନ ପାଇଁ ରଖେ ସେ ସାଇତି
ହୃଦୟ ମମତା ବନ୍ଧରେ ।
କାହାରି ଆଗରେ କହିବିନ କେବେ
ପୁଅ ମୋତେ ଘୃଣା କରୁଛି
ସଭିଙ୍କୁ କହିବି ପୁଅଟା ମୋହର
ଝୁରି ଝୁରି ଦିନ କାଟୁଛି ।
ଜାଣିଛି ମୋତେ ପାଖେ ରଖିବାକୁ
ବୋହୁ ମୋହର ଗ୍ଭହୁଁ ନାହିଁ
ସେପାଇଁ ଧନରେ ସବୁଦିନ ପାଇଁ
ଆଜି ମୁଁ ଯାଉଛି ଦୁରେଇ ।

ସୁନ୍ଦରପୁର,ଉତ୍ତରକୂଳ ହାଟ୍,
ପ୍ରୀତିପୁର,ଯାଜପୁର

# ଉଡେ ଫର ଫର ତ୍ରୀରଙ୍ଗା ପତାକା



ଆଶିଷ ଜ୍ୟୋତିଷ

ଉଡେ ଫର ଫର ଜାତିୟ ପତାକାଟି ଆମର,
ଅଶୋକ ଚକ୍ର  ଶୋଭିତ ତ୍ରୀରଙ୍ଗା ପତାକା ଆୟତାକାର,,
ଭାଗମାପ ହୋଇଛି ଲମ୍ବ ତିନ ଭାଗ ହେଲେ ପତାକାଟିର,
ଓସାର ଦୁଇଭାଗ  ଆଡ ଦୀର୍ଘରେ
ସମାନ୍ତର ଭାବର ତିନୋଟି ରଙ୍ଗ ସମ ବିସ୍ତାର,,
ତିନ ରଙ୍ଗରେ ରଙ୍ଗେଇ ଥାଏ ପତାକା ଟି ଆମର,
ପତାକାଟିର ସବା ଉପରେ ଅଂଶଟି ଗାଢ କମଳା
ମଝି ଅଂଶ ଟି ଧଳା ତଳ ଅଂଶଟି ଗାଢ ସବୁଜ ରଙ୍ଗ ପତାକାଟିର,,
ସମ୍ରାଟଅଶୋକଙ୍କ ନର୍ମିତ ଧର୍ମଚକ୍ର ଚହ୍ନ ପତାକାର ଧଳା ଅଂଶର ରହିଥାଏ,
ଚକ୍ରଟିରେ ଚବିଶଟି ଅର ଅଛି ଗାଢ ନୀଳ ରଙ୍ଗ ଥାଏ,,
ଗାଢ କମଳା ରଙ୍ଗ  ସାହସ ତ୍ୟାଗର ପ୍ରତୀକ ଯେ ଅଟଇ,
ମଝି ଅଂଶରେ ଥିବା ଧଳା ରଙ୍ଗ ସତ୍ୟ ଶାନ୍ତିର ପତ୍ରୀକ ଯେ ବୋଲଇ,,
ପତାକାର ତଳ ଅଂଶରେ ଥିବା ଗାଢ ସବୁଜ ରଙ୍ଗ
ବିଶ୍ୱାସ ବୀରତ୍ୱର ପତ୍ରୀକ କୁହଇ,
ଚକ୍ରଚହ୍ନିଟି ଅଗ୍ରଗତି ବିଶ୍ୱ ପ୍ରେମର ସୂଚନା ଦିଅଇ,,
ଜାତୀୟ ପତାକା କୁ ନେଇ ଯେପରି ବ୍ୟବହାର କରିବାକୁ ହେବ
ସେହି ବିଷୟରେ ଆମ ଭାରତ ସରକାର ଆଇନ ବାନ୍ଧି ଦେଇଛନ୍ତି  ,
ବିଗୃହାଳୟରେ ଦଣ୍ଡିତ ହେବାକୁ ପଡେ ଆଇନ ଭଙ୍ଗ ଯେ କରିଥାଆନ୍ତି,,
ଜାତୀୟ ପତାକାକୁ ସମ୍ମାନ ରକ୍ଷା ପାଇଁ ଦେଶର କେତେ ବୀର ପ୍ରାଣ ବଳି ଦେଇଛନ୍ତି,
ଉଡାଯାଏ ପତାକାକୁ  ସାଧାରଣତନ୍ତ୍ର ଦିବସ

ସ୍ୱାଧୀନତା ଦିବସ ଗାନ୍ଧିଜୟନ୍ତୀ ପାଳନ ଯେବେ କରନ୍ତି,,
ଆମର ଜାତୀୟ ପତାକାର ଟେକ ବଜାୟ ରଖିବା
ଆମର କର୍ତ୍ତବ୍ୟ ଅଟଇ,
ସାଧାରଣତଃ ହାଇକୋର୍ଟ, ସେକେଟେରିଏଟ, କମିଶନର ଅଫିସ
ଜେଲ, ଜିଲ୍ଲା ପରିଷଦ ମ୍ୟୁନସିପାଲଟି ଅଫିସରେ ଉଡଇ,,

ଯୁବାଖୋଲ, କଟାବାହାଲ ଗାଇସିଲେଟ୍ ବରଗଡ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମରି ମରି ଯିଏ



ଅଜୟ କୁମାର ବେହେରା

ମରି ମରି ଯିଏ ବଞ୍ଚିବା ଶିଖିଛି
ମୃତ୍ୟୁର କ ଅଛି ଭୟ ତାର
ଶହେ ଥର ଯିଏ ମରିବା ସାରିଛି
ନିନ୍ଦାର କ ଅଛି ଭୟ ତାର।୧।

ଦୁନିଆ କହିଲେ କହି ଯାଉ ପଛେ
ନିନ୍ଦା ଆଉ ଅପବାଦ କଥା
ସହିଛି ସହିବ ଜିଇଁଥିବା ଯାଏଁ
ନଇଁ ବ ନାହିଁ ସତେ ଏ ମଥା।୨।

ପର କଥା ସିନା ଦୁଃଖ ଦିଏ ଭାରି
ସହିବା ଲୋକ ମହାନ ହୁଏ
ଅନ୍ୟ କଥା ଶୁଣି କ ଲାଭ ହୋଇବ
ମସ୍ତକେ ଯଦି ବୁଦ୍ଧି ନ ଥାଏ।୩।

ଦଇବ ଦେଇଛି ଇଚ୍ଛା ଅଭିଳାଷ
ସତେ କଛି ତ କରିବା ପାଇଁ
ଘର ଭଙ୍ଗା ନର ପର ପଞ୍ଚ କରେ
ଆପଣାପର ସେ ଭାବେ ନାହିଁ।୪।

ମୋରଡ଼ା, ମୟୂରଭଞ୍ଜ

# ଶିକ୍ଷା ଓ ଶୈଶବ

## ମୂଳ



ପି. ପୁରବୀ ମହାନ୍ତି

ଗାଆଁ ଟିର ନାମ ମଧୁପାଟଣା । ନିର୍ମଳ ନାମକ ପିଲାଟିଏ ସେଠାରେ ରହୁଥିଲା । ନାଁ ପରି ତା ମନ ଭାବନା ବି ସତେ କ ପରିଷ୍କାର ଆଉ ସଫା । ନିର୍ମଳ ର ବୟସ ପାଖା ପାଖି ନଅ ବର୍ଷ ହେବ । ନିର୍ମଳ ର ଘରେ ତା ମାଆ ଆଉ ସାନ ଭଉଣୀ । ବାପାଙ୍କ ଯିବା ଦିନ ଠାରୁ ନିଜକୁ ଓ ନିଜ ଦାୟିତ୍ୱ କୁ ବୟସର ତାରତମ୍ୟ ରେ ନ ଗଣି କର୍ତ୍ତବ୍ୟ ଦାୟିତ୍ୱ ପାଳନରେ ଉଦାହରଣ ସାଜିଛି । ତା ବାପା ବୃତ୍ତିରେ ଘରୋଇ ଶିକ୍ଷକ ଥିଲେ । ଗାଆଁ ରେ ଯେତେବେଳେ ହଇଜା ଆକ୍ରମଣ କଲା ସେତେବେଳେ ଦୀନ ଦୁଃଖୀ ଙ୍କ ସେବା କରୁ କରୁ ତାଙ୍କ ଜୀବନ ଚାଲିଗଲା । ବାପାଙ୍କ ମୃତ୍ୟୁ ପରେ ଆର୍ଥିକ ଦୃଷ୍ଟିରୁ ବହୁତ ଦୁର୍ବଳ ହୋଇ ପଡ଼ିଲା ପୁରା ପରିବାର । ଦିଓଳ ଖାଇବାକୁ ମିଳବା ବହୁତ କଷ୍ଟ ହୋଇପଡିଲା । ତା ମାଆ ଜମି ରେ ମୂଲ ଲାଗି ପେଟ ପୋଷଣ କରିଲେ । ନିର୍ମଳ ର ପଢିବାକୁ ପ୍ରବଳ ଇଛା ଥିଲା ମାତ୍ର ବାପାଙ୍କ ଦେହାନ୍ତ ପରେ ମାଆ ର ଅବସ୍ଥା। ସାନ ଭଉଣୀ ର ଦାୟିତ୍ୱ କୁ ତୁଲାଇବା ପାଇଁ ପାଠ ପଢି ବଡ଼ ଚାକରି ର ଆଶା ବଳବତ୍ତର ହେବାକୁ ଲାଗିଲା । ଟଙ୍କା ପଇସା ର ଅଭାବ ପାଇଁ ଅଧାରୁ ପାଠପଢା ବନ୍ଦ କରିବାକୁ ପଡିଲା ତାକୁ । ଜ୍ଞାନ ର ଦିଗରେ ଅର୍ଥ ଯେ କେତେବଡ ବାଧା ସାଜେ ସେ ପ୍ରଥମକରି ଅନୁଭବ କଲା । କିନ୍ତୁ କଥାରେ ଅଛି ଇଚ୍ଛା ଆଉ ଦୃଢ଼ ମନୋବଳ ଥିଲେ ଉପାୟ ବଳେ ବଳେ ଆସେ। ତା ମାଆ ଯେଉଁ ଜମିରେ ମୂଲ ଲାଗୁଥିଲେ ସେ ସାହୁକାର ପିଲାଟିର ଉଦ୍ୟମ, ଜ୍ଞାନପ୍ରାପ୍ତି ର ଇଚ୍ଛାଶକ୍ତି ଦେଖି ପଢ଼ିବା ଖର୍ଚ୍ଚ ଦେବା ପାଇଁ ରାଜି ହେଲେ । ନିର୍ମଳ ର ଖୁସିର ସୀମା ରହିଲା ନାହିଁ। ସାହୁକାର ଙ୍କ ଭଳି ମଣିଷ ମାନେ ଥିଲେ କେତେ ଯେ ମେଧାବୀ ମାନଙ୍କୁ ପାଠପଢ଼ା ବନ୍ଦ କରିବାକୁ ପଡ଼ନ୍ତା ନାହିଁ ବୋଲି ଚିନ୍ତା କରିଲା ଆଉ ସେ ବି ବଡ଼ ହେଲେ ଶିକ୍ଷା କୁ ପ୍ରତି ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରଣ କଲା । ଆଉ ନିର୍ମଳ ତାର କଠିନ ପରିଶ୍ରମ ଓ ଉଦ୍ୟମ ବଳରେ ପାଠ ପଢି ଆଗକୁ ଆଗକୁ ବଢିବାକୁ ଲାଗିଲା । ସକାଳୁ ୬ ଟା ରୁ ଉଠି ମାଆ ସହିତ ଜମି କୁ

ଯାଏ ଆଉ ସେଠୀ ଖୁବ୍ ବୁଣେ, ନଅ ଟା ବାଜିଲେ ଘରକୁ ଆସି ଗାଧୋଇ ଭାତ କାଞ୍ଜି ଖାଇ ସ୍କୁଲ କୁ ଯାଏ। ଚାରିଟାରେ ଘରକୁ ଫେରି ଗୋଡ଼ ହାତ ଧୋଇ ମୁଢ଼ି ଗିନେ ଖାଇ ବହିଖାତ ଧରି ପଢି ବସେ । ତାର ସହପାଠୀ ମାନେ ଟିଉସନ ଯାଆନ୍ତି କନ୍ତୁ ପଇସା ଅଭାବରୁ ନର୍ମଳ ବତୀ ଆଲୁଅରେ, ଅଭାବ ଅନାଟନ ରେ ରାତି ରାତି ବସି ପାଠ ପଢ଼େ । ତାର କେବଳ ଦୁଇଟି ଲକ୍ଷ୍ୟ ଗୋଟିଏ ପାଠ ପଢି ବଡ଼ ଚାକରି କରି ମାଆ ଭଉଣୀ ଙ୍କୁ ସୁଖରେ ରଖିବ ଆଉ ତା ଭଳ କେତେ ନର୍ମଳ ମାନେ ପାଠ ପଢି ଦେଶ ଗଢ଼ିବାକୁ ଚାହୁଁଛନ୍ତି ସେମାନଙ୍କୁ ଶିକ୍ଷା ଦିଗରେ ସହଯୋଗ କରିବ। ପରିଶ୍ରମ, ଇଚ୍ଛାଶକ୍ତି ଥାଇ ମଧ ଅନେକ ମେଧାବୀ ମାନଙ୍କୁ ତା ଭଳ ଅର୍ଥ ଅଭାବରୁ ଯେପରି କାଳାତିପାତ ନ କରିବାକୁ ପଡେ ସେଥିପାଇଁ ଉଦ୍ୟମ କରିବ । ତେଣୁ ସେମାନଙ୍କ ପାଇଁ କାର୍ଯ୍ୟ କରି ଦେଶ ପ୍ରଗତିର ସାହାଯ୍ୟ କରିବାକୁ ତାର ଇଚ୍ଛାଶକ୍ତି ଧୀରେ ଧୀରେ ବଢ଼ିବାକୁ ଲାଗିଲା । ଛୋଟିଆ ମୁଣ୍ଡରେ ସେ ପରିବାର ପ୍ରତି, ଗାଆଁ ପ୍ରତି, ରାଜ୍ୟ ଦେଶ ପ୍ରତି ଏକ ଦାୟିତ୍ୱ ନର୍ବାହର ପ୍ରତିଶୃତି ଦେଇସାରିଥିଲା । ଏହା ଭିତରେ ଅନେକ ବର୍ଷ ଅତିକ୍ରାନ୍ତ ହୋଇଯାଇଛି । ଏବେ ସେ ମଧୁପାଟଣା ଗାଆଁ ର ନର୍ମଳ ନାୟକ ନୁହେଁ ବରଂ ଡଃ ନର୍ମଳ ନାୟକ ହୋଇଯାଇଛି । ତାଙ୍କ ଗାଆଁ ପାଇଁ ମାଗଣା ରେ ଚକିତ୍ସା ବ୍ୟବସ୍ଥା କରିଦେଇଛି । ଯେଉଁମାନେ ପଇସା ଅଭାବରୁ ଜୀବନ ହାରୁଥିଲେ ସେମାନଙ୍କୁ ସେ ଉପଚାର କରୁଛି । ଖାଲି ତାଙ୍କ ଗାଆଁ ନେହେଁ ଯେଉଁ ଆଡେ ଅଭାବ ଅନଟନ ଗରିବଙ୍କୁ ଦେଖୁଛି ନ ବିଚାରି ତାଙ୍କ ପାଇଁ କାର୍ଯ୍ୟ କରୁଛି । ଆଉ ଏହା ଭିତରେ ସେ ଗରିବ ମେଧାବୀ ପିଲାମାନଙ୍କ ପାଇଁ ମାଗଣା ରେ ଶିକ୍ଷା ଯୋଗେଇଦେଉଛି । ତା ବାପାଙ୍କ ପରି ଦୁଃଖୀ ରଙ୍କୀ ଙ୍କ ସେବାରେ ନଜକୁ ନ୍ୟସ୍ତ କରିଦେଇଛି । ସେ ସବୁବେଳେ କୁହେ ଯେକୌଣସି ଦେଶ ରାଜ୍ୟ ରେ ଶିକ୍ଷା ହେଉଛି ମୂଳଦୁଆ । ତେଣୁ ଶିକ୍ଷା ନାମକ ଅସ୍ତ୍ର ଦେଶ କୁ ସଠିକ୍ କଠିନ କରି ଗଢିତୋଳବା ରେ ସୁଦୃଢ ପାହାଚ ସଦୃଶ କାର୍ଯ୍ୟ କରେ । ଶିକ୍ଷା ବଳରେ ନର୍ମଳ ଯେଉଁ ଭଳ ତାଙ୍କ ଗାଆଁ, ଅଞ୍ଚଳ, ଆଉ ଅନେକ ସ୍ଥାନକୁ ଉନ୍ନତ କରିବାରେ ସହଯୋଗ ଦେଇଛି ତାହା ସମସ୍ତେ ଶିକ୍ଷା ଗ୍ରହଣ କରିବା ଉଚତ୍ । ସେ ଆଜି ଏକ କର୍ତ୍ତବ୍ୟ ନଷ୍ଠ ଡାକ୍ତର ହୋଇ ମାଗଣାରେ ଦୁଃଖୀ ସେବା କରୁଛି ଆଉ ଆର୍ଥିକ ଅନଗ୍ରସର ପିଲାମାନଙ୍କ ପାଇଁ ସେମାନେ କଭଳ ଜ୍ଞାନ ଅର୍ଜନ କରି ତା ଭଳ ଦେଶ ଗଠନ ରେ ସାହାଯ୍ୟ କରିପାରିବେ ସେ ଦିଗରେ ଆଗେଇଛି ।

ବଣାଇଁଗଡ଼, ସୁନ୍ଦରଗଡ଼

# ସବୁକଛି ହାରିଗଲା୍ ପରେ



ଆଶୁତୋଷ ଠାକୁର

ସବୁକଛି ହାରିଗଲା୍ ପରେ ମଧ
ସଦା ହସଁ ହସଁ କଅଁଳ କଥା
ଛୁଇଁ ଯାଉଥିଲା୍ ଆମରି ମଥା
ମୁରବୀ ଥିଲେ ସେ ତ ଆମ
ଯାହାର ନତି କୁ ଆପଣେଇ
ଆମେ କରୁଥିଲୁ ସବୁ କାମ ,,,,
ସବୁକଛି ହାରିଗଲା୍ ପରେ ମଧ --
ସେ କେବେ ନ ହୋଇ ବିରକ୍ତ
ସବୁରି କାମରେ ଆଗେ ଥିଲେ ସେ
ଆମ ମନୋବଳ କରୁଥିଲେ ଦକ୍ଷ
ନୀତି ଆଦର୍ଶର ପୂଜାରୀ ସାଜି
ସାଗର ଭିତରୁ ଜ୍ଞାନକୁ ଖୋଜି
କରୁଥିଲେ ସଁବୁ  ସଂକଳନ
ଇତିହାସ, ଅବା ଧରମ ସାହିତ୍ୟ
ପରଖି୍ ନୁଆଁ ଚଳନ ,,,,
ଶିକ୍ଷା ସଂସ୍କୃ  ତି ର ବିର୍‌ଟ ଥାଟ
ପରମ୍ପର୍ ନେଇ ଗ୍ଲଇ ବାଟ
ସାଜିଥିଲେ ସେ ମହାରଥୀ
ସାଲିସ ମାଲିସ କରିକ କେଉଁଠି
ନ ଥିଲେ ସେ ହାତ ପାତି ,,,,
ସବୁକଛି ହାରିଗଲା୍ ପରେ ମଧ--

କାହା ଆଗେ ମୁଣ୍ଡ  ନୁଆଇଁ ନ ଥିଲେ
ଜ୍ଞାନ ର ତରବାରୀ ହାତରେ ଧରି
ସବୁବେଳେ ଥିଲେ ଜାଗ୍ରତ ପ୍ରହରୀ
ମନେ ନ ଥିଲା୍ ତାଙ୍କ ଘୃଣା କ ବିଦ୍ୱେଶ
ସଦା  ସଭିଙ୍କ  ପ୍ରିୟ  ସେ  ଥିଲେ
ବିପଦ ଆପଦ କୁ ନଜ ବନ୍ଧୁ ଭ୍‌ବି
ଆଗେ ଆଗେ ସେ ଗ୍ଲୁଥିଲେ ,,,,
ସେ ଥିଲେ ସମାଜ ସୁଧାର ପାଇଁ
ଆଜି କେଉଁ ଆଡେ ଗଲେ ହଜି
ଅଧା କାମ ସବୁ କେମିତି କରିବୁ
ପାଉନାହିଁ ବାଟ ଖୋଜି ଖୋଜି ,,,,
ସବୁ କଛି ହାରି ଗଲା୍ ପରେ ମଧ--
ସେ ଖୋଜୁଥିଲେ ନୁଆଁ ନୁଆଁ ବାଟ
ମଧୁର ସମ୍ପର୍କ ମଧରେ ସେ
କେବେ କରେଇ ଦେଳେନ ଫାଟ
ଜୀବନ ସିନା ଆଜି ନାହିଁ ତାଙ୍କର
ତାଙ୍କରି ପ୍ରେରଣା ଆମପାଇଁ ବଞ୍ଚିଛି
ଗୁରୁଜୀ ଆମର ଅତିପ୍ରିୟ ଥିଲେ
ତାଙ୍କ ପାଇଁ ସଭିଙ୍କ ମନ ଝୁରୁଛି
ତାଙ୍କ ପାଇଁ ସଭିଙ୍କ ମନ ଝୁରୁଛି ,,,,

ମଣ୍ଡଲ, ବଲାଙ୍ଗିର

# ସହିଦ ସଲାମ



ହେମନ୍ତ ଦାଶ

ସ -ସହସ୍ର ଜନ୍ମର କୋଟି ପୁଣ୍ୟ ଫଳେ
ହେଲ ତୁମେ ସଇନକ,
ଜନମ ଭୂଇଁର ସେବାବ୍ରତୀ ହେଲ
ରଖିଲ ତାହାରି ଟେକ।

ଲା- ଲଟ ଠାରୁ ବଡ ଜିତିଅଛ ଗଡ
ଭାରତ ମାତାର ସୁତ,
ତବ ବଳଦାନ ଅମର ରହିବ
ଘେନ କୋଟି ପ୍ରଣିପାତ।

ମ- ମନେ ଗର୍ବ ବହି ପ୍ରତିକାନେ କହି
ଦେଉଅଛୁ ଶ୍ରଦ୍ଧାଞ୍ଜଳ,
ତୁମରି ବୀରତ୍ୱ ହେବ ଗୁଞ୍ଜରିତ
ଯିବୁନାହିଁ କେବେ ଭୁଲି।

ସ- ସମର୍ପଣ ଭାବେ ସମର୍ପି ଦେଲ ହେ'
ମାତୃ ଚରଣରେ ମଥା,
ତୁମରି ଗାରିମା ଗଗନେ ପବନେ
ଗାଉଅଛି ଦେଖ ଗାଥା।

ହି- ହିମାଳୟ ଠାରୁ ଆକନ୍ୟା କୁମାରୀ
କରେ ବୀରତ୍ୱର ଗାନ,
ମାତୃଭୂମି ପାଇଁ ହସିହସି ତୁମେ
ଦେଇଦେଲ ବଳଦାନ।

ଦ- ଦରଶନ ଦିଅ ପୂଜିବି ତୁମକୁ
ହୃଦ ସିଂହାସନେ ଥୋଇ,
ଦିନା ଜଣି ତବ ପୟର ସେବିବି
ଭକତି ସୁମନ ଦେଇ।

ତୁଷୁରା, ବଲାଙ୍ଗିର

# କାର୍ଗିଲ ବିଜୟ ଦିବସ

ନଳେଶ କୁମାର ଭୋଇ

ମନେପଡିଯାଏ କାର୍ଗିଲ ଯୁଦ୍ଧ'ର  ଭାରତ ସେନା'ର ବିରତ୍ୱ ଅଭୁଲା କାହାଣୀ  ।
ଅନୁପ୍ରବେଶ କାରୀ ପାକସ୍ତାନ ସେନା ଯୁଦ୍ଧ ଆମନ୍ତ୍ରଣ କରିଥିଲା ଲୁଚଛପି ପୁଣି  ।୧।

ହିମାଳୟ'ର ସୁଉଚ୍ଚ ଗିରିସୃଙ୍ଗେ ଥିଲା ଶତ୍ରୁ ଦେଶର ସେନା ଛାଉଣୀ ।
ଭାରତ ମାଁ'ର ବୀର ଯବାନ ତୋପମାଡରେ ପ୍ରମାଦ ଗଣିଲା ଇସିଲାମୀ ସେନା ପୁଣି  ।୨।

ଇସ୍ରାଏଲ ଦେଶ'ର ସହଯୋଗ କୁ  ଭୁଲିହେବ ନାହିଁ ସେ'ଅଟେ ଆମର ବନ୍ଧୁ, ଭ୍ରାତା ଦେଶ ।
ତାଙ୍କରି ସହଯୋଗୀ ତାରେ ପାକସ୍ତାନ ସେନା ହୋଇ ଗଲେ କେତେଯେ ବିନାଶ  ।୩।

ପାକସ୍ତାନକୁ ସହଯୋଗ କରୁଥିଲା ଇସିଲାମୀ ଇଣ୍ଡୋନେସିଆ  ।
ଇସ୍ରାଏଲ ଦେଶର ବିରତ୍ୱ ଭୟରେ ଇଣ୍ଡୋନେସିଆ ମାଗିନେଲା ପ୍ରାଣ ଭିକ୍ଷା  ।୪।

ଜୟରାମ ସିଙ୍ଗ'ଙ୍କ  ନେତୃତ୍ୱରେ ଭାରତସେନା କାର୍ଗିଲ ଯୁଦ୍ଧରେ ଜିଣିଲା ।
ହିମାଳୟଶିରେ ଭାରତ ମାଁ'ର ସେହି ତ୍ରିରଙ୍ଗାବାନା ଫରଫର ଉଡିଲା  ।୫।

ଏହି ପବିତ୍ର ଜନ୍ମଭୂମିର ସୁରକ୍ଷା ନେବାରେ  ଆସ ମୋପ୍ରିୟ ଭଉଣୀ ଭାଇ ।
ବୀରତ୍ୱର ଗାଥା ଇତିହାସ ଗାନ  କରେ ଏହି ମୋ ପବିତ୍ର ଭାରତ ଭୂମି  ।୬।

କଟକ୍ ବିଶ୍ୱବିଦ୍ୟାଳୟ ଛାତ୍ର (ବିଜ୍ଞାନ ବିଭାଗ )

# ସ୍ୱପ୍ନ



ମନୋଜ କୁମାର ବେହେରା

ସମସ୍ତଙ୍କର କିଛି ନା' କିଛି ସ୍ୱପ୍ନ ଥାଏ ନିଜ ଜୀବନରେ । କାହାର ପୂର୍ଣ୍ଣ ହୁଏ ତ କାହାର ନୁହେଁ । ମା'ର କିଛି ନା' କିଛି ସ୍ୱପ୍ନ ଏଭଳି ନିଶ୍ଚୟ ଥିବ । ତେଣୁ ଦିପୁ ଆଉ କବିତା ଦୁହେଁ ମିଶି ତା' ମା'ଙ୍କୁ ପଚାରିଲେ ଏହି ବିଷୟରେ । ସବିତାର ସ୍ୱାମୀ ଅମର ମଧ୍ୟ ପଚାରିଲେ ତୁମର କିଛି ସ୍ୱପ୍ନ ଅଛି । ସବିତା ସମସ୍ତଙ୍କ କଥା ଶୁଣିସାରି କହିଲା, ମୋର ଗୋଟିଏ ସ୍ୱପ୍ନ ଅଛି କି ମୁଁ ଗୋଟିଏ ଦିନ ପୂରା ଶୋଇବି, କିଛି କାମ କରିବିନି, ମୁଁ ସକାଳୁ ଉଠିଲା ବେଳକୁ ଚାହା ମୋ ଖଟ ଉପରେ ଥିବ, ଦିନ ଯାକ ଭଲ ସୁସ୍ୱାଦୁ ଖାଦ୍ୟ ଖାଉଥିବି ଆଉ ସିନେମା ଦେଖୁଥିବି । ହଁ ମୋ ମୁଣ୍ଡରେ ଟିକେ କିଏ ତେଲ ମାଲିସ୍ କରୁଥିବ ।

ସବିତା ମୁହଁରୁ ଏମିତି କଥା ଶୁଣି ସମସ୍ତେ ଟିକେ ଆଶ୍ଚର୍ଯ୍ୟ ହୋଇଗଲେ । ଦିପୁ ଆଉ କବିତା ଆଉ ଅମର ଟିକିଏ ବସିକରି ଭାବିଲେ । ସେମାନଙ୍କୁ ସବିତା ଏମିତି ବସିଥିବାର ଦେଖି ଟିକେ ହସି କରି କହିଲା ସବୁ ସ୍ୱପ୍ନ ସତ ହୁଏ ନାହିଁ ଜୀବନରେ । ରାତିରେ ସମସ୍ତେ ଖାଇକରି ଶୋଇ ପଡିଲେ ।

ସବିତା ତା'ପରଦିନ ସକାଳୁ ଟିକେ ଡେରିରେ ଉଠିଲା । କିନ୍ତୁ ଉଠି ଦେଖେତ ଅମର ଖଟରେ ନାହାନ୍ତି ସେ କ'ଣ ଭାବି ବାହାରକୁ ଆସିଲା ଦେଖିବାକୁ । କବିତା ତା' ମା' ପାଇଁ ଚାହା ବନେଇକରି ନେଇକରି ଆସୁଥିଲା । ମା' ଆପଣଙ୍କର ଆଜି ଛୁଟି । ଆପଣ ଏଠି ବସିକରି ଚାହା ପିଅନ୍ତୁ ।

ସବିତାର ମୁଣ୍ଡ କିଛି କାମ କରୁ ନଥାଏ । କିନ୍ତୁ ଅମର ଟାଣି କରି ସବିତାକୁ ନେଇଗଲେ ଶୋଇବା ଘରକୁ ଆଉ କହିଲେ ତୁମେ ଆଜି ପୂରା ଆରାମ କର । ଚାହା, ବିସ୍କୁଟ୍ ଖିଆ ସରିଲା ପରେ, ପୁଅ ଦିପୁ ବ୍ରେଡ ଆଉ ଅଣ୍ଡା ଆମଲେଟ୍ ନେଇ କରି ଆସିଲା ତା' ମା' ପାଖକୁ । ଅମର ଆସି ସବିତାର ମୁଣ୍ଡରେ ତେଲ ମାଲିସ୍ କରିଦେଲେ । ସବିତାକୁ ଟିକେ

ଆରାମ ଲାଗୁଥିଲା । ପୁଅ ଝିଅ କିନ୍ତୁ ମା'କୁ ବିଲକୁଲ୍ କାମ କରିବାକୁ ଦେଲେନି । ଦିନଯାକ ବସି ସବିତା ନିଜ ମନ ପସନ୍ଦର ଫିଲ୍ମ ଦେଖୁଥିଲା ଟି.ଭିରେ । ଆଉ ବସିକରି ଆନନ୍ଦ ନେଉଥିଲେ ସୁସ୍ୱାଦ ଖାଦ୍ୟର ।

ରାତିରେ ସମସ୍ତେ ଆସି ଶୋଇବାକୁ ଆସିଲେ । ଦିପୁ ମା'ଙ୍କୁ ପଚାରିଲା ମା' ଆଜି ଦିନ ଆପଣଙ୍କର କେମିତି କଟିଲା । ସବିତା କାହିଲେ,ବ ହୁତ ବଢିଆ । ଆଉ ଖୁସିରେ ଦୁଇ ଛୁଆଙ୍କୁ କୋଳକୁ ଟାଣି ନେଇ ଗେଲ କଲେ । କବିତା, କହିଲା ମା' ଆପଣ ଆମର ସ୍ୱପ୍ନକୁ ପୁରଣ କରିବାକୁ ଯାଇ ନିଜ ବିଷୟରେ ଭାବିବାକୁ ଭୁଲି ଯାଉଛନ୍ତି । କିନ୍ତୁ ଆଜି ଆମେ ବହୁତ ଖୁସି ଯେ ଆପଣଙ୍କର ଗୋଟିଏ ସ୍ୱପ୍ନକୁ ତ ପୁରଣ କରି ପାରିଲୁ ।

୨୧୭, ୟୁନିଟ-୯ ଫ୍ଲାଟ,
ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସୈନିକ ମୁଁ ସୀମାନ୍ତ ଯୋଦ୍ଧା



ଦେବାଶିଷ ପଧାନ

୧.ମୁଁ ସୀମାନ୍ତ ଯୋଦ୍ଧା ବୀର ସଇନୀକ ବୀରତା ମୋ ପରିଚୟ !
ଜନମ ମୋହର ଦେଶସେବା ପାଇଁ ମରିବାକୁ ନାହିଁ ଭୟ !!

୨.ଶତ୍ରୁର ଗୁଳିକୁ ଖାତିରି ନକରି ସୀମାରେ କରେମୁଁ ଯୁଦ୍ଧ !
ପଛଘୁଞ୍ଚା ନାହିଁ ଏ ବୀର ଜାତକେ ଅସ୍ତ୍ର ଶସ୍ତ୍ରେ ସ୍ୱୟଂ ସିଦ୍ଧ

୩.ଦେଶପ୍ରେମ ବହ୍ନି ହୃଦୟ ରେ ଜାଳ ରଖିବି ଜାତିର ଟେକ !
ନପାତ କରିବି ମୋ ଦେଶରୁ ଶତ୍ରୁ ସାଜିକ ଦେଶ ରକ୍ଷକ !!

୪.ପ୍ରାଣ ଠାରୁବଳ ଅଟେ ମାତୃଭୂମି ଏକଥା ରଖିବି ଧ୍ୟାନ !
ସେବା ପାଇଁ ତାର ଗଲେ ପଛେ ଯାଉ ମୋର ଏ ତୁଚ୍ଛ ଜୀବନ !!

୫.ସୈନିକ ବୋଲି ମୁଁ ଗର୍ବେ କହୁଅଛି ଫୁଲାଇ ମୋହର ଛାତି !
ଉଜାଗର ରହି ସୀମାରେ ଜଗିବି ନମାନ ଦିନକରାତି!!

ରିନବଚନ, ଆଗଲପୁର, ବଲାଙ୍ଗୀର

# ଫେରିବ ଦିନେ ନା ଦିନେ

ସୂର୍ଯ୍ୟପ୍ରକାଶ ନାୟକ

କେତେ ଆଶା ଆଉ ଆକାଂକ୍ଷା ସହିତ
ଗୃହିଁ ରହିଥିଲି ଯେବେ
ଦିନ ମାସ ଯାଇ ବର୍ଷ ବିତିଗଲା
ନ ଫେରିଲ ତୁମେ ସେବେ ||

ଛାଡ଼ିଗଲା ମନ ମଉଳଲା ଆଶା
ସ୍ଥିର କରିନେଲି ମନେ
ଉଡିଗଲା ପକ୍ଷୀ ନ ଫେରିଲା ଭଲ
ଫେରିବନ ଆଉ ଦିନେ ||

ପ୍ରେମର ବନ୍ଧନ ଥିଲେ ଯେ ନିବିଡ
ଆସିଯାଏ ଉଡ଼ା ପକ୍ଷୀ
ସେଇ ଭରଷାରେ ପୁଣି ଆଉଥରେ
ବସା ମୁଁ ଯେ ବାନ୍ଧିଅଛି ||

ନୂଆ ଋତୁତ ଆସି ହୃଦୟରେ ମୋର
ସଞ୍ଚାରିଲା ନୂଆ ଆଶା
ଫଗୁଣ ମଳୟ ବହିବା ଆଗରୁ
ସରିଲା ତିଆରି ବସା ||

ବସନ୍ତ ସରିକ ଗ୍ରୀଷ୍ମ ସରିଗଲା
ନ ମିଳଲା ତୁମ ଦେଖା
ପ୍ରତି ଥର ଭଳ ଏଥର ବି ତୁମେ
ଦେଇ ଗ୍ଳଲିଗଲ ଧୋକା ||

ନ ହୋଇ ନିରାଶ ରଖିଛି ବିଶ୍ବାସ
ଦିନେ ନା ଦିନେ ଫେରିବ
ଆଗମନେ ତୁମ ଅନ୍ତର ଆକାଶେ
ଖୁସି ବଉଦ ଘୋଟିବ ||

ଜାଣିନ ସେ ଦିନ କେବେ ଯେ ଆସିବ
ପାଖେ ପାଖେ ଥିବ ତୁମେ
ଆଉ ପୁଣି କେବେ ଛାଡ଼ି ଯିବ ନାହିଁ
ରହିଯିବ ସବୁ ଦିନେ ||

ରୋଲାଣ୍ଡ ଫାର୍ମାସୀ କଲେଜ
ବ୍ରହ୍ମପୁର, ଗଞ୍ଜାମ

# ତମେ ବାପା ବୋଲି



ଶୁକଦେବ ସାହୁ

କେନତେହି ତୁମେ ଛାତି ଭିତରେ
ଲୁକେଇ ପାରସ ଯୁଗଯୁଗର୍ ଦୁଖ-ଦରଦ୍।
ନର୍ବିକାର୍ ଭାବେଁ ମୁହେଁ ଫୁଟେଇ ପାରସ ହଁସି
ହିମାଲୟେ ସମ୍ ଉଜନ୍ ବୁହି ଭିଲ୍
କେନତେହି ଲଁହସି ନାଇଁ ଯାଏ ତମର୍ ଅଁଟା
କ ମୁହୁଁ ନାଇଁ ବାହାରେ 'ହାଏ'ବଲବାର୍
ସବଦଟେ।
ମାଇଲ୍ ମାଇଲ୍ ବାଟ୍ ଚାଲଲେ ଭି
କେନତେହି ତୁମେ ବସି ନାଇଁ ପଡ ଲଥ୍ କରି
କ ବରସ୍ ତମାମ୍ ଖଟିଖଟି
ସୁଖି ନାଇଁ ଯାଏ ଦିହିଁର୍ ରକତ୍।
ତମେ ବାପା ଅ କାଁଏସେ
ନାହେଲେ ଜାନ ନାଇଁ ପାରତ
ଭୋକ ଆରୁ ଶୋଷ କାଣା
କାଣା ଦିନ ଆରୁ ରାଏତ୍
ଜାନ ନାଇଁ ପାରତ
ଉସିଁନ୍ଦ୍ରା-ଝୁମାର ଫରକ୍
ସୁଖ୍-ଦୁଖ୍ ଭିତରର୍ ତଫାତ୍
ଛୁଆପୁତାକୁ ମୁନୁସ୍ କରବାର ଲାଗି
ନାଇଁ ଜଲୁଥିତ ଅହରହ
ସଏଲତା ବାଗିର୍ କରପୁଡା ହେବାର ଯାଏ

ଖାରୀ, ତରଭା, ସୁବର୍ଣ୍ଣପୁର

# ମୋ ଗାଁ

କୁମାର ସଞ୍ଜୟ

ବୁଲିବୁଲି କେତେ ଦେଖିଲି ଜଗତେ,
କାହିଁ କାହିଁ କେତେ ଦୂର,
ସବୁଠାରୁ ବେଶୀ ଭଲ ତ ଲାଗଇ,
ମୋର ଗାଁ ପିପଲଡାବର ।
ଜନମିଥିଲି ଯେ ଏ ଗାଁ କୋଳେ ମୁହିଁ,
ଖେଳଥିଲି ଏହାର କୋଳେ
ଏ ଗାଁର ନଡା, ଖୁଳ, ଛପର ଘରେ,
ଚଳନ୍ତି ସର୍ବେ ସାବଲୀଳେ ।
ଗାଁର ବିଲ ବଣ ଫୁଲ ଫଳ ଶସ୍ୟ,
ପାଣି ପବନ ଖୁଳଘର
ଖାଇପିଇ ଏଠି ମୁଁ ବଡ ହୋଇଲି
ଗୁରୁଜନେ ଦେଲେ ଆଦର ।
ଗ୍ରରିଆଡେ ଅଛି ନକଟୁ ସୁଦୂର,
ଘଞ୍ଚ ବନାନୀର ସମ୍ଭାର,
କେତେକେତେ ଫୁଲ, ଫଳରେ ଯେ ଭରା
ସୁଗନ୍ଧିତ ଓ ମନୋହର ।
ଗାଁ ପଶ୍ଚିମତୀରେ ଶୋଭେ ଦିଶୁଥାଏ
ପ୍ରାଚୀର ପରି ପରବତ
ଝରଝର ହୋଇ ଝରି ଆସୁଥାଏ
ଝରଣା ଜଳ ଅବିରତ ।
ଗ୍ରଷୀ ପିଲା ତାର ନିତି କାମ ସାରି
ବିଶ୍ରାମ ଆଶାରେ ଯେ ବସେ
ଝରଣାର ନୀର ପାନ କରି ସିଏ
ତୃଷା ମେଣ୍ଟାଇ ଆପେ ହସେ ।
ଦିଗନ୍ତ ବ୍ୟାପି ଶୋଭିତ ବିଲ ଶସ୍ୟ
ଧରାର ଏ ହରିତ ବେଶ,
ମରତରେ ଲାଗେ ଏ ସରଗଧାମ
ଦର୍ଶନେ ମେଣ୍ଟେ ଅବଶୋଷ ।
ଗାଁ ର ରାସ୍ତା କଡେ ଅଛି ଅମ୍ବ ତୋଟା
ଚୁତ ବକୁଳରେ କ ଶୋଭା
ମନମହକିଆ ମହକ ତୋଟାର
କ ରୂପେ ବର୍ଣ୍ଣିବି ସେ ଆଭା ।
ପିଲାଦିନେ ଖେଳ ମୁହିଁ ଆମ୍ବତୋଟେ
ହସି ଖୁସିରେ ସାଙ୍ଗମେଳେ,
ଖାଉଥିଲୁ ଆମେ ପକ୍ୟ ଆମ୍ବ କେତେ
ବହି ଏ ଆମ୍ବ ତୋଟା ମୂଳେ
ଗାଁ ଛକର ସେ ବରଗଛ ମୂଳେ,
ଦୋଳୁଥିଲୁ ବର ଓହଳେ
ସାଥି ପିଲାମେଳେ ହୋଇ ଏକଠୁଳ,
ମାତୁଥିଲୁ ଯେ ହୋଲି ଖେଳ ।
କେଡେ ମନୋଲୋଭା ଗାଁ ପୋଖରୀ ତୁଠ,
ଭୁଆସୁଣୀ ମାଜେ ପାଉଜ,
ପୋଷ୍କରଣୀ ଶୋଭା କାଚ କେନ୍ଦୁ ଜଳ
ଫୁଟି ଶୋହେ କଇଁ ପଙ୍କଜ ।

ମିଠା ମିଠା କଥା କେତେ ତଟା ମଜା
ସବୁରି ମନର ଯେ ଭୂଷା
ପରିବାର କଥା ଏକତାର ବଳ,
ଏଠି ହୁଏ କେତେ ଯେ ଯାନଯାତର୍
ସଭିଏଁ ଦେଖନ୍ତି ଏକନ୍ତ୍ର
ଗ୍ଗରଷା ଅଭିମାନ ପର୍‌ପର
ନାହିଁ ଏଠି ମୋ ଗାଁ ପବିତ୍ର ।
ସତ୍ୟ, ପିରତୀ ସ୍ନେହ ପ୍ରେମ ସହୋଦର
ସଭିଁଏ କରନ୍ତି ବିଗ୍ଭର
ପରସ୍ପର ପ୍ରତି ଭ୍ରାତୃ ବନ୍ଧନରେ
ବାନ୍ଧି ହୁଅନ୍ତି ଏକାକାର ।
ଥିଲେ ଥାଉ ପଛେ ହଜାର ହଜାର
ଏ ପୂଣ୍ୟ ମାଟି ଧର୍‌ଧାମେ,
ମୋ ଗାଁ ଖ୍ୟାତ ବଡଝାନକରପାଲି
ଓ ପିପଲଡାବର ନାମେ ।
କେତେ ପୁଣ୍ୟର ବଳେ
ଜନମିଲି ଏ ଗାଁର କୋଳେ
ମା ଠାରୁ ବଳ ପ୍ରିୟ ଏ
ସରଗଠାରୁ ବଳ ଏ
ମମତାମୟୀ କରୁଣାମୟୀ ଗାଁ
ଜୀବନେ ମୁଁ ରଖିବି ଏହା ନାଁ ।

ଶିକ୍ଷକ, ବଡଝାନକରପାଲି

# ରମ୍ୟରଚନା- ସଇତାନର ସ୍ୱୀକାରୋକ୍ତି

ଡକ୍ଟର ନାରାୟଣ ମହାନ୍ତି

ଦୀର୍ଘ ୩୫ ବର୍ଷ ପରେ ପୁଣି ଗାଆଁକୁ ଆସିବାର ସୌଭାଗ୍ୟ ଲଭିଥିଲି । ଆସିବା ଆଗରୁ ମୋ ଲାଗି ଏକ ବଖରା ଘର ତିଆରି କରିଦେବା ପାଇଁ ଭାଇକୁ ବରାଦ ଦେଇଥଲି । ଏଥିଲାଗି ଆବଶ୍ୟକ ଅର୍ଥ ପ୍ରଦାନ କରିବାରେ ସାମାନ୍ୟ ହେଳା କରିନଥିଲି । ମୋ'ର ମାସ ମୁତାବକ ସେ ଗାଧୁଆଘର ଓ ପାଇଖାନା ସଂଲଗ୍ନ ବଖରାଏ ଘର ତିଆରି କରିଦେଇଥିଲା ।

ଉଲ୍ଲେଖଯୋଗ୍ୟ ଯେ, ଆମ ରାଜ୍ୟରୁ ସ୍ନାତକ ଓ ପଡ଼ୋଶୀ ରାଜ୍ୟରୁ ସ୍ନାତକୋତ୍ତର ଶିକ୍ଷା ଶେଷ କରି ୧୯୮୦ରେ ପିଏଚ୍.ଡି. କରିବା ପାଇଁ ୟୁ.ଏସ୍. ଏ. ଗ୍ଲିଯାଇଥିଲି । ପିଏଚ୍.ଡି. କାମ ସାରି ସେଠାରୁ କନ୍ତୁ ଆଉ ସ୍ୱଦେଶକୁ ବାହୁଡ଼ିନଥିଲି । ୟୁ.ଏସ୍.ଏ.ରେ ଗ୍କରି କଲି ଏବଂ ସେଠାର ନାଗରିକତା ଗ୍ରହଣ କଲି । ଅବସର ଗ୍ରହଣ ପରେ ଜନ୍ମଭୂମି କଥା ତୁହାକୁତୁହା ମନେପଡ଼ିଲା । ସ୍ୱଦେଶରେ ବୁଲିଆସିବା ପାଇଁ ସ୍ଥିର କଲି । ସେହି ଅନୁସାରେ ଦୀର୍ଘ ପ୍ରାୟ ୪ ଦଶନ୍ଧି ପରେ ୨୦୧୯ରେ ମାତୃଭୂମିରେ ମୋର ପାଦ ପଡ଼ିଥିଲା । କଛିଦିନ ଦିଲ୍ଲୀ ଓ କଛିଦିନ ଭୁବନେଶ୍ୱରରେ ବିତାଇ ସାରି ଗାଁକୁ ଆସିଥିଲି । ଏଠାରେ ଏକ ସପ୍ତାହ ରହଣି ପାଇଁ ମୋର ଯୋଜନା ଥିଲା ।

ଗାଆଁରେ ରହିବା ଭିତରେ ମୋର ବିଦ୍ୟାଳୟକୁ ଯାଇଥିଲି । ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କ ସହ କଥା ହେଲି । ବିଦ୍ୟାଳୟକୁ ଆର୍ଥିକ ସାହାଯ୍ୟତା ପ୍ରଦାନ କରିବାକୁ ଘୋଷଣା କଲି । ମୋର ସହପାଠୀ ଗୋବିନ୍ଦ ମହାପାତ୍ରଙ୍କ କଥା ଭାରି ମନେପଡ଼ିଥିଲା । ସେ ବିଦ୍ୟାଳୟରେ ମୋର ସବୁଠାରୁ ଭଲ ସାଙ୍ଗ ଥିଲେ । ମାଟ୍ରିକ ପାସ କଲା ପରେ କନ୍ତୁ ଆଉ ନପଢ଼ି ଗାଆଁରେ ରହିଯାଇଥିଲେ । ତାଙ୍କୁ ସାକ୍ଷାତ କରିବା ପାଇଁ ମୋର ମନ ବ୍ୟାକୁଳ ହୋଇ ଉଠିଥିଲା ।

ପରଦିନ ଗୋବିନ୍ଦଙ୍କୁ ଦେଖା କରିବାକୁ ତାଙ୍କ ଗାଆଁରେ ପହଞ୍ଚିଥିଲି । କନ୍ତୁ ସେଠାରେ ଶୁଣିଲି ଯେ... ଶୁଣିଲି ଯେ, ଧର୍ଷଣ ଓ ହତ୍ୟା ଅଭିଯୋଗରେ ସେ କେନ୍ଦ୍ରୀୟ ଜେଲରେ ସଜା ଭୋଗୁଛନ୍ତି । ତାଙ୍କୁ ଆଜୀବନ କାରାଦଣ୍ଡର ଆଦେଶ ହୋଇଛି । ଏହା ଶୁଣି ମୋର ଚନ୍ତା ଓ

ଚେତନା ହଠାତ୍ ବିଭ୍ରାଟ ହୋଇଗଲା । ମୁଁ ଏ କଥା ବିଶ୍ୱାସ କରିବାକୁ ଆଦୌ ପ୍ରସ୍ତୁତ ନଥିଲି । କିନ୍ତୁ ମୁଁ ଜାଣିଥିଲି, ସତ୍ୟ ହିଁ ସତ୍ୟ । ଏହା କାହାର ବିଶ୍ୱାସ ଉପରେ ନିର୍ଭର କରେନାହିଁ । ସୁତରାଂ ଅତ୍ୟନ୍ତ ଭାରାକ୍ରାନ୍ତ ମନରେ ସେଠାରୁ ବାହୁଡ଼ିଲି ।

ତହିଁ ଆରଦିନ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୯ଟାରେ କେନ୍ଦ୍ରୀୟ ଜେଲରେ ପହଞ୍ଚିଗଲି । କିନ୍ତୁ ସେଠାରେ ଖବର ପାଇଲି ଯେ, ଗୋବିନ୍ଦ ରୋଗଗ୍ରସ୍ତ ହୋଇ ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତାଙ୍କ ୱାର୍ଡ଼ର ନାମ ଓ ବେଡ଼ର ନମ୍ବର ଟିପି ଆଣି ଫେରିଥିଲି ।

ସେଠାରୁ ଆସି ସିଧା ବଡ଼ ଡାକ୍ତରଖାନାକୁ ଯାଇଥିଲି । ଗୋବିନ୍ଦଙ୍କ ପାଖରେ ପହଞ୍ଚିବାକୁ କିଛି ଅସୁବିଧା ହୋଇନଥିଲା । ସେ ବେଡ଼ରେ ଶୋଇ ଖବରକାଗଜ ପଢୁଥିଲେ । ମୁଁ ତାଙ୍କ ନାଆଁ ଧରି ଡାକନ୍ତେ ସେ ମୋ ଆଡ଼କୁ ଚାହିଁଥିଲେ ଏବଂ ତତ୍କ୍ଷଣାତ ମୋତେ ଚିହ୍ନିନେଇଥିଲେ । ମୋତେ ଦେଖି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ; ତା' ପରେ କିନ୍ତୁ ଭାରି ଖୁସି ହୋଇଥିଲେ । ପାଖରେ ବସି ଖବରକାଗଜର କ୍ରୋଡ଼ପତ୍ର ପଢୁଥିବା ପୁଲିସ ଗାର୍ଡ଼ ସହ ମୋର ପରିଚୟ କରାଇଦେଇଥିଲେ । "ତୁମେ ପୁରୁଣା ସାଙ୍ଗ ସହ କଥା ହୁଅ । ମୁଁ ଆସୁଛି । ସାଙ୍ଗଙ୍କୁ କହିବ, ଗଲାବେଳେ ମୋ କଥା ବୁଝିଦେବେ", କହି ଗାର୍ଡ଼ ସେଠାରୁ ଚାଲିଗଲେ । ମନର କୌତୁହଳକୁ ଚାପିରଖି ମୁଁ ପ୍ରଶ୍ନ କଲି, "ଗୋବିନ୍ଦ! ଏ କ'ଣ ହେଲା?" ସେ କିନ୍ତୁ ନିର୍ବିକାର ଚିତ୍ତରେ ଉତ୍ତର ଦେଲେ, "ଯାହା ଘଟିଛି, ତାହା ମୁଁ ନିଜ ମତେ ଭିଆଇଛି ।" "କିନ୍ତୁ, କାହିଁକି?" ଆଶ୍ଚର୍ଯ୍ୟଚକିତ ହୋଇ ମୁଁ ପୁଣି ପଚାରିଥିଲି । "ଯଦି ଶୁଣିବାକୁ ଚାହୁଁଛ, ତେବେ ଶୁଣ," କହି ସେ ତାଙ୍କ କାହାଣୀ ଆରମ୍ଭ କରିଥିଲେ ।

"ବାପାଙ୍କର ମୃତ୍ୟୁ ପରେ ମୋ ଜୀବନରେ ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥିଲା । ପ୍ରଥମେ ଜମିବାଡ଼ିକୁ ନେଇ ଭାଇ ସଙ୍ଗେ ବିବାଦର ସୂତ୍ରପାତ ହେଲା । ସମୟକ୍ରମେ ଏହା ଘନେଇବାକୁ ଲାଗିଲା । ଭାଇ ଓ ତା'ର ପିଲାମାନଙ୍କଠାରୁ ମୋ ଜୀବନ ପ୍ରତି ବିପଦ ଦେଖାଦେଲା । ଶେଷ ପର୍ଯ୍ୟନ୍ତ ଏହି ବିବାଦ ଲାଗିରହିଥିଲା ।"

"ଏକମାତ୍ର ଅଲିଅଳ ଝିଅକୁ ମନଲାଖି ଜାଗାରେ ବାହାଦେଇଥିଲି । କିଛି ଜମି ବିକି ବରାଦ ମୁତାବକ ଯୌତୁକ ଦେଇଥିଲି । ବାହାଘରର ବର୍ଷକ ଭିତରେ ସେ ଗର୍ଭବତୀ ହୋଇଥିଲା । ଆମେ ଦିପ୍ରାଣୀ ବହୁତ ଖୁସି ହୋଇଥିଲୁ । ସାଧ ନେଇ ତା' ପାଖକୁ ଯାଇଥିଲୁ । କିନ୍ତୁ ପ୍ରସବକାଳରେ ଉଭୟ ମାଆ ଓ ପିଲା ମୃତ୍ୟୁବରଣ କରିଥିଲେ । ଆମେ ସ୍ୱାମୀ-ସ୍ତ୍ରୀ ଭାଙ୍ଗି

ପଡ଼ିଥିଲୁ । ତା'ପରେ ସ୍ତ୍ରୀ ମୋର ବେମାର ପଡ଼ି ଶଯ୍ୟାଶାୟୀ ହୋଇଥିଲେ । ତାଙ୍କ ଅବସ୍ଥା କ୍ରମଶଃ ଖରାପ ଆଡ଼କୁ ଗତି କରିଥିଲା । ପ୍ରାୟ ବର୍ଷେ ରୋଗଶଯ୍ୟାରେ ଘାଣ୍ଟି ହୋଇ ସେ ଆରପାରିକୁ ଚାଲିଯାଇଥିଲେ ।"

"ଆଉ ପୁଅ କଥା ନକହିଲେ ଭଲ । ଗାଆଁ କଲେଜରେ ବି.ଏ. ପଢୁଥିଲା । ପାସ କରିଛି କି ନାହିଁ ମୁଁ ଜାଣେନା । ଚାକରି ପଛରେ ଧାଇଁଥିଲା; ଚାଷକାମରେ ଲାଗିନଥିଲା । ହାତକୁ ଦି'ହାତ କରିଦେଲି । ତା'ପରେ ଶଳା ସହ ବିଦେଶ ଚାଲିଗଲା । ସ୍ତ୍ରୀକୁ ବି ସାଙ୍ଗରେ ନେଇଗଲା । ଘର ସହ ସମ୍ପର୍କ କାଟିଦେଲା । ଶୁଣିଲି, ବାଙ୍ଗାଲୋରରେ ରହୁଛି । ସେଠି ଚାକରି କରିଛି । ନାତିକୁ ଇଂରେଜୀ ସ୍କୁଲରେ ପଢ଼ାଉଛି ।"

"ଏକୁଟିଆ ବାଆଁରା ଜୀବନରେ ଥରେ ଜରରେ ପଡ଼ିଲି । ଔଷଧ ପାଇଁ ଡାକ୍ତରଖାନାକୁ ଯାଇପାରିଲିନାହିଁ । ପଡ଼ୋଶୀମାନେ ଭାଇରସ ଡରରେ ମୋ ପାଖ ମାଡ଼ିନଥିଲେ । ଛାଡ଼..." ଅଳ୍ପ ସମୟ ରହି ଗୋବିନ୍ଦ ପୁଣି କହିଲେ, "ନିଃସଙ୍ଗତା ମୋ ମନରେ ଆଶଙ୍କା ଭରିଦେଇଥିଲା । ଭାବିଲି, ବୟସ ବଢ଼ିବା ସଙ୍ଗେସଙ୍ଗେ ଗୋଡ଼ହାତ ଶିଥିଳ ହୋଇଯିବ । ଆଉ ରୋଷେଇବାସ କରିପାରିବିନାହିଁ । ରୋଗରେ ପଡ଼ିଲେ ପଡ଼ିଶା ସାହାଯ୍ୟ କରିବାକୁ ବାହାରିବେନାହିଁ । ଭାଇ ଓ ତା' ପିଲାମାନଙ୍କଠାରୁ ଜୀବନ ପ୍ରତି ବିପଦ ତ ଲାଗିରହିଥିଲା । ଏହିପରି ଯାବତୀୟ ମାନସିକ ଦୁଃଶ୍ଚିନ୍ତା ଦେଇ ଗତି କରୁଥିବାବେଳେ ସାନ ଟୁକୁନା ସହ ଦେଖା ହୋଇଗଲା । ସେ ନରହତ୍ୟା କରି ୧୪ ବର୍ଷ ସଜା କାଟି ଜେଲଖାନାରୁ ମୁକୁଳିଥିଲା । ଜେଲରୁ ବାହାରିବା ପରେ ଅଞ୍ଚଳରେ ତା'ର ଭାଉ ବଢ଼ିଯାଇଥିଲା । ଲୋକମାନେ ତାକୁ ଭୟ କରୁଥିଲେ ଏବଂ ଭୟରୁ ତା' ପ୍ରତି ଖାତିର ଜାତ ହୋଇଥିଲା । ମୋ ଆଗରେ ସେ ଜେଲ ଜୀବନର ସ୍ମୃତି ଓ ଅନୁଭୂତି ବଖାଣି ଥିଲା । ମୋ ପରି ନିଃସଙ୍ଗ ଜୀବନ ବିତାଉଥିବା ଶ୍ରୋତା ପାଇ ସେ ଅବଶ୍ୟ ଖୁସି ହୋଇଥିଲା । ତା' କଥାର ସାରାଂଶ ଥିଲା ଯେ, ଜେଲଖାନାରେ ରହିଲେ ଖାଦ୍ୟ, ବସ୍ତ୍ର, ବାସ, ଚିକିତ୍ସା, ସୁରକ୍ଷା ଆଦିର ଚିନ୍ତା ନଥାଏ । ସରକାର ବାହାଦୁର ଏସବୁ ମୌଳିକ ଆବଶ୍ୟକତା ଯୋଗାଇଦେଇଥାନ୍ତି । ତା' କଥାକୁ ପ୍ରଥମେ ମୁଁ ବିଶ୍ୱାସ କରୁନଥିଲି । ଭାବୁଥିଲି, ଅନାହାରରେ ଶଢୁଥିବା ଲୋକଙ୍କୁ ତ ସରକାର ଖାଦ୍ୟ ଯୋଗାଉ ନାହାନ୍ତି । ଶୀତକାକରରେ ଥରୁଥିବା ଲୋକଙ୍କୁ ତ ଖଣ୍ଡେ ଲେଖାଏଁ ଶୀତବସ୍ତ୍ର ଦେଉନାହାନ୍ତି । ବାସ ନଥାଇ ଗଛତଳେ ବା ପ୍ଲାଟଫର୍ମରେ ଜୀବନ ବିତାଉଥିବା ଲୋକଙ୍କ ପାଇଁ ତ ବାସଗୃହ ତିଆରି କରୁନାହାନ୍ତି । ରୋଗଗ୍ରସ୍ତ ଲୋକଙ୍କ ଚିକିତ୍ସା ନିମିତ୍ତ ତ ଆବଶ୍ୟକ ଡାକ୍ତର ଓ ଔଷଧର ବ୍ୟବସ୍ଥା କରୁନାହାନ୍ତି । ସାରକାରଙ୍କୁ ସୁରକ୍ଷା ମାଗୁଥିବା

ଲୋକ ତ ତାହା ନପାଇ ଦିନ ଦିପହରରେ ହତ୍ୟାର ଶୀକାର ହେଉଛନ୍ତି । ସାଧାରଣ ଲେକାଙ୍କୁ ମୌଳିକ ଆବଶ୍ୟକତା ଯୋଗାଇ ପାରୁନଥିବା ସରକାର ଯେ ଜେଲଖାନରେ ଥିବା କଇଦୀମାନଙ୍କୁ ଏସବୁ ଯୋଗାଇ ଦେଉଥିବେ, ଏ କଥାକୁ ମୁଁ ପ୍ରଥମେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲି । ମାତ୍ର ସାନ ଟୁକୁନାଠାରୁ ବାରମ୍ବାର ଏସବୁ ଶୁଣି ମୁଁ କ୍ରମଶଃ ତାହା ବିଶ୍ୱାସକୁ ନେଇଥିଲି । ଥରେ ସେ ଉଦାହରଣ ଦେଇ କହିଥିଲା ଯେ, ଧର୍ଷଣ କରି ୭ ବର୍ଷ ସଜା କାଟିବା ପରେ ଜେଲରୁ ମୁକୁଳବାବେଳେ କନ୍ଦର୍ବା ଓରଫ କନ୍ଦର୍ପ ସେମାନଙ୍କ ଆଗରେ ଭେଭେ ହୋଇ କାନ୍ଦିଥିଲା ଏବଂ କହିଥିଲା ଯେ, ସେ ଶୀଘ୍ର ପୁଣି ଥରେ ଧର୍ଷଣ କରି ସେମାନଙ୍କ ପାଖକୁ ଫେରିଆସିବ । କନ୍ଦର୍ବା ଯାହା କହିଥିଲା, ତାହା ଅକ୍ଷରେ ଅକ୍ଷରେ ପାଳନ କରିଥିଲା । ମାତ୍ର ଛଅମାସ ଭିତରେ ସେ ପୁଣି ଥରେ ଧର୍ଷଣ କରି ଜେଲଖାନାକୁ ବାହୁଡ଼ି ଆସିଥିଲା ।”

“ଜେଲଖାନାକୁ ଉପଯୁକ୍ତ ସ୍ଥାନ ମନେକରି ମୁଁ ସେଠାକୁ ଯିବାକୁ ପ୍ରସ୍ତୁତ ହୋଇଗଲି । ଭାଇକୁ ହତ୍ୟା କରି ଜେଲ ଯିବାକୁ ପ୍ରଥମେ ଯୋଜନା କରିଥିଲି । ମାତ୍ର ପରେ ତହିଁରେ ପରିବର୍ତ୍ତନ ଆଣି ସୁଯୋଗକୁ ଅପେକ୍ଷା କରି ରହିଲି । ଦିନେ ସନ୍ଧ୍ୟାରେ ଜନୈକ ପଡ଼ୋଶୀର ଝିଅକୁ ନଦୀବନ୍ଧରେ ଏକୁଟିଆ ପାଇ ପାଖ ଜଙ୍ଗଲକୁ ଟେକନେଇଥିଲି । ସେଠି ତାକୁ ଧର୍ଷଣ କରି ଯୌନାଗ୍ନିର ମଜା ଉଠାଇଥିଲି । ତା'ପରେ ଭାବିଲି, ଖାଲି ଧର୍ଷଣ କଲେ ୭ ବର୍ଷ ଜେଲରେ ରହି ଖଲାସ ହୋଇଯିବି । ଜେଲରୁ ଫେରି କ'ଣ କରିବି...ମାରିଦେଲେ ତ ଯାବଜ୍ଜୀବନ କାରାଦଣ୍ଡ ହୋଇଯିବ । ତେଣୁ ତା'ର ତଣ୍ଟି ଚପି ତାକୁ ହତ୍ୟା କରିଥିଲି ।”

“ତା' ପରେ... ତା'ପରେ ପୁଲିସ ମୋତେ ଗିରଫ କରି ଜେଲଖାନାକୁ ପଠାଇଦେଇଥିଲା । ସାନ ଟୁକୁନାଠାରୁ ଜେଲ ଜୀବନ ସମ୍ପର୍କରେ ଯାହା ଶୁଣିଥିଲି, ତା'ର ସତ୍ୟତା ସେଠାରେ ଉପଲବ୍ଧି କରିଥିଲି । ମନେପଡ଼ିଥିଲା, ମୋ ବାହାଘର ପରେପରେ ସ୍ତ୍ରୀଙ୍କ ସହ ତାଙ୍କ ଘରକୁ ଯାଇ ୩ଦିନ ରହିଥିଲି । ସେ ୩ଦିନ ତାଙ୍କ ଘରେ ଯେପରି ନିଶ୍ଚିନ୍ତରେ ବିତିଥିଲା, ଜେଲରେ ପ୍ରତ୍ୟେକ ଦିନ ସେହିପରି ବିତିଲା ।”

ତତ୍ପରେ ଗୋବିନ୍ଦ ବନ୍ଦୀମାନଙ୍କର କାର୍ଯ୍ୟନିର୍ଘଣ୍ଟ ବା ଦୈନନ୍ଦିନ କାର୍ଯ୍ୟର ବିବରଣୀ ପ୍ରଦାନ ପୂର୍ବକ ଜେଲ ଜୀବନର ଏକ ନିଛକ ଚିତ୍ର ପ୍ରଦାନ କରିଥିଲେ । “ସକାଳ ଛଅଟାରେ ୱାର୍ଡ଼ଗୁଡ଼ିକର ତାଲା ଖୋଲାଯାଏ ଏବଂ ଆମମାନଙ୍କୁ ଗଣନା କରାଯାଏ । ତା'ପରେ ଆମେମାନେ ପ୍ରାର୍ଥନା କରିବାକୁ ଯାଉ । ମଣିଷ ଜୀବନରେ ପ୍ରାର୍ଥନାର ମହତ୍ତ୍ୱ ନିଶ୍ଚୟ ରହିଛି । ଆମେ କିନ୍ତୁ ସ୍କୁଲ ଛାଡ଼ିବା ପରେ ପ୍ରାର୍ଥନାକୁ ଭୁଲିଯାଇଥିଲୁ । ଜେଲଖାନା ଆମକୁ

ପୁଣି ସେ ସୁଯୋଗ ଆଣିଦେଲା । ସକାଳ ୬ଟା ୩୦ଠାରୁ ୭ଟା ୩୦ ପର୍ଯ୍ୟନ୍ତ ନିତ୍ୟକର୍ମ ପାଇଁ ଉଦ୍ଦିଷ୍ଟ ଥାଏ । ଏହି ଏକଘଣ୍ଟାରେ ଆମେ ଝାଡ଼ା ଯାଉ, ଦାନ୍ତ ଘଷୁ, ସ୍ନାନ କରୁ । ଘରେ ଥିଲାବେଳେ ଦାନ୍ତ ଘଷିବା ପାଇଁ ଟୁଥପେଷ୍ଟ ଅଛି କି ନାହିଁ, ଗାଧୋଇବା ପାଇଁ ତେଲ ଅଛି କି ନାହିଁ, ସେସବୁର ଚିନ୍ତା ଥାଏ । ମାତ୍ର କାରାଗାରରେ ଏସବୁ ଠିକ୍ ସମୟରେ ମିଳିବାରେ କିଛି ଅସୁବିଧା ହୋଇନଥାଏ । ଆମର ନିତ୍ୟକର୍ମ ସରିଲେ ଆମକୁ ଚାହା ଯୋଗାଇ ଦିଆଯାଏ । ଘରେ ଥିଲେ ଚାହା କପେ ପାଇଁ... ।"

"ସକାଳ ୮ଟାଠାରୁ ୮ଟା ୩୦ ପର୍ଯ୍ୟନ୍ତ ଜଳଯୋଗ ବା ବ୍ରେକ୍‌ଫାଷ୍ଟ ପର୍ବ ଚାଲେ । କେଉଁଦିନ ଉପମା ଓ ଘୁଗୁନି, କେଉଁଦିନ ଚୁଡ଼ା ସନ୍ତୁଳା ସହ ଘୁଗୁନି ଦିଆଯାଏ । ଜଳଖିଆ ଖାଇଲାବେଳେ ମୋର ଘରକଥା ମନେପଡ଼େ । ଛି, ଛି. ଛି... । ୮ଟା ୩୦ଠାରୁ ୧୧ଟା ପର୍ଯ୍ୟନ୍ତ ଅମେ କର୍ମକ୍ଷେତ୍ରରେ ରହୁ । ଯାହାକୁ ଯେଉଁ କାର୍ଯ୍ୟ ଦିଆଯାଇଥାଏ, ସେ ସେହି କାର୍ଯ୍ୟରେ ନିୟୋଜିତ ରହନ୍ତି । ମଣିଷ ଜୀବନରେ ଶାରୀରିକ ଶ୍ରମର ଆବଶ୍ୟକତା ରହିଛି। ତାହା ଶରୀର ଓ ମନକୁ ଠିକ୍ ରଖେ । ୧୧ଟାଠାରୁ ୧୨ଟା ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ବିରତି ମିଳେ । ମଧ୍ୟାହ୍ନଭୋଜନରେ ଭାତ ବା ରୁଟି, ଡାଲି, ତରକାରି, ଶାଗ ବା ଖଟା ଦିଆଯାଏ । ସପ୍ତାହରେ ତିନିଦିନ ଆମିଷ ଭୋଜନର ବ୍ୟବସ୍ଥା ହୁଏ । ଦିନେ ମାଛ, ଦିନେ ମାଂସ ଓ ଦିନେ ଅଣ୍ଡା ମିଳେ । ହେ ବନ୍ଧୁ! କୁହତ, ଭାରତବର୍ଷରେ କେତେ ଜଣ ଲୋକ ସପ୍ତାହରେ ତିନିଦିନ ଆମିଷ ଭକ୍ଷଣର ସୁଯୋଗ ଲଭନ୍ତି? ପୁଣି, ସେହି ତିନି ଦିନରୁ ଦିନେ ମାଛ, ଦିନେ ମାଂସ ଓ ଦିନେ ଅଣ୍ଡା ଖାଇବାକୁ ପାଆନ୍ତି?" ମୋ ପ୍ରତି ଏହି ପ୍ରଶ୍ନବାଣ ନିକ୍ଷେପ କରି ଗୋବିନ୍ଦ କ୍ଷଣକ ପାଇଁ ନୀରବ ରହିଥିଲେ ।

ସେ ପୁଣି କହିଲେ, "ମଧ୍ୟାହ୍ନ ଭୋଜନ ସାରି ଆମେ ୱାର୍ଡ଼କୁ ଫେରିଯାଉ ଏବଂ ତା'ପରେ ତାହା ତାଲା ଦିଆଯାଏ । ଦିନ ୧୨ଟାଠାରୁ ୩ଟା ପର୍ଯ୍ୟନ୍ତ ଆମର ବିଶ୍ରାମ ପାଇଁ ଉଦ୍ଦିଷ୍ଟ ଥାଏ। ଏହି ସମୟରେ ତାସଖେଳ, ମଜାଗପ ଆଦିରେ ଆମେ ମଜ୍ଜିଯାଉ । ଦିନ ୩ଟାରେ ୱାର୍ଡ଼ର ତାଲା ଖୋଲାଯାଏ ଏବଂ ଆମେ ପୁଣି କାର୍ଯ୍ୟକ୍ଷେତ୍ରକୁ ଯାଇ ସେଠାରେ ୫ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ ରହୁ । ୫ଟାଠାରୁ ୫ଟା ୩୦ ଭିତରେ ନିତ୍ୟକର୍ମ ଶେଷ କରୁ । ତା'ପରେ ୫ଟା ୩୦ରେ ରାତ୍ରିଭୋଜନ ପରିବେଷଣ କରାଯାଏ । ଏଥିରେ ଭାତ ବା ରୁଟି, ଡାଲମା ବା ତରକାରି ଦିଆଯାଏ । ସନ୍ଧ୍ୟା ନହେଉଣୁ ରାତ୍ରିଭୋଜନ କରିବା ପ୍ରଥମେ ମୋତେ ଆରେଇ ନଥିଲା । କିନ୍ତୁ କ୍ରମଶଃ ମୁଁ ଏଥିରେ ଅଭ୍ୟସ୍ତ ହୋଇଗଲି । ଅବଶ୍ୟ ଆମ ଗାଆଁକୁ ଆସୁଥିବା ମହିମାଧର୍ମର ସନ୍ୟାସୀମାନଙ୍କ କଥା ମୋର ମନେପଡୁଥିଲା ।

ସେମାନେ ସୂର୍ଯ୍ୟାସ୍ତ ପୂର୍ବରୁ ରାତ୍ରିଭୋଜନ ସମାପନ କରୁଥିଲେ । ଏହା ଦେହ ଓ ମନକୁ ସୁସ୍ଥ ରଖି ଆଧ୍ୟାତ୍ମ ପଥରେ ଆଗେଇନେବାରେ ସାହାଯ୍ୟ କରେ ବୋଲି କରୁଥିଲେ ।"

ଏହିଠାରେ ଗୋବିନ୍ଦକୁ ବାଧାଦେଇ ମୁଁ କହିଲି, "ଏବେ ଆମର ବୈଜ୍ଞାନିକମାନେ ଠିକ୍ ଏହି କଥା କହୁଛନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ରାତ୍ରିଭୋଜନ କରିନେଲେ, କେତେ ଯେ ଉପକାର ମିଳେ, ତାର ଇୟତା ନାହିଁ ।" ମୋ କଥାରେ ଅଧିକ ଉତ୍ଫୁଲିତ ହୋଇ ଗୋବିନ୍ଦ କହିଲେ, "ମହିମାଧର୍ମକୁ ବଦ୍‌ଦେଲେ ଭାରତରେ ଖାଲି ଜେଲଖାନ ଗୁଡ଼ିକରେ ହିଁ ଏହି ତତ୍ତ୍ୱକୁ ପାନନ କରାଯାଇଥାଏ । ହଁ, ସନ୍ଧ୍ୟା ୬ଟାରେ ଆମେ ପୁଣି ୱାର୍ଡ଼କୁ ଫେରିଆସୁ ଏବଂ ତାହା ତାଲା ପଡ଼ିଯାଏ ।"

"ଜେଲଖାନାରେ ଯେ ଆମକୁ ଖାଲି ସୁବ୍ୟବସ୍ଥିତ ଢଙ୍ଗରେ ଖାଦ୍ୟ ଯୋଗାଇଦିଆଯାଏ, ତାହା ନୁହେଁ । ପିନ୍ଧିବା ପାଇଁ ବର୍ଷକୁ ୩ଟି ଟ୍ରାଉଜର୍ସ, ୩ଟି ସାର୍ଟ, ୨ଟି ଗାମୁଛା ପ୍ରଦାନ କରାଯାଇଥାଏ । ଆମକୁ ଦିଆଯାଇଥିବା ବେଡ଼ିଂରେ ୧ଟା ଦରି, ୨ଟା କମ୍ବଳ ଓ ୧ଟା ତକିଆ ରହିଥାଏ | ଶୀତଦିନେ ଗୋଟେ ଚଦର ଓ ଗୋଟେ କମ୍ବଳ ଯୋଗାଇ ଦିଆଯାଇଥାଏ । ଲୁଗାପଟା ରଫୁ କରିବା ପାଇଁ ଦରଜି ପାଖକୁ ଦୌଡ଼ିବାର ଝମେଲା ନଥାଏ ।"

"ଆମେ ସ୍କୁଲରେ ପଢ଼ିଥିଲେ ଯେ, ଖାଦ୍ୟ, ବସ୍ତ୍ର ଓ ବାସ ମଣିଷର ମୌଳିକ ଆବଶ୍ୟକତା ରୂପେ ବିବେଚିତ ହୁଏ । ଜେଲଖାନା ଆମର ଏହି ଆବଶ୍ୟକତାତ୍ରୟ ସୁଚାରୁରୂପେ ପୂରଣ କରିଥାଏ । ତା' ଛଡ଼ା ଏଠାରେ ଆମ ଚିକିତ୍ସା ଓ ସୁରକ୍ଷାର ସୁବନ୍ଦୋବସ୍ତ ମଧ୍ୟ କରାଯାଇଥାଏ । ଆମ ଦେଶରେ ସାଧାରଣ ଲୋକ ପ୍ରାୟତଃ ରୋଗରେ ପଡ଼ି ଚିକିତ୍ସାର ସୁବିଧା ନପାଇ ମୃତ୍ୟୁବରଣ କରିଥାନ୍ତି । କିନ୍ତୁ ଆମେ ରୋଗଗ୍ରସ୍ତ ହେଲେ କର୍ତ୍ତୃପକ୍ଷ ତ୍ୱରିତ ଆମ ଚିକିତ୍ସାର ବ୍ୟବସ୍ଥା କରାଇଥାନ୍ତି । ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବାର ଚିନ୍ତା ଆମର ନଥାଏ । ପ୍ରଥମେ ଜେଲଖାନାର ଡାକ୍ତର ଚିକିତ୍ସା କରିଥାନ୍ତି । ତାଙ୍କୁ ବଳେଇଗଲେ ଆମକୁ ବଡ଼ ଡାକ୍ତରଖାନାକୁ ପଠାଇଦିଆଯାଏ । ଏଠାର ଷ୍ଟାଫ ଆମ ଚିକିତ୍ସାରେ ଜମା ଅବହେଳା କରିନଥାନ୍ତି । ଆମେ କଇଦୀ ହୋଇଥିବାରୁ ଆମ ପ୍ରତି ସେମାନଙ୍କର ଭୟ ଥାଏ। ତେଣୁ ଆମକୁ ଅବହେଳା କରିବାର ସାହସ ସେମାନେ ଜୁଟାଇ ପାରିନଥାନ୍ତି । ଏଠାରେ ଆମର ସୁରକ୍ଷା ଚିନ୍ତା କରିବାର ପ୍ରଶ୍ନ ହିଁ ନଥାଏ । ଶତ୍ରୁମାନେ ଉପାୟଶୂନ୍ୟ ହୋଇ ପ୍ରତିଶୋଧ ନେବାର ଯୋଜନା ମନରୁ ପରିହାର କରିଥାନ୍ତି ।"

ସାମନ୍ୟ ରହି ଗୋବିନ୍ଦ କହିଲେ, "ଏବେ ମୋ କଥାଟି ସରିଲା; ଫୁଲଗଛଟି ମରିଲା । ହେ ବନ୍ଧୁ! ତୁମେ ତ ଆମେରିକା (ୟୁ.ଏସ.ଏ.)ର ନାଗରିକ ହୋଇଯାଇଛ । ସେଠାରେ ଧର୍ଷଣ ଓ ହତ୍ୟା ଅଭିଯୁକ୍ତମାନଙ୍କୁ କ ଦଣ୍ଡ ଦିଆଯାଏ, କୁହତ ।" ମୁଁ ଉତ୍ତର ଦେଲି, "ସେଠାରେ ଧର୍ଷଣ ହୁଏ; ହତ୍ୟା ବି ହୁଏ । କନ୍ତୁ ଧର୍ଷଣ ଓ ହତ୍ୟା ହେବା ମୁଁ ଶୁଣିନାହିଁ ।" ମାତ୍ର ନଛୋଡବନ୍ଦା ଗୋବିନ୍ଦ ଜିଜ୍ଞାସା କଲେ, "ସେଠାରେ ବନ୍ଦୀମାନେ କପରି ଜୀବନ ବିତାନ୍ତି, ତାହା ମୋତେ କୁହ ।" ମୁଁ କହିଲି, "ଆଉ ଦିନେ ଆସିବି ଏବଂ ତାହା ବର୍ଣ୍ଣନା କରିବି । ଆଜି ଖାଲି ଏତିକ କହିବି ଯେ, ସେଠାରେ କଇଦୀମାନଙ୍କୁ କଇଦୀ ପରି ବ୍ୟବହାର କରାଯାଏ । ସେମାନଙ୍କୁ ଜୋଇଁପୁଅ ପରି ବ୍ୟବହାର କରାଯାଏ ନାହିଁ ।" ଏଥର ମୁଁ ସ୍ଥାନ ତ୍ୟାଗ କରିଥିଲି । ପୁନର୍ବାର ଆସିବା ପାଇଁ ଗୋବିନ୍ଦ ଜିଦ୍ ଧରିଥିଲେ । ତାଙ୍କୁ କର୍ଭର ପ୍ରତିଶ୍ରୁତି ଦେଇ ମୁଁ ଫେରିଥିଲି । ଓ୍ୱାର୍ଡ଼ର ଦରଜା ପାଖରେ ଛିଡ଼ା ହୋଇଥିବା ଗାର୍ଡ଼କୁ ତା' ପାଉଣା ଦେବାକୁ ଅବଶ୍ୟ ଭୁଲିନଥିଲି । କନ୍ତୁ ଅନୁଭବ କରିଥିଲି, ବିଗତ ଦିନର ସହପାଠୀ ଗୋବିନ୍ଦ ପରେ ସଇତାନ ପାଲଟିଯାଇଛନ୍ତି । ତାଙ୍କ କଥା ମୋତେ ସଇତାନର ସ୍ୱୀକାରୋକ୍ତି ପରି ବୋଧ ହୋଇଥିଲା । ତାଙ୍କ ପ୍ରତି ମୋ ମନରେ ପ୍ରବଳ ଘୃଣାଭାବ ଜାଗିଉଠିଥିଲା ।

ଗାଡ଼ିରେ ବସି ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲି "ହେ ଭଗବାନ! ଭାରତର ରାଜନେତାମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଧର୍ଷଣ ଓ ତତ୍‌ଜନତ ଅପରାଧ ପାଇଁ ସେମାନେ କଠୋର ଆଇନ ଆଣନ୍ତୁ । ସେହି ଆଇନ ଅନୁସାରେ ଧର୍ଷଣକାରୀଙ୍କୁ ତ୍ୱରିତ ଦଣ୍ଡବିଧାନ କରାଯାଉ। କଠୋର ଓ ତ୍ୱରିତ ଦଣ୍ଡବିଧାନ ହିଁ ହୁହୁ ହୋଇ ବ୍ୟାପିଯାଉଥିବା ଏହି ଅପରାଧକୁ ରୋକପାରିବ । ଅନ୍ୟଥା ଏହା ବ୍ୟାପିଚାଲିଥିବ ।"

ନୀହାରିକା, ମର୍କତ ନଗର
(ସି.ଡି.ଏ), କଟକ-୧୪

# ଅସରନ୍ତି ଖୁସି.....

ସୂର୍ଯ୍ୟକାନ୍ତ ମଲିକ

ଭଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିବା ଦୁଇମୁଠା
ଗୁଡ଼ଳ ଭଜା ସହିତ ଅଧକଂସାଏ,
ଲାଲ୍ ଟହ ଟହ ଦେଖା ଯାଉଥିବା
ସେଇ କସାଳଆ ଗୁ !
ଚନ ନଥାଏ କ କୋଉ
ଗୋଲମରିଚ ଗୁଣ୍ଡ ଆଉ ଲେମ୍ବୁ
ରସର ସୁଆଦ ପରି
ସହରିଆ ଗୁ'ର ବାସ୍ନାବି ନଥାଏ,
ହେଲେ ଆମ୍ଭା,
ସନ୍ତୋଷ ହୋଇଉଠେ
ଠିକ୍
ଗୋଟା ଜହ୍ନର ଉଜ୍ଜ୍ୱଳ ଆଲୋକେ
ଦୋଳ ଖେଳୁଥିବା ପୋଖରୀର କଇଁଟିଏ ପରି.. ।
ପ୍ରାତଃ ଭ୍ରମଣବି ଇଏ !
ପାଦରେ ନଥାଏ ଆଭିଜାତ୍ୟ ପୁର୍ଣ୍ଣ ଜୋତା,
ଦେହରେ ନଥାଏ
ଅଙ୍ଗ ଭଙ୍ଗୀ ହେବାର ପୋଷାକ
କ' ନଥାଏ ମୁଣ୍ଡରେ
ଶିଶିରଠୁ କେଶ ନ'ଭିଜିବାର ଟୋପି
ବାସ୍ ! କେବଳ
ଗୋଟିଏ ନାଲି ଗାମୁଛାର କଚ୍ଛା ସହିତ ମୁଣ୍ଡରେ ଏକ ଠେକା..।

ଗଙ୍ଗା ଯମୁନାର ସ୍ରୋତ ପରି
ବହିଯାଉଥାଏ
କଚ୍ଛା ମର୍ ଗାମୁଛାକୁ ଅତିକ୍ରମ କରି
କପାଳରୁ ଝରି  ଯାଉଥିବା
ଝାଳର ଜଳଧାର୍
ଦେହର ପାଦ ଦେଶକୁ,
କଷ୍ଟ କଷ୍ଟ ହୋଇ
କାଞ୍ଚନର ଫଳ ପରି ଦେହ ଆଉ ପିଠିରେ ଫଳ ଯାଇଥିଲେବି
ହାଲିଆ କ ବିଚଳିତ ମଧ ହୋଇନଥାଏ.. ।

ଡାଇନଂଗ୍ ରେ ବସି ପାଞ୍ଚପ୍ରକାର
ତିଅଣ ଖାଇବାର ଆଶା ନଥାଏ ! କ,
ନଥାଏ ମାଛ ମାଂସରେ ମନ
କେବଳ
କଂସାଏ ପଖାଳ ସାଙ୍ଗକୁ
ଲାଲ୍ ମାରିଚ ସହିତ କେତେଟା କଲି ପିଆଜର
ଦଳା ସହିତ ଗଣ୍ଡାଏ ବଢିଚୁର୍ ଯଥେଷ୍ଟ ।
ନଥାଏ ବିଡା ବିଡା ତାଙ୍କର
ଆନନ୍ଦ ସତ !
ମାତ୍ର ପରିଶ୍ରମର ଫଳ ଅମଳରେ ଫିକା ପଡ଼ିଯାଏ
ଯେତେ ସବୁ ବଡ ବଡିଆଙ୍କ
ଛଳନାର ଖୁସିର ମୁହୂର୍ତ୍ତ
ହଁ ଛଳନାର ଖୁସିର ମୁହୂର୍ତ୍ତ.. ।

ଘଣ୍ଟପଦା, କେନ୍ଦ୍ରାପଡ଼ା



# ଅବୁଝା ମନ

ସୁବ୍ରତ କୁମାର ଗିରି

ନଈ ପାଣି ଶେଷେ ନଈକୁ ଗଲା
ତୋ ସିଲଟଟା ଶୁଖିଗଲା,
ମୋ ମନ ସିଲଟ ତୋ' ସ୍ମୃତିରେ ଭରା
ଓଦାଥିଲା ଓଦା ରହିଗଲା.......!

ହେଲା ବର୍ଷା ହେଲା ଘଡ଼ଘଡ଼ି
ତଥାପି ତୋ' ରଥ ଗଲାରେ ଗଡ଼ି,
ମୋ ହାତରେ ପରା ପଡ଼ିଥିଲା ବେଡି
ପାରିଲିନି ଜଗା ତୋ ରଥ ଭିଡ଼ି........!

ତୁ ଦାଣ୍ଡେ ବୁଲି ପାଇଗଲୁ ମଜା
ମୁଁ ଘରକୋଣେ ବସି ପାଉଅଛି ମଜା,
ତୋ ଓଠରେ ହସ ମୋ ଓଠେ ତୋ ନାମ
ଦୁଇ ଆଖି ମୋର ଲୋତକରେ ଭିଜା........!

ଏଇ ବରଷରେ ନ ହେଲା ନାହିଁ
ତୋ ରୂପ ଭାବି ଗଲି ତୁନି ହୋଇ,
କରିବୁନି ଆଉ ବରଷେ ଏମିତି
ମୁଁ ତୋ ଭକ୍ତ ସୁବ୍ରତ ଗିରି..........!

ଶିକ୍ଷକ, ତଳାପାତି, ଅଶନା, ମୟୂରଭଞ୍ଜ

# ତୁମେ ଗଲାପରେ



ଶିବରାମ ଦଳେଇ

ତୁମେ ଗଲାପରେ ଫୁଟିନାହିଁ ଫୁଲ
ମୋ ଜୀବନ ବଗିଚାରେ ।
ଜୀବନଟା ମୋର ମରୁଭୂମି ସାଜେ
ଭାବି ଭାବି ନିରନ୍ତରେ ।

ଜୀବନ ଆଷାଢେ ବର୍ଷି ନାହିଁ ବର୍ଷା
ମରୁଡ଼ି ତ ଚିରନ୍ତନ ।
ଥୁଣ୍ଟା ଗଛଟେ ମୁଁ ଚାହିଁ ରହିଅଛି
ହେବି କେବେ ପରିପୂର୍ଣ୍ଣ ।

ଆଶାର ନଉକା ମୁଁ ବୁଢ଼ା ନାଉରି
କେମିତି ହେଇବି ପାରି ।
ଏକୂଳ ସେକୂଳ ଜଳ ଟଳମଳ
ନଦୀରେ ଖେଳେ ଭଉଁରୀ ।

ସାଲେପୁର

# ପ୍ରକୃତ ଆନନ୍ଦ



ସାଇପ୍ରସାଦ ସାହୁ

ଆଜିକୁ ପ୍ରାୟ ଦଶ / ବାର ବର୍ଷ ତଳର କଥା | ସେତେବେଳକୁ ମୁଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥାଏ | ପ୍ରତିବର୍ଷ ଭଳି ସେ ବର୍ଷ ମଧ୍ୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥାଏ | ଏହି ପ୍ରତିଯୋଗୀତାର ବିଭିନ୍ନ ପ୍ରକାର ଇଭେଣ୍ଟରେ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହିତ ନିଜ ନିଜର ସାହସିକତା ପ୍ରଦର୍ଶନ କରି ପୁରସ୍କୃତ ହେବା ପାଇଁ ମନୋନୀତ ହେଉଥିଲେ | ସେ ବର୍ଷ କିନ୍ତୁ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଦୁଇ ଦିନ ଧରି ଉଦଯାପିତ ହୋଇଥାଏ| ପ୍ରଥମ ଦିନରେ ବିଭିନ୍ନ ପ୍ରକାରର ଦୌଡ ପ୍ରତିଯୋଗୀତା ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଲମ୍ବଡିଆଁ, ଗୋଳାଫିଙ୍ଗା, ଧୀର ସାଇକେଲ ଚାଳନା, ଇତ୍ୟାଦି | ଲମ୍ବଡିଆଁ ପ୍ରତିଯୋଗୀତା ପରେ ପିଲାମାନଙ୍କ ମଧ୍ୟରେ ଧୀର ସାଇକେଲ ଚାଳନା ପାଇଁ ଡକରା ହେଲା| ଆମ ବିଦ୍ୟାଳୟରେ ପଢୁଥିବା ଅଷ୍ଟମ ଶ୍ରେଣୀର ବିଶ୍ୱଜିତ ଖେଳ ଶିକ୍ଷକଙ୍କ ପାଖକୁ ଯାଇ ଗୁହାରି କଲା ଧୀର ସାଇକେଲ ଚାଳନା ପ୍ରତିଯୋଗୀତାରେ ଭାଗ ନେବା ପାଇଁ | ଖେଳ ଶିକ୍ଷକ ତାକୁ ପଚାରିଲେ ସାଇକେଲ ଆଣିଛି କି ନାହିଁ | ପିଲାଟି ଧୀର ସ୍ୱରରେ କହିଲା, "ଗୁରୁଜୀ ଆମ ଘରେ ସାଇକେଲ ନାହିଁ, କିନ୍ତୁ ମୁଁ ସାଇକେଲ ଚଳାଇବା ଶିଖିଛି |" ଗୁରୁଜୀ କହିଲେ, "ତୁମେ ସାଇକେଲ ଆଣି ନାହଁ କେମିତି ଭାଗ ନେବ ?" ବିଶ୍ୱଜିତ ଗୁରୁଜୀଙ୍କ ମୁହଁରୁ ଏ କଥା ଶୁଣି ସେଠାରୁ ମୁହଁ ଶୁଖାଇ ପଳାଇ ଆସିଲା | ଏହି ଘଟଣାଟିକୁ ଦେଖୁଥାଏ କିଛି ଦୂରରେ ଠିଆ ହୋଇଥିବା ସୁଭ୍ରଜିତ | ସୁଭ୍ରଜିତ ଯାଇ ଏ କଥା ତା' ସାଙ୍ଗ ମାନଙ୍କୁ କହିଲା | ପରେ ପରେ ଖେଳ ଆରମ୍ଭ ହେଲା | ପ୍ରତିଯୋଗୀତାରେ ଭାଗ

ନେଇଥିବା ସମସ୍ତ ପିଲ୍ ଏକାସାଙ୍ଗରେ ସାଇକେଲ ଚଳାଇଲେ | ଶେଷ ଗାର ପାଖରେ ସମସ୍ତେ ଏକାସାଙ୍ଗରେ ପହଞ୍ଚିଲେ | ଖେଳ ଗୁରୁଜୀ କହିଲେ, ତୁମ ମାନଙ୍କ ମଧ୍ୟରୁ କେହି ବି ପ୍ରଥମ, ଦ୍ୱିତୀୟ କ ତୃତୀୟ ହେଲ ନାହିଁ | କଥା କ'ଣ ? କ'ଣ ହେଲ୍ ? ପୁରସ୍କାର ପାଇବ କେମିତି ? ସମସ୍ତଙ୍କ ମନରେ ଏ ଭଳ ସନ୍ଦେହ | ସୁଭ୍ରଜିତ କହିଲ୍, "ଗୁରୁଜୀ ଆମ ସାଙ୍ଗ ବିଶ୍ୱଜିତର ସାଇକେଲଟିଏ ନାହିଁ ବୋଲି ଖେଳରେ ଭାଗନେଇ ପାରିଲ୍ ନାହିଁ | ସେ ମନ ଦୁଃଖ କରି ବରଗଛ ମୂଳେ ବସିଛି | ଆମେମାନେ ଖେଳରେ ଜିତି ପୁରସ୍କାର ପାଇଲେ କ ଲଭ ପାଇବୁ ? ପ୍ରକୃତ ଯୋଗ୍ୟ ବିବେଚତ ଛାତ୍ର ବଛା ହୋଇ ନ ପାରିଲେ ସେ ପୁରସ୍କାର; ପୁରସ୍କାର ନୁହେଁ ଗୁରୁଜୀ | ଆଉ ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଯୋଗ୍ୟ ହେଲେ ତାହା ଯେଉଁ ଆନନ୍ଦ ମିଳେ ତାହା ହିଁ ପ୍ରକୃତ ଆନନ୍ଦ |" ସେ ଦିନ ଗୁରୁଜୀଙ୍କ ଆଖିରୁ ଲୁହ ଆସିଗଲ୍ ସୁଭ୍ରଜିତର ଏ କଥା ଶୁଣି | ଗୁରୁଜୀ ଭାବୁଥିଲେ ସାଙ୍ଗ ପାଇଁ ସାଙ୍ଗର ହୃଦୟ କଭଳ କାନ୍ଦେ | ଖେଳର ପ୍ରକୃତ ଆନନ୍ଦ କଭଳ ଆସେ ସେ ଦିନ ଗୁରୁଜୀ ନଜେ ଅନୁଭବ କଲେ | ସେ ଦିନ ଖେଳକୁ ବନ୍ଦ କଲେ | ତା' ପରଦିନ ବିଦ୍ୟାଳୟ ପାଖ ଘରୁ ଗୁରୁଜୀ ସାଇକେଲଟିଏ ଆଣି ବିଶ୍ୱଜିତକୁ ଦେଲେ ଏବଂ ଖେଳ ଆରମ୍ଭ କଲେ | ଗୁରୁଜୀ ସେ ଦିନ ଅନୁଭବ କଲେ ପିଲ୍ଙ୍କ ଅନୁଭୂତିର କଥା | ଭାବୁଥିଲେ ପିଲ୍ମାନେ ତାଙ୍କଠାରୁ କେତେ ଉପରେ ! ସେ ଦିନ ମନେ ମନେ ସାବାସୀ ଦେଉଥିଲେ ସୁଭ୍ରଜିତକୁ | କାରଣ ସେ ତାଙ୍କ ଆଖି ଖୋଲି ଦେଇଛି |

ସ୍ନାତକୋତ୍ତର ବାଣିଜ୍ୟ (ଜିଏମ୍ ୟୁ ଛାତ୍ର)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ମୋ ସହରୀ ଗାଁ



ଅଭୟ କୁଣ୍ଡ

ସହରୀ ସଭ୍ୟତାର ଛାଟ ବାଜିଛି
ଆଜି ମୋ ଗାଁରେ,
ସବୁକଛି ବଦଳଛି ଆଉ ନାହିଁ
ପ୍ରେମ ସେହି ନାଁ ରେ ।

ଗାଁ ପ୍ରବେଶଦ୍ୱାର କୁ ଠକ ଠକ କରି
ପ୍ରବେଶ କରୁଛି ଗାଁ ରାସ୍ତାରେ,
ମାଟିମା ର ବାସ୍ନା ବାରିହୁଏ ନାହିଁ
ଅତର ବାସେ ପକ୍କା ଘରେ ।

ଗାଁର ପୋଖରୀ ତୁଠ ନଦୀହୁଡା
ଆଉ ସେହି ବିଲବଡ଼ିରେ,
ସବୁକଛି ଅଦୃଶ୍ୟ ପରି ମନେ ହୁଏ
ଏଇ ଆମ ମନରେ ।

ଗାଁର ବୋହୁଗ୍ଭେରି  କବାଡିରତନ
ଆଉ ଡ଼ାଗରୁପୁଆ ଖେଇରେ,
ସବୁକଛି ଲୁଚିଯାଇଛି ହଜିଯାଇଛି
ସେହି ଗ୍ଭରି କାନ୍ଥ ଭିତରେ ।

ଖେଇଗ୍ଭଷ୍ଟ ମମତମୟୀ ମାର ଡାକ
ଆଉ ଗ୍ଭଷୀ ଖେଇର ହୁରେ,
ସବୁକଛି ବଦଳଛି ଆଉ ବଦଳୁଛି
ଆମ ମନେ ଧୀରେ ଧୀରେ ।

ମହିଷାପାଟ ଆଶ୍ରମ ବିଦ୍ୟାଳୟ
ସଦର ଢେଙ୍କାନାଳ

# ସୁନାର କୁଲେଇ



ତାରାପ୍ରସାଦ ଜେନା

ସୁନାର କୁଲେଇ ପାଛୁଡ଼ି ଥିଲୁ ତୁ
ରୁପାର ଧାନକୁ ଚୁଣ୍ଟି
ମନର କୁଲେଇ ପାଛୁଡ଼ି ଦିଏ ଲୋ
ଭାବର ଧାନକୁ ଖାଣ୍ଟି
..........ସୁନାର କୁଲେଇ ପାଛୁଡ଼ି ଥିଲୁ ତୁ
ରୁପାର ଧାନକୁ ଚୁଣ୍ଟି ! ୦ !

ହୀରାର ଜହ୍ନକୁ ମାଗିଦେ ଗୋରୀ ଲୋ
ଖୁସିର ବରଣୀ ଲାଗି
ବରର ଇଛାକୁ ଖୋଲିଦେ ସତରେ
ଜୀବନ ମହତ ଜଗି
ସରାଗ କୁଲେଇ ପାଛୁଡ଼ି ଦିଏ ଲୋ
ହସର ଧାନକୁ ଘାଣ୍ଟି
..........ସୁନାର କୁଲେଇ ପାଛୁଡ଼ି ଥିଲୁ ତୁ
ରୁପାର ଧାନକୁ ଚୁଣ୍ଟି ! ୧ !

ରାତିର ତାରାକୁ ମାଗିଦେ ଖୁସିରେ
ପୁଞ୍ଜାଏ ତାରାର ଫୁଲ
ଚମକ ତାରାକୁ ମାଗିଦେ ଗୋରୀ ଲୋ
ବେଜାଏ କଅଁଳ ଗେଲ,
ମୋହର କୁଲେଇ ପାଛୁଡ଼ି ଦିଏ ଲୋ
କୋହର ଧାନକୁ ଖୁଣ୍ଟି
..........ସୁନାର କୁଲେଇ ପାଛୁଡ଼ି ଥିଲୁ ତୁ
ରୁପାର ଧାନକୁ ଚୁଣ୍ଟି ! ୨ !

ଆଶାର କଣ୍ଢେଇ ମାଗିଦେ ଏମିତି
ଖେଳବୁ ସାଥିରେ ମିଶି
ଭାଷାର କଣ୍ଢେଇ ମାଗିଦେ ସତରେ
ଓଠରେ କବିତା ଘୋଷି,
ସପନ କୁଲେଇ ପାଛୁଡ଼ି ଆସେ ଲୋ
ଗୋପନ ଧାନକୁ କଣ୍ଟି
..........ସୁନାର କୁଲେଇ ପାଛୁଡ଼ି ଥିଲୁ ତୁ
ରୁପାର ଧାନକୁ ଚୁଣ୍ଟି ! ୩ !

ରଣପୁର, ନୟାଗଡ, ଓଡିଶା
ଲେଖନପୁର, ସାଲେପୁର

# ଏ ନୁହେଁ ପ୍ରେମ କବିତା



ଯୁବରାଜ କୁଦେଇ

ମୁଁ ଆଉ ମୁଁ ହୋଇ ରହି ନାହିଁ
ତମେ ମତେ ଠକ ଦେଲ୍ ପରେ
ମୁଁ ଆଉ ମୁଁ ହୋଇ ରହି ନାହିଁ
ତମେ ମତେ ଧୋକା ଦେଲ୍ ପରେ
ମୁଁ ଆଉ ମୁଁ ହୋଇ ରହି ନାହିଁ
ତମେ ମୋର ବିଶ୍ୱାସରେ ବିଷ ଦେଲ୍ ପରେ
ମୁଁ ଆଉ ମୁଁ ହୋଇ ରହି ନାହିଁ
ତମଠାରୁ ପ୍ରତାରିତ ହେଲ୍ ପରେ
ମୁଁ ଆଉ ମୁଁ ହୋଇ ରହି ନାହିଁ
ତମେ ମତେ ଭୁଲିଗଲ୍ ପରେ
ମୁଁ ଆଉ ମୁଁ ହୋଇ ରହି ନାହିଁ
ତମେ ମତେ ଅସ୍ୱୀକାର କଲ୍ ପରେ
ତମକୁ ମୁଁ ଦେଇଥିଲି ଜିଇଁବାର
ଖୋରାକ୍ ଟିଏ ସତେ
ତମେ କନ୍ତ ବାଟ ହୁଡି
ଅପମାନିତ କଲ ମତେ
ଯାହା ତମେ ନ କରିବା କଥା
କଲ ସେଇ କଥା
ମୋ ମନରେ ଭରି ଦେଲ
ଅମାପ ଯେ ବ୍ୟଥା
ବିଶ୍ୱାସର ତମେ ସୀମାରେଖା ଡେଇଁ
ଥାପିଲ ଯେଉଁଠି ପାଦ
ବଦନାମର ସେଇ ଇଲାକାରୁ ଫେରିବା
ନୁହେଁ ତ ଏତେ ସହଜ

ମୋ ସରଳପଣର ସୁଯୋଗ ନେଇ ତମେ
ଖେଳଲ ଯେଉଁ ଗୋ ଖେଳ
ମୂଳ ସାଥେ ସୁଧ ଫେରେଇବ ତମେ
ଆସୁଛି ସେହି ବେଳ
ତମେ ଜିତିଛ କ ମୁଁ ଯେ ଜିତିଛି
ସମୟ ଦେବ ତ କହି
ଯେତେବେଳେ ତମ ଭୁଲ୍ ବୁଝିଯିବ
ପାରିବ କ ସ୍ଥିର ରହି
କେବେ ହେଲେ ବନ୍ଧୁ ଭାବିବନ ଜମା
ଏ ଯେ ଏକ ପ୍ରେମ କବିତା
ପ୍ରେମ ନାହିଁ ଏଇ କବିତାରେ ମୋଟେ
ଅଛି ଆହା ସତେ ଆହତ ହୃଦୟର ବ୍ୟଥା

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ଆତ୍ମନିର୍ଭର



ରମେଶ ଚନ୍ଦ୍ର ବେହେରା

ଡର ନାହିଁ ମନେ ଦୃଢ଼ ସାହସ
ମଥାରେ ପଗଡ଼ି ମୁଖରେ ହସ
ଦେଶ ହିତ ପାଇଁ କରିବା ଚାଷ
ନ ହୋଇବା ଆମେ କେବେ ନିରାଶ
ଜନ ଶୂନ୍ୟ ଅଟେ ଆଜି ସହର
କରୋନା କରିଛି ବେରୋଜଗାର
ଗାଆଁକୁ ଫେରିଛି ଗରିବ ପୁଅ
ଆଖିରେ ତାହାର ଭରିଛି ଲୁହ
ବାପା ଭାଇ ସହ କରିବା ଚାଷ
ଶସ୍ୟ ଭରା ହେବ ଆମରି ଦେଶ
ନିଜକୁ କରିବା ଆତ୍ମନିର୍ଭର
ଆଉ ନ ରହିବ ମନରେ ଡର
ଜୀବନକୁ ଦେବା ବାଜି ଲଗାଇ
ହସ ଭରି ଦେବା ସବୁରି ପାଇଁ
ହସିବ ଏ ଦେଶ ହସିବ ଗାଆଁ
କର୍ମ କରିବାକୁ ଡରିବା କିଆଁ

ବାଟି, ସିମୁଳିଆ, ବାଲେଶ୍ୱର

# ହେତୁବାଦର ଆବଶ୍ୟକତା



ବାଲ୍ମୀକ ନାୟକ

ଆମ ସମାଜର ଅଧିକାଂଶ ଲୋକ ହେତୁବାଦ ବିଷୟରେ କଛି ବି ଜାଣନ୍ତି ନାହିଁ । ଏପରିକ ଶିକ୍ଷିତ ଲୋକମାନେ ବି ଇଂରାଜୀ ଶବ୍ଦ **Rationalism** କମ୍ବା **Atheism** ବିଷୟରେ ଜାଣି ନଥିବା ସ୍ୱୀକାର କରନ୍ତି । ଯେଉଁମାନେ ହେତୁବାଦର ଅନ୍ୟ ଅର୍ଥ ନରୀଶ୍ୱରବାଦ ବୋଲି ଜାଣନ୍ତି, ସେମାନଙ୍କ ଧାରଣା "ହେତୁବାଦୀମାନେ ନାସ୍ତିକ" । ସେମାନେ ଭୂତପ୍ରେତ, ଦେବୀଦେବତା, ଆତ୍ମା-ପରମାତ୍ମାକୁ ବିଶ୍ୱାସ କରୁନାହାଁନ୍ତି । ସେମାନେ ଧର୍ମବିରୋଧୀ, ଅସାମାଜିକ ଓ ଅନୈତିକ କାର୍ଯ୍ୟ କରୁଥିବା ବ୍ୟକ୍ତି । ଏହା ଏକ ଧର୍ମବିରୋଧୀ ବିଚାରଧାରା ଏବଂ ସମାଜ ପାଇଁ ଆଦୌ ଆବଶ୍ୟକ ନୁହେଁ ।" ହେତୁବାଦ ଉପରେ ବି ଆଲୋଚନା କରିବାକୁ ସେମାନେ ଭୟ କରନ୍ତି । ଏହାର ମୁଖ୍ୟତଃ ଦୁଇଟି କାରଣ । ପ୍ରଥମତଃ ସେମାନଙ୍କ ମନରେ ଧର୍ମ ଓ ଇଶ୍ୱର ପ୍ରତି ଥିବା ବିଶ୍ୱାସ ଦୋହଲିଯିବ । ଦ୍ୱିତୀୟତଃ ଧର୍ମ ଓ ଇଶ୍ୱର ବିଷୟରେ ହେତୁବାଦୀ ପ୍ରଶ୍ନଗୁଡିକର ତର୍କସଙ୍ଗତ ଉତ୍ତର ନପାଇବା । ସେମାନେ ରଢିବାଦୀ ଓ ଭାଗ୍ୟବାଦୀ ମଣିଷ । ପୂର୍ବରୁ ଯାହା ଯେମିତି ଅଛି ତାହାକୁ ସେମିତି ହିଁ ଗ୍ରହଣ କରି ପରିସ୍ଥିତି ସହ ବୁଝାମଣା କରି ଚଳବାକୁ ସେମାନେ ପସନ୍ଦ କରିଥାନ୍ତି । ପରିବର୍ତ୍ତନକୁ ସେମାନେ ସ୍ୱୀକାର କରିବାକୁ ଭୟ କରନ୍ତି । ପ୍ରାଚୀନ ରଢିବାଦ, ପରମ୍ପରା ଓ ଅବୈଜ୍ଞାନିକ ନୀତିରେ ସେମାନେ କୌଣସି ପରିବର୍ତ୍ତନକୁ ସ୍ୱୀକାର କରିପାରନ୍ତି ନାହିଁ । ହେତୁବାଦ ମଣିଷ ଜୀବନପାଇଁ କେତେ ଜରୁରୀ ଏହା ସାଧାରଣ ଲୋକମାନେ କଳ୍ପନା ବି କରିପାରନ୍ତି ନାହିଁ ।

ହେତୁବାଦୀ ଲୋକ ଯଦି କେଉଁଠି କୌଣସି ଚମତ୍କାର ପ୍ରଦର୍ଶନ କରି ଲୋକମାନଙ୍କୁ ଠକୁଥିବା ଘଟଣାର ପର୍ଦ୍ଦାଫାସ୍ କରିଦିଏ, ସେଇଠି ଏହି ପରମ୍ପରାବାଦୀ ଲୋକମାନେ ହେତୁବାଦୀ ଙ୍କୁ ବିରୋଧ କରି ଯୁକ୍ତି ବାଢିଥାନ୍ତି -ଯଦିବା କେହି ଚମତ୍କାର ପ୍ରଦର୍ଶନ ଦ୍ୱାରା ଦି ପଇସା ରୋଜଗାର କରି ନିଜ କୁଟୁମ୍ବ ପୋଷୁଛି ତ କ୍ଷତି କଣ? ସାରା ଦେଶରେ ତ କୋଟିକୋଟି ଟଙ୍କାର ଭ୍ରଷ୍ଟାଚାରର ଖେଳ ଚାଲିଛି, ହେତୁବାଦୀମାନେ କଣ ସେମାନଙ୍କ ପର୍ଦ୍ଦାଫାସ୍

କରିପାରୁଛନ୍ତି? ସେମାନଙ୍କ ଯୁକ୍ତିର ଅର୍ଥ ହେଲା – ଯଦି ବଡ ଚୋରକୁ ଧରି ନପାରୁଛ, ତେବେ ଛୋଟ ଚୋରକୁ ଧରିଲେ ବି ଛାଡିଦିଅ। ଏହିଭଳି ଯୁକ୍ତି କରୁଥିବା ବ୍ୟକ୍ତିଙ୍କୁ ହେତୁବାଦର ଅସଲ ଉଦ୍ଦେଶ୍ୟ କପରି ବା ବୁଝେଇ ହେବ?

ହେତୁବାଦର ଅର୍ଥ ହେଉଛି – ବିବେକଶୀଳ, ବୁଦ୍ଧିବାଦୀ ଓ ତର୍କଶୀଳ ହେବା। ସାଧାରଣ ଭାଷାରେ କୁହାଯାଇପାରେ, ନିଜ ବୁଦ୍ଧି ଓ ବିବେକର ପ୍ରୟୋଗ କରି ସତ୍ୟର ସନ୍ଧାନ କରିବା। ଯେଉଁ ବ୍ୟକ୍ତି ନିଜ ବୁଦ୍ଧି ବଳରେ ନିଜ ଚାରିପାର୍ଶ୍ବରେ ଥିବା ସଂସାରକୁ ଜାଣିବା ଓ ବୁଝିବା ସହିତ ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିବାକୁ ପ୍ରୟାସ କରେ, ସେ ହିଁ ସଚ୍ଚା ହେତୁବାଦୀ। ମଜାକଥା ହେଉଛି – ଆପଣ ଯେକୌଣସି ବ୍ୟକ୍ତିକୁ ଯଦି ପ୍ରଶ୍ନ କରିବେ, କଣ ଆପଣ ସବୁ କାମ ନିଜ ବୁଦ୍ଧି ପ୍ରୟୋଗ କରି କରନ୍ତି? ସେ ଦୃଢତାର ସହିତ କହିବ – ହଁ। ପ୍ରକୃତରେ କଣ ବ୍ୟକ୍ତିଜଣକ ସତ କହୁଛି? ହୁଏତ ନା। କାରଣ ବହୁତ କମ୍ ଲୋକ ସ୍ୱାଧୀନ ଭାବେ ନିଜ ବୁଦ୍ଧିବଳରେ କାମ କରିଥାନ୍ତି। ବାକି ଅନ୍ୟମାନେ ଅନ୍ୟର ନିର୍ଦ୍ଦେଶ କିମ୍ବା ନିର୍ଦ୍ଧାରିତ ପଦ୍ଧତିକୁ ପାଳନ କରିଥାନ୍ତି। ଏହାର କାରଣ ହେଉଛି, ସମାଜରେ ପିଲାଟି ବେଳୁ ଶିକ୍ଷା ଦିଆଯାଏ – ବଡମାନଙ୍କ କଥା ମାନି ଚଳ, ଧର୍ମଗ୍ରନ୍ଥରେ ଲିଖିତ ନିର୍ଦ୍ଦେଶ ଗୁଡିକୁ ବିଶ୍ୱାସକର, କୌଣସି ପ୍ରକାର ପ୍ରଶ୍ନ କରନାହିଁ, ମନରେ କିନ୍ତୁ – ପରନ୍ତୁ ଭଳି ସନ୍ଦେହ ରଖନାହିଁ, ଯାହା ବି କୁହାଯାଇଛି ତାହାକୁ ସମ୍ପୂର୍ଣ୍ଣ ରୂପେ ସ୍ୱୀକାର କର। ଗୁରୁଙ୍କ ମହାନତା ଏବଂ ଶିଷ୍ୟର ଆଜ୍ଞାକାରୀ ଗୁଣ ଦର୍ଶାଇବା ପାଇଁ ମହାଭାରତର ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ ଶିଷ୍ୟ ଏକଲବ୍ୟର ଉପାଖ୍ୟାନ ସମସ୍ତେ ଉଦ୍ଧାରଣ କରିଥାନ୍ତି। ଅର୍ଥାତ ପିଲାଟି ଦିନରୁ ମଣିଷ ମନରେ ଉଠୁଥିବା ଜିଜ୍ଞାସା ଶାନ୍ତ କରିବାପାଇଁ ସମସ୍ତ ମାର୍ଗ ରୁଦ୍ଧ କରିଦିଆଯାଏ। ଯେଉଁ ବ୍ୟକ୍ତି ରୁଢିବାଦୀ ମିଥ୍ୟାବାଦୀ ଓ ତର୍କହୀନ ବିଷୟ ଉପରେ କୌଣସି ସନ୍ଦେହ ପ୍ରକଟ କରିବ ନାହିଁ, ନିଜର ବୁଦ୍ଧି ଓ ବିବେକକୁ ବନ୍ଧକ ରଖି ନିଜେ ମାନସିକ ଗୋଲାମୀ କରୁଥିବ, ଅର୍ଥାତ ଯେଉଁ ବ୍ୟକ୍ତି ବିବେକଶୀଳ ନହୋଇ ବିବେକହୀନ ହୋଇଥିବ, ସେହି ବ୍ୟକ୍ତି ସମାଜରେ ଭଲଲୋକର ସମ୍ମାନ ପାଇଥାଏ। ସେହି ବିବେକହୀନ ବ୍ୟକ୍ତିମାନେ ହିଁ ହେତୁବାଦକୁ ବିରୋଧ କରିଥାନ୍ତି। ମଣିଷ ଜନ୍ମରୁ ହିଁ ତର୍କଶୀଳ ମନଦେଇ ଆସେ। ନିଜର ଜିଜ୍ଞାସା ପ୍ରବୃତ୍ତି ଯୋଗୁଁ ସଂସାରକୁ ଜାଣିବା ଓ ବୁଝିବାପାଇଁ କଣ, କାହିଁକି, କପରି, କେବେ ଓ କେଉଁଠି ଇତ୍ୟାଦି ପ୍ରଶ୍ନ କରିଥାଏ। ତେଣୁ ଜ୍ଞାନ ଅର୍ଜନର ପ୍ରଥମ ପାହାଚ ହେଉଛି ପ୍ରଶ୍ନ ବା ତର୍କ। ପ୍ରଶ୍ନର ସନ୍ତୋଷଜନକ ଉତ୍ତର ନମିଳିବା ଯାଏ, ମଣିଷ ତର୍କ କରିଥାଏ। ଧର୍ମଗୁରୁମାନଙ୍କ ପାଇଁ ଧର୍ମ ଓ ଈଶ୍ବର ସମ୍ପର୍କରେ ତର୍କସଙ୍ଗତ ଉତ୍ତର

ଦେବା ଏକ କଠିନ ସମସ୍ୟ ଥିଲା ଓ ଆଜି ବି ଅଛି । ତେଣୁ ପ୍ରଶ୍ନକର୍ତ୍ତାର ମୁହଁ ବନ୍ଦ ରଖିବାପାଇଁ କୁହାଗଲା –"ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର" । ଏହି ମନ୍ତ୍ର ଭଲ କାମ କଲା । ଈଶ୍ୱରଙ୍କୁ କାହିଁକି କୌଣସି ଇନ୍ଦ୍ରିୟ ଦ୍ୱାରା ଅନୁଭବ କରିହେଉନ? ପ୍ରଶ୍ନର ଉତ୍ତର ହେଲା, "ମାନିଲେ ଠାକୁର, ନମାନିଲେ ପଥର ।" ଅର୍ଥାତ୍ ଈଶ୍ୱରଙ୍କୁ ଅନୁଭବ କରିପାରୁନଥିବା ଦୋଷତକ ଭକ୍ତ ମୁଣ୍ଡରେ ଥୋଇ ଦିଆଯାଇଛି । ଭକ୍ତ ଯଦି ଈଶ୍ୱରଙ୍କୁ ଅନୁଭବ କରୁନାହିଁ ତେବେ ଭକ୍ତ ମନରେ ଭକ୍ତି ନାହିଁ । ଏଥିରେ ଆଉ ତର୍କର ଅବକାଶ ରହିଲା ନାହିଁ ।

ଆଜିକାଲି ଭଗବାନଙ୍କ ସହିତ ଭକ୍ତଙ୍କୁ ଯୋଡିବାପାଇଁ ଇଣ୍ଟରନେଟରେ ସାହାଯ୍ୟ ନିଆଯାଉଛି । ଟାଇମସ୍ ଅଫ୍ ଇଣ୍ଡିଆରେ ପ୍ରକାଶିତ ଏକ ଖବର ଅନୁସାରେ ଗୁଞ୍ଜନ ମଲ୍ଲ ନାମକ ଜଣେ ବ୍ୟକ୍ତି ଅନଲାଇନ୍ ପ୍ରସାଦ ୱେବସାଇଟ୍ ଖୋଲି ଭାରତର ପ୍ରାୟ ୫୦ଟି ପ୍ରସିଦ୍ଧ ମନ୍ଦିରର ପ୍ରସାଦ ଭକ୍ତଙ୍କ ପାଖକୁ ପଠାଉ ଦେଉଛନ୍ତି । ମାତ୍ର ୫୦୧ ଟଙ୍କା ତାଙ୍କ ଖାତାରେ ଜମାକଲେ, ସେ ୭ ରୁ ୧୦ ଦିନ ମଧ୍ୟରେ ପ୍ରସାଦ ପଠାଇଦେବେ । ସେ କୁହନ୍ତି, ପ୍ରତିଦିନ ହାରାହାରି ୨୦୦ ଭକ୍ତଙ୍କ ଅର୍ଡର ସେ ପାଉଛନ୍ତି । ଏଥିରେ ପ୍ରକାଶିତ ଅନ୍ୟ ଏକ ଖବର ହେଉଛି ଦକ୍ଷିଣ ଭାରତୀୟ ମନ୍ଦିର ଗୁଡିକରେ ମହିଳାମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ମୁଣ୍ଡର ଲମ୍ବା କେଶରୁ "ୱେଭସ୍ ହେୟାର" ନାମକ ଏକ ବ୍ୟବସାୟୀ ସଂସ୍ଥା ପ୍ରତି କିଲୋ ୫୦୦୦ରୁ ୨୫୦୦୦ ଟଙ୍କାରେ କିଣି ୱିଗ୍ ତିଆରି କରି ବାହାର ଦେଶକୁ ରପ୍ତାନି କରନ୍ତି । ଏହି କମ୍ପାନୀର ମାଲିକ "ମଲ୍ଲିକ ଶ୍ରୀକୁମାର" ଏହି ବ୍ୟବସାୟରୁ କେତେ ଫାଇଦା ପାଆନ୍ତି ସେକଥା ଅବଶ୍ୟ ପ୍ରକାଶ କରିନାହାନ୍ତି । ଏହି ଦୁଇଟି ଉଦାହରଣରୁ ଗୋଟିଏ କଥା ତ ସ୍ପଷ୍ଟ ହେଉଛି ଯେ, ଭକ୍ତଙ୍କ ଆସ୍ଥାକୁ ପୁଞ୍ଜି କରି ଖୁବ୍ ସହଜରେ ବ୍ୟବସାୟ କରିହେଉଛି । ଦୂର ଦୂରାନ୍ତରେ ଥିବା ମନ୍ଦିରର ପ୍ରସାଦ କିଣି ସେବନ କଲେ ଯଦି ପୁଣ୍ୟ ପ୍ରାପ୍ତ ହେଉଛି, ତେବେ ସେଇଠି ଭକ୍ତି ଏକ ଲୋକଦେଖାଣିଆ ଛଳନା ନୁହେଁ କି? ମହିଳାଙ୍କ ଅତି ପ୍ରିୟ ଏବଂ ସୌନ୍ଦର୍ଯ୍ୟ ପ୍ରତୀକ କେଶରାଶିକୁ କାଟିନେଇ ବିକ୍ରି କରୁଥିବା ଦଲାଲମାନେ ତ ଧନୀ ହୋଇଯାଉଛନ୍ତି କିନ୍ତୁ ସରଳ ବିଶ୍ୱାସୀ ମହିଳାମାନେ ଏକ ମିଥ୍ୟା ଆଶ୍ୱାସନା ବ୍ୟତୀତ ପାଉଛନ୍ତି କଣ?

କେ.ଆର. ପୁରମ, ବାଙ୍ଗାଲୋର

# ଦୁଃଖ କାହାପାଇଁ



କାହ୍ନୁ ଚରଣ ସାହୁ

ପରିବର୍ତ୍ତନଶୀଳ ଦୁନିଆରେ
ସମସ୍ତ ସଜୀବ ବସ୍ତୁ ପରିବର୍ତ୍ତନଶୀଳ

ବଦଳିବାକୁ ଖୁବ କମ ସମୟ ଲାଗେ
କେବେଳ ମିଳିଯିବା ଅଛି ସୁଯୋଗଟିଏ
ସିଏ ଭଲ ପାଇବାର ହେଉ ବା
କାହାକୁ ଭୁଲିବାର

ଭାବିବା ଆଗରୁ ଶେଷ
ଖିଆଲି ମନରେ ଆସୁଥିବା
ଅନାବନା ଭାବନାର
ହୃଦୟର ଉପବନେ ଉଡ଼ିବୁଲୁଥିବା
ଟିକି ପ୍ରଜାପତି ମଧ୍ୟ ବିଚରଣ କରିବା ଛାଡିଦିଏ
ନୂଆ ସାଥିଟିଏ ପାଇ !

ଅନେକ ଆସିବେ ଅନେକ ଯିବେ
ଯେ ଯାହା ବାଟରେ
ଯିବା ଆଗରୁ କେହି ଭୁଲିଯାଏ ତ
ଆଉ କେହି ଭଲପାଏ
ଯାହା ନିଜର ନୁହଁ ତାକୁ ଯେତେ ନିଜର ଭାବ
ଭାବନାର ଅଭାବ ହିଁ ଅନୁଭୂତ ହେବ !
ଭୁଲିଯିବା ବି ଭଲଗୁଣ ଟିଏ
ନଚେତ ଜଳ ଜାଳ ଅନେକ ମରିବେ
ନିଜେ ହିଁ ନିଜକୁ ଭଲପାଇବା ହିଁ ପ୍ରକୃତ ପ୍ରେମ
ଏଥିରେ ନା ଥାଏ କାହା ଅପେକ୍ଷା
ନା ଥାଏ କାହା ପାଇଁ ଦୁଃଖ !!

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

# ଗରଜିଲ୍ ମେଘ

କୁମରଲାଲ ରଣା

ଗରଜିଲ୍ ମେଘ ରହିଲ୍ କୋଣେ
ବତାସ ପ୍ରଭାବେ ଲୁଚଲ୍ କେଣେ ।
ଗରଜୁଥିଲ୍ ଗୁରିଆଡ଼େ ଘେରି
ବତାସ ବହିବାରୁ ମଲ୍ ଡରି ।
ଭୁକଲ୍ କୁକୁର ଆସିଲ୍ ଦଲେ
କାମୁଡ଼ିବା ପାଇଁ ମନ ଆକୁଳେ ।
କାମୁଡ଼ି ନପାରି କୋଣେ ଲୁଚଲ୍
ଭୟଦାରୁଣ ତା ଦେହେ ପଶିଲ୍ ।
ନମ୍ବର ପ୍ରକୃତି ସହଜେ ପିତା
ଔଷଧ ଗୁଣେ ରୂପ ଜଗଦ୍ଧିତା ।
ବିଧିର ବିବେକ ଯାହାର ହୀନ
ଭାଙ୍ଗିଥାଏ ଘରପୁର ସଂପୂର୍ଣ୍ଣ ।
ଜଗତେ ବୋଲନ୍ତି ଯାହାକୁ ଝଡ଼
ବଳବପୁ କମେ ଦେଖି ପାହାଡ଼ ।
ବଡ଼ ପଣିଆଟି ଦେଖେଇ ହୁଏ ।
ଛୋଟଠାରୁ ହୀନ ତା ଗୁଣପାଏ ।

ମହୁଆଭଟା, ନୂଆପଡ଼ା

# ଗୁନଗୁନେଇ ଯା



ମନୋରଞ୍ଜନ ସୁରୁଜାଲ

ସାତ ସୁର ଆର ସାତ ରଙ୍ଗେ ରଙ୍ଗା
ଲମା ସମଦର ଦରଗ୍ ଡଙ୍ଗା
ଜିବନ ପଦଦୁ ଗିତ
ସଁସାର ଜଁଜାଲ ରଙ୍ଗିଆ ସପନ
ଅଖେ ଖଗ୍ ଅଁଗେ ଶିତ ।
କାକର ଲ୍‌ଗବା ହୁର ହୁର ଧୁକା
ଜିବନେ ଦୁକସୁକ ଲ୍‌ଗିଛେ ପକା
ଦେହେଥି ପଡଲେ ସହି
ସହି ଲହି ଥିଲେ ଜିଁଇବୁ ଜିବନ
ସୁକଦୁକ ମେଶା ଦିହି ।
ଘଡେ ଛନେ ଖଗ୍ ଘାଏକେ ବରଷା
ଉଡା ବାଦଲ କେନେକର ଭରସା
ରଙ୍ଗ ଭରୁଛେଜିବନେ
ସଁସାର ଗୁଲେଇ ଭ୍‌ଉଁରେ କନ୍ଦିରି
ଚଲେ ବିଧିର ବିଧାନେ ।

ଦିନ ଢଲେ ଗ୍‌ତ ଯୁଗ ପରେଁ ଯୁଗ
ଆଦିମ କାଲୁଁ ତ ଲ୍‌ଗିଛେ ଭେ୍‌ଗ
ବିଧାତା ଖଁଜିଛେ ଯାହା
ତାର କାମ କରେକଏ ଅଟକାବା
ଦେଇଛେ ଭୁଗମା ତାହା ।
ଜିବନ ଇନ ଗା ପାନର ଫଟକା
ଜଁଜାଲ ଲଟକନା ଅଠାଲଟକା
ରଙ୍ଗେଇ ଦେ ତାର ରଙ୍ଗେ
ସୁର ବାରି ଗିତ ଗୁନଗୁନେଇ ଯା
ଭ୍‌ବ ରଖି ତାର ସଁଗେ ।

ଅଇଁଲ୍‌ପାଲି, ଧମା, ସମ୍ବଲପୁର

# ଏଇ ତ ଜୀବନ

ଭୂପତି ବୋଡେକ

ଏଇମିତି ଆଉ କେତେ ଦିନ
ରଙ୍ଗୀନ ପର ଲଗେଇ
ପ୍ରେମର ମତୁଆଲ୍‌ରେ ଉଡି ବୁଲୁଥିବୁ ରେ ପକ୍ଷୀ
ଦିନ ଆସିବ ଡେଣା ଝାଡିବାକୁ ବଳ ପାଇବୁନ
ଅବେଳରେ ଡାକର୍‌ ଆସିବ ଟେର ପାଇବୁନ
କେହି ଜଣେ ହରଦମ ଡାକବ
ମୁଠାଏ ମାଟିକୁ ସୀମାହୀନ ମାଟିର
ବେସାଳସ ଡାକର୍‌ ଦେଇ ।
ନରୀହ ଅସହାୟ ବିକଳ ପଣରେ
ଯାହାକୁ ଯେତେ ଗୁହାରୀ କଲେ ବି
କେହି ଅଟକାଇ ପାରିବେନ ତାକୁ
ଶେଷରେ ମହାଯାତ୍ରାର ଯାତ୍ରୀଟେ ହୋଇ
ତୋତେ ତ ନଷ୍ଟୟ ଯିବାକୁ ହିଁ ପଡିବ
ଅପେକ୍ଷାରତ ମହାଶ୍ମଶାନ ସେଦିନ ପାଛୋଟି ନେବ ।
ତଥାପି ହେ ପକ୍ଷୀ,
ଯବନକା ପଡିବା ଆଗରୁ
କରିବାକୁ ହେବ ତୋତେ
ତୋର ଚରିତ୍ରର ଜୀବନ ଅଭିନୟ ।
ହସି ହସାଇ
କାନ୍ଦି କନ୍ଦାଇ
କାହାରି ହୃଦୟରେ ଜାଗାଟେ କଣି ପାରିଲେ
ଚରଦିନ ପାଇଁ ଝଲସୁଥିବୁ
ସୁନାମ ଆକାଶରେ ଧ୍ରୁବ ତାର୍‌ଟିଏ ହୋଇ..... ।

ଧର୍ମଗଡ ସାହିତ୍ୟ ସଂସଦ

# ମୁଁ ବାପା ହେବିନି

ପ୍ରଣତି ପାଣିଗ୍ରାହୀ

ପଞ୍ଚମ ଶ୍ରେଣୀ ର ଓଡ଼ିଆ କ୍ଲାସ୍ ଚାଲିଥାଏ । ଗୁରୁଜୀ 'ଜୀବନ ର ଲକ୍ଷ୍ୟ' ବିଷୟରେ ରଚନା ଲେଖିବାକୁ କହିଲେ । ରଚନା ଲେଖିବାକୁ ଆଗରୁ ତା ସମ୍ପର୍କ ରେ କିଛି ସୂଚନା ଦେବା ପାଇଁ ବଡ଼ ହେଲେ କଏ କଣ ହେବାକୁ ଇଚ୍ଛା କରୁଛ ପଚାରିଲେ । ପିଲାମାନେ; କଏ ଡାକ୍ତର, କଏ ଇଞ୍ଜିନିୟର, କଏ ପୋଲିସ - ଏମିତି କେତେ କଣ କହିଲେ। ଜଣେ ପିଲା କହିଲା, "ଗୁରୁଜୀ ମୁଁ ବାପା ହେବିନି"। ଗୁରୁଜୀ କହିଲେ, "ଇଏ ମୋ ପ୍ରଶ୍ନ ର ଉତ୍ତର କି? ହଉ କଣ ହେବ ତାହା ହେଲେ କୁହ ?" ପିଲାଟି ପୁଣି କହିଲା, "ମୁଁ ଜାଣେନି କିନ୍ତୁ ମୁଁ ବାପା ଜମାରୁ ହେବିନି !" - କହି ପିଲାଟି ସର ସର କାନ୍ଦି ପକାଇଲା । ଗୁରୁଜୀ ପଚାରିଲେ, "କରେ କାନ୍ଦୁଛୁ କାହିଁକି?" ତା ସାଙ୍ଗ ପିଲାଟି କହିଲା, "ଗୁରୁଜୀ, ତା ଜେଜେ ଆଉ ଜେଜେମା ମରିଗଲେ ତ ସେଥିପାଇଁ କାନ୍ଦୁଛି । "ପିଲାଟିର ଅବସ୍ଥା ଭଲ ନଥିବାରୁ ସେଦିନ ଗୁରୁଜୀ ତାକୁ ଘରକୁ ପଠାଇ ଦେଇଥିଲେ । ତା ପରେ ପ୍ରାୟ ଚାରି ପାଞ୍ଚ ଦିନ ଯାଏଁ ସେ ସ୍କୁଲ ଆସିଲାନି। କାରଣ ଜଣାଗଲା ତାକୁ ଭୀଷଣ ଜ୍ୱର । ସୁସ୍ଥ ହୋଇ ପୁଣି ସ୍କୁଲ କୁ ଆସିବା ପରେ ଦିନେ ବଡ଼ ଗୁରୁଜୀ ତାକୁ ତାଙ୍କ କକ୍ଷ କୁ ଡାକ ସେଦିନ କାନ୍ଦିବା ଆଉ ଜୀବନର ଲକ୍ଷ୍ୟ ପଚାରିବାରୁ ଏମିତି କହିବାର କାରଣ ପଚାରିଲେ । କାରଣ ବଡ଼ ଗୁରୁଜୀ ଙ୍କ ଶ୍ରେଣୀ ପରିଦର୍ଶନ ବେଳେ ପିଲାଟିର ଏପରି ଉତ୍ତର ଶୁଣି ପୁରା ଅବାକ୍ ହୋଇଯାଇଥିଲେ । ଏତେ ଛୋଟ ପିଲା ମୁଣ୍ଡ କୁ ଏମିତି ଚିନ୍ତାଧାରା ଜୁଟିଲା କପରି? ଏଇ ପ୍ରଶ୍ନ ତାଙ୍କ ମୁଣ୍ଡ ରେ ବାରମ୍ବାର ଷ୍ଟ୍ରାଇକ୍ କରୁଥିଲା ।

ନା ତାର ସୋନୁ । ଭାରି ଖୁସି ମିଜାଜ୍ ର ପିଲାଟିଏ । ଜମାରୁ ଦୁଷ୍ଟାମୀ କରେନି । ଭଲ ପାଠ ପଢେ କିନ୍ତୁ ଭାରି ଡରୁଆ । ଲିପୁ କୁ ଛାଡି ଦେଲେ ସେ ଆଉ କାହା ସହ ସାଙ୍ଗ ହୁଏନି। ଲିପୁ ସହ ଗୁରୁଜୀ ଙ୍କ କକ୍ଷ କୁ ଗଲା । ଗୁରୁଜୀ ଙ୍କ ପ୍ରଶ୍ନ ର ଉତ୍ତର କଣ ଦେବ ସେଦିନ ଭଳ ଖାଲି କାନ୍ଦିବାରେ ଲାଗିଲା । ତେଣୁ ଲିପୁ ଠାରୁ ଗୁରୁଜୀ ଯାହା କିଛି ସୂଚନା ପାଇଲେ। ସୋନୁ ର ଜେଜେ ଜେଜେମା ଗାଁ ରେ ରହୁଥିଲେ । ତାକୁ ଭାରି ଗେଲ କରନ୍ତି । ସେମାନଙ୍କୁ ପାଖରେ ଆଣି ରଖିବାକୁ ତା ବାବା ମମି ଙ୍କୁ କେତେଥର କହିଛି ହେଲେ

ସେମାନେ ଗ୍ରଜି ନଥିଲେ। ଘରେ ବୋର ହେଲେ ଲିପୁ ଘରକୁ ଯାଉଥିଲା । ବାବା ମମି ତାର ତାକୁ ଟିକେ ବି ସମୟ ଦେଇ ପାରନ୍ତି ନାହିଁ। ମୋବାଇଲ୍, ଟିଭି, ଲ୍ୟାପଟପ୍ ସହ ଖେଳିବାକୁ କହନ୍ତି । ସେ ଭାବେ ଟାଇମ ପାସ୍ କରିବାକୁ ବଢ଼ିଆ ଆଉ ଜୀବନ୍ତ ଜିନଷ କୁ ଗାଁ ରେ ରଖି ଏଇ ଭୂତ ଗୁଡ଼ିକ ସହ ଖେଳିବାକୁ କାହିଁକି କହନ୍ତି କେଜାଣି ? ସୋନୁ ର ଜେଜେ ସହର କୁ କୋଉ କାମରେ ଆସିଲେ ସୋନୁ କୁ ସ୍କୁଲ ଆସି ଦେଖା କରି ଯାଆନ୍ତି। ସାଙ୍ଗରେ ଆଇସକ୍ରିମ ଟିଏ ଆଣିଥାନ୍ତି । ମୁଣ୍ଡକୁ ଆଉଁସି କେତେ ଗେଲ କରନ୍ତି ଆଉ କହନ୍ତି, "ବାପରେ, ଭଲ ପାଠ ପଢ଼ି ବାପା ର ନା ରଖିବୁ । ସୋନୁ କହେ, "ହଁ ଜେଜେ, ମା ବାପା ଯେମିତି ତମ ନା ରଖିଲେ ମୁଁ ସେମିତି ତାଙ୍କ ନା ରଖିବି ।" ସେ ଯେମିତି ପାଠ ପଢ଼ି ଚାକିରି କରି ବଡ଼ ହେଲା ପରେ ତମଠୁ ଦୂରେଇ ଯାଇ ଭଲ ଘରେ ରହିଲେ ଆଉ ତମକୁ ଗାଁ ର ଭଙ୍ଗା ଦଦରା ଅପନ୍ତରା ଘରେ ରଖିଲେ । ସେମିତି ନା ମୁଁ ବି ରଖିବି ।" ସୋନୁ ର କଥା ଶୁଣି ତା ଜେଜେ ଦିନେ କାନ୍ଦି ପକେଇଲେ ଆଉ ତାକୁ କୁଣ୍ଢେଇ ଧରି କହିଲେ, "ନା ରେ ଧନ, ସେ ପରା ତୋ ବାପା! ବାପା ଙ୍କୁ କେହି କଣ ଏମିତି କହନ୍ତି? ଦେଖୁଛୁ ତ, ସେ ତୋ ପାଇଁ କେତେ ପରିଶ୍ରମ କରୁଛି।" ସୋନୁ ବି ସେଦିନ କୁଆଡେ ଫଟ୍ କିନା ଜବାବ ଦେଇଥିଲା, "ତମେ କଣ ବାପା ଙ୍କ ପାଇଁ କିଛି କରି ନଥିଲ କି?" ସେଦିନ ଜେଜେ ଗଲା ବେଳେ ଖାଲି ଏତିକି କହି ଗଲେ, "ଧନ ରେ, ମୁଁ ଅଭାଗା ଟା ରେ । ହେଲେ ମୋ ପୁଅ କୁ କେବେ ବି ତୁ ଏମିତି ଦୁର୍ଦ୍ଦିନ ଦେଖେଇବୁନି । ମୁଁ ସିନା ଭଲ ବାପା ହୋଇ ପାରିଲିନି ହେଲେ ତୁ ଭଲ ପୁଅ ଟେ ହେବୁ ରେ ମୋ ସୁନା ।" - କହି ଚାଲିଗଲେ।

ଖରା ଛୁଟି ହେଲା । ସୋନୁ ର ମନ ଯାଇ ରହନ୍ତା ଗାଁ ରେ । ଜେଜେ ଓ ଜେଜେମା ଙ୍କ ପାଖରେ । ବେଳେବେଳେ ଲିପୁ ଘରକୁ ଯାଇ ତା ଜେଜେମା ଠୁ ଗପ ଶୁଣେ ଆଉ ତା ଜେଜେ ଙ୍କ ସହ ବୁଲିବାକୁ ଯାଏ । ସେମାନେ ବି ସୋନୁ କୁ ଭାରି ଆଦର କରନ୍ତି । କଣ ବା ଚାହାଁନ୍ତି ଯେ ଏଇ ଛୋଟ ପିଲା ମାନେ । ଖାଲି ଟିକେ ସ୍ନେହ । ଗାଁକୁ ତ ତାକୁ ଛାଡି ବେ ନାହିଁ କି ସେମାନଙ୍କୁ ବି ଏଠାକୁ ଆଣିବେ ନାହିଁ । ଏଣେ ସୋନୁ ଜେଜେ ଙ୍କୁ ଦେଖିବାକୁ ଭାରି ତହଳ ବିକଳ ହେଲାଣି । ଦିନେ ଜେଜେଙ୍କ ପଡ଼ିଶା ଘର କକା ଫୋନ କରି କହିଲେ, "ଗାଁ ରେ ହଇଜା ବ୍ୟାପିଛି, ବୁଢ଼ା ବୁଢ଼ୀ ଦି ଜଣ ଙ୍କୁ ଧରିଛି, ଔଷଧ ମଧ୍ଯ କାଟୁ ନାହିଁ । ତେଣୁ ଶୀଘ୍ର ଆସି ନେଇଯାଅ। ସହର ରେ ଭଲ ଡାକ୍ତର ଙ୍କୁ ଦେଖେଇ ଦେବ । "ସୋନୁ ର ମମି କହିଲେ, "ହଁ, ମ, କଣ ଏବେ ମରିଯାଉଛନ୍ତି ? କାଲି ଆଡ଼କୁ ଯିବ, କଣ ଟିକେ ମେଡିସିନ ଦେଇ ଆସିବ ନା; ଏଠି ଆଣି ରଖିଲେ କିଏ ସେବା କରିବ?" ସୋନୁ ତା ପଢ଼ା

ଘରେ ବସି ସବୁ ଶୁଣୁ ଥିଲା । ତା ବାବା ମମି ଙ୍କ ପାଇଁ ତା ମନ ଘୃଣା ରେ ଭରି ଯାଇଥାଏ। ସେଦିନ ସେ ଆଉ ରାଗ ରେ କଛି ନ ଖାଇ ସୋଇ ଯାଇଥାଏ ତା ରୁମ ରେ । ଏମିତି ରେ ଝାପସା ନଦ ହୋଇ ଥିବ, ସେ ଦେଖିଲା ତା ଜେଜେ ଆଉ ଜେଜେମା ଆସିଛନ୍ତି ତାଙ୍କ ଘରକୁ । ଜେଜେମା ତା ପାଇଁ ଗାଁ ରୁ' ଛତୁ ପତ୍ର ପୋଡ଼ା ' ଆଣିଦେଇଛି ଆଉ ତାକୁ କହୁଛି, "ବାୟା ଟା ମୋର ନ ଖାଇ ସୋଇଯାଇଛି । ଆ ରେ ଧନ ଖୁଆଇଦେବି" କହି କୋଳ ରେ ବସାଇ ଖୁଆଇବା ବେଳକୁ ଜେଜେ କହିଲେ, "ରୁହ ଆଗ ସେ ଆଇସକ୍ରିମ ଟା ଖାଉ"- କହି ଚକୋଲେଟ ଫ୍ଲେବର୍ ର ଆଇସକ୍ରିମ ଟିଏ ଦେଲେ । ଜେଜେ, ଜେଜେମା ଙ୍କୁ ଦେଖି ଖୁସି ରେ ନାଚ ଉଠିଲା ସୋନୁ । ଯାହା ହେଉ ଏତେ ଦିନରେ ତାର ଆଶା ପୂରଣ ହେଲା । ଏବେ ସେ ସବୁ ଦିନ ଜେଜେଙ୍କ ସହ ବୁଲିବାକୁ ଯିବ ଆଉ ଜେଜେମା ଠୁ ନୂଆ ନୂଆ ଗପ ଶୁଣିବା । ସତରେ ତା ବାବା ମମି କେତେ ଭଲ । ସେ ତୁଛା ଟାରେ ତାଙ୍କୁ ଖରାପ୍ ଭାବୁଥିଲା ।

ସକାଳୁ ଉଠୁ ଉଠୁ ସୋନୁ ଆଗ ଧାଇଁଲା ଗେଷ୍ଟ ରୁମ ଆଡ଼କୁ । କାଇଁ କେହି ତ ନାହାନ୍ତି ମମି ଙ୍କୁ ପଚାରିଲା, "ରାତିରେ ପରା ଜେଜେ ଜେଜେମା ଆସିଥିଲେ, ପୁଣି ଚାଲି ଗଲେ କ?" ଏତିକ ବେଳେ ଜେଜେଙ୍କ ପଡ଼ିଶା ଘର ଖୁଡ଼ୀ ଫୋନ କରି କହିଲେ ଯେ ହଇଜା ରେ କାଲି ରାତିରେ ବୁଢ଼ା ବୁଢ଼ୀ ଦିହେଁ ଚାଲିଗଲେ । ସେବେଠୁ ସୋନୁ ର ଏଇ ଅବସ୍ଥା। ହଠାତ୍ ଏମିତି ଖବର ଶୁଣି ସେ  ମାନସିକ ଭାରସାମ୍ୟ ହରାଇ ବସିଲା ।

ଲିପୁ ର କଥା ସରିବା ବେଳକୁ ସୋନୁ ଆଖିରୁ ଧାର ଧାର ଲୁହ ବୋହି ଚାଲିଥାଏ । ପ୍ରଧାନ ଗୁରୁଜୀ ବି ଘଟଣା ଶୁଣି କାନ୍ଦି ପକେଇଲେ। ସୋନୁ କୁ କୋଳେଇ ନେଲେ । ଗୁରୁଜୀ ଙ୍କ କୋଳରେ ମୁଣ୍ଡ ଥୋଇ ସୋନୁ ପଚାରିଲା, "ଗୁରୁଜୀ ବାପା ହେଲେ କଣ ଏତେ କଷ୍ଟ ସହିବାକୁ ପଡ଼ିଥାଏ? ମୁଁ କନ୍ତୁ କେବେ ବାପା ହେବିନ । ମୋ ଜେଜେ ଙ୍କ ଭଳ କଷ୍ଟ ସହି ପାରିବିନ ।" ଗୁରୁଜୀ ଏଥର ତା ପିଠି ଥାପୁଡାଇ କହିଲେ, "ଆଚ୍ଛା, ବାପା ନ ହୋଇ ଆଉ କଣ ହେବୁ?" ସୋନୁ କହିଲା, "କେବଳ ପୁଅ ହେଇକ  ରହିବି।" ଗୁରୁଜୀ ପୁଣି କହିଲେ, "କଣ  ତୋ ବାପା ଙ୍କ ଭଳଆ ପୁଅ ହେବୁ?" ସଙ୍ଗେ ସଙ୍ଗେ ସୋନୁ କହିଲା, "ନା ଗୁରୁଜୀ ମୁଁ କେବେ ସେମିତି ହେବିନ, ମୋ ଜେଜେ ପରା କହିଯାଇଛନ୍ତି ମୁଁ ଭଲ ପୁଅ ଟେ ହେବି ।" ଗୁରୁଜୀ ଶେଷରେ ବୁଝାଇ କହିଲେ, "ନା ରେ ପାଗଳ, ତୁ ପୁଅ ହୁଅ କ ବାପ; ଯଦି ତୋର କର୍ତ୍ତବ୍ୟ ଠିକ୍ କଲୁ ତା ହେଲେ କାହାକୁ ବି କଷ୍ଟ ସହିବାକୁ ପଡ଼ିବନ ।" ଗୁରୁଜୀ ଙ୍କ କଥାର

ମର୍ମ ସୋନୁ ବୁଝିଗଲା ଆଉ କହିଲା ,"ହଁ ଗୁରୁଜୀ, ମୋ ବାବା ବି ଯଦି ସୁନା ପୁଅ ଟେ ହୋଇଥାନ୍ତେ, ମୋ ଜେଜେଙ୍କୁ କଷ୍ଟ ସହିବାକୁ ପଡିନଥାନ୍ତା। ମୁଁ ଶପଥ କରୁଛି ଗୁରୁଜୀ ଏଥର ମୁଁ ଭଲ ପୁଅ ହେବ ସହ ଭଲ ବାପା ବି ହେବି ।"

ସୋନୁ ଆଉ ଲିପୁ ଚାଲିଯବା ପରେ ଗୁରୁଜୀ ସୋନୁ ର ବାବା ମମି ଙ୍କୁ ଡକେଇଲେ। ଆଉ ଛୋଟ ପିଲା ହୋଇ ବି ସେ କଭଳ ସମ୍ପର୍କ ର ମହତ୍ୱ ବୁଝିଛି ଆଉ ସେମାନଙ୍କର ଅମାନୁଷିକ କାର୍ଯ ଯୋଗୁଁ କଭଳ ଛୋଟ ପିଲାଟି ମାନସିକ ଆଘାତ ପାଇଛି ତାହା ବୁଝାଇଲେ। ସୋନୁ ର ବାପା ମାଆ ବି ନଜ ଭୁଲ୍ ବୁଝିପାରିଲେ ଏବଂ ନଜ ଭୁଲ୍ ଯୋଗୁଁ ସେମାନେ ନଜ ବାପା ମାଆ ଙ୍କୁ ହରାଇ ଥିବାରୁ ଅନୁତାପ ବି କଲେ । ଆଉ ନଜ ସନ୍ତାନ ଆଗରେ ନଜକୁ ଛୋଟ ମାନଲେ।

ପ୍ରଣତି ପାଣିଗ୍ରାହୀ, ବ୍ରହ୍ମପୁର, ଗଞ୍ଜାମ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଆମ କର୍ତ୍ତବ୍ୟ



ଆଶିଷ ବେହେରା

ଜନ୍ମଦାତ୍ରୀ ନହୋଇ ଧରିତ୍ରୀ ମା'ମୋ
ତା କୋଳରେ ଦେଇଛି ସ୍ଥାନ
ତା କୋଳ ବିହୁନେ ବଞ୍ଚିକ ପାରିବ
ଆମରି ମାନବ ଜୀବନ ।

ଦାନ ବଦଳରେ ପ୍ରତିଦାନ ଦେବା
ଭୁଲିଗଲୁ କ ତୋ କର୍ତ୍ତବ୍ୟ
ଧରିତ୍ରୀ ମାଆ ର ଧନ ରତ୍ନ ନେଇ
କଛି ନଦେବା କ ସୁଶ୍ରାବ୍ୟ ।

କାଟୁଅଛୁ ତାର ବଣ ଜଙ୍ଗଲ କୁ
କାଢୁଅଛୁ ତୁ ତାର ଧନ
ମାତାର କର୍ତ୍ତବ୍ୟ ତୁଲାଏ ମୋ ମାଆ
ତୁ ଦେଉକ ? ମାତା ସମ୍ମାନ ।

ତାଦେହେ କରିଛୁ କଳ କାରଖାନା
କହୁନ କଛି ମୋ ମାଆ
ତାଦେହେ ପୁଣି ଜାଳକ ମଇଳା
ଦୂଷିତ କଲୁ ତୁ ବାଆ ।

ଶ୍ରେଷ୍ଠ ଜୀବ ତୁହିଁ ମାନବ ବୋଲାଉ
ନାହିଁକ କର୍ତ୍ତବ୍ୟ ଜ୍ଞାନ
କରୁଛୁ ଦୂଷିତ ତାର ପରିବେଶ
ଏହା ଅଟେକ ତୋ ନ୍ୟାୟ ।

କର୍ତ୍ତବ୍ୟ ବିମୁଖ ହେଲେଯେ ମଣିଷ
ପାଏନ କେବେ ସମ୍ମାନ
କର୍ତ୍ତବ୍ୟ ପଥରେ ଅଗ୍ରସର ବ୍ୟକ୍ତି
ହୋଇଥାଏ ଯେ ମହାନ ।।

ବଲାଙ୍ଗୀର, ସଇଁନ୍ତଲା

# ଲୁହ



ଖଗେଶ୍ୱର ବାଗ

ଦେଖିଛି ଅନେକ ଥର ପ୍ରୀତିର ସୁଧା ରସରେ ମାୟାର ବନ୍ଧନରେ
ମିଳନର ତୃପ୍ତି ଆଉ ପ୍ରିୟ ପାତ୍ର ପ୍ରାପ୍ତିରେ ଅବିଶ୍ରାନ୍ତ ନୀରବରେ
ତ କେବେ ଗୁରୁ ଗର୍ଜନ ନିନାଦରେ ନୟନର ଗବାକ୍ଷରୁ ଦୁଇ ଧାର ଗଣ୍ଡଫଳକରେ ।।
ଅଦମ୍ୟ ଲାଳସା ବିଚ୍ଛେଦର ବେଦନା ସ୍ୱାର୍ଥର ସଂକୀର୍ଣ୍ଣତା
କେବେ ଅଯାଚିତ ଯାତନାରେ ପାଶବିକ ପ୍ରୟାସ ଦୁର୍ଭାଗ୍ୟର ପରିହାସ
ଆଉ କେବେ ବିଷାଦର ବିଷଣ୍ଣତାରେ ।।
ଧୂମାୟିତ  ଆକାଶରେ ସୀମାନ୍ତ ସମରରେ ହିତ ଗୌରବ ସହ
ସହୀଦର ପ୍ରତ୍ୟାବର୍ତ୍ତନରେ ନିଷ୍ପାପ ନୟନ ହୃଦୟ ବିଦାରକ ଜ୍ୱାଳା
ଆତ୍ମୀୟର ବିଚ୍ଛେଦ ପୁଣି ଦୁଃଖର ପାରାବାରରେ ।।
ଭାରି ଅମାନିଆ ଏଇ ଲୁହ ବିନା ନିମନ୍ତ୍ରଣେ କରିଯାଏ ଆଗମନ
ବହିଯାଏ ଶ୍ରାବଣର ବର୍ଷା ପରି ଖାଇଯାଏ ନେତ୍ର ନଈର ଦୁଇକୂଳ
ସୂଚନା ବି ଦିଏ ନାହିଁ ପ୍ରସ୍ଥାନ କ ପ୍ରବେଶରେ ।।
ବେଳେବେଳେ ଜମାଟ ବାନ୍ଧେ ଆଖି କୋରଡରେ କୋହ ହୋଇ ଉଠେ
ବକ୍ଷଦେଶେ ଶୁଷ୍କ  ଓଠେ ଚିତ୍କାର କରେ ମନ ଭରି କାନ୍ଦିବାକୁ ଥରେ
ତଥାପି ଆସେନି ଲୁଚ ଯାଏ ହୃଦୟର ସୂକ୍ଷ୍ମ କୋଣରେ ।।

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

# ଏକ ଛାୟା



ଅନଙ୍ଗ ମଞ୍ଜରୀ

ତୁହି  ଆଦର ତୁହି ଅନାଦର
କେବେ ତୁ କିରଣ କେବେ ଅନ୍ଧାର
କେବେ ତୁ ଛାୟା କେବେ ଶୁନ୍ୟ ଆକାର
ବୃଥା ତୋର ରହସ୍ୟ କଥା ସାର।
ପରିସ୍ଥିତି ର ଦାସ ତୁହି
ପରିଣତି ର ଉପହାସ
ମମତା ର ରହସ୍ୟ
କର୍ତ୍ତବ୍ୟ ର ଉଦ୍ଧାରଣ।
ଛାର ତୋର ଅଭିମାନ ହିତାଦାର
ବିଚଳତ ଲକ୍ଷ ର ଉତ୍ତର
କେବେ ନାହିଁ ପ୍ରଶ୍ନ  ଉ୍ତବର ଆଦାନ
ଶୁନ୍ୟ ତାରେ ଭ୍ସି ଯାଉ ଏକ ହୃଦୟ
କଷ୍ଟ କେବେ ପାଇ ନାହୁଁ ମାନସିକେ
ଚନ୍ଦ୍ରପଟ  ରଙ୍ଗ ଭରି ଦେଇ
ଉଭ୍ ଯାଉ ନା ବ୍ରସ ନା ରଙ୍ଗରେ
ବଡ଼ କଷ୍ଟରେ ଜୀବନ ଆରମ୍ଭ
କୋର୍ କାଗଜ ତାର ଚରିତ୍ର ରେ।
ହୃଦୟ ବେଦନା କଣ
କି ଜାଣିଛୁ ଆଖି ମାରି ଲୁଚ ଯାଉଛୁ

ମନ ଭ୍ଙ୍ଗି ମନ କୁ ଛୁଇଁ
ପୀରତି ନଆର୍ ଆକାଶ ଛୁଆଁ
ଆଜି ଏକାକୀ ଗଣୁଛି ଦିନକୁ ଗୃହିଁ।
ଫେରିବକି ସେ ପୁରୁଣା ଦିନ
ଭ୍ଙ୍ଗିବା ଲହଡ଼ି ଦୀର୍ଘ ଦିନ ର
ତାଡିଲ୍ ବାଲି କେତେ ସପନ
ଆକାଶେ ମେଘ ଘନ ଅନ୍ଧାର
ଏକ ବାଲିଘର ଜୀବନ ଆରମ୍ଭ।
ମାୟା, ମୋହ ର ଏ ଜୀବନେ
ଆଶା ର ନାମ ସ୍ୱରୂପ
ଏକ ଜଳନ୍ତ ଦୀପ ଜଳାଇ
ଆଜି ଏକାକୀ ଲ୍ଗୁଛି
ବୃଥା ଅଭିମାନ ସବୁ ଶବ୍ଦ ହୋଇ
ଘୁରି ବୁଲୁଛନ୍ତି ଏ ଦିଗରେ।
ପାଇବାକି ଫେରି ସେ କୋଇଲିର
ହୃଦେ ଯୋଉ ବ୍ୟଥା।
ମନ ଖୋଲି ଫେରିବକି ସେ ବସନ୍ତ ର ଗାଥା।

ହାଇଦର୍ବାଦ

# ସବୁ କିଛି ହାରିଗଲା ପରେ



ଆଶିଷ କୁମାର ବଣିଆଁ

ଆଜି ସବୁ କିଛି ହାରିଗଲା ପରେ,
ତୁମେ ଛାଡି ଚାଲିଗଲା ପରେ,
ଆଖିରୁ ଯେ ଖାଲି ଲୋତକ ଝରେ
ମୁଁ ଆଜିବି ଅଛି ତୁମ ପ୍ରତୀକ୍ଷାରେ ।।୧
ତମେ ଯେବେ ଥିଲ, ଥିଲା ଖୁସିର ଲହଡି,
କେଉଁ ଦୋଷେ ଦେଲ ସଙ୍ଗ ଛାଡି
ତମେ ଗଲା ପରେ ନା ଫୁଲ ଫୁଟୁଚ
ନା ପ୍ରିୟା ଆଜି ଶ୍ରାବଣ ଝରୁଛି।।୨
ଦେଖିଥିଲି ତୁମରି ଯେ କେତେ ସପନ
ଫିକା ଫିକା ରଙ୍ଗହୀନ ଆଜି ଜୀବନ
ମୋ ହୃଦୟ ଆକାଶେ ଥିଲ ତୁମେ ଜହ୍ନ
ତମ ଫେରିବା ବାଟକୁ ଚାହିଁଛି ନୟନ ।।୩
ମୋ ହୃଦୟ ପଞ୍ଜୁରୀରେ ବନ୍ଦୀ ଥିଲ
ଝରଣା ଭଳି ମନରେ ମୋ ଝରି ଚାଲଥିଲ
ଜୀବନସଙ୍ଗିନୀ ଥିଲ, ମୋ ମନ ମଇନା
ଖୋଜୁଛି ତୁମକୁ ଆଜି ହୋଇ ବାଟବଣା।।୪
ଡାକୁଛି ତୁମକୁ ଯେ ଫେରି ଆସ ତୁମେ
ଖୁସିର ସଂସାର ଏକ ଗଢିବା ଯେ ଆମେ
ପ୍ରତୀକ୍ଷା ପ୍ରତିହତ ହୃଦୟକୁ ମୋ କରେ
ପିୟା ଆଜି ତୁମେ ଚାଲିଗଲା ପରେ
ଜୀବନରେ ମୁଁ ସବୁ ହାରିଗଲା ପରେ।।୫

ବିଲ୍ଲାଇସର୍ଡା, ବଲାଙ୍ଗୀର

# ପ୍ରଶ୍ନ



ପ୍ରଜ୍ଞା ପରମିତା ସାହୁ

ମୋର ଗୋଟିଏ ଟିକ ଅଭ୍ୟାସ ଟେ ରହିଛି,ଯାହା ଆପଣଙ୍କ ମତରେ ଭଲ କ ଖରାପ ମୁଁ ଜାଣେନା । ପ୍ରତିଦିନ କିଛି ସମୟ ମୁଁ ରହୁଥିବା ରୁମ୍ ପାଖ ଝରକାରୁ ଆକାଶକୁ, ମଣିଷର ଜୀବନ ଯାପନ ଶୈଳୀକୁ, ପୁଣି ପ୍ରକୃତିର ମନଲୋଭା ଦୃଶ୍ୟ କୁ ଉପଭୋଗ କରିବା ପାଇଁ ମୁଁ ସେହି ଝରକା ପାଖରେ ଯାଇ ଠିଆ ହୁଏ । ଅନେକ ସମୟ କେତେବେଳେ ପାହାନ୍ତି ରାତିରେ, ପୁଣି କେତେବେଳେ ନିଶାର୍ଦ୍ଧରାତ୍ରିରେ ପୁଣି କେବେ ସକାଳର କଅଁଳ ଖରା ପଡୁଥିବା ମୁହୂର୍ତ୍ତରେ । ଝରକା ପାଖରୁ ବାହାରର ଦୃଶ୍ୟ ଯେମିତି ମୋତେ ଅନେକ ଶାନ୍ତି ଦେଉଥାଏ। ଛାତ୍ରୀ ନିବାସ ର ସେହି ଝରକା ପାଖରୁ ବାହାରର କିଛି ଦୃଶ୍ୟ ମୋ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରୁଥାଏ । ସେହି ଝରକା ତଳକୁ ପଡିରହିଥାଏ ନାଳ ନର୍ଦ୍ଦମା, ଓଃ କ ଦୁର୍ଗନ୍ଧ ପୁଣି ମଶା ମାଛି ଙ୍କ ବାସସ୍ଥାନ, ଯେଉଁ ପାଖରେ ଆମେ ଠିଆ ହେବାକୁ ଘୃଣା କରୁ, ତା ପାଖରେ ରହିଥାଏ ଗୋଟେ ଜରି କୁଡ଼ିଆ ଘର । ସେହି ଘରେ ରୁହନ୍ତି କିଛି ଲୋକ, ଯାହାଙ୍କ ଦାରିଦ୍ର୍ୟତା ତାଙ୍କର ସେହି କରୁଣ ଆଖିରୁ ଜଣା ପଡ଼େ । ପ୍ରତ୍ୟେକ ଦିନ ସକାଳ ୮ଟା ୯ ଟା ସୁଧା ସେମାନେ କୁଆଡେ ବାହାରି ପଡନ୍ତି ବୋଧହୁଏ କେଉଁଠି ମୂଲ ଲାଗିବା ପାଇଁ । ତାର ଠିକ ପୂର୍ବରୁ ବଡ ପଥର ଚୁଲିରେ ଗୋଟିଏ ହାଣ୍ଡିରେ କିଛି ଭାତ ପୁଣି ଆରପଟେ ଟିକିଏ ଭଜା କରିଦିଅନ୍ତି । ବାସ ତାକୁ ହିଁ ଖାଇ ବହୁତ ଖୁସିରେ ଘରୁ ବହାରିପଡନ୍ତି ନିଜ କାମକୁ ପୁଣି ସନ୍ଧ୍ୟାରେ ଘରକୁ ଫେରନ୍ତି, ଏମିତି ପ୍ରତିଦିନ ଚାଲେ ।

ଶୀତ ରାତି ସମୟ ଠିକ୍ ପାଖାପାଖି ୧୧ ଟା ହେବ ମୋତେ କାହିଁକି ଜମାରୁ ନିଦ ହେଉନଥାଏ । ମୁଁ ଚଉକି ଟାଏ ନେଇ ସେ ଝରକା ପାଖକୁ ଯାଇ ଲଥ୍ କିନା ବସି ପଡ଼ିଲି। ଝରକା ପାଖରୁ ଯେଉଁ ଦୃଶ୍ୟ ଦେଖିଲେ ମୋ ଆଖି ଲୁହରେ ଭିଜିଗଲା । ସେହି ଜରି କୁଡ଼ିଆ ପାଖରେ ଶୀତ ରାତିରେ ଦୁଇ ତିନି ଜଣ ଥରିଥରି ଶୋଇଛନ୍ତି । ଦେହରେ ମାତ୍ର ଖଣ୍ଡିଏ ଖଣ୍ଡିଏ ଗାମୁଛା । ମୋ ପାଟିରୁ ବହାରିପଡ଼ିଲା ବାଃ କେଡେ ଦୁଃଖଦ ଜୀବନ ।

ଆମେ ଘରିରୁ ପାଞ୍ଚଟା କମ୍ବଳ ଘୋଡ଼ି ହେଇ ଶୋଉଥିଲେ ହେଁ ଥଣ୍ଡା ଲାଗୁଛି ବୋଲି କହୁଛେ କିନ୍ତୁ ସେହି ଖୋଲା ଆକାଶ ତଳେ ଏତେ ଥଣ୍ଡାରେ ବି ସେମାନେ କେଡ଼େ ଶାନ୍ତିରେ ଶୋଇଛନ୍ତି । ଏତକ ଭାବି ମୁଁ ଶୋଇବା ପାଇଁ ମୋ ରୁମକୁ ଚାଲିଆସିଲି ।

କୋରନା ମହାମାରୀ ବ୍ୟାପିଛି ବୋଲି ମୁଁ ହଷ୍ଟେଲ ରୁ ଆସି ଗାଁରେ ଅଛି । ତାଲାବନ୍ଦ ସମୟ କଏ ବା କୁଆଡେ ଯିବ । ଘରେ ରହି ଖାଇପିଇ ଟିଭି ଦେଖି ସମୟ କାଟିବା କଥା । ଲଗାତାର ୧୪ ରୁ ୧୫ ଦିନ ହେଲାଣି ଟିଭିରେ ପ୍ରାୟତଃ ଆତ୍ମହତ୍ୟା ଖବର ଆସୁଥାଏ ତାହାପୁଣି ଅନେକ ପ୍ରତିପତ୍ତି ଶାଳୀ ବ୍ୟକ୍ତି ମାନଙ୍କର । ମୁଁ କଥାଟିକୁ ଶୁଣୁଥାଏ କିନ୍ତୁ ଦେହକୁ ନେଉନଥାଏ ।

ସେଦିନ ସନ୍ଧ୍ୟା ସମୟରେ ବସି **whatsapp** ର ମେସେଜ ଦେଖୁଥାଏ ହଠାତ ଦେଖିଲି ଗୋଟିଏ ଶବ୍ଦ ଲେଖାହେଇଛି ଫୁଟପାଥ । ବାସ୍ ସେହି ଶବ୍ଦରୁ ମୁଁ ଫେରିଗଲି ଅତୀତକୁ ଭାବନା ସାଇଜରେ ବୁଡ଼ିଗଲି ମୋର ମନେ ପଡିଗଲା ସେହି ଝରକା ତଳର କାହାଣୀ ସେହି କଷ୍ଟପୂର୍ଣ୍ଣ ମଣିଷ ମାନଙ୍କ କାହାଣୀ । ଆଚ୍ଛା ଅନେକ ଦୁଃଖ କଷ୍ଟ ଥାଇ ମଧ୍ୟ ସେହିମାନେ ଖୁସିର ଜୀବନ ଜିଇଛନ୍ତି ଓ ଜୀଇଁବାକୁ ମଧ୍ୟ ଚେଷ୍ଟା କରୁଛନ୍ତି । ବର୍ତମାନ ମନରେ ଏକ ପ୍ରଶ୍ନ ଉଠେ ଅନେକ ପ୍ରତିପତ୍ତି ଶାଳୀ ଓ ସମ୍ମାନର ଅଧିକାରୀ ମାନେ କୈଣସି କାରଣରୁ ଧର୍ଯ୍ୟ ହରାଇବସି ନିଜ ଜୀବନ କୁ ତୁଚ୍ଛ ମନେ କରି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ କୁ କାହିଁକି ଉଠେଇଛନ୍ତି **?**

ସେହି ଅସହାୟ ବ୍ୟକ୍ତିମାନେ ଅନେକ କଷ୍ଟ ସହି ମଧ୍ୟ ଧୈର୍ଯ୍ୟ ସହକାରେ ଜୀବନରେ ଅନେକ ଆଶା ନେଇ ଜୀବନ କାଳାତିପାତ କରୁଛନ୍ତି । ତାହାଲେ ଆମ ପାଖରେ ସବୁଥାଇ ମଧ୍ୟ ଆମେ କାହିଁକି ଏଭଳି ପଦକ୍ଷେପ ନେଉଛୁ **?**

ଧର୍ଯ୍ୟ ଓ ନିଜ ଜୀବନର ମୂଲ୍ୟ ଆମକୁ ସେହି ଫୁଟପାଥ ତଳେ ଜୀବନ ବିତାଉଥିବା ମଣିଷ ମାନଙ୍କ ପାଖରୁ ଶିଖିବା ଆବଶ୍ୟକ । ସେମାନଙ୍କ ଭାବରେ ତଥାପି ବଂଚିବା ସମ୍ଭବ । ଠିକ୍ ସେହି ସମୟରେ ମୁଁ ବୋଉର ଡାକରେ ଚମକପଡିଲି ଓ ଫେରି ଆସିଲି ମୋ ବାସ୍ତବ ଦୁନିଆକୁ ।

ଗୁମାଗଡ, ଫୁଲବାଣୀ, କନ୍ଧମାଳ

# ବରଗଛ ଓ ଘାସ



ନୂତନ କୁମାର ବେହେରା

ଅସରନ୍ତି ବର୍ଷାର ଛିଟାରେ
ଛନଛନ ହୋଇ ବଢୁଥିବା ଘାସକୁ ଦେଖି
ବରଗଛ ମନରେ ଗଲା ଛନକା ପଶି,
ସେ ନାକ ଟେକି ଉପହାସ କରି କହିଲା,
"ଆରେ.. ସାମାନ୍ୟ ଘାସ କେମିତି ହୋଇ ତୁ
ପ୍ରତିଦ୍ୱନ୍ଦ୍ୱୀତା କରି ମୋ ସାଥେ
କେମିତି ବଢୁଛୁ ରେ ନିର୍ବିକାରେ ହସି ହସି।
ଲାଗୁ ନାହିଁ ତୋତେ ଟିକିଏ ସରମ
ମୋ ଆଗେ ଦେଖାଉ ତୁ ତୋର ଉଗ୍ରପଣ,
ଥରେ ମୁହଁ ମାରି ଦେଲେ କେହି ତୃଣଭୋଜୀ
ମାଟିରୁ ଉପୁଡି ହୋଇ ପଡିବୁ
ଶୁଖି ମରି ଯିବୁରେ ତୁ ଅକାରଣ"।
ଶୁଣି ସବୁ ଟିକି ଘାସ ବିନୟେ ବରଗଛକୁ
ନମ୍ରତାର ସହ କ୍ଷୀଣ ସ୍ୱରରେ କହିଲା,
"ବରଗଛ ତୁମେ ମୋ ବଡଭାଇ, ବର ଅର୍ଥ
ଶ୍ରେଷ୍ଠ... କାହିଁ ମୁଁ ତ ଦେଖି ପାରୁନି ତୁମ
ଭିତରର ମହତ୍ତ୍ୱପୂର୍ଣ୍ଣ ସେ ସଦ୍ ଗୁଣ ?
କଥାଭାଷା ନୁହେଁ ତୁମର ସୌଜନ୍ୟମୂଳକ
ଅଯଥା ନିଜ ଅହଂଗୁଣେ ହୋଇ ବଶ
ମୋତେ ବିଦ୍ରୁପ କରି ମାର ଲମ୍ବା ଭାଷଣ।

ମୋ ଛୋଟ ବୁଦ୍ଧି ଜ୍ଞାନରୁ ଏତିକି ମୁଁ ଜାଣିଛି
କେହି ନୁହେଁ କାହା ସାଥେ ସରି,
ଯିଏ ଯାହାର ସ୍ଥାନରେ ରହି କାମ କରେ
ଆମ ପରିବେଶ ପରିସ୍ଥିତି ଦେବାକୁ ସୁଧାରି।
ବିଧାତାଙ୍କ ଅଶେଷ କରୁଣାରୁ ହୋଇଛୁ ଜାତ,
ଆମ ଭିତରେ କାହାର ଦକ୍ଷତା ଗୁରୁତ୍ୱ କେତେ
ଖୁବ୍ ଭଲ ଭାବରେ ଜାଣିଛି ଏ ଜଗତ।
ଏହା ମଧ୍ୟ ଜାଣିଛି ମୁଁ 'ମହାନତାଠାରୁ
ସଦ୍ ଗୁଣ ଯୁଗେ ଯୁଗେ ଅଧିକତର ଭଲ',
ସେହି ଭଲ ସବୁରି ପରାଣକୁ ଛୁଇଁ ଯାଇ
ମନ ମିଜାଜ୍ କୁ କରି ରଖେ ସଦା ପ୍ରଫୁଲ୍ଲ"।
ଶୁଣି ଘାସଠାରୁ ଏତେ କଥା ସବୁ
ବରଗଛ ଆଉ କିଛି କହି ପାରିଲା ନାହିଁ ,
ନିଜ ତ୍ରୁଟି ସୁଧାରି ନେଇ ରହିଛି ସଦା ନୀରବ
ସଂସାରର ମଙ୍ଗଳ କରିବା ପାଇଁ।

କୋହି, ଗଡ଼ିଆ, ମୟୂରଭଞ୍ଜ

# ସହୀଦ୍ ବୀର ଯବାନ୍

ପ୍ରସନ୍ନ କୁମାର ମହାନନ୍ଦ

ଉତ୍ସର୍ଗୀକୃତ ଦେହମନ ପିଣ୍ଡପ୍ରାଣ,
ସୀମାନ୍ତ ଦୁର୍ଗମ ବନଗିରିରେ ପ୍ରତିଦିନ,
ସୁଖନିଦ୍ରା ତାଙ୍କ ପାଇଁ ସାତ ସପନ
ବୃହତ୍ ହୃଦୟେ ଦେଶପ୍ରେମ ଉଦୟ
କର୍ତ୍ତବ୍ୟରତ ସଦାସର୍ବଦା, ସେମାନେ ମାଟିର ବୀର ଜୱାନ ॥

ଗ୍ରୀଷ୍ମକାଳୀନ ପ୍ରଚଣ୍ଡ ତେଜେ, ହାଡଭଙ୍ଗା ଶିତେ,
ମୂଷଳଧାରର ବର୍ଷାରେ ଭିଜେ, ଦୁଃଖକ୍ଳେଶରେ ସମୟ ବିତେ ॥
ଯୌବନର ଲାଭା ଉଦ୍ଗିରଣ ହୁଏ ତାଙ୍କ ଶରୀରେ,
ଏଭଳ ସ୍ଥିତିରେ ଜୀବନ ଦିଅନ୍ତି ଦେଶ ହିତରେ ॥
ଶତ୍ରୁଘେର ଚକ୍ରବ୍ୟୁହରେ ଯୁଝୁଥାଏ ସୁଯୋଗ୍ୟ ସନ୍ତାନ,
ସମସ୍ତ ଦେଶବାସୀ ତାଙ୍କଠାରେ ଋଣୀ
ସେମାନେ ହେଲେ ଏ ଦେଶ ମାଟିର ବୀର ଜୱାନ ॥

ଯାନିଯାତ୍ରା ଜାକଜମକରେ ସର୍ବେ ଥାଉଁ ସିନା ମାତି,
ଶତ୍ରୁସମ୍ମୁଖେ ତେଣେ ବୀର ପୁତ୍ର ପତାଏ ନିଜର ପ୍ରଶସ୍ତ ଛାତି ॥
ଶୋକସନ୍ତପ୍ତ ପରିବାର ପକ୍ଷରୁ, ପାଟିରେ ଶବ୍ଦଟିଏ ନାହିଁ,
ଜନ୍ମଦାତ୍ରୀ ଲୋଟି ପଡୁଥାଏ ରେ ବିଧାତା ଛଡେଇ ନେଲୁ କାହିଁ ॥
ଦେଶ ହିତେ ପରହିତେ ଯାର ଯାଏ ଜୀବନ,
ସେହି ମହାପୁରୁଷଙ୍କୁ ମୋର ସହସ୍ର ସଲାମ,
ମନ କହେ ଆଜି ଜୟ ଯବାନ, ଜୟ କିଶାନ, ଜୟ ବିଜ୍ଞାନ ॥

ଥୁଆମୁଳ ରାମପୁର, କଳାହାଣ୍ଡି

# ଅଭିଳାଷ



ପ୍ରିୟରଞ୍ଜନ ଭାରତୀ

କେବେ କେବେ ମନ ହୁଏ,
ପକ୍ଷୀ ଟିଏ ହେବାକୁ।
ଦୂର ଦିଗିବଳୟେ ସୀମାହିନ ଆକାଶରେ,
ଆନନ୍ଦେ ଉଡ଼ିବାକୁ।
ପୁଣି କେବେ କେବେ ମନ ହୁଏ,
ମୟୂର ଟିଏ ହେବାକୁ ।
କଳା କଳା ମେଘ ଖଣ୍ଡ ଦେଖି
ନିଜ ପୁଚ୍ଛକୁ ମେଲାଇ ନାଚିବାକୁ।
ଆଉ କେବେ କେବେ ମନ ହୁଏ,
ପବିତ୍ର ଗ୍ରନ୍ଥ ଗୀତାଟିଏ ହେବାକୁ।
ଲୋକ ମୋତେ ବୁଝନ୍ତୁ ବା ନବୁଝନ୍ତୁ,
ପ୍ରେମ ଆଉ ଭକ୍ତିର ରସ ତ ଟିକେ ମିଳିବ।
କେବେ କେବେ ମନ ହୁଏ,
ନିର୍ଝରଣୀ ଟିଏ ହେବାକୁ।
କଳ କଳ ନାଦ କରି ନାଚିଗାଇ
ହିମାଳୟ ପାଦଦେଶେ ସମୁଦ୍ରରେ ମିଶିବାକୁ।
କେବେ କେବେ ମନ ହୁଏ,
ସଙ୍ଗୀତର ସାତସୁର ହେବାକୁ।
ଦୁଃଖେ ହେଉ ଶୁଃଖେ ହେଉ,
ସମସ୍ତଙ୍କର ଆପଣାର ସାଥୀଟିଏ ହେବାକୁ।

କେବେ କେବେ ମନ ହୁଏ,
କବିଟିଏ ହେବାକୁ।
ଛନ୍ଦ, ଅଳଙ୍କାର ଜଣା ଥାଉ କ ନ ଥାଉ,
କବିତା ଟିଏ ଲେଖିବାକୁ।
ପୁଣି କେବେ କେବେ ମନ ହୁଏ,
ପାଗଳ ପ୍ରେମୀକ ଟିଏ ହେବାକୁ।
ପ୍ରିୟା ମୋତେ ଭଲ ପାଉ କ ନ ପାଉ,
ମୁଁ ନିଃସ୍ୱାର୍ଥପର ଭାବେ ଭଲ ପାଆନ୍ତି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
କଲ୍ୟାଣସିଂହପୁର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ସେ ନିଜେ ସାରଥୀ



ଗୁପ୍ତେଶ୍ୱର ଗୁନ୍ଦ୍

ନ ବୁଝି ନ ଶୁଝି ସାଧାରଣ ଲୋକେ
ପ୍ରଭୁଙ୍କୁ କରନ୍ତି ନିନ୍ଦା,
ଏ ସୃଷ୍ଟି ରହସ୍ୟ କେତେ ଯେ ଗୋପନ
ଯେମିତି ଗୋଲକ ଧନ୍ଦା ।୧ ।
ଜୀବ ଜଗତର କଲ୍ୟାଣ କାମନା
କରି କେତେ ଯେ ଦରବ,
ସୃଷ୍ଟି ସରଜନା ସମୟେ ସ୍ରଷ୍ଟାଙ୍କ
ଆଶୀର୍ବାଦ ଅପୂରୁବ ।୨ ।
ବଞ୍ଚିବା ବଢିବା ନେଇ କେତେ ଚିନ୍ତା
କରିଛନ୍ତି ଚିନ୍ତାମଣୀ,
ନବଜାତ ଶିଶୁ ଲାଗି ମାତା ସ୍ତନ୍ୟେ
କ୍ଷୀର ଅମୃତ ଠୁଁ ଜିଣି ।୩ ।
ଜାତି ଜାତି ଫଳ ଖାଦ୍ୟ ଶସ୍ୟ ମାନ
କରି ଅଛନ୍ତି ଭିଆଣ,
କୋଟି ଧନ୍ୟବାଦ ଦେଲେ ଋଣୀ ହେବ
ଧନ୍ୟ ଆହେ ନାରାୟନ ।୪ ।
ଯାହା ଯାହା ଲୋଡା ହେବ ଏ ଜୀବନେ
ତାହା ଜାଣି ଅନ୍ତର୍ଯ୍ୟାମୀ,
ସୃଷ୍ଟି ପ୍ରାରମ୍ଭରୁ ଦେଇ ସାରିଛନ୍ତି
ସନ୍ତାନ ର ହିତକାମୀ ।୫ ।

ଜଗତର ପିତା ସେ ଜଗତ ଜିତା
ତାଙ୍କୁ କେହୁ ଯିବ ବଳି,
ମାଗିବା ଆଗରୁ ପୂର୍ଣ୍ଣ କରିଛନ୍ତି
ସନ୍ତାନ ସକଳ ଅଳି ।୬ ।
ନିଜ କରମକୁ ସିନା ମୂଢ ଜୀବ
ଭୋଗଇନାନା ଯାତନା,
ମିଛଟାରେ ଦୋଷ ଆରୋପ କରଇ
ପ୍ରଭୁଠାରେ ହୀନମନା ।୭ ।
ଆପଣା ଦୋଷକୁ ଆପେ ଭୁଲିଯାଏ
ନୁହେଁ ଯେଣୁ ଜାତସ୍ମର,
ଦୟାମୟ ପରା ଆମରି ଠାକୁର
ନାହିଁ ତାଙ୍କ ପଟାନ୍ତର ।୮ ।
ନିଜ ସନ୍ତାନକୁ ଦଣ୍ଡ ଦିଅନ୍ତି କି
ଜନ୍ମଦାତା ପିତାମାତା,
ସଦା ତାଙ୍କ ହୃଦେ ଭରି ରହିଥାଏ
ଆବିଳ ଶୂନ୍ୟ ମମତା ।୯ ।
କି ଦିନ କି ରାତି ଆମରି ମଙ୍ଗଳ
ଲାଗି ହେଉଥାନ୍ତି ଭୋଳ,
କେବେ ବିଧିରେ ବିକଶିବ ବୋଲି
ଆହା ମୋ ଦୁଃଖୀ ସଙ୍ଖାଳ ।୧୦ ।

କେବେ ଜାଣ ଅଜାଣତେ କରିଦେଲେ
ଛୋଟ ବଡ ଅପରାଧ,
ଚତ୍ତେ ନ ଧରନ୍ତି ଲେଶ ମାତ୍ରେ ଦୋଷ
ଧନ୍ୟ ସେ ସରଗ ଗୃନ୍ଦ ।୧୧।
କାହିଁ ଥିଲେ ଯାଇ ଫେରିବା ପଥକୁ
ରହି ଥାଆନ୍ତି ଅନାଇଁ,
ଆଦ୍ୟ ଆଷାଢର ନୂଆ ବାରିଦକୁ
ଯେସନେ ଗୃତକ ଗୃହିଁ ।୧୨।
ସେହିପରି ଦୀନବନ୍ଧୁ ଭ୍ଵବଗ୍ରାହୀ
ଆମରି ଶୁଭ ମନାସି,
କଲ୍ୟାଣ କାମନା କରୁଥାନ୍ତି ସଦା
ଯଦୁସୁତ ବ୍ରହ୍ମ ରାଶି ।୧୩।
ଦେଇ ଦୟା ଦୃଷ୍ଟି ଖଣ୍ଡନ୍ତି ଅରିଷ୍ଟି
ଯଶୋଦା ଜୀବନ ଧନ,
ତାଙ୍କରି ଅଭୟ ପ୍ରସାଦ ଲଭିଣ
ଜନମ ଆମରି ଧନ୍ୟ ।୧୪।
ଆପେ ଚନ୍ଦ୍ର ସୂର୍ଯ୍ୟ ହୋଇ ଆଲୋକତ
କରୁଛନ୍ତି ଚଲାପଥ,
ସେନ ନଜେ ସାରଥୀ ହୋଇ ନ ଥିଲେ କ
ଗ୍ଳଲନ୍ତା ଜୀବନ ରଥ ।୧୫।

ସମସିଂହା, ଝାରସୁଗୁଡା

# ଏଇଠି ଭଲପାଇବା ମିଳେନାହିଁ



ଦୁଷ୍ମନ୍ତ ବେହେରା

ନାମ - ବାପା - ତାଜୁମ୍
ମା - ଏଲିସା
ପୁଅ - ଜାଡୁ

ସହରର ପ୍ଲାଟଫର୍ମ ରେ ତାଜୁମ୍ ର କେହି ଆପଣା ର ଲୋକ ନାହାନ୍ତି | ଲୋକଟିର ଘରଦ୍ୱାର ନାହିଁ | ସେ ସବୁଦିନ ଭିକମାଗି ନିଜ ପେଟ ପୋଷେ | ସମସ୍ତ ଙ୍କ ଆଗରେ ହାତ ପତାଇ ଦିଏ, ତାକୁ କେହି କେହି ଟଙ୍କେ ଆଠଣା ଦିଅନ୍ତି| ସେ ସେହି ପଇସା ରୁ ନିଜେ କିଛି ଖାଦ୍ୟ କିଣି ଖାଇଦିଏ ଆଉ ବାକିତକ ତା ସ୍ତ୍ରୀ ପାଇଁ ନିଏ| ତାର ସ୍ତ୍ରୀ ଏଲିସା, ଏଲିସା ବିଗ୍ଭରୀ ଅନ୍ଧୁଣୀ |

ତାଜୁମ୍ ଭିକାରୀ ନିଜ ପେଟ ପୋଷିବା ସଙ୍ଗେସଙ୍ଗେ ସ୍ତ୍ରୀର ପେଟ ପୋଷେ ଯେଉଁ ଦିନ ଖାଇବାକୁ ମିଳେ ଖାଆନ୍ତି, ଖାଇବାକୁ ନ ମିଳେ ଶୋଇ ପଡନ୍ତି | ଦୁଃଖ ଯନ୍ତ୍ରଣା ହେଲେବି ଖୋଲା ଆକାଶ ତଳେ ରାତି ସାରା ଶୋଇ ପଡନ୍ତି, ଦେହରେ ଘୋଡେଇ ନ ହୋଇ ରାତିରେ ହାଡ ଭଙ୍ଗା ଶୀତ କୁ ମଧ୍ୟ ସହି ଯାଆନ୍ତି, କଷ୍ଟ ହେଲେ ମଧ୍ୟ ଏମାନେ ଖରା, ବର୍ଷା ଓ ଶୀତ କୁ ସହି ଯାଆନ୍ତି କଣ ବା ଆଉ କରିବେ "ତାଙ୍କର ତ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ"|

ତାଜୁମ୍ ଓ ଅନ୍ଧୁଣୀ ଏଲିସା କୁହନ୍ତି ଏ ହେଉଛି ଆମର ଭାଗ୍ୟ| ଆମେ ଏପରି ହତଭାଗା ଯେ ଆମର ରହିବା କୁ ଘରଟିଏ ନାହିଁ, କି ଖାଇବା ପାଇଁ ପଇସା ନାହିଁ | ଆମ ଜୀବନ ରେ ଆମେ ସୁଖ କଣ ଜାଣିଲେ ନାହିଁ| ଯାହା ଆମକୁ ମିଳୁଚ ତାହା ହିଁ ଆମ ପାଇଁ ସୁଖ |

ଝଡ, ବାତ୍ୟା, ଖରା, ବର୍ଷା ଓ ଶୀତ ହେଲେ ମଧ୍ୟ କେହି କାହାର ହାତ ଛାଡନ୍ତି ନାହିଁ | ପରସ୍ପର ଦୁହେଁ ଦୁହିଁଙ୍କର ସୁଖ ଦୁଃଖର ସାଥୀ ହୋଇ ରହିଛନ୍ତି | ଏହାଭିତରେ ଗୋଟେ

ବର୍ଷ ବିତିଗଲା, ଅନ୍ଧୁଣୀ ଏଲିସା ଗର୍ଭବତୀ ହେଲା । ତାଜୁମ୍ ବାପା ହେବେ ଏବଂ ଏଲିସା ମା ଆ ହେବ ଏହି ଖୁସି ରେ ଦୁହିଁଙ୍କ ମନ କୁଣ୍ଢେମୋଟ ହୋଇଯାଇଥିଲା କିନ୍ତୁ ଦୁର୍ଭାଗ୍ୟର କଥା ସେହି ସମୟ ରେ ତାଜୁମ୍ ର ରୋଗ ହେଲା ଓ ମୃତ୍ୟୁ ହୋଇଗଲା । ଅନ୍ଧୁଣୀ ଏଲିସା ସବୁ ଦିନ ପାଇଁ ଏକୁଟିଆ ହୋଇଗଲା| ଅନ୍ଧୁଣୀ ଏଲିସାର ପେଟ ଭିତରେ ବଢୁଥିବା ପିଲାକୁ ଆଠ ମାସ ହୋଇଗଲା| ଅନ୍ଧୁଣୀ ନିଜ ପେଟ ର ପିଲା କୁ ଧରି ବଡ ବଡ ବାବୁ ମାନଙ୍କୁ ହାତ ପତାଇଲା| କିଏ ଟଙ୍କେ ଅଠଣା ଦେଇ ନିଜ ନିଜ ବାଟରେ ଚାଲିଗଲେ ସେହି ଟଙ୍କା ରେ ନିଜେ କିଛି ଖାଦ୍ୟ କିଣି ଖାଏ |

ଏମିତି ଦିନ ବିତିଗଲା| ନଅ ମାସ ହେଲାପରେ ଛୁଆଟିଏ ଜନ୍ମ ହେଲା ଅନ୍ଧୁଣୀ ପାଖରେ କେହି ଆପଣା ର ଲୋକ ନାହାଁନ୍ତି| କେହି ସାହାଯ୍ୟ କରିଲେ ନାହିଁ| କଷ୍ଟ ସହି ଶିଶୁଟି କୁ ଜନ୍ମ ଦେଲା| କାନ୍ଦଶୁଣି ସ୍ତନରୁ କ୍ଷୀର ପିଆଇଲା ବେଳେ ସେ ଚାମୁଡି ଦେଇ ଜାଣିଲା ଯେ ତାର ପୁଅ ହୋଇଛି| ବହୁତ ଖୁସି ହୋଇ ପୁଅଟିର ନାମ ଦେଲା ଜାଡୁ |

ଅନ୍ଧୁଣୀ ପାଖରେ ତେଲ ହଳଦୀ ସେକିବା ପାଇଁ ନିଆଁ ନଥିଲା, ଖରା ଶୀତ ସହି ମା ର କୋଳ ରେ ପିଲାଟି ବଢିବାକୁ ଲାଗିଲା, ନା ପାଇଲା ଦୋଳି ର ସେଇ ଖେଳ, ନା ପାଇଲା ସୁଖରେ ଶୋଇବା ଭଳି ଆନନ୍ଦ ।

ଚାହୁଁ ଚାହୁଁ ପିଲାଟିକୁ ଚାରିବର୍ଷ ହୋଇଗଲା ମାଆ ଅନ୍ଧୁଣୀ ଲୋକଙ୍କ ଆଗରେ ହାତ ପତାଉଛି ଓ କେହି କେହି କିଛି ଟଙ୍କା ପକାଇବାର ଦେଖି ଜାଡୁ ମଧ୍ୟ ହାତ ପତାଇ ଦେଲା| ଜାଡୁ ହାତରେ ବଡ ବଡ ବାବୁମାନେ ପଇସା ପକାଇ ଦିଅନ୍ତି ସେହି ପଇସା ନେଇ ଅନ୍ଧୁଣୀ ମାଆ ହାତରେ ଦେଇ କହିଲା, ମାଆ ମୁଁ ଆଣିଛି ନେ । ମାଆ ଚାମୁଡି ଦେଇ କହିଲା "କଣ ଆଣିଛୁ" । ଜାଡୁ କହିଲା "ପଇସା ଆଣିଛି ମାଆ" ।

ଜାଡୁ ସୁଖ କଣ ଜାଣିଲା ନାହିଁ | ତାଙ୍କର ତ ଘର ନାହିଁ | ଏଠି ସେଠି ଶୋଇବା ନିତିଦିନିଆ ହୋଇଗଲାଣି କିନ୍ତୁ ମା ର ଭଲପାଇବା ହିଁ ତା ପାଇଁ ସୁଖ, ଶାନ୍ତି ପାଲଟି ଯାଇଥିଲା| ମା ଅନ୍ଧୁଣୀ ତାକୁ ସବୁ ସୁଖ ଦିଏ, ନିଜେ ଭୋକ ଉପାସରେ ରହି ତା ପୁଅ କୁ ଖାଇବାକୁ ଦିଏ ଜାଡୁ କୁ ବହୁତ ଭଲ ପାଉଥିଲା |

ମାଆ ପୁଅଙ୍କର ଭଲପାଇବା ଥିଲା ଏକ ଅତୁଟ ବନ୍ଧନ | ଦୁହେଁ ଦୁହିଁଙ୍କ ଭଲପାଇବା ଏପରି | ମାଆ କୁ ଦେଖାଯାଉନଥିଲେ ମଧ୍ୟ ଜାଡୁ ଖୁଆଇ ଦିଏ| ଲୁଗା ପିନ୍ଧିବାରେ ସାହାଯ୍ୟ

କରେ ସତରେ ଏପରି ଭଲପାଇବା କେଉଁଠି କେବେ ଦେଖିନଥିବେ ମା ର ସବୁକାମ କରିଦିଏ | ଗ୍ଲିଲ୍ ବେଳେ ଗ୍ଲିବାରେ ସାହାଯ୍ୟ କଲ୍, ଖାଇଲ୍ ବେଳେ ଖୁଆଇ ଦେଲ୍ ପାଣି ପିଆଇ ଦେଲ୍ ହାତ ଧରି ବସାଇ ଦେଲ୍ ମାଆ କୁ କଷ୍ଟ ଦେଲ୍ ନାହିଁ |

ଦୁହିଁଙ୍କ ର ସ୍ନେହ, ମମତା ଓ ଭଲପାଇବା ରେ ଦିନ ଗଡି ଗ୍ଲିଲ୍ | ଏଗାର ବର୍ଷ ହୋଇଗଲ୍ ଅସହାୟ ଜୀବନ ଭିତରେ ଜାଡୁ ପାଠ ପଢାରେ ଡୋରୀ ସବୁଦିନ ପାଇଁ ବନ୍ଧା ହୋଇଗଲ୍ | ପାଠ କଣ ଜାଣି ଲ୍ ନାହିଁ | ସେ ବା କଣ କରିପାରିବ ଭ୍ଗ୍ୟ ହିଁ ସେମାନଙ୍କ ଉପରେ ଦାଉ ସାଧୁଛି |

ଦିନେ ଗ୍ତି ରେ ପ୍ଲାଟଫର୍ମ ରେ ଶୋଇଥିବା ବେଳେ ପାଞ୍ଚ ଜଣ ଗ୍ଲେର ସେହି ବାଟ ଦେଇ ଦୌଡ଼ି ପଳାଉଥିଲେ | ସେମାନଙ୍କ ପଛରେ ପୋଲିସ୍ ଦୌଡ଼ି ଥାଆନ୍ତି ଜାଡୁ ନିଦରୁ ଉଠି ଦେଖିଲ୍ କିଛି ଗ୍ଲେର ଦୌଡ଼ି ପଳାଉଛନ୍ତି | ଜାଡୁ ପାଟି କରିଲ୍ | ପାଞ୍ଚ ଜଣ ଗ୍ଲେର ଙ୍କ ମଧ୍ୟ ରୁ କେହି ଜଣେ ଜାଡୁ ଉପରକୁ ଗୁଳ ଚଲ୍ଇ ଦେଲ୍ | ଜାଡୁ ସେହିଠାରେ ଟଳ ପଡିଲ୍ ଓ ସବୁଦିନ ପାଇଁ ଆଖି ବନ୍ଦ କରିଦେଲ୍ ।

ମାଆ ଅନ୍ଧୁଣୀ ନିଦରୁ ଉଠି ପୁଅ କୁ ଡାକଲ୍, ପୁଅ ଠାରୁ କିଛି କଥା ଶୁଭିଲ୍ ନାହିଁ | କିଛି ସମୟ ପରେ ମାଆ ପୁଣି ଡାକଲେ କିନ୍ତୁ ପୁଅ ଉଠିଲ୍ ନାହିଁ | ମାଆ ହାତ ମାରି ଦେଖିଲ୍ ଦେହରେ କ୍ଷତ ହୋଇଛି, ରକ୍ତ ବାହାରୁଛି, ମାଆ କାନ୍ଦି ପକାଇଲ୍ | ଲୁହ ଛଳ ଛଳ ହୋଇ କହିଲ୍ "ମୋ ଧନ ରେ ଉଠ ରେ-ଉଠରେ ଧନ"। ଏ ଅନ୍ଧୁଣୀ ମାଆ ତୋ ବିନା କେମିତି ବଞ୍ଚିବ, ଉଠିଯାରେ ମୋ ଧନ | ମରିଯାଇଥିବା ଜାଣି ପୁଅଟିକୁ ପାଖ ରେ ରଖିଲ୍, ମାଆ ପୁଅଙ୍କର ଭଲପାଇବା ଏତେ ବଢିଯାଇଥିଲ୍ | ଅନ୍ଧୁଣୀ ମା ପୁଅକୁ ଛାଡି ପାରିଲ୍ ନାହିଁ |

ପ୍ଲାଟଫର୍ମ କୁ ଅନେକ ଲ୍ଲେକ ଆସିଲେ ଶବଟିକୁ ମା କୋଳ ରୁ ନେବାପାଇଁ କିନ୍ତୁ ମାଆ କୋଳ ରୁ ପୁଅ କୁ ନେଇ ପାରିଲେ ନାହିଁ| ପୁଅ ପ୍ରତି ମାଆ ର ଭଲପାଇବା ଦେଖି ସମସ୍ତେ ଚକିତ ହୋଇଗଲେ |

ମାଆ ପୁଅକୁ ଅଲଗା କରିପାରିଲେ ନାହିଁ | ଶବ ଟି ପଚ ଗନ୍ଧିଲ୍ଣି କିନ୍ତୁ ମାଆ ଅନ୍ଧୁଣୀ ଦିନ ଗ୍ତି କହୁଥିଲ୍, "ଉଠ ମୋ ଧନ -ଉଠ ମୋ ଧନ" ମା ଆଖି ରୁ ଲୁହ ଧାର ଧାର ବୋହିଲ୍ | ଶବର ଦେହରୁ ମାଂସ ଖସି ହାଡ ରହିଲ୍ | ମାଆ ଅନ୍ଧୁଣୀ ହାତ ମାରି ଜାଣିଲ୍ ଖାଲି ହାଡ ଟି | ହାଡ କୁ ସାଉଁଟି ନିଜର ଗଣ୍ଠିଲି ଭିତ ରେ ରଖିଲ୍ ସେହି ଗଣ୍ଠିଲି କୁ ମୁଣ୍ଡ

ପାଖ ରେ ଦେଇ ଶୋଇଲା | ନଖାଇ ନପିଇ ପୁଅ କୁ ଝୁରି ଝୁରି ଆଖି ରୁ ଲୁହ ଗଡାଇଲା ଭାଗ୍ୟ କୁ ଆଦରି ବଞ୍ଚିଛି | ଯେଉଁ ଲୁଗା ପିନ୍ଧିଥିଲା ଦୁର୍ଗନ୍ଧ ହେଉଥିଲା ଗ୍ଭଲିବାରେ ଶକ୍ତି ନଥାଇ ଗଣ୍ଠିଲି କୁ ବୋହି ଗ୍ଭଲିବାକୁ ଲାଗିଲା |

ତା ଦେହରୁ ଦୁଗନ୍ଧ ବାହାରୁ ଥିବାରୁ ଲୋକେ ଘୃଣା କଲେ | ସ୍ନେହ ରେ ଆହା ପଦେ କହିଲେ ନାହିଁ | ଭୋକ ବିକଳ ରେ ଡାକଲା, ସତରେ ସ୍ୱାର୍ଥପର ଦୁନଆ ରେ ସମସ୍ତେ ନଜ ନଜ ସ୍ୱାର୍ଥ କଥା ଭାବନ୍ତି |

ଏଇଠି କେହି କାହାର ନୁହଁନ୍ତି | ଏହି ଦୁନଆ ରେ କେହି ଆପଣାର ନୁହନ୍ତି | ସମସ୍ତେ ନଜ ସ୍ୱାର୍ଥ ରେ ନଜେ | ଅନ୍ୟ ର ଦୁଃଖ ବୁଝିବା କୁ ଏଇଠି ମଣିଷ ପାଖରେ ସମୟ ନାହିଁ| ସତ ରେ କଣ କୌଣସି ମଣିଷ ର ଏଇଠି ଭଲ ପାଇବା ମିଳେ ନାହିଁ |

ଋସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ତୁମ୍ଭେ ର'ଖ ମହାବାହୁ



କୃଷ୍ଣ ଚନ୍ଦ୍ର ଡାକୁଆ

ଦେଶ ମୋର ଆଜି
ବିପଦ ସଙ୍କେତରେ ଗତି କରୁଅଛି
ତୁମ୍ଭେ ର'ଖ ମହାବାହୁ
ତୁମ୍ଭ ଶ୍ରୀଛାମୁ ତଳେ
ଆମ୍ଭେ ନିଜକୁ ସମର୍ପି ଦେଇଛୁ
ଆହେ ଦୟାମୟ ଦୀନବନ୍ଧୁ ମହାବାହୁ

ଏ ସବୁ କହିବା ବାହୁଲ୍ୟ
ତୁମ୍ଭ ପାଖେ କିଛି ଆବଶ୍ୟକ ପଡୁ ନାହିଁ
ତୁମେ ତ ସର୍ବଜ୍ଞ ଜଗତ ଠାକୁର
ଜଗତର ନାଥ ଆହେ ପ୍ରଭୁ ଜଗନ୍ନାଥ
ମହାବାହୁ

କରୋନା କବଳେ ସାରା ମହିମଣ୍ଡଳ
ଡାକୁଅଛି ଆଜି ତ୍ରାହି ତ୍ରାହି
ତୁମର ଏ କି ଲୀଳା ମହାପ୍ରଭୁ ହେ
ଜମାରୁ କିଛି ବୁଝା ପଡୁ ନାହିଁ

ଏବେ କିଏ କହୁଅଛି ନିଦା ଠାକୁରହେ
ନିଦରେ ଶୋଇଛ ଛପନ ପଉଠି ଖାଇ

ଆଡ ଆଖିରେ ଟିକେ ଗ୍ଡହଁ ତୁମେ
କି ଦୋଷ କରିଅଛୁ ଆମ୍ଭେ
କୁହ ଏ ଜନ ସମାଜ ରଖିବ ନା ନାହିଁ

ଜନମ ମରଣ ଆମ୍ଭ ତୁମରି ହାତରେ
ତୁମେ ତ ଆମକୁ ଶାହା
ଆମେ କାହିଁ କାହାକୁ ଭରଷା କରିବୁ
ତୁମେ ତ ଆମ ଚଉଦିଗକୁ ବାହା .......!!

କରଚୁଲି(ବୁଗୁଡ଼ା)ଗଞ୍ଜାମ

# ଅଜଣା ଚଠି



ଡୁଲେଶ୍ୱର ସାହୁ

ଚଠିଟିଏ ମୋ ଆଡ଼କୁ ପ୍ରେରିତ
ପବନର ଜୋର ବେଗରେ
ଆସିକ ମୋ ହାତରେ
ଫଟ୍ କରି ଧର୍ ପଡ଼ିଗଲ୍
ଚଠି ଟିକୁ ମୁଁ ଦେଖିଲ୍ ବେଳକୁ
ଏକ ଫର୍ଦ୍ଧ ର ଦୁଇ ଖଣ୍ଡରୁ ଗୁରି ଭାଗ
ହେବାର ଆଶଙ୍କା ଥିଲ୍
ମୁଁ ଘରକୁ ଆଣି ଦେଖିଲ୍ ବେଳକୁ
ଚଠି ଟିଏ ବହୁତ ପୁରୁଣା ପ୍ରାୟତଃ
ଦଶ ବର୍ଷ ତଳର ଚଠି
ଚଠି ଟିକୁ ଆଣି ଯତ୍ନରେ ସଜାଡୁ ସଜାଡୁ
ଟିକେ ଝାପସା ଭଳ ଦେଖାଗଲ୍
ଲେଖାଥିଲ୍ ଅଜଣାରୁ ଜଣା
ଅଚହ୍ନା ରୁ ଚହ୍ନା
ତମେ ଦେଖିବାକୁ ବେଶ୍ ସୁନ୍ଦର
ଚଳନ, ଚଲ୍‌ପଥ ଅତିକ୍ରମ ରେ
ଆଗୁଆ ଆଗୁଆ ଲ୍‌ଗ
ପ୍ରଥମ ଦେଖାର ପ୍ରଥମ ମୂହୁର୍ତ୍ତ ରେ
ଜଣାଶୁଣା ଏବଂ
ନଜର ନଜର ଲ୍‌ଗ
ତମେ ପିନ୍ଧିଥିବା ଗୋଲ୍‌ପ ରଙ୍ଗର ସାର୍ଟ
ମନକୁ ଛୁଇଁଛି
ହୃଦୟ କୁ ସ୍ପର୍ଶ କରିଛି
ମୋ ମନ ଭିତରେ ତୁମକୁ
ଜାଗା ଦେଇ ପାରିଛି
ହଜାର ହଜାର ଷୋରିଷ ଖେତ କରିବା ପାଇଁ
ମୁଁ ଷୋରିଷର ପୁଷ୍ପ ହେଲେ
ତମେ ମୋର ଭ୍ରମର ବା ପ୍ରଜାପତି
ଚଠି ଟିଏ ସମାପ୍ତି ହେବା ପୂର୍ବରୁ ଲେଖାଥିଲ୍
ମୁଁ ଆପଣଙ୍କର ବିଶ୍ୱସ୍ତ
ପ୍ରିୟ ଦର୍ଶିନୀ
ଯାହା ସବୁ ଚଠି ରେ ଲେଖାଥିଲ୍
ମୁଁ ବୁଝି ପାରିଲିନ
ଯେମିତି ଗ୍ଲୁଥିଲ୍ ଜୋର ବେଗରେ ପବନ
ସେମିତି ଗ୍ଲିଛି
ମୁଁ ଭାବିଲି ଏ ଚଠି ମୋର ନୁହେଁ
ଆଉ କାହାର ହୋଇଥିବ
ଶହେ ବେଗରେ ଗତି କରୁଥିବା
ପବନ ପାଖକୁ ଯାଇ
ମୁଁ ଚଠି ଟି ପ୍ରେରିତ କରିଦେଲି ଭାବିଲି
ଏ ବୋଧେ ମୋଆଡ଼କୁ ଭୁଲରେ ଆସିଛି
ଅଜଣା ଚଠି||

ରେଗଡା, କର୍ଲାମୁଣ୍ଡା,କଳାହାଣ୍ଡି

# କରୋନା ଭାଏରସ୍



ହିମାଂଶୁ ଶେଖର କୁମ୍ଭାର

ପୁରଥୀକେ ଗିଲୁଛେ କରୋନା
ଇ ଭାଏରସେ ଲୁକେ ଛଟପଟ୍
ଛୁଆବୁଡା କାହାକେ ନେଇ ବଖନା
ସବ୍ କେ ଗିଲୁଛେ ପଟପଟ୍!!

ହୁଆନ୍ ଠାନେ କରୋନା ବନେଇ କରି
ଚୀନ୍ ର କେତେ ଯେ ପାଟ୍
କରହ ଲୋକ୍ କେ ହତିଆ କରି
ହୁ' କେ ଦେଖାଲା ଯେ ନାଟ୍!!

ଖାଁସୀ ଥନଡା ଜର ହେଲେ
ଫୁନ୍ କରବ୍ ସହେ ଟ୍ଵଏର ନମର
କଜ୍ କେ ଏନତା ଲାଗଲେ
କହେବା କରୋନା ର ଉପଦ୍ରବ!!

ମୁଁହୁ କେ ଡାପୀଥିବୁ କରିଆ
ସାବୁନେ ହାତ୍ ହମିସା ଧୁଇବୁ
ଗହଲି ଯାଗାନୁ ରହେବୁ ଦୁରିଆ
ସେନଟାଇଜର୍ ବେଭର୍ କରବୁ!!

କବାଟେ ସିକଲା ଦେଇଥା ଲଗେଇ
ଘରେ ସଭେ ହେଇଥଁଉ ଭରି
ଦୁଇ ହାତ୍ ଛାଡି ରହେଲେ ଭାଇ
କରୋନା ପଲାବା ଡୁଲିଆ ଚରି!!

କୁତମୁଣ୍ଡା, ପାଟନାଗଡ, ବଲାଙ୍ଗୀର

# ପଗ୍ଯରେ ମୋ ମନ

କମଳ ଲୋଚନ ମଲ୍ଲିକ

## କଏ ମୁଁ

ସଦ୍ୟ ସାହିତ୍ୟରେ ପ୍ରଚଳିତ କାବ୍ୟ କବିତାର
ମୁଁ ଜଣେ ଭାବୁକ,
ସାହିତ୍ୟକୁ ଶାସ୍ତ୍ର ଓଡ଼ିଆ ଭାଷାକୁ ମନ୍ତ୍ର ମାନୁଥିବା
ମୁଁ ଜଣେ ଗାଳ୍ପିକ ।
ସମାଜର ହିତ ଭାଷା ଭାବନାରେ ମୁଗ୍ଧ ହେଉଥିବା
ମୁଁ ଜଣେ ଚିନ୍ତକ,
ବୁଢ଼ାଏ କାଳରେ ସାରା ଦୁନିଆଁକୁ ଦେଖିପାରୁଥିବା
ମୁଁ ଜଣେ ଦର୍ଶକ ।
ଭାବ ତରଙ୍ଗେ ବୁଡୁଥିବା ପ୍ରେମ ସହରେ ଝୁମୁଥିବା
ମୁଁ ଜଣେ ଯୁବକ,
ଶୂନ୍ୟ ପଥେ ଭାସିହେଇ ଝଲସୁଥିବା ଚେହେରାର
ମୁଁ ଜଣେ ନାୟକ ।
ଶାମୁକା ମୋତିର ଗର୍ଭେ ମୁଗ୍ଧିତ ପ୍ରଜ୍ଜ୍ୱଳିତ ଜ୍ୟୋତିର
ମୁଁ ଜଣେ ପ୍ରଶଂସକ,
ଏକାନ୍ତରେ ଜ୍ୱଳନ୍ତ ହୃଦୟର କଣ୍ଟକ ଭଲପାଇବାର
ମୁଁ ଜଣେ ପ୍ରଗ୍ଯରକ ।
ଜୀବନ ଜୀବିକା ମାଝେ ସଂପ୍ରତି ସମାଜ ଭୂଗୋଳର
ମୁଁ ଜଣେ ବଡ ସଂଗ୍ରହକ,
କନ୍ତ ଜନ୍ମିତ ମାଟି ଜନନୀ ଜନ୍ମଭୂମି ଧରିତ୍ରୀର
ମୁଁ ଜଣେ ରକ୍ଷକ ।

ତାଳପଦା, ଦ୍ୱାରିକା, ବାଲେଶ୍ୱର

# ଧଳା ଜହରର ସ୍ୱାର୍ଥ



ତପନ କୁମାର ଦାଶ

ଅପୂର୍ବ ବହୁ କଷ୍ଟରେ ଶିକ୍ଷକ ଚାକରୀ ଖଣ୍ଡେ ପାଇଥାଏ । ପିଲାଟି ଦିନରୁ ମା'ଙ୍କୁ ହରେଇଛି । ମା' ସୁଖ କ'ଣ ଜାଣିନ । ବାପା ବିଚରା ଅଟୋରିକ୍ସା ଚଳାଇ ବହୁ କଷ୍ଟରେ ଗୁଜୁରାଣ ମେଣ୍ଟାନ୍ତି ।ସେ ଯାହାବି ହଉନା କାହିଁକି ସୁରୁଖୁରୁରେ ଦୁହିଁଙ୍କ ସଂସାର ।

ଅପୂର୍ବ ଚାକରୀ ପାଇଲା ଦିନଠାରୁ ବାପା ବହୁତ ଖୁସି । ସେ ଜାଣିଛନ୍ତି ଗରିବ ଅଟୋରିକ୍ସା ବାଲାର ପୁଅ ଖଣ୍ଡେ ଚାକରୀ ପାଇଲେ କେତେ ଖୁସି ଲାଗେ । କିନ୍ତୁ ବାପଟି ବହୁତ ପରିଶ୍ରମୀ ।

ବିଚରା ଅପୂର୍ବ ଅସ୍ଥାୟୀ ଶିକ୍ଷକ ୬ବର୍ଷ ପାଇଁ । ତାପରେ ସ୍ଥାୟୀ ନିଯୁକ୍ତି । ଏବେ ବି ବାପାଙ୍କ ଉପରେ ନିର୍ଭର କରି ଚଳେ । ସାଇକେଲରେ ସବୁଦିନ ସ୍କୁଲ୍ ଯାଏ ଆସେ ।ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତେ ତାକୁ ଭଲ ପାଆନ୍ତି ।ବହୁତ ଉପକାରୀ ପିଲାଟା ମଧ୍ୟ ।

ଘରେ ଆସି ରୋଷେଇ କରେ । ସନ୍ଧ୍ୟାରେ ଟିଉସନ ବି କରେ । ଚାଳ ଛପର ଘରଟିଏ । ରାତିରେ ଜହ୍ନ ଦିଶେ । ବର୍ଷା ଦିନେ ଝରି କଲବଲ ।

ହଠାତ୍ ଦିନେ ତା ବାପାର କାଶ ଜୋରରେ ହେଲା । ଛାତି ବି ବହୁତ ଯନ୍ତ୍ରଣା ହେଲା । ତାପରେ ରକ୍ତ ବାନ୍ତି । ବିଚରା ଅପୂର୍ବ ନିରୀହ ପିଲାଟା । ଯେମିତିବି ବାପାଙ୍କୁ ସାଇକେଲରେ ବୋହି ପାଖ ଡାକ୍ତରଖାନାକୁ ନେଲା ।

ଡାକ୍ତର କହିଲେ ବାପାଙ୍କୁ ଅଲସର୍ ହେଇଛି ବୋଲି । ବହୁତ ପଇସା ଖରଚ ହେବ । ପଇସା କେଉଁଠୁ ଆଣିବ ! ବୁଦ୍ଧିବାଟ କିଛି ଦିସୁନଥାଏ । ବାପା ଛଡ଼ା ଏ ଦୁନିଆରେ ତାର

ନଜର ବୋଲି କେହି ନାହାନ୍ତି । ତା ପାଇଁ ବାପା ପିଲାଟିଦିନରୁ ନଜେ ନଖାଇ ନପିଇ ପଢେଇଛନ୍ତି । ତାକୁ କଷ୍ଟ କରି ମଣିଷଟିଏ କରିଛନ୍ତି ।

ଅପୂର୍ବକୁ ସବୁ ଅନ୍ଧାର ଦେଖାଯାଉଥାଏ । ଭାବିଲା ଟିଉସନ୍ ଛୁଆଙ୍କ ପରିବାରକୁ ଧାର୍ ମାଗିବ । ପରଦିନ ସକାଳେ ଭୋର ସକାଳୁ ଯାଇ ଟିଉସନ୍ ପିଲାଙ୍କ ଘରେ ହାଜିର୍ । ପିଲାମାନେ ସାରଙ୍କୁ ଘର ଭିତରକୁ ଡାକଲେ । ଅପୂର୍ବ ପଇସା ମାଗିବାରୁ ତାଙ୍କ ଅଭିଭାବକ ମାନେ ରୋକଠୋକ୍ ମନା କରିଦେଲେ । ମନ ଦୁଃଖରେ ବାପାଙ୍କ ପାଖକୁ ଯାଇ କାନ୍ଦିବାକୁ ଲାଗିଲା । ବାପା ବୁଝେଇଲେ- "ଚନ୍ତା କରନା ଅପୂର୍ବ ସବୁ ଠିକ୍ ହେଇଯିବ ।"

ଅପୂର୍ବକୁ ରାତିରେ ନଦ ନାହିଁ । ଶେଷରେ ସାଇକେଲକୁ ବି ବିକଦେଲା । ସେ ପଇସା ବି ନଅଁଟ । ଦରମା ବି ଠିକ୍ ସମୟରେ ମିଳୁନ । ଶିକ୍ଷକ ସାଥୀଙ୍କୁ ମାଗିଲେ ବି ମିଳବନ । ବାପାଙ୍କ ପାଇଁ ଔଷଧ, ଫଳ, ଖାଦ୍ୟ, ପାଣି ସବୁ କେମିତି ଯୋଗାଡ଼ କରିବ କଛି ବୁଝିପାରେନ । ଦୁଇଦିନ ହେଲା କଛି ଖାଇନ ।

ରାତିରେ ଏମିତି ବୁଲୁବୁଲୁ ତାର ଦେଖା ହେଲା ତାର ପୁରୁଣା ଏକ ସାଙ୍ଗ ସହିତ। ସବୁ ବଖାଣିଦେଲା ବିକଳରେ । ତା"ସାଙ୍ଗ ତାକୁ ଆଶ୍ୱାସନା ଦେଇ ପଇସା ପାଇଁ ଆଉ ଜଣକ ପାଖକୁ ନେଇଗଲା । ସେ ଲୋକଟି ଅଦ୍ଭୁତ ଦିଶୁଥାଏ । ଲୋକଟି କହିଲା ଯଦି ଏଇ ରାତିରେ ତମେ ଏଇ ବ୍ୟାଗ୍ ଟି ଠିକଣା ଜାଗାରେ ଦେଇଦେବ ତାହେଲେ ଏକ ଲକ୍ଷ ଟଙ୍କା ମିଳବ । ଅପୂର୍ବ ବିଚାର୍ କଛି ବାଛବିଚାର ନ କରି ରାଜି ହେଇଗଲା । ବ୍ୟାଗଟିକୁ ଧରି ଠିକଣା ଅଭିମୁଖେ ଯାତ୍ରା କଲା ।

ଦୁଇଦିନ ହେଲାଣି ବାପା ଜଗିଛନ୍ତି ଅପୂର୍ବକୁ । ମେଡିକାଲରେ କଏ ବି ଅପୂର୍ବର ଖବର ରଖିନାହାନ୍ତି । ଅପୂର୍ବର ସାଙ୍ଗ ଆସି ତା ବାପାଙ୍କ ଚକିତ୍ସା ପାଇଁ ସବୁ ପଇସା ଦେଇଦେଇ ଚାଲିଗଲା ଖୁସିରେ ।

ବାପାଙ୍କ ଅପରେସନ୍ ହେଲା । ଦେହ ବି ଭଲ ହେଇଗଲା ।କନ୍ତୁ ଅପୂର୍ବ ଆଉ ଫେରିଲା ନାହିଁ । ବାପା ଘରକୁ ଫେରିଗଲେ । ଅପୂର୍ବ ନାହିଁ ।ବ ହୁତ ଖୋଜିଲେ କୋଉଠି ବି

ପାଇଲେ ନାହିଁ । ତା ସାଂଗ କିନ୍ତୁ ସେଇ ଲୋକଠାରୁ ବହୁତ୍ ପଇସା ପାଇ ସାରିଥିଲା ଆଉ ଖୁସିରେ ଥିଲା । ଘର କୋଠା ବାଡ଼ି ବ୍ୟାଙ୍କବାଲାନ୍ସ ରଖି ଏବେ ଅଏସ୍ କରୁଛି ।ବହୁତ ଉନ୍ନତି କରିସାରିଛି ।

ଅପୂର୍ବର ବାପା ଆଉ ପୁଅକୁ ଫେରି ପାଇଲେ ନାହିଁ ।କିଏ କିଏ କହନ୍ତି ପିଲାଟି ଧଳା ଜହର ବେପାର କରୁଥିଲା ଆଉ ଖାଉଥିଲା ମଧ୍ୟ । କିଏ କହନ୍ତି ପିଲାଟି ଆତ୍ମହତ୍ୟା କରିଦେଇଛି ।

"ଅପୂର୍ବ ସବୁଦିନ ପାଇଁ ଅପୂର୍ବ ହୋଇ ରହିଯାଇଥିଲା । ଏଇ ଧଳା ଜହର ସତେ କେତେ ନିରୀହଙ୍କର ଜୀବନ ସଂଗେ ଖେଳୁଛି । ସ୍ୱାର୍ଥବାଦୀ ମଣିଷ ହାତରେ ଅସ୍ତ୍ର ଭଳି କାମ କରୁଛି ।"

ଶିକ୍ଷକ, ଥୁ:ରାମପୁର, କଳାହାଣ୍ଡି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତୁମେ ଆସ



ସିଦ୍ଧେଶ୍ୱର ତ୍ରିପାଠୀ

ତୁମେ ଆସିବାର ସମୟ ହେଇଗଲାଣି
ତୁମେ ଆସ
ତୁମେ ଆସିନ ବୋଲି
ଶୁଖିଲା ପଡିଛି ମାଟି
ଦେହକୁ ଭେଦି ଯାଉଛି
ଏ ଅଦିନଆ ଡହ ଡହ ଖରା

ଗଛଠୁ ପତ୍ର ମାଟିରୁ ଆକାଶ
ପାଣିରୁ ପବନ ଆଉ ପରିବେଶ
ସବୁଠି ବାରି ହୋଇ ପଡୁଛି  ଶୁନ୍ୟତା
ଆଲୋକ ସଜେଇ ବାଜା ବଜେଇ
ଦେହକୁ ଭିଜେଇ ମନକୁ ସଜେଇ
ତୁମେ ଆସ

ଏ ଶୁଷ୍କ  ସମୟରେ
ଭାରି ଲୋଡ଼ା ପଡୁଛି
ତୁମ ମିଠା ହସ
ତୁମ ଆସିବା ସମୟ ହୋଇଗଲାଣି
ତୁମେ ଆସ  ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଭିନ୍ନ ଏକ ଗୋବିନ୍ଦଚନ୍ଦ୍ର



ରମାକାନ୍ତ ସେଠ୍

କାଲିକ ପୂରିବ ଏକୋଇଶ ବର୍ଷ
ସଜା ହେଲାଣି ଲାଉଥାଳ, ଚତାଚନ୍ଦନ
ଆଉ ଗେରୁଆବସ୍ତ୍ର,
ବାହାରେ ଶୁଭିଲାଣି କେନ୍ଦରାସ୍ୱର, ଡୀରର ଝଙ୍କାର
ରୁହଟିକେ ଶୁଣିନଏ!
ଅନେଶ୍ୱତ ରାଣୀର ମୋହମାୟା ତ୍ୟାଗକରି
ଗୋବିନ୍ଦ ପରା ସାଜିବ ଯୋଗୀ ।
ଭୁଲିଯିବ ରତ୍ନ ସିଂହାସନ
ଭୁଲିଯିବ ମୁକ୍ତାଦେବୀଙ୍କ ମାୟାମମତା
ଭୁଲିଯିବ ସେଥିଲା ଏକ ରାଜ୍ୟର ରଜାବୋଲି
ଆଉ ମୁଠାଏ ଭାତ ପାଇଁ ଚକ୍କାର କରୁଥିବା
ପ୍ରଜାମାନଙ୍କର କରୁଣଧ୍ୱନ,
ରାଣୀ ରେଧମାଙ୍କ ପ୍ରୀତିପରଶଠାରୁ ସେବହୁ ଦୂରରେ
ସେ ଆଜି କାଶ୍ମିରୀର ଡାଲହ୍ରଦପରି,
ପୁଣି ଅଭିଶପ୍ତ ଡିମିରି ଫୁଲଟେ,
ଯିଏ ଅଦୃଶ୍ୟ ହୋଇଯାଇଛି କଛିକ୍ଷଣ ପାଇଁ
ଭଜୁକନାରାମ ଶବ୍ଦରେ।
ଖାଲି ପଡିଛି ରତ୍ନ ସିଂହାସନ
ଭୁଲିଯାଇଛି ମାୟାମମତା
ସେ ଏବେ କେବଳ ଯୋଗୀ ଆଉ କେବଳ ଯୋଗୀ,
ଆଉ ହାଡିପାଙ୍କ ଯୋଗମାର୍ଗର
ସେଏକ ସିଦ୍ଧସାଧକ ।

ସ୍ନାତକତ୍ତୋର ଷଷ୍ଠ ବର୍ଷ,
ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀ

# ହାଟ



କ୍ଷୀରେନ୍ଦ୍ର ସାହୁ

ଇ ହାଦେ ହେଇଛେ
ଜବର୍ ବୁଚ୍ କା ଟେ
ମେନ୍ ମେନସା ସେନ୍ ହୋମାନ୍ ଡିଆ
ଘିନ ଘିନ ହାଟେ,
ବେଲ ଖସରି ଗଲ୍ନ ଖନ୍ଧୁ
ନୈ ଉତରିଲ୍ ବୁଚକା
ଓଜନର୍ ମାଡେ
ଉପକ ପଡିଛେ ଗୁପର ଏଡେ
ଫୁକା
ରେତାରେତେଇ ଗହଦୁ
ଅଥୋଥମାଲି
ଫେର୍ ଭି ମୁଇଁ ନ ଛାଡଲି ।।

ହୃଷିକେଶ, ଉତ୍ତର୍ଖଣ୍ଡ

# ଝିଅର ବେଦନା

ସୂର୍ଯ୍ୟକାନ୍ତି ରାଉତ

ମା ତୋ କୋଳରେ ଜନମିଲି ମୁହିଁ
କନ୍ୟା ରତ୍ନଟିଏ ହୋଇ
ତୋ ପରସେ ମୁଁ ଜାଣିଲି ଏତିକ
ସ୍ନେହମୟୀ ମା ତୁହିଁ ॥

କୁଆଁ କୁଆଁ ରଡି ଶୁଣି ଦେଲୁ ପରେ
ତୋ ଆତ୍ମା ହେଲା ଯେ ସ୍ଥିର
ବାକି ପ୍ରିୟଜନ ଦୁଃଖେ ରାଗିଗଲେ
ମନ ଯେ ତାଙ୍କ ଅସ୍ଥିର ॥

ତୋ ଯତ୍ନରେ ହେଲି ଶିଶୁରୁ କୈଶୋର
ତୋ ପାଇଁ ମୁଁ ଲକ୍ଷ୍ମୀ ମା
ସହି ଗଲିଛି ମୁଁ କେତେ ଯେ ଯନ୍ତ୍ରଣା
କହିପାରେ ନାହିଁ ମା ॥

ସାଙ୍ଗସାଥି ମେଳ ବୋହୁ ଗେରି ଖେଳ
ହୋଇଗଲା ସତେ ସ୍ମୃତି
ବଧୂ ବେଶ କରି ବିଦାୟ ଦଉଛୁ
ଏକା ରହିବି କେମିତି ॥

ନୂଆ ଲୋକ ମେଳେ ଖୋଜେ ବେଳେବେଳେ
ମୋର ଏ ଅବୁଝା ମନ
ମିଳନ୍ତା କି ମା ତୋ ସ୍ନେହ ଆଦର
ତୋ ପନତ ଚରଦିନ ॥

ଘର, ପରିବାର ନୂଆ ସବୁ ଏଠି
ମନରେ ଉଠଇ ଭୟ
ତ୍ୟାଗ, ବଳିଦାନ ସବୁ ଏଠି ବ୍ୟର୍ଥ
କି କରିବି ମା କହ ?

ଶିକ୍ଷୟିତ୍ରୀ, ସରକାରୀ
ଉ.ପ୍ରା.ବିଦ୍ୟାଳୟ
ଜଟଣି, ଖୋର୍ଦ୍ଧା

# ଶ୍ରୀମଦ୍ ଭଗବତ୍ ଗୀତାର ତ୍ରୟୋଦଶ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଭଗବାନ୍ ଦ୍ୱାଦଶ ଅଧ୍ୟାୟରେ ଭକ୍ତି ବିଷୟରେ ବର୍ଣ୍ଣନା କରିଛନ୍ତି । ସମ୍ୟକ୍ ଜ୍ଞାନ ଲାଭ ନ ହେଲେ ଭକ୍ତି ପୂର୍ଣ୍ଣାଙ୍ଗ ହେବ ନାହିଁ । ଏଣୁ ତ୍ରୟୋଦଶ ଅଧ୍ୟାୟରେ ଭଗବାନ ସେହି ଜ୍ଞାନ ବର୍ଣ୍ଣନା କଲେ । ଶରୀର କ୍ଷେତ୍ର ଓ ଶରୀରସ୍ଥ ଆତ୍ମା କ୍ଷେତ୍ରଜ୍ଞ । ଏହାକୁ ମଧ୍ୟ ପ୍ରକୃତି ଓ ପୁରୁଷ କୁହାଯାଏ । ସମସ୍ତ କ୍ଷେତ୍ରରେ ଭଗବାନ୍ ନିଜେ ମଧ୍ୟ କ୍ଷେତ୍ରଜ୍ଞ ଶରୀରସ୍ଥ ଆତ୍ମା ପରମାତ୍ମାଙ୍କ ଅଂଶ ବିଶେଷ । ଏହି କ୍ଷେତ୍ର ଓ କ୍ଷେତ୍ରଜ୍ଞ ଜ୍ଞାନ ହିଁ ପ୍ରକୃତ ଜ୍ଞାନ । ପଞ୍ଚ ମହାଭୂତ, ଦଶଇନ୍ଦ୍ର, ପଞ୍ଚ ଇନ୍ଦ୍ରିୟ ବିଷୟ, ମନ, ବୁଦ୍ଧି, ଅହଙ୍କାର, ଇଛା, ଦ୍ୱେଷ, ସୁଖ ଦୁଃଖ, ଚେତନା ଓ ଧୈର୍ଯ୍ୟ ଏ ସବୁର ସମଷ୍ଟିରେ କ୍ଷେତ୍ର ହୁଏ ।

ଅମାନିତ୍ୱ, ଅଦମ୍ଭିତ୍ୱ, ଅହିଂସା, କ୍ଷମା, ଆର୍ଜବ, ଗୁରୁସେବା, ଶୌଚ, ସ୍ଥିରତା, ଆତ୍ମ ବିନିଗ୍ରହ, ବୈରାଗ୍ୟ, ଅନହଂକାର, ଜନ୍ମ ମୃତ୍ୟୁ, ଜରାବ୍ୟାଧି, ଦୁଃଖ ଦୋଷକୁ ଦର୍ଶନ, ସକାମ କର୍ମରେ ଅନାସକ୍ତି, ପୁତ୍ର-ସ୍ତ୍ରୀ ଗୃହାଦିରେ ନିର୍ଲିପ୍ତ, ସର୍ବଦା ସମଚିତ୍ତ, ପରମାତ୍ମାଙ୍କ ଠାରେ ଅଚଳା ଭକ୍ତି, ପବିତ୍ର ସ୍ଥାନରେ ବାସ, ଜନଗହଳରେ ଅରତି, ସର୍ବଦା , ଆଧ୍ୟାତ୍ମିକ ଜ୍ଞାନ ନିଷ୍ଠା, ତତ୍ତ୍ୱଜ୍ଞାନ ପ୍ରୟୋଜନରେ ଆଲୋଚନା-ଏହି କୋଡିଏଟି ଜ୍ଞାନ ଅଟେ । ପରଂବ୍ରହ୍ମ ସତ୍ ନୁହନ୍ତି କି ଅସତ୍ ନୁହନ୍ତି । ତାଙ୍କର ସବୁଆଡେ ହସ୍ତ, ପଦ, ଚକ୍ଷୁ, ଶିର, ମୁଖ, କର୍ଣ୍ଣ ଅଛି । ଏହି ଜଗତରେ ସେ ସମସ୍ତ ବସ୍ତୁ ଓ ଜୀବଙ୍କୁ ଆବୃତ୍ତି କରି ଅବସ୍ଥାନ କରୁଅଛନ୍ତି । ସେ ସମସ୍ତ ଇନ୍ଦ୍ରିୟ ଓ ସେମାନଙ୍କର ଗୁଣର ପ୍ରକାଶକ; ପୁଣି ସେ ସମସ୍ତ ଇନ୍ଦ୍ରିୟ ଶୂନ୍ୟ । ସେ ସମସ୍ତ ଜୀବମାନଙ୍କର ଭିତରେ ଅଛନ୍ତି ଓ ବାହାରେ ଅଛନ୍ତି । ସେ ଦୂରରେ ଅଛନ୍ତି ଓ ନିକଟରେ ମଧ୍ୟ ଅଛନ୍ତି । ସେ ଅତିଶୟ ସୂକ୍ଷ୍ମ ହୋଇଥିବାରୁ ତାଙ୍କୁ କେହି ଜାଣିପାରୁ ନାହାଁନ୍ତି । ସେ ସମସ୍ତ ଜୀବମାନଙ୍କଠାରେ ଅବସ୍ଥାନ କରୁଥିବାରୁ ବିଭକ୍ତ ପରି ଜଣା ଯାଉଥିଲେ ହେଁ ସେ ଅବିଭକ୍ତ ଓ ଏକ ଅଟନ୍ତି । ସେ ଜ୍ଞାନ, ଜ୍ଞାତବ୍ୟ ଓ ଜ୍ଞାନ ଦ୍ୱାରା ଲଭ୍ୟ ଅଟନ୍ତି ।

ପ୍ରକୃତି ଓ ପୁରୁଷ ଅନାଦି । ଦେହ, ଇନ୍ଦ୍ରିୟ, ସୁଖ ଦୁଃଖାଦି ବିକାର ଓ ଗୁଣ ସବୁ ପ୍ରକୃତିରୁ ଉତ୍ପନ୍ନ । କାର୍ଯ୍ୟ କାରଣରେ ପ୍ରକୃତି ହେତୁ ଅଟେ । ପୁରୁଷ ଅକର୍ତ୍ତା ହେଲେ ହେଁ ପ୍ରକୃତି ସଙ୍ଗରେ ଭୋକ୍ତା ସାଜେ । ଏଣୁ ତା'ର ସତ୍ ଓ ଅସତ୍ ଯୋନି ଜନ୍ମ ହୁଏ । ଦେହରେ ପରମାତ୍ମା ମଧ୍ୟ ଅବସ୍ଥାନ କରନ୍ତି । ସେ ଦ୍ରଷ୍ଟା, ଅନୁମନ୍ତା, ଭୋକ୍ତା ଓ ମହେଶ୍ୱର ଅଟନ୍ତି । ତାଙ୍କୁ ଚାରି ପ୍ରକାରରେ ଜାଣି ହୁଏ । ଧ୍ୟାନଯୋଗ, ସାଂଖ୍ୟଯୋଗ ଓ କର୍ମଯୋଗ ଦ୍ୱାରା ଏ ତିନିପ୍ରକାର କଥା ନ ଜାଣି ଅନ୍ୟମାନଙ୍କଠାରୁ ଶୁଣି ଶ୍ରଦ୍ଧା ଓ ଭକ୍ତିରେ ତାଙ୍କର ଉପାସନା କରି ମଧ୍ୟ ମୁକ୍ତିଲାଭ କରାଯାଇପାରେ-ଏହା ଚତୁର୍ଥ ଉପାୟ ।

ସମସ୍ତ ସ୍ଥାବର ଜଙ୍ଗମ କ୍ଷେତ୍ର କ୍ଷେତ୍ରଜ୍ଞଙ୍କ ସଂ ଯୋଗରୁ ଉତ୍ପନ୍ନ ହୁଏ । ସମସ୍ତ କର୍ମ ପ୍ରକୃତି ଦ୍ୱାରା ହୁଏ, ମାତ୍ର ଆତ୍ମା ଅକର୍ତ୍ତା । ସମସ୍ତ ଭୂତରେ ପରମେଶ୍ୱର ବିଦ୍ୟମାନ ଥିବାରୁ ପୃଥକ୍ ଜଣା ଯାଉଥିଲେ ହେଁ ସେ ଏକ ଓ ଅଭିନ୍ନ । ତାଙ୍କଠାରୁ ଏ ଜଗତ୍ ବିସ୍ତାର ଲାଭ କରିଛି ଜାଣି ପାରିଲେ ମୁକ୍ତିଲାଭ ହୁଏ । ସେ ନିର୍ଗୁଣ ଓ ଅବ୍ୟୟ ହୋଇଥିବାରୁ କିଛି କରନ୍ତି ନାହିଁ ବା କେଉଁଥିରେ ଲିପ୍ତ ହୁଅନ୍ତି ନାହିଁ ।

କ୍ଷେତ୍ର, କ୍ଷେତ୍ରଜ୍ଞ ଓ ପରମାତ୍ମାଙ୍କ ସମ୍ବନ୍ଧରେ ଏସବୁ ତତ୍ତ୍ୱ ଜାଣିପାରିଲେ ସାଧାରଣଙ୍କର ବ୍ରହ୍ମ ପ୍ରାପ୍ତି ହୁଏ । କ୍ଷେତ୍ର ଓ କ୍ଷେତ୍ରଜ୍ଞ ଉଭୟଙ୍କର ପ୍ରଭେଦ ଜ୍ଞାନ ଏ ଅଧ୍ୟାୟରେ ବର୍ଣ୍ଣିତ ହୋଇଥିବାରୁ ଏ ଅଧ୍ୟାୟଟିକୁ କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗ କହନ୍ତି ।

ସଂଗ୍ରହକର୍ତ୍ତା- ନରେନ୍ଦ୍ର ପ୍ରସାଦ ବେହେରା,
ଆଳନ୍ଦା, ଖଇରା,ବାଲେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ତୁମ ମୟ



ଶରତ କୁମାର ନାଏକ

ଆଖି ଖୋଲିଲେ ଲାଗେ
ସତେ କି ତୁମେ ପ୍ରାଚୀବଧୂ ସାଜି
ଅରୁଣିତ ମୁଖରୁ ଅବଗୁଣ୍ଠନ ଖୋଲି
ମୋ ଯୌବନାବସ୍ଥାକୁ ଆନ୍ଦୋଳତ କର

ମୁଁ ହରେଇ ବସେ
ମୋ ବିଜ୍ଞତାର ନାଭିକେନ୍ଦ୍ର
ଯେମିତି ପୃଥିବୀ ଓ  ଆକାଶର
ମିଳନ ଘଟେ
ଦିଗବଳୟର ଗୁପ୍ତ ମନ୍ତ୍ରଣାରେ

ଠିକ୍ ସେହିପରି
ମୋ ମନର ଯାବତୀୟ ଶୃଙ୍ଖଳ ଭାଙ୍ଗି
ତୁମେ ଗଳିଆସ
ମୋ ଅବଚେତନର ସପନରେ

ବିଗ୍ରଟ ସିନ୍ଧୁ ପ୍ରତିତ ହୁଏ ମୋତେ ସୂକ୍ଷ୍ମ
ଅନ୍ଧାରରେ ଦେଖେ ଝାପ୍ସା ଝାପ୍ସା ଆଲୋକ
ବର୍ଷାରେ ଦୃଶ୍ୟମାନ ହୁଏ ପ୍ରେମର ବହ୍ନି
ନୟନ ସମୁଦ୍ରେ ଖୋଜେ
ଚନ୍ଦ୍ରଭାଗାର କୋଣାରକ

ମୁଁ ବାଟହୀନ ପୁଣି ଅବାଟର ବାଟୋଇ
ଚଳାପଥ ମୋର ଅଙ୍କା ବଙ୍କାର ବଳୟ
ଦିବସ ଓ ରଜନୀ ଘାଣ୍ଟି ହୁଏ ଦିନଚର୍ଯ୍ୟାରେ
ଲାଗେ ମୋତେ ଖାଲି ତୁମମୟ !!

କଳାହାଣ୍ଡି ବିଶ୍ୱବିଦ୍ୟାଳୟ,
ଭବାନୀପାଟଣା

# ପ୍ରେମର ଭୂଗୋଳ



ପ୍ରଶାନ୍ତ କୁମାର ପଧାନ

ଅକ୍ଷାଂଶ ଦ୍ରାଘିମା ସବୁ ତୁମେ ମୋର
ଭୂ ଗୋଲକ ମୁଁ ତୁମର
ଭଙ୍ଗି  ପାରିବନ  ସମ୍ପର୍କକୁ  ଆମ
ନକ୍ଷତ୍ର  ମହାକାଶର  ।।
ତୁମେ ଥିଲ ଦିନେ ଉତ୍ତର ମେରୁ ଗୋ
ମୁଁ ମେରୁଟେ ଦକ୍ଷିଣ
ପ୍ରେମଅକ୍ଷ  ଆସି  ସଂଯୋଗ କରିଲ୍
ହୋଇଲ୍ ଆମ ମିଳନ ।।
ହୃଦୟ  ମାନଚତ୍ରରେ  ଅଟ  ତୁମେ
ଦୂରତା ଦିଗ ସଂକେତ
ତୁମେ  ଅଟ  ପୁଣି  ବାୟୁ  ଆଉ ଅଗ୍ନି
ଐଶାନ୍ୟ ସାଥେ ନୈଋତ ।।
ଆବର୍ତ୍ତନ  ଆମ  ସୃଷ୍ଟି  କରୁଥିବ
ପ୍ରେମର ଦିବସ ନିଶି
ଆମ  ମିଳନରେ  ହସି  ଉଠୁଥିବ
ତାର୍ ସୂର୍ଯ୍ୟ ସହ ଶଶୀ ।।
ଆଲୋ୍କବର୍ଷର  ଦୂରତାରେ ଯାଇ
ଗଢ଼ିବା ପ୍ରେମର ପିଣ୍ଡ
ଖୋଜୁଥିବେ ଯେ ଉଲକା ଉପଗ୍ରହ
ଖୋଜିବ ବିଶ୍ୱ ବ୍ରହ୍ମାଣ୍ଡ  ।।

ବୁର୍ଲେମୁଣ୍ଡା, ବରଗଡ଼

# ଅଧୁର୍ ପ୍ରେମ...



ଶିଶିର କୁମାର ସାମଲ

ଜୀବନ ଯୁଦ୍ଧରେ ହାରିମୁଁ ସାରିଛି
ଜିତିବାକୁ ଇଚ୍ଛା ଥାଇ,
ସମୟ ସାଥୀରେ ବାଟ ଗ୍ଭଲିବାକୁ
ସାଥୀ ମୋର କେହି ନାହିଁ ।।
ପ୍ରେମର ଫୁଲକୁ ସଜାଇ ରଖିଛି
ହୃଦୟ ଭିତର ଥୋଇ,
ବଣମଲ୍ଲୀ ସେତ ଅକାଳେ ଝଡୁଛି
ସତେ ବାସ ହଗ୍ ହୋଇ ।।
ଫୁଟୁନାହିଁ ଆଉ ମନ ଉପବନେ
ପ୍ରେମର ପ୍ରୀତି ସୁମନ,
ଶୁଭୁନାହିଁ ଆଉ ଭ୍ରମରର ସ୍ୱର
ମଧୁମକ୍ଷୀ ର ଗୁଞ୍ଜନ ।।
ହୃଦୟ କାନ୍ଦୁଛି ଗୁମୁରି ଗୁମୁରି
ନାହିଁ ଆଜି ପ୍ରେମ ତାର,
ସରଗ ଗ୍ଭଇଜେ ଘର ତୋଳଥିଲ୍
ହୋଇଗଲ୍ ଯାଜାବର ।।
ଅଧା ରହିଗଲ୍ ପ୍ରେମର କାହାଣୀ
ହେବନାହିଁ କେବେ ପୂର୍ଣ୍ଣ,
ଆର ଜନମକୁ ବାକ ରହିଗଲ୍
ସପନ ହେଲ୍ ଅଧୁର୍ ।।

କଣ୍ଟିପୁର, ଯାଜପୁର

# କେତେ ଭଲପାଏ



ଲିଟନ କୁମାର ବେହେରା

ମୁକ୍ତ ଆକାଶ ଅଗଣାରେ
ତାରାମାନ ଦିଶନ୍ତି ଚକମିକ
ହେଲେ ଜହ୍ନ ଛପେ କଳାମେଘି ବାଦଲରେ
ପ୍ରେମର ସଜ ଗୋଲାପ
ମୋଉଳ ଯାଇଛି  ମୋ ମନ ବଗିଚାରେ,
ଆଛା ତୁମ କଥା ଏତେ କାହିଁକ ଭାବୁଛି
ପ୍ରଶ୍ନ ଆସେ ତୁମେ ମୋର କିଏ
ମୁ ବି ଜାଣିନ, ଜାଣିଛି ଏ ଚାନ୍ଦ
ମୁ ତୁମକୁ କେତେ ଭଲପାଏ .............(୧)

ବିରହ ବେଦନାରେ କେବେ ତମେ
ଟିକେ ଭାବାନ୍ତର ହେଇ ହଜନ୍ତକ
ତୁମ ସନ୍ଧେଇ ଆଖିରେ ମୋ ନିରାସ
ହୃଦୟର ମିଠା ଅଭିମାନ କୁ ବୁଝନ୍ତକ,
ଛାଡ, କେମିତିବା ବୁଝିପାରିବ ତମେ
ମୋ ଆଖିର ଲୁହ ଆଉ ମନର କୋହ,
ତୁମ ହୃଦୟ ପରା ହୃଦୟ ନୁହଁ
ତଥାପି ଆଜି ମୋ ଭାବନା ଖୋଜେ

ସେ ନର୍ଝର କୂଳରେ ଗଛଲତା ପାଶେ
ଆଖି ମିଶା ମିଶି ମୁରୁକ ହସ ଟିକଏ
କେହି ଜାଣୁ କ ନଜାଣୁ ସେଇ ଝରଣା ଜାଣିଛି
ମୁ ତୁମକୁ କେତେ ଭଲପାଏ  .............(୨)

ବଣ ଖମଣ କଛି ମୁ ମାନେନା
କଣ୍ଟାର ରାସ୍ତାରେ ମଧ୍ୟ ଚାଲିବାକୁ ପ୍ରସ୍ତୁତ
ତୁମ ହାତର ସାହାରା ଥିଲେ ପାଶେ,
କିନ୍ତୁ,
ଝୁଣ୍ଟି ପଡେ ପାଦ ଆଜି
ଥକ ଯାଏ ମୁ ଡାକେ ବାଟ ଚାଲୁଚାଲୁ
ତୁମ ଅନୁପସ୍ଥିତି ଅନୁଭବ ହୁଏ
କେହି ଜାଣୁକ ନ ଜାଣୁ, ଚାଲାପଥ ତ ଜାଣିଛି
ମୁ  ତୁମକୁ କେତେ ଭଲପାଏ .............(୩)

# ବଡା ନୁଆ ନୁଆ ଲାଗୁଛେ



ଫିରୋଜ କୁମାର ପଟେଲ

ମୁହୁଁ ମଲକେଇ ଯାଏସ ଗୁଲି
ତିରଛି ନଜର ମାରି
ମଲିଫୁଲିଆ ହଁସିଥି ଫସି
ମୁଇଁ ହେଉଥିସି ଘାରି
ମୋର ମନ ବାଏବିଛୋ ହଉଛେ
ତମକୁ...
ବଡା ନୁଆ ନୁଆ ଲାଗୁଛେ ।

କପାଲେ ଟିକଲି ପାଦେ ଅଲତା
ହଳଦୀ ମାଖସ ଗାଲେ
ଶାଢ଼ୀ ପିନ୍ଧୁଥିସ କୁଂଚ ପକେଇ
ଗଜରା ଲଗାସ ବାଲେ
ମୋର ମନ ତ ଫସି ଯାଉଛେ
ତମକୁ...
ବଡା ନୁଆ ନୁଆ ଲାଗୁଛେ ।

କହ କହ ବଲି କେତେ ଗହଗହ
କଥା ପଦେ କହ ନାଇଁ
ରିସେଇ ହଉଛ କାଁଏ ବଲି ଧନ
ଘାଂଟି ସାନ ହୁଏ ମୁଇଁ
ମୋର ମନ ଅଧରଜିଆ ହଉଛେ ତମକୁ...
ବଡା ନୁଆ ନୁଆ ଲାଗୁଛେ ।

ରାତି ଅନ୍ଧାର ଚପଲି ଗଲେ
ସପନ କରସି ଅଥା
ଜାନ ଜାନ କରି ତମେ ଧନ
ମନକେ ଦଉଛ ବଥା
ମୋର ମନ ଛିନା ଛିନା ଲାଗୁଛେ
ତମକୁ..
ବଡା ନୁଆ ନୁଆ ଲାଗୁଛେ ।

କଦମ ତଲେ ଭେଟ ହେମି ବଲି
ଟିଆ ତମେ ଦେଇଥିଲ
କେନଦି ରହେଲ ସଜନୀ ତୁମେ
ଦେଖା ଟିକେ ନାଇଁ ଦେଲ
ମୋ ମନ ଗା ତମକୁ ଖୁଜୁଛେ
ତମକୁ...
ବଡା ନୁଆ ନୁଆ ଲାଗୁଛେ ।

ଅଧ୍ୟାପକ, ପ୍ରୟାସ ଡିଗ୍ରୀ କଲେଜ,
ସୁନ୍ଦରଗଡ

# ଆସ ସଭେ ଆମେ
# ଏକ୍ ହେମା



ବିଶ୍ୱନାଥ ଭୁଏ

ମୁନୁଷ୍ ଜୀବନ୍ ପେଇଛୁଁ ବଲି
ଛନ୍ଦ୍ କପଟ୍ ଯେତେ ଭୁଲି
ବିଶୁଆସ୍ ବିହନ୍ ବୁନଦେମା
ଆସ ସଭେ ଆମେ ଏକ୍ ହେମା... ।
କେଡ଼େ ସୁନ୍ଦର୍ ପୁର୍'ଥି ଅଛେ
ଗ୍ଯର୍'ହିକୁତି ମହକ ଯଉଛେ
ଦୟାର୍ ଭାବ୍'ନା ବାନ୍ଧି ଦେମା
ଆସ ସଭେ ଆମେ ଏକ୍ ହେମା... ।
ସଭେ ସମାନ୍ ଆମେ ଯେତେ
ଛୋଟ୍ ବଡ୍ କହେ ନୁହନ୍ ସଥେ
ଛିଆଁ ଅଛୁଆଁ ଦୂର୍ କର୍'ମା
ଆସ ସଭେ ଆମେ ଏକ୍ ହେମା... ।
ବିପଦର୍ ଖେଲ୍ ଖତମ୍ କରି
ସାହାଯର୍ ହାଁତ୍ ବଢେଇଦେଇ
ନୂଆଁ ଦୁନଆଁ ଗଢ଼ି ଦେମା
ଆସ ସଭେ ଆମେ ଏକ୍ ହେମା,
ଆସ ସଭେ ଆମେ ଏକ୍ ହେମା..... ।

କେଶାଇପାଲି, ଭଟଲି, ବରଗଡ

# ଗଛ ଲଗାମା



ସୁଶାନ୍ତ ରଣା

ହଜି ଗଲ୍କ ହଜେଇ ଦେଲୁ
ଇହାଦେ ନାଇଁନ ମନେ
ବଦଲିଲ୍ କ ବଦଲେଇ ଦେଲୁ
ସୋର ପଡବା ଦିନେ ॥
ଶର୍ବନେ ଭି ଜନର ତେଜେ
ମାଏଟ୍ ଯାଉଛେ ଫାଟି
ବର୍ଷାରଦିନେ ଭି ବର୍ଷା ନାଇଁ
କହୁଛୁ, କରମ ଗଲ୍ ଫାଟି !
ଭଲ କରି ମୁଠେ ଖାଏଲୁ ପିଇଲୁ
ଇହାଦେ, ମଜା ମାରୁଛୁ ଖୁଲି !!
ସୋର ପକାଥରେ, ତୋର ଘର ତର୍ନୁ
ଜଙ୍ଗଲ ଥିଲ୍ କ ନାଇଁ,
ବର୍ଷାର ଦିନେ ବର୍ଷା, ଶୀତର ଦିନେ ଶୀତ
ଖର୍ର ଦିନେ ଖର୍, ସୁଖେ ଗାଉଥିଲୁ ଗୀତ ॥
ଆଏଜ କେଁ ହେଲ୍ ଯେ
ମନ ଦୁଖେ, ଗାଏଲ ଦେଉଛୁ ଖାଲି
ମେଘ ବର୍ଷାର କାଏଁ ଦୋଷ
ଜଙ୍ଗଲ ପଦାକରି, କଲୁ ଦୋଷ ??

ଇହାଦେ ଭି ସମିଆଁ ଅଛେ
ଆସ ନେମା ଶପଥ
ଜଣ କେ ଗୁଟେ "ଗଛ ଲଗାମା"
ଫି ବଛର୍ ବଛର୍ ॥
ଗଛ ଲଗେଇ ଜଙ୍ଗଲ ବଢାମା
ହସବା ପରିବେଶ
ବର୍ଷାର ଦିନେ ବର୍ଷା, ଶୀତର ଦିନେ ଶୀତ
ବସବା ଆମ ଦେଶ ॥

ସମ୍ପାଦକ, ନେହେରୁ ଯୁବକ ସଂଘ,
ତେରେସିଂହା, ଜି. କଳାହାଣ୍ଡି

# ଶିଶୁ ବିଭାଗ



# ଭାଲୁର ପଣସ ଖିଆ



ଡ଼ଃ ରଞ୍ଜିତ କୁମାର ସାହୁ

"ତିନଟା ପଣସ ପାଚକ ଝୁଲୁଛି ବାଡ଼ିରେ; ଦିଅରଙ୍କୁ କହି ସେଗୁଡାକ କାଲି ସକାଳେ ତୋଳି ଦିଅ । ଚାରି ଦିନ ପରେ ସାବିତ୍ରୀ ପୂଜା ପାଳନ ହେବ । ଘରେ ଗୋଟାଏ ପୂଜାରେ ଲାଗିବ ଆଉ ଅନ୍ୟ ଦୁଇଟା ଦୁଇ ନଣନ୍ଦଙ୍କୁ ସାବିତ୍ରୀ ଭାର ସହ ପଠେଇଦେବା । ମୁଁ ଆଉ ଅଧା ଘଣ୍ଟାରେ ରୋଷେଇ ସାରିକି ଯିବି ପଡିଶା ଘର । ଭାଉଜ କହିଛନ୍ତି ତାଙ୍କ ଘରେ ରହିବାକୁ ଆଜି ରାତିରେ ଯେହେତୁ ତାଙ୍କ ଘରେ ଆଉ କେହି ନାହାନ୍ତି," । ରୋଷେଇ ଘର ଭିତରୁ ବଡ଼ମାଆଙ୍କ ଡାକ ଶୁଣି ବୋଉ "ହଉ" ଉତ୍ତରଟିଏ ଦେଲେ ।ଖରା ଛୁଟି ପାଇଁ ସମସ୍ତେ ଗାଆଁକୁ ଆସିଥିଲେ । ଗୋପୀର ବାପା ଛୋଟ ପୁଅ ହୋଇଥିବାରୁ, ଗାଆଁକୁ ଆସିଲେ ଗୋପୀର ବଡବାପା ଆଉ ବଡ଼ମାଆଙ୍କ ସବୁ କଥା ମାନନ୍ତି । ଦୁଇ ପିଉସୀଙ୍କ ଘରକୁ ସାବିତ୍ରୀ ପୂଜା ପାଇଁ ଭାର ଯିବ, ସେଥି ପାଇଁ ବୋଉ ଗାଆଁକୁ ଆସିଲା ମାତ୍ରେ ବଡ଼ମା ତାଙ୍କୁ ସେହି ଦାୟିତ୍ୱ ଧରେଇଛନ୍ତି । ଗୋପୀ ଗପ ବହି ଟିଏ ଧରିଥାଏ କିନ୍ତୁ ତାହାର ମନଟା ଥାଏ ରୋଷେଇ ଘରେ । କେତେବେଳେ ବଡ଼ମା ଡାକିବେ ଖାଇବାକୁ । ବଡ଼ମା ପଣସ ଆମ୍ବିଳ କରିଛନ୍ତି ଯାହା ଗୋପୀର ବହୁତ ପ୍ରିୟ ଖାଦ୍ୟ ।

ସକାଳେ ସିଏ ମଧ୍ୟ ବାଡ଼ି ଆଡକୁ ବୁଲି ଯାଇଥିଲା । ଏକ ଭିନ୍ନ ପ୍ରକାର ବାସ୍ନାରେ ମହକୁ ଥିଲା ବାରିପଟ । ଉପରକୁ ଚାହିଁ ଦେଖିଲା, ଘଞ୍ଚ ଗଛ ଗଣ୍ଡିରେ ଗୁଡ଼ାଏ କଂଟାଳିଆ ଫଳ ସବୁ ଭର୍ତ୍ତି ହୋଇ ରହିଛି । ଗଛରେ ଏବେ ମଧ୍ୟ ବହୁତ କଷି ପଣସ ଥିଲା, ଯାହା ଘରେ ରୋଷେଇରେ ଲାଗୁଥିଲା । ବଡ଼ମା ପୂର୍ବ ଦିନ ଗୋଟାଏ ପାଚିଲା ପଣସ କାଟିକି ସମସ୍ତଙ୍କୁ ଖାଇବାକୁ ଦେଇଥିଲେ । ପଣସ ଗଛରେ ପ୍ରଚୁର ଫଳ ହୁଏ । ଅନେକ ସମୟରେ ଏହା ଏତେ ପରିମାଣରେ ହୁଏ, ଯାହାକୁ ଖାଇ ହୁଏନା । ଲୋକେ କଞ୍ଚାରେ ଏହାକୁ ତରକାରୀ ଓ ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରନ୍ତି । ପୂର୍ବରେ ଗାଆଁରେ ଖରା ଦିନିଆ ଭୋଜିରେ,

ପଣସର  ବେସର, ତରକାରୀ, ଘାଣ୍ଟ ଇତ୍ୟାଦି ବହୁତ ଖାଇଥିଲ୍ ଗୋପୀ I ଆଜିକାଲି ଆଉ ସେଗୁଡାକ ଦେଖିବାକୁ ମିଳୁନ I ସବୁ ଆଡେ ଖାଲି ବୁଫେ ସିଷ୍ଟମରେ ଭେଜି ଆଉ ସେହି ଏକ ପ୍ରକାର ବର୍ଦ୍ଦ ଦିଆ ଯାଇଥିବା ଖାଦ୍ୟ !



ଗୋପୀର ବହୁତ ମନ ହେଉଥାଏ, ନଜେ ଯାଇ ଗଛ ଉପରେ ଚଢ଼ି ପଣସ ତୋଳବାକୁ । କନ୍ତ ବଡ଼ମା ମନା କରିଛନ୍ତି I କେବଳ ବାପା କମ୍ବା ବଡ ବାପା କମ୍ବା ଘରେ  କାମ କରୁଥିବା ଲୋ୍କଟି ଚଢ଼ିବ I

ର୍ତି ଭେ୍ଜନ  ପାଇଁ  ଡାକ  ଆସିଲ୍ ବେଳକୁ  ଗୋପୀର  ଆଉ ହୋସ  ନଥାଏ,  ଭେ୍କରେ ଆଉଟୁ  ପାଉଟୁ ହେଉଥାଏ I  ସାଙ୍ଗେ ସାଙ୍ଗେ  ଗୁଡ଼ାଏ ପଣଷ ମଞ୍ଜି ଭଜା ଚଲୁ  କରିଦେଲ୍



"ସକାଳୁ ଉପରେ ଥିବା କଛି କଷି ପଣସ ଗୁଡାକ ମଧ ତୋଳ ଦିଅ। ମୁଁ ତ ଅଛି, ଆଗ୍ଭର କରିଦେବି, କଛି ଆମେ ଗଲ୍ ବେଳକୁ ନେଇଯିବା," ଗୋପୀ ବୋଉ କହିଲେ ତାହାର ବାପାକୁ ।

"କାଲିର କଥା କାଲିକ ଦେଖିବା, ଏବେ ଆଗ ପଣସ ଆମ୍ବିଳକୁ ଖାଏ," ବାପା କହିଲେ ।

"ତୁମେ ସତରେ ପଣସ ପାଗଳ," ବୋଉ କହିଲେ ।

"ପଣସ ପର୍ ଆମ ଦେଶରେ ଉତ୍ପତି ହୋଇଥିବା ପ୍ରଥମ ଫଳ ମଧ୍ୟରୁ ଗୋଟାଏ, ଯାହା ଫଳ ଆଉ ପରିବା ଉଭୟ ଭଳ ବ୍ୟବହାର ହୁଏ । ତୁମେ କଣ ବୁଝିବ ଏହା ଏକ ପୃଷ୍ଟିକର ଫଳ ଯେଉଁଥିରେ ଲୌହ, ପୋଟାସିଅମ ଏବଂ କାଲସିଅମ ପ୍ରଚୁର ମାତ୍ରାରେ ମିଳେ । ଏହାର ମଞ୍ଜି ମଧ ଅନ୍ୟ ବାଦାମ ଭଳ ପୃଷ୍ଟିକର । ଏହା ସହ ଏହି ଗଛଟି ପରିବେଶ ପାଇଁ ବହୁତ ଉପକାରୀ । ଏହା ଉତ୍ତାପ ସହିପାରେ ଏବଂ ଅଳ୍ପ ଜଳରେ ମଧ ତିଷ୍ଠି ପାରେ । ଏହା ବ୍ୟତୀତ ଏଥିରେ ଅଧିକ ପୋକ ଲ୍ଗନ୍ତି ନାହିଁ, କମ୍ବା ଏହା ବିଭିନ୍ନ ପ୍ରକାର ରୋଗରେ ଆକ୍ରମଣ ହୁଏ ନାହିଁ । ଭବିଷ୍ୟତରେ ପୃଷ୍ଟିହୀନତାର ନବାରଣ ପାଇଁ ଏହାର ପ୍ରୟୋଗ ହେବାର ଯଥେଷ୍ଟ ସମ୍ଭାବନା ଅଛି," ଗୋପୀର ବାପା କହିଲେ ।



"ହଉ ତୁମେ ଯାଅ ସବୁ ଆଡେ ପଣସ ଗଛ ଲଗେଇବ," ବୋଉ କହିଲେ ।

"ସେଇଟା ହିଁ ତ ଦୁଃଖର ବିଷୟ, ବାପା କହିଲେ," ଏହି ଭଳି ଏକ ଉପକାରୀ ଗଛକୁ ସମସ୍ତେ ଅଦେଖା କରନ୍ତି । ଜଙ୍ଗଲ ନଷ୍ଟ ହେବା ସହ ଏହି ଗଛ ଗୁଡିକ ମଧ୍ଯ ନଷ୍ଟ ହେଉଛି ତେଣୁ ଜଙ୍ଗଲର ଅନେକ ପ୍ରାଣୀ ପ୍ରଭାବିତ ହେଉଛନ୍ତି । କେହି ଏହାକୁ ଆଉ ଲଗାଉ ନାହାନ୍ତି," ବାପା କହିଲେ ।

"ଆଗରୁ କଏ ଲଗେଇଥିଲା ଜଙ୍ଗଲରେ ?" ଗୋପୀ ପଚାରିଲା ।

"ଯେତେବେଳେ ଜଙ୍ଗଲୀ ପଶୁ ପକ୍ଷୀ ମାନେ ପାଚଲା ପଣସ ଖାଇ ଥାଆନ୍ତି, ସେମାନେ ଏହାର ମଞ୍ଜିକୁ ବିକ୍ଷେପଣ କରି ଥାଆନ୍ତି," ବାପା ଉତ୍ତର ଦେଲେ ।

ବାଡ଼ି ପଟେ "ଦୁଲ" ଶବ୍ଦ ଶୁଣି ସମସ୍ତେ ଚମକ ପଡ଼ିଲେ । ଝରକା ବାହାରୁ ବାଡ଼ି ଆଡେ ଚାହିଁ ଦେଖିଲେ ବିଜୁଳିବତୀର ଆଲୁଅରେ, ଗୋଟିଏ କଳା ମଚ ମଚ ଆକୃତିର କିଛି ଗୋଟାଏ ତଳେ ପଡିଥିବା ପଣସଟିକୁ ବିଦାରିବା କୁ ଲାଗିଛି ।



ବାପା ସମସ୍ତଙ୍କୁ ଇଶାରା କଲେ ଚୁପ ରହିବାକୁ । ସମସ୍ତେ ଦେଖିଲେ ବିରାଟ ବଡ ଭାଲୁଟିଏ ନିଜର ନଖରେ ପଣସଟିକୁ ଚିରି ଦେଇକ ଖାଇବାରେ ଲାଗିଛି । ଚାହୁଁ ଚାହୁଁ ଭାଲୁଟି ପଣସଟିକୁ ଖାଇକ ତାହାର ଚୋପା ଆଉ ତନ୍ତୁ ଛାଡି ଚାଲି ଗଲା ।

"ଅପା ତ ଖରାପ ଭାବିବେ, ଗୋଟାଏ ପଣସ କମ ହେଇଯିବ," ଗୋପୀ ବୋଉ କହିଲେ ,"ଭାଲୁଟିକୁ ଆଜିହିଁ ଆସିବାର ଥିଲା?"

"ଭାଲୁର କଣ ଦୋଷ ଏଥିରେ ? ଆମ୍ଭେ ମାନେ ଆମର ସ୍ୱାର୍ଥ ପାଇଁ ଜଙ୍ଗଲ ନଷ୍ଟ କରୁଛେ । ଆମର କ୍ଷଣସ୍ଥାୟୀ ସୁଖ ପାଇଁ ପ୍ରକୃତିର ଭାରସାମ୍ୟକୁ ନଷ୍ଟ କରୁଛେ? ଆମେ ଯଦି ଜଙ୍ଗଲ ନଷ୍ଟ ନ କରିଥାନ୍ତେ, ଭାଲୁ କଣ ଏତେ ଦୂର ଖାଦ୍ୟ ଖୋଜିକି ଆସି ଥାଆନ୍ତା ଗାଆଁ ଭିତରକୁ?" ବାପା କହିଲେ ।

" ସେ କଥା ଛାଡ ମୋତେ ତ ଖରାପ ଲାଗୁଛି," ବୋଉ କହିଲେ ।

"ଖରାପ କାହିଁକି ଲାଗୁଛି? ଭାଲୁ ଯୁଆଡେ ଯୁଆଡେ ଯିବ ସେହି ସ୍ଥାନରେ ରେ କଛି ମଞ୍ଜି ପଡିବ, ପଣସ ଗଛ ସବୁ ହେବ? ଭାଲୁ ତ ଭଲ କାମଟିଏ କଲା," ବାପା କହିଲେ ।

"ତୁମେ ସକାଳୁ ଆଗ ବାକି ଦୁଇଟା ପାଚଲା ପଣସ ତୋଳିବ, ନ ହେଲେ ଭାଲୁ ପୁଣି ଆସିବ," ବୋଉ କହିଲେ," । ମୁଁ ଅପାଙ୍କ କହିଦେବି, ଦୁଇଟା ପଣସ ଭାରରେ ଦେଇଦେବା, ଆମର ଅନ୍ୟ ଫଳରେ ଚଳେଇଦେବା ।"

"ଆମେ କଣ କରି ପାରିବା ବାପା ଏହି ପଣାସ ଗଛକୁ ଘାରିଆଡେ ଲଗେଇବାକୁ ?" ଗୋପୀ ପଚାରିଲା ।

"ଭାଉଜ ଭଜିବାକୁ ଯେତେକ ପଣସ ମଞ୍ଜି ରଖିଛନ୍ତି , ସେଥରୁ କଛି ନେଇ କାଲି ସକାଳେ ନଇ କୂଳରେ ପୋତି ଦେବା," ବାପା କହିଲେ, " କଏ ଜାଣେ ହୁଏତ ସେଥରୁ ଯେଉଁ ଗଛ ହେବ, ଭାଲୁର ଛୁଆ ମାନେ ଖୁସି ହେବେ!" ବାପା କହିଲେ,' ସେମାନଙ୍କୁ ଆଉ ଆମ ବାଡ଼ିକୁ ଆସିବାକୁ ପଡିବନ । "

ଗୋପୀ ଖୁସିରେ ମୁଣ୍ଡ ହଲେଇଲା ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଘାରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ହନୁମାଙ୍କଡର ଭୋଜିଖିଆ



ନୀଳମାଧବ ସାହୁ

ପଣ୍ଡାବାବୁଙ୍କ ଘରେ ଉତ୍ସବର ମାହୋଲ ବନଥାଏ | ତାଙ୍କ ନାତିର ନାମ ହେଲା ପପୁନ | ପପୁନର କକାଙ୍କ ବାହାଘର ହେବ ବୋଲି ସେ ବହୁତ ଖୁସି ଥାଏ | ବିବାହ ଦିବସ ପାଖେଇ ଆସୁଥାଏ ଓ ଭୋଜିରେ କ'ଣ କ'ଣ ଖାଦ୍ୟ ପରସାଯିବ ତାର ଚଠା ପ୍ରସ୍ତୁତ ଚାଲିଥାଏ | ପପୁନ ଆସି ମଝିରେ ପଚାରିଦିଏ ତାର ପ୍ରିୟ ବ୍ୟଞ୍ଜନ ହେବ କ ନାହିଁ | ତେଣୁ ତା' କକା ତାକୁ କୁହନ୍ତି ବ୍ୟସ୍ତ ହେଉଚୁ କାହିଁକ ତୋ ପାଇଁ ସବୁକଛି ହେବ ବିରିଆନୀରୁ ଆରମ୍ଭ କରି କୁରମା, ଦହି, ଖଟା, ଆଇସକ୍ରିମ, ଖିରି, ମିଠା ଓ ବହୁତ କଛି |

ଦେଖୁ ଦେଖୁ ବିବାହ ଉତ୍ସବର ଦିନ ଆସିଗଲା ଓ ଭୋଜି ପାଇଁ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତି ବି ସରିଗଲା | ଏବେ ଅପେକ୍ଷା ରହିଲା ବନ୍ଧୁ ବାନ୍ଧବ ଆସିଲେ ଖାଦ୍ୟ ପରସାଯିବ | ପପୁନ ଛୋଟ ପିଲାଟି ନିଜ ଭାଇ ଓ ଭଉଣୀମାନଙ୍କ ସହ ଏପଟେ ସେପଟେ ହେଉଛି |

ସେପଟେ ପଲେ ହନୁମାଙ୍କଡ ସୁସ୍ୱାଦୁ ବ୍ୟଞ୍ଜନର ସୁଗନ୍ଧ ଶୁଙ୍ଘି ଭୋଜି ହେଉଥିବା ସ୍ଥାନ ପାଖରେ ଲମ୍ଫ ମାରୁଥାନ୍ତି, କେତେବେଳେ ସୁଯୋଗ ମିଳଲେ କ'ଣ ଟିକେ ଝାମ୍ପିନେବେ ଖାଇବା ପାଇଁ |

ମଧ୍ୟାହ୍ନ ଭୋଜନ ପାଇଁ ଭୋଜିରେ ଗହଳ ଆରମ୍ଭ ହୋଇଗଲା କଛି ସମୟ ପରେ ଟିକେ ଫାଙ୍କା ହେଉହେଉ ହନୁମାଙ୍କଡ ଦଳର ମୁଖିଆ ଆଇସକ୍ରିମ ଗୋଟାଏ ଛଡାଇ ଆଣିଲା ଓ ତାକୁ ଦେଖି ଅନ୍ୟ ମାଙ୍କଡମାନେ ମଧ ଯିଏ ଯାହା ପାରିଲେ ଛଡାଇ ଆଣିଲେ | ସ୍ୱାଦିଷ୍ଟ ଓ ରୁଚକର ଖାଦ୍ୟ ଖାଇବାକୁ କାହାକୁ କାହିଁକ ବା ଇଛା ନ ଲାଗିବ |

ଏହା ମଧ୍ୟରେ ପପୁନର ପରିବାର ଲୋକ ଓ ବନ୍ଧୁ ବର୍ଗ ମାଙ୍କଡ ପଲକୁ ଘଉଡେଇବାରେ ଲାଗିଗଲେ | ହନୁମାଙ୍କଡମାନେ ବି କଣ କମ କ, ବହୁତ ଚାଲାକ ବି | ସେମାନେ ବହୁତ

ସମୟ ଧରି ସେହି ସ୍ଥାନରେ ହିଁ ଲମ୍ଫ ମାରିଲେ ଶେଷରେ ଗ୍ଳଲିଗଲେ | ଏହି ସବୁ ଦୃଶ୍ୟ ପପୁନ ଦେଖୁଥାଏ ଓ ମନେ ମନେ ଭାବୁଥାଏ "ମହନୁମାଙ୍କଡ ମାନେ ବି ଭୋଜି ଖାଆନ୍ତି |"



ପପୁନ ତା' ଅଜାଙ୍କୁ କଛି ସମୟ ପରେ ପଗ୍ଳରିଲା, "ହନୁମାଙ୍କଡମାନେ କେବେଠୁ ଏପରି ଭୋଜି ଖାଇବା ଆରମ୍ଭ କଲେଣି ?" ଅଜା କହିଲେ ଯେ ଏହି ପାଞ୍ଚ ଦଶ ବର୍ଷ ହେବ ହନୁମାଙ୍କଡ ଦଳଗୁଡାକ ଖାଦ୍ୟ ଆଶାରେ ଗାଁ ଓ ସହର ମୁହାଁ ହେଲେଣି | ଆଗକାଳରେ ମାଙ୍କଡମାନେ ଶସ୍ୟ ଜମିକୁ ଫସଲ ଖାଇବାକୁ ଆସୁଥିଲେ ଓ ପାଖ ଜଙ୍ଗଲକୁ ଫେରିଯାଉଥିଲେ | ଜଙ୍ଗଲରେ ରହିବାକୁ ସେମାନଙ୍କୁ କଛି ଅସୁବିଧା ହେଉନଥିଲା | କନ୍ତୁ ଏବେ ଜଙ୍ଗଲ ନଷ୍ଟ ହେବା ଫଳରେ ବସ୍ତି, ଗାଁ ଓ ସହରମାନଙ୍କରେ ନଜକୁ ଖାପଖୁଆଇ ଚଳୁଛନ୍ତି | ସହରରେ ଥିବା ଟାୱାର, ବିଦ୍ୟୁତ ଖୁଣ୍ଟ, ଛାତ ଉପରେ, ପାଣି ଟାଙ୍କି ଉପରେ ଓ ବଡ ଗଛରେ ଆଶ୍ରୟ ନେଇଥାନ୍ତି | ଯେଉଁ ଜଙ୍ଗଲରେ ଫଳ ଓ ଖାଦ୍ୟ ଭରପୁର ଅଛି ସେଠାକାର ମାଙ୍କଡମାନେ ଜଙ୍ଗଲରେ ହିଁ ବସବାସ କରନ୍ତି | କନ୍ତୁ ଯେଉଁ ପ୍ରକାରରେ ଜନସଂଖ୍ୟା ବୃଦ୍ଧି, ବଡ଼ବଡ଼ କୋଠା, କୋଇଲା ଓ ଲୁହାପଥର ଖଣି, ରାସ୍ତା, ରେଳଧାରଣା ଓ କଳକାରଖାନା ପାଇଁ ଜଙ୍ଗଲ ନଷ୍ଟ ହେଉଛି, ସେମାନେ ବି କେବେ ଗାଁ ଓ ସହର ମୁହାଁ ହେବେ କଛି କହି ହେବନ | ଏତିକ କହି ଅଜା ତାଙ୍କ କାମରେ ବ୍ୟସ୍ତ ରହିଲେ ଓ ପପୁନକୁ ଗୋଟିଏ ମିଠା ଆଣିକ ଦେଲେ |

ପପୁନ କଛି ଦିନ ପରେ ଦେଖେ ଯେ ତା' ମା ରୋଷେଇ କଲାବେଳେ ଗୋଟିଏ ମାଙ୍କଡ ଘରକୁ ଆସି ଘରେ ଥିବା ପରିବା ନେଇ ଯାଉଛି ଓ ତାପରେ ପପୁନ କବାଟ ପକେଇଦିଏ | କଛି ଦିନ ଆଗରୁ ସେହି ହନୁ ଦଳ ବଗିଗ୍ଳରେ ପଶି ଫୁଲ ଓ ପତ୍ର ସବୁ ଖାଇଥିଲେ, ତେଣୁ

ସବୁବେଳେ ପପୁନର ମା ମାଙ୍କଡ ଆସିଲେ ଘଉଡାଇଦିଏ | ବର୍ତ୍ତମାନ ମାଙ୍କଡ ଓ ମଣିଷମାନଙ୍କ (ମୁଖ୍ୟତଃ କୃଷକ) ମଧ୍ୟରେ ଛକା ପଂଜା ସବୁଦିନ ଦେଖିବାକୁ ମିଳେ | ଏବେ ଏହି ଘଟଣା ସାଧାରଣ ହୋଇଗଲାଣି | କେନ୍ତୁ କଛି ଲୋକ ହନୁମାଙ୍କଡକୁ ହନୁମାନଙ୍କ ଅବତାର ମାନନ୍ତି ଓ ତାର ନାମକରଣ ବି ସେହିପରି ହୋଇଛି, ତେଣୁ ସେମାନେ ବାଦାମ, କଦଳୀ ଓ ବିଭିନ୍ନ ଫଳ, ପନପରିବା ଖାଇବାକୁ ଦିଅନ୍ତି | ସେ ହନୁମାଙ୍କଡମାନେ ମଧ୍ୟ ମଣିଷମାନଙ୍କ ହାତରୁ ସବୁ ଖାଦ୍ୟ ଜିନଷ ନିଃସଙ୍କୋଚରେ ନିଅନ୍ତି ଓ ଏହା ଗୋଟିଏ ଅଭ୍ୟାସରେ ପରିଣତ ହୋଇଗଲାଣି | ତେଣୁ ହନୁମାଙ୍କଡମାନଙ୍କ ମଣିଷମାନଙ୍କ ପ୍ରତି ଭୟ ଦୂରେଇଗଲାଣି |

ପପୁନ ବିଦ୍ୟାଳୟ ଯିବା ସମୟରେ ବେଳେବେଳେ ହନୁମାଙ୍କଡ ପଲ ମଧ୍ୟରେ ହେଉଥିବା ଝଗଡା ଦେଖେ ଓ ବେଳେବେଳେ ଛୋଟ ଛୁଆ ମାଙ୍କଡଙ୍କ ଚଗଲାମୀ ଆଉ ଖେଳବା | ଆଉ କଛି ସମୟରେ ହନୁମାଙ୍କଡ ଓ କୁକୁର ମାନଙ୍କର ଝଗଡା ମଧ୍ୟ ଦେଖାଯାଏ, ସେହି ସମୟରେ ପପୁନକୁ ଡର ଲାଗେ ଓ ବାପାଙ୍କ ସହ ବିଦ୍ୟାଳୟ ଯାଏ | ଦିନେ ପପୁନ ସାଙ୍ଗମାନଙ୍କ ସହ ଖେଳବାକୁ ଯାଇଥିବା ସମୟରେ ଦେଖିଲା ଯେ ଗୋଟେ ହନୁମାଙ୍କଡଟି ବିଦ୍ୟୁତ ତାରରେ ଫସିଯାଇ ବିଦ୍ୟୁତ ଆଘାତ ପାଇ ମୃତ୍ୟୁ ବରଣ କରିଛି | ସେହି ସମୟରେ କଛି ଲୋକଙ୍କଠୁ ପପୁନ ଶୁଣିଲା ଯେ କେତୋଟି ମାଙ୍କଡ ସଡକ ଦୁର୍ଘଟଣାରେ ବି ମୃତ୍ୟୁ ବରଣ କରିଛନ୍ତି | ତେଣୁ ଏହି ଦୁଇଟି କାରଣ ଯୋଗୁଁ ସହରାଞ୍ଚଳରେ ହନୁମାଙ୍କଡଙ୍କ ପ୍ରତି ବିପଦ ଅଛି ଓ ସେମାନଙ୍କ ସଂଖ୍ୟା କମି ଯାଉଛି | ତେଣୁ ରାସ୍ତାରେ ଯିବା ସମୟରେ ସବୁ ପାଖକୁ ଦେଖିବା ସହିତ ଧୀର ଗତିରେ ଯାନବାହାନ ଚଳାଇବା ଉଚତ | ତାପରେ ସେ ଘରକୁ ଫେରିଲା |



ଦିନେ ବିଦ୍ୟାଳୟରେ ହନୁମାଙ୍କଡ ବିଷୟରେ ଆଲୋଚନା ଗ୍ଭଲିଥାଏ | ପପୁନ ବହୁତ ଖୁସି ହେଲା କାରଣ ସେ ହନୁମାଙ୍କଡ଼ ବିଷୟରେ କଛି କଛି ଜାଣିଥିଲା | ପପୁନ ଯାହା ଜାଣିଥିଲା ଶିକ୍ଷକଙ୍କୁ କହିଲା ଓ ଶିକ୍ଷକ ବି କଛି କହିଲେ | ଶିକ୍ଷକ କହିଲେ ଯେ ହନୁମାଙ୍କଡକୁ ଇଂରାଜୀରେ ହନୁମାନ ଲଙ୍ଗୁର ବା ଗ୍ରେ ଲଙ୍ଗୁର ବୋଲି କୁହନ୍ତି | ବର୍ତ୍ତମାନ ଭାରତରେ ତାହାର ସାତଟି ପ୍ରଜାତି ଦେଖାଯାନ୍ତି | ସେମାନେ ବିଭିନ୍ନ ପ୍ରକାର ଫଳ, ଗଛର ପତ୍ର, ଶସ୍ୟ, ପରିବା ଓ ଫୁଲ ଇତ୍ୟାଦି ଖାଇଥାନ୍ତି | କଛି ମାଂସାହାରୀ ପ୍ରାଣୀ ଯେପରି କ ବାଘ, ସିଂହ, ବିଲୁଆ, ଭାଲୁ, ଚିତା ଓ ଜଙ୍ଗଲୀ କୁକୁର ଇତ୍ୟାଦି ସୁଯୋଗ ମିଳଲେ ମାଙ୍କଡକୁ ମଧ ଖାଇଦିଅନ୍ତି | ତେଣୁ ହନୁମାଙ୍କଡ ମାନେ ବେଶୀ ସମୟ ଗଛ ଉପରେ ହିଁ ରୁହନ୍ତି ଓ ଦରକାର ହେଲେ ତଳକୁ ଓହ୍ଲାନ୍ତି |

ହନୁମାଙ୍କଡ ଦ୍ୱାରା ବହୁତ ଉପକାର ବି ହୁଏ | ଗଛରେ ଫଳ ଖାଇବା ସମୟରେ କଛି ତଳେ ପଡ଼ିଯାଏ ଯାହା ଦ୍ୱାରା ହରିଣ, ଠେକୁଆ ପରି ଜୀବ ସହଜରେ ଖାଦ୍ୟ ପାଇଥାନ୍ତି | ହନୁମାଙ୍କଡମାନଙ୍କ ଦ୍ୱାରା ବିଭିନ୍ନ ଫଳର ମଞ୍ଜିଗୁଡାକ ଏଣେ ତେଣେ ପଡ଼ିଯାଏ ଯାହା ଦ୍ୱାରା ନୂତନ ଗଛ ଜନ୍ମ ନଏ ଓ ଜଙ୍ଗଲ ଆହୁରି ସବୁଜମୟ ହୁଏ ଆଉ ପର ପିଢ଼ି ପାଇଁ ଖାଦ୍ୟର ଚନ୍ତା ନଥାଏ | ଶେଷରେ ଶିକ୍ଷକ ଗାଁ ଓ ସହର ପାଖରେ ଥିବା ଖାଲି ସ୍ଥାନ ଓ ଥୁଣ୍ଟା ଜଙ୍ଗଲରେ ଫଳନ୍ତି ଗଛ ରୋପଣ ପାଇଁ ଉତ୍ସାହିତ କଲେ, ଯାହାଦ୍ୱାରା ହନୁମାଙ୍କଡମାନଙ୍କ ବାସସ୍ଥାନ ବଂଚବା ସହ ସେମାନଙ୍କ ପାଇଁ ଖାଦ୍ୟର ବି ଅଭାବ ରହିବନ |

ସମରଝୋଳ, ଗଂଜାମ, ଓଡିଶା

# ବଗିଚାରେ ଭ୍ରମର



ରାଜଶେଖର ସି 'ଚମା'

ଗୋଟାଏ ଗୋଟାଏ ଫୁଲ ଫୁଟିଚାଲେ,
ପ୍ରତ୍ୟେକ ସୁମନ ମହକ ଦେଇଚାଲେ,
ଉଦ୍ୟାନ ରଙ୍ଗବେରଙ୍ଗ ହୋଇଚାଲେ,
ଭ୍ରମରଙ୍କର ସମାହାର ହୋଇଚାଲେ।୧।

ଗୋଟାଏ ଗୋଟାଏ ଭଅଁର ବୁଲିବୁଲି ଚାଲେ,
ପ୍ରତ୍ୟେକ କୁସୁମର ସମୀକ୍ଷା କରିକରି ଚାଲେ,
ଟୋପାଟୋପା ମକରନ୍ଦକୁ ଚାଖିଚାଖି ଚାଲେ,
ମିଠାମିଠା ଅମୃତର ଆନନ୍ଦ ନେଇକରି ଚାଲେ।୨।

ପ୍ରତି ଭ୍ରମର ନିଜ ଦିନ ଖୁସିରେ ବିତାଇ ଚାଲେ,
ବଗିଚାରେ ଏଇଠି ସେଇଠି ଉଡ଼ି ଉଡ଼ିକ ଚାଲେ,
ପ୍ରକୃତିର କୋଳରେ ମନୋରଞ୍ଜନ ପାଇ ଚାଲେ,
ନିଜର ଜୀବନରେ ରଙ୍ଗିନ ଦୁନିଆ ଦେଖି ଚାଲେ।୩।

chvrajasekhar@gmail.com

# ଗୁରୁଙ୍କୁ ବନ୍ଦିବା ଭକତି ଚଉରେ



ସତ୍ୟବ୍ରତ ସାହୁ

ସେପ୍ଟେମ୍ବର ମାସ ପାଞ୍ଚ ତାରିଖଟି ଅଟଇ ଗୁରୁଦିବସ
ସେଦିନ ପୂଜିବା ଗୁରୁଙ୍କୁ ଆମେ ସଭିଏଁ ହୋଇ ହରଷ ।୧।
ଗୁରୁ ତ ଅଟନ୍ତି ଜ୍ଞାନ ଗନ୍ତାଘର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ଗୁରୁ ଆଜ୍ଞା ମାନ ଗୁରୁ ସେବା କର ଜୀବନ ହେବ ସୁନ୍ଦର ।୨।
ଏ ଦେଶ ମାଟିରେ ମହାମାନବ ଜଣେ ନେଇଥିଲେ ଜନମ
ଥିଲେ ସେ ପ୍ରଥମ ଉପ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ ।୩।
ଥିଲେ ସେ ଶିକ୍ଷକ, ଉପ ରାଷ୍ଟ୍ରପତି ପରେ ହେଲେ ରାଷ୍ଟ୍ରପତି,
ମନ ଚାହୁଁଥିଲ ଗୁରୁଟିଏ ହୋଇ ପଢାନ୍ତେ କି ଛାତ୍ରଛାତ୍ରୀ ।୪।
ସେପ୍ଟେମ୍ବର ମାସ ପାଞ୍ଚ ତାରିଖରେ ଜନମ ସେ ହୋଇଥିଲେ,
ଅଠର ଶହ ଅଠାଅଶି ସାଲେ ତାମିଲନାଡୁ ରାଜ୍ୟରେ ।୫।
ତାଙ୍କ ଜନ୍ମଦିନ ପାଳିବା ପାଇଁକି ଛାତ୍ର ଛାତ୍ରୀ କହିଥିଲେ,
ମୋ ନାମରେ ନୁହେଁ ଏ ଶୁଭ ଦିନଟି ହେଉ ଗୁରୁଙ୍କ ନାମରେ ।୬।
ସେହିଦିନଠାରୁ ସେପ୍ଟେମ୍ବର ପାଞ୍ଚ ତାରିଖ ଗୁରୁ ଦିବସ,
ଭକତିରେ ଗୁରୁ ପାଦ ପୂଜା କଲେ ରହିବ ଆମରି ଯଶ ।୭।
ଆସରେ ଯେତେ ମୋ ଭଉଣୀ ଭାଇ ଭକତି କୁସୁମ ନେଇ,
ଗୁରୁଙ୍କୁ ବନ୍ଦିବା ଭକତି ଚଉରେ ଶୁଭାଶିଷ ଯିବା ପାଇ ।୮।
ଗୁରୁ ଆଶୀର୍ବାଦ ଥିଲେ ଆମ ଶିରେ ଦୁନିଆକୁ ଜିତି ଆମେ,
ମଣିଷ ପରିକା ମଣିଷ ହୋଇ ରହିବା ଏ ଧରାଧାମେ ।୯।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ଆମ ଘର



ଅମରନାଥ ବାରିକ

ଆମରି ଘର ସରଗ ପୁର
ସୁନ୍ଦର  ପରିବାର
ବାପା ବୋଉ ମୋ ଠାକୁର ଏଠି
ସୁଖୀ ଆମ ସଂସାର ।

ବାର ମାସର ତେର ପରବ
ହୁଅଇ ଆମ ଘରେ
ପିଠା ପଣାର ନଚ୍ଛମି ଖାଇ
ଖୁସିରେ ଦିନ ସରେ ।

ହାଟକୁ ଗଲେ ବାପା ଆଣନ୍ତି
ତଟକା ଫଳ ମୂଳ
ଧୋଇ ଧାଇକ କାଟନ୍ତି ମାଆ
ଖୁଆନ୍ତି କରି କୋଳ ।

ଆଇ ମା ମୋର ବାଡିରୁ ଆଣେ
ସଜନା ଶାଗ ବାଛି
କରନ୍ତି ମାଆ ସୁନ୍ଦର ଭାବେ
ଲଙ୍କା ରସୁଣ ଛେଚ ।

ଗରମ ଭାତ, ଡାଲି, ତିଅଣ
ମାଆ ଦିଏ ପରସି
ଭାଇ ଭଉଣୀ ଜେଜେଙ୍କ ସାଥେ
ବାପା ଖାଆନ୍ତି ହସି ।

ବୁଡ଼ିଲେ ବେଳ କରୁ ପ୍ରାର୍ଥନା
ସଭିଏଁ ଆମେ ମିଶି
ଗୁରୁ  ଜନଙ୍କୁ  ପ୍ରଣାମ  କରି
ପଢୁଛୁ ପାଠ ବସି ।

ନିଦ ନ ହେଲେ ଆଇ ମା କହେ
ଟୁଆଁ ଟୁଇଁ କାହାଣୀ
ଜେଜେ ଶୁଣାନ୍ତି ରାମାୟଣ ଓ
ଭାଗବତ ର ବାଣୀ ।

ଯାଜପୁର,ମଙ୍ଗଳପୁର,କୟାଁ

# ଜେଜେ ବାପା



ତପନ କୁମାର ସ୍ୱାଇଁ

ଗାଆଁ ଗ୍ଣରିପଡା ବୁଲି ଆସିଲେ ବି
ଦେଖିନ ଏମିତି ମଣିଷ,
ପେଟ ଟାକୁ କାଢି ବସିଥିବେ ଦାଣ୍ଡେ
ସତେକ ମାଟିର ଗଣେଶ ।

ବଟୁଆରୁ ପାନ ଖଣ୍ଡେ ଖଣ୍ଡେ କାଢି
ଖୁନ୍ଦି ଦେଉଥିବେ କଳକୁ,
ପିଚ ପିଚ କରି ପାନ ଛେପ ସବୁ
କାଢି ଦେଉ ଥିବେ ତଳକୁ ।

ତାଙ୍କୁ ମୁଁ ଡାକଇ ଜେଜେବାପା ବୋଲି
ସିଏ ଆମ ଘର ମୁରବି,
ସିଏ ଥିଲେ ଘରେ ସାନଠାରୁ ବଡ
ସଭିଏଁ ଥାଆନ୍ତି ନରବି ।

ସାଙ୍ଗ ସାଥି ମୋର ଘରକୁ ଆସିଲେ
ଜେଜେ ପଗ୍ଣରନ୍ତି ପିଲାଏ,
କହିଲ କଏସେ ଛୋଟ ବେଳେ ତୁମ
ହାତ ଧରି ବାଟ ଚଲାଏ ।

ଆଉ କଏ କୁହ ଅଝଟ ହୋଇଲେ
କାଖ କରି ଗ୍ଣନ୍ଦ ଦେଖାଏ,
କଏ କୁହ ତୁମ ପ୍ରଥମ ଶିକ୍ଷକ
ଯିଏ ହାତ ଧରି ଶିଖାଏ ।

ଏସବୁ ପ୍ରଶ୍ନର ଗୋଟିଏ ଉତ୍ତର
ଦୁଇଟି ଅକ୍ଷରେ ନାଆଁଟି,
ସିଏ ଆଉକଏ ବାହାରେ ନୁହଁଇ
ସେପରି ତୁମର ମାଆଟି ।

ଅଇବିଲି, ଜଗତସିଂହପୁର

# ଅଗଷ୍ଟ ପନ୍ଦର

ଚନ୍ଦ୍ର ଶେଖର ଗୋ

ଅଗଷ୍ଟ ପନ୍ଦର ଅପାଶୋର୍ ସ୍ମୃତି
ସ୍ୱାଧୀନତା ଦେଲ୍ ଯୋଉ ଶୁଭର୍ଦ୍ରୀ ।
ଗଗନେ ପବନେ ଶୁଭିଲ୍ ସଂଗୀତ
ସ୍ୱାଧିନ ଭାରତ ସ୍ୱାଧିନ ଭାରତ ।

ଷଡ଼ଯନ୍ତ୍ରକାରୀ ଛାଡ଼ିଲେ ମୋ ଦେଶ
ଆକାଶେ ଉଡ଼ିଲ୍ ତିରିରଙ୍ଗା ନେତ ।
ଟହଟହ ହସିଲ୍ ଭାରତ ମାତା
ସହୀଦ ସ୍ମରଣେ କାନ୍ଦିଲ୍ ହର୍ଷିତା ।

ପର୍ଧୀନତାର ଯୁଗ ହେଲ୍ ଶେଷ
ଆମରି ଶାସନେ ଆମରି ଦେଶ ।
ନବ ଭାରତର ହେଲ୍ ଶୁଭାରମ୍ଭ
ଜଗତ ଦେଖିଲ୍ ଦେଶପ୍ରେମ ଦମ୍ଭ ।

ଦୟନୀୟ ଦିନ ପଳେଇ ଗଲ୍‌ରେ
ମୟୂର ନାଚଲ୍ ପଦ୍ମ ଫୁଟିଲ୍‌ରେ ।
ରଖିବାରେ ଟେକ ଭାରତ ମାତାର
ଜୀବନ ଦେଇଣ ସେବାରେ ତାହାର ।

ସ୍ୱାଧିନ-ସଂଗ୍ରାମୀ-ସହୀଦ-ସପନ
କରିବାରେ ସତ ଢାଳ ମନ ପ୍ରାଣ ।
ଧିରେଧିରେ ଦେଶ ଅଗ୍ରସର ହୁଏ
ବିକାଶର ପଥେ ଚନ୍ଦ୍ରପୃଷ୍ଠ ଛୁଏଁ ।

ନବୀନ ଯୁଗର ହେଲାଣି ଆରମ୍ଭ
ବିଶ୍ୱ କାରିଗରୀ ବିଜ୍ଞାନ ଦେଖିବ ।
ତାତ୍ପର୍ଯ୍ୟ ଆମର ବିଶ୍ୱ ଭାତୃଭାବ
ବିଶ୍ୱହିତ ଭାବ ପରମ ବିଭବ ।

ଦିନ ମାସ ବର୍ଷ କରୁଥିବ ଯାତ୍ରା
ଆଦରେ ଆଦୃତା ଯା ଆଧ୍ୟାତ୍ମିକତା ।
ବସୁଧୈବ କୁଟୁମ୍ବମ ସେବାବ୍ରତ
ବିଶ୍ୱକୁ ଦେଖାଏ ଅହିଂସାର ପଥ ।

ସରକାର ଆମେ ଗଣତନ୍ତ୍ର ନାମେ
ଆମହାତ ବାଜେ ସବୁ କାମେଧାମେ ।

କର୍ଲାଖମାର, ନୂଆପଡ଼ା (ଓଡ଼ିଶା)

# ମୋ ମା



ନିଶା ଦାଶ

ମମତାର ଅନ୍ୟ ନାମ ତୁମେ
ଫୁଲ ପରି କୋମଳ,
ପଥର ପରି କଠିନ କେବେକେବେ
ହାତ ଧରି ଶିଖାଇଲ ଚାଲିବାକୁ ।
ଭଲ ମଣିଷଟିଏ ହେବାକୁ ଶିଖେଇଲ ମୋତେ
ଆକାଶଠାରୁ ଆହୁରି ବିଶାଳ ହୃଦୟ ତୁମର
ଜୀବନରେ ସବୁ କଷ୍ଟ ସହି ମୋତେ ହସିବାକୁ ଦିଅ ।
ତୁମ ପରି ଆଉ କଏ ସେ ହେବ,
ଜୀବନରେ କେବେ ଡରିବୁ ନାହିଁ, ହାରିବୁ ନାହିଁ,
ସାହସରେ ବଢିବୁ, ସବୁବେଳେ ଶିଖାଅ ମୋତେ,
ତୁମେ ତୁମ ଜୀବନଠାରୁ ଅଧିକ ଭଲ ପାଅ ମୋତେ,
ତୁମେ ମୋର ପ୍ରଥମ ଗୁରୁ, ପ୍ରଥମ ସାଙ୍ଗ,
ତୁମେ ଆଉ କେହି ନୁହେଁ, ତୁମେ ମୋ ମା ॥

କୁନ ଲେଖିକା

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୯/୨୦୨୦ | ଅନନ୍ତ ବ୍ରତ ଓ ଚନ୍ଦ୍ରପୂଜା |
| ୦୨/୦୯/୨୦୨୦ | ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭଗବତ ଜନ୍ମ |
| ୦୫/୦୯/୨୦୨୦ | ଗୁରୁ ଦିବସ |
| ୦୮/୦୯/୨୦୨୦ | ଗଜ ଷଷ୍ଠୀ |
| ୧୦/୦୯/୨୦୨୦ | ମୂଳାଷ୍ଟମୀ, ଦ୍ୱିତୀବାହାନ ଓଷା |
| ୧୩/୦୯/୨୦୨୦ | ଇନ୍ଦିର୍ ଏକାଦଶୀ |
| ୧୬/୦୯/୨୦୨୦ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ଫୁଲ୍ଲେରୀ ଓଷା |
| ୧୭/୦୯/୨୦୨୦ | ମହାଳୟା ଅମାବାସ୍ୟା |
| ୮/୦୯/୨୦୨୦ | ମଳମାସ ଆରମ୍ଭ |
| ୨୫/୦୯/୨୦୨୦ | ଶରଣ ଆରମ୍ଭ |
| ୨୭/୦୯/୨୦୨୦ | ପୁରୁଷୋତ୍ତମ ଏକାଦଶୀ |
| ୩୦/୦୯/୨୦୨୦ | ଶିବଚତୁର୍ଦ୍ଦଶୀ |



# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଅଗଷ୍ଟ ମାସର ବିଜେତାଙ୍କ ନାମ



କଷି ଆମ୍ବ ନସି ବାସିପଖାଳ
ସଂଗେ ବଡିଚୂର୍ କରେ ପାଗଳ
ବଡି ବାଇଗଣ ଆମ୍ବୁଲ ପାଣି,
ଆମ୍ବ ଖଟା, ସଢା, ଆମ୍ବ ଚଟଣୀ

ମନକୁ ସନ୍ତୋଷ ଦିଏ,
ଆମ୍ବ ରସ ସାଥେ ଗରମ ମୁଢ଼ିର
ସୁଆଦ କଳବ କଏ?

**ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର**

ଫଳ ଭିତରେ ସେ ବୋଲ଼ଇ *ରଜା*,
ବିଭିନ୍ନ ପ୍ରକାର, ନଆର୍ ସ୍ୱାଦର,
ଆମ୍ବର ଆଗ୍ରର, ଆହା କ ମଜା!
କଷି ଆମ୍ବ ଠାରୁ ପାଚଲ୍ ଯାଏ,
କସମ ଯେତିକ, ଗୁହିଦା ସେତିକ,
ଆମ୍ବ ଋତୁ ମଜା କଏ ନ ନଏ?

**ବିଜେତା: ମୀନାକ୍ଷି ପାଢ଼ୀ, ଥାନେ, ମହାରାଷ୍ଟ୍ର**

କେତେ ସବୁଜ ଦିଶୁଛି ଉଦ୍ୟାନର ଆମ୍ବଗଛ,
ଝୁଲୁଛନ୍ତି ଯେଉଁଠି ବହୁ ସଙ୍ଖ୍ୟାରେ ଆମ୍ବଗୁଚ୍ଛ,
କଞ୍ଚା ପାଚଲ୍ ଆମ୍ବର ସୁବାସ ଅତ୍ୟନ୍ତ ସ୍ୱଚ୍ଛ,
ଅନ୍ୟାନ୍ୟ ସମସ୍ତ ଫଳ ଲ୍ଗନ୍ତି ଅତ୍ୟନ୍ତ ତୁଚ୍ଛ,
ତୋଳବା ପାଇଁ ଦେଖ୍‌ବାର ନାହିଁ ଆଗ-ପଛ ||

**ଶ୍ରୀ ରାଜଶେଖର ସି 'ଚମା'**

ବାଇଗଣପଲ୍ଲୀ ଲେଂଗଡା ସୁନ୍ଦରୀ
ବିଭିନ୍ନ ନାମକୁ ନେଇ
ଫଳ ରଜା ଯେବେ ଝୁଲୁଥାଏ ଗଛେ,
ମନ ନେଉଥାଏ ମୋହି,
ବାସ ତାର ମହମହ
ଖରାଦିନ କଟେ ଆମ୍ବ ଖାଇବାରେ
ତଥାପି କଟେ ନା ମୋହ ।

**ଡ. ମାନସୀ ପଣ୍ଡା, ପ୍ରଫେସର, ଭୀମଭୋଇ ଭେଷଜ ମହାବିଦ୍ୟାଳୟ, ବଲାଙ୍ଗୀର**

ବୈଚନ୍ୟ ସମ୍ଭାର ପୁରିତ ମେଦିନୀ
ପନ୍ର ଫଳ ପୁଷ୍ପେ ହରିତ ମୋହିନୀ
ଆମ୍ର ତରୁ ଯହିଁ ଶୋହେ
କର୍ଣ୍ଣର କୁଣ୍ଡଳ ପ୍ରାୟେ ଦୋଲେ ଅଗ୍ରେ
ଭ୍ରମେ ପକ୍ୱ ମନ କୁହେ ।

ମନୋରଞ୍ଜନ ସୁରୁଜାଲ, ଅଇଁଲ୍‌ପାଲି, ଧମା, ସମ୍ବଲପୁର

ଫଳ ଭିତରେ ସେ ର୍‌ଜା
ଆସ ନବା ତାର ମଜା
ଖଟା-ମିଠା ଲ୍‌ଗେ ପାଟିକୁ ଆମର
ସାନ ଠାରୁ ବଡ ପ୍ରିୟ ସଭିଙ୍କର
ରଜ-ସାବିନ୍ରୀ ଅବା ଫଗୁ ଦଶମୀରେ
ଆମ୍ବ ପାଇଁ ଭିଡ ଲ୍‌ଗେ ବଜାରରେ”

କୃତ୍ତିକା ମହାପାନ୍ର, ତିଆଡି ସାହି, ପୁରୀ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ “ଚନ୍ର କଥା କହେ”ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ । ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପନ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଗ୍ଭହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲ୍ – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**